ଅକ୍ଟୋବର ୨୦୨୩



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବେଦାନ୍ତୀ ପରିବାର ତରଫରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଦୁର୍ଗା ପୂଜା ହେଉଛି ଶକ୍ତି ଉପାସନାର ପର୍ବ ଏବଂ ପୂଜାର ଶେଷ ଦିନଟି ଦଶହରା ବା ବିଜୟା ଦଶମୀ ନାମରେ ପରିଚିତ । ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜନ ବୋଲି କୁହାଯାଏ । ମାନ୍ୟତା ଅଛି ଯେ ନବରାତ୍ରୀରେ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହେଇଥାଏ ଏବଂ ସମସ୍ତ ଦୁଃଖର ନାଶ ମଧ୍ୟ ହୋଇଥାଏ ।

ମାର୍କଣ୍ଡେୟ ପୁରାଣ ଅନୁସାରେ ଚେଦି ସାମ୍ରାଜ୍ୟର ରାଜା ଖ୍ରୀ:ପୂ ୩୦୦ରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। କିନ୍ତୁ ଐତିହାସିକ ଉଦାହରଣରୁ ଜାଣିବାକୁ ମିଳେ ଚୈତନ୍ୟ ମହାପ୍ରଭୁ ପ୍ରାୟ ୪୦୦ ବର୍ଷ ପୂର୍ବେ କଟକରେ ଏହି ପୂଜା ଆରମ୍ଭ କରିଥିଲେ।

ଦଶହରାରେ ରାମଚନ୍ଦ୍ର ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ'

ISSN NO.
2582-208X

କୁହାଯାଏ । ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟାଶକ୍ତି ଦୁର୍ଗା ମହିଷାସୁରକୁ ବଧ କରି ଜଗତର ମଙ୍ଗଳ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା ଏବଂ ଏହି ଯୁଦ୍ଧରେ ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । ଏହି ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

ମା ଦୁର୍ଗତିନାଶିନୀ ଦୁର୍ଗା ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏତିକି ଆମର ପ୍ରାର୍ଥନା ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୨ |
| ଦୁର୍ଗତି ନାଶିନୀ | ଡ. ପ୍ରସନ୍ନ କୁମାର ବଳ | ୨୧ |
| କରୁ ନାହିଁ ପ୍ରଶ୍ନ ଆଜି | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ଧ୍ୱାନ୍ତାରି | ଇଂ. ସୁଶାନ୍ତ କିଶୋର ବଳ | ୨୫ |
| ଅନ୍ତରଙ୍ଗ ବନ୍ଧୁ | ଡକ୍ଟର ବିଜ୍ଞାନୀ ଦାସ | ୨୮ |
| ରାଜଧାନୀରେ ହଜିଗଲାଣି ବସନ୍ତ | ଶଶଧର ମହାପାତ୍ର | ୩୬ |
| ମୁଁ ନଥିବି | ପୁଷ୍ପାଞ୍ଜଳି ପଣ୍ଡା | ୩୮ |
| ସୂର୍ଯ୍ୟ ରଙ୍ଗର ରଜା | ଡ. ଶକୁନ୍ତଳା ନାୟକ ଗୁପ୍ତା | ୪୦ |
| ନାରୀ ଓ ଲୋକଗୀତ | ଭାରତୀ ମୁଦୁଲି | ୪୨ |
| ମନ ଖୋଜେ | ସସ୍ମିତା ନାୟକ | ୪୬ |
| ଶେଷ ଶ୍ରାବଣ | ଅଳକା ମହାନ୍ତି | ୪୮ |
| ବରଷା ବିଭବ | ଜୟଶ୍ରୀ ପଟ୍ଟନାୟକ | ୪୯ |
| ଜାନକୀ ମାଉସ | ଶାନ୍ତିଲତା ମିଶ୍ର | ୫୦ |
| ପ୍ରଥମ ଦେଖା | ଡଃ ମାଙ୍ଗଳିକା ମହାପାତ୍ର | ୫୩ |
| ଜହ୍ନ ରାଇଜ କୁ ଚିଠି | ମୋନାଲିସା ପଣ୍ଡା | ୫୪ |
| ସ୍ୱଭାବ କବି | ପ୍ରେମାଞ୍ଜଳି ମେହେର | ୫୬ |
| ଗଙ୍ଗା ଜଳ | ବିନୟ ମହାପାତ୍ର | ୫୭ |
| ଅଭୁଲା ଅଲିଭା ସେ ଶ୍ରାବଣ ରାତି | ସଂଯୁକ୍ତା ସାହୁ | ୬୨ |
| ସମର୍ପଣ | ସତ୍ୟନାରାୟଣ ପ୍ରସାଦ ନାୟକ | ୬୪ |
| ନିରୀହ ପ୍ରେମ | ଛବି ରାଣୀ ପତି | ୬୫ |
| ଲଳିତ ନିବନ୍ଧ-ସୁନ୍ଦରତା | ବଦ୍ରୀ ମହାନ୍ତି | ୬୮ |

ISSN NO.
2582-208X


| | | |
|---|---|---|
| ଅଜ୍ଞତା ହିଁ ଅହଂକାର | କୁଞ୍ଜବିହାରୀ ରାଉତ | ୭୧ |
| ଲୁହ | ଅରୁଣ କୁମାର ମହାପାତ୍ର | ୭୩ |
| ରାକ୍ଷୀ ପୂର୍ଣ୍ଣମୀ | ନରେନ୍ଦ୍ର ପ୍ରସାଦ ବେହେରା | ୭୪ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୭୫ |
| ନ୍ୟାୟ | ବାସନ୍ତୀ ଲତା ଜେନା | ୮୩ |
| ହେ ଚକାନୟନ | ଅଜିତ କୁମାର ରାଉତ | ୮୫ |
| ଶୁଭ ଦିନର ଶ୍ରାବଣ ତୁମେ | ପ୍ରତିଭା ଦାସ | ୮୭ |
| ସାଗରର ଶାମୁକା | ମଧୁମିତା ମିଶ୍ର | ୮୯ |
| ପାଥେୟ | ରଘୁନାଥ ତ୍ରିପାଠୀ | ୯୬ |
| କାଚ କାନ୍ଥ | ମନୋରମା ମହାନ୍ତି | ୯୮ |
| ଅଫେରା ଅତୀତ | ବର୍ଷାରାଣୀ ମହାମଲ୍ଲିକ | ୯୯ |
| ମୋହ ଜାଲ | ଡକ୍ଟର ମଧୁସ୍ମିତା ମିଶ୍ର | ୧୦୧ |
| ଅସହିଷ୍ଣୁର ଜ୍ୱାଳା | ଜୟ କୁମାର ମିଶ୍ର | ୧୦୯ |
| ନିଃଶ୍ୱାସକୁ ନାହିଁ ବିଶ୍ୱାସ | ବିନୋଦିନୀ ଦାଶ | ୧୧୧ |
| ବାରିବାହ | ଅଲେଖ ମେହେର | ୧୧୩ |
| ସାଉଁଟା ଫୁଲ | ଶ୍ରଦ୍ଧାଞ୍ଜଳୀ ଦାଶ | ୧୧୪ |
| ନାଟକ-ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୬ |
| ନିରବତା | ନିରୂପମା ପଟେଲ | ୧୨୨ |
| ସ୍ୱାଧୀନତା ଦିବସ | ରାଜକିଶୋର ସ୍ୱାଇଁ | ୧୨୩ |
| ସନ୍ଦେହ | ବାଙ୍କାବିହାରୀ ମହାକୁର | ୧୨୫ |
| ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଆଣ୍ଡାମାନ | ପ୍ରିୟବ୍ରତ ପାତ୍ର | ୧୨୭ |
| ଏକା ଏକା | କୀର୍ତ୍ତନ ସାହୁ | ୧୩୨ |
| ଅଂଶୁପା ହ୍ରଦ | ଡଃ ପ୍ରିୟମ୍ବଦା ସାମଲ | ୧୩୩ |

ISSN NO.
2582-208X


| | | |
|---|---|---|
| ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ | ସୁଶ୍ରୀ ଶୁଭସ୍ମିତା ମହାନ୍ତି | ୧୩୪ |
| ନାରୀ ସ୍ୱାଧୀନତା ଓ ସମାନତା | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୩୫ |
| ଗୁରୁ ଦିବସ | ଅନୁପମା ବିଶ୍ୱାଳ | ୧୩୮ |
| କବିତା ଗୋ ତୁମେ | ବେଣୁଧର ସୂତାର | ୧୩୯ |
| ଶିଶୁ-କିଶୋରମାନଙ୍କର ବୟସସୂଚୀ ଓ ପଠନ ରୁଚିରେ ଉପନ୍ୟାସର ସ୍ଥାନ | ପ୍ରିୟଙ୍କା ମହାନ୍ତି | ୧୪୧ |
| ଆପେକ୍ଷିକ ସମ୍ପର୍କ | ମାନସ ରଞ୍ଜନ ନାୟକ | ୧୪୭ |
| ସ୍ୱାଧୀନତା ଦିବସ | ବିଷ୍ଣୁପ୍ରିୟା ଦାସ | ୧୪୯ |
| ଏକଲବ୍ୟ | କନକବାଳା ନାୟକ | ୧୫୧ |
| କାଗଜ ଡଙ୍ଗାରେ | ବୈଦ୍ୟନାଥ ପଣ୍ଡା | ୧୬୦ |
| ସେ ଦିନର ସକାଳ ଆଉ ସଞ୍ଜ | ଡଃ ଅମୀୟ ମହାପାତ୍ର | ୧୬୨ |
| ସ୍ୱାଧୀନତାର ଶୁଭେଚ୍ଛା ବାର୍ତ୍ତା | ଜୟନ୍ତୀ ଓଝା | ୧୬୪ |
| କୁଆଁରୀ ମାଆ | କାର୍ତ୍ତୀକେଶ୍ୱର ନାୟକ | ୧୬୫ |
| ନନ୍ଦୋତ୍ସବ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୬୭ |
| ନାରୀ | ରୀତାଞ୍ଜଳି ଡାଲୁଆ | ୧୬୯ |
| ମେଘରେ ମେଘ | ପ୍ରକାଶ କୁମାର ଚାନ୍ଦ | ୧୭୦ |
| 'ଅନୋମାର କନ୍ୟା' : ଏକ ଐତିହାସିକ ଅନୁଶୀଳନ | ସୁମିତ୍ରା ପୃଷ୍ଟି | ୧୭୧ |
| ଦୁହିତା ଦୁଇ କୁଳକୁ ହିତା | ଅମରନାଥ ବାରିକ | ୧୭୯ |
| ତୁମ ଲାଜୁଆ ଲାଜୁଆ ପ୍ରେମ | ବିଜୟ କୁମାର ସାହୁ | ୧୮୧ |
| ସ୍ୱପ୍ନ ଓ ସଂକଳ୍ପର ଅନୁରଣନ : ଉତ୍କଳ ପ୍ରଦେଶ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୮୨ |
| ଦେଖ ହସୁଛି ତ୍ରିରଙ୍ଗା ଆମ | ପ୍ରଶାନ୍ତ କୁମାର ନାଥ | ୧୮୮ |

ISSN NO.
2582-208X


| | | |
|---|---|---|
| ମୋହ | ଜୟନ୍ତୀ ଦେବୀ | ୧୮୯ |
| ଧରା ରଙ୍ଗମଞ୍ଚେ ଆମେ କଳାକାର | ନୀଳମଣି ଚାନ୍ଦ | ୧୯୨ |
| ଏମିତି ଏ ଆଷାଢ଼ | ନିରଞ୍ଜନ ସାହୁ | ୧୯୩ |
| ମଣିଷ ଜୀବନ ପକ୍ଷୀ ଠାରୁ ହୀନ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୯୫ |
| ଦୁର୍ଗା ଦୁର୍ଗତିନାଶିନୀ | ଅମୃତନାରାୟଣ ଶତପଥୀ | ୧୯୭ |
| ଗୁରୁଙ୍କ ପାଇଁ ପଦେ | ନନ୍ଦିନୀ ରାଉତ | ୧୯୯ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୨୦୦ |
| ଆସିଲନି ତୁମେ | ଝରଣା ବାରିକ | ୨୦୮ |
| ବିବାହ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୦୯ |
| ସମୟର ନିଷ୍ପତ୍ତି | ବିରଞ୍ଚି ନାରାୟଣ ମିଶ୍ର | ୨୧୧ |
| କହିବାକୁ ତ ଅଛି  ଅନେକ କିଛି | ବିଶ୍ୱନାଥ କର | ୨୧୩ |
| କପାଳେ ଦିଅହେ ସୁଖ | ତାରାପ୍ରସାଦ ଜେନା | ୨୧୫ |
| ଅହମ୍ ବ୍ରହ୍ମାସ୍ମି | ଶିବମ୍ ପଟ୍ଟନାୟକ | ୨୧୭ |
| ଅବସୋସ | କଳ୍ପନା ମିଶ୍ର | ୨୧୯ |
| ଧର୍ମ ଓ ମୋକ୍ଷ | ଅଜିତ ପାଢ଼ି | ୨୨୦ |
| ସୁନିତା | କୁଞ୍ଜ ବିହାରୀ ସାହୁ | ୨୨୨ |
| ଶରତ ସମ୍ଭାର | ଶେଷଦେବ ପଣ୍ଡା | ୨୨୬ |
| ଜୀବନ ର ପଥ | ପ୍ରଶାନ୍ତ ବ୍ରହ୍ମା | ୨୨୮ |
| ବୋଉ ଓ ବାସି ରୁଟି | ସୀତାରାମ ଦାଶ | ୨୨୯ |
| ଧନ୍ୟ ତୁମେ ନାରୀ | କୁମରଲାଲ ରଣା | ୨୩୨ |
| ପରୋପକାର | ମନୋରଞ୍ଜନ ସୁରୁଜାଲ | ୨୩୩ |
| କଳାର ମହିମା | ହର ପ୍ରସାଦ ସୁଆର | ୨୩୫ |
| ଗୋଟିଏ ରାତି ଲୋଡା ହଜାରେ ସ୍ୱପ୍ନପାଇଁ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୨୪୦ |

ISSN NO.
2582-208X

ବେଦାନ୍ତି


| | | |
|---|---|---|
| ପରିବର୍ତ୍ତନର ସମୟ ଆସିଛି | ରାଧାମୋହନ ପୂଜାହାରୀ | ୨୪୨ |
| ଜୟ ହୋ ! ଇସ୍ରୋ | ଅସିତ ମହାନ୍ତି | ୨୪୪ |
| ଗୁରୁ ବନ୍ଦନା | ହରେରାମ ପଣ୍ଡା | ୨୪୮ |
| ଶ୍ରୀକୃଷ୍ଣ ସ୍ତୁତି | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୨୫୦ |
| ଅସମ୍ପୂର୍ଣ୍ଣତା | ସ୍ମରଣିକା ଧଳ | ୨୫୩ |
| ଷଡଯନ୍ତ୍ର | କାଳିପ୍ରସାଦ ମହାପାତ୍ର | ୨୫୫ |
| ସ୍ୱାଧିନତା ଦିବସ | ସରସ୍ୱତୀ ଜୟସିଂହ | ୨୫୭ |
| ବନ୍ଧୁତ୍ୱ | ଅଜୟ କୁମାର ରାଉତ | ୨୫୯ |
| ବସ୍ତିର ସେ କଳାକାହ୍ନୁ | ଆଶୁତୋଷ ମେହେର | ୨୬୨ |
| ସପନ ସନ୍ଧାନ | ଶମ୍ଭୁନାଥ ଦାସ | ୨୬୫ |
| ମଳିନ ଜହ୍ନ | ପ୍ରଦୀପ୍ତ କୁମାର ମିଶ୍ର | ୨୬୭ |
| ସପ୍ତ ତଥ୍ୟ ଗୋପନୀୟ | ଅଳକା ବାରିକ୍ | ୨୬୯ |
| ତୁମେ ନାରୀ | ଡ. ଜ୍ଞାନେଶ୍ୱର ମିଶ୍ର | ୨୭୧ |
| ଅଭିଶପ୍ତ ରାକ୍ଷୀ | ବିଶ୍ୱଜିତା ବରାଳ | ୨୭୩ |
| ଶ୍ରୀକୃଷ୍ଣଙ୍କ ପ୍ରତି କର୍ଣ୍ଣଙ୍କ ଉକ୍ତି | ଦେବାଶିଷ ଦାସ | ୨୭୭ |
| ଆସିଅଛି ନୂଆଖାଇ | ଜୟନ୍ତ କୁମାର ମଲ୍ଲିକ୍ | ୨୭୯ |
| ମୁକ୍ତି | ଜୟଲକ୍ଷ୍ମୀ ସେଠୀ | ୨୮୦ |
| ପ୍ରିୟଜନ | ତ୍ରିପତି ପ୍ରଧାନ | ୨୮୩ |
| ସେ ପୁଅ କି ଜଗତଜିତା | ଜନ୍ମଜୟ ନାୟକ | ୨୮୫ |
| ବୈଷ୍ଣବ ଚରଣ ଦାସଙ୍କ "ମନେ ମନେ" | ସତ୍ୟବ୍ରତ ଦାସ | ୨୮୬ |
| ଝିଅ | ସଙ୍ଗୀତା ମହାନ୍ତି | ୨୯୧ |
| ତୁମେ ଗଲା ପରେ ପରେ | ରଞ୍ଜନ କୁମାର ପ୍ରଧାନ | ୨୯୩ |
| ସଂସ୍କାର କେନ୍ଦ୍ର: ଶିକ୍ଷା ମାଧ୍ୟମରେ ଏକ ନବ ଭାବର ପ୍ରବର୍ତ୍ତନ | କୁମର ମହାକୁଡ଼ | ୨୯୪ |

ISSN NO.
2582-208X


| | | |
|---|---|---|
| ମନର କଥା | ମନୋଜ କୁମାର ଅଦା | ୩୦୦ |
| ସୀମାନ୍ତ ପ୍ରହରୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୦୧ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୩୦୨ |
| ହୀନସ୍ଥା | ବିନୟାନନ୍ଦ ବସ୍ମସ୍ୟ | ୩୦୬ |
| ଅମୃତାଘାତ | ସିଦ୍ଧେଶ୍ୱର ତ୍ରିପାଠୀ | ୩୦୮ |
| ଭଗବତୀ ଚରଣଙ୍କ "ସମୟାତୀତ" ରେ ବହୁବର୍ଣ୍ଣୀ ଜୀବନ | ମାଧବାନନ୍ଦ ପାତ୍ର | ୩୦୯ |
| ଜୟ ଜଗନ୍ନାଥ କାଳିଆ ସାଆନ୍ତ | ସୁହାସିନୀ ବାରିକ୍ | ୩୧୩ |
| ତୁମ ବିନା | ସୁହଂସ ଭୋଇ | ୩୧୪ |
| ସୁଭ୍ରାଂଶିର ଦୁଃଖ | ଅରୁଣ କୁମାର ତ୍ରିପାଠୀ | ୩୧୬ |
| ଖୁଦୁରୁକୁଣୀ ଯେ ସାର | ପ୍ରଦୀପ୍ତ କୁମାର ଦାସ | ୩୨୧ |
| ମଜା ନିଆରା | ଶ୍ରବଣ କୁମାର କର | ୩୨୩ |
| ଜଗନ୍ନାଥ ଙ୍କ ଛପନ ଭୋଗ | ଅଭିଳାଶ ବାରିକ୍ | ୩୨୫ |
| ମୁକତିର ପଥ ଦେଖା କାଳିଆ | ଅନନ୍ତ କୁମାର | ୩୨୬ |
| ଗୀତା ମହାତ୍ମ୍ୟ | ଡ. ଅର୍ଜୁନ ଚରଣ ବାରିକ୍ | ୩୨୮ |
| ସୁକୁଟି ଭାଉଜ ସିଏ | ଶିଶିର କୁମାର ପଣ୍ଡା | ୩୩୨ |
| ବିଜୁ ବୋଲ ବାଲା | ଦୀନବନ୍ଧୁ ବେଜ | ୩୩୩ |
| ମୁଁ ବି ଯୋଗ୍ୟ | ଦୁଷ୍ମନ୍ତ ବେହେରା | ୩୩୬ |
| ଆଲେଖ-ଭ୍ରମ ଧାରଣା | ସତ୍ୟନାରାୟଣ ମିଶ୍ର | ୩୩୮ |
| ନିର୍ବିକାର | ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ୍ | ୩୪୦ |
| ପ୍ରତିଭାଧାରୀ ପରେଶ | ମେନକ ସାହୁ | ୩୪୨ |
| ଇନଷ୍ଟାଗ୍ରାମ ରିଇଲ୍ସ | ବିକାଶ କୁମାର ହୋତା | ୩୪୮ |
| ପୃଥିବୀ ପାଇଁ ଏକ ସମାଧାନ, ଆଦିବାସୀ ଜୀବନ ଓ ଜୀବିକା | ଡୁଇଟ୍ ଡେଭିଡ ଫିଲିପ | ୩୫୦ |

ISSN NO.
2582-208X


| | | |
|---|---|---|
| କାଗଜ କଲମ କବିତା | ଶିବରାମ ସାହୁ | ୩୫୫ |
| ରବିନାରାୟଣ ବ୍ରତ ଏବଂ ରବିନାରାୟଣ ଏକାଦଶୀ | ଅଳକା ବାରିକ୍ | ୩୫୭ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୬୦ |
| ନିଆରା କୁନି ପ୍ରତିଭା"ଶ୍ରୁତି" | ରାମ ଚନ୍ଦ୍ର ପ୍ରଧାନ | ୩୬୨ |
| ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥର ନାମ ନନ୍ଦିଘୋଷ କାହିଁକି ? | ଅଭିମନ୍ୟୁ କାନୁନଗୋ | ୩୬୪ |
| ଶ୍ରୀଧର ଦୀନ ବାନ୍ଧବ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୬୮ |
| ଗଣେଶ ଦ୍ୱାଦଶନାମ ସ୍ତୋତ୍ରମ୍ | ସୁହାସିନୀ ବାରିକ୍ | ୩୬୯ |
| ଏକାଦଶୀ ବ୍ରତ | ଦେବଯାନୀ ବାରିକ୍ | ୩୭୦ |
| ସରଗୁଁ ବଳି ଶୋଭା | ଶିବ ପ୍ରସାଦ ଚାନ୍ଦ | ୩୭୧ |
| ସତ୍ୟ କାହାଣୀ | ଅଧ୍ୟାପକ ଅବିନାଶ ବାରିକ୍ | ୩୭୩ |
| ପ୍ରଥମ ପ୍ରେମ | ଦେବାର୍ଚ୍ଚନ ମେହେର | ୩୭୫ |
| ଭଗବତ ଗୀତାରେ ପାଞ୍ଚୋଟି ମୂଳତତ୍ତ୍ୱ | ମାଳତୀ ଦେବୀ | ୩୭୮ |
| ଦୁର୍ଘଟଣା | ଅଶୋକ କୁମାର ସେଠୀ | ୩୮୦ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୮୭ |


## ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ଡେଙ୍ଗୁ ଜ୍ୱର ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୯୦ |
| ସେଓ ଓ କମଳାରେ ଔଷଧିୟ ଗୁଣ | ଅଭିମନ୍ୟୁ କାନୁନଗୋ | ୩୯୨ |


## ଆମ ହାଣ୍ଡିଶାଳ


| | | |
|---|---|---|
| ପିପର ମଶରୁମ୍ | ଜୟନ୍ତୀ ଦେବୀ | ୩୯୪ |

ISSN NO.
2582-208X

# ଆଞ୍ଚଳିକ


| | | |
|---|---|---|
| ନୂଆଁଖାଇ ଜୁହାର | ଚିତରଂଜନ ବେହେରା | ୩୯୬ |
| କାଉଡିଆ | ସନ୍ତୋଷ କୁମାର ବେହେରା | ୩୯୮ |
| ସଁକଲା : 'କୋସଲି ଗିତ ଗଂଗା'ର ଗୁଟେ ଆଲୋଚନା | ବ୍ରଜମୋହନ ମେହେର | ୪୦୦ |
| ମାନେର୍ ଧରମ୍ | ମାନସ ରଞ୍ଜନ ସାହୁ | ୪୦୭ |
| ବଦଲୁଛେ ଘଡେ କେ ଘଡେ | ଗଜାନନ ମିଶ୍ର | ୪୦୮ |
| ପସ୍ତେଇ ହେଲେ କାଏଁଟା ହେବା | ସୁନୀଲ କୁମାର ଅଗସ୍ତି | ୪୦୯ |


# ଶିଶୁ ବିଭାଗ


| | | |
|---|---|---|
| ସପେଟାର ବଡ଼ ଭାଇ | ଡ଼ଃ ରଞ୍ଜିତ କୁମାର ସାହୁ | ୪୧୧ |
| ଆଦିତ୍ୟ ଏଲୱାନ | ଦୀନବନ୍ଧୁ ପୋଇ | ୪୧୪ |
| ଜଳ ହିଁ ଜୀବନ | ବିକାଶ କୁମାର ହୋତା | ୪୧୫ |
| ସଂଖ୍ୟା କ୍ରମରେ ଶିଖିବା | ଅମରନାଥ ବାରିକ | ୪୧୭ |
| ମୋ ମାମୁଁ ଘର | ହରେରାମ ପଣ୍ଡା | ୪୨୦ |
| ଜନ୍ମଦିନ | ଶିବମ୍ ପଟ୍ଟନାୟକ | ୪୨୨ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୨୪ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୨୫ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୨୯ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୩୦ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୬-ଅରଣ୍ୟର ଆଦିମ ମାନବ

'କାଗଜ' ।

'କାଗଜ'!

"ଏଇଟା ତା' ପ୍ରକୃତ ନାଁ କି ନୁହେଁ ଜାଣିନି । ପ୍ରକୃତ ନାଁ ହୋଇନଥିବ । କିନ୍ତୁ ଆମେ ତା'କୁ ଡାକୁଛୁ 'କାଗଜ' ଆଉ ଟୋକାଟା ଉତ୍ତର ଦିଏ ।"

କିଛି ନାମ ବାରବାର ଡାକିଲେ ତାହା ପ୍ରକୃତ ନା ବୋଲି ମଣିଷଟି ମନେକରେ । ଆଉ ଏ 'କାଗଜ' ବୋଧେ ଏକ ନୂଆ ନାଁ, ଯାହାକୁ ଟୋକାଟା ନିଜର ପରିଚୟ ଭାବିଛି । ଜଙ୍ଗଲୀ ଲୋକର ଏକ ନାମ ଅଛି । ମଣିଷମାନେ ଏକ ଶବ୍ଦ ସହ ଯୋଡି ହୋଇଯାଆନ୍ତି । ମଣିଷ କ'ଣ, ପ୍ରାୟ ସବୁ ପ୍ରାଣୀ ଏକ ଏକ ଶବ୍ଦ ସହ ଯୋଡିହୋଇଥାନ୍ତି । ସେହି ଶବ୍ଦକୁ ସେମାନେ ବେଶି ଚିହ୍ନିଥାନ୍ତି ।

ଅସୀମଙ୍କ ପରେ ରାମଦାସ ନିଜର ୪୧ କିମି କ୍ୟାମ୍ପରେ ଥିବା ଅନୁଭୂତି କହିଛନ୍ତି । 'କାଗଜ' ସେମାନଙ୍କ କ୍ୟାମ୍ପକୁ ବେଳେବେଳେ ଆସେ । ସେମାନେ ତା'କୁ ନିଜ ଖାଇବା ଜିନିଷ ଦିଅନ୍ତି । 'କାଗଜ' ସେମିତି ଖାଇଦେଇ ଚାଲିଯାଏନା । କେହି ନକହିଲେ ମଧ୍ୟ ନିଜକୁ ନିଜେ କ୍ୟାମ୍ପରେ ଥିବା କାଠସବୁ ଫାଡି ସଜାଇ ରଖିଦିଏ । କିଛି ମାଗଣାରେ ଖାଇ ଚାଲିଯିବାକୁ ଠିକ ଭାବେନା । ଜଙ୍ଗଲରେ ସେମାନଙ୍କୁ କିଏ ସାମାଜିକ ଚାଲିଚଳନର ଏକ

ISSN NO.
2582-208X

ଅତି ମହତ୍ୱପୂର୍ଣ୍ଣ ଗୁଣ ଶିଖାଇଛି ? ଖାଦ୍ୟର ପ୍ରତିବଦଳରେ କାମ, କିଛି ମାଗେଣା ନେବାକୁ ଶୋମ୍ପେନ ଠିକ ଭାବେନା ।

ତାପରେ ଉଦୟରାଜ ଶୋମ୍ପେନମାନଙ୍କ ବିଷୟରେ କହିଥିଲେ । ସେ ଆଉ କେତେଥର ଶୋମ୍ପେନଙ୍କୁ ଜଙ୍ଗଲରେ ଦେଖିଛନ୍ତି । ରାମଦାସ ନେଭିଡେରା କ୍ୟାମ୍ପରେ ଡ୍ୟୁଟି କରୁଥିବା ସମୟରେ ସେମାନଙ୍କୁ ବହୁ ସମୟରେ ପାଖରେ ଦେଖିଛନ୍ତି । କ୍ୟାମ୍ପକୁ ବେଳେବେଳେ ଆସିଯାଆନ୍ତି । ଶୋମ୍ପେନମାନେ ଜଙ୍ଗଲରେ ରୁହନ୍ତି ଆଉ ବର୍ଚ୍ଛାରେ ମାଛ ଶିକାର କରନ୍ତି । ପାନ ଗୁଆ ଖାଇ ଖାଇ ସେମାନଙ୍କ ଦାନ୍ତ କଳା ପଡିଯାଇଥାଏ । ଓଠ ଲାଲ ପଡିଥାଏ ।

ଜଙ୍ଗଲ ଭିତରେ ଶୋମ୍ପେନ ଦେଖିବାକୁ ଅସୀମଙ୍କର ବହୁତ ଇଚ୍ଛା ଥିଲା । ନିଜ ଭିତରେ ସେହି ପୁରୁଣା ଜଙ୍ଗଲୀ ମଣିଷ ଉଙ୍କି ମାରୁଥିଲା । ମଣିଷ ମନ ବି ଅଦ୍ଭୁତ । ସବୁବେଳେ ନୂଆ ଦୁନିଆରେ ନିଜର ପୁରୁଣା ବିଶ୍ୱାସ ସହ ଦୌଡିବାକୁ ଚାହେଁ । କ୍ୟାମ୍ପବେଲ ଏକ ନୂଆ ଦୁନିଆ, ଜଙ୍ଗଲ ଭରା ଦୁନିଆ । ଏଠି ସେହି ପରୁଣା ଜଙ୍ଗଲୀ ମଣିଷ କେମିତି ମିଳିବ ? ଝାମ୍ପୁରାମୁଣ୍ଡିଆ । ଆଉ ତା' କଥା କ'ଣ ବୁଝିହେବ ? ଆଉ ଲୋକଟାର ବ୍ୟବାହର କେମିତି ଥିବ ? ଜଙ୍ଗଲରେ କେଉଁ ଜନ୍ତୁ ମଣିଷକୁ ବନ୍ଧୁ ଭାବିନାହାନ୍ତି । ଜଙ୍ଗଲୀ ଜନ୍ତୁଙ୍କୁ ପାଳିତ ଗାଈ, ବାଛୁରୀ, ଛେଳି ବା କୁକୁର ଭାବିବା ମଧ୍ୟ ଭୁଲ । ଆଉ ଗଧ ଭାବିବା ମୋଟେ ଉଚିତ ନୁହେଁ । ତେଣୁ ସେମାନେ କ'ଣ ଟେରେଇକରି ଚାହିଁବେ ?

ଯାହାହେଉ ଅସୀମ ଜଙ୍ଗଲରେ ଅନେକ ବୁଲିଲେ । ଥରେ ସମୁଦ୍ରକୂଳରେ ଏକ ଶୋମ୍ପେନ ଦଳ ସହ ସାକ୍ଷାତ ହୋଇଗଲା । ସେତେବେଳକୁ ଅସୀମଙ୍କ ମନରେ ସେହି ପୁରୁଣା ଜଙ୍ଗଲୀ ଲୋକ ବର୍ଚ୍ଛା ଧରି ଦୌଡୁଥିଲା । ତେଣୁ ସେ ଶୋମ୍ପେନର ପ୍ରତିଟି ବ୍ୟବହାରକୁ ବଡ ଧ୍ୟାନର ସହ ଲକ୍ଷ୍ୟ କରୁଥିଲେ ଆଉ ନିଜେ ଅତି ସଂଜତ ହୋଇ ବ୍ୟବହାର କରୁଥିଲେ ।

### ୧-ସମୁଦ୍ରକୂଳିଆ ଏକ ଶୋମ୍ପେନ ବସ୍ତି

ଶୋମ୍ପେନ ଲୋକଟି ସେମାନଙ୍କ ପାଖରେ ଉତ୍ସୁକତାର ସହ ବସିପଡିଲା । ସେମାନେ ନିଜର କିଛି ଖାଇବା ତା'କୁ ଦେଇଥିଲେ । ଅନ୍ୟ ଶୋମ୍ପେନଙ୍କ ଭଳି ଏ ଶୋମ୍ପେନ ଲୋକଟି ଅଣ୍ଟାରେ ଏକ ଲେଙ୍ଗୁଟି ପିନ୍ଧିଥିଲା, ଦେହ ଖାଲି, ମୁଣ୍ଡରେ ଝାମ୍ପୁରା ବାଳ ଥିଲା । ଲାଗୁଥିଲା

ISSN NO.
2582-208X

ଦେହରେ କଛି କୁଣ୍ଡିଆ ହୋଇଛି, ଠାଏ ଠାଏ ଚମ ଉଠିଯାଇଛି । ନାକ ତଳେ ସାମାନ୍ୟ ନଶର ଧାର ବୁଲିଯାଇଛି । ଲୋକଟି ନଜ ଆଗରେ ପିଇବା ପାଇଁ ଏକ ସମୁଦ୍ରକୂଳରେ ଭସିଆସି ଲାଗିଥିବା ଖଣ୍ଡିଆ ବୋତଲରେ ପାଣି ପୁରାଇ ରଖିଥିଲା । ଲୋକଟି ଖାଇଲାବେଳେ ଦାନ୍ତ ଦେଖାଯାଉଥିଲା । ସବୁ ଶୋମ୍ପେନଙ୍କ ଭଳ ପାନ ଗୁଆ ଖାଇ ଖାଇ ଦାନ୍ତ କଳା ପଡିଯାଇଛି । ଶୋମ୍ପେନମାନେ ଜଙ୍ଗଲରେ ଗଲାବେଳେ ପାନ ବା ଗୁଆ ଆଦି ଗ୍ରୋବାଉଥାନ୍ତି। ଜଙ୍ଗଲରେ ତ ବହୁତ ପାନ ମିଳେ । ଗୁଆ ଗଛ ମଧ୍ୟ କେଉଁଠି କେଉଁଠି ଥିବ। ଲୋକଟି ଖାଉଥିବା ଜାଗାଟି ସମୁଦ୍ରକୂଳରେ । ଏପଟକୁ ନକୋବରୀ ବସ୍ତି ନାହିଁ ।

ସେମାନଙ୍କ କୁଡିଆ ପାଖରେ ଥିଲା । କୁଡିଆ ବୋଲିଲେ ଏକ ଅତି ଛୋଟ ପ୍ଲାଟଫର୍ମ ଆଉ ତା' ଉପରେ ପତ୍ର ଛାଉଣୀ । ଅନ୍ୟ ସ୍ଥାନରେ ଏହାକୁ ଜଙ୍ଗଲ ଧାରରେ ଥିବା ଏକ ଜଗିବାର ଜାଗା କୁହାଯାଇପାରେ । ଏ କୁଡିଆ ନକୋବରୀମାନଙ୍କ ହଟଠାରୁ ଅନେକ ଛୋଟ । ନକୋବରୀ ହଟକୁ ନକୋବରୀମାନେ ସୁନ୍ଦର ଭାବେ ତିଆରି କରିଥାନ୍ତି । ଉପର ପତ୍ର ଛାଉଣୀ ଭଲରେ କରାଯାଏ ଆଉ ଭିତରେ କାଠର କଛି କାରୁକାର୍ଯ୍ୟ ଲକ୍ଷ୍ୟ କରାଯାଏ ତଥା ତଳ ପ୍ଲାଟଫର୍ମ ମଧ୍ୟ ପ୍ରାୟ ସମତଳ ଥାଏ । କନ୍ତୁ ଶୋମ୍ପେନମାନଙ୍କ କୁଡିଆ ସେ ତୁଳନାରେ ଅତି ସାଧାରଣ କୁଡିଆ । ଏଇ କୁହାଯାଇପାରେ ଏମିତି କୁଡିଆ ତିନ ବା ଚାରି ଘଣ୍ଟାରେ ବା ଅତି ବେଶିରେ ଛଅ ଘଣ୍ଟାରେ ବନଯିବ । ଦୁଇ ପାଖ ପ୍ରାୟ ଖୋଲା, କଛି ପତ୍ର ଦିଆଯାଏ । ନକୋବରୀମାନଙ୍କ ହଟ୍ ଭଳ ଧାରରେ ବାଉଁଶ ତାଟି ବା କାଠ ପଟା ନାହିଁ । ଉପର ମଞ୍ଚାକୁ ଯିବା ପାଇଁ ଏକ ସରୁଆ କାଠଗରକୁ ତଳୁ କୋଣକରି ଲମ୍ବାରେ ଲଗାଯାଇଥିଲା ।

ଶୋମ୍ପେନମାନଙ୍କ ଏମିତିଆ କୁଡିଆ ଦେଖି ଅସୀମ ମନେକରୁଥିଲେ ଶୋମ୍ପେନମାନେ ଯାଯାବର ଜୀବନ ଯାପନ କରୁଥିବେ, କେଉଁ ଯାଗାରେ ବେଶିଦିନ ରହୁନଥିବେ । ବୋଧହୁଏ ଫୁଡ ଗ୍ୟାଦରର ଥିବେ । କଛି ପୋଷା ପ୍ରାଣୀ ବୋଧେ ନଥିବେ । ପ୍ରତିଦିନ ଖାଦ୍ୟ ସଂଗ୍ରହ କରୁଥିବା ହେତୁ ସେମାନଙ୍କୁ ନଜ କୁଡିଆକୁ ନକୋବରୀମାନଙ୍କ କୁଡିଆ ଭଳ ଉନ୍ନତ ଆଉ ସୁନ୍ଦର କରିବାକୁ ସମୟ ମିଳୁନଥିବ । ନକୋବରୀମାନଙ୍କ ସହ ଶୋମ୍ପେନମାନଙ୍କ ସଂମ୍ପର୍କ ବହୁ ଦିନର ହେବା ସତ୍ତ୍ୱେ କ'ଣ ପାଇଁ ଶୋମ୍ପେନମାନେ ନଜର କୁଡିଆକୁ ଭଲ ଭାବରେ ତିଆରି କରୁନାହାନ୍ତି କେଜାଣି ? ବିନା ଦ୍ୱିଧାରେ କୁହାଯାଇପାରିବ ଏଇ ଯାଯାବର ଜୀବନ । ଅସୀମ ମନେମନେ ନଶ୍ଚିତ ହେଉଥିଲେ ।

ISSN NO.
2582-208X



ଏ ଭିତରେ ଖାଉଥିବା ଲୋକଟି ନିଜ କୁଡିଆ ପାଖକୁ ଚାଲିଗଲା । ସେଠାରେ ସାମାନ୍ୟ ଖୋଲା ଜାଗାରେ କିଛି ମହିଳା ଠିଆହୋଇଥିଲେ । ସେମାନଙ୍କୁ ଦେଖିଲେ କେହି ବେଶି ବୟସର କହିବନି । କିଛିଙ୍କ ମୁହଁରେ ବାଳିକା ସୁଲଭ ଲାଳିତ୍ୟ ଥିଲା । ମୁହଁ ବେଶ ସୁଗଠିତ ଆଉ ସୁନ୍ଦର, ଅସୀମଙ୍କୁ ତ ନିକୋବରୀ ମହିଳାମାନଙ୍କ ଠାରୁ ଶୋମ୍ପେନ ମହିଳାମାନେ ସୁନ୍ଦର ଲାଗୁଥିଲେ । ମହିଳାମାନଙ୍କ ସ୍ତନ, ଉପର ଦେହ ସଂପୂର୍ଣ୍ଣ ଅନାବୃତ୍ତ ଥିଲା । ଅଣ୍ଟାରେ ଲେଙ୍ଗୁଟି ବଦଳରେ ସେମାନେ ଏକ ଏକ କପଡାକୁ ଗାମୁଛା ଭଳି ଘେରାଇଥିଲେ । ବାସ୍ ସେତିକି ମାତ୍ର ପୋଷାକ । ଏକ ମହିଳା ନିଜର ଶିଶୁ ସନ୍ତାନକୁ କାଖରେ ଧରି ଠିଆ ହୋଇଥିଲା । ପିଲାଟିକୁ ଏଇ ବର୍ଷେ ବା ଦେଢବର୍ଷ ବୟସ ହେବ । ମହିଳାଟିର ମୁଣ୍ଡରେ ମଧ୍ୟ ବେଶ ଗୋଛାଏ ବାଳ, କିନ୍ତୁ କାନ୍ଧ ପାଖରୁ ସାଇଜ କରି କଟାଯାଇଛି । କି ପୁରୁଷ ବା ମହିଳା, ସମସ୍ତେ ମୁଣ୍ଡ ବାଳକୁ କାନ୍ଧ ପାଖରୁ କାଟି ଦେଉଛନ୍ତି। ମହିଳାଟିର ସ୍ତନ ବହୁତ ତଳକୁ ଝୁଲିଯାଇଥିଲା । ସ୍ୱାଭାବିକ । ଦୁଗ୍ଧବତୀ ମହିଳା, ସ୍ତନ ଓଜନ ହେତୁ କିଛି ବନ୍ଧନୀ ନଥିଲେ ତଳକୁ ଝୁଲିଯିବ । ତା' ପଛରେ ଏକ କିଶୋରୀ ଠିଆ ହୋଇଥିଲା । ତା'ର ବକ୍ଷ ମଧ୍ୟ ଅନାବୃତ୍ତ ଥିଲା । ଆଉ ତା'ର ସ୍ତନ ଟିକିଏ ବଡ ହୋଇ ଫୁଟି ଉଠିଛି । ସେମାନେ ନାରୀର ସୌନ୍ଦର୍ଯ୍ୟକୁ ଢାଙ୍କିବାକୁ ଚେଷ୍ଟା ମଧ୍ୟ କରି ନାହାନ୍ତି ।

ଏକ କୁକୁର ଭୁକିବା ଶୁଣାଗଲା । ଶୋମ୍ପେନମାନେ ତାହାହେଲେ ସାଥିରେ କୁକୁର ରଖନ୍ତି । ଏଇଟା ନିକୋବରୀଙ୍କ ପାଖରୁ ଶିଖିଥିବେ । କୁକୁରଟା ବୋଧେ ମଞ୍ଚା ଉପରେ କେଉଁଠି ଥିଲା। କୁକୁର ଭୁକା ପରେ କିଶୋରୀ ଝିଅଟି ଆସି ଏକ ପୁରୁଷ ପାଖରେ ଠିଆ ହୋଇଗଲା। ବୋଧହୁଏ ତା'ର ବାପା ହେବ । ସେମାନଙ୍କ କୁଡିଆ ପାଖରେ ଏକ ବହୁତ ବଡ ଗଛ ଥିଲା। ଏଠି ଗଛମାନଙ୍କର ବତ୍ରେସ ବେଶ ବଡ ଥାଏ । ପାଖରେ ଆଉ ଏକ କୁଡିଆର ନିର୍ମାଣ ଚାଲିଥିଲା । ସେଇଠି ଆଉ ଏକ ମହିଳା ନିଜର ଶିଶୁ ସହ ଠିଆ ହୋଇଥିଲା । ଆଗ ମହିଳା ଭଳି ତା' ସ୍ତନ ବେଶ ଭାରୀ, ପ୍ରାୟ ପେଟ ପାଖକୁ ଝୁଲିଆସିଛି । କିନ୍ତୁ ମୁହଁକୁ ଦେଖିଲାରୁ ବେଶି ବୟସ ଲାଗୁନଥିଲା । ଏଇ କୋଡିଏ ବା ବାଇଶି ବା ପଚଶି ଭିତରେ ବୟସ ହେବ । କିନ୍ତୁ ସନ୍ତାନ ପ୍ରସବ କରିକରି ସ୍ତନ ଝୁଲିଯାଇଛି । ଆଗ ମହିଳାର ଭଳି ଏ ମହିଳାର ମୁହଁ ବେଶ ସୁଢୌଳ ଥିଲା ।

ISSN NO.
2582-208X

ପ୍ରଥମ ମହିଳାର ଛୁଆଟି ମା' କାଖରେ ଥାଇ କିଛି ଖାଉଥିଲା । ମହିଳାଟି ହାତରେ ଏକ ଚୁଡି ଭଳି କିଛି ପିନ୍ଧିଥିଲା । ବୋଧହୁଏ ପ୍ଲାଷ୍ଟିକର କିଛି ଶସ୍ତା ଚୁଡି ହେବ । ନିକୋବରୀ ହଟରୁ କିଛି ଜିନିଷଦେଇ ଶୋମ୍ପେନ ବାପା ପିଲା ପାଇଁ ଜିନିଷ ବଦଳାଇ ଆଣିଥିବ । ଦ୍ୱିତୀୟ ମହିଳାଟି ନିଜ ମୁଣ୍ଡରେ ଏକ ଧଳା ବ୍ୟାଣ୍ଡ ଲଗାଇଥିଲା ଭଳି ଲାଗିଲା । କିନ୍ତୁ ସେ ଟିକିଏ ବୁଲି ପଡିବାରୁ ଜଣାଗଲା ଏହା ଏକ ଧଳା କପଡା । ବାଳ ପଛକୁ ରିବନ ଭଳି ଝୁଲି ଯାଇଛି । ତା' ବାମ ହାତରେ କିଛି ଚୂଡି ଥିଲା । ଦେଖିଲେ ଲାଗୁଥିଲା ହୁଏତ ପ୍ଲାଷ୍ଟିକର ଚୂଡି ବା ବେତର ଗୋଲ ରିଙ୍ଗ । ହାତ ଭିତରେ ଗଳାଇ ଦିଆଯାଇଛି । ସ୍ତ୍ରୀ ଲୋକଟି ବହୁତ ହାତ ରିଙ୍ଗ ପିନ୍ଧିଛି । ସେ ମୁହଁରେ ହାତ ବୁଲାଇବାରୁ ତା' କାନ ଦେଖାଗଲା । କାନରେ ଫଳିରେ ଏକ ବହୁତ ବଡ କଣା ହୋଇଛି । ଅନ୍ୟ କାନରେ ଏକ ଗୋଲ କାଠ ପିନ୍ଧିଛି । କାଠଟିକୁ ସାଇଜ କରି କଟାଯାଇଛି । ସେହି ପାଲିସ ସାଇଜ କାଠକୁ କାନର ଚମଡା ଚାରିପାଖେ ଏକ ରିଙ୍ଗ ଭଳି ବାନ୍ଧିରଖିଛି । କାନରେ ସୁନା ବା ଲୁହା ରିଙ୍ଗ ବଦଳରେ ସେମାନେ କାଠର ଏକ ଖଣ୍ଡକୁ ପିନ୍ଧୁଛନ୍ତି । ଏକ ଗଛ ଉହାଡରୁ ଏକ ଛୋଟ ବାଳକ ଆସିଲା । ସେ ସଂମ୍ପୂର୍ଣ ଲଙ୍ଗଳା, ତା' ବାଳ ଝିଅଙ୍କ ଭଳି କଟାଯାଇଛି । ଦ୍ୱିତୀୟ ସ୍ତ୍ରୀ ଲୋକଟି ତା'କୁ ହାତ ଧରି ପାଖକୁ ନେଇନେଲା । ସେମାନେ ନିଜ ନିଜ ଭିତରେ ଶୋମ୍ପେନ ଭାଷାରେ କଥା ହେଉଥିଲେ ଯାହା ଅସୀମ ବା ତାଙ୍କ ସାଥିମାନେ ବୁଝିପାରୁନଥିଲେ ।

ଦେଖିବାରୁ ଜଣାଗଲା ଯେ ସେମାନେ ଦୁଇଟି ପରିବାର । ନିଜ ନିଜ ଛୁଆଙ୍କ ସହ ମହିଳାମାନେ ଠିଆ ହୋଇଥିଲେ । କିଶୋରୀଟିର ପାଖରେ କେହି ଛୁଆ ନଥିଲେ । ଗୋଟାଏ ଘର ମଞ୍ଚାରେ ଜଣେ ପୁରୁଷ ତଳକୁ ଗୋଡ ଲମ୍ବାଇ ବସିଥିଲା । ମଞ୍ଚାର ତଳଟା ବାଉଁଶକୁ ଫାଳକରି ତିଆରି କରାଯାଇଥିଲା । ଘର ବାଉଁଶରେ ମୋଟ ପାତିଆକୁ ଛକ କରି ଉପରେ ପତ୍ର ଛାଉଣୀ ଥିଲା । ବାନ୍ଧିବା ପାଇଁ ବେତ ରଶି ବ୍ୟବହାର କରାଯାଇଥିଲା । ବେତ ବ୍ୟବହାର ଶୋମ୍ପେନମାନେ କେମିତି ଶିଖିଛନ୍ତି କେଜାଣି ? ଜଙ୍ଗଲରେ ରହିରହି ସେମାନେ ଜଙ୍ଗଲଜାତ ପଦାର୍ଥର ବ୍ୟବହାର ବୋଧହୁଏ ଧିରେ ଶିଖିନେଇଛନ୍ତି ।

ଏ ଭିତରେ ନାଲି କୁକୁରଟିଏ ଉପରୁ ତଳକୁ ଓହ୍ଲାଇ ଆସି ପରିବାର ଆଗରେ ଠିଆ ହୋଇଗଲା । ତଳେ ଗୋଟାଏ ଜାଗାରେ ଆଲୁମିନିୟମ ହାଣ୍ଡିଟିଏ ପଡିଥିଲା । ସେଥିରେ ବୋଧେ ରୋଷେଇ ହୁଏ । ଏ ହାଣ୍ଡି ଏଏଜେଭିଏସ (ସରକାରୀ ସଂସ୍ଥା) ତରଫରୁ ଯୋଗାଇ ଦିଆଯାଇଥିବ । ଶୋମ୍ପେନମାନଙ୍କ ଭଳି ଆଦିମ ଅଧିବାସୀଙ୍କୁ କିଛି ସରକାରୀ ଅନୁଦାନ

ISSN NO.
2582-208X

ମିଳୁଛି । ଏହି ଶୋମ୍ପେନମାନେ ଶାନ୍ତଭାବରେ ଆଗନ୍ତୁକମାନଙ୍କୁ ଲକ୍ଷ୍ୟ କରୁଥିଲେ । ମହିଳାମାନେ ସମସ୍ତେ ଏବେ ପାଖାପାଖି ହୋଇ ଠିଆହୋଇଥିଲେ ଆଉ ଛୁଆମାନେ ମହିଳାମାନଙ୍କ ସାଙ୍ଗରେ ଥିଲେ । ଏଇଟା ମଣିଷ ସମାଜରେ ଲକ୍ଷ୍ୟ କରିବାର କଥା । ମହିଳାମାନେ କ'ଣ ପାଇଁ ସବୁବେଳେ ଗୋଠ ହୋଇ ରୁହନ୍ତି କେଜାଣି ? କିଛି କାରଣ ନଥିବ, କିନ୍ତୁ ସବୁଠି ସେମାନେ ଗୋଠ ହୋଇଯାଉଥିବେ ।

ଅସୀମ ଭଲକରି ଲକ୍ଷ୍ୟ କରିବାରୁ ଜାଣିପାରିଲେ ଯେ ପୁରୁଷ ଲୋକଟିର କାନ ଫଳରେ ଏକ ବଡ କଣା ହୋଇଛି । ବେଶ ସୁସ୍ଥ ସବଳ ଲୋକଟି । ବୟସ ଏଇ ତିରିଶି ଭିତରେ ହେବ। ଶରୀରରେ ମାଂସପେଶୀ ଭଲ ଅଛି । ତା' ମୁହଁ ସାମାନ୍ୟ ଲମ୍ବା ଆଉ ଠିଆହେବା ଠାଣି ଅସୀମଙ୍କୁ ଏକ ଯୋଦ୍ଧାର ଠିଆହେବା ଠାଣି ଭଳି ଲାଗୁଥିଲା । କିନ୍ତୁ ଲୋକଟାର ମୁହଁ ଶାନ୍ତ ଥିଲା । ଅସୀମ ଭାବିଲେ କାନରେ କଣା କରିବାର କଥା କେମିତି ଏମାନେ ଜାଣିଥିବେ କେଜାଣି ? ଜଙ୍ଗଲରେ କାନ କଣା କରିବାର ଆବଶ୍ୟକତା ବା କ'ଣ ଥିବ ? ଏମାନେ ଏହା କ'ଣ ନିକୋବରୀଙ୍କ ଠାରୁ ଶିଖିଥିବେ ? କିନ୍ତୁ ନିକୋବରୀମାନେ ତ କାହିଁ କାନରେ ବଡ କଣା କରି କିଛି କାଠର ଛୋଟ ଖଣ୍ଡ ପିନ୍ଧିଥିଲା ଭଳି ସେ ତ ଦେଖିନାହାନ୍ତି । ତେବେ ଏମାନେ କାଠକୁ ଗହଣା କରି କ'ଣ ପାଇଁ ପିନ୍ଧୁଛନ୍ତି ? ଧିରେ ସେ ମହିଳାମାନେ ଏକ ଧାଡିରେ ଠିଆହୋଇ ଏମାନଙ୍କୁ ଦେଖିବାକୁ ଲାଗିଲେ । ଯେମିତି ତିନିଜଣ ହାଇସ୍କୁଲ ଛାତ୍ରୀ ରୋଲକଲ ପାଇଁ ଏକ ଲାଇନରେ ଠିଆ ହୋଇଯାଇଛନ୍ତି ସେମିତି ଲାଗୁଥିଲା ।

ଅସୀମ ଏମାନଙ୍କୁ ଦେଖି ସାମାନ୍ୟ ହସିଲେ । ସେ ମହିଳାମାନେ ମଧ୍ୟ ହସିଲେ ଆଉ ପୁରୁଷ ଲୋକଟି ସେମାନଙ୍କ ସହ ଯୋଗଦେଲା । ଅସୀମଙ୍କୁ ଲାଗେ ହସ ସମସ୍ତେ ବୁଝିପାରନ୍ତି । ଏକ ଖୁସିର ମାଧ୍ୟମ ଠିକ ଭାବରେ ବିନିଯୋଗ କଲେ ବନ୍ଧୁତ୍ୱ ସୃଷ୍ଟି ହୁଏ । ମଣିଷର ଭାବ ବିନିମୟ ତ ଠାର, ଦେହର ଭାବରେ ବି ହୋଇପାରେ । ମୁଖର ସବୁଠାରୁ ଶ୍ରେଷ୍ଠ ଭାବ ହେଉଛି ହସଟିଏ । ମହିଳାଟି ସୁନ୍ଦର ଭାବେ ହସୁଥିଲା । ତା' ଚମ ମସୃଣ ଲାଗୁଥିଲା । ଆଖିରେ ଥିଲା ଔଜଲ୍ୟ, ଓଠ ପୂର୍ଣ୍ଣ ଥିଲା ଆଉ ଦାନ୍ତ ଅନ୍ୟମାନଙ୍କ ଭଳି ଏତେ କଳା ହୋଇନଥିଲା । ଅପେକ୍ଷାକୃତ କମ ବୟସର ହେବ । ନାକ ନିକୋବରୀଙ୍କ ପରି ଏତେ ଚେପଟା ଲାଗୁନଥିଲା ଆଉ ଓଠ ମଧ୍ୟ ଏତେ ମୋଟା ନୁହେଁ । ସେ ସାମାନ୍ୟ ଲାଜରେ ଯେମିତି ନିଜର ମୁହଁକୁ ପୋଛିନେଲା । ହସ ଆଉ ଲାଜ, ସତରେ କ'ଣ ସବୁ ସମାଜରେ ଅଛି କି ? ମନର ଭାବକୁ ମୁହଁ ପ୍ରକାଶ କରିଦିଏ ।

ISSN NO.
2582-208X

ଟିକଏ ବୟସ ଅଧିକ ଲାଗୁଥିବା ମହିଳାଟି ନିଜ କୁଡିଆ ପାଖରେ ଯାଇ ଠିଆ ହୋଇଗଲା । ଭିତରେ ବୋଧେ ତା'ର ସ୍ୱାମୀ ବସିଥିଲା । ପୁରୁଷ ଲୋକଟି ନିଜ ଗୋଡ ତଳକୁ କରି ଝୁଲାଇ ଦେଇଥିଲା । କୁଡିଆଟି ଦୁଇପଟେ ଗୁରି ଗୁରି ଖୁଣ୍ଟି କରି ମୋଟ ଆଠଟା ମୋଟା ଖୁଣ୍ଟି ଉପରେ ଠିଆ ହୋଇଥିଲା । ପଛରେ ଏକ ଖୁଣ୍ଟି ଥିଲା । ମଞ୍ଚକୁ ମଝିରେ ଭାର ଦେବା ପାଇଁ କିଛି ଖୁଣ୍ଟି ନଥିଲା । ଏକ ଲମ୍ବା କାଠ ପ୍ଲାଟଫର୍ମକୁ ଚଢିବା ପାଇଁ ରଖାଯାଇଥିଲା । ସେଥିରେ କାହିଁ ଖୋପ ହୋଇନଥିଲା । କୁଟୀରର ଆଗରେ କିଛି ଅଂଶରେ ପତ୍ର ଛାଉଣି ହୋଇଥିଲା ଆଉ ଭିତରକୁ ଯିବା ପାଇଁ ଏକ ଖୋଲା ଦୁଆର ଭଳି କାଠ ବାନ୍ଧି ଚଉକାଠ କରାଯାଇଥିଲା । ସ୍ତ୍ରୀ ଲୋକଟି ଟିକଏ ହସି ବସିଥିବା ପୁରୁଷ ପାଖକୁ ବୁଲିପଡିଲା । ମଞ୍ଚାର ଉଚ୍ଚତା ସ୍ତ୍ରୀ ଲୋକଟିର ଛାତି ଯାଏ ହେବ । ପୁରୁଷ ଲୋକଟି ଟିକଏ ହସିଲା । ସେମାନଙ୍କର ଜଙ୍ଗଲ ଭିତରେ ଏକ ହସଖୁସିର ପରିବାର । ସ୍ତ୍ରୀ ଲୋକଟିର ସୁଗଠିତ ଶରୀର, କିନ୍ତୁ ଗୋଡରେ କିଛି କାଛୁ ଥିବା ଜଣାଯାଉଥିଲା । ହାତରେ କଳା କଳା ହୋଇ କ'ଣ ଲାଗିଥିଲା ।

ଅସୀମ ନିଜ ଭିତରର ଚିତ୍ରକୁ ଟିକଏ ଆଡେଇଲେ । ଜଙ୍ଗଲୀ ମଣିଷର ପରିବାରର ଚିତ୍ରରେ ଜଙ୍ଗଲୀ ପୁରୁଷର ପାଖରେ ଏକ ମହିଳା ଅଛି । କେତେଟା ଛୁଆ ମଧ୍ୟ ଠିଆ ହୋଇଛନ୍ତି । ନାରୀ ପୁରୁଷ ଭିତର ଶାରିରୀକ ପ୍ରଭେଦ ଦିଶୁଛି, ମଣିଷ ମଣିଷ ଭିତରେ ବୟସର ପ୍ରଭେଦ ଦିଶୁଛି । ତେଣୁ ଏକ ପରିବାର ଅର୍ଥ କେତେଜଣ ମଣିଷର ସମାହାର ଯାହାଙ୍କ ଭିତରେ ବୟସର ପ୍ରଭେଦ ଥିବ ଆଉ ଶରୀରର ପ୍ରଭେଦ ଥିବ ଏବଂ ସେମାନେ ଏକ ଯାଗାରେ ଏକାଠି ହୋଇ ଠିଆହୋଇଯାଇଥିବେ । ରାତିରେ ଏକ ଯାଗାରେ ଶୋଉଥିବେ। ଏତିକି ପରିବାରକୁ ବୁଝାଇବାକୁ ଯଥେଷ୍ଟ କି ନାହିଁ ସେ ଭାବିଲେନି । ଏକ ଉତ୍ତର ପାଇଁ ବହୁ ଉଦାହରଣର ଆବଶ୍ୟକତା ଅଛି । ଯାହାହେଉ ଏବେର ଚିତ୍ର ହିସାବରେ ତୁଳନା କଲେ ଶୋମ୍ପେନମାନେ ଜଙ୍ଗଲୀ ମଣିଷ ଲାଗୁଛନ୍ତି । ଚିତ୍ର କିଛି ମିଶିଯାଉଛି । ତାଙ୍କ ମୁହଁ ଟିକେ ଉଜ୍ଜ୍ୱଳ ହୋଇଉଠିଲା । ସେ ଆହୁରି ସବୁ ତୁଳନା କରିଚାଲିଲେ ।

ତଳେ ମାଟିରେ ରୋଷେଇର ପ୍ରବନ୍ଧ ଥିଲା । କିଛି ଏଣୁ ତେଣୁ ବାସନ ପଡିଥିଲା । କିଛି ଜଳା କାଠ ପାଉଁଶ ପାଖରେ ଥିଲା । କିଛି ବଡ ବେତ ଡାଲା ଏକ କାଠରେ ପାଖରେ ଝୁଲୁଥିଲା । ବୋଧହୁଏ ଗୋଟାଏ ଯାଗାରୁ ଆଉ ଏକ ଜାଗା ଯିବା ପାଇଁ ଏମାନେ ଭାରୀକାରି ଜିନିଷ ବୋହି ନଥିବେ ।

ISSN NO.
2582-208X

ଏ ଭିତରେ ପୁରୁଷ ଲୋକଟି ତଳେ ଆସି ବସିପଡିଲା ଆଉ ଛୁଆଟି ମହିଳାର କୋଳରୁ ପୁରୁଷ ଲୋକର କୋଳକୁ ଗଲିଗଲା । ଲୋକଟିର ହାତ ବେଶ ଟାଣ ଜଣା ପଡୁଥିଲା ଆଉ ହାତରେ ଶିରା ସବୁ ଫୁଟି ଉଠିଥିଲା । ତା' ହାତର ଆଙ୍ଗୁଠି ଗଣ୍ଠିଗଣ୍ଠିଆ ଆଉ ଟିକଏ ଟିକଏ ତେଢା ଥିଲା । ବୋଧହୁଏ ଶିକାର କରିକରି ଆଙ୍ଗୁଠି ଟିକଏ ବଙ୍କିଯାଇଥିବ । ଏ ଭିତରେ ଆଉ ଏକ ଛୁଆ ମାଉର ସ୍ତନ ଟାଣିବାକୁ ଲାଗିଲା । ଏ ଛୁଆଟି ଗଲୁଥିଲା, ବୟସ ପଖାପାଖେ ଦେଢ ବର୍ଷ ବା ଉର୍ଦ୍ଧ୍ୱ ହୋଇପାରେ । ମହିଳାଟି ଟିକଏ ନଇଁ ପଡିଲା ଆଉ ଛୁଆଟିର ମୁହଁଯାଏ ତା' ସ୍ତନ ଝୁଲିଆସିଲା । ଛୁଆଟି ମାଉର ସ୍ତନକୁ ଧରି ଦୁଧ ଶୋଷିବାରେ ଲାଗିଗଲା । ତା'ର ନିରୀହ ଆଖି ଦୁଇଆ ଉପରେ ଘୁରିବୁଲୁଥିଲା । ମା' ତା' ବାଳ ସାଉଁଳେଇ ଦେଉଥିଲା। ମା' ଆଉ ଛୁଆର ସ୍ନେହ ସବୁଠି ଏକା, ଟିକଏ ବି ଅଲଗା ନୁହେଁ । ଛୁଆଟି ବେଶ କିଛି ସମୟ ଠିଆହୋଇ ମାଉର ଦୁଧ ପିଇବାକୁ ଲାଗିଲା ଆଉ ମା' ସେମିତି ଅଣ୍ଟାରୁ ତଳକୁ ବଙ୍କି ଯାଇଥିଲା । ତା' ହାତ ମଞ୍ଚା ଉପରକୁ ଯାଇଥିବା ବାଡି ଉପରେ ଭରା ଦେଇଥିଲା ।

ଅନ୍ୟ ପୁରୁଷଟି ନିଜ ହାତରେ ଏକ ବର୍ଚ୍ଛା ଧରି ଠିଆହେଲା । ବେଶ ଲମ୍ବା ବର୍ଚ୍ଛା । ସାତ ଆଠ ଫୁଟ ବା କିଛି ବେଶି ହୋଇପାରେ । ବୋଧହୁଏ ଲମ୍ବା ବେତ ବା ବାଉଁଶର, ବା କାଠର ହୋଇପାରେ । ବେଶି ବାଉଁଶ ଭଳିଆ ଲାଗୁଥିଲା । ବେତ ଏତେ ସିଧା ହୋଇପାରିବନି । ବର୍ଚ୍ଛାର ଅଗରେ ଲମ୍ବା ଲୁହା ଫାଳକିଆ ପାତ ଲାଗିଥିଲା ଯାହା ହ୍ୟାଣ୍ଡେଲରେ ବେତ ରଶି ଦ୍ୱାରା ଜୋରରେ ବନ୍ଧା ହୋଇଥିଲା । ନାଲି କୁକୁର ଶୋମ୍ପେନ ଲୋକଟି ଠିଆ ହୋଇଥିବା ଦେଖି ପାଖକୁ ଲାଗିଆସିଲା । ଶୋମ୍ପେନ ଶିକାରକୁ ଯିବାବେଳେ ସାଙ୍ଗରେ କୁକୁର ନେଇଯାଏ । ସବୁ କୁକୁରଙ୍କୁ ଶିକାର କରିବାକୁ ଭଲ ଲାଗେ । ତା' ସ୍ତ୍ରୀ ନିଜ କୁଡିଆ ତଳେ ବସିଥିଲା । ଆଉ ଏକ କୁକୁର ଆସି ତା'କୁ ଗେଲ ହେଲା । ସ୍ତ୍ରୀ ଲୋକଟି ତା'କୁ ଆଉଁଷି ଦେଲା ଆଉ କୁକୁରଟି ମାଟିରେ ପେଟେଇ ଗୋଡ ହଲାଇବାକୁ ଲାଗିଗଲା । ଅସୀମ ଲୋକଟିର ଏମିତି ଠିଆହେବା ଭଙ୍ଗୀରେ ନିଜ ଭିତରେ ବିଶ୍ୱାସକୁ ଦୃଢ ହେବା ଦେଖୁଥିଲେ । ଜଙ୍ଗଲୀ ମଣିଷ ବର୍ଚ୍ଛା ଧରି ଦୌଡେ । ଶୋମ୍ପେନ ଲୋକଟା ଶିକାର ଦେଖିଲେ ଦୌଡିବ ।

ଶୋମ୍ପେନମାନଙ୍କ ଘର ପଛରେ କିଛି ସୋଲର ଏକ ଫ୍ଲୋଟର ମଧ୍ୟ ଥିଲା । ସୋଲର ଫ୍ଲୋଟର ବ୍ୟବହାର କରି ମଣିଷ ବେଶ କିଛି ସମୟ ସମୁଦ୍ରରେ ଭାସିପାରେ । ପହଁରି ବେଶି

ISSN NO.
2582-208X

ସମୟ ସମୁଦ୍ର ପାଣିରେ ରହିହେବ ନାହିଁ । ଫ୍ଲୋଟର ସାହାର୍ଯ୍ୟରେ ଯେତେ ସମୟ ହୋଇପାରେ ସେତେ ସମୟ ପାଣିରେ ଭାସି ହେବ । ବୋଧହୁଏ ଶୋମ୍ପେନମାନେ ମାଛ ମାରିବାର ଅତି ପାରଙ୍ଗମ ଥିବେ । ସ୍ୱାଭାବିକ । ସମୁଦ୍ରକୂଳରେ ରହିଲେ ମାଛ ମାରିବାର ଅନେକ କୌଶଳ ଶିଖିହୋଇଯିବ । ତାଛଡା ସେମାନଙ୍କର ନକୋବରୀ ହଟକୁ ମଧ୍ୟ ଯାତାୟାତ ଅଛି । ନକୋବରୀମାନେ ସମୁଦ୍ରରେ ପହଁରି ମାଛ ଧରିବାରେ ଅତି କୁଶଳୀ । ତେଣୁ ଶୋମ୍ପେନମାନେ ମଧ୍ୟ ଫ୍ଲୋଟର ବ୍ୟବହାର ସେମାନଙ୍କଠାରୁ ଶିଖିଯାଇଥିବେ । ଅନ୍ୟ ଶୋମ୍ପେନ ପାଖରେ କାଠ ତିଆରି ଏକ ବର୍ଛା ଥିଲା । ଆଗରେ ଲମ୍ବା ମୁନଆ ଆଉ ସାମାନ୍ୟ ବଙ୍କ କଣ୍ଟା କେତେଟା ଲାଗିଥିଲା । ଏଇଟା ଫାଳଆ ତେଣ୍ଟା ନୁହେଁ । ଶେଷ ଆଡକୁ ଗୋଲ ହୋଇ ପାଞ୍ଚଛଅଟା ଲମ୍ବା କଣ୍ଟା, ଶେଷ ଆଡକୁ ମାଛ କଣ୍ଟା ଭଳି ଗୋଜିଆ ଆଉ ଟିକେ ମୋଟା ହୋଇଯାଇଛି । ଏମିତିଆ ବଙ୍କା କଣ୍ଟ ଥିବା ହେତୁ ଏହା ଶିକାରକୁ ଫୁଟାଇ ଦେଇପାରେ । ମାଛ ଧରିବା ପାଇଁ ଏଇ ପ୍ରକାର ତେଣ୍ଟା ବେଶ ଭଲ ତେଣ୍ଟା ବା ହାର୍ପୁନ । ପାଣିରେ ମାଛ ଜୋରରେ ପହଁରେ । ତେଣୁ ମାଛର କେଉଁ ଅଂଶରେ ଲମ୍ବା କଣ୍ଟାଟିଏ ଫୁଟିଗଲେ ଯଥେଷ୍ଟ । ଫାଳକଆ ତେଣ୍ଟା ଜଙ୍ଗଲୀ ଜୀବ ଯଥା ଶୂକର ଶିକାରରେ ବ୍ୟବହୃତ ହେଉଥିବ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଦୁର୍ଗତି ନାଶିନୀ



ଡ. ପ୍ରସନ୍ନ କୁମାର ବଳ

ଦୁର୍ଗତି ନାଶିନୀ ସେ ସିଂହବାହିନୀ ଅଭୟଦାୟିନୀ ମାଆ,

ବିଦ୍ୟାପ୍ରଦାୟିନୀ, ମହିଷାମର୍ଦ୍ଦିନୀ ସେହି କାତ୍ୟାୟିନୀ ମାଆ ।୧।

ଭିନ୍ନ ଭିନ୍ନ ସ୍ଥାନେ ଭିନ୍ନ ଭିନ୍ନ ରୂପେ ପୂଜା ତ ପାଆନ୍ତି ସିଏ,

ନାରୀ ଶକ୍ତି ପୁଣି କେତେ ଯେ ମହାନ ଉଦାହରଣ ତ ଦିଏ ।୨।

କେନ୍ଦୁଝରର ସେ ସଙ୍କଟ ତାରିଣୀ, କଟକର ମାଆ ଚଣ୍ଡୀ,

କନକପୁରର ତ୍ରିପୁର ମୋହିନୀ, ଅବା ମା' ଶିଖର ଚଣ୍ଡୀ।୩।

ଗଞ୍ଜାମ ଜିଲ୍ଲାର ମା' ତାରତାରିଣୀ ପୀଠ ତ ସତେ ଅନନ୍ୟ,

ତା'ଙ୍କ ଦରଶନ କରି ଏ ଜୀବନ ଭକ୍ତ କରିଥାଏ ଧନ୍ୟ ।୪।

ଝଙ୍କଡବାସିନୀ ମାଆ ସାରଳା ତ ଅଟଇ ପ୍ରତ୍ୟକ୍ଷ ଦେବୀ,

କେତେ ସାଧୁସନ୍ଥ, ଜ୍ଞାନୀ ଓ ବିଜ୍ଞାନୀଅଧିଆ ପଡନ୍ତି ସେଠି ।୫।

ମାଆ ଆର୍ବିଭାବେ ଏ ଧରାଧାମରେ ମନ ମଧ୍ୟେ ଭରେ ଧର୍ମ,

କାଶତଣ୍ଡି ଫୁଲ ଦୃଶ୍ୟ ପୁଣି ସତେ ବରଫର କରେ ଭ୍ରମ ।୬।

ISSN NO.
2582-208X

ଯୁଗେ ଯୁଗେ ମାଆ ଆବିର୍ଭାବ ହୋଇ ଦିଅନ୍ତୁ ତ ଏହି ବାର୍ତ୍ତା,

ଅନ୍ୟାୟ ଉପରେ ନ୍ୟାୟର ବିଜୟ ହୋଇଥାଏ ତ ସର୍ବଦା ।୭ ।

ମାଆଙ୍କ ପୀଠରେ ପୂଜା ଅରଚନା ପୂଣ୍ୟ କରେ ପରିବେଶ,

ଏ ଧରାଧାମରୁ ପାପ ଧୋଇଯାଇ ଧର୍ମର ହୁଏ ପ୍ରବେଶ ।୮ ।

ଭଲ କାମ ଯେତେ କରିଗଲେ ମଧ୍ଧ ହୁଏ ନାହିଁ ତାର ଅନ୍ତ,

ଅନ୍ୟାୟ କାମର ଥାଏ ହିଁ ତ ସୀମା, ଶିକ୍ଷାଅନ୍ତୁ ସବୁ ସନ୍ଥ ।୯ ।

ଅନ୍ୟାୟ ଯେ କରେ ଯେତେ ଶକ୍ତଶାଳୀ ହୋଇଥାଉ ପଛେ ସିଏ,

ହୁଏ ତାର ଅନ୍ତ, ଏହା ହିଁ ନଶ୍ଚିନ୍ତ, ମା'ଙ୍କ ପୂଜା ଏ ଶିଖାଏ ।୧୦ ।

ତେଣୁ ଆମେ ସବୁ ସତ ପଥେ ରହି କରିବା ନଜର କର୍ମ,

ଅନ୍ୟାୟକୁ ଆମେ ହତାଦର କରି ଅରଜିବା ବହୁ ପୂଣ୍ୟ ।୧୧ ।

ମାଆ ଦୂର୍ଗାଙ୍କର ଆଶିଷ ଲଭିକ କରିବା ଜୀବନ ଧନ୍ୟ,

ଯୁଗେ ଯୁଗେ ମାଆ ଆବିର୍ଭାବ ହୁଅ ସୃଷ୍ଟିରେ ଖେଳବ ପୂଣ୍ୟ ।୧୨ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# କରୁ ନାହିଁ ପ୍ରଶ୍ନ ଆଜି



ଭସ୍କର ଚନ୍ଦ୍ର ଖଣ୍ଡା

ଯାଇଛି ସତେ ଇଛା ଗୁଡିକ ଗୁଛ ହୋଇ
କେଉଁ ଏକ ଅଜଣା ଅଶୁଣା ମାଳାରେ
ନା ଆଗକୁ ନା ପଛକୁ
ପାରୁନାହିଁ ହୋଇ ଟିକଏ ବି ହଲଚଲ
ହୋଇ ଯାଇଛି ବାନ୍ଧି
କେଉଁ ଏକ ବନ୍ଧନରେ
କରୁ ନାହିଁ ପ୍ରଶ୍ନ ଆଜି ।୧।

ରହି ଯାଇଛି ଦବି ହୋଇ
ଚୁହ୍ଲି ତଳ ଅଲିଭ୍ ଅଂଗାର ପରି
ଗୁମସୁମ ଆଜି ମନ
କରୁ ନାହିଁ ଆହଟ
ଦବି ହୋଇ ରହିଥିବା ଇଛା
କରୁ ନାହିଁ ପ୍ରଶ୍ନ ଆଜି ।୨।
କପରି ବା କରନ୍ତା
କାହାକୁ ବା କରନ୍ତା
କାହା ପାଖରେ ଅବା କହନ୍ତା ସିଏ
ଦେହ ସୁଆ ହୋଇ ଗଲ୍‌ଣି ସବୁ
ଅନ୍ୟାୟ ଅତ୍ୟାଗ୍ଚର ଆଉ ଭ୍ରଷ୍ଟାଗ୍ଚର
କରୁଛନ୍ତୁ ସଭିଏଁ ସାମ୍ରାଜ୍ୟ ବିସ୍ତାର
ନଧି ବୁଢା ବାଡ଼ି ପଟେ
ମଶା ମାଛି ମୂଷା ସବୁ

ISSN NO.
2582-208X

ଯାଇଛନ୍ତ ଏକଜୁଟ ହୋଇ
କରୁଛନ୍ତ ବିଗ୍ଭର
ଆନ୍ଦୋଳତ ହୃଦୟ
କରୁ ନାହିଁ ପ୍ରଶ୍ନ ଆଜି ।୩ ।

ସହିବ କେତେ କଷ୍ଟ ସେଇ
ବଧୂ ନରୁପମା
ଦରପୋଡା ବାଇଗଣ ଭଳ
କରେ୍ାସିନ ଆଉ ଦିଆସିଲିର ସଂଯୋଗରେ
ଦେହ ତା'ର ଆଉଟୁ ପାଉଟୁ
ପଣସଠି ବର୍ଷର ବୃଦ୍ଧାକୁ ବି
ଛାଡିଲେନ ସେମାନେ
ଅନ୍ଧକାର ଭିତରେ ଗଣଦୁଷ୍କର୍ମ
ଦେହ ସୁଆ ସାଜି
ଆନ୍ଦୋଳତ ମନ
କରୁ ନାହିଁ ପ୍ରଶ୍ନ ଆଜି ।୪ ।

ବାହାରି ଥାନ୍ତା ଏକ ନୂଆ ଚନ୍ଦ୍ରଯାନ
କରି ପାରୁଥାନ୍ତା ପରିକ୍ରମା
ମାନବ ସମାଜର ହୃଦୟ ଭିତରେ
ଉତ୍ତୋଳନ କରିଥାନ୍ତା ଚନ୍ଦ
କରି ହୁଅନ୍ତା ସଠିକ ଡିକୋଡ ତାକୁ
ହୋଇ ପାରୁଥାନ୍ତା କ ସଠିକ ନରୂପଣ
ପର୍ଯ୍ୟସ୍ତ ସୈନକ, ଗୁମସୁମ ମନ
ମାଡ ଖାଇ ଖାଇ
ତୁଠ ପଥର ପରି ନସ୍ତବ୍ଧ
ସବୁ ଦେହ ସୁଆ ସାଜି
କରୁ ନାହିଁ ପ୍ରଶ୍ନ ଆଜି ।୫ ।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡେନ୍ସ
କେଶୁର୍, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଧ୍ୱାନ୍ତାରି



ଇଂ. ସୁଶାନ୍ତ କିଶୋର ବଳ

*ନିତ୍ୟ ପୂରୁବେ ଉଦୟେ ଧ୍ୱାନ୍ତାରି*
*ସୂରୁଜ ନୁହେଂ ସେଅଟେ ଧ୍ୱାନ୍ତହାରୀ.*
*ବିଭାବରୀ ନଭେ ପୂର୍ବପୂର୍ବ ରାତ୍ରୀ*
*ଯେବେ ଛାଇଦେଇଥାଏ ଘନ ତିମୀର .*
*ସିଂଦୂର୍ ଫଟାଇ ଡିଂଣ୍ଡିମ ବଜାଇ*
*ନୀଶାନ୍ତେ ଆସେସେ ସୈନ୍ୟ ପଟୁଆରେ.*
*ତା ଅବତରଣେ ଦୂରେ ଅଂଧକାର*
*ଖେଳାଇ କୋମଳ ରଶ୍ମୀ ତାହାର .*

*ବସୁଧା ବକ୍ଷ୍ୟରୁ ଜଳଶୋଷି କରି*
*ଦିଏ ତାକୁ କାଦମ୍ବିନୀ କରି .*
*ପ୍ରାବୃଟରେ ନଭୁ ବରଷା ଢାଳଇ*
*ଦିଏ ଉର୍ବୀକୁ ଜଳାର୍ଣବ କରି .*
*ସେହି ଜଳପାଇ ଖେତରେ କୃଷକ*
*ହଳଲଂଗଳେ ଦିଏ ଗୃଷକରି .*
*ସୁଜଳା ସୁଫଳା ଶସ୍ୟଶ୍ୟାମଳେ*
*ଧରିତ୍ରୀରେ ଯାଏ ସବୁଜିମା ଭରି.*

ISSN NO.
2582-208X

*ଗୃଷୀଭାଇ ମୁଖେ ହରଷ ଖେଳଇ*
*ଦିଏ ମାଟିକୁ କାଦୁଅ ମଟାଳ କରି .*
*ଭାଦ୍ରବ ମାସରେ ବେଉଷଣ କରି*
*ବିଲ ଗୃରିଆଡେ ଧାନତଳ ଗ୍ରେଇ.*
*ସେ 'ଗଜା'କୁ କରେ ସମତଳ .*
*ପଉଷ ମାସରେ ଟୁଣୁଟୁଣୁ ଧାନ*
*ବାହୁଂଗାରେ ବାଂଧି କାଂଧରେ ପକାଇ*
*ଖଳା ବାଡିଆଡେ ଗଦା ମାରେ .*
*ସେହି ଧାନବିଡା ଶୁଖିଲା ପାଗରେ*
*ବାଡେଇ ଶସ୍ୟକୁ ଅମଳ କରେ .*
*ବରଷ ଯାକର ଶସ୍ୟ ସଂଭାର*
*ସେଥିରୁ ଗୁଜରା କରେ .*
*ବାକବଗୁ ଶସ୍ୟ ହାଟବଜାରେ ବିକ*
*ତା ତେଲ, ଲୁଣ ସଂସାର ଚ଼ଳେ .*

*ସୂରୁଜଦେବଂକ ଦାନ ମହୀୟାନ*
*ଅଚନ୍ତ୍ୟ ତାଂକର ଅବଦାନ .*
*ପୂର୍ବ ଦୁନଆକୁ ରଶ୍ମୀ ବିତରି*
*ରଖିଥାନ୍ତ ଉଜ୍ଜ୍ୱଶୀଳ କରି .*
*ଚ଼ଂଦ୍ର, ସୂରୁଜ, ଧରିତ୍ରୀ, ଆକାଶ*
*ଏକଇ ରଜ୍ଜୁରେ ଶକତେ ଜୋଡା .*
*ସଭିଂକର ଅଟେ ଅଲଗା ମହତ୍ୱ*
*ଭିନ୍ନଭିନ୍ନ ଥାଏ ତାଂକ ଉପାଦେୟତା .*
*ଜୀବନ ଉନ୍ମେଷେ ଧରିତ୍ରୀ,*
*ଚ଼ଂଦ୍ର ବାଣ୍ଟଇ ସୁକୋମଳ ଚ଼ାଂଦିନ .*
*ସୂରୁଜ କରଇ ରୌଦ୍ର ପ୍ରକାଶ,*
*ଆକାଶ ଦିଅଇ ରୂଚର ଅବତଂସ .*

ISSN NO.
2582-208X

*କୋଶ ଯୋଜନର ଦୂରେ ଥାଇକରି*
*କରିଥାଏ ଉର୍ବୀକୁ ଆଲୋକିତ .*
*ନା ଥକ୍କାବଟ , ନା ରୁକାବଟ*
*ନା ପଥଶ୍ରାନ୍ତ ନା ପାରିଶ୍ରମିକ .*
*ବଦାନ୍ୟେ ବାଣ୍ଟଇ ଧର୍ମରେ ଜୀବନ*
*ବିନା କାର୍ପଣ୍ୟେ ବିନା ହୀନମନେ.*

[କିଛି ଶବ୍ଦାର୍ଥ : ଧ୍ୱାନ୍ତାରି : ସୂର୍ଯ୍ୟ / ଧ୍ୱାନ୍ତହାରୀ : ଯିଏ ଅଂଧକାରକୁ ଦୂର କରିଥାଏ / ପ୍ରାବୃଟ : ବର୍ଷାଦିନ / ନଭୁ : ନଭରୁ , ଆକାଶରୁ / ରୁଚର ଅବତଂସ : ସୁଂଦର ଗହଣା / ହୀନମନେ : ନୀଚମନେ / ଗଜା : ନୂଆକରି ଅଂକୁରିତ ଧାନଗଛ]

କଟକ

ISSN NO.
2582-208X

# ଅନ୍ତରଙ୍ଗ ବନ୍ଧୁ



ଡକ୍ଟର ବିଜ୍ଞାନୀ ଦାସ

ସମସ୍ତେ ତାଙ୍କୁ ଅବିନାଶଙ୍କର ଅନ୍ତରଙ୍ଗ ବନ୍ଧୁ ଭାବେ ଜାଣିଥିଲେ । ତେଣୁ ପଚାରିଦେଲେ, "ଅବିନାଶ ବାବୁ କାହିଁକି ଦିଶୁନାହାନ୍ତି ?'

କଣ କହିବେ ହଠାତ୍ କିଛି ଭାବି ପାରିଲେନି ରତିକାନ୍ତ । ଅବିନାଶ ସହିତ ଯେ ଗତ ତିନିବର୍ଷ ହେଲାଣି ସଂପର୍କ ଖରାପ, ସେକଥା କାହାକୁ ସହଜରେ ବୁଝେଇ ହେବନି । କ୍ଷୀରନୀର ଭଳି ସବୁବେଳେ ଯୋଡି ହୋଇ କାମ କରୁଥିବା ଦୁଇଜଣ ବନ୍ଧୁ ଯେ ଏମିତି ବିପରୀତ ଦିଗରେ ଯିବେ, କିଏ ଅବା ସେ କଥା ବିଶ୍ୱାସ କରିବ ? ହେଲେ ସେମିତି ଘଟିଥିଲା । ଏମିତି ଭାବେ ଘଟିଥିଲା ଯେ, ତାର ସବିଶେଷ ବିବରଣୀ ନଦେଲେ ଆଉ ଜଣକୁ ସହଜରେ ବୁଝେଇ ହେବନି ।

ସେଇଟା ଥିଲା ଶନିବାର, ମେ ମାସ ୨୭ ତାରିଖ, ରତିକାନ୍ତ ବାବୁଙ୍କର ବଡ ପୁଅ ରାହୁଲର ବାହାଘର ଉତ୍ସବ । ସେ ଉତ୍ସବ ବାଲ୍ଟିମୋର ଏୟାରପୋର୍ଟ ପାଖ ସ୍ଥିତ ହିଲ୍ଟନ୍ ହୋଟେଲ୍ ରେ ଅନୁଷ୍ଠିତ ହେଉଥିଲା । କେତେକେତେ ଲୋକ ଆମେରିକାର ବିଭିନ୍ନ ରାଜ୍ୟରୁ ଏ ବାହାଘରରେ ଯୋଗ ଦେବାପାଇଁ ଆସିଛନ୍ତି । କେତେ ଜଣ ସଂପର୍କୀୟ ଅନ୍ୟାନ୍ୟ ଦେଶ ମାନଙ୍କରୁ ବି ଆସିଛନ୍ତି । ରତିକାନ୍ତ ବାବୁଙ୍କର ବଡ ପରିବାର । ବାପାଙ୍କର ସାତ ଭାଇ, ଦୁଇ ଭଉଣୀ, ସମସ୍ତେ ଜୀବିତ । ଆଉ ସେମାଙ୍କର ପିଲା, ଛୁଆ, ବନ୍ଧୁବାନ୍ଧବ, ଏମିତି ସବୁ ମିଶେଇଦେଲେ ନିଜ ପରିବାରର ୧୦୦ ଜଣ ଲୋକ ବାହାରିଯିବେ । ଏବେ ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ଦେଶରେ ବସବାସ କରୁଛନ୍ତି; କିଏ ଇଂଲାଣ୍ଡର, କିଏ ଫ୍ରାନ୍ସର,

ISSN NO.
2582-208X

କିଏ ମାଲୟେସିଆରେ ତ କିଏ ଅଷ୍ଟ୍ରେଲିଆରେ । ସେମାନଙ୍କ ମଧ୍ୟରୁ ଅନେକ ଆସିଛନ୍ତି । ଏବେ ଟିକେ କୋଭିଡ୍ ଡର କମିଛି । ତେଣୁ ଦେଶବିଦେଶ ଯିବାଆସିବା ଜାରି ରହିଛି । ପରିବାରର ୧୦-୧୨ ଜଣ ଭାରତରୁ ମଧ୍ୟ ଆସିଛନ୍ତି । ହେଲେ, ତାଙ୍କର ଏତେ ଭଲ ସାଙ୍ଗ ଅବିନାଶ, ଯିଏ ମାତ୍ର ୨୦ ମାଇଲ୍ ଦୂରରେ ରହେ, ଏ ବାହାଘରକୁ ଆସିନି । ଆସିବ କଣ, ତାକୁ ତ ନିମନ୍ତ୍ରଣ କରାଯାଇନଥିଲା । ତାକୁ ନିମନ୍ତ୍ରଣ କରାଯିବ କି ନା, ସେ ନେଇ ଘରେ କିଛିଦିନ ଗୋଟିଏ ପାଲା ଚାଲିଲା । ଶେଷରେ ନିଷ୍ପତ୍ତି ନିଆଗଲା, ନା, ଥାଉ । ସିଏ କେମିତି ପ୍ରତିକ୍ରିୟା ଦେଖେଇବେ କିଏ ଜାଣେ ?

ଭାବିଲେ ବେଳେବେଳେ ହସ ମାଡେ, ପୁଣି କୋହ ଆସେ । ଏତେ ଭଲ ସାଙ୍ଗ, ହେଲେ ସାମାନ୍ୟ ସରସ୍ୱତୀ ପୂଜାର ଘଟଣାକୁ ନେଇ, କଥା ଏତେ ଦୂର ଚାଲିଗଲା ଯେ, ଏବେ ସେମାନେ କେହି କାହାର ମୁହଁ ଦେଖିବାକୁ ବି ଚାହାନ୍ତିନି । ହୁଏତ ସେଭଳି ପରିସ୍ଥିତିକୁ ଅଟକାଯାଇ ପାରିଥାନ୍ତା । କିନ୍ତୁ ସେମିତି ହେଲାନି ।

ଇଏ ୨୦୨୦ ମସିହାର କଥା । ସେବର୍ଷ ସରସ୍ୱତୀ ପୂଜା ବୁଧବାର, ଜାନୁୟାରୀ ୨୯ ତାରିଖରେ ପଡିଥାଏ । କିନ୍ତୁ ଓଡିଆ ଅନୁଷ୍ଠାନ ଫେବୃୟାରୀ ୧ ତାରିଖ, ଶନିବାର ଦିନ ପାଳନ କରିବାର ସିଦ୍ଧାନ୍ତ ନେଇଥିଲା । ଦାମିନୀ ଅପା ସରସ୍ୱତୀ ପୂଜା କମିଟିର ଦାୟିତ୍ୱ ନେଇଥାଆନ୍ତି । ପୂଜା ଯୋଜନା ଦାୟିତ୍ୱରେ ଥାଆନ୍ତି ରତିକାନ୍ତ ବାବୁ ଓ ଅବିନାଶ । ସାଂସ୍କୃତିକ କାର୍ଯ୍ୟକ୍ରମର ଦାୟିତ୍ୱରେ ଥାଆନ୍ତି ରତିକାନ୍ତ ବାବୁଙ୍କ ପତ୍ନୀ ରାନୁ ଓ ଅବିନାଶଙ୍କ ପତ୍ନୀ ଭାନୁ । ଦାମିନୀ ଅପାଙ୍କର କଡା ନିର୍ଦ୍ଦେଶ ଥାଏ, "ଏଇଟା ଓଡିଆ ଉତ୍ସବ । ତେଣୁ ସବୁକିଛିରେ ଆମ ଓଡିଶା ଓ ଓଡିଆ ଯେମିତି ପ୍ରଦର୍ଶିତ ହେବ, ସେଇ ଖିଆଲ ରଖିବ । ସିଏ ସାଜସଜା ହେଉ କି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ।'

ସେତେବେଳେ କୋଭିଡ୍ ଚାଇନାରେ ହୋଇଛି ବୋଲି ଶୁଣାଯାଉଥାଏ । କିନ୍ତୁ ଆମେରିକାରେ ସେମିତି କିଛି କଟକଣା ନଥାଏ । ଅତଏବ, ମହା ଆଡମ୍ବରରେ ସରସ୍ୱତୀ ପୂଜା ହେବାର ଯୋଜନା ରହିଲା । ସବୁ କାମ ନଭେମ୍ବରରୁ ଆରମ୍ଭ ହୋଇଗଲା । ଭାନୁ ଓ ରାନୁ ମିଶି, ସବୁ ଓଡିଆ ମାନଙ୍କର ସେଲ୍ ଫୋନ୍ ନମ୍ବର ସଂଗ୍ରହକଲେ । ସେସବୁକୁ ଗୋଟିଏ ହ୍ୱାଟ୍ସ୍ଆପ୍ ଗ୍ରୁପ୍ କରି ରଖିଲେ । ସେଇଥିରେ ସମସ୍ତଙ୍କୁ ଯୋଗାଯୋଗ କଲେ । ରାନୁ ଭଲ ଲେଖାଲେଖି କରେ । ତେଣୁ ସିଏ ସେଥିରେ ସମସ୍ତଙ୍କୁ ସରସ୍ୱତୀ ପୂଜା ପାଇଁ ଖୋଲା ହାତରେ ଚାନ୍ଦା ଦେବାପାଇଁ ଅନୁରୋଧ କଲା । କିଛି ବ୍ୟକ୍ତିଙ୍କୁ ଫୋନ୍ କରି ବି ଅନୁରୋଧ

ISSN NO.
2582-208X

କଲା । ସମସ୍ତେ ମୁକ୍ତ ହସ୍ତରେ ଦାନ କରିବାକୁ ରାଜିହେଲେ । ସବୁକିଛି ଠିକ୍ ଠାକ୍ ଚାଲିଥିଲା । ହେଲେ ଜାନୁୟାରୀ ୧୫ ତାରିଖ ବେଳକୁ, ଦେଖିବା ବେଳକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧିକାଂଶ ପିଲା ଓ ବଡ ହିନ୍ଦୀ ଭାଷାରେ ଗାଇବାକୁ ଓ ନାଚ କରିବାକୁ ଲେଖିଛନ୍ତି । ରାନୁ କହିଲା, "ଭାନୁ, ସେ ପିଲାମାନଙ୍କର ପିତାମାତାଙ୍କୁ ଜଣେଇଦିଅ, ସେମାନେ ଓଡିଆରେ କିଛି କରନ୍ତୁ; ନହେଲେ ଆମେ ହିନ୍ଦୀ ଭାଷାରେ କିଛି ନାଚ, ଗୀତ କାର୍ଯ୍ୟକ୍ରମ ରଖିବୁନି । ଆଉ ଯେଉଁ ବୟସ୍କମାନେ ବି ହିନ୍ଦୀ କି ଅନ୍ୟ ଭାଷାରେ କିଛି କରିବାକୁ କହୁଛନ୍ତି, ସେମାନଙ୍କୁ ମଧ୍ୟ ଜଣେଇଦିଅ ।'

ଭାନୁ ସେ ସମସ୍ତଙ୍କୁ ଫୋନ୍ ରେ ଡାକି ଜଣେଇଦେଲା ଓ ଅନୁରୋଧ କଲା ଯେ ସେମାନେ ଓଡିଆ ଭାଷାରେ ହିଁ ଯାହା କରିବାର କରନ୍ତୁ । ହିନ୍ଦୀ ଭାଷାରେ କି ଅନ୍ୟ ଭାଷାରେ ନୁହେଁ। କିନ୍ତୁ ସେ ପିତାମାତା ମାନେ ଓ ବୟସ୍କ ଓଡିଆମାନେ ମଙ୍ଗିଲେନାହିଁ । କହିଲେ, "ସରସ୍ୱତୀ ପୂଜା ତ ଆମ ଚାନ୍ଦାରେ ହେଉଛି; ଆମ ଡୋନେସନ୍ ରେ ହେଉଛି । ଆଉ ସେ ଦାମିନୀ ଅପା ଯାହା ଚାହିଁବେ, ସେମିତି କାହିଁକି ହେବ ? ଏଟା କଣ ତାଙ୍କର ବ୍ୟକ୍ତିଗତ ଉତ୍ସବ ଯେ ସିଏ ଯାହା ଚାହିଁବେ, ସେମିତି ହେବ ?' ସେମାନେ ଭାନୁକୁ ତ ଯାହା କହିଲେ କହିଲେ, ସବୁକଥା ସେ ହ୍ୱାଟ୍ସ୍ଆପ୍ ଗ୍ରୁପ୍ ରେ ଲେଖିଲେ । "ଆମେମାନେ ୫୦୦, ହଜାର ଡଲାର୍ ଚାନ୍ଦା ଦେଉଛୁ; ଆଉ ଆମ ପିଲା କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଯଦି ସେ ଉତ୍ସବରେ କରିବାକୁ ଚାହିଁଲେ, ଅନ୍ୟ ଲୋକ ଏତେ ପ୍ରଭୁତ୍ୱ ଦେଖେଇବାକୁ କିଏ ?' ଯାହାର ଯାହା ଇଚ୍ଛା, ତାହା କହିଗଲେ । ଚାରିପାଞ୍ଚ ଦିନ ମଧ୍ୟରେ ଏଇଟା ପୂରା ଓଡିଆ ଗାଁ ମାନଙ୍କରେ କଳିଝଗଡା ଭଳି ଲାଗିଲା । ଜଣଙ୍କର ପଦେ ହେଲେ, ଆଉ ଜଣଙ୍କର ଦୁଇପଦ । ଏମିତି, ପଦେ, ଦୁଇପଦ ହେଇ କଥା ଏତେଦୂର ବଢିଗଲା ଯେ, ସମ୍ଭାଳିହେଲାନି । ରାନୁ ଯଦି ସେଥିରେ ଓଡିଆ ଭାଷାକୁ ପ୍ରାଧାନ୍ୟ ଦେଇ ପଦେ ଲେଖିଲା ତ, ଦଶପଦ ଶୁଣିଲା । "ଭାରୀ ଆଇଲେ ଗୋଟେ ଓଡିଆ ପ୍ରୀତି ଦେଖେଇବାକୁ । ତାହେଲେ ଓଡିଶାରେ ନରହି ଏ ଦେଶକୁ ଆସୁଥିଲ କାହିଁକି ?' ସେଇସବୁ କଥାରୁ ରତିକାନ୍ତ ଓ ରାନୁର ବି ଘରେ ସବୁଦିନ ଝଗଡା ହେଲା ।

"ଯିଏ ଯୋଉ ଭାଷାରେ କରୁଛି କରୁ, ତମର ସେଥିରେ କଣ ଯାଉଛି ?'

"କିନ୍ତୁ ଦାମିନୀ ଅପା ତ ଏଇଟା ପ୍ରଥମରୁ ପରିଷ୍କାର କରିଦେଇଛନ୍ତି ନା, ଯାହା ବି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ, ଓଡିଆ ଭାଷାରେ ହେବ ।'

ISSN NO.
2582-208X

"ଏଇଟା କଣ ଦାମିନୀ ଅପାଙ୍କର ଘରୋଇ ଉତ୍ସବ ନା କଣ ? ସିଏ ଯାହା ଚାହିଁବେ, ତାହା ହେବ ? ଆରେ ଏଟା ଆମ ଓଡିଆ ସମାଜକୁ ନେଇ ହେଉଛି । ସମାଜ ଯାହା ଚାହିଁବ, ତାହା ହବ ।'

"ଘରୋଇ ଉତ୍ସବ ନହେଲେ ବି ଏଇଟାକୁ ଆମେ ଓଡିଆ ଅନୁଷ୍ଠାନର ସରସ୍ୱତୀ ପୂଜା କହୁଛନ୍ତି ନା ? ତାହେଲେ ଓଡିଆ ଭାଷା ନରହି ଓଡିଆ ଅନୁଷ୍ଠାନର ମାନେ କଣ ?'

"ଦେଖ, ତମକୁ ବୁଝେଇ ହବନି । ତମେ ଯାଅ, ସେ ଦାମିନୀ ଅପା ସହିତ ମିଶି ଏକାଏକା ସରସ୍ୱତୀ ପୂଜା କର ।'

ଅସଲ କଥା ହେଲା, ରତିକାନ୍ତ ଶାନ୍ତିପ୍ରିୟ ଲୋକ । ଯେଉଁଠି ବାତାବରଣ ଅନୁକୂଳ, ଯେଉଁଠି ସ୍ନେହ, ଆଦର, ବନ୍ଧୁତା, ସେଠି ସିଏ ଏମିତି ଏକମନ, ଏକପ୍ରାଣ ହୋଇ କାମ କରି ଦେଖାନ୍ତି ଯେ, ତାଙ୍କର ଅନୁରୂପ କେହି ଏମିତି କାମ କରିପାରିବେ ବୋଲି ମନେହୁଏନି। କିନ୍ତୁ ଟିକେ ଯୁକ୍ତିତର୍କ, ପ୍ରତିକୂଳ ପରିବେଶ ହେଲେ, ସିଏ ସେଠି ମିଶି ରହିବାକୁ ଚାହାଁନ୍ତିନି । ତାଙ୍କ ମତରେ, "ଏସବୁ ଆମେ ନିଜ ସଉକ ପାଇଁ କରୁଛନ୍ତି, ନିଜ ମନରେ ଖୁସି ଓ ଶାନ୍ତି ଆଣିବାକୁ କରୁଛନ୍ତି; ସେଥିରେ ଯଦି ଏମିତି ଅସନ୍ତୋଷ ରହିବ, ଏତେ ମନୋମାଳିନ୍ୟ ରହିବ, ତେବେ ସତରେ ଏତେ ଖଟିବାର ଅର୍ଥ କଣ ? ଇଏତ ଆଉ ଆମ ଦାନାପାଣି ନୁହେଁ କି ବୃତ୍ତି ନୁହେଁ ଯେ, ଆମେ ସେଥିପାଇଁ ଖାପଖୁଆଇ ଚଳିବାକୁ ବାଧ୍ୟ :"

କିନ୍ତୁ ରାନୁ ଅଲଗା ରକମର । ଯାହା ଦାୟିତ୍ୱ ନେଇଛି ମାନେ, ତାକୁ ଯେମିତି ହେଲେ ବି ତୁଲେଇବ । ଯାହାବି ପ୍ରତିବନ୍ଧକ ଆସୁନା କାହିଁକି, ଯିଏ ଯାହା କହୁନା କାହିଁକି, ସିଏ ସମସ୍ତଙ୍କ କଥା ଶୁଣିବ, ସବୁ ବାଧାକୁ ସାମନା କରିବ ଓ ନିଜର କଥା ରଖିବ । ସେଇଥି ପାଇଁ ରତିକାନ୍ତ ଓ ରାନୁର ସମୟ ସମୟରେ ଝଗଡା ହୁଏ, ମନୋମାଳିନ୍ୟ ହୁଏ । ଉଭୟ, ଉଭୟଙ୍କ ବିଚାରରେ ଠିକ୍ ରୁହନ୍ତି । କିଛିଦିନ ରାଗରୁଷା ଚାଲେ । ପୁଣି ପ୍ରେମ ସେସବୁକୁ ବିଲୁପ୍ତ କରିଦିଏ ଓ ସଂସାର ଆଗ ଭଳି ଗତି କରେ ।

ରାନୁ ଦାମିନୀ ଅପାଙ୍କ ସହିତ ଫୋନ୍ ରେ କଥା ହେଲା । ସିଏ କହିଲେ, "ତମେ ସେ ହ୍ୱାଟ୍ସ୍ଆପ୍ ଗ୍ରୁପ୍ ରେ କିଛି ଲେଖନି । କାରଣ, ଏ ଲେଖାଲେଖି ଦ୍ୱାରା କିଛି ନୂଆ ଓଡିଆ

ISSN NO.
2582-208X

ପରିବାର ଆମ ଓଡିଆ ସମାଜରେ ମିଶିବାକୁ ଇଚ୍ଛା କରିବେନି । ଆଉ ଅନ୍ୟମାନେ ତ ଚାହିଁ ବସିଛନ୍ତି, କିଛି ଗୋଟିଏ ଲେଖିକି ନିଜ ପ୍ରସିଦ୍ଧି ସାବ୍ୟସ୍ତ କରିବେ, ଅନ୍ୟକୁ ବେଜିତ୍ କରି

ସେମାନେ ଖୁସି ପାଆନ୍ତି । ଆମେ ଯେମିତି ଭାବିଛନ୍ତି, ସେମିତି ଆମ ଭାଷା ଓ ଆମ ସଂସ୍କୃତିକୁ ନେଇ କାମ କରିବା । ହ୍ୱାଟ୍ସ୍ଆପ୍ ଗ୍ରୁପ୍ ରେ ତମେ ତ ଦାୟିତ୍ୱରେ ଅଛନା, ଯେଉଁମାନେ ଏମିତି ଲେଖୁଛନ୍ତି, ପ୍ରଥମେ ସେମାନଙ୍କୁ ଫୋନ୍ କରି କଥା ହୋଇଯାଅ । ଯଦି ସେମାନେ ନ ବୁଝୁଛନ୍ତି, ତେବେ ଆଉ ଗୋଟିଏ ଆଲୋଚନା, ସମାଲୋଚନା ପାଇଁ ହ୍ୱାଟ୍ସ୍ଆପ୍ ଗ୍ରୁପ୍ଟିଏ କର ଓ ଏ ହ୍ୱାଟ୍ସ୍ଆପ୍ ଗ୍ରୁପ୍କୁ କେବଳ ସରସ୍ୱତୀ ପୂଜା ସମ୍ବନ୍ଧୀୟ ବାର୍ତ୍ତା ପଠାଇବା ପାଇଁ ବ୍ୟବହାର କର ।'

ରାନୁ ଯେତେବେଳେ ଏ ବିଷୟରେ ଭାନୁ ସହିତ ଆଲୋଚନା କଲା, ଭାନୁ ଏକମତ ହେଲାନି। ତାର କାରଣ ହେଲା, ହିନ୍ଦୀ ଗୀତରେ ଯେଉଁ କେତେଜଣ ନାଚିବାକୁ କହିଥିଲେ, ସେମାନେ ସବୁ ଭାନୁର ଅତି ଭଲ ସାଙ୍ଗ । ସେମାନେ ସମସ୍ତେ ଭୁବନେଶ୍ୱରରୁ ଏକା ସ୍କୁଲ୍ ରେ ପଢିଛନ୍ତି । ତାଙ୍କ ଭିତରେ ଜଣେ ଥିଲେ, ଯିଏ ଭାନୁର ଦୂର ସଂପର୍କୀୟ ଭାଇ ଓ ସିଏ ଜଣେ ମିରଟ୍ର ଝିଅକୁ ବାହା ହୋଇଥିଲେ । ଭାନୁ ଯୁକ୍ତି କଲା, "ହେଲେ ସେମାନେ ତ ଠିକ୍ କଥା କହୁଛନ୍ତି । ପ୍ରଥମେ ତ ସେମାନେ ହିଁ ମୋଟା ଅଙ୍କର ଚାନ୍ଦା ଦେଉଛନ୍ତି । ଆଉ ତାଙ୍କ ପିଲାମାନେ ସବୁ ପ୍ରତି ସପ୍ତାହରେ ସମୟ ଦେଇ, ଅର୍ଥ ଖର୍ଚ୍ଚ କରି ହିନ୍ଦୀ ଭାଷାରେ ଗୀତ, ନାଚ ଶିଖୁଛନ୍ତି । ଆମ ଓଡିଆ ଭାଷାରେ ତ ସେମିତି କିଛି ଶିଖେଇବାର ବ୍ୟବସ୍ଥା ନାହିଁ; ତେଣୁ ହଠାତ୍ ତାଙ୍କ ଉପରେ ଏମିତି ଭାଷାର ଚାପ ପକେଇଦେଲେ, ସେମାନେ କଣ କରିବେ ?'

ସେଇ ଗୋଟିଏ କାରଣରୁ ଏମିତି ଘଟଣା ଘଟିଲା ଯେ, ରାନୁ, ରତିକାନ୍ତ, ଦାମିନୀ ଅପା ଓ ଅନ୍ୟ କେତେଜଣ ଗୋଟିଏ ପଟେ ରହିଲେ ଓ ଭାନୁ, ଅବିନାଶ, ଏବଂ ଭାନୁର ସାଙ୍ଗ ମାନେ ଅନ୍ୟ ପଟେ ରହିଗଲେ । ସରସ୍ୱତୀ ପୂଜା ତ ହେଲା, ହେଲେ ସେଥିରେ କାହା ମନରେ ସରସତା ନଥିଲା । ଗୋଟିଏ ଆପୋଷ ବୁଝାମଣା ହେଲା ଯେ, ସବୁ ଓଡିଆ ଭାଷାର କାର୍ଯ୍ୟକ୍ରମ ପ୍ରଥମେ ହେବ ଓ ଅନ୍ୟାନ୍ୟ ଭାଷାର କାର୍ଯ୍ୟକ୍ରମ ତାପରେ ହେବ । ଦାମିନୀ ଅପା, ରାନୁ ଓ ଅନ୍ୟମାନେ ଯିଏ ସବୁ ଓଡିଆ ଭାଷାର କାର୍ଯ୍ୟକ୍ରମର ସପକ୍ଷରେ ଥିଲେ, ସେମାନେ ସେସବୁ ପ୍ରଥମେ କରେଇଦେଇ ନିଜର କର୍ତ୍ତବ୍ୟ ସଂପାଦନ କରି ନଖାଇ ଘରକୁ ଫେରିଗଲେ । ଯେଉଁମାନେ ଅନ୍ୟ ଭାଷାର କାର୍ଯ୍ୟକ୍ରମ ସପକ୍ଷରେ ଥିଲେ, ସେମାନେ

ISSN NO.
2582-208X

ଡେରିରେ ପହଞ୍ଚିଲେ ଓ କାର୍ଯ୍ୟକ୍ରମ ପରେ ଖାଇପିଇ ଆରାମରେ ଡେରିରେ ଫେରିଲେ । ଏତେଦିନର ସଂପର୍କ କ୍ଷଣକରେ ନଷ୍ଟଭ୍ରଷ୍ଟ ହୋଇଗଲା । ସ୍ତ୍ରୀ ଲୋକମାନଙ୍କର ଝଗଡାରେ ଦୁଇ ସାଙ୍ଗ ବି ଫସିଗଲେ । ସମସ୍ତଙ୍କର ଯୁକ୍ତି ସେମାନଙ୍କ ନିଜନିଜ ଦୃଷ୍ଟିକୋଣରୁ ଠିକ୍ ଥିଲା । କିନ୍ତୁ କେହି କାହା ସହିତ ସାଲିସ୍ କରିବାକୁ ନାରାଜ ।

ସବୁ ସଂପର୍କ ଏମିତି । କାଚ କଣ୍ଢେଇ ଭଳି । ଟିକେ ଆଘାତର ଚାପରେ ଭାଙ୍ଗିଯାଏ; ସେ ଭଙ୍ଗାକୁ ସହଜରେ ଜୋଡିହୁଏନି । ତେଣୁ ସବୁ ସଂପର୍କକୁ ସତର୍କତାର ସହିତ ସାଇତି ରଖିବା ଦରକାର । ପାନରୁ ସାମାନ୍ୟ ଚୁନ ଖସିଗଲେ, ଦୃଢ ସଂପର୍କ ବି ଟଳମଳ ହୋଇଯାଇପାରେ ।

ଉଭୟ ପରିବାରର ସଂପର୍କ ବିଗତ ପଚିଶି ବର୍ଷର । ଭାନୁର ପ୍ରଥମ ଝିଅର ନାମ କରଣ ହିଁ ରାନୁ କରିଛି । ସେତେବେଳକୁ ରାନୁର ଦୁଇଟି ପୁଅ ହୋଇସାରିଥିଲେ । ସିଏ ଯେତେବେଳେ ଜାଣିଲା ଭାନୁର ଝିଅ ହେବ ବୋଲି, ଅନେକ ଖୁସି ହୋଇ ଯାଇଥିଲା । କଥା ହେଲା, ଅବିନାଶ ଓ ଭାନୁ ଟିକେ ଡେରିରେ ପିଲାପିଲି କରିବାକୁ ଚାହିଁଥିଲେ । ତେଣୁ ସେମାନଙ୍କର ପ୍ରଥମ ଝିଅ ପ୍ରଜ୍ଞା, ରାନୁ ଓ ରତିକାନ୍ତଙ୍କର ପ୍ରଥମ ପୁଅ ଅପେକ୍ଷା ପାଞ୍ଚବର୍ଷ ସାନ । ହେଲେ ସେମାନଙ୍କର ପ୍ରଥମ ଝିଅ ହେବା ସମୟରେ ଉଭୟ ଅବିନାଶ ଓ ଭାନୁ ପନ୍ଦର ଦିନ କାଳ ରତିକାନ୍ତଙ୍କ ପାଖରେ ରହିଥିଲେ । ସେତେବେଳେ ଏତେ ସୁବିଧା ନଥିଲା। ଭାନୁର ଘରୁ କି ଅବିନାଶଙ୍କ ଘରୁ କେହି ଆସିପାରିନଥିଲେ । ଭାନୁର ପ୍ରଥମ ଝିଅ ସିଜରିଆନ୍ ହୋଇ ଜନ୍ମ ନେଇଥିଲା । ତେଣୁ ସାଙ୍ଗ ଭିତରେ ଅନ୍ତରଙ୍ଗ କହିଲେ, ରତିକାନ୍ତ ଓ ରାନୁ । ସେତେବେଳେ ସେମାନେ ଏମିତି ଚଳିଥିଲେ ଯେମିତି ରାନୁ ଓ ଭାନୁ ଦୁଇ ଭଉଣୀ କି ଦୁଇ ଯାଆ । ଝିଅ ପ୍ରଜ୍ଞାର ସବୁ କିଛି କରିଛି ରାନୁ । ହସ୍ପିଟାଲ୍ରୁ ଆସିବା ପରେ ତଥାପି ଭାନୁର ଯନ୍ତ୍ରଣା ପୂରାପୂରି ଉପଶମ ହୋଇନଥାଏ । ତେଣୁ ଛୋଟ ପିଲାଟିର ଦାୟିତ୍ୱ ରାନୁ ହିଁ ନେଇଗଲା । ସେତେବେଳକୁ ରାନୁ ବାହାରେ ଚାକିରି କରୁନଥିଲା । ଭଲ ଲାଗୁଥିଲା ଯେ ପରଦେଶରେ ସିଏ କାହାର ଏତେ ନିଜର ହୋଇପାରିଛି ।

ସମୟ ଗଡିଚାଲିଲା । ଉଭୟ ପରିବାରର ସଂପର୍କ ସବୁବେଳେ ପ୍ରଗାଢ ରହି ଆସିଥିଲା । ଧୀରେଧୀରେ ସହରରେ ଓଡିଆମାନଙ୍କ ସଂଖ୍ୟା ବଢୁଥିଲା । ଉଭୟ ସାଙ୍ଗ ମିଶି ନୂଆ ଓଡିଆମାନଙ୍କୁ ଥଇଥାନ କରାନ୍ତି । କିଛିଦିନ ଘରେ ରଖାନ୍ତି; ତାପରେ ଆପାର୍ଟମେଣ୍ଟ

ISSN NO.
2582-208X

ଦେଖାନ୍ତି; ଗାଡି ନଥିଲେ କିଣେଇ ଦିଅନ୍ତି । ଅବଶ୍ୟ ୨୦୦୫ ପରେ ସେସବୁରେ ଟିକେ ପରିବର୍ତ୍ତନ ଆସିଲା । ଲୋକଙ୍କ ପାଖରେ ସେଲ୍ ଫୋନ୍ ରହିଲା ଓ ଇଣ୍ଟରନେଟ୍ ଓ ୱେବ୍ ପେଜ୍‌ର ବ୍ୟବହାର ବଢିଲା ।

ସେଇଥିରୁ ସେମାନେ ନୂଆ ସହର ବିଷୟରେ ବହୁତ କିଛି ଜାଣିଯାଆନ୍ତି । ୨୦୧୦ ପରେ ଓଡିଆଙ୍କ ସଂଖ୍ୟା ବହୁତ ପରିମାଣରେ ବଢିଚାଲିଲା । ଉଭୟଙ୍କ ପରିବାରର ଦୂର ସଂପର୍କୀୟ କିଛି ବ୍ୟକ୍ତି ସହରକୁ ଆସିଲେ । ଉଭୟଙ୍କର କିଛି ପୁରୁଣା ସାଙ୍ଗ ମଧ୍ୟ ସହରକୁ ଆସିଗଲେ । ଉଭୟ ପରିବାର ଏସବୁ ଭିତରେ ବ୍ୟସ୍ତ ରହିଗଲେ ବି, ନିଜନିଜ ଭିତରେ ଥିବା ବନ୍ଧୁତା ପଣ ବଜାୟ ରଖିଥିଲେ । ଆଉ ଦେଖ, ୨୦୨୦ରେ ସାମାନ୍ୟ ଘଟଣାକୁ ନେଇ, ଏତେଦିନର ସଂପର୍କ ଭୁଷୁଡି ପଡିଲା ।

୨୦୨୦ ମାର୍ଚ୍ଚ ମାସରୁ କରୋନା ବ୍ୟାପିଲା । ଲୋକମାନେ ନିଜନିଜ ଘରେ ଆବଦ୍ଧ ହୋଇ ରହିଲେ । ରାନୁ ଶୁଣିଥିଲା, ଭାନୁର ମା' ଓଡିଶାରେ କରୋନାରେ ଚାଲିଗଲେ । ଭାନୁ ସେଥିପାଇଁ ଜୁମ୍‌ରେ ଗୋଟିଏ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରଖିଥିଲା । ହେଲେ ରାନୁକୁ କି ରତିକାନ୍ତଙ୍କୁ ଡାକିନଥିଲା । ଭାନୁର ମା'ଙ୍କୁ ରାନୁ ଓ ରତିକାନ୍ତ ଭଲରେ ଜାଣନ୍ତି । ସିଏ ଭାନୁର ମା' କି ରାନୁର ମା' ଅଧିକାଂଶ ଲୋକ ଜାଣିପାରନ୍ତିନି । ମାଉସୀ ୪-୫ ଥର ଆମେରିକା ଆସିଛନ୍ତି ଓ ସେ ସମୟରେ ଅଧାଦିନ ରାନୁ ଘରେ ରହିଯାନ୍ତି । ରାନୁ ଛୋଟ ଥିବା ସମୟରେ ନିଜର ମା'ଙ୍କୁ ହରାଇଥିଲା । ଭାନୁର ମା' ଏକଥା ଜାଣିଥିଲେ । ସେଇଥିପାଇଁ ସିଏ ରାନୁକୁ ନିଜ ଝିଅ ଭଳି ସ୍ନେହ ଦିଅନ୍ତି । ମାଉସୀଙ୍କର ଦେହାନ୍ତ ଖବର ପାଇ ରାନୁ ବି କାନ୍ଦିଥିଲା । କିନ୍ତୁ ଭାନୁ ଯେ ତାକୁ ଏକଥା ଜଣେଇଲାନି କି ଜୁମ୍ କାର୍ଯ୍ୟକ୍ରମରେ ଡାକିଲାନି, ସେ ଘଟଣା ତାକୁ ଅଧିକ ବାଧିଥିଲା ।

ତେଣୁ ରାନୁ ଓ ରତିକାନ୍ତଙ୍କର ବଡ ପୁଅ ରାହୁଲର ବାହାଘର ସମୟରେ ଯେତେବେଳେ ଭାନୁ ଓ ଅବିନାଶଙ୍କୁ ନିମନ୍ତ୍ରଣ କରାଯିବ କି ନାହିଁ ବିଷୟରେ କଥା ଉଠିଲା, ରାନୁ କହିଲା, "ନା, କେବେ ନୁହେଁ । ସେମାନେ ଗୋଟିଏ ଛୋଟ କଥାକୁ ନେଇ ଏତେ ଦୂର ଯାଇପାରିଲେ; ଗୋଟିଏ ଖୁସିର ସମୟରେ ସେମାନଙ୍କୁ ଡାକି ସେ ସବୁ ମୁହୂର୍ତ୍ତକୁ ମନେପକେଇବାକୁ ମୁଁ ଚାହେଁନି ।'

ISSN NO.
2582-208X

ଯେଉଁମାନେ ସମସ୍ତେ ରତିକାନ୍ତ ଓ ରାନୁଙ୍କୁ ଅବିନାଶ ଓ ଭାନୁଙ୍କ ବିଷୟରେ ପଚାରିଥିଲେ, ତିନ-ଚାରି ଘଣ୍ଟା ମଧ୍ୟରେ ସେମାନେ ଅନ୍ୟମାନଙ୍କ ଠାରୁ ସବୁ ଖବର ପାଇଯାଇଥିଲେ ।

ବାହାଘର ସରିଥିଲା । ରିସେପ୍ସନ୍ ବି ସରିଥିଲା । ବାହାଘର ପରଦିନର ଘଟଣା । ପୁଅ, ବୋହୂ ହୋଟେଲ୍‌ରୁ ଘରକୁ ଆସିବେ । ସକାଳୁସକାଳୁ ନିଜ ଘରକୁ ଫେରି ଯାଇଥିଲେ ରାନୁ ଓ ରତିକାନ୍ତ । ପୁଅ, ବୋହୂଙ୍କ ଆସିବା ନେଇ ସେମାନଙ୍କ ସ୍ୱାଗତ ପାଇଁ କିଛି ବିଧି ପାଳନର ସମସ୍ତ ବ୍ୟବସ୍ଥା କରିବାର ଥିଲା । ସେଦିନ ଘରକୁ କେବଳ ନିଜ ପରିବାର ଲୋକଙ୍କୁ ଓ ସଂପର୍କୀୟଙ୍କୁ ନିମନ୍ତ୍ରଣ କରିଥିଲେ ସେମାନେ । ସମସ୍ତେ ପ୍ରାୟ ବାରଟା ବେଳକୁ ପହଞ୍ଚି ସାରିଥିଲେ । ପୁଅ, ବୋହୂଙ୍କର ବାରଟା ତିରିଶିରେ ପହଞ୍ଚିବା କଥା । ସେମାନେ ଆସିବା ବେଳେ ସ୍ୱାଗତ କରିବା ପାଇଁ ବନ୍ଦାଣ ଥାଳି ସଜେଇ ରାନୁ ଆସୁଆସୁ ଦୁଆର ବନ୍ଧରେ ପ୍ରଜ୍ଞାକୁ ଦେଖି ଚମକିପଡିଲା । ପ୍ରଜ୍ଞା ରାହୁଲକୁ କହୁଥିଲା, "ଭାଉଜଙ୍କୁ କହିଛ ତ ରାହୁଲ ଭାଇ, ନଣନ୍ଦପୁଟୁଳି ନ ମିଳିଲେ, ମୁଁ ଏ ବନ୍ଧ ଛାଡୁନି କି ଭାଉଜଙ୍କୁ ଭିତରକୁ ଯିବାକୁ ଦେବିନି ।'

ଉଭୟ ଖୁସି ଆଉ ଲୁହରେ ରାନୁ ଓ ରତିକାନ୍ତଙ୍କ ଆଖି ଛଳଛଳ ହୋଇଆସିଲା । ଏଇ ଝିଅକୁ ସିଏ ଛୋଟବେଳୁ କହି ଆସିଥିଲେ, "ରାହୁଲ ଭାଇର ବାହାଘରରେ ନଣନ୍ଦପୁଟୁଳି ତୋର ଓ ରାକେଶ ଭାଇର ବାହାଘରରେ ନଣନ୍ଦପୁଟୁଳି ତୋ ସାନ ଭଉଣୀ ଦିବ୍ୟାର ।'

ସେଇକଥା ଆଜି ସିଏ ଭୁଲି ଯାଇଥିଲେ । କିନ୍ତୁ ପ୍ରଜ୍ଞା ମନେରଖିଛି । ସିଏ ସେକଥା ଭୁଲିନି। ସିଏ ତା' ଭାଇକୁ ଭୁଲିନି । ନିଜ ବାପା, ମା'ଙ୍କ ସହିତ ଏମାନଙ୍କର ମନୋମାଳିନ୍ୟ ସତ୍ତ୍ୱେ ବି ସିଏ ଆସିଛି ସ୍ନେହ ବାଣ୍ଟିବା ପାଇଁ, ସଂପର୍କ ରଖିବା ପାଇଁ । ଉଭୟ ରାନୁ ଓ ରତିକାନ୍ତ ପ୍ରଜ୍ଞାକୁ କୋଳେଇନେଲେ । ନୂଆବୋହୂଟି ଗୋଟିଏ ସୁନ୍ଦର ପର୍ସ ପ୍ରଜ୍ଞା ହାତରେ ଦେଇ କହିଲା, "ଖୋଲି ଦେଖ ନଣନ୍ଦ ରାଣୀ, ତା' ଭିତରେ ତମ ପାଇଁ କଣ ସବୁ ଅଛି।'

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ରାଜଧାନୀରେ ହଜିଗଲାଣି ବସନ୍ତ



ଶଶଧର ମହାପାତ୍ର

ବସନ୍ତ ଗଲାଣି ହଜି
'ମାଘମାସ'ଟାରେ ଚାଳିଶି ଡିଗିରୀ
ଝାଳରେ ଯାଆନ୍ତି ଭିଜି ।
'ମାଘମାସ' ଶୀତ ଉଭେଇ ଗଲାଣି
ଅସହ୍ୟ ହେଲାଣି ତାତି
ତ୍ରାହିତ୍ରାହି ଡାକ ଛାଡ଼ିଲେଣି ଲୋକେ
କି ଦିନ କି ରାତି ।
ସମୁଦ୍ରଆଡୁ ମଳୟ ବହେ
ଅପରାହ୍ନ ଚାରିଟାରେ
ଶୀତଳ ପବନ ବହେ ଧୀରେ ଧୀରେ
ରାତି କଟେ ଆନନ୍ଦରେ ।
ଅନେଶୋତ ମହାବାତ୍ୟାପରେ ସବୁ
ସବୁଜିମା ଉଜୁଡ଼ିଛି
ସେଥିପାଇଁ ଜ୍ଞାନୀଜନେ କହୁଛନ୍ତି
ପାଣିପାଗ ବିଗିଡ଼ିଛି ।
କୋଠାବାଡ଼ି ଆଉ କଂକ୍ରିଟ ରାସ୍ତା
ଏଥିପାଇଁ ଦାୟୀ କିଛି
ଆଶାତୀତ ବୃଦ୍ଧି ଯାନବାହନର
ନିଆଁରେ ଘିଅ ଢାଳିଛି ।

ISSN NO.
2582-208X

ଉତ୍ତାପ ଧାରଣ ଶକ୍ତି କମ୍ ଅଟେ
କଂକ୍ରିଟ୍ ଓ ସିମେଣ୍ଟର
ବିକିରଣ କରେ ଅଧିକ ମାତ୍ରାରେ
ତେଣୁ ବଢ଼େ ଉତ୍ତାପର ।
ରାସ୍ତାକୁ ଚଉଡ଼ା କରିବା ପାଇଁକି
ବୃକ୍ଷ କଲେ ଧରାଶାୟୀ
ଆଧୁନିକ ଆମ ଜୀବନଶଇଳୀ
ସମପରିମାଣେ ଦାୟୀ ।
ଏ.ସି ଆଉ ଫ୍ରିଜ୍ ବ୍ୟବହାର ପରା
ବଢ଼ିଛି ଦିନକୁ ଦିନ
'ଗ୍ରୀନ୍ ହାଉସ୍'ର ପ୍ରଭାବ ପଡ଼ିଛି
ସୁଧୀଜନେ ଏବେ ମାନ ।
'ଭୁବନେଶ୍ୱର'ଟି 'ହଟ୍‌ସ୍ପଟ୍' ଭାବେ
ହୋଇଅଛି ବିବେଚିତ
କେମିତି ଜୀବନ କାଟିବେ ଜନତା
ସେଥିପାଇଁ ଭୟଭୀତ ।

(ଗ୍ଲୋବାଲ୍ ୱାର୍ମିଂ ଯୋଗୁ ଜଳବାୟୁ ଉପରେ ଏହାର ବିଶେଷ ପ୍ରଭାବ ପଡୁଛି ।ସେଥିପାଇଁ ଏହାର ପରିବର୍ତ୍ତନ ବହୁତ ମାତ୍ରାରେ ଦେଖିବାକୁ ମିଳୁଛି ବୋଲି ବୈଜ୍ଞାନିକମାନଙ୍କ ମତ । ଭୁବନେଶ୍ୱରରେ ମାଘମାସରେ ସ୍ତଳଶି ଡିଗ୍ରୀ ଛୁଇଁବା ଖବର ଶୁଣିବା ପରେ ଏ ଲେଖା ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ମୁଁ ନଥିବି



ପୁଷ୍ପାଞ୍ଜଳି ପଣ୍ଡା

ସୂର୍ଯ୍ୟ ଚନ୍ଦ୍ର ତାର୍
ନଦୀ ନାଳ ଗଛ ବୃଛ
କଞ୍ଚିତ ବଦଳ ଥିଲେବି
ସେମିତି ସବୁଥିବେ
ମୁଁ ନଥିବି...!
ତୁମ ଆଖପାଖରେ ।
ଥରୁଟେ ଗୃହଁନ୍ତନ...!
ତମେ କଣ କଛି  ବ ଦେଖି କ ପାରୁନ
ଶୁନ୍ ଶାନ୍ ଘର ବାହାର
ଜାଣିଛ, କେହି କଛି ଦେଖିବେନ ...!
ମାଟି, ପାଣି, ପବନ, ସାହି, ପଡିଶା,
ନଜଲୋ୍କ, ପରଲୋ୍କ
କାହାକୁ ଫରକ ପଡିବନ
ଥରୁଟିଏ ଦୃଷ୍ଟି ପକାଇଦିଅ ।

ଖୁବ୍ କଷ୍ଟ ଦାୟକ ଏ ବେଦନା,
ଅସହଣୀ ସମୟର ଏ ଯନ୍ତ୍ରଣା
ଏକଲ୍ ପଣର ଏକକଥା
ଏକ ପର୍ାଜୟ ଏକ ଆହତ ଯୋଦ୍ଧାର

ISSN NO.
2582-208X

ଆଲୋକ ଆସିବା ଡେରିହୁଏ
ଅନ୍ଧାର ତ  ଛାଡ଼ି ନ ଏ ଯାଏ..!!

ସୂର୍ଯୋଦୟ କ ସୂର୍ଯାସ୍ତ
ଧୂଧୂ ଖରାବେଳେ, କ ସନ୍ଧ୍ୟା ବେଳ
ଅବା କଟିମିଟି ଅନ୍ଧାର ରାତି
ଘୁମନ୍ତ ଆଖିରେ ସ୍ୱପ୍ନ ଭର୍ତ୍ତି
ନରୋଳା ପ୍ରେମର ନଘଞ୍ଚ ଛାତି
ସବୁ ସେମିତି ମନ ଉଖାରୁଛି
କାହାକୁ ପାଶୋରି ଯାଏନ....!

ସୁଖ ଭୋଗୀ ମଣିଷ ମନ ଟେ
ଏମିତି ଗୋଟଉଥିବି,
ଛୋଟ ଛୋଟ ସୁଖ,
ତମେ ଆସ କ ନ ଆସ
ମୁଁ ଥାଏ କ ନଥାଏ
ଆୟୁଷ ଥାଉ ବା ନଥାଉ
ସମର୍ପଣ ରେ ସବୁ ମୁକ୍ତ
ତୁମକୁ ପ୍ରେମ କରିବା ର
ଅନୁରାଗ ର
ପ୍ରିତିପର୍ଣ୍ଣା ଭାବ ମୋର
କେବେ ଛାଡିବିନ
ତୁମେ ଥରେ ଦେଖନ୍ତ ନ..!!!

କେନ୍ଦ୍ରାପଡ଼ା

ISSN NO.
2582-208X

ବେଦାନ୍ତି

# ସୂର୍ଯ୍ୟ ରଙ୍ଗର ରଜା



ଡ. ଶକୁନ୍ତଳା ନାୟକ ଗୁପ୍ତା

ତୁମକୁ ଯେତେ କମ୍ ଜାଣିଥିଲି
ସେତିକି ମନ ଚହଟ ଚଞ୍ଚଳ ଥିଲା
ଚିହ୍ନା ପାଇଲି
ସେତିକି ଅଧିକା ସଙ୍କୁଚି ଗଲି
ଆପଣା ମୁହଁ, ଦର୍ପଣ ସରମିନା ହେଲା
ପାହାଡ଼ିଆ ଝରଣା ପରି ବହି ଚାଲିଥିବା ଦିନ
ଆତୁରା, ଧୂମ ସାର ହେଲା
ଚାରିଆଡ଼କୁ ଉଣ୍ଡାଉଣ୍ଡି
ଉଘାଡ଼ରେ, ଧାନ ଓଳିଆରେ, ସାହି ପଡ଼ିଶାରେ
ଡାଳେ ଡାଳେ ଖୋଜିବାକୁ ଲାଗିଲି
କିମାଚ ହଳଦି, ନୀଳ, ନାଲି ଗୋଲାପି
ପତ୍ରଝଡ଼ାର ରଙ୍ଗ ଆଉଟଣ ପରି
ତୁମେ ପତରେ ପତରେ ମାଡ଼ି ଚାଲିଥିଲ
ଡାହୁକ ଫାଶ ପରି
ତୁମ ଘରବାହୁଡ଼ା ଶଙ୍ଖ କାହାଳୀ ବାଜେ
ଖଞ୍ଜେଇ ବଣ-ଗଳି ଚଢ଼େଇଟିଏ
ତୁମ ଦାଣ୍ଡ ଓଳି ପାଣିରେ ଉବେଇଟୁବେଇ
ଖେଳା କରେ
କେବେ ଅଛରାଏ କୁଆପଥର ହେଇ

ISSN NO.
2582-208X

ଉଦୁଆଁ ଦୁଆରେ ଉଭାଳ ହେଲ
ଉଷୁମ ଧାରେ ଲୁହ ହେଇ
ଉଦୁଉଦିଆ ଦିପହର ଝାଞ୍ଜିରେ ମିଳେଇଗଲ
ଆଖି ପଲକରେ ଡିହ ନେଇ ରହିଲ
ବାର ମାସରେ ଯାତ ଆସେ ଯାଏ
ତୁମେ ବି ଆସ
ଜନ ଗହଳିରେ, ପାଉଡ଼ୀ ମେଳରେ
ଛାଇ ସହ ଛାଇ, ଦେଏଣା ପାଉଣା
ସବୁ ଧନ୍ଦା ଗୁଳିଆଗୁଳି ହେଇଯାଏ
ଓଳିକି ଓଳି ଦୀପ ଜଳେ
ଝରୁଥିବା ବକୁଳ
ଆଡ଼ତିଆ ପାଲଟ ଉଘାଣ ପେଷେ
ହଠାତ୍ ତୁମ ଅତର ଗୁଧିତ ହୁଏ
ଆଉ ମୁହୂର୍ତ୍ତକେ ଏକା କରି ଚାଲିଯାଏ
ଏଇତ ଛକା ପଞ୍ଜାର ଷୋହଳରଙ୍ଗି ଗଞ୍ଜପା-ଖେଳ
ଏଇତ ତୁମକୁ ମନଗଢ଼ା କାହାଣୀରେ
ସପନରେ, ଫୁଲ ଚାଙ୍ଗୁଡ଼ିରେ, ଆଦରି ନେବା
ତୁମର ଅପ୍ରତକ୍ଷ ସାକ୍ଷାତ ପରି
ଏ ବଞ୍ଚିବାଟା କେତେ ସତ ?
ଏକ ଓଶନିଦ୍ରା ଆସ୍ମାନିଆଁ
ଅସିଆଣା ପ୍ରେମର ତୁଚ୍ଛା ହାତ !

ଅଧ୍ୟାପିକା, ଡାମିଟ୍'ସ୍, ଜଗଦା, ରାଉରକେଲା

ଶବ୍ଦାର୍ଥ:
ଆସ୍ମାନିଆଁ - ମିଥ୍ୟାକଥା
ଓଶନିଦ୍ରା - ଅନିଦ୍ରା ( ଓଶ୍ - କାକର)
ଗୁଧିତ - ବେଷ୍ଟିତ
ଖଞ୍ଜେଇ - କୌଶଳୀ
ବଣ ଗଳି - ଏକଜାତୀୟ ଛୋଟ ପକ୍ଷୀ
ଉଦୁଆଁ - ଖୋଲା
ଉଭାଳ - ବହୁଦୂରସ୍ଥ
ପାଉଡ଼ୀ ମେଳ - ପାଉଡ଼ୀ ଠାକୁରାଣୀଙ୍କର ୧୨ ବର୍ଷରେ ଥରେ ହେବା ଯାତ୍ରା
ସରମିନା - ଲଜ୍ଜାଶୀଳ
ଅସିଆଣା - ଅଚତୁର

ISSN NO.
2582-208X

# ନାରୀ ଓ ଲୋକଗୀତ



ଭାରତୀ ମୁଦୁଲି

ନାରୀ ଈଶ୍ୱରଙ୍କ ଏକ ଅଦ୍ଭୁତମୟ ସୃଷ୍ଟି । ପ୍ରତ୍ୟେକ ନାରୀ ଭଗିନୀ, ଜନନୀ, କନ୍ୟା ଓ ଜାୟା । ସେ ସୃଷ୍ଟିର ଆଧାର ଓ ପ୍ରକୃତିର ସୌନ୍ଦର୍ଯ୍ୟ । ମା' ହୋଇ ସେ ଭବିଷ୍ୟତ ଗଢେ,ଭଉଣୀ ହୋଇ ସ୍ନେହ ଅଜାଡେ ଓ ଭାର୍ଯ୍ୟା ହୋଇ ସାମର୍ଥ୍ୟ ବଢାଏ । ନାରୀ ବିନା ସୃଷ୍ଟି ଅସମ୍ଭବ । ନାରୀ ପାଇଁ କିଛି ବି ଶବ୍ଦର ପ୍ରୟୋଗ ସର୍ବଦା ସ୍ୱଳ୍ପ ହିଁ ମନେ ହୁଏ । ଈଶ୍ୱରନାରୀର ମନକୁ ଏଭଳି କୋମଳ କରି ଗଢି ତୋଳିଛନ୍ତି ଯେ ଅନ୍ୟର ଦୁଃଖ ଦେଖି ସେ କାନ୍ଦି ଉଠେ । ନାରୀ ସାରା ଜୀବନ ଅନ୍ୟର ସେବାରେ ନିଜକୁ ନିଯୋଜିତ କରିଥାଏ ଓ ଅନେକ ଯନ୍ତ୍ରଣା ସହେ କିନ୍ତୁ କାହା ଆଗେ ପ୍ରକାଶ କରେନାହିଁ । ସେ ଦୁଃଖରେ ଥିଲେ ମନରେ ଗୁଣୁଗୁଣୁ ହୁଏ, ସୁଖରେ ବି ଥିଲେ ଗୁଣୁଗୁଣୁ ହୁଏ । ମାତ୍ର କେବେ କାହାର ଅନିଷ୍ଟ ଚାହେଁନା ।

ଲୋକଗୀତ ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ସୃଷ୍ଟ ଓ ଲୋକମାନଙ୍କ ପାଇଁ ବୋଲା ଯାଇଥିବା ଗୀତ । ଏହା ଲୋକମାନଙ୍କର ଅତି ପ୍ରିୟ ବିଭବ; ଯାହାକି ଲୋକ ସାହିତ୍ୟରେ ସବୁଠୁ ବେଶୀ । ପ୍ରଚାର ଓ ପ୍ରସାରରେ ମଧ୍ୟ ତାକୁ କେହି ଟପି ପାରିବେନି । ଏହାକୁ ବିଭିନ୍ନ ଆଲୋଚକ ଲଘୁ ଗୀତ, ଗ୍ରାମ୍ୟ ଗୀତ, ଗାଉଁଲି ଗୀତ, ପଲ୍ଲୀ ଗୀତ, ମୌଖିକ ଗୀତ, ଲୋକସଙ୍ଗୀତ, ଲୋକଗୀତିକା ଓ ଲୋକଗୀତ ନାମରେ ନାମିତ କରିଛନ୍ତି। ଦେଖିବାକୁ ଗଲେ ପୁରୁଷଗୀତ ଓ ନାରୀ ଗୀତଗୁଡ଼ିକ ମଧ୍ୟରୁ ନାରୀଗୀତ ସର୍ବାଧିକ ସୃଷ୍ଟି ବୋଲି କହିଲେ ଭୁଲ ହେବନାହିଁ ।

ISSN NO.
2582-208X

ଜୀବନର ବିଭିନ୍ନ ଉଠାପକା ପରିସ୍ଥିତି ଭିତରେ ନାରୀଟିଏ ଅନେକ କିଛି ମୁଣ୍ଡପାତି ସହିଯାଏ ଓ ହୃଦୟରେ ସାଇତି ରଖିଥିବା ସେଇ ଅନୁଭୂତି ତଥା ସ୍ମୃତିଗୁଡିକୁ ଗୀତ ମାଧ୍ୟମରେ ପ୍ରକାଶ କରିଥାଏ । ବାଲ୍ୟରୁ ବାର୍ଦ୍ଧକ୍ୟ ସେ ନିଜର ଜୀବନକୁ ସମର୍ପିତ କରିଥାଏ ଅନ୍ୟ ମାନଙ୍କ ସେବାରେ । କେତେ ଯତ୍ନର ସହ ନିଜର ଶିଶୁକୁ ସେ ସ୍ନେହ ଶ୍ରଦ୍ଧା ଦେଇ ବଢେଇଥାଏ । ତାକୁ ଖୁସି କରିବା ଉଦ୍ଦେଶ୍ୟରେ ସେ ବିଭିନ୍ନ ରକମର ଗୀତ ବୋଲେ ।

ଯେମିତିକି -

ଆ ଜହ୍ନ ମାମୁଁ ସରଗ ଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି

ପୁଣି ଶୁଆଇଲା ବେଳେ ବୋଲେ -

ଧୋ' ରେ ବାଇଆ ଧୋ'
ଯେଉଁ କିଆରୀରେ ଗହଳ ମଣ୍ଡିଆ
ସେଇ କିଆରୀରେ ଶୋ

ଶିଶୁକୁ ଖୁଆଇଲା ବେଳେ -

ଆରେ ବାଇଆ ଭୂତ ଆ
ପୁଅ ମୋର ଗୋଳା ଖାଇ ନାହିଁ
ନବୁ ଯଦି ତାକୁ ନେଇଯା

ISSN NO.
2582-208X

କିଶୋରୀ ଅବସ୍ଥାରେ ବିଭିନ୍ନ ଖେଳ ଖେଳି ସାଙ୍ଗମାନଙ୍କ ସହ ଗାଁରେ ସମୟ ବିତାନ୍ତି । ଖେଳିବା ବେଳେ ଅନେକ ଗୀତ ଆପେ ଆପେ ମୁଖରେ ଆସିଯାଏ । ଯେପରିକି ପୁଚିଖେଳ ବେଳେ –

ପୁଚି ଲୋ ଘୁଞ୍ଚି ଯା
ନଇ ତଳେ ତଳେ ଲୁଚି ଯା
ନଇ ତଳେ ତଳେ ବନ୍ଦର
ଆମ ଗାଁ କେଡେ ସୁନ୍ଦର

ଠିଆପୁଚି ଖେଳିଲା ବେଳେ –

ଠିଆ ପୁଚି ନାରଙ୍ଗ
ଗୋଡ ଦିଇଟା ସାରଙ୍ଗ
ସାରଙ୍ଗ ବିଳକୁ ଯାଇଥିଲି
ସାରଙ୍ଗ ମାଛ ଆଣିଥିଲି
ଅଧେ କଲି କଞ୍ଚା
ଅଧେ କଲି ଭଜା
ଖାଇଲେ ଜାଣିବୁ ମଜା

ଗାଁରେ ଛୋଟ ଛୋଟ ପିଲା ଏକାଠି ହେଲେ ବିଷ ଅମୃତ, ବୋହୂ ଚୋରୀ, ବାଡି ଡିଆଁ ଡ଼ିଁ ଇତ୍ୟାଦି ।ଏକାଧିକ ପିଲା ସାଥୀ ହୋଇ ପରସ୍ପରର ଦୁଇ ହାତକୁ ଧରା ଧରି ହେଇ ଫର୍ଚା କରି ବୁଲି ବୁଲି ଗୀତ ଗାଆନ୍ତି। ସେଇ ଗୋଲ ଗୋଲ ହୋଇ ବୁଲିଲା ବେଳେ ଗାଆନ୍ତି –

ଚକା ଚକା ଭଉଁରୀ
ମାମୁଁ ଘର ଚଉଁରୀ
ମାମୁ ମୋତେ ମାଇଲେ

ISSN NO.
2582-208X

ମାଇଁ ମୋତେ ଧଇଲେ
ଦୁଧ ଭାତ ଖୋଇଲେ
ସୁନା ପିଲା ମୁହିଁରେ
ମୋ ପରି କେହି ନାଇଁରେ

ଯୌବନାବସ୍ଥାରେ ବାପା ମାଆ ବିବାହ ପାଇଁ ବିକଳ ହେଲା ବେଳେ ଝିଅଟି ଚିନ୍ତା କରେ ଯେ ବାପା ମାଆ ତ ଚାହିଁଲେ ଆମକୁ ଆଜୀବନ ଘରେ ରଖିପାରନ୍ତେ । ହେଲେ ସେମାନେ ବୋଝ ଭାବୁଛନ୍ତି ଆଉ ଅନେକ କିଛି ଚିନ୍ତା କରି ଦୁଃଖରେ ଡହଳ ବିକଳ ହୁଏ ।

ବିଦାୟବେଳେ ଝିଅଟି ବାହୁନି କାନ୍ଦି ଉଠେ -

ବୃକ୍ଷ ତ ସହିଛି ଡାଳର ଭାର ମୋ ବାପା ଲୋ
ସହିଲ ନାଇଁ ତ ମୋହର ଭାର ମୋ ବାପା ଲୋ

ମା'କୁ ମନେ ପକାଇ ଗାଏ -

ଦଶ ମାସ ଗରଭେ ବହିଣ ଥିଲୁ ଲୋ ମୋ ବୋଉ
କ୍ଷୀର ଖୋଇ କୋଳେ ବଢାଇଥିଲୁ ଲୋ ମୋ ବୋଉ
କିପରି ତୋହର ମାୟା ଛିଡିଲା ଲୋ ମୋ ବୋଉ
ମୋ ମଥାରେ ଏବେ ଚକ୍ର ପଡିଲା ଲୋ ମୋ ବୋଉ

ଶାଶୁ ଘର ଯିବା ପରେ ଆଉ ଅଳି ଅଝଟ କରି ପାରେନା । ସେଠାରେ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କ ଠାରୁ ବିଭିନ୍ନ କଥା ଶୁଣି ଚୁପଚାପ ସହିଯାଏ । ମନେମନେ ତା'ର ବାପା ବୋଉକୁ ମନେ ପକେଇ ଗୁଣୁଗୁଣୁ ହୁଏ -

ISSN NO.
2582-208X

ଗୁହାଳ କଣେ ବୋଉ ପତ୍ର ପକାନ୍ତି
ଭାତ କଂସିଏ ବୋଉ ବାଢ଼ି ଦିଅନ୍ତି
ଲୁଣ ନଥାଇ ବୋଉ ତୁଣ ନଥାଇ
ଗୋବର ଗନ୍ଧରେ ବୋଉ ଖାଇ ନ ପାରଇ
ଶୋଇଲା ବେଳକୁ ବୋଉ ଯେଉଁ ହଟହଟା
ଦୁଆର କିଳିଣ ବୋଉ ମାରନ୍ତି ଗୋଇଠା

ବାସ୍ତବରେ ଅନେକ ପ୍ରକାରର ଗୀତ ନାରୀ ମୁହଁରୁ ସୃଷ୍ଟି । ବିଭିନ୍ନ ଓଷାବ୍ରତ ବେଳେ ମଧ୍ୟ ସେ ମଙ୍ଗଳ କାମନା ଗାଏ । ଆହୁରି ଅନେକ ଲୋକଗୀତର ଦୃଷ୍ଟାନ୍ତ ରହିଛି । ତେଣୁ ଯଦି ଆମେ ଲକ୍ଷ୍ୟ କରିବା ଲୋକଗୀତରେ ନାରୀ ମନର ଭାବ ପ୍ରକାଶ ଅତ୍ୟଧିକ ମାତ୍ରାରେ ପ୍ରକାଶିତ । ଅତ୍ୟାଧୁନିକ ଯୁଗରେ ନାରୀ ମୁଖର ଗୀତକୁ ସଂଗ୍ରହ କରିବାର ପ୍ରଚେଷ୍ଟା କରାଗଲେ, ଲୋକଗୀତାରେ ନାରୀ ଗୀତର ପରିମାଣ ବୃଦ୍ଧି ପାଆନ୍ତା ବୋଲି କୁହାଯାଇପାରେ ।

ଗବେଷିକା, ଓଡ଼ିଆ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମନ ଖୋଜେ



ସସ୍ମିତା ନାୟକ

ରାତି ଆସିଗଲେ ସାଥୀ ମନେ ପଡ଼େ
ମନ ଖୋଜେ ପ୍ରୀତି ମଗ୍ନା
ପ୍ରୀତି ଝରା ହେଇ ନିତି ବରଷଇ
ହେଲେ ତୁମେ ତ କରିଛ ମନା ।।

ଭ୍ରମର ପିଆସେ ମଧୁ ସୋଷିବାକୁ
ବାସ ତ ଦେଇଚି ଆଶା
ଗଙ୍ଗଶିଉଳି ର ଭାଗ୍ୟ ଜେ ଅଧୁରା
ରାତ୍ରି ଭାଙ୍ଗିଦିଏ ଭରଷା।।

ଜହ୍ନ ମନ ଝୁମେ କଇଁ ର ପରସ
ଅମାବାସ୍ୟା ସାଜେ କାଳ
ବଉଦ ଉହାଡ଼ୁ କଳା ବାଦଲ ର
ସୁଭିଯାଏ କୋଳାହଳ।।

ନୀଳ ଶୃଗାଳ ର ଆଶା ଗାଲିଚାରେ
ବୈଶାଖି ଦିଅଇ ଶୋକା
ତୁମ ପ୍ରେମ ପାଇଁ ମନ ମୋ ବ୍ୟାକୁଳ
ସମୟ ଦିଅଇ ଧୋକା।।

କାକଟପୁର, ନଈଁଗୁଆଁ, ପୁରୀ

ISSN NO.
2582-208X

# ଶେଷ ଶ୍ରାବଣ



ଅଳକା ମହାନ୍ତି

ରୌଦ୍ର ତାପ କ୍ଲିଷ୍ଟ ଧରଣୀ ବୁକୁରେ
ଶୀତଳ ଧାରା ବୁହାଇ,
ବର୍ଷା ରାଣୀ ଯାଏ ଶେଷ ଶ୍ରାବଣ ରେ
ନାନା ଉପହାର ଦେଇ ।

କୃଷକକୁ ମିଳେ ସବୁଜ କ୍ଷେତରେ
ଧରଣୀ ମାଆର ସ୍ପର୍ଶ,
କାଶତଣ୍ଡି ର ସେ ରୁପେଲି ଚାମର
ଠାବେ ଠାବେ ହୁଏ ଦୃଶ୍ୟ ।

ଶୁଷ୍କ ପୁଷ୍କରିଣୀ ଉତ୍ଫୁଲିତ ହୁଏ
ନଦୀ ଲଂଘେ ଦୁଇ କୂଳ,
ନାନା ଜାତି ଫଳ ପୁଷ୍ପ ବୃକ୍ଷ ଧରେ
ଜୀବଙ୍କ ଆନନ୍ଦ ମେଳ ।

ଜଗଜ୍ଜନନୀଙ୍କ ଆବାହନି ବାର୍ତ୍ତା
ଦେଇ ଚାଲିଯାଏ ବର୍ଷା,
ତୃଷାର୍ତ୍ତର ମନ ଭରିଦେଇ ଯାଏ
କେତେ ଆଶା ଓ ଭରଷା ।

ଶ୍ରାବଣର ଝୁଲା, ଭାଦ୍ରବର ଖରା
ହିତକାରୀ ଏ ମହୀରେ,
ଏକ ଗଲେ ଆସେ ଆରେକ ଧରାରେ
ଏକ ନିର୍ଦ୍ଦିଷ୍ଟ କ୍ରମରେ ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ବରଷା ବିଭବ



ଜୟଶ୍ରୀ ପଟ୍ଟନାୟକ

ଆକାଶରେ ଦେଖି ବରଷା ବିଭବ
ମନରେ ଲାଗିଛି ପର
ଝରି ଯାଆନ୍ତା କି ବରଷା ଅସାରେ
ଝୁମନ୍ତା ପାଦ ନୂପୁର ।0

କିଏ ଟାଣିଅଛି କୃଷ୍ଣ ଚାନ୍ଦୁଆ
ଆକାଶ ଅଙ୍ଗନ ପରେ
ପିଆସି ପ୍ରାଣର ଦୁଃଖ ଧୋଇଅଛି
ଗିରିସମ ଗଲା ପରେ
କନକ ରଶ୍ମି ଯାଇଛି ନରମି
ଦେଖି ରୂପକୁ ମେଘର ।1

ଇନ୍ଦ୍ରଧନୁ କି ଖେଳେ ଲୁଚକାଳି
ଦୂର ପାହାଡ଼ ଶିଖରେ
ରହି ରହି ବର୍ଷା ଝରେ ମନ୍ଦ ମନ୍ଦ
ଭିଜାଇ ତା ସଂଗୀତରେ
ଶ୍ୟାମଳ ରଙ୍ଗରେ ସଜାଇ ତନୁକୁ
ମାଟି ହୋଇଛି ଉସର ।2

ଘାସ ବୁଦା ଦେହେ ସାଧବ ବୋହୂର
ମଖ ମଲି ଧୀର ଚାଲି
ଭରା ନଈ ଏବେ ବରଷା ପାଣିରେ
ହସୁଥାଏ ଖିଲି ଖିଲି
ଫୁଲ ସମ୍ଭାରରେ ସଜାଇ ପ୍ରକୃତି
ଦିଶଇ କେଡେ ସୁନ୍ଦର ।3

ଗଙ୍ଗନଗର ଛକ
ଆକ୍ସିସ ଏଟିଏମ ପାଖ
ଭୁବନେଶ୍ୱର 7
ମୋ: 7978110474

ISSN NO.
2582-208X

# ଜାନକୀ ମାଉସୀ



ଶାନ୍ତଲତା ମିଶ୍ର

ତାପମାତ୍ରା ପଇଁଚାଳିଶ ଡିଗ୍ରି ସେଲସିଏସ ପାଖାପାଖି । ତଣ୍ଟି ଶୁଖି ଅଠା ଅଠା ହୋଇ ଗଲାଣି ଶିଖାର । ସୂର୍ଯ୍ୟ ପୁରା ମୁଣ୍ଡ ଉପରେ । ପାଣି ବୋତଲ ଟା ଭୁଲି ଆସିଲା ଅଇଲାବେଳେ । ଶିଘ୍ର ଫେରି ଆସିବ ଭାବି ଆଉ ଘରକୁ ଫେରି ପାଣି ବୋତଲ ଆଣିବାକୁ ଇଛା କଲାନି । କଲେଜ ଛୁଟିରେ ସେ ଗାଁକୁ ଆସିଥିଲା । ଗାଁ ମୁଣ୍ଡର ଥିବା ପ୍ରାଚୀନ ମନ୍ଦିରର କାରୁକାର୍ଯ୍ୟ ଉପରେ ଗବେଷଣା କରି ତାର କିଛି ସନ୍ଦର୍ଭ ଲେଖିବାର ଅଛି । ତେଣୁ ସକାଳ ଆଠଟାରୁ ସେ ବାହାରି ଗଲା । ଲେଖୁ ଲେଖୁ ବହୁତ କିଛି ଉପାଦାନ ସେ ପାଇଗଲା ସମୟ ଜଣା ପଡିଲାନି । ପାଖ ଆଖ ଜାଗାରେ ବି ଟିକେ ବୁଲା ବୁଲି କରୁ କରୁ ସମୟ ବହୁତ ଲାଗିଗଲା । ଗାଁର ଶେଷ ମୁଣ୍ଡର ମନ୍ଦିର ପଛ ପଟେ ଗୋଟେ ଗୋଟିକିଆ ଘର । ସେଥିରେ ଜଣେ ବିଧବା ସ୍ତ୍ରୀ ଲୋକ ରୁହନ୍ତି । ତାଙ୍କ ବିଷୟରେ ପିଲାବେଳୁ ସେ ଅନେକ କିଛି ଶୁଣିଛି କିନ୍ତୁ ଭଲ କଥା କିଛି ନୁହେଁ ସବୁ କେବଳ ଖରାପ କଥା ।

ସେଇ ଘରଟି ଆଖିରେ ପଡିଲା ମାତ୍ରେ ପାଣି ଟିକେ ମାଗି ପିଇବକି ଭାବି ସେଇ ଆଡକୁ ଅଗ୍ରସର ହେଲା ଶିଖା ସତ କିନ୍ତୁ ମନରେ ବିଭିନ୍ନ ଡର ଲାଗୁଥାଏ । ସେ ଘରେ ରହୁଥିବା ସ୍ତ୍ରୀ ଲୋକଙ୍କୁ ଗାଁ ଲୋକ ପିଶାଚୁଣୀ ନାମ ଦେଇ ଏକ ଘରକିଆ କେବେଠୁ କରି ଦେଇଥିଲେ । ତାଙ୍କର ସ୍ୱାମୀ ଚାଲି ଯାଇଥିଲେ ତା ପରେ କିଛି ବର୍ଷ ପରେ ପୁଅ, ସବୁ ତାଙ୍କୁ ଦୋଷ ଦେଇଥିଲେ । ସେବେ ଠାରୁ ସେ ସଂପୁର୍ଣ୍ଣ ଏକାକୀ । ସେ ନମରି ଏଯାଏ ବଞ୍ଚିଛି କାହିଁକି ! ଅନେକଙ୍କ ଆଖିରେ ଏଇ ନିଷ୍ଠୁର ପ୍ରଶ୍ନ ! ତାଙ୍କର ଛାଇ ପଡିଲେ ଲୋକଙ୍କର ବହୁତ କ୍ଷତି ହୁଏ । ଲୋକ ମାନଙ୍କର ଏହି ପରି ଅନେକ ଟିକ୍କା ଟିପ୍ପଣୀକୁ ବରଦାସ୍ତ କରି ସେ ବଞ୍ଚି ଚାଲିଛନ୍ତି ।

ISSN NO.
2582-208X

ସେଇ ମୁହୂର୍ତ୍ତରେ ଏତେ କଥା ଭାବିବାର ସମୟ ନଥିଲା । ଆଖି ଝାପସା ଝାପସା ଦିଶିଲାଣି। ମୁଣ୍ଡ ବୁଲେଇ ଦେଲାଣି । ଆଗ ପଛ କିଛି ନଭାବି ସେ ସେଇ ଘର ଆଡେ ଅଗ୍ରସର ହେବାକୁ ଲାଗିଲା ଟିକେ ପାଣି ପାଇଁ । କିନ୍ତୁ ଘର ସାମନାରେ ପହଞ୍ଚୁ ପହଞ୍ଚୁ ସେ ଚେତାଶୂନ୍ୟ ହୋଇ ପଡିଗଲା । ଆଖି ଖୋଲିଲା ବେଳକୁ ସେ ଏକ ଖଟିଆ ଉପରେ ଶୋଇ ଥିବାର ଅନୁଭବ କଲା । ଧଳା ଶାଢୀ ପରିହିତା ଜଣେ ସ୍ତ୍ରୀ ଲୋକ ଠିଆ ହୋଇଛନ୍ତି ତା ମୁଠ ପାଖରେ । ପାଖ ଛୋଟ ଟେବଲ୍ ଉପରେ ଏକ ପାଣି ଗ୍ଲାସ ଓ ଦହି ସରବତ ଗ୍ଲାସ ଟିଏ ଥୁଆ ହୋଇଛି । ସ୍ତ୍ରୀ ଲୋକ ଜଣକ ପଚାରିଲେ ଝିଅ ଉଠି ଗଲୁକି ? ଏ ପାଣି ଗ୍ଲାସ ଟା ପି ନେ ଆଗ । ତା ପରେ ଦହି ସରବତ । ପାଣି ଓ ସରବତ ପି ସାରିଲା ପରେ ତାକୁ କେମିତି ଲାଗୁଛି ବୋଲି ପଚାରିଲେ ।

ତୁ ମୋ ଘର ଆଗରେ ଚେତାଶୂନ୍ୟ ହୋଇ ପଡି ଯାଇଥିଲୁ । ଅନତିଦୂରରେ ଥିବା ଶ୍ରମିକ ବସ୍ତିର ଦୁଇ ଝିଅଙ୍କ ସହାୟତାରେ ତତେ ଟେକି ଟେକି ଘରକୁ ଆଣିବାକୁ ପଡିଲା । ଶିଖା ବିଷୟରେ ଅନେକ କଥା ପଚାରିଲେ । କାହିଁକି ଓ କେମିତି ତାର ଏ ଅବସ୍ଥା ହେଲା ଇଆଡେ ସେ କୋଉଥି ପାଇଁ ଆସିଥିଲା । ଇତ୍ୟାଦି....। ସେ ସଂକ୍ଷେପରେ ତା ବିଷୟରେ କହି ସାରିଲା ପରେ ସେ ସେହି ମାଉସୀଙ୍କ ବିଷୟରେ ବହୁତ କିଛି ତଥ୍ୟ ସଂଗ୍ରହ କରିନେଲା । ତାଙ୍କ ନାମ ଥିଲା ଜାନକୀ । ତାଙ୍କୁ ଦେଖି ତାଙ୍କ ଅମାୟିକ ବ୍ୟବହାର ଦେଖି ଶିଖାର ମନେହେଲା ସତରେ ସେ ଜାନକୀ, ଦେବୀ ସୀତା, ଏକାକୀ ଭାଗ୍ୟକୁ ଆଦରି ଏ ବନବାସ କାଟୁଛନ୍ତି ।

ସେଇ ମୁହୂର୍ତ୍ତରେ ଶିଖା ତା ମନ ପରିବର୍ତ୍ତନ କରିନେଲା ସେ ପୁରୁଣା ମନ୍ଦିର ବିଷୟରେ ତାର ସନ୍ଦର୍ଭ ନଲେଖି ଏଇ ମାଉସୀଙ୍କ ବିଷୟରେ ଲେଖିବାକୁ ମନସ୍ଥ କରିନେଲା । ମାଉସୀ ବିବାହର ପନ୍ଦର ବର୍ଷ ପରେ ସ୍ୱାମୀଙ୍କୁ ହରେଇଥିଲେ ଓ ତାପରେ ଦୁଇ ବର୍ଷ ପରେ ଏକ ମାତ୍ର ପୁତ୍ରକୁ ଅଜଣା ରୋଗରେ ହରେଇଥିଲେ । କାହା ଠାରୁ କୌଣସି ପ୍ରକାର ସାହାଯ୍ୟ ବା ସାନ୍ତ୍ୱନା ପୂର୍ଣ କଥା ପଦେ ଶୁଣି ବାକୁ ମିଳି ନଥିଲା । ତାଙ୍କୁ ବିଭିନ୍ନ ପ୍ରକାର ନାମ କରଣ କରି ଏକ ଘରିକିଆ କରି ଦେଇଥିଲେ ଏଇ ଗ୍ରାମବାସୀ ମାନେ । ସେ ଏଇ ଶ୍ରମିକ ବସ୍ତିର ଲୋକ ମାନଙ୍କ ସହାୟତାରେ ଦିନ ବିତେଇଦେଲେ । ଏ ଲୋକ ମାନେ ଗରିବ ମୂର୍ଖ ସତ କିନ୍ତୁ ହୃଦୟବାନ । ଭଲରେ ମନ୍ଦରେ ଆସି ପାଖରେ ଠିଆ ହୁଅନ୍ତି ପଚାରନ୍ତି ।

ISSN NO.
2582-208X

ଗ୍ରାମବାସୀଙ୍କ ଗୋଡ ନଧରି ଏମାନଙ୍କ ସାହାଯ୍ୟ ନେଇଥିବାରୁ ଗ୍ରାମବାସୀଙ୍କ ରାଗ ଆହୁରି ବଢି ଯାଇଥିଲା ।

ସେ କିନ୍ତୁ କାହାରି କଥା ଶୁଣି ନଥିଲେ ଏ ଶ୍ରମିକ ବସ୍ତିର ଲୋକ ମାନଙ୍କ ସହୟତାରେ ଜୀବନ ବିତେଇ ଦେଲେଣି ଅର୍ଦ୍ଧାଧୀକ ଜୀବନ କାଳରୁ ଅଧିକ । ସେ ଯୋଉ ଦୁଇ ଅକ୍ଷର ପାଠ ପଢିଥିଲେ ଏମାନଙ୍କ ପିଲାଙ୍କୁ ପାଠ ପଢେଇ ତାର ସଦୁପଯୋଗ କରିଛନ୍ତି । ମହାଭାରତ, ରାମାୟଣ ଲୋକ ମାନଙ୍କୁ ଶୁଣେଇ ଓ ତାକୁ ବ୍ୟାଖ୍ୟା କରି ଏ ଲୋକ ମାନଙ୍କୁ ଯେତିକି ଆନନ୍ଦ ପ୍ରଦାନ କରନ୍ତି ନିଜେ ବି ସେତିକି ଆନନ୍ଦିତ ହୁଅନ୍ତି ।

ଶିଖା ଘରକୁ ଆସି ବୋଉକୁ ସବୁ କଥା କହିଥିଲା । ବୋଉ ସେଠିକୁ ଯାଇଥିବାରୁ ବିଶେଷ ଖୁସି ହୋଇ ନଥିଲା ସତ କିନ୍ତୁ ତା ଜୀବନ ରକ୍ଷା ଏପରି ଭାବେ ମାଉସୀ କରିଥିବାରୁ ଖୁସି ହୋଇ ଯାଇଥିଲା । ତଥାପି ବାଡିକୁ ଯାଇ କିଛି ଫୁଲ ଘାଷ ଆଣି ତାକୁ ଝଡା ଫୁଙ୍କା ଆରମ୍ଭ କରି ଦେଇଥିଲା । କାରଣ ବୋଉର ଧାରଣା ସେ ସେହି ଯାଗାକୁ ଯାଇଥିବାରୁ ହୁଏତ ଏପରି ଘଟିଲା । ଶିଖା ଏସବୁ ଦେଖି ରାଗିଗଲା ବୋଉ ହାତରୁ ଛଡେଇ ନେଇ ସେ ଘାଷଘୁଷାକୁ ଫୋପାଡି ଦେଇଥିଲା । କହିଥିଲା ଜଣଙ୍କର ଦୟା, କରୁଣା, ସାହାଯ୍ୟର ମୂଲ୍ୟ କଣ ଏହିପରି ଭାବେ ଶୁଝା ଯାଏ ।

ଶିଖା ଦ୍ୱାରା ଲିଖିତ ସନ୍ଦର୍ଭ କଲେଜରେ ପ୍ରଥମ ସ୍ଥାନ ପାଇ ପୁରଷ୍କୃତ ହୋଇଥିଲା । ସେ ଲେଖାଟି ସେ ସରକାରଙ୍କ ପାଖକୁ ପଠେଇ ଜାନକୀ ମାଉସୀଙ୍କ ପାଇଁ ପୁରଷ୍କାର ଦାବି କରିଥିଲା । ଅନେକ ସମୟ ଲାଗିଯାଇଥିଲେ ବି ସରକାରଙ୍କ ସମ୍ମତ୍ତି ମିଳିଗଲା । ସେତିକି ନୁହେଁ ମାଉସୀଙ୍କୁ ସେ ଇଲାକାର ସରପଞ୍ଚ ମଧ୍ୟ କରେଇ ଦିଆଗଲା । ଏବେ ଗ୍ରାମ ଲୋକ ତାଙ୍କୁ କେମିତି ଏକ ଘରିକିଆ କରିବେ କରନ୍ତୁ । ସକାଳେ ସଞ୍ଜେ ତାଙ୍କୁ ପ୍ରଣାମ ନକରିବାକୁ ସେମାନଙ୍କର ବାଟ ନାହିଁ । ଶିଖା ଜାନକୀ ମାଉସୀଙ୍କୁ ପ୍ରତି ପଦକ୍ଷେପରେ ସାହାଯ୍ୟ କରିଥିଲା । ତା ଜୀବନ ରକ୍ଷା ବଦଳରେ ଏ ତ କିଛି ନୁହେଁ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ପ୍ରଥମ ଦେଖା



ଡଃ ମାଙ୍ଗଳିକା ମହାପାତ୍ର

ତୁମ ସହିତ ଯେବେ ହେଲା ପ୍ରଥମ ଦେଖା...
ବୁଝି ପାରି ନ ଥିଲି ମନର ସୀମାରେଖା..
କେମିତି କେଜାଣି ଅଜଣା ସେ ବନ୍ଧନରେ..
ତୁମ ହୃଦୟର ସହ ବାନ୍ଧି ହେଇଗଲି..

ତୁମକୁ  ଠିକ୍ ସେ ମୁଁ ଜାଣି ବି ନଥିଲି
ବନ୍ଧୁ ବୋଲି ତୁମକୁ ଆପଣେଇ ଥିଲି..
ମନରେ ତୁମର ଭଲପାଇବା ଥିଲା...
ସ୍ୱପ୍ନରେ ସୁଦ୍ଧା ଭାବି ଯେ ପାରିନଥିଲି...

କିଛି ବୁଝିବା ଆଗରୁ ମନ କଥା
ତୁମ ପାଖକୁ ଯେ ଟାଣି ହେଇଗଲି...
ଅଜଣା ବନ୍ଧନରେ ବାନ୍ଧିହେବାକୁ
ଏଇ ମନକୁ ମୋର ମନେଇ  ଦେଲି...

ଏତେ ଦିନ ସାଇତି ରଖିଥିଲି ଯେ ଏ ମନ..
ଭୁଲିବନି କେବେ ରହିଲା ତୁମକୁ ଯେ ରାଣ...
ହୃଦୟର ନିସଂଗତା କୁ କରିଛି ଯେ ସାକ୍ଷୀ...
କଥା ଦିଅ ଗୋ କରିବନି ତାକୁ କେବେ ଦୁଃଖୀ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଜହ୍ନ ରାଇଜ କୁ ଚିଠି



ମୋନାଲିସା ପଣ୍ଡା

ଭାଇ ମୁଁ ତୋହର ସୁନା ଭଉଣୀ
ମୋ କଥା ତୁ କଣ ଭୁଲି ଗଲୁଣି ?
ରହି ବସିଛୁ ତୁ ବହୁ ଦୂରରେ
ଥରୁ ଟିଏ ବି ତୋ ଆସିଲୁ ନାହିଁ ।।
ବରଷକୁ ଥରେ ରାକ୍ଷୀ ପୂର୍ଣମୀ
ତ୍ରିରଙ୍ଗା ରାକ୍ଷୀ ଆଣିଛି କିଣି,
ପଠେଇ ଦେଉଛି ଚନ୍ଦ୍ରଯାନ ରେ
ଇସ୍ରୋ ଠିକଣା ପାରିବୁ ଜାଣି ।।
ତୋ ଭଣଜ୍ଞା ଦ୍ୱୟ କଲେ ଅଝଟ
ମାମୁ ଘର ନିଶ୍ଚେ ଯିବୁ ଏଥର,
ଦୁଇ ଥର ହେଲା ଦ୍ୱାର ଯେ ବନ୍ଦ
ଏ ଥର ନିଶ୍ଚେ ହେବ ମାମୁଙ୍କ ଭେଟ ।।
ବିକ୍ରମ ର ଇଚ୍ଛା ଭାରି ବୁଲିବ
ପ୍ରଜ୍ଞାନ କୁ ବି ତାର ସାଙ୍ଗରେ ନେବ,
ଫୋଟୋ ଉଠେଇବ ବୁଲି ବୁଲି କି
କାଳେ ଖୁସିହେବି ଫୋଟୋ ଦେଖିକି ।
ମୋ ପୁଅ ବିକ୍ରମ ଭାରି ଚତୁର
ଚତୁଃର୍ଦିଗ ବୁଲି ବୁଲି ଦେଖିବ

ISSN NO.
2582-208X

ମାଟି ସେଠି ଟାଣ ଅବ ନରମ
ଜଳବାୟୁ ଥଣ୍ଡା କି ବା ଗରମ ।
ମୁଁ କହିଥିଲି ଠେକୁଆ ଅଛି
ବୃକ୍ଷ ତଳେ ସୁଖ ନିଦ୍ରେ ସୋଇଛି
ବିକ୍ରମ ପ୍ରଜ୍ଞାନ ଖୋଜିବେ ତାକୁ
ଧ୍ୟାନ ଦେବୁ ସୁଖ ନିଦ୍ରା ନ ଭାଙ୍ଗୁ ।।
ମାଟି ତଳ ତୋର ଖୋଲି ଦେଖିବେ
ସୁନା ହୀରା ମୋତି ଯଦି ପାଇବେ
ରାକ୍ଷୀ ଉପହାର ଦେବୁ ପଠାଇ
ଧରି ଯାଇଛନ୍ତି ଚନ୍ଦ୍ରଯାନ ଗାଡି ।।
ମାମୁ ଘର କେବେ ଯାଇ ନାହାନ୍ତି
ସାନ୍ନିଧ୍ୟ କେବେ ତୋ ପାଇ ନାହାନ୍ତି
ଯାତନା ନ ଦେବୁ କଂସ ପରି
କୁଶଳେ ଛାଡ଼ିବୁ ପୁଅଙ୍କୁ ମୋରି ।।
ଦେଖାଇବୁ ମାମୁ ଘର ଗାଁ କୁ
ଜଳ ବାୟୁ ପାଣି ପାଗ କଥା କୁ
ଦକ୍ଷିଣ ମେରୁ କୁ ବୁଲାଇ ନେବୁ
ସୁଖ ଦୁଃଖ କଥା ଖୋଲି କହିବୁ ।।
ଜମି ଯଦି ସେଠି ଅଛି ଉର୍ବର
ଦେଖାଇବୁ ବିକ୍ରମ ପ୍ରଜ୍ଞାନକୁ ମୋର
ଫୋଟୋ ଉଠେଇକି ଛାଡ଼ିବେ ମୋତେ
ଭଲ ଥିଲେ ଘର କରିବା ନିଶ୍ଚେ ।।
ଭାଇ ମୋର ତୋତେ ରାକ୍ଷୀ ର ରାଣ
ଭଉଣୀ ଚକ୍ଷୁ ରେ ଭାଇ ମହାନ,
ଚନ୍ଦ୍ରଯାନ ରେ ଦେଉଛି ଚିଠି
ଉତ୍ତର ଦେବୁ ଇସ୍ରୋ ଠିକଣା ଦେଇଛି ।।

କୋମନା, ନୂଆପଡା

ISSN NO.
2582-208X

# ସ୍ୱଭାବ କବି


ପ୍ରେମାଞ୍ଜଳ ମେହେର

ଶ୍ରାବଣ ପୂର୍ଣ୍ଣିମାରେ ହେଲେ ଜନମ
ଗଙ୍ଗାଧର ଅଟେ ତାଙ୍କର ନାମ ।
ବରଗଡର ବରପାଲିରେ
ଗର୍ବ ତନ୍ତୁବୁଣା ଘରେ ।
ଚୈତନ୍ୟ, ସେବତି କୋଳେ ଜନ୍ମଲେ
ସାର୍ ଦେଶରେ ତାଙ୍କ ନାଁ ରଖିଲେ ।
ପଢିଲେ ମାତ୍ର ପଞ୍ଚମ
ଅର୍ଥହୀନ ଯୋଗୁ କଲେ ସେ କାମ ।
ରଚନା କଲେ କବିତା ଉଦବୋଧନ
ଲୋକଙ୍କୁ ଦିଏ ଆହ୍ୱାନ ।
କେବେ ବି ନିଜ ଭାଷାକୁ ନ କରିବ ହୀନ
ପ୍ରକୃତିକୁ ସେ ଜୀବନ୍ତ କରିଣ
କବିତାରେ ତାଙ୍କ ଆତ୍ମା ମିଶ୍ରଣ
ତାଙ୍କ କବିତାରୁ ମିଳେ ଜ୍ଞାନ
ଭୁଲିଆ ସମାଜର ସେ ସ୍ୱାଭିମାନ
ଓଡିଆ ଗୌରବ ସ୍ୱଭାବ କବି
ଧନ୍ୟ ତାଙ୍କ ମାତା ସେବତି ଦେବୀ

ମୋ: 8144076894

ISSN NO.
2582-208X

# ଗଙ୍ଗା ଜଳ



ବିନୟ ମହାପାତ୍ର

ଦଶହରା ବର୍ଷର ଏମିତି ଗୋଟିଏ ପର୍ବ, ଯେତେ ବେଳେ ଘରର ସବୁ ପୁଅ ବାହୁ, ଝିଅ ଜୋଇଁ ନାତି ନାତୁଣୀ ସମସ୍ତେ ଏକାଠି ହୁଅନ୍ତି । ନିରବି ଯାଇଥିବା ଶୁନ୍ ଶାନ୍ ଘରଟା ପୁଣି ଚଳ ଚଞ୍ଚଳ ହୋଇ ଉଠେ । ବୁଢା ବାପା ମାଆଙ୍କର ଆଉ ଥରେ ଡେଣା ଲାଗିଯାଏ । ମା ନିଜର ଅଣ୍ଟା ବିନ୍ଧା ଭୁଲିଯାଏ । ରୋଗଣା ବୁଢା ବାପା ନିଜର ଡାଇବେଟିସ୍, ବ୍ଲଡ ପ୍ରେସର କଥା ଭୁଲି ପୁଣି ଥରେ ଯୁବକ ହୋଇ ଯାଆନ୍ତି । କେତେ ଯୁଗରୁ ଶୁନ୍ ଶାନ୍ ପଡିଥିବା ଅଗଣା ପୁଣି ଥରେ ଛୋଟ ଛୁଆଙ୍କର ଧା' ଧପଡ ଖେଳ ଗୋଳରେ ଗହଳ ଚହଳ ହୋଇଉଠେ ।

ସୁଲୋଚନାଙ୍କର ତିନି ପୁଅ ତିନି ବୋହୁ, ହେଲେ ସମସ୍ତେ ନିଜ ନିଜର କାମ ଧନ୍ଦାରେ ବାହାରେ ରହନ୍ତି । ଦୁଇ ଝିଅ ବାହାଘର ପରେ ସେମାନଙ୍କ ନିଜ ଘର ଜଞ୍ଜାଳରେ ବ୍ୟସ୍ତ । ଗୋଟେ କି ଦୁଇଟା ନୁହେଁ, ନାତି ନାତୁଣୀ ସବୁ ମିଶାଇ ମୋଟ ଦଶଟା ଛୁଆ । ଏତେ ବଡ ପରିବାର ଥାଇ ମଧ୍ୟ ଘରଟା ବର୍ଷ ସାରା ଶୁନ୍ ଶାନ୍ ପଡିଥାଏ ଘର ଅଗଣା । ବୁଢା ବୁଢି ଦିଜଣ ଘର ଜଗି ରହିଥାନ୍ତି । ସୁଲୋଚନାଙ୍କ ସ୍ୱାମୀ ନାରଣ ସାଆନ୍ତେ । ଗଲା ଭୋଦୁଅ ମାସରେ ବୟସ ତାଙ୍କର ଅଣସ୍ତରୀ ପୁରି ସତୁରୀ ହେଲା । ନାରଣ ସାଆନ୍ତେ ନିଜର ସୁଗାର ଓ ବ୍ଲଡ ପ୍ରେସର ସତ୍ୱେ ଏ ବୟସରେ ବି ବହୁତ ମଝଭୁତ ଅଛନ୍ତି । ଛ' ଫୁଟର ଡେଙ୍ଗା ମଣିଷଟେ, ମୁଣ୍ଡର ଚୁଟି ସିନା ପାଚି ଧଳା ହୋଇଗଲା, ହେଲେ ଚଉଡା ଛାତି, ବଳିଷ୍ଠ ଦେହ ସାଙ୍ଗକୁ କଳା ଧଳା ଚୁଟିର ମୋଟା ବାଘୁଆ ନିଶ ହଳେ ତାଙ୍କ ମୁହଁକୁ ବଡ ସାଜେ। ଜମିଦାରି ସିନା ଚାଲି ଯାଇଛି, ହେଲେ ଆଜି ବି ତାଙ୍କର ସେଇ ଥାଟ ବାଟ ସେମିତି

ISSN NO.
2582-208X

ଅଛି । ବର୍ଷର ବଡ ପର୍ବ ଏଇ ଦୁର୍ଗାପୂଜାଟା । ପୁଅ ବୋହୂ, ଝିଅ ଜୋଇଁ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ସବୁ ଏଇଠି ଏକାଠି ହୁଅନ୍ତି । ଗହଳ ଚହଳରେ ଘର, ଅଗଣା ଜୀବନ୍ତ ହୋଇ ଉଠେ ।

ନାରଣ ସାଆନ୍ତଙ୍କ ଗୋସେଇଁ ଜେଜେ ବାପା ଅମଳର ଏଇ ଦେବୀ ମନ୍ଦିରଟି । ବଗିଚା ଭିତରେ ଥିବା ଗାଡିଆ ପାଖରେ ଗୋସିଁ ଜେଜେ ତିଆରି କରିଥିଲେ ଏଇ ମନ୍ଦିରଟି । ବାରିପଦାର ଖିଚିଂରୁ କାରୀଗର ଡକେଇ କଳାମୁଗୁନୀ ପଥରରେ ତିଆରି କରେଇ ଥିଲେ ମାଆ ଦଶଭୂଜା ଦୂର୍ଗାଙ୍କ ମୂର୍ତ୍ତୀ । ବର୍ଷ ସାରା ପୁରୋହିତ ଆସି ମାଆଙ୍କ ପାଖରେ ତିନି ବେଳା ତିନି ଧୂପ ଲଗାଏ । କିନ୍ତୁ ଦଶରା ସମୟରେ ମହାସପ୍ତମୀ ଠାରୁ ଦଶରା ଯାଏ ଚାରି ଦିନ ଧରି ଶୋଡଷ ଉପଚାରରେ ବଡ ପୂଜା ହୁଏ ମାଆଙ୍କର ।

ପୂଜା ପାଇଁ ପିଲା ମାନେ ସବୁ ଏତେ ଦିନ ପରେ ଘରକୁ ଆସିଛନ୍ତି । ପିଲାମାନଙ୍କୁ ପାଖରେ ପାଇ ବୁଢା ବୁଢି ଦୁଇ ଜଣଙ୍କ ଗୋଡ ତଳେ ଲାଗୁ ନାହିଁ । କୋଉ ପୁଅକୁ କଣ ଭଲ ଲାଗେ, କୋଉ ଝିଅ କି କୋଉ ବୋହୂ କଣ ଖାଇବାକୁ ଭଲ ପାଏ, ତାରି ଯୋଗାଡରେ ମାସକ ଆଗରୁ ଲାଗି ଯାଆନ୍ତି ନାରଣ ସାଆନ୍ତେ । ସ୍ୱାମୀ ସ୍ତ୍ରୀ ଦୁଇ ଜଣ ମିଶି ଗୋଟି ଗୋଟି କରି ସବୁ ଦରବ ଏକାଠି କରନ୍ତି । କାହାକୁ କୋଉ ଜିନିଷ ପାଇଁ କଣ ବରାଦ ଦିଆଯିବ ସୁଲୋଚନା ନାରଣ ସାଆନ୍ତଙ୍କୁ ମନେ ପକେଇ ଦିଅନ୍ତି । ପିଲା ମାନଙ୍କର ଯେପରି କୋଉଥିରେ କିଛି ଅଭାବ ରହି ନଯାଏ ସେ କଥାକୁ ବଡ ସାବଧାନରେ ଯୋଗାଡ କରି ଦିଅନ୍ତି । ଗାଆଁରେ ବିଜୁଳି କଟିଯାଏ ବୋଲି ବଡ ଇନଭର୍ଟରଟିଏ ଗଲା ମାସରେ ଆଣି ଘରେ ଲଗେଇଛନ୍ତି । ବଡ ପୁଅ ବୋହୂ ଦିଲ୍ଲୀରୁ ଦୁଇ ଦିନ ଆଗରୁ ଆସି ପହଞ୍ଚିଲେ, ମଝିଆ ପୁଅ ବୋହୂ ଆଜି ଆସି ପହଞ୍ଚି ଗଲେ, ସାନ ପୁଅ ବୋହୂ ବାଙ୍ଗାଲୋରରେ ରହନ୍ତି ସେମାନେ ପୂଜାର ଦିନକ ଆଗରୁ ଆସି ପହଞ୍ଚି ଗଲେ । ଝିଅ ଦିଜଣ ଓଡିଶାରେ । ବଡ ଜୋଇଁ ବ୍ୟାଙ୍କରେ କାମ କରନ୍ତି, ଭୁବନେଶ୍ୱରରେ ରହନ୍ତି, କଟକରେ ସାନ ଜୋଇଁଙ୍କର ନିଜର ବିଜିନେସ । ଝିଅ ଦିଜଣ ପିଲାମାନଙ୍କୁ ନେଇ ସପ୍ତମୀ ଦିନ ଆସି ପହଞ୍ଚି ଗଲେ ।

ମହାସପ୍ତମୀ ଦିନ ରାତି ଚାରିଟାରୁ ଉଠି ସୂଲୋଚନା ଦେବୀ, ପୂଜା ପାଇଁ ସବୁ କିଛି ସଜଡା ସଜଡିରେ ଲାଗି ପଡିଛନ୍ତି । ରୋଷେୟା ନନା ତାଙ୍କ ଗାଆଁରୁ ନିଜ ତା ଭାଇକୁ ଡକେଇ ଆଣିଛି, ପୂଜା ସମୟରେ ଘରେ ବହୁତ ଲୋକ, ବଡ ପରିବାର, ଘରେ ବଡ ଲୋକ, ଛୋଟ

ISSN NO.
2582-208X

ପିଲା ସମସ୍ତଙ୍କୁ ମିଶେଇ ତିରିଶ ଜଣ ହେବେ, ତା ସାଙ୍ଗକୁ ସାଇ ପଡିଶା ଆଉ ଗାଆଁର କିଛି ବନ୍ଧୁ ବି ପୂଜା ସମୟରେ ଘରେ ଏକାଠି ହେବେ । ପିଲା ମାନଙ୍କର ପୁଣି ଅଲଗା ଅଲଗା ବରାଦ, କାହାର ଯେପରି କିଛି ଊଣା ରହି ନଯାଏ ସେଥି ପାଇଁ ରୋଷେଇ ଘରେ ପରିବା କଟା, ମସଲା ବଟା ଆଦି କାମରେ ପୂଜାରୀ ଦି'ଜଣ ରେଷେଇ କାମରେ ବହୁତ ବ୍ୟସ୍ତ ।

ପୂର୍ବ ଦିନ ସଂଧ୍ୟାରେ ପୂଜା ସାମଗ୍ରୀ ସବୁ ଏକାଠି କରି ସଜାଡି ରଖିବା ପାଇଁ ସୁଲୋଚନା ତାଙ୍କ ବଡ ବୋହୂକୁ କହି ଦେଇଥିଲେ । ପୁରୋହିତେ ସକାଳ ସାତଟା ବେଳକୁ ପୂଜା ଆରମ୍ଭ କରିବେ ବୋଲି କହି ଯାଇଛନ୍ତି । ସେଥି ପାଇଁ ସୁଲୋଚନା ସମସ୍ତଙ୍କୁ ଜଣ ଜଣ କରି ଉଠେଇ ଦେଇ ଆସିଲେଣି । ପୂଜା ଆଗରୁ ସମସ୍ତେ ଗାଧୋଇ ପାଧୋଇ ରେଡି ହେବାକୁ କହି ଦେଇ ନିଜ କାମରେ ବ୍ୟସ୍ତ ହୋଇଗଲେ । ବଡ ପୁଅ ଦଶହରା ଯୋଗୁ ସମସ୍ତଙ୍କ ପାଇଁ ନୂଆ ଲୁଗା ପଟା ନେଇ ଆସିଛି ।

ଠିକ୍ ସମୟରେ ପୁରୋହିତ ଆସି ମନ୍ଦିରରେ ପୂଜା ପାଇଁ ତାଙ୍କର ପୂଜା ଆସ୍ଥାନରେ ମୂରୁଜରେ ମଣ୍ଡଳୀ ସଜେଇ ପୂଜା ବେଦି, କଳଶ ଆଜି ସଜା ସଜିରେ ଲାଗିଛନ୍ତି । ଠିକ୍ ସମୟରେ ଜଣ ଜଣ କରି ସମସ୍ତେ ପହଞ୍ଚି ପୂଜାରେ ବସି ସାରିଲେଣି । ହଠାତ ପୁରୋହିତେ କହିଲେ, ମାଆ ସାନ୍ତାଣୀ, ଗଙ୍ଗା ଜଳ କାଇଁ, ଗଙ୍ଗା ଜଳ ବୋତଲଟା ତ କାଇଁ ନଜର ଆସୁନି । ବିନା ଗଙ୍ଗା ଜଳରେ ପୂଜା କେମିତି ହେବ? କଳଶ ପାଣିରେ ଦି ଟୋପା ଗଙ୍ଗା ଜଳ ନପଡିଲେ କଳଶ ସ୍ଥାପନା ହୋଇ ପାରିବନି, ପୂଜା ଗଡୁରେ ଦି ଟୋପା ଗଙ୍ଗା ଜଳ ବିନା ଠାକୁରଙ୍କ ସ୍ନାନ ଆଚମନ କେମିତି ହେବ ?

ସେତିକି ବେଳକୁ ବଡ ଭାଉଜ ପାଟିଟାଏ କରି କହିଲେ, ସାନକୁ କହିଥିଲି ପା', ଠାକୁର ପୂଜାର ସବୁ ସାମଗ୍ରୀ ଜୋଗାଡ କରି ରଖିବାକୁ, କିଛି ଅସୁବିଧା ହେଲେ ମଝିଆଣିକୁ ପଚାରି ନେବୁ ବୋଲି ବି କହିଥିଲି, କିଛି ଅସୁବିଧା ହେଲେ ମୋତେ କହିବୁ ବୋଲି ବି କହିଥିଲି ! ହେଲେ ଆଜି କାଲିକା ଝିଅ ତ ସବୁ ଭାରି ସିଆଣୀ, କାହାକୁ କିଛି ପଚାରିବାକୁ ତାଙ୍କୁ ସରମ ଆସେ ।

ପରିସ୍ଥିତିକୁ ସମାଳି ନେଇ ହଠାତ୍ ମାଆ ଶାନ୍ତ ସ୍ୱରରେ କହିଲେ, ଆରେ ସୁରେଖା, (ସୁରେଖା ବଡ ଭାଉଜଙ୍କ ନାଁ), ୟାକୁ ତାକୁ ଦୋଷ ଦେଇ କଣ ହେବ, ସିଏତ ନୂଆ ବୋହୂଟା, ଏ ଘରର ରୀତି ନୀତି ଶିଖିବାକୁ ତାକୁ କିଛି ସମୟ ଲାଗିବ, ସେ କଣ ଜାଣିଛି

ISSN NO.
2582-208X

ଏ ଘରର କୋଉ ଜିନିଷ କୋଉଠି ଥାଏ ? ତମେ ତ ସବୁ ବାହାରେ ରହିଲ, କୁଣିଆ ପରି ଦି ଚାରି ଦିନ ପାଇଁ ଘରକୁ ଆସିବ, କେମିତି ଜାଣିବ କୋଉ ଜିନିଷ କୋଉଠି ରହେ ? ଯାଆ ଦେଖ, ଠାକୁର ଘର ଉପର ଥାକରେ ଗଙ୍ଗା ଜଳ ସେଇ କାଚ ବୋତଲଟାରେ ଅଛି, ସେଥିରେ ଗଙ୍ଗା ଜଳ ଯଦି କମ୍ ହୋଇ ଯାଇଥିବ ତେବେ ବୋତଲରେ ଗିନାଏ ପାଣି ମିଶାଇ ଦେବୁ । ସେ ବି ଗଙ୍ଗା ଜଳ ହୋଇଯିବ ।

ଗଙ୍ଗା ଜଳ, ଏଇ ଗଙ୍ଗା ଜଳ ବହୁତ ପୁରୁଣା, ଯେତେ ବେଳେ ଜେଜେ ଆଉ ଜେଜେମା ବଞ୍ଚିଥିଲେ ସେବେ ଯାଇଥିଲେ ତୀର୍ଥ କରିବାକୁ । ପୁରା ମାସେ କାଳ ସାରା ଭାରତ ଭ୍ରମଣ କରି ଚାରି ଧାମ ଦର୍ଶନ କରି ଆସିଥିଲେ । ହରିଦ୍ୱାରରୁ ଆଣିଥିଲେ ବୋତଲେ ଗଙ୍ଗା ଜଳ । ସେ ସମୟରେ ଆଜି କାଲିକା ପରି ପ୍ଲାଷ୍ଟିକ ବୋତଲ କି ପାଞ୍ଚ ଲିଟର ବାଲା ଜାର ମିଳୁ ନଥିଲା । ସେ ଯୁଗରେ ବୋତଲ କହିଲେ ସବୁ କାଚର ବୋତଲ, କିରୋସିନ୍ ଠାରୁ ଆରମ୍ଭ କରି ରୋଷେଇ ଘରର ଶୋରିଷ ତେଲ ବୋତଲ ହେଉ କି ଗଙ୍ଗା ଜଳ ସବୁ କାଚ ବୋତଲରେ ରହେ । ଏମତିକି ସ୍ୟାହି ଶିଶିର ଠିପିରେ କଣାଟାଏ କରିଦେଇ ସେଇ ବାଟେ ବଳିତାଟିଏ ଲଗାଇ ସେଇ ଶିଶିରେ କିରୋସିନ ଭରିଦେଲେ ସେ ହୋଇ ଯାଉଥିଲା ଡିବିରି । ସେତେବେଳେ ଗାଁରେ ଇଲେକ୍ଟ୍ରିକ ତ ନଥିଲା, ସଂଜ ହେଲେ ଲଣ୍ଠନ କି ଡିବିରି ଖୋଜାହୁଏ । ଆଜି ବି ମନେ ପଡେ ପିଲାଦିନର ସେଇ କଥା ସବୁ, ସେଇ ଡିବିରି ଆଲୁଅରେ ପାଠ ପଢ଼ିବା କଥା, ଆଜି କାଲିକା ପିଲେ ଏ ଦେଶୀ ଜୋଗାଡ କଥା ଶୁଣିଲେ ହସିବେ ।

ଛାଡ ସେ କଥା, ଗଙ୍ଗା ଜଳ କଥା କହୁଥିଲି ନା' । ହଁ ସେଇ ଯୁଗର ସେଇ ଗଙ୍ଗା ଜଳ ଆଜି ଯାଏ ବ୍ୟବହାର ହେଉଛି । ସାଇ ପଡିଶାରେ କାହାର କେବେ ପୂଜା ପାଠ ହେଉ କି ମଲା ମଣିଷ ମୁହଁରେ ଟୋପାଏ ଗଙ୍ଗା ଜଳ ଦେବାକୁ ଆମରି ଘରୁ ଗାଁ ଲୋକେ ମାଗିନିଅନ୍ତି। ଗାଆଁରେ ପ୍ରାୟ ସମସ୍ତଙ୍କୁ ଜଣା, କୋଉଠି ନ ମିଳିଲେ ବି ଆମ ଘରେ ନିଷ୍ଚୟ ମିଳିବ ଗଙ୍ଗା ଜଳ । ବଡ ଆଶ୍ଚର୍ଯ୍ୟ ଲାଗେ କୋଉ ଯୁଗର ସେ ଗଙ୍ଗା ଜଳ ଆଜି ଯାଏ ସେମିତି, ସେତିକି ଅଛି । ସତେବା ଏଇଟା ମାଣବସା ଗୁରୁବାର ଦିନ ମାଆ ଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀକୁ ଦେଇଥିବା ଅକ୍ଷୟ ପାତ୍ର ! ଶ୍ରୀୟାକୁ ମାଆ ଲକ୍ଷ୍ମୀ ବରଦାନ ଦେଇ କହିଥିଲେ, ଦେଖ ଶ୍ରୀୟା ତୋର ଯେତେ ବେଳେ ଯେତେକି ଦରକାର ହେବ, କେବଳ ସେତିକି ମାଗିବୁ, ଏ ପାତ୍ରରୁ ତୋତେ ଯାହାବି ପ୍ରାପ୍ତ ହେବ ସେଥିରୁ କିଛି ଅଂଶ ନିଷ୍ଚୟ ଦାନ ଧର୍ମ କରିବୁ, ଦେଖିବୁ ଏ ଅକ୍ଷୟପାତ୍ର କେବେ ବି ଖାଲି ହେବନି, କିନ୍ତୁ କେବେ ଯଦି ଲୋଭରେ ତୋର ଆବଶ୍ୟକତା

ISSN NO.
2582-208X

ଠାରୁ ଅଧିକ କାଢିବୁ ତେବେ ଏ ପାତ୍ର ଶୁନ୍ୟ ହୋଇଯିବ । ସେମିତି ଥିଲା ଜେଜେ ମାଆର ଗଙ୍ଗା ଜଳ ବୋତଲ । ଜେଜେ ମାଆ ବି ମାନିଥିଲା ଏଇ ମନ୍ତ୍ର, ମାଆ ବି ମାନୁଛି, ଆଗକୁ ଚାଲି ବୋହୁମାନେ ବି ମାନିବେ ବୋଲି ମାଆ ସବୁ ବେଳେ ବୋହୁମାନଙ୍କୁ ଶିଖାଏ, ସତେବା ଏଇ ବୋତଲଟା ହିଁ ସ୍ୱୟଂ ମାଆ ଗଙ୍ଗା !

ଏ ଗଙ୍ଗା ଜଳ ବୋତଲ ଆଜି ଯାଏ କେବେ ବି ଶୁନ୍ୟ ହୋଇନି ? ଜେଜେ ମାଆ ଯେତେ ବେଳେ ହରିଦ୍ୱାରରୁ ଏ ଗଙ୍ଗା ଜଳ ଆଣିଥିଲା ସେତେ ବେଳେ ଜଣେ ସାଧୁ ତାକୁ କହିଥିଲେ, ଝିଅ, ଯେତେ ବେଳେ ବୋତଲ ଅଧା ହୋଇଯିବ ଏଥିରେ ଆଉ କିଛି ପରିଷ୍କାର ପାଣି ମିଶାଇ ପୁଣି ବୋତଲ ଭରି ନେବୁ । ଟୋପାଏ ଗଙ୍ଗା ଜଳ ସାରା ସମୁଦ୍ରର ଜଳକୁ ବି ଗଙ୍ଗା ଜଳ କରିଦେଇ ପାରେ । ମାଆ ଗଙ୍ଗା କଲ୍ୟାଣମୟୀ ପାପ ନାଶିନୀ, ତୋର ଏ ଗଙ୍ଗା ଜଳ ବୋତଲ କେବେ ଖାଲି ହେବନି । ମାଆ ଗଙ୍ଗାର ଆଶିର୍ବାଦ ତୋ ସାଙ୍ଗରେ ଅଛି ।

ସେଇ ଫର୍ମୁଲାରେ ଜେଜେ ମାଆର ବୋତଲ କେବେ ଖାଲି ହୋଇ ନଥିଲା, ମାଆର ବୋତଲ ବି ଖାଲି ହୋଇନି, ଆଶା ବୋହୁ ମାନଙ୍କ ଅମଳରେ ବି ଏଇ ଅକ୍ଷୟ ବୋତଲ କେବେ ଖାଲି ହେବନି, ସତେବା ଏଇ ବୋତଲଟାରେ ସ୍ୱୟଂ ମାଆ ଗଙ୍ଗା ବିଜେ କରିଛନ୍ତି ।

ବେଳେ ବେଳେ ମନେ ହୁଏ ସତେବା ଏଇ ବୋତଲ ଗୋଟିଏ ଅକ୍ଷୟ ପାତ୍ର ଅଥବା ସ୍ୱୟଂ ମାଆ ଗଙ୍ଗା ଏଇ ବୋତଲ ଭିତରେ ବିରାଜମାନ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଆସ୍ଥା ଓ ବିଶ୍ୱାସ କେତେ ମଝଭୂତ ସତେ । କାଠ ପଥରରେ ସିନ୍ଦୁର ବୋଳି ଆଜି ବି ଆମେ ଆମର ଇପ୍ସିତ ବରଦାନ ପାଇଁ ପ୍ରାର୍ଥନା କରୁଛୁ, ଭଣ୍ଡ ସାଧୁ ସନ୍ୟାସୀଙ୍କ ଚରଣ କମଳରେ ସାରା ଜୀବନ ଉତ୍ସର୍ଗ କରି ଦେଉଛୁ, ଏହାର ନାଆଁ କଣ ଆସ୍ଥା ଆଉ ଭଗବାନ ? ହଁ, କହନ୍ତି ମନ ନିର୍ମଳ, ଆସ୍ଥା ଶୁଦ୍ଧ ଓ ବିଶ୍ୱାସ ଦୃଢଥିଲେ ସବୁ ସମ୍ଭବ । ଗୋବର ଗାଡିଆ ବି ଗଙ୍ଗା ପାଲଟି ଯାଏ । ବିଶ୍ୱାସ ଓ ଆସ୍ଥା ହିଁ ଭଗବାନ, ଆଉ ସେଇ ଭରଷାରେ ତ ଦୁନିଆ ଚାଲିଛି ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଅଭୁଲା ଅଲିଭା ସେ ଶ୍ରାବଣ ରାତି



ସଂଯୁକ୍ତା ସାହୁ

ଶ୍ରାବଣ ରାତିରେ ଯୁଆଡେ ଚାହିଁଲେ
ସବୁଆଡେ ମେଘ ଆଉ ମେଘ ମଯ଼
ବାଦଲଭରା ଘନକୃଷ୍ଣ ମେଘର ତୋରଣ
ମାଟିରୁ ଆକାଶ ଯାଏ ଖାଲି ଲମ୍ବିଥାଏ
ଚଉଦିଗେ ମାୟାବୀ କାୟାର ବିସ୍ତାର
ତା'ର ଉଦଣ୍ଡି ନାଚରେ ଭଯ଼ଭୀତ କରେ
ତଥାପି ବତୁରୁଥାଏ ଭିଜା ଭିଜା ସ୍ମୃତି ସବୁ
ହଜିଯାଏ ନିଶବ୍ଦରେ କେଉଁ ଦୂର ଅର୍ଗଳିରେ
ବିଭୋର ହୁଏ ତା ବାସ୍ନାୟିତ ମାଟିଗନ୍ଧରେ
କେତେବେଳେ ଝରୁଥାଏ ଝିରି ଝିରି ହୋଇ
ଏଣେତେଣେ ଇତଃସ୍ତତ ନୀଳ ନିର୍ଜନରେ
ଶ୍ରାବଣ ରାତି ଆସିଛି ଶୀତଳତା ଭରି
ଛାତିତଳେ ଉଙ୍କିମାରେ କ୍ଲାନ୍ତ ଜହ୍ନରାତି
ଚାରିଆଡେ ବିଞ୍ଚିପଡ଼େ ବାସ ମହ ମହ
ଲୁଚିଯାଆନ୍ତି ତାର, ଜହ୍ନ ଆଉ ନକ୍ଷତ୍ରମାନେ


ISSN NO.
2582-208X

ସୁ ସୁ ପବନର ଗୁଞ୍ଜରଣ ଶବ୍ଦର ତାନରେ
ଆଖି ବୁଜିହୋଇଯାଏ ଶ୍ରାବଣୀର ପରଶରେ
ତା ଛୁଆଁରେ ମନରେ ଶିହରଣ ଖେଳିଯାଏ
ଗ୍ରୀଷ୍ମକୁ ଫୋପାଡ଼ିଦେଇ ଧସେଇ ପଶେ
ଭାରି ଅମାନିଆ ସେଇ ଶ୍ରାବଣୀ ରାତି
ଅଭୁଲା ଅଲିଭା ସେ ପ୍ରକୃତିର ସାଥି ।

ଗ୍ରାମ/ହାମା, ଜଗତସିଂହପୁର

ISSN NO.
2582-208X

# ସମର୍ପଣ



ସତ୍ୟନାରାୟଣ ପ୍ରସାଦ ନାୟକ

ଦିବ୍ୟ ଭାବନାରେ ଦିବ୍ୟ ଚେତନାରେ
ତୁମକୁ ଖୋଜୁଛି ହରି,
ତୁମରି ସାନ୍ନିଧ ଟିକଏ ପାଇଲେ
ମିଳଯିବ ସ୍ୱର୍ଗ ଶିରୀ ।

ଆଶା ଅସୁମାରୀ ସ୍ୱପ୍ନ ଅସୁମାରୀ
ନେଉଅଛି ହାତ ଧରି,
ଜୀବନ ଜଞ୍ଜାଳ ଭିତରେ ମଣିଷ
ହେଉଅଛି ଖାଲି ଘାରି ।

ମାୟା ମରୀଚକା ପଛରେ ଧାଉଁଛି
ପାଉ ନାହିଁ ଟିକେ ସୁଖ,
ସୁଖ ବୋଲି ଯାହା ସାଉଁଟି ଧରିଛି
ସିଏତ ଦେଉଛି ଦୁଃଖ ।

ହେ ପରମ ପିତା ଗତି ମୁକ୍ତ ଦାତା
ତୁମେ ମୋ ଭାଗ୍ୟ ବିଧାତା,
ତୁମ ଶ୍ରୀ ଚରଣେ ନଇଁ ଯାଏ ମଥା
ଏ ଜୀବନ ପଡୁ ବନ୍ଧା ।

ମୋ ଜୀବନ ଦୀପ ଲିଭିବା ଆଗରୁ
ତୁମକୁ ଅରପି ଦେଲି,
ରଖ ବା ନ ରଖ  ହେ ପଙ୍କଜ ମୁଖ
ତୁମରି ଶରଣ ଗଲି ।

ଓଁ ଜୟ ଶ୍ରୀ ଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ନରୀହ ପ୍ରେମ



ଛବି ରାଣୀ ପତି

ହେଇ,, ଆସନା...
ତମେ ଆଉ ମୁଁ ମିଶି ବସିବା
ଗୋଟେ ଛତା ତଳେ,
ଗୋଟେ ଛାତ ତଳେ ବସା ବାନ୍ଧିବାର
ଇପ୍ସିତ ଇଛା ଟା ଅପୂର୍ଣ୍ଣ ରହିଗଲା...
ସେଥିରୁ କଣ ହେଲା ଯେ ,,
ଆମର ରହିବା ପାଇଁ ପରା
ଆମ ଉଭୟଙ୍କ ଛାତି ତଳ ର
ଭଲ ପାଇବାର ଇଞ୍ଜେ କଂକ୍ରିଟ ଢଳେଇ
ମନ୍ଦିର ଟେ ଅଛି, ସେ ହିଁ ତ ଯଥେଷ୍ଟ !!!

ହେଇ, ଟିକେ ଆସନା ...
ଏ ଅଝଟ ଜିଦ୍ ଖୋର୍ ଶ୍ରାବଣୀ ଟି
ଆଜି କାହିଁ ନିର୍ଦ୍ଧୁମ ବର୍ଷୁଛି ରେ
ଲାଗୁଛି ସେ ହାତ ଠାରି ଡାକୁଛି ମତେ
ତା ସାଥିରେ ଭିଜିବାକୁ, ନାଚିବାକୁ
ତମେ ପା ସାଥିରେ ନାହଁ ...
ମୋ ଦରଜ ସେ କଣ ବୁଝୁଛି ସତେ !!

ISSN NO.
2582-208X

ହେଇ ,, ଆସନା ...
ସବୁ ନୀରବ କୋହକୁ ଫୋପାଡି
ମନର ଅସାନ୍ତ ଝଡ଼କୁ ଓପାଡ଼ି
ସନ୍ତାପ , ପରିତାପକୁ ଛେପପରି ଢୋକି
ଜାଣ , ଏ ଜୀବନଟା ଯାଯାବର ...
ପାଣିଫୋଟକା ପରି ମିଳେଇଯିବ କ୍ଷଣେ
ଖିଆଲି ମନର ଘଞ୍ଚ ଜଙ୍ଗଲରେ
ସେ ଝାପ୍ସା ଅତୀତ ଦିନେ ନିରୁଦ୍ଧିଷ୍ଟ ପରି
କେତେବେଳେ ଧୂଆଁ ହୋଇ ମିଳେଇ ଯିବ ।

ହେଇ ,, ଆସନା....
ଓଠ ଥରା ଅଶାନ୍ତ ବତୁରା ହୃଦୟ
ପ୍ରେମରେ କମ୍ପୁଥିବା ଥଣ୍ଡାଦେହ ଛାଡି
ଅସରା ଅସରା ଅନୁରାଗ ବାଢି
କୁଆଡେ ଯେ ଚାଲିଗଲ ନିଦାଘରେ
ଓଃ,, ....... !!!!!

ଦେଖ , ଦହଙ୍ଗଜ କରାଅନା ଆଉ
ଇନ୍ଦ୍ରଧନୁର ସପ୍ତ ରଙ୍ଗରେ ସଜେଇ
ଆଖିରେ ଆଖିଏ ସପନ ଭରି
ସ୍ମୃତିରେ ସ୍ମୃତିରେ ଜାଚି ଦେଇଗଲ
ମେଞ୍ଚେ ମେଞ୍ଚେ ପ୍ରୀତିର ସମ୍ଭାର !!

ହେଇ,, ଆସନା ...
ତୁମେ କଣ ଜାଣନି !
ତୁମ ନିଃଶ୍ୱାସରେ ତୁମ ବିଶ୍ୱାସରେ
ଏ ଜୀବନ ମୋହର....

ISSN NO.
2582-208X

ପାପ-ପୁଣ୍ୟ,ହାର-ଜିତ, ରାଗ-ରୁଷା
ସେସବୁ ଅଛିଣ୍ଡା ଅଙ୍କକୁ ମନରୁ ପୋଛି
ଟିକେ ସଅଁପି ଦେବା ଆମେ ନିଜକୁ ;;
କେତେ କିଏ ଗଲେଣିଭାରିରେ !!
ଆମେ ଯିବା ଟିକିଏ ପୂର୍ବରୁ ....
ଆସନା ,...
ଟିକେ ଜୀଇଁଯିବା ନିଜ ପାଇଁ ନିଜେ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଲଳତ ନବନ୍ଧ- ସୁନ୍ଦରତା



ବଦ୍ରୀ ମହାନ୍ତ

ସକାଳର ସୂର୍ଯ୍ୟୋଦୟ, ଝରଣାର କୁଳୁ କୁଳୁ ନାଦ,ଦୂରନ୍ତ ପାହାଡ, ସବୁଜ ବନାନୀ, ଫୁଲର ସୁଗନ୍ଧ, ନାରୀର ମୁହଁ, ନୀଳ ଆକାଶର ଉଡ଼ନ୍ତା ପକ୍ଷୀ ଆଦି ନିରୋଳା ମୁହୂର୍ତ୍ତରେ କେବେ ମନେ ପଡିଲେ ଇଚ୍ଛା ହୁଏ ପ୍ରଶ୍ନ କରିବାକୁ,'ଏ ସବୁ ସୁନ୍ଦର କାହିଁକି ?' ଚାରିପାଖର ବିସ୍ତୃତ ପ୍ରକୃତିର ଅପୂର୍ବ ସୁଷମା ବିଧାତାର ଅନୁପମ ସୃଷ୍ଟିରେ ଏତେ ସୌନ୍ଦର୍ଯ୍ୟ ଗୁନ୍ଥି ହୋଇ ରହିବାର ରହସ୍ୟ କଣ ? କ୍ରମ ବିବର୍ତ୍ତନ ଓ ସଭ୍ୟତାର ବିକାଶ ସହିତ ମଣିଷ ଆନନ୍ଦରେ ବିଭୋର ହେଉଛି ସୁନ୍ଦର ବିଶ୍ୱର ଅନୁପମ ଶୋଭା ସମ୍ପତ୍ତି ଦେଖି । ଅନୁଭବ କରୁଛି ପ୍ରକୃତିର ମହାନ ଅବଦାନ । ମାତ୍ର ଅନୁରୂପ ଚିତ୍ର ଓ ଚରିତ୍ରଟି ଯେତେବେଳେ ତାକୁ ଆନନ୍ଦ ଦେଇ ପାରିନି, ମନରେ ସୁଖ ଆଣିପାରିନି, ପ୍ରାଣକୁ ସନ୍ତୋଷ ଦୋଳିରେ ବସାଇ ପାରିନି, ସେତେବେଳେ ସବିକିଛି ମନେ ହୋଇଛି ଅସୁନ୍ଦର । ତେବେ କେଉଁଠି ଲୁଚି ରହିଛି ଏ ମହାର୍ଘ୍ୟ ବସ୍ତୁର ରହସ୍ୟ ! ଏହାର ସ୍ଥାୟିତ୍ୱ ସୁଦ୍ଧା ପ୍ରଶ୍ନବାଚୀ ।

ଆକର୍ଷଣ ଓ ଆନନ୍ଦ ସୁନ୍ଦରତାର ହେତୁ ହୋଇ ଥିବାରୁ ଅନ୍ତର୍ନିହିତ ଓ ବାହ୍ୟ ଆବରଣ ଉଭୟଙ୍କୁ ପରିସର ଭୁକ୍ତ ନକଲେ ଯଥାର୍ଥ ନିଷ୍କର୍ଷରେ ପହଂଚିବା ସମ୍ଭବ ହେବନାହିଁ । ଆଖି ମନ ଓ ଇନ୍ଦ୍ରିୟ ମିଳିତ ଭାବେ ସ୍ଥିର କରନ୍ତି କେଉଁଟା ସୁନ୍ଦର ଓ କିଏ ଅସୁନ୍ଦର । ଏହା ଏକ ସୂକ୍ଷ୍ମତମ ଅନୁଭବ । ଅନ୍ତର୍ଦୃଷ୍ଟି ସହିତ ଅନୁଶୀଳନ କରିବାର ଦକ୍ଷତା ନିର୍ଭର କରେ କୌଣସି ବସ୍ତୁ ବା ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ଆକଳନ କରିବା ପାଇଁ । ଦୃଷ୍ଟିକୋଣର ଭିନ୍ନତା ଯୋଗୁଁ ସୁନ୍ଦରତା ସାଧାରଣରେ ଧରା ପଡେନା । ଆକର୍ଷଣୀ ଶକ୍ତି,ଶରୀରର ରଙ୍ଗ, ରୂପ, ବାସ୍ନା ଇତ୍ୟାଦି ସବୁକିଛି ସୁନ୍ଦର ଥାଇ ମନକୁ ପ୍ରଭାବିତ କରୁ ନଥିଲେ ଅସାର ମନେହୁଏ ପରିପାଟୀ ।

ISSN NO.
2582-208X

ଦର୍ଶକ ଆଖିରେ ନିହିତ ରହିଛି ସୌନ୍ଦର୍ଯ୍ୟ ଜ୍ଞାନ । ଏଠି ସେଠି ସବୁଠି, ବସ୍ତୁରେ ଓ ବ୍ୟକ୍ତି ଭିତରେ ଦେଖିହୁଏ ସୁନ୍ଦର ଅସୁନ୍ଦର ଚିତ୍ର । ପାହାଡ଼ ସେପାଖରୁ ସୂର୍ଯ୍ୟୋଦୟ ଦେଖି ଆନନ୍ଦରେ ବିଭୋର ହୋଇ ଏହାକୁ ସର୍ବଶ୍ରେଷ୍ଠ ସୁନ୍ଦର ବୋଲି ମନେ କରା ଯାଇପାରେ, ପୂର୍ବ ରାତିରେ ବନ୍ଧୁ ଆତ୍ମୀୟଙ୍କ ସହ ଖେଳ କୌତୁକ ଓ ଆନନ୍ଦରେ ସମୟ ବିତାଇଥିବା ଯୋଗୁଁ ଏ ଭାବନା ଆସିପାରେ, ମାତ୍ର ପରବର୍ତ୍ତୀ ଦିନର କାର୍ଯ୍ୟ ଓ ଦାୟିତ୍ୱ ମନେ ପଡି ଗଲେ ସୌନ୍ଦର୍ଯ୍ୟ ଫିକା ଫିକା ମନେହୁଏ । ଏହା ଏକ ମାନସିକ ଅବସ୍ଥା, ନୂଆ ଚିନ୍ତନ । ସମୟର ବଦଳିବା କ୍ରମ ସହିତ ଜୀବନ ଧାରଣ ଓ ବଞ୍ଚିବାର ନିଜସ୍ୱ ଶୈଳୀ ସୁନ୍ଦରତାର ପରିଭାଷାରେ ଅଲଗା ଭାବ ଆଣି ଦେଇଛି । କେହି କହି ସଫେଦ ଚମଡାକୁ ଭଲ ପାଆନ୍ତି ତ କଳା ଚମଡା କାହା ଦ୍ୱାରା ଖୁବ ଆଦୃତ । ମଣିଷର ଆଖି ନାକ ଓଠ ଠାରୁ ଆରମ୍ଭ କରି ବିଭିନ୍ନ ଫୁଲ ପଶୁ ପକ୍ଷୀ ବୃକ୍ଷଲତା ଚନ୍ଦ୍ରମା ଶିଶିର ବିନ୍ଦୁ କେତେବେଳେ କାହା ଆଖିରେ କେମିତି ଦିଶିବ, କିପରି ଆକର୍ଷିତ କରିବ ତାହା ନିର୍ଣ୍ଣୟ କରିବା ସହଜ ନୁହେଁ। ପ୍ରକୃତ ସୌନ୍ଦର୍ଯ୍ୟର ଚିନ୍ତନ ଆସେ ହୃଦୟରୁ । ଏହା ପରିଦୃଶ୍ୟ ହେଲେ ପ୍ରକାଶ ପାଏ ବିମୁଗ୍ଧ ଭାବ, ଲୋଭନୀୟ ହୋଇ ଉଠେ ସମ୍ମୋହିତ ଆତ୍ମା। ଶରୀର ମନ ଓ ଆତ୍ମାର ସୁଦୃଶ୍ୟ ପରିପ୍ରକାଶ ସେତେବେଳେ ସମ୍ଭବ ହୁଏ, ଯେତେବେଳେ ମଣିଷର ଭିତର ବାହାର ସବୁଠି ଖୁନ୍ଦି ହୋଇଯାଏ ସୁନ୍ଦରତା ।

ସୌନ୍ଦର୍ଯ୍ୟର ମାପକାଠି ଚିନ୍ତା କଲାବେଳେ ପ୍ରଶ୍ନ ଉଠେ ତାଜମହଲ ସୁନ୍ଦର ନା କୋଣାର୍କ ମନ୍ଦିର ସୁନ୍ଦର, ଶ୍ରୀ ଜଗନ୍ନାଥ ସୁନ୍ଦର ନା ଶ୍ରୀ ବାଲାଜୀ ସୁନ୍ଦର, ମହୋଦଧି ସୁନ୍ଦର ନା କୋଭଲମ ସୁନ୍ଦର ! ଭାରତୀୟ ନାରୀ ସୁନ୍ଦର ନା ଆଫ୍ରିକୀୟ ନାରୀ ସୁନ୍ଦର! ଏମିତି ଲମ୍ବା ତାଲିକାକୁ ତୁଳନା କରି ମୂଲ୍ୟାୟନ କରିବା ସହଜସାଧ୍ୟ ନୁହେଁ। ଆଖି ସହିତ ମନ ଓ ହୃଦୟ ସମ୍ପର୍କିତ ଥିବାରୁ କାହାକୁ କଣ ଆନନ୍ଦ ଦେବ ଏବଂ ଆକର୍ଷଣର ବଳୟ ଭିତରେ ତୃପ୍ତିରେ ଭରିଦେବ ତାହା ନିର୍ଭର କରେ ଅନୁଶୀଳନ ଓ ବିଚାର କରିବାର ଦକ୍ଷତା ଉପରେ । ଆକାର ରଙ୍ଗ ଶବ୍ଦ ସହିତ ଅର୍ଥପୂର୍ଣ୍ଣ ପରିକଳ୍ପନା ସୁନ୍ଦର ବସ୍ତୁର ଜନ୍ମଦାତା । ଠିକ ଯେପରି ବ୍ୟକ୍ତିର ଚରିତ୍ର, ବ୍ୟକ୍ତିତ୍ୱ ,ଶାଳୀନତା, ସାଧୁତା, ସହଯୋଗିତା, ସହଭାଗିତା ଆଦି ମଣିଷକୁ ସୁନ୍ଦର ରୂପେ ଗଢିତୋଳେ । ଦିବ୍ୟ ଚିନ୍ତନ ଉଭୟର ଆତ୍ମା ।

ପ୍ରଶ୍ନ ଉଠୁଛି ଅନ୍ୟାନ୍ୟ ବହୁବିଧ କଥା ମଧ୍ୟରୁ ସୁନ୍ଦରତା ଗୁରୁତ୍ୱ ବହନ କରିବା ପଶ୍ଚାଦରେ କେଉଁ କାରଣ ଅନ୍ତର୍ନିହିତ? ସମାଜ ଜୀବନରେ ଏହାକୁ ଅଣଦେଖା କରି ବଂଚିବା କେତେଦୂର ସମ୍ଭବ? ଜୀବନ ଧାରଣ ନିମନ୍ତେ ପ୍ରାୟ ପ୍ରତି ମୁହୂର୍ତ୍ତରେ ସାମ୍ନା କରୁଥିବା

ISSN NO.
2582-208X

ଚାରିପାଖର ସ୍ଥିତି ବ୍ୟବସ୍ଥା ଭିତରୁ ସବୁ ସମୟରେ ଖୋଜିବୁଲୁ ସାକାରାତ୍ମକ ଭାବ ଓ ଭାବନା। ଜୀବନର ସିଂହ ଭାଗ ଖର୍ଚ୍ଚ ହୋଇଯାଏ ତାକୁ ଯଥାବତ ସାଇତି ସଂଭାଳି ସଂରକ୍ଷଣ କରିବା ଓ ଆବଶ୍ୟକ ହେଲେ ତା ଉପରେ ପ୍ରଲେପ ଦେଇ ଆକର୍ଷଣର କେନ୍ଦ୍ର ରୂପେ ନିର୍ମାଣ କରିବା। ଏଥିପାଇଁ ସମୟ ଓ ଅର୍ଥ ଉଭୟ କିଛି କମ ବ୍ୟୟ ହୁଏ ନାହିଁ। ସ୍ୱଚ୍ଛ, ସୁସ୍ଥ, ମନଲୋଭା ଓ ଆକର୍ଷଣୀୟ କରି ଗଢି ତୋଳିବା ପାଇଁ କୃତ୍ରିମ ଉପଚାର ଦ୍ୱାରା ସୌନ୍ଦର୍ଯ୍ୟ ପ୍ରଦର୍ଶିତ କରାଯାଇ ପାରେ ସତ, ମାତ୍ର ଅନ୍ତଃକରଣରେ ଶୁଦ୍ଧତା ନଥିଲେ ତାହା ଉଚ୍ଚାଙ୍ଗ ପଦବାଚ୍ୟ ହୋଇ ନପାରେ ।

ସୁନ୍ଦରତା ର ପ୍ରଚାର ପ୍ରସାର ନିମନ୍ତେ ବର୍ତ୍ତମାନର ବିଜ୍ଞାପନ, ସୋସିଆଲ ମିଡ଼ିଆ ଓ ବାଣିଜ୍ୟିକ ଭାବନାର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ସାମ୍ପ୍ରତିକ ସମୟର ଆବେଦନ ଦେଖେଇହେବା, ଆତ୍ମପ୍ରଚାର କରିବା ଓ ସ୍ୱାର୍ଥ ସର୍ବସ୍ୱ ଜୀବନଟେ ଜୀଇଁବା। ମାତ୍ର ଅସୁନ୍ଦରକୁ ସୁନ୍ଦର ରୂପେ ଅନ୍ୟ ସାମ୍ନାରେ ଯେତେ ପ୍ରଦର୍ଶିତ କଲେ ସୁଦ୍ଧା ଅବଲୀଳା କ୍ରମେ ତାହା ଧରା ପଡ଼ିଯାଏ । ଈର୍ଷାଠୁ ସବୁଠୁ ଅସୁନ୍ଦର କିଛି ଅଛି ବୋଲି ମନେ ହୁଏନା। ଆଉ ସବୁଠୁ ସୁନ୍ଦର ଆଖି, କାରଣ ସେ ସବୁ କିଛି ଦେଖି ପାରେ ।

ଏ ବିଶ୍ୱ ଚିରକାଳ ସୁନ୍ଦର। ଶିଶୁ ଓଠର ହସ, ନିଷ୍ପାପ ଚେହେରା, ମାଆର ପଣତ କାନି, ପ୍ରକୃତିର ସୁଷମା, ଫୁଲର ସୌରଭ,ପକ୍ଷୀର କକାଳି ଆଦି ସୂକ୍ଷ୍ମାତି ସୂକ୍ଷ୍ମ ସତ୍ୟ ପ୍ରାଣରେ ଆନନ୍ଦ ସଂଚାର କରେ। ଦୁନିଆର ସବୁ ସତ୍ୟ ହିଁ ଶିବ ଏବଂ ଶିବ ହିଁ ସୁନ୍ଦର। ପ୍ରକୃତ ସୌନ୍ଦର୍ଯ୍ୟକୁ ଅନୁଭବ କରିବା ପାଇଁ ଆଦରର ସହିତ କୋଳେଇ ନେବାକୁ ହେବ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ସ୍ୱରୂପ। ତେଣୁ ବାଇ ମହାନ୍ତି କହନ୍ତି, "ପିତା ମାତା ନିଜର ଯୋଗ୍ୟ ସନ୍ତାନ ପାଇଁ ସୁନ୍ଦର କନ୍ୟାଟିଏ ଖୋଜିବା ପରି ତୁମେ ଚାରିପାଖର ସୌନ୍ଦର୍ଯ୍ୟ ସନ୍ଧାନରେ ସମୟ ଅପଚୟ ନକରି ଆଖିରେ ଦେଖୁଥିବା, ମନକୁ ଆପ୍ଲୁତ କରୁଥିବା ଓ ହୃଦୟକୁ ଛୁଇଁ ଯାଉଥିବା ସୂକ୍ଷ୍ମ ଅନୁଭବକୁ ଆପଣେଇ ନିଅ। ଦେଖିବ ଓ ଜାଣିବ ପ୍ରତି ବ୍ୟକ୍ତି, ବସ୍ତୁ ଓ ପ୍ରକୃତି ଭିତରେ ଅପରୂପ ସୌନ୍ଦର୍ଯ୍ୟ ଖୁନ୍ଦା ଖୁନ୍ଦି ହୋଇ ରହିଛି, ନଚେତ ଯନ୍ତ୍ରଣାର ଅସହାୟ ସୂତାରେ ଝୁଲି ପଡିବା ବିନା ତୁମର ଗତ୍ୟାନ୍ତର ନଥିବ।"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଅଜ୍ଞତା ହିଁ ଅହଂକାର



କୁଞ୍ଜବିହାରୀ ରାଉତ

ଅଜ୍ଞତା ହିଁ ଅହଂକାରର ଜନନୀ
ବିନମ୍ରତା ଜୀବନର ଅମୂଲ୍ୟ ଅଳଙ୍କାର
ନିଜର ଅଜ୍ଞତା କୁ ଜାଣିବା ହିଁ
ମଣିଷର ସବୁଠାରୁ ବଡ ବିଜ୍ଞତା
ବଂଧୁ, ଜାଣିରଖ
ବିଶ୍ୱାସ, ହୃଦୟ, ପ୍ରେମ, ପ୍ରତିଶୃତି
ଭାଙ୍ଗିଗଲେ ଶବ୍ଦ ହୁଏନି
ମାତ୍ର, ଯନ୍ତ୍ରଣା ଦେଉଥାଏ ନିରନ୍ତର
ସଂଜମତା ହେଉ ବାଣୀ
କାରଣ ବାଣୀ ବିଣା ହେଲେ ଜୀବନ ସଂଗୀତମୟ
ଆଉ ବାଣୀ ବାଣ ହେଲେ ହୁଏ ଧ୍ୱଂସର କାରଣ
ସେଇଥିପାଇଁ ତ...
ଜଳ ମର୍ଯ୍ୟାଦା ଭାଙ୍ଗିଲେ ହୁଏ ବିନାଶ
ଆଉ ବାଣୀ ମର୍ଯ୍ୟାଦା ଭାଙ୍ଗିଲେ ହୁଏ ସର୍ବନାଶ ..
ପ୍ରତ୍ୟେକଙ୍କ ଜୀବନରେ କିଛି ଥାଏ ନିର୍ଦ୍ଦିଷ୍ଟତା
ଯେପରି ମହମବତୀ ଜଳି ଆଲୁଅ ଦେଉଥାଏ
ଧୂପକାଠି ଜଳି ସୁଗନ୍ଧ ବାଣ୍ଟି ଚାଲିଥାଏ...

ISSN NO.
2582-208X

ଏଇତ ଜୀବନର ବାସ୍ତବତା
ଥରେ ନିଜ ମନକୁ ପଚାର
ଅହଂକାର କୁ କରି ପରିତ୍ୟାଗ
ଭଲପାଇବାର ମନ୍ତ୍ରରେ ନିଜକୁ ମନ୍ତ୍ରିତ କରାଇ
ଆଚରଣର ସୁଗନ୍ଧ ବାଣ୍ଟି ଚାଲିଥାଅ
ଏ ସଂସାରରେ
ଅହଂକାର ର ଅନ୍ଧକାରକୁ ଦୂରେଇ
ଉଦାହରଣ ହୁଅ ଏ ସମାଜରେ.....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X



# ଲୁହ



ଅରୁଣ କୁମାର ମହାପାତ୍ର

ସେ ତ ସୁପ୍ତ ବେଦନାର କୋହ
କେବେ ଗହନ ବନର ଦାହ
ଦିଶେ ବା ନ ଦିଶେ ବାହ୍ୟ ରୂପ ତାର
ସଦା ଅନୁଭବୀ ଅନ୍ତର୍ଦାହ ।

ଲୋଡ଼ା ନାହିଁ ତାର ଅନୁମତି
ବୃଦ୍ଧ ବୃଦ୍ଧା କି ଚପଳମତି
ସବୁରି ଚକ୍ଷୁରେ ବସତି ସ୍ଥାପନ
କେବେ ଝରିବାକୁ ନାହିଁ ଶକ୍ତି ।

ସୈନିକ ପତ୍ନୀ ଚକ୍ଷୁର ଧାର
ଅବା ଭିଜାଏ କଜ୍ଜଳ ଗାର
ଭିଜା ଭିଜା ଆଖି ପୂଜା ଥାଳି ହାତେ
ଗାଏ ବିଦାୟ ସଙ୍ଗୀତ ସ୍ୱର ।

ଝରେ ବିଜୟର ଗାଥା ଗାଇ
ସଦା ତତ୍ପର ଝରିବା ପାଇଁ
ଉତ୍ଫୁଲିତ ମନ ନମାନେ ଆକଟ
(ସତେ) ନଇ ସମୁଦ୍ରେ ମିଶିବ ଯାଇ ।

ବନ୍ୟା ବାତ୍ୟାର ଉତ୍ପାତ ଦେଖି
ଚାଷୀ ଉଜୁଡ଼ା ଫସଲ ସାକ୍ଷୀ
ଲେଖି ଯାଏ ସଦା ବିନା କାଗଜରେ
ନିତ୍ୟ ସମ୍ପର୍କର ଇସ୍ତାହାର ।

କର୍କଶ ଶବ୍ଦର ହାହାକାର
ମଧୁ ବଚନର ସମାହାର
ସ୍ଥାନ କାଳ ପାତ୍ର ନିର୍ବିଶେଷରେ
ଝରି ଯାଏ ଲୁହ ଧାର ଧାର ।

ପ୍ରତାପ ପୁର, ଗଞ୍ଜାମ
(ଅଶ୍ୱପୁରମ୍, ତେଲେଙ୍ଗାନା)

ISSN NO.
2582-208X

# ରାକ୍ଷୀ ପୂର୍ଣ୍ଣମୀ



ନରେନ୍ଦ୍ର ପ୍ରସାଦ ବେହେରା

କର ନାହିଁ ମନ ଊଣାରେ ଭଉଣୀ
ଆଜି ତ ରାକ୍ଷୀ ପୂର୍ଣ୍ଣମୀ
ଅଦ୍ୟ ଦିବସରେ ସାକ୍ଷୀ ମହାପ୍ରଭୁ
ହେବନି କେବେ ଅକାମି ।୧।

ଭାଇ ଭଉଣୀର ପବିତ୍ର ବନ୍ଧନ
ଏତ ନୁହେଁ ଖେଳ ଘର
କେମିତି ସେନେହ ଦେବି ଆପଣଙ୍କୁ
ରହିଲି ଅନେକ ଦୂର ।୨।

ନାଟକ ରଚିଲେ ମହାପ୍ରଭୁ ଆଜି
କରିଲେ ସଭିଙ୍କୁ ପର
ନିଜ ହାତେ ରାକ୍ଷୀ ବାନ୍ଧି ମହାପ୍ରଭୁ
ଭରିଲେ ଆଖିରେ ନୀର ।୩।

ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର
ଅଟେ ଅନନ୍ତ ଅପାର
ଯୁଗ ଯୁଗ ପାଇଁ ଆପଣଙ୍କ ରାକ୍ଷୀ
ରହିବ ହୃଦୟେ ମୋର ।୪।

ଦୂରରୁ ଦେଉଛି ଆଶୀର୍ବାଦ ମୁଁ ଯେ
ବୁଝାଇ ଦେବେ ମନକୁ
ଚଲାପଥ ତୁମ୍ଭ ହେଉ କୁସୁମିତ
ଡାକୁଛି ଆଜି ପ୍ରଭୁଙ୍କୁ ।୫।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୬ )

ପୂର୍ବରୁ କୌଣସି ପିଲା ଏପର୍ଯ୍ୟନ୍ତ ଜିଲ୍ଲା ସ୍କୁଲରୁ ଛାତ୍ରବୃତ୍ତି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେଇ ନଥିଲେ । ମୁଁ ଏକାଥରେ ଛାତ୍ରବୃତ୍ତି ନେଇ ଆସିଲି । ଆମ ସ୍କୁଲ୍ ପାଇଁ ଏହା କମ ଗୌରବର କଥା ନୁହେଁ ।

ସେଦିନ ଆମର କ୍ଲାସ୍ ଚାଲିଥାଏ । ଅନାଦି ମଉସା ଆସି ପ୍ରଧାନ ଶିକ୍ଷକ ବିଶେଷ ଛାତ୍ରସଭା ଡକେଇଛନ୍ତି ବୋଲି କହିଲେ । ସାର୍ ଙ୍କ ସହିତ ଆମେ ମଧ୍ୟ ଆଶ୍ଚର୍ଯ୍ୟ ହେଲୁ । କିଛି ଅଘଟଣ ଘଟି ନାହିଁ ତ? କାରଣ ଏଇ ସବେମାତ୍ର ଯାଇଛି ସରସ୍ୱତୀ ପୂଜା ଓ ଗଣତନ୍ତ୍ର ଦିବସ। ଆଗକୁ ସେମିତି କିଛି ଉତ୍ସବ ମହୋତ୍ସବ ନାହିଁ । ଏକବେଗ୍ ପ୍ରଧାନ ଶିକ୍ଷକଙ୍କର ଏମିତି ଛାତ୍ରସଭା ଡକେଇବା ମାନେ କିଛି ଗୋଟାଏ ମହତ୍ୱପୂର୍ଣ୍ଣ ବିଷୟ ଅଛି ନିଶ୍ଚୟ ।

ଶୀତଦିନ, ଆମେ ସମସ୍ତେ ଯାଇ ପଡ଼ିଆରେ ବସି ପଡ଼ିଲୁ ଆଲଥି ପାଲଥି ମାରି । ସବୁ ସାର୍ ମାନେ ଓ ଉଷା ଦିଦି ଆସି ବେଦୀ ଉପରେ ସ୍ୱ ସ୍ୱ ସ୍ଥାନ ଗ୍ରହଣ କଲେ । ଶେଷରେ ଆସିଲେ ଆମ ପ୍ରଧାନ ଶିକ୍ଷକ । ବେଶ୍ ମାପଚୁପ୍ ଚାଲିରେ ନିଜର ଧୋବ ଫରଫର ଧୋତିର କାନିକୁ ବାଁ ହାତ ବୁଢ଼ା ଆଙ୍ଗୁଠି ଓ ବିଷି ଆଙ୍ଗୁଠିରେ ଚିମୁଟି ଧରିଥାନ୍ତି । ତାଙ୍କୁ

ISSN NO.
2582-208X

ଦେଖିଲେ ମୁଁ ସବୁବେଳେ ବିହ୍ୱଳିତ ହୁଏ, ମୁଗ୍ଧ ହୁଏ ଠିକ୍ ଯେମିତି ବିବେକା ମାଷ୍ଟରଙ୍କୁ ଦେଖିଲେ । ସମସ୍ତଙ୍କ ଆଖିରେ ପ୍ରଶ୍ନବାଚୀ ଓ ଭୟର ଚିହ୍ନ । ସେ ନିଜ ଆସନରେ ନ ବସି ଠିଆ ହେଇ ଆରମ୍ଭ କଲେ ବକ୍ତୃତା ।

– ମଣିଷ ଜନ୍ମ ହେଉଛି ଦୁର୍ଲଭ୍ ଜନ୍ମ। ପଶୁପକ୍ଷୀ ଇତ୍ୟାଦି ଇତର୍ ଜୀବଜନ୍ତୁ ମାନକର୍ ଚିନ୍ତା ଶକ୍ତି ନାଇଁ ଥାଏ। ଭାବନା ନାଇଁ ଥାଏ । ସେମାନେ ଜନମ୍ ନିଅନ୍, ଖାଆନ୍ ପିଅନ୍, ଛୁଆ ଜନମ୍ କରନ୍ ଆଉ ମରି ଯାଆନ୍ । ମଣିଷକୁ ଭଗବାନ୍ ଗୁଟେଇ ବିବେକ ଦେଇଛନ୍। ଆମେ ଭଲ୍ ମନ୍ଦ୍ ବିଚାର୍ କରି ପାରବା। ବୁଦ୍ଧି ଦେଇଛନ୍, ଆମେ ଆଗକୁ ବଢ଼ି ପାରବା। ଆଜ୍ ମୁଇଁ ବହୁତ ଖୁସି ଯେ ସେଇ ବୁଦ୍ଧି ବିବେକ୍ ଟାକୁ କାମରେ ନଗେଇବା ପାଇଁ ଆମର୍ ସ୍କୁଲରେ କେହି ଗୁଟେଇ ଅଛି । ଏତେ ବର୍ଷ ପରେ ଆମର୍ ସ୍କୁଲର୍ ନାମ୍ ହେଇଛି । ଏନାଗି ଯାଇଁ ଆମର୍ ସ୍କୁଲରୁ କେହି ବୃତ୍ତି ପରୀକ୍ଷା ଦେଇ ନାଇଁ ଥିଲେ । ମୋର୍ ସପନ୍ ଆଜ୍ ପୁରା ହେଲା ଆଉ ଭଲକରି ପୁରା ହେଲା ।

ଏଏରେ ଅଭିମନ୍ୟୁ, ଆଗକୁ ଆୟ ବାପା । ଆୟ ଆୟ ।

ସମସ୍ତେ ଜାଣି ଯାଇଥିଲେ ଯେ ମୁଁ ଛାତ୍ରବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛି । ଯେମିତି ମୁଁ ଠିଆ ହେଲି ତାଳିମାଡ଼ରେ କମ୍ପି ଉଠିଲା ପଡ଼ିଆ । ବରଗଛ ଉପରେ ବସିଥିବା ଚଢେଇ ଚିର୍କୁଣି ସବୁ ଉଡ଼ି ପଳେଇଲେ । ମୁଁ ଆଗକୁ ଯାଇ ଠିଆ ହେଲି ବେଦୀ ଉପରେ । ପ୍ରଧାନ ଶିକ୍ଷକ ଆସି ମୋର ମୁଣ୍ଡ ଆଉଁସି ଦେଲେ। ମୋର ସଫଳତା ଘୋଷଣା କଲେ। ମୁଁ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଚରଣସ୍ପର୍ଶ କଲି ।

ତାର କିଛିଦିନ ପରେ ଗୋଟିଏ ସମ୍ବର୍ଦ୍ଧନା ସଭା ଡକା ଯାଇଥିଲା । ସେଥିରେ ବିବେକା ମାଷ୍ଟର୍ ଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରା ଯାଇଥିଲା। ବାପା ମଧ୍ୟ ଆସିଥିଲେ ।

ମୋର୍ ପ୍ରଥମ ଛାତ୍ରବୃତ୍ତି, ମାତ୍ର ଚାଳିଶ ଟଙ୍କା । କମ ନଥିଲା ସେ ସମୟରେ । ଆଉ ଆଜି ଭାବିଲେ କିଛି ବେଶି ଭି ତ ନଥିଲା । ତେବେ ବ୍ଲକ୍ ଅଫିସରୁ ଗଣିଆ ଭାଇଙ୍କ ସହିତ ଯାଇ ଚାରିଟା ଦଶ ଟଙ୍କିଆ ନୋଟ୍ ଧରିବାରେ ସେ ଯେଉଁ ରୋମାଞ୍ଚ ଆଉ ଆନନ୍ଦ ଅନୁଭବ

ISSN NO.
2582-208X

କରିଥିଲି ଆଜି କୋଟି କୋଟି ଟଙ୍କା ଭି ତାର କାଣିଚାଏ ହେଲେ ଦେଇ ପାରୁନାହିଁ । ମୁଁ ସେଇଦିନ ଟଙ୍କା ପାଇ ଗଣିଆ ଭାଇଙ୍କ ସହିତ ଯାଇଥିଲି ଘରକୁ । ମୋ ବାପା ଓ ବିବେକା ମାଷ୍ଟରଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟ ବାଢ଼ି ଦେବାକୁ ।

ବାପାଙ୍କ ହାତରେ ଯେତେବେଳେ ସେହି ମୋର ପ୍ରଥମ ଅର୍ଜନ, ହଁ ଭୁଲ୍ ତ ନୁହେଁ, ମୋର ଅର୍ଜନ ହିଁ ତ କୁହାଯିବ ନା - "ବାପାଙ୍କ ଚେମଡ଼ିଆ ହାତରେ ଚାରିଟା ଦଶ ଟଙ୍କିଆ ନୋଟ୍"'

କବିତା ପଂକ୍ତି ଟିଏ ମୁଣ୍ଡରେ ଜନ୍ମ ନେଲା ମୋର୍ ।

""ପିତୃତ୍ୱ ତବ ସଦା ଥାଉ ମୋ ଜନ୍ମେ
ମୁଁ ସଦା ରୁହେ ତବ ପୁତ୍ରର ଧର୍ମେ
ତୁମେ ମୋ ସ୍ୱର୍ଗ ଆଉ ତୁମେ ମୋ ଧର୍ମ
ରହେ ବାହୁଛାୟାରେ ସପତ ଜନ୍ମ । ""

ନା କ୍ୟାମେରା ଥିଲା ନା ମୋବାଇଲ ଯୁଗ, ସାଇତି ନେବାକୁ ବାପାଙ୍କ ଆଖିରେ ସେହି ଚମକୁ ଥିବା ଉଜ୍ଜ୍ୱଳ ତାରକା ଦୁଇଟିକୁ ଅବା ତାଙ୍କର ଥରଥର ହାତକୁ ମୋ ମୁଣ୍ଡରେ ରଖିଥିବା ଅବସ୍ଥାରେ ସେଲ୍ଫିଟିଏ ।

ସେଇ 'ଅକବି' ମନର ଅପାକଳ' ଅକବିତା'ଟି ଏପର୍ଯ୍ୟନ୍ତ ମୋର ପଢ଼ା ଟେବୁଲର ଶୋଭା ବର୍ଦ୍ଧନ କରୁଛି । ସେଥିରେ ମୁଁ ଦେଖିପାରେ ମୋ ବାପାଙ୍କ ଶୀରାଳ ଚେମ୍ବଲିଆ ହାତ ଅଞ୍ଜୁଳିକୁ, ବାପାଙ୍କ କୁଞ୍ଚିତ ଆଖିର ସେହି ତାରା ଦୁଇଟିକୁ, ବାପାଙ୍କ ସଦା ଅନାବିଳ ମନ ଭିତରର ଉଚ୍ଚାକାଂକ୍ଷାଟିକୁ, ଆଶାୟୀତ ସ୍ୱପ୍ନଟିକୁ ।

ବାପା ସତରେ, ସ୍ୱପ୍ନ ଦେଖୁଥିଲେ କିନ୍ତୁ କେବେ ପ୍ରକାଶ କରି ନଥିଲେ । କିନ୍ତୁ ସେହି ସ୍ୱପ୍ନ ସବୁ କେମିତି ଏକ ବୈଦ୍ୟୁତିକ ତରଙ୍ଗ ପରି ମୋ ମନଟାକୁ ଆଚ୍ଛାଦିତ କରି ଦେଉଥିଲା,

ISSN NO.
2582-208X

ତାହାହିଁ ବୋଧେ ଇନ୍ଟ୍ୟୁସନ୍ ବା ଅନ୍ତଃ ସ୍ଫୁରଣ ବା ଅନ୍ତରର୍ଦୃଷ୍ଟି ଅଥବା ସହଜ ଜ୍ଞାନ । ଅକୁହା କଥା ସବୁ ସଞ୍ଚରି ଆସୁଥିବା ସୂକ୍ଷ୍ମ ତରଙ୍ଗ ।

ବାପା କହିଥିଲେ, - ଯା ତୋର ଇଷ୍ଟଦେବତାକୁ ସମର୍ପି ଦେଇ ଆଏ ତୋର୍ ଏଇ ସାଫଲ୍ୟ ।

ମୁଁ ବୁଝିଥିଲି ବାପାଙ୍କ ଇଙ୍ଗିତ ସେହି ସୂକ୍ଷ୍ମ ତରଙ୍ଗ ଜରିଆରେ । ମୁଁ ପୁଣି ଯାଇଥିଲି ବିବେକା ମାଷ୍ଟର ପାଖକୁ । ପୁଣି ସେହି ସମାନ ଦୃଶ୍ୟ, ସମାନ ଅନୁଭବ, ସମାନ ପ୍ରତିକ୍ରିୟା ।

ସଞ୍ଜବେଳ ଥିଲା, ଝିଙ୍କାରୀର ଝିଙ୍କ୍ ଝିଙ୍କ୍ ଆରମ୍ଭ ହେଇ ଯାଇଥିଲା। କଳାକର ଜେଠା ଆରମ୍ଭ କରି ଦେଇଥିଲେ ଭାଗବତ ପାଠ, ତାଙ୍କର ଦାଣ୍ଡ ପିଣ୍ଡାରେ କିନ୍ତୁ ଯେତିକି ଭୀଡ଼ ଥିବା କଥା ସେତିକି ନଥିଲା। ଲୋକେ ବାଣ୍ଟି ହେଇ ଯାଇଥିଲେ । ବିବେକା ମାଷ୍ଟରଙ୍କ ଘରେ ବାଜୁଥିଲା ରେଡ଼ିଓ । ଚାଲିଥିଲା ଦାସକାଠିଆ। ସେଇଠି କିଛି ଲୋକ ତଲ୍ଲୀନ ହେଇ ଶୁଣୁଥିଲେ ଦାସକାଠିଆ । କେହି କେହି ଗାହାଣ ସହିତ ଗାଉଥିଲେ:

ମୋ କାନ୍ତ ଗଲେ ମୃଗ ମାରି ......

କେହି କେହି ପାଳିଆଙ୍କ ସହିତ ସ୍ୱର ଯୋଡୁଥିଲେ

ହେ ବନ ଗିରି ହେ ଲତା ଗିରି ......

ରେଡ଼ିଓ ଥୁଆ ହେଇଥିଲା ଦେବତା ପରି, ଏକ ଉଚ୍ଚ ଖୁନ୍ଦୁଡ଼ିରେ । ବୁଢ଼ା ଠାରୁ ଛୁଆ ସମସ୍ତେ ତାକୁ ଅନେଇ ପିଇ ଯାଉଥିଲେ ଯେମିତି । ପାଖ ଖଞ୍ଜାର ବାରଣ୍ଡାରେ ଜାକି ଜୁକି ହେଇ ଓଢ଼ଣା ଦେଇ ବସିଥିଲେ ଧାଡ଼ିଏ ମାଇପି ଲୋକ । ରଜାରୁ ଝୁଲୁଥିଲା ମିଁ ମିଁ ଜଳୁଥିବା ଲଣ୍ଠନ ଯୋଡେ ।

ISSN NO.
2582-208X

ମାତା ସୀତାଙ୍କ ଆକୁଳତା ବାରି ହେଇ ଯାଉଥିଲା ଗାହାଣ ଓ ପାଳିଆଙ୍କ ଅତ୍ୟନ୍ତ ମର୍ମଭେଦି କଣ୍ଠସ୍ୱରରେ । କାରୁଣ୍ୟତା ପ୍ରସରି ଯାଉଥିଲା ସାରଙ୍କ ପିଣ୍ଡାରୁ ପାଖ ଖଞ୍ଜାର ପିଣ୍ଡାକୁ । ଭରି ଦେଉଥିଲା କୋହ, ଲୁହ ସହିତ କିଛି ଦୀର୍ଘଶ୍ୱାସ । ବିଦାୟ କାଳୀନ ସନ୍ଧ୍ୟାବେଳଟାକୁ କରି ଦେଉଥିଲା ଆହୁରି ଜର୍ଜରିତ ।

ସତରେ, କେମିତି କେମିତି କଳାକାର ମାନେ ଥିଲେ, କେବଳ ଦୁଇଟା କାଠ ଠକ୍ ଠକ୍ କରି ତୋଳି ପାରୁଥିଲେ ଐଶ୍ୱରୀୟ ସଙ୍ଗୀତ ମୂର୍ଚ୍ଛନା, କଣ୍ଠର ଆରୋହ ଅବରୋହ ଓ ଶବ୍ଦର ଉଚ୍ଚାରଣରେ ଜୀବନ୍ତ କରୁଥିଲେ ଦୃଶ୍ୟାବଳୀ ।

ଥରେ ଗାଁକୁ ଆସିଥିଲା ଗୁଟିପ (ଗୋଟିପୁଅ) ନାଚ । ଶ୍ରୀଧର ସାଆନ୍ତଙ୍କ ଝିଅ ବାହାଘର ସମୟରେ । ଏମିତି ତ ଘୋଡ଼ା ନାଚ, ନାଚୁଣୀ ନାଚ କେତେକଣ ଆୟୋଜନ କରିଥିଲେ । କିନ୍ତୁ ଗୁଟିପ ନାଚ ଓ ଘୋଡ଼ା ନାଚ ଆମ ପିଲା ମାନଙ୍କୁ ବହୁତ ପ୍ରଭାବିତ କରିଥିଲା। କାଠ ତିଆରି ଫ୍ରେମଟିକୁ ଘୋଡ଼ା ରୂପ ଦେଇ ତା ଭିତରୁ ଲୋକଟିଏ ବାହାରି ବିଭିନ୍ନ ଅଙ୍ଗଭଙ୍ଗୀ ଦେଖେଇ ଲୋକଙ୍କୁ ହସେଇ ହସେଇ ବେଦମ୍ କରାଏ ।

ଗୁଟିପ ନାଚ - ଷୋହଳ ସତର ବର୍ଷ ବୟସର ପୁଅ ପିଲାଟିଏ ସମ୍ପୂର୍ଣ୍ଣ ରାସଲୀଳା ଦର୍ଶକ ସମକ୍ଷରେ ପ୍ରଦର୍ଶନ କରି ଅଭିଭୂତ କରିଦେଇଥିଲା। ଉଭୟ କୃଷ୍ଣ ଓ ଗୋପିକାଙ୍କ ଅଭିନୟ ନିଖୁଣ ଭାବରେ ଫୁଟେଇ ପାରିଥିଲା । ପଛକୁ ଲୋକଙ୍କ ମନୋରଞ୍ଜନ ପାଇଁ, "ବୋଉଲୋ କି କହିବି ନୁଆ ଭାଉଜଙ୍କ କଥା" ଗୀତ ଓ ନାଚ ପରିବେଷଣ କରିଥିଲା । ହସି ହସି ଆମର ପେଟ ବଥା ହେଇ ଯାଇଥିଲା । ଆମେ ପିଲାମାନେ ତ କେତେଦିନ ପର୍ଯ୍ୟନ୍ତ ଘୋଡ଼ା ନାଚ କଲୁ ଠେଙ୍ଗାଟିଏ ଧରି । ନେଖାଯୋଖା ଭାଉଜ ମାନଙ୍କ ଆଗରେ ଗାଇ ଗାଇ ରଗେଇଲୁ

""ସକାଳୁ ଉଠି ଦାନ୍ତ ନ ଘସି, ଚା ପିଅନ୍ତି ପଲଙ୍କେ ବସି""

ଗୋଟିପୁଅ ନାଚ ମଧ୍ୟଯୁଗରୁ ପ୍ରଚଳିତ ଏକ ଶାସ୍ତ୍ରୀୟ ନାଚ। ମନେହୁଏ ମୁସଲମାନ ଶାସକଙ୍କ ପ୍ରାଦୁର୍ଭାବରୁ ଭୟଭୀତ ହୋଇ ମାହାରୀ ଓ ଦେବଦାସୀ ମାନେ ନୃତ୍ୟକଳାରୁ

ISSN NO.
2582-208X

ଦୂରେଇ ଯାଇଥିବାରୁ ପୁରୁଷ ମାନେ ନାରୀ ବେଶ ହୋଇ ନୃତ୍ୟ ଓ ଅଭିନୟ କରୁଥିଲେ । ଏହା ମଧ୍ୟ ଓଡ଼ିଶୀ ନୃତ୍ୟ ପରି ମଙ୍ଗଳାଚରଣରୁ ଆରମ୍ଭ ହୋଇଥାଏ ।

ପିଣ୍ଡାରେ ଲୋକେ ତାଳରେ ଝୁଲି ଝୁଲି ତାଳି ମାରୁଥିଲେ, ବାରଣ୍ଡାରେ କିନ୍ତୁ ସାର୍ ନଥିଲେ । ମୁଁ ଭିତରକୁ ପଶିଗଲି । ଦେଠେଇ ମୋ ହାତକୁ ଧରି ଟାଣିନେଲେ ।

- ସାର୍ ଧ୍ୟାନ୍ କରୁଛନ୍। ଏଇ ସାଙ୍ଗେ ସାଙ୍ଗେ ସରବ ଯେ ।

ମୁଁ ଆଶ୍ଚର୍ଯ୍ୟ !!

ବାହାରେ ତାଙ୍କ କୋଠରୀକୁ ଲାଗି ଏତେ କୋଳାହଳ ଆଉ କୋଠରୀ ଭିତରେ ନୀରବତାର, ପରମଯୋଗର ଅବସ୍ଥାନ ? ଅପୂର୍ବ ସଂଯୋଗ !! ଅନ୍ତସ୍ଥ ନିଃଶବ୍ଦତା ଆଗରେ ବାହ୍ୟ କୋଳାହଳର ପ୍ରଭାବ ନଗଣ୍ୟ ଯଦି ନିଜର ଅନ୍ତର୍ମନକୁ ଦୃଢ଼ତାର ସହିତ ଆୟତ୍ତରେ ରଖାଯାଏ । ସାର୍ କହୁଥିଲେ ।

ନାନୀ ରେଡ଼ିଓ ଦେଇଥିଲେ ସତ କିନ୍ତୁ ସାର୍ ସେଇଟା ଗାଁର ଲୋକଙ୍କ ମନୋରଞ୍ଜନ ନିମନ୍ତେ ଦାନ କରି ଦେଇଥିଲେ । ସାର୍ ବଡ଼ ଉତ୍ଫୁଲ୍ଲିତ ହୋଇ କହୁଥିଲେ,

- ଅଭି ରେ, ରେଡ଼ିଓଟା ଆସଲା ବୋଲି ବାପା ଏଇ କୂଉ ବେଙ୍ଗ୍ ମାନେ ଟିକେ ବାହାର୍ ଦୁନିଆ ବିଷୟରେ ଜାଣଲେ ଶୁଣଲେ ।

ମୁଁ ତା ପରଦିନ ପୁଣି ଗଣିଆ ଭାଇଙ୍କ ସହିତ ସ୍କୁଲ୍ ଚାଲି ଗଲି । ଛାତ୍ରାବାସର କୂଅ ମୂଳିଆ ଗଛରେ କବ୍ବା ଦିନ୍ ମୋ ସହିତ ଅନ୍ୟ ମାନଙ୍କୁ ମଧ୍ୟ ଉଠଉଥିଲା ।

ଉଠ୍ ପୁଟୁର୍ .....
ଉଠ୍ ପୁଟୁର୍ ....

ISSN NO.
2582-208X

ଆମର ପଢ଼ା ଚାଲିଥିଲା । ସୌମ୍ୟକାନ୍ତ ଭାଇଙ୍କ ବହିର ଉଚ୍ଚତା ବଢ଼ୁଥିଲା । ସେ ବର୍ତ୍ତମାନ ରୁସୋ, ବାଲ୍ଟେୟର୍, ମୁସୋଲିନୀ, ଚାର୍ବାକ୍, କୌଟିଲ୍ୟଙ୍କର ବହି ପଢ଼ିବା ଆରମ୍ଭ କରି ଦେଇଥିଲେ ଯୋଉଥିରେ ମୋର୍ ରଞ୍ଜେ ହେଲେ ଆଗ୍ରହ ନଥିଲା ।

ସୂର୍ଯ୍ୟର ଯୋଗାଭ୍ୟାସ ଆହୁରି କଠିନତର ହେଉଥିଲା । ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରି ପନ୍ଦର ମିନିଟ୍ ଯାଏ ରହି ଯାଉଥିଲା ସିଏ ।

ଚଇନୁ କେବେ କୌଣସି ବିଷୟରେ ଫେଲ୍ ହୋଇ ନଥିଲା । ଶଶାଙ୍କ ସାର୍ ସମସ୍ତଙ୍କୁ କନ୍ଦେଇ ଅଲଗା ଯାଗାକୁ ଚାଲି ଯାଇଥିଲେ ସ୍ଥାନାନ୍ତରିତ ହୋଇ । ଉଷା ଦିଦି ବିବାହ କରି ମଧ୍ୟ ଆମ ସ୍କୁଲରେ ରହିଲେ ଯଦିଓ ତାଙ୍କ ସ୍ୱାମୀ ଚାପ ପକେଇଥିଲେ ଚାକିରୀ ଛାଡ଼ିବା ପାଇଁ । ତାଙ୍କର ଗୋଟିଏ କୁନି ମୁନି ଝିଅ ତନୁ ସମସ୍ତଙ୍କର ଗେହ୍ଲା ହୋଇ ଯାଇଥିଲା । ସମସ୍ତଙ୍କୁ ନିଜ ହାବ ଭାବରେ ମଜ୍ଜେଇ ରଖିଥିଲା । ଦିଦି ବିବାହ ପରେ ନିଜ ସମ୍ବନ୍ଧୀୟ ମଉସା ଘରେ ନରହି ଆମ ସହିତ ଛାତ୍ରାବାସରେ ରହୁଥିଲେ । ଆମର କୈଶୋରର ନିରସ ଜୀବନରେ ରସ ଭରିଥିଲେ ।

ନଈରୁ କେତେ ପୁରୁଣା ପାଣି ବୋହି ଯାଇ ନୁଆପାଣି ଆସୁଥିଲା । ଦୁଇଟା ନଈ ମଝିର ତ୍ରିକୋଣଭୂମି ପୋତି ହେଇ ଆସିଥିଲା । ବାଲି ଠାଏ ଠାଏ ରହି ବାକି ଜାଗାରେ ମରୁଭୂମି ପରି କଣ୍ଟାଗଛ ମାନେ ମୁଣ୍ଡ ଟେକୁଥିଲେ । ପୋଲଟିଏ ଅଧା ତିଆରି ହୋଇ ରହିଥିଲା । ଯଦିଓ ଉପର ମୁଣ୍ଡରେ ବନ୍ଧ ବନ୍ଧା ହୋଇ ଯାଇଥିବାରୁ ଆଉ ଅତଳଥଳ ନଥିଲା ପାଣି । ଚାଲି ଚାଲି ସହଜରେ ପାରି ହେଇ ଯାଉଥିଲୁ ଆମେ ।

ଡଙ୍ଗାଧର କାକାଙ୍କ ଡଙ୍ଗା ଭଙ୍ଗାରୁଜା ହେଇ ପଡ଼ି ରହିଥିଲା ଓଲଟା ହେଇ । ତାଙ୍କର ଭାଇ ଭଉଣୀ ମାନେ ଯେ ଯାହା ରାସ୍ତା ଧରିଥିଲେ । ତାଙ୍କ ବାପାଙ୍କ ସମାଧି ପାଖରେ ଆଉ ଗୋଟିଏ ସମାଧି ତିଆରି ହୋଇଥିଲା । ତାଙ୍କ ମାଆ ବୁଢ଼ୀ କେତେବେଳେ ଏ ସମାଧିରେ ଫୁଲ ସଜଉଥିଲେ ତ କେତେବେଳେ ସେ ସମାଧିକୁ ଆଉଁସି ଆଣୁଥିଲେ ସତେକି ଡଙ୍ଗାଧର କାକାଙ୍କ ମୁହଁ । ଗାଁ ଲୋକେ ଡାକିଲେ ଯାଉ ନଥିଲେ । ଲୋକେ ଆଣି ଖାଇବା ଜିନିଷ ଥୋଇ ଦେଇ ଯାଉଥିଲେ ।

ISSN NO.
2582-208X

ଆମ ଚିର ସହଚର ନଈର ଉଞ୍ଚା ପଥର ସବୁ ଗୁଣ୍ଡ ହେଇ କାନ୍ଥ ମାନଙ୍କରେ ସମାଧି ନେଇଥିଲେ । ଗାଁରେ ମଧ୍ୟ ବହୁତ ଉନ୍ନତି ଅବନତି ଘଟି ଯାଇଥିଲା । ମୁରୁମ୍ ରାସ୍ତା ବଦଳରେ ପିଚୁ ରାସ୍ତା ତିଆରି ହୋଇଥିଲା । କୋଠା ଘର ଗଣ୍ଡା ଗଣ୍ଡା ତିଆରି ହେଉଥିଲା । କୋଉଠି ବାଲି କୋଉଠି ଇଟା ତ କୋଉଠି ଭଙ୍ଗାରୁଜା ପୁରୁଣା ତାଟି କବାଟ ପଡ଼ି ରହିଥିଲା ଅରକ୍ଷିତ ପରି । ତୋଟା, ମାଳ, କିଆ ଗୋହିରୀ ସମସ୍ତେ ଶେଷ ନିଶ୍ୱାସ ନେଉଥିଲେ ।

ହଁ ଗୋଟିଏ ଭଲକଥା ହୋଇଥିଲା, ଗଣିଆ ଭାଇ ଓ ଶ୍ରୀଧର ସାଆନ୍ତଙ୍କ ଉଦ୍ୟମରୁ ଆମର ଗାଁ ସ୍କୁଲ୍ ଏକ ସୁନ୍ଦର ଓ ବଡ଼ ସ୍କୁଲର କଳେବର ଧାରଣ କରିଥିଲା । ବାହାରୁ ତିନିଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ । ଆଉ ନୀରୁ ନୁଆବୋହୁ ସବୁଠାରୁ ଖୁସି ଥିଲେ । ତାଙ୍କର ବଡ଼ଝିଅ ସ୍କୁଲରେ ନାମ ଲେଖେଇଥିଲା । କବିତା, ଗପ, ଲେଖାଲେଖି ଛାଡ଼ି ସେ ଝିଅରୂପୀ କବିତା ପଢୁଥିଲେ ଓ ଲେଖୁଥିଲେ ।

ନବମ ଗଲା ଦଶମ ଗଲା , ଏକାଦଶ ଶ୍ରେଣୀ । ଚଇନୁର ନବମ । ସୌମ୍ୟ ଭାଇ ମୋ ସହିତ ।

-ଏ ଭାଇ, ଆଉ କେତେ ବହି ପଢବ ଯେ ? କେତେଦିନ୍ ଯାଇଁ ଏଇ ସ୍କୁଲ୍ ରେ ରହିବ ? ଏଇ ବହିଗା ହେବ କି ଯେ ?

- ଏରେ, ତୁଇ କି ଭାବିଛୁ ମୁଇଁ କଲେଜ୍ ଯିବି ? ନାଇଁ ନାଇଁ, ମୋର୍ ବାପର୍ ଜମିଦାରୀଟା କିଏ ସମ୍ଭାଳିବ ରେ ? ଚିନ୍ମୟ ପାସ୍ କରଲେ ତାର୍ ସାଙ୍ଗରେ ମୁଇଁ ସ୍କୁଲ୍ ଛାଡ଼ବି । ଆଉ ବହିଗା ସବୁ ତୋର୍ ସାଙ୍ଗରେ ଯିବେ, ବୁଝଲୁ ? ବିବେକା ମାଷ୍ଟର ପାଖ୍ କୁ ।

ବହି ସବୁ ଯାଇଥିଲା ମାଷ୍ଟର ପାଖକୁ କିନ୍ତୁ .......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ନ୍ୟାୟ



ବାସନ୍ତୀ ଲତା ଜେନା

ଏ ବିଶାଳ ଦେଶ ଭାରତ ବର୍ଷ
କହେ ନ୍ୟାୟର କାହାଣୀ
କେତେ ମୁନି ଋଷି ରାଜା ମହା ରାଜା
ଶାସନ କରି ଗଲେଣି ॥
ଇତିହାସ ଲେଖା ବୀରତ୍ୱ କାହାଣୀ
ନ୍ୟାୟ ଶାସନର କଥା
ସୁ ଶାସକ ହୋଇ ଶାସନ କରିଲେ
ଉଚ୍ଚା ରହି ଥିଲା ମଥା ॥
ଆଜି ଏ ସମାଜ କଳୁଶିତ ହୁଏ
ସ୍ୱାର୍ଥକୁ ସାରଥୀ କରି
ନୀତି ନିୟମ ତ ସବୁ ଭୁଲି ଗଲେ
ଅନ୍ୟାୟ ହୋଇଲା ଭାରି ॥
ନ୍ୟାୟର ନୀତି ପ୍ରଣୟନ କଲେ
ବିଚାର ସୁବିଧା ପାଇଁ
ସମସ୍ତଙ୍କୁ ନ୍ୟାୟ ସମାନ ମିଳିବ
ବ୍ୟତିକ୍ରମ ହେବ ନାହିଁ ॥
ଆଜି ଦୁନିଆଁରେ ଘଟେ ବିଡମ୍ବନା
ନ୍ୟାୟ ବଳି ପଡି ଯାଏ

ISSN NO.
2582-208X

ଧନୀକ ବ୍ୟକ୍ତି ଦୋଷ କରି ହସେ
ଗରୀବଟି ଶାସ୍ତି ପାଏ ॥
ଦୋଷ କରି ଦୋଷି ଦଣ୍ଡ ପାଏ ନାହିଁ
ନିର୍ଭୟରେ ଯାଏ ଖସି
ନିର୍ଦ୍ଦୋଷ ମୁଣ୍ଡରେ ଅଠା ବୋଳା ଯାଏ
ସିଏତ ପାଉଛି ଫାସି ॥
ଧନଶାଳୀ ଯିଏ ଶକ୍ତି ଦେଖାଉଛି
ଅନ୍ୟାୟ ପଥରେ ରହି
ସାକ୍ଷୀ କିଣା ଯାଏ ଅବା ଡରା ଯାଏ
ମୃତ୍ୟୁର ଭୟ ଦେଖାଇ ॥
ନ୍ୟାୟ ଦେବୀ ଆଜି ଅନ୍ଧ ହୋଇ ଅଛି
ଆଖିରେ ପୁଟୁଳି ବାନ୍ଧି
ଦେଖି ପାରେ ନାହିଁ ଶୁଣି ପାରେ ନାହିଁ
ଜିହ୍ୱା ତା ହୋଇଛି ଛନ୍ଦି ॥
ମିଛ ସାକ୍ଷୀ ଦିଏ ଧର୍ମ ଗୀତା ଛୁଇଁ
ଧର୍ମ ଦ୍ରୋହି ହୋଇ ଥାଏ
ମଜବୁରି ତାକୁ କୁକର୍ମ କରାଏ
ଆଖି ଲୁହ ଝରୁ ଥାଏ ॥
ସତ୍ୟର ଘଟଣା ଆଗକୁ ନ ଆସେ
ଦୋଷି ହୁଏତ ନିର୍ଦ୍ଦୋଷ
ନିର୍ବିଘ୍ନରେ ଦୋଷି ଖଲାସ ହୁଏ
ମୁଖେ ଫୁଟି ଉଠେ ହସ ॥
ପ୍ରମାଣ ଅଭାବେ ଦୋଷି ଖସି ଯାଏ
ବିଚାର ହୋଇ ନ ପାରେ
ଧର୍ମର ଜୟ ପରାଜୟ ହୁଏ
ନ୍ୟାୟ ମିଳିତ ନ ପାରେ ॥

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ହେ ଚକାନୟନ



ଅଜିତ କୁମାର ରାଉତ

ତବ କୃପା ଯୋଗୁଁ
ପାଇ ଅଛି ପ୍ରଭୁ ମନୁଷ୍ୟ ଜୀବନ ମୁହିଁ
ତବ କୃପା ଯୋଗୁଁ
ଧ୍ୟାନ ରଖି ଅଛି  କର୍ତ୍ତବ୍ୟ ପଥରେ ତହିଁ !!
ତବ କୃପା ଯୋଗୁଁ
କରୁ ଅଛି କର୍ମ ମାନବ କଲ୍ୟାଣ  ଯହିଁ
ତବ କୃପା ଯୋଗୁଁ
କାର୍ଯ୍ୟ ମୁଁ କରୁଛି ରାଷ୍ଟ୍ରର ନିର୍ମାଣ ତହିଁ !!
ତବ କୃପା ଯୋଗୁଁ
ରଖି ଅଛି ଭାବ ଗୃହସ୍ଥା ଧର୍ମରେ ମୁହିଁ
ତବ କୃପା ଯୋଗୁଁ
ରଖି ଅଛି ଭକ୍ତି ତବ ଶ୍ରୀଚରଣ ଚାହିଁ !!
ତବ କୃପା ଯୋଗୁଁ
ହୁଏ କେତେ ଆମ ରାଷ୍ଟ୍ର ଆଜି ଶକ୍ତିଶାଳୀ
ତବ କୃପା ଯୋଗୁଁ
ଦେଉଅଛି ଦେଶ ଶାନ୍ତିମନ୍ତ୍ର ବିଶ୍ୱେବୋଳି !!
ତବ କୃପା ଯୋଗୁଁ
ଗଛ ପତ୍ର ଲତା ସବୁ ପଲ୍ଲବୀ  ଉଠୁଛି
ତବ କୃପା ଯୋଗୁଁ

ISSN NO.
2582-208X

ପୁଷ୍ପ ବୃକ୍ଷ ଫୁଲ ବାସ୍ନା ସଞ୍ଚାର କରୁଛି!!
ତବ କୃପା ଯୋଗୁଁ
ଦେଖ ଚାଷୀ ଚାଷ କାର୍ଯ୍ୟ ଖୁସିରେ କରୁଛି
ତବ କୃପା ଯୋଗୁଁ
ଜନଜନଙ୍କରେ ଚାଷୀ ପେଟ ଭରୁଅଛି! !!
ତବ କୃପା ଯୋଗୁଁ
ସାଜିଛି ଭାରତ ନୂଆ ଗର୍ବିତ କରୁଛି
ତବ କୃପା ଯୋଗୁଁ
ରାଷ୍ଟ୍ରରେ ଆସିଛି ଅମୃତ କାଳ ଦିଶୁଛି !!
ତବ କୃପା ଯୋଗୁଁ
ଅନାଦି ଅନନ୍ତ ଦାରୁବ୍ରହ୍ମ ପରା ରୂପ
ତବ କୃପା ଯୋଗୁଁ
ପୁରୀ ଧାମେ ତୁହି ଅଟୁ କାଳିଆ ସ୍ୱରୂପ !!
ତବ କୃପା ଯୋଗୁଁ
ପରା ଅସମ୍ଭବ ସାରା ହୁଅଇ ସମ୍ଭବ
ତବ କୃପା ଯୋଗୁଁ
ଦେଶରେ ମିଳୁଛି ମାନ ସମ୍ମାନବୈଭବ !!

କଳାବାଡିଆ
ମୋ:- ୬୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# ଶୁଭ ଦିନର ଶ୍ରାବଣ ତୁମେ



ପ୍ରତିଭା ଦାସ

ଶୁଭ ଦିନର ଶ୍ରାବଣ ପରି
ହଠାତ ଆସିଲ ତୁମେ
ବନ୍ଦ କବାଟର ଦୁଆର ଖୋଲି
ରଜନୀଗନ୍ଧାର ମହକ ହୋଇ
ସୁବାସିତ କଲ ମୋର ମନକୁ
ଆଖିରେ ଅନେକ ସ୍ୱପ୍ନ ସଜାଇ ।

ଏବେ ସଂଘର୍ଷ ମଝିରେ ବି
ମନ ପ୍ରଫୁଲିତ ହୁଏ
ନବ ନବ ସୃଷ୍ଟିରେ ଉଦ୍ଭାସିତ ହୁଏ
ପ୍ରାଣର ବଗିଚାରେ ଗୋଲାପ ଟିଏ
ନରମ ଅଥଚ ଐଶ୍ୱର୍ଯ୍ୟର ଗୌରବରେ ଫୁଟି ଉଠେ ପ୍ରାଣକୁ
ପ୍ରୋତ୍ସାହିତ କରି ତୁମ ଅଜାଣତରେ ।

ଆଦୌ ସମ୍ଭବ ନଥିଲା କେହି ଆସିବା
ନ ଆସିବା ଖବର ରଖିବା ମୋ ପକ୍ଷେ,
ସମୟ ହାତରେ ଡୋରୀ ଦେଇ
ଗୋଟି ଗୋଟି କରି ନିଜ ଦୁନିଆଁରେ ବ୍ୟସ୍ତ ହୋଇ ପଡୁଥିଲି

ISSN NO.
2582-208X

କାହାକୁ କିଛି ନକହି
ସହଜ ସରଳ ଭାବରେ ବେଶ
ଖୁସିରେ...

ଏମିତି ଅନେକ  ସମୟ ହାତରୁ ଚାଲି
ଗଲେ ମଧ୍ୟ
ଐଶ୍ୱର୍ଯ୍ୟ ପ୍ରାପ୍ତି -ଅପ୍ରାପ୍ତି ପାଇଁ କେବେ ମୋହ ନଥିଲା
କାହା ସହିତ ହଜିଗଲି କରି ମିଛଟାରେ ସମୟ ବ୍ୟତୀତ କରିବା
କଦାପି ମୋର ଆଦର୍ଶ ନଥିଲା
ହେଲେ ଆଜି କିଛି ଦିନ ଧରି
ସବୁ କିଛି ବଦଳି ଯାଇଛି
ହୁଏ ତ ଶ୍ରାବଣ... ମୁଁ ତୁମ ପ୍ରେମରେ ପଡ଼ିଛି ।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ସାଗରର ଶାମୁକା



ମଧୁମିତା ମିଶ୍ର

ସରିତା କିଛି କମ୍ କରି ନଥିଲେ ମୋ ପାଇଁ...ମୁଁ ମଧ୍ୟ ନିଜ ସାଧ୍ୟମତେ ତାଙ୍କୁ ସବୁ ଖୁସି ଦେଇ ଚାଲିଥିଲି। ହେଲେ ଜାଣିନି...ଆମ ଦାମ୍ପତ୍ୟ ଜୀବନର ମଜଭୁତ ଅଟ୍ଟାଳିକାଟା କାହିଁକି କେଜାଣି ତାସଘରଟେ ପରି ଦୋହଲି ଯାଉଥିଲା...!! ବୋଧେ ସେଇ ଅପୂରଣୀୟ ସ୍ଥାନ ରହି ଯାଇଥିଲା ଆମ ଜୀବନରେ...ଯାହା ବିବାହର ଏତେ ବର୍ଷ ପରେ ମଧ୍ୟ ଆମକୁ ଅଭାବୀ କରି ରଖି ଦେଇଥିଲା। ଆମ ବୈବାହିକ ଜୀବନ ଅସମ୍ପୂର୍ଣ୍ଣ ଥିଲା ।

ମା ବାପା କେବେଠୁ ଆମକୁ ଏକୁଟିଆ କରି ଆର ପାରିକୁ ଚାଲି ଯାଇଥିଲେ। ଆଉ ବିବାହର ଏତେ ବର୍ଷ ପରେ ଆଉ କୌଣସି ବନ୍ଧୁବାନ୍ଧବ ଆସି ଆମ ନୀରବ ସଂସାରକୁ କୋଳାହଳମୟ କରିଦେବେ ସେଇ ସମ୍ଭାବନାଟା ମଧ୍ୟ ପ୍ରାୟ କ୍ଷୀଣ ହୋଇ ଯାଇଥିଲା। ସରିତା ନିଜ ମନ ଲଗେଇବା ପାଇଁ ବୁଣାବୁଣି ସିଲାସିଲି କରୁଥିଲେ ଆଉ ଯାବତୀୟ ଗଛପତ୍ର ଲଗେଇ ସେମାନଙ୍କ ପାଖରେ ନିଜ ମାତୃତ୍ୱକୁ ସାକାର କରିବାର ବିକଳ ପ୍ରୟାସ କରୁଥିଲେ। ଆଉ ମୁଁ...

କଣ କରିଥାନ୍ତି...? ଉଦ୍ଦୀପନାହୀନ ଜୀବନଟିଏ ବଞ୍ଚି ଚାଲିଥିଲି ଏକ ରକମ୍...!!

ହେଲେ...ମୋ ଭିତରେ ଶତ ସିଂହର ବଳ ଚାଲିଆସେ ଯେତେବେଳେ ମୁଁ ପୂର୍ଣ୍ଣମୀ ରାତିର ଦ୍ୱିତୀୟ ପହରରେ ସେଇ ବାଲୁକା ଭୂମିକୁ ଯାଏ...!! ସରିତା ଜାଣିଥିଲେ ଯେ ମୁଁ ଏକ ମନ୍ଦିରରେ ସେଇ ରାତିଟା କଟାଏ। ତେଣୁ ସେ ସେଇ ଗୋଟିଏ ରାତି ମୋର ଏଇ ବାହାରକୁ

ISSN NO.
2582-208X

ଯିବା ନେଇ କେବେ ଆପତ୍ତି କି ଅଭିଯୋଗ କରନ୍ତିନି। ହେଲେ ମୁଁ...ମୁଁ ଚାଲିଯାଏ ଦୁନିଆଠାରୁ ଦୂରକୁ...ସମସ୍ତଙ୍କ ଅଗୋଚରରେ...ସାଗର କୂଳରେ ଥିବା ସେଇ ବିସ୍ତୀର୍ଣ୍ଣ ବାଲୁକା ଭୂମିକୁ...ମୋ ଶାମୁକା ପାଖକୁ...!! ସେଇ ଶାମୁକା ଯିଏ ଦେବୀଟିଏ ହୋଇ ପୂଜା ପାଉଥିଲା ମୋ ମନ ମନ୍ଦିରରେ...ଯାହାକୁ ମୁଁ ଲୁଚେଇ ରଖିଥିଲି ସମସ୍ତଙ୍କ ଠାରୁ...!! ମୋ ନିଷ୍କାମ ନିସର୍ତ୍ତ ଭଲ ପାଇବା ଶାମୁକାକୁ ମୋ ପ୍ରେମର ଜୀବନ୍ତ ପ୍ରତୀକ କରି ଉଜ୍ଜୀବିତ କରି ରଖିବା ପାଇଁ ସର୍ବଦା ବଦ୍ଧ ପରିକର ଥିଲା...!!

ଶାମୁକା ଦେଇଥିବା ଛୋଟିଆ ଶାମୁକାଟିକୁ ଯତ୍ନରେ ମୁଁ ରଖିଥାଏ ମୋ ପାଖରେ । ଅନ୍ୟ ସମୟରେ ମୋତେ କେବଳ ଶାମୁକାର ସ୍ୱର ଶୁଭେ ହେଲେ ଏଇ ବାଲି ଉପରେ ଆଖି ବନ୍ଦ କରି ବସି କଥା ହେବାକୁ ଆରମ୍ଭ କଲେ ଶାମୁକା ମୋ ପାଖରେ ଥିଲା ପରି ମୋତେ ଲାଗେ। ଏକ ଅଦ୍ଭୁତ ପ୍ରଶାନ୍ତିର ଅନୁଭବ ହୁଏ ଯାହା ବର୍ଣ୍ଣନାତୀତ...!! ଶାନ୍ତ ହୋଇ ପୁଣି ମନରେ ଦମ୍ଭ ଧରି ସତେଜ ହୋଇ ମୁଁ ଆଗେଇ ଆସେ ସକାଳୁ...ମୋ ସଂସାରକୁ ପୁଣି ଆଗେଇ ନିଏ...

ଶାମୁକା ଆଉ ମୁଁ ବହୁତ୍ ଗପୁ...ସେ ପଚାରି ବୁଝେ ମୋ ନିତିଦିନିଆ ଜୀବନ ବିଷୟରେ...ମୋ କାମ ମୋ ସୁଖ ମୋ ଦୁଃଖ ଆଉ ସରିତା ବିଷୟରେ...!! ପ୍ରଗଲଭ ହୋଇ ମୁଁ କହିଯାଏ ସାରା ମାସର କଥା ସେଇ ପହରକ ଭିତରେ। ଶମୁକାର କଥା...ତା ହସ...ତା ଆତ୍ମୀୟତା ଭରା ତାଗିଦ୍...ମୋ ଅସ୍ଥିର ମନକୁ ସ୍ଥିର କରିଦିଏ। ମୋ ହଜିଲା ଶାନ୍ତିକୁ ଫେରେଇ ଆଣେ ଅଶାନ୍ତିର ସାଗର ଭିତରୁ...ମୋ ବ୍ୟଗ୍ରତା ପୁଣି ନିରବୀ ଯାଏ ଆଉ ମୁଁ ତୃପ୍ତ ହୁଏ...!! ଶାମୁକା କୁହେ...ମୁଁ ତାକୁ ବାଲିରେ ପୋତିଦେବା ପରେ ସେ କେମିତି ଖୁସିରେ ଅଛି...ମୁକ୍ତ ଅଛି...ଶାନ୍ତିରେ ଅଛି...ଆଉ ସବୁଠୁ ବଡ଼ କଥା ହେଲା....ସେ ମୋ ସହିତ ମୋ ମନ ଭିତରେ ଅଛି...!! ଏଇୟା କହି ସେ ହସିଦିଏ...ଆଉ ସିଏ ହସିଦେଲା ପରେ ସମୁଦ୍ର ଭିତରୁ କେମିତି ଏକ ମଧୁର ଧ୍ୱନି ବାହାରି ଆସେ। ତାରାମାନେ ଆଉ ଟିକେ ଉଜ୍ଜ୍ୱଳ ଦିଶନ୍ତି...ପବନଟା ଶୀତଳ ହୋଇ ଶୀତେଇ ଦିଏ ଦେହମନକୁ ଆଉ ମୋ ଲୋମକୂପ ସବୁ ଟାଙ୍କୁରି ଯାଇ ଥରିଉଠେ ଏକ ଅଦ୍ଭୁତ ଶିହରଣରେ...ଏକ ବୈଦ୍ୟୁତିକ ତରଙ୍ଗର ଅମାନିଆ ଛୁଆଁରେ...!!

ISSN NO.
2582-208X

ସେଦିନ ବି ସେମିତି ଯାଇ ବସିଥିଲି ସେଇ ବାଲି ଉପରେ। ପୂର୍ଣ୍ଣମୀ ରାତିର ଦ୍ୱିତୀୟ ପ୍ରହର। ବେଳାଭୂମି ଜନଶୂନ୍ୟ। ତରଙ୍ଗାୟିତ ସାଗରର ଗର୍ଜନ ଆଉ ତାରକାମାନଂକ ଲୁଚକାଳି ନୃତ୍ୟ ସହିତ ଥଣ୍ଡା ଶୀତୁଆ ପବନରେ ପ୍ରକୃତିର ବାସ୍ନାକୁ ପେଟେ ଆଘ୍ରାଣ କରି ଆଖି ବନ୍ଦ କରି ମନ ଭିତରୁ ଡାକିଲି..."ଶାମୁକା..."

"କୁହ ସାଗର...' ମୋ ଶାମୁକାର ସ୍ୱର...

"କେମିତି ଅଛ ..."

"ମୁଁ ବହୁତ୍ ଶାନ୍ତିରେ ଅଛି। ହେଲେ...ତୁମେ ...ତୁମେ ଯେ ଏତେ ଅଶାନ୍ତ... ?"

"ଶାନ୍ତ ହେବା ବୋଧେ ସାଗରର ଭାଗ୍ୟରେ ନାହିଁ...!!"

"ଭୁଲ କହିଲ ତୁମେ...ସାଗର ଭିତରେ ଯେତେ ପ୍ରଶାନ୍ତି ଥାଏ...ତାହା ଆଉ କେଉଁଠି କିପରି ମିଳିବ.... ?"

ଏଇ କଥା ଶୁଣି ମୋ ଆଖି କୋଣରେ କେଜାଣି କେମିତି ଟୋପେ ଲୁହ ଆସିଗଲା...!!

ବ୍ୟସ୍ତ ହୋଇ ଶାମୁକା କହିଲା..."ନା ସାଗର...ନା...ତୁମେ ଜାଣିଛ ତୁମ ଆଖିରେ ଚମକ୍ ଶୋଭା ପାଏ...ସ୍ୱପ୍ନ ଶୋଭାପାଏ...ତେବେ ଆଜି ଏ ଲୁହ... ?"

ନିଜର ଅଭାବ ଅସୁବିଧା କଥା କହିବି କି ନାହିଁ ଭାବିଲା ବେଳକୁ ଶାମୁକା କହିଲା..."ସନ୍ତାନ ଅଭାବରେ ଭାଙ୍ଗି ପଡୁଛ ସାଗର... ?"

ଚମକି ପଡିଲି ମୁଁ...କିନ୍ତୁ ପରକ୍ଷଣରେ ଜାଣିଗଲି ଯେ ଶାମୁକା ତ ମୋ ପାଖରେ...ମୋ ସହିତ...ମୋ ମନରେ ଅଛି। ତେବେ ମୋ ଅସୁବିଧା ସେ ଜାଣିବାରେ ଏତେ ଆଶ୍ଚର୍ଯ୍ୟ ହେବାର କଣ ଅଛି... ?

ISSN NO.
2582-208X

ସ୍ୱାଭାବିକ ରୂପରେ କେବଳ ମୁଣ୍ଡ ହଲେଇଲି।ମୋତେ ଲାଗିଲା ଶାମୁକା ଯେମିତି ମୋ କାନ୍ଧରେ ହାତ ରଖି ମୋତେ କହୁଛି... "ଏ ସାଗର...ମୁଁ ଥାଉ ଥାଉ ତୁମେ ଏତେ ଦୁଃଖୀ ହେଇ ପାରୁଛ କେମିତି ଯେ... ?"

ମୁଁ ସାଙ୍ଗେ ସାଙ୍ଗେ ନିଜକୁ ସଜାଡି ଦେଇ କହିଲି..."ଆରେ ନା ନା...କଥା କଣ କି ଶାମୁକା ଆମେ ମଣିଷ...ତେଣୁ ଜଲଦି ଭାଙ୍ଗି ପଡୁ। ଆଉ ବାହାଘର ହେବାର ଏତେ ବର୍ଷପରେ ମଧ୍ୟ ଏଇ ଅସମ୍ପୂର୍ଣ୍ଣ ଦାମ୍ପତ୍ୟ ମୋତେ ଖାଇବାକୁ ଗୋଡ଼େଇଲାଣି...!! ମୁଁ ନିଜକୁ ବୁଝେଇ ଦେଇଛି। ଯଦି ଭାଗ୍ୟରେ ପିତୃତ୍ୱ ନାହିଁ ତେବେ ସ୍ୱୀକାର କରିଦେବି। ହେଲେ ସରିତା...ସେ ନିଜ ବାତ୍ସଲ୍ୟକୁ ମଉଳି ଯାଉଥିବା ଦେଖି ସହିପାରୁ ନାହାନ୍ତି। ଆମର କାହାରି କିଛି ଶାରୀରିକ ଅକ୍ଷମତା ନାହିଁ ଶାମୁକା।ହେଲେ ତଥାପି କାହିଁକି କେଜାଣି...!!'

ହୁଏତ ଆଉ ଅଧିକ କହିବା ପାଇଁ ମୋ ପାଖରେ ଭାଷା ନଥିଲା। ମୋତେ ଚୁପ୍ ହେବା ଦେଖି ପଚାରିଲା ଶାମୁକା...

"ସନ୍ତାନ ସୁଖ କଣ ଏତେ ଶାନ୍ତି ଦେଇଥାଏ ସାଗର... ?"

"ହଁ ଶାମୁକା...ଜଣଙ୍କ ନିବିଡ଼ ସାନିଧ୍ୟ ପାଇବାଟା ଯେତେ ତୃପ୍ତି ଦିଏନି...ତା ଠାରୁ ଅୟୁତ ଗୁଣ ଅଧିକ ଶାନ୍ତି ମିଳିଥାଏ ନିଜ ସନ୍ତାନକୁ ଛାତିରେ ଲଗେଇ ଦେଲେ...ପୁରୁଷ କିମ୍ବା ନାରୀ ହେଉ ନା କାହିଁକି...ୟାଠୁ ବଳି ସୁଖ ଆଉ ଦୁନିଆରେ ନାହିଁ । ସରିତା ସେଇଥିପାଇଁ ପାଗଳି ହୋଇ ଯାଉଛନ୍ତି ଶାମୁକା...!!"

"ତୁମେ ଏ କଣ କହୁଛ ସାଗର...?ସନ୍ତାନ ପ୍ରାପ୍ତି କଣ ସତରେ ସର୍ବୋଚ୍ଚ ତୃପ୍ତିର ଅନୁଭବ...??"

"ହଁ ଶାମୁକା...ସନ୍ତାନ ବିନା ଜୀବନ ନିରର୍ଥକ।ଫୁଲ କି ଫଳ ବିନା କଣ ବୃକ୍ଷଟିଏ କେବେ ସମ୍ପୂର୍ଣ୍ଣ ହୋଇ ପାରିବ...?? ଶସ୍ୟ ବିନା କଣ ଧରିତ୍ରୀ ସମ୍ପୂର୍ଣ୍ଣ ହୋଇ

ISSN NO.
2582-208X

ପାରିବ...??କିନ୍ତୁ...ମୁଁ ଯେ ନିଜ ଅସଫଳ ପିତୃତ୍ୱର କାରଣ କି ନିରାକରଣ ଖୋଜି ପାଉନି...କ୍ଳାନ୍ତ ହୋଇ ପଡିଲିଣି...କ୍ଳାନ୍ତ ହୋଇ ପଡ଼ିଲିଣି ...!!"

"ତେବେ ଟିକେ ବିଶ୍ରାମ କର ସାଗର...ଆସ...ବିଶ୍ରାମ କର..."

ମୋତେ ଲାଗିଲା ଯେମିତି ଶାମୁକା ଶୋଇଛି ସେଇ ବାଲି ଉପରେ ଆଉ ତା ସୁନେଲି କେଶରେ ବାଲୁକାରାଶି ସୁନେଲି ରଙ୍ଗ ଧାରଣ କରୁଛି।ହାତ ମେଲେଇ ଡାକୁଛି ସେ...ତା ବାହୁ ବନ୍ଧନୀ ଭିତରେ ନିଜକୁ ହଜେଇ ଦେବାକୁ...!! ଆଉ ମୁଁ ସେଇ ଜାଗାରେ ଆଲିଙ୍ଗନ ମୁଦ୍ରାରେ ଶୋଇଗଲି ଯେଉଁଠି ପୋତି ଦେଇଥିଲି ସେଦିନ ଶାମୁକାକୁ...ସେଇ ସ୍ଥାନର ବାଲି ଉଚ୍ଚ ହୋଇ ରହିଥିଲା...!! ଶାମୁକା ମୋତେ ଗାଢ଼ଆଲିଙ୍ଗନ କଲା ପରି ମୋତେ ଲାଗିଲା। ମୋର ପ୍ରତିଟି ଅଙ୍ଗରେ, ଧମନୀରେ, ଶିରା ପ୍ରଶିରାରେ ବୈଦ୍ୟୁତିକ ତରଙ୍ଗ ସବୁ ଖେଳିଗଲା...!! ମୋ ଛାତି ଭିତରଟା କେମିତି ଏକ ଅଦ୍ଭୁତ ଆନନ୍ଦର ପରଶରେ ପୁରା ଶୂନ୍ୟ ହୋଇଗଲା...!! ଅକଳ୍ପଣୀୟ ତୃପ୍ତିର ଅନୁଭବରେ ମୋ ଆଖି ବୁଜି ହୋଇ ଆସିଲା। ଆପଣାଛାଏଁ ପାଟିରୁ ବାହାରିଗଲା..."ଶାମୁକା..."ଆଉ ଆଖିରୁ ଟୋପେ ଲୁହ ଖସିଗଲା...ବୋଧେ...!!

ଜାଣିନି...କେତେ ସମୟ ବିତିଗଲା..!!

ହଠାତ୍ ଶାମୁକା କହିଲା..."ଏ ସାଗର...ଦେଖ ମୁଁ ଯେଉଁ ଛୋଟ ଶାମୁକା ଦେଇଥିଲି...ମୋର ପ୍ରାଣଶକ୍ତି ତା ଭିତରେ ସାଇତି ହୋଇ ରହିଥିଲା। ଆଜି ଏଇ ପବିତ୍ର ବେଳାଭୂମିରେ ତୁମର ସ୍ୱାର୍ଥରହିତ ଅନାବିଳ ନିସର୍ତ୍ତ ପ୍ରେମ ବଳରେ ବାହାରିଥିବା ଲୁହବୁନ୍ଦାଟିଏ ମୋ ହୃଦୟର ନିଭୃତ କୋଣରେ ମାତୃତ୍ୱର ଅଦମ୍ୟ ଇଚ୍ଛାକୁ ଜାଗ୍ରତ କରିଦେଲା। ସତରେ ମୁକ୍ତା ବିନା କଣ ଶାମୁକା କେବେ ସମ୍ପୂର୍ଣ୍ଣ ହୋଇ ପାରିଥାନ୍ତା...?? ସାଗର...ଆମର ଏଇ ଦେହାତୀତ ମିଳନର ସନ୍ତକ ସ୍ୱରୂପ ମୋର ଅଲୌକିକ ଶକ୍ତି ବଳରେ ଆମ ପ୍ରେମର ସନ୍ତକ "ମୁକ୍ତା" ଆମ ପାଖରେ ସ୍ଥାନ ପାଇ ସାରିଛି...!! ସେଇ ଶାମୁକା ଭିତରେ ...!! ତୁମେ ସେଇ ମୁକ୍ତାକୁ ନେଇ ନିଜ ପତ୍ନୀଙ୍କ ଖାଦ୍ୟରେ ମିଶେଇ ତାଙ୍କ ଶରୀରରେ ସ୍ଥାପନ କରିବ। ସମୟ

ISSN NO.
2582-208X

ଅନୁସାରେ ସରିତା ଜନ୍ମ ଦେବେ...ସାଗର ଆଉ ଶାମୁକାର ମୁକ୍ତାକୁ...!! ତା' ପରେ ଆମେ ସମସ୍ତେ ସମ୍ପୂର୍ଣ୍ଣତା ଲାଭ କରିବା...!!"

ଚମକି ପଡ଼ି ଉଠି ଦେଖେ ତ ପୂର୍ବ ଆକାଶରେ ଲାଲ ସୂର୍ଯ୍ୟ ଆସିବା ପାଇଁ ଆହୁରି ସମୟ ବାକି ରହିଥିଲା। ତାରାମାନେ ନିଜର ଔଜଲ୍ୟ ସେଯାଏଁ ହରେଇ ନଥିଲେ। ତେବେ ମୁଁ ଯାହା ଶୁଣିଲି...ତାହା କଣ ମୋ ସ୍ୱପ୍ନ ଥିଲା ନା ପୁଣି ସତ୍ୟ ଥିଲା...!! ପୁଣି ଦ୍ୱନ୍ଦରେ ଥିଲି। ଆଖି କୋଣର ଲୁହ ମୋର ଶୁଖି ଯାଇଥିଲା। ଆଖିକୁ ଟିକେ ମଳିଦେଇ ଯନ୍ତ୍ରବତ୍ ମୋ ପାଖରେ ଥିବା ସେଇ ଛୋଟ ଶାମୁକାକୁ ଖୋଲିବାକୁ ଚେଷ୍ଟା କଲି...!!

ଓଃ..ଓଃ...ସେଇ ଶାମୁକା ଭିତରୁ ବାହାରୁଥିବା ଅଦ୍ୱିତୀୟ ପ୍ରକାଶ ଏତେ ଉଜ୍ୱଳ ଥିଲା ଯେ ମୁଁ ଚାହିଁ ପାରିଲିନାହିଁ। ଏ କଣ...??ତେବେ ମୁଁ ଏଇ ସଦ୍ୟ ଶୁଣିଥିବା ଶାମୁକାର କଥା ସତରେ ସତ ଥିଲା...?? ଇୟେ କଣ ତେବେ ଆମ ମୁକ୍ତା..?? ତା ଭିତରୁ ଏତେ ପ୍ରକାଶ ଆସୁଛି...?? ବନ୍ଦ କରିଦେଲି ଶାମୁକାଟିକୁ...!!

କ୍ଷଣିକ ପରେ ଥରିଲା ହାତରେ ପୁଣି ଖୋଲିଲି ସେଇ ଛୋଟିଆ ସୁନ୍ଦର ଶାମୁକା ଯାହା ମୋତେ ମତ୍ସ୍ୟକନ୍ୟା ଶାମୁକା ସେଦିନ ଦେଇଥିଲା ନିଜ ଅନାବିଳ ପ୍ରେମର ସନ୍ତକ ରୂପେ...!! ଖୋଲି ଦେଖେ ତ...ତା ଭିତରେ ଚମକୁଥିଲା ଏକ ସୁନ୍ଦର୍ ...ଅତି ସୁନ୍ଦର୍ ...କ୍ଷୁଦ୍ର...ବହୁମୂଲ୍ୟ.. ମୁକ୍ତା...ଆମ ମୁକ୍ତା...ଶାମୁକା ଆଉ ସାଗରର ମୁକ୍ତା!!

ଏ ଭିତରେ ବର୍ଷେ ବିତି ଯାଇଛି। ସରିତା ଆଉ ମୁଁ ଏବେ ସମ୍ପୂର୍ଣ୍ଣ ହୋଇ ସାରିଛୁ। ଆମେ ବୁଲିବାକୁ ଯାଉଥିଲୁ ସମୁଦ୍ର କୂଳକୁ...!! ମୋ କୋଳରେ ଥାଏ ମୋ ମୁକ୍ତା...ମୋ କୁନି ମୁକ୍ତା...ଯାହାର ସୁନେଲି କେଶ ସ୍ୱର୍ଣ୍ଣଠାରୁ ଆହୁରି ଉଜ୍ୱଳ ଥିଲା। ଛୋଟିଆ ଗାଢ଼ ନୀଳ ଆଖି ଦୁଇଟି ଭିତରେ ଯେମିତି ସାଗର ଲହଡ଼ି ମାରୁଥିଲା। ଆଉ ତା କୁନି ନାଲି ଓଠ...ଯାହା ମୋ ସ୍ୱପ୍ନର ବାସ୍ତବ ନାୟିକା ଶାମୁକାର ଓଠ ପରି ଥିଲା...!! ମୁକ୍ତାକୁ ଦେଖି ସରିତା ପ୍ରାୟ କହୁଥିଲେ..."ଇୟେ ମୋ ପରି ମାନବୀର ଝିଅ ବୋଲି ସତରେ ବିଶ୍ୱାସ କରି ହେଉନି।" ଆଉ ମୁଁ ହସି ଦେଉଥିଲି...କାରଣ ସରିତା ସିନା ଜନ୍ମ ଦେଇଥିଲେ ହେଲେ ମୋ ମୁକ୍ତା ତ ଶାମୁକାର ସାରା ଜୀବନର ପୁଞ୍ଜିଟିଏ ଥିଲା...!!

ISSN NO.
2582-208X

ସେମିତି ସେଦିନ ବୁଲୁ ବୁଲୁ ହଠାତ୍ ସରିତା ଝୁଣ୍ଟିପଡ଼ିଲେ ...ତାଙ୍କ ହାତରୁ ମୁକ୍ତା ଖସି ଯାଇଥିଲା...ହେଲେ ବାଲିରେ ପଡ଼ିବା ଆଗରୁ ତାକୁ ଯେପରି କେହି ଶୂନ୍ୟରେ ତୋଳି ଧରି ଦେଇଥିଲା ସେଇ ବେଳାଭୂମିରେ...!! ସରିତା ଜାଣିବା ଆଗରୁ ମୁକ୍ତାକୁ କୋଳାଗ୍ରତ କରି ଦେଇଥିଲି...ହେଲେ ଜାଣିଛି ଶାମୁକା ...ଜାଣିଛି ତୁମେ ହିଁ ନିଜ ସନ୍ତାନର ରକ୍ଷା କରିଛ...!!

ଶାମୁକା...ତୁମକୁ ମୁଁ ଲୁଚେଇ ରଖିଥିବି ଏମିତି ମୋ ହୃଦୟର ନିଭୃତ କୋଣରେ...ଯତ୍ନରେ...ସନ୍ତର୍ପଣରେ...କାରଣ...ମୁଁ ପ୍ରକୃତରେ ତୁମକୁ ନିସର୍ତ୍ତ ଭାବରେ ଭଲପାଏ...ବହୁତ୍ ଭଲପାଏ...!!

ଭୁବନେଶ୍ୱର

ISSN NO.
2582-208X

# ପାଥେୟ



ରଘୁନାଥ ତ୍ରିପାଠୀ

ଆରେ ପଥଚାରୀ ଆଗକୁ ଯିବାକୁ
ବହୁ ପଥ ଅଛି ବାକି
ଏ ରାସ୍ତାରେ ପାଦ ବଢାଇବା ପାଇଁ
ଲୋଡ଼ା ନୁହେଁ ସୁରା ସାକି ॥
ଧର୍ମ ଆତପତ୍ର ହେବ ପ୍ରୟୋଜନ
ପାପର ନିଦାଘ ଦେଶେ
ହିତକାରୀ ବନ୍ଧୁ ସାଥେ ଥିଲେ ସିନା
ମିଳିଯିବ ପାଣି ପୋଷେ ॥
ଦୁନିଆର ପଥ ଥାଏ ବି ବଙ୍କିମ
ଏକ ପାଦ ଇନ୍ଦୁ ସମ
ମରୁ ମରୀଚିକା ଭ୍ରମରେ ନ ପଡି
ଛାଡ଼ିଯିବୁ ନିଜ ନାମ ॥
ସାଥେ ଲୋଡ଼ା ହେବ ଯଷ୍ଟି ଖଣ୍ଡିଏ
ଜୀବନ ରଖିବ ଧରି
ଜଗି ଚଳୁଥିବୁ ବନ୍ଧୁର ପଥରେ
ପାଦରଥ ସାଥି କରି ॥
ପଥକୁ ସୁଗମ କରିବାକୁ ତୁହି
ପଚାରି ବିଚାରି ଯିବୁ

ISSN NO.
2582-208X

ଅଥବା ତୋହର ପାଦର ଶୋଣିତ
ବୋହି ଚାଲିଯିବ ସବୁ ॥
ଯାଚନା ନ କରି ଯାତନା ନ ସହି
ଚାଲିବୁରେ ସତ୍ୟ ପଥେ
ଯାତରା ତୋହର ହେଉ ସୁରକ୍ଷିତ
ଯାଦୁକର ବିହି ହସ୍ତେ ॥
ଆମ ଜୀବନର ଅତି ବଡ଼ ବନ୍ଧୁ
ପାଦପକୁ ସାଥୀ କରି
ମନରେ ବିଶ୍ୱାସ ନ ହରାଇ କେବେ
ବଞ୍ଚିବୁନି ମରି ମରି ॥
ଧରମ ଧନକୁ କରୁଥା ପାଥେୟ
କାମରେ ଆସିବ ସଞ୍ଜେ
ପର ଉପକାରେ ବାଣ୍ଟୁଥିବୁ ଖୁସି
ଧ୍ୟାୟି ବିଭୁ ପଦ କଞ୍ଜେ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X



ମନୋରମା ମହାନ୍ତ

# କାଚ କାନ୍ଥ

ଆମେ ଦୁହେଁ ଦୁଇପଟେ
ମଝିରେ କାଚର ପାଚେରୀ
ଯେତେ ଶବ୍ଦ ଫିଙ୍ଗେ
ତୁମପାଇଁ.......
କାଚ କାନ୍ଥେ ବାଧାପାଇ
ଫେରିଆସେ ବୁମେରାଙ୍ଗ ଭଳି !
ତୁମ ପାଇଁ ଯେତେ ସବୁ
ନୀରବ ସାଧନା
ବ୍ୟର୍ଥ ହୋଇଯାଏ.......
କେହି ଜଣେ କହିଦିଏ
ଅଦୃଷ୍ଟ ରେ ରହି
ଆକାଶରେ ଜହ୍ନ ଟିକୁ
ଦେଖିହୁଏ ସିନା
ଅଝଟ ପିଲାଟିକୁ
ବୁଝାଇବା ପାଇଁ
କେବେ କଣ ଆକାଶରୁ
ଜହ୍ନ ମାମୁଁ ତୋଳି ଆଣି ହୁଏ !!

କୂଳସାହି,
ଜଗତସିଂହପୁର

ISSN NO.
2582-208X

# ଅଫେରା ଅତୀତ



ବର୍ଷାରାଣୀ ମହାମଲ୍ଲିକ

ଏକଲା ପଥରେ ଏଥର ଭାବୁଥିଲି,
ବିତିଥିବା ସବୁ ମୁହୂର୍ତ୍ତ ସୁନ୍ଦର ଥିଲା, ଖୁବ୍ ସୁନ୍ଦର
ଏବର ସମୟ ଠୁଁ ସମ୍ପୂର୍ଣ୍ଣ ଭିନ୍ନ,
ଅଥଚ, ନାଚାର ହୃଦୟ
ସେ ଦିନ ଗୁଡ଼ିକର ବହୁ ଦୂରେ ଥିଲା...
ସ୍ମୃତିର ଆଲମିରାରେ ଖୁବ୍ ଖୋଜିଲି
ହୁଏତ କିଛି ସୁରାକ୍ ଥିବ କି?
ଯାହାକୁ ଜାବୁଡ଼ି ଧରି ଅନ୍ତତଃ କିଛି ଦିନ ବଞ୍ଚିହେବ
ଅଣ୍ଡାଳି ଅଣ୍ଡାଳି ମଧ୍ୟ ପାଇଲିନି କିଛି
ଏଥର ନିଜକୁ ଖୁବ୍ ଅସହାୟ ମଣୁଥିଲି
ଜାଣେ ସମୟ ପଛକୁ ଫେରେନି...
ବଢେ ଆଗକୁ ଆଗକୁ
କେହି ଜଣେ ଠିକ୍ କହିଥିଲେ..
ଅତୀତ ସବୁବେଳେ ମିଠା
ଯାହା ଦୁରେଇ ଯାଏ ତାହା ସବୁବେଳେ ମିଠା

ISSN NO.
2582-208X

ପାଖରେ ଥିଲେ କିନ୍ତୁ ତାର ଗୁରୁତ୍ୱ ଶୂନ୍
କେବେ ମନେ ପଡିଗଲେ ସେ ଅଫେରା ଅତୀତ
ମନ ପୁଣି ଥରେ ଇଚ୍ଛା କରେ ଭିଜିବାକୁ,
ସେ ଭିତରେ ଆଗ ପରି ହଜିବାକୁ...

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ମୋହ ଜାଲ



ଡକ୍ଟର ମଧୁସ୍ମିତା ମିଶ୍ର

ଅସିତ ଥରକୁ ଥର କାଗଜ ଗୁଡାକ ଲେଉଟାଉଥିଲା । ଗଲା କୋଡିଏ ବର୍ଷର ପ୍ରତି ଟି ମାସର ହିସାବ । ଯାହାହେଉ ଜଗନ୍ନାଥଙ୍କ ଦୟା ରୁ ସେ ଏସବୁ ସାଇତି କରି ଯତ୍ନ ର ସହ ରଖିଥିଲା । ରଖିଲା ବେଳେ ଜାଣି ନ ଥିଲା କାହିଁକି ରଖୁଛି । ହୁଏତ ଅଭ୍ୟାସଗତ ଭାବରେ ହିସାବ ରଖିଥିଲା ।

ହଠାତ୍ ମଟର ସାଇକେଲ ରହିବାର ଶବ୍ଦ ଶୁଭିଲା। ବାଲକୋନୀରେ ବସିଥିଲା ସୁବଳ । ସିଡି ଦେଇ ଉଠି ଆସିଲା ବାବୁଜୀ, ଭଉଣୀ ମନି ର ପୁଅ।

କିରେ କୁଆଡେ ଇଆଡେ ଚାଲି ଆସିଲୁ ? କଣ ଆଇ କୁ ଦେଖିବାକୁ ଆସିଲୁ ?, ପଚାରିଲେ ସୁବଳ।

ମାମୁଁ, ମୁଣ୍ଡିଆ କହି ପାଦ ଛୁଇଁ ବାବୁଜୀ ସୁବଳଙ୍କୁ ପ୍ରଣାମ କଲା। ଆପଣ ସବୁ କଥା କଣ ଏକା ସାଙ୍ଗେ ପଚାରିଦେବେ ନା କଣ ?

ବାବୁଜୀ କଥା ଶୁଣି ସୁବଳ ହସି ହସି କହିଲେ, ଆରେ ନାଇଁ ରେ ବହୁତ ଦିନ ପରେ ତୋତେ ଦେଖିଲି ତ ସେଥିପାଇଁ ପଚାରିଦେଲି । ତୁ କେବେ ଆସିଲୁ ? କେତେଦିନ ରହିବୁ ?

ଓହୋ ମାମୁଁ, ଟିକିଏ ଧୈର୍ଯ୍ୟ ଧର । ମୁଁ ଆଜି ରାତିରେ ଏଇଠି ରହିବି, ବହୁତ କଥା ହେବା, ଏବେ ଟିକିଏ ଆଇ, ମାଇଁ ଆଉ ସିବୁ ଭାଇ, ଭାଉଜଙ୍କୁ ଦେଖା କରେ।

ବାବୁଜୀ ଭିତର କୁ ଗଲା ।

ISSN NO.
2582-208X

ଦେଖିଲା, ସମସ୍ତେ ଆଇଙ୍କ ରୁମ୍ ରେ ବସି କଣ ଗୋଟିଏ ଆଲୋଚନା ରେ ବ୍ୟସ୍ତ ଥିଲେ।

କଣ ସମସ୍ତେ ଏମିତି ଗପ କରୁଛ ଯେ ମୁଁ ଡାକିଲେ ବି ଶୁଣୁ ନ ? ହେ ସିବୁ ଭାଇନା ? କହି ବାବୁଜୀ ସିବୁ କୁ କୁଣ୍ଢାଇ ପକାଇଲା ।

ଆରେ ବାବୁଜୀ ତୁ ଏମିତି ନ କହି ଚାଲି ଆସିଲୁ ଯେ ? ବାବୁଜୀ କୁ ଜାବୁଡି ଧରି ସିବୁ ପଚାରୁଥିଲା । ଗଲା କାଲି  ରାତିରେ ତ କଥା ହେଇଥିଲି କାହିଁ ଆସିବା କଥା ତ କହୁ ନ ଥିଲୁ ।

ସିବୁ କଥା ଶୁଣି ବାବୁଜୀ କହିଲା, ଆରେ ଆଜି ତ ଆସିଲି କାଲି  କହିଦେଇଥିଲେ ଆଜିର ମଜ୍ଜା ଆଉ କେମିତି ଆସିଥାନ୍ତା ?

ସେତେବେଳକୁ ଭାଉଜ ଟ୍ରେ ରେ ଆଣି ପାଣି ଦେଲେ । ଗରମ ଚା  କପ ସମସ୍ତ ଙ୍କୁ ଧରାଇ ଦେଲେ।

ଆଇ ଙ୍କୁ ମୁଣ୍ଡିଆ ମାରି ନିଜ ହାତ ବ୍ୟାଗ ରୁ ତାସ ମୁଠା କାଢିଲା, ଆଉ ଆଇ ଙ୍କୁ, ସୀବୁଭାଇ, ମାଇଁ ଙ୍କୁ ଖଟ ଉପରେ ବସାଇଦେଲା ବାବୁଜୀ । ତାସ ଫେଣ୍ଟିବା ଆରମ୍ଭ କରିଦେଲା । ବାବୁଜୀ ଜାଣେ ଆଇ ଙ୍କୁଟୋନଟି ନାଇନ ଖେଳିବାକୁ ଭାରି ଭଲ ଲାଗେ । ସିବୁ ଭାଇନା ସ୍ତ୍ରୀ ଶିବାନୀ କୁ ପକୁଡି ପାଇଁ ବରାଦ ହେଇଗଲା।

ଭାଉଜ, ତୁମ ହାତ ତିଆରି ପକୁଡି କୁ ତାସ ପାଳିଟା ବଢିଆ  ଜମିଲା ।

କିଛି ସମୟ କଥା ବାର୍ତ୍ତା ଓ ଖେଳ ହେବା ପରେ ସିବୁ ସାଙ୍ଗରେ ବାବୁଜୀ ସମୁଦ୍ର କୁଳକୁ ଚାଲି ଆସିଥିଲା।

ଗପୁ ଗପୁ ବାବୁଜୀ ସିବୁ ଭାଇନା ଠାରୁ ଆଇ ଘର ର ଗରମାଗରମ ହାଲଚାଲ ଶୁଣିଥିଲା ।

ଆଇ ସରଳାଙ୍କର ଛଅ ପୁଅ । ସୁବଳ ପାଞ୍ଚ ନମ୍ବର ପୁଅ । ତାଙ୍କ ତଳେ ଗୋଟିଏ  ଝିଅ ରୁନୁ ଯିଏ କି ବାବୁଜୀ ର ମା । ସଭା ସାନ  ଥିଲା ପୁଅ ଯୁଗଳ । ଅଜା ବିଶ୍ୱନାଥ ନନ୍ଦ ମାରିବାର ପ୍ରାୟ ୨୧ ବର୍ଷ ହେଲାଣି । ଆଉ ଅଜା ମରିବା ପରେ ବର୍ଷେ ଆଇ ଗାଁ ରେ ରହିଲେ ତା  ପର ଠାରୁ ଏହି ସୁବଳ ମାମୁଁ ଙ୍କ ପାଖରେ ରହି ଆସିଛନ୍ତି । ସୁବଳ ମାମୁଁଙ୍କର

ISSN NO.
2582-208X

ପୁରୀ ମେଡିକାଲ ରେ ମେଡ଼ିସିନ ଷ୍ଟୋର। ଏବେ ବୟସ ହେବାରୁ ତାଙ୍କ ପୁଅ ସିବେନ୍ଦ୍ର ପୁରୀ ରେ ହୋଲସେଲ ମେଡ଼ିସିନ ବ୍ୟବସାୟ କରୁଛି ଓ ମେଡିକାଲ ମେଡ଼ିସିନ ଷ୍ଟୋର ସହ ଚାରିଟା ମେଡ଼ିସିନ ଦୋକାନ ମଧ୍ୟ ଚଲାଉଛି । ଆଈ ମନ କରିଥିଲେ ଅଜା ଯିବା ପରେ ପୁରୀରେ ରହିବେ ସବୁଦିନ ଜଗନ୍ନାଥ ଦର୍ଶନ କରିବେ । ତାହା ମଧ୍ୟ ଚାଲିଥିଲା । ହେଲେ ଆଉ ଏବେ ଏତେ କଟକଣା ଭିତରେ ଜଗନ୍ନାଥ ଦର୍ଶନ କରିବା ସମ୍ଭବ ନୁହେଁ । ତେଣୁ ବାଲକୋନୀ ରୁ ପତିତପାବନ ବାନା କୁ ସକାଳୁ ମୁଣ୍ଡିଆ ମାରନ୍ତି। ଏବେ ଘର ଦ୍ୱାର ହେଇଯିବାରୁ ଆଉ ସେତକ ମଧ୍ୟ ସମ୍ଭବ ନୁହେଁ । ପୁଅମାନେ କେତେବେଳେ କେମିତି ଆସି ଦେଖିଯାନ୍ତି, ମନ ହେଲେ ଦେଖା କରନ୍ତି ନ ହେଲେ ନାହିଁ । ଅଜା ମରିବା ପରେ ବର୍ଷକୁ ଥରେ ଦୁଇ ଥର ଆସି ଦେଖି ଯାଉଥିଲେ, ଏବେ କିଛି ବର୍ଷ ହେଇଗଲାଣି ଆଈ କୁ ଦେଖିଯିବା ବୋଧହୁଏ ଭୁଲିଗଲେଣି କହିଲେ ଚଳେ । କେହି ମଧ୍ୟ ଆଈ କୁ ସେମାନଙ୍କ ପାଖକୁ ନେଇ ରଖିବା କଥା ସେମାନଙ୍କ କର୍ତ୍ତବ୍ୟ ବୋଲି ଭାବନ୍ତି ନାହିଁ ।

ସେମାନଙ୍କ ମତରେ ସୁବଳ ର ବହୁ ଡାକ୍ତର ଚିହ୍ନା । ତେଣୁ ଆଈ ର ଭଲମନ୍ଦ ସେ ସବୁ ବୁଝି ପାରିବ । ସଭା ସାନ ପୁଅ ଯୁଗଳ ମଝିରେ ମଝିରେ ଆସି ବୋଉ କୁ ଦେଖିଯାଏ। ତାର ଯଦିଓ ଇଚ୍ଛା ଥାଏ ଆଉ ଥରେ ଦୁଇ ଥର ମଧ୍ୟ ଆଈ ଯାଇ ତା ଘରେ ରହିଛନ୍ତି, ହେଲେ ତାଙ୍କ ସ୍ତ୍ରୀ ସବୁବେଳେ ରୋଗିଣୀଟିଏ। ବେଶୀ କିଛି କାମ ଦାମ କରି ପାରେନି । ହେଲେ ଯୁଗଳ ଯେତେବେଳେ ଆସେ ବୋଉ ପାଇଁ ଓ ଘର ପାଇଁ କିଛି କିଛି ଜିନିଷ ପତ୍ର ଆଣିଥାଏ ଓ ସୁବଳ ନେବେନି ବୋଲି ବୋଉ ହାତରେ ଚାରି ପାଞ୍ଚ ହଜାର ଟଙ୍କା ଧରାଇ ଦିଏ । ସୁବଳ ଥରେ ହେଲେ ବୋଉ ପେନସନ ଟଙ୍କା ରେ ହାତ ଦିଅନ୍ତିନି । ତାଙ୍କ ମତରେ ସେ ଯଦି ଗୋଟିଏ ପୁଅ ହେଇଥାନ୍ତେ ତେବେ ବୋଉ କୁ ତ ସେ ହିଁ ରଖିଥାନ୍ତେ ।

ତେଣୁ ଆଈ ସୁବଳ ମାମୁଁ ଙ୍କ ପାଖରେ ହିଁ ରହିଛନ୍ତି ଅଜା ଯିବା ପରେ ସୁବଳ ମାମୁଁ ଭୁବନେଶ୍ୱର ଦଉଡି ଦଉଡି ଆଇଙ୍କ ପାଇଁ ଅଜାଙ୍କ ପେନସନ କରିଦେଇଥିଲେ । ଯେହେତୁ ଅଜା କ୍ଲାସ ୱାନ ପୋଷ୍ଟ ରେ ଥିଲେ ତେଣୁ ଅସମୟରେ ଚାଲିଯିବାରୁ ଆଈ ଙ୍କୁ ଭଲ ପେନସନ ମିଳୁଥିଲା। ଆଜି ଏକୋଇଶ ବର୍ଷ ପରେ ବଢି ବଢି ତାହା ପଞ୍ଚାବନ ହଜାରରେ ପହଞ୍ଚିଛି ।

ISSN NO.
2582-208X

ଏତିକିରେ କଥା ସରିଥିଲେ ହେଇଥାନ୍ତା । ଏବେ ସଭା ବଡ ପୁଅ  ବିନୟ ଯିଏ କି କେନ୍ଦ୍ର ସରକାରଙ୍କର ଜଣେ ପଦସ୍ଥ ଅଫିସର ସେଇ ଆସି ଆଉ ଜଣେ ଭାଇ ସୁଜୟ ଯିଏକି ପୋଲିସ ଇନ୍ସପେକ୍ଟର ତାଙ୍କ କଥାରେ ପଡି ଆଇ ଙ୍କପେନସନ ଟଙ୍କା ଭାଗ କରିବା ପାଇଁ ଜିଦ୍ଦି ଲଗାଇଛନ୍ତି। ଆଉ ଏଥିରେ ଆଇ ରାଜି ନୁହନ୍ତି । କାହିଁକି ନା ସବୁ ନାତି ନାତୁଣୀଙ୍କ ବାହା, ବ୍ରତ ରେ ଆଇ ସେଥିରୁ ଖର୍ଚ୍ଚ କରନ୍ତି । ଆଇ ଙ୍କ ଦେହ ଖରାପ ହେଲେ ସୁବଳଙ୍କୁ କହିଲେ ମଧ୍ୟ ସେ ସେଥିରୁ ନେଇ ଖର୍ଚ୍ଚ କରନ୍ତି ନହିଁ।

ଆଜି ସୁବଳ ମାମୁଁ ଙ୍କ ଘରେ ପହଞ୍ଚି ଘର  ଭିତରକୁ ପଶି ଗଲା ବେଳକୁ, ଆଲୋଚନା ଚାଲିଥିଲା ଆଇ କହୁଥିଲେ ରାଗିକରି, ଗଲା ବର୍ଷ ମୋର ଗଲ ବ୍ଲାଡାର ଅପରସନ ହେଲା ଯେ ପଇସାଟେ କେହି ପକେଟ ରୁ କାଢିଲେନି ବରଂ ସବୁଠାରୁ ସାନ ସେଇ ଯୁଗଳ ଦଶ ହଜାର ଟଙ୍କା କାହାକୁ ନ କହି ହସପିଟାଲ ରେ ମୂଳରୁ ଜମା କରିଦେଇଥିଲା। ଯୋଉ କିଛି ଦିନ ହସପିଟାଲ ରେ ରହିଲି ବୋହୂମାନେ କେହି ଥରେ ଆସି ଦେଖି ଗଲେନି । ଜଣେ କହିଲା, ଏବେ ଅସୁବିଧାରେ ଅଛି ଯାଇହେବନି, ଆଉ ଜଣେ କହିଲା, ଅଫିସ ର ଉଆରକଲୋଡ ବହୁତ  ଅପରେସନ ପରେ ଯାଇ ଦେଖି ଆସିବି, ସମସ୍ତେ କେତେ ନ କେତେ ବାହାନା ଦେଖାଇଲେ, ସେହି ଯୁଗଳ ବୋହୁ ଆଉ ସୁବଳ ବୋହୁ ଯାହା ହସପିଟାଲ ଡିଉଟି କରୁଥିଲେ।

ଆଇ ବହୁତ ଆଘାତ ପାଇଥିଲେ, କହୁଥିଲେ ଏମାନେ ପୁଣି ମୋ ପେଟରୁ ଜନ୍ମ ନେଇଛନ୍ତି, ଭାବିଲେ ମୋତେ ଏମାନଙ୍କୁ ଜନ୍ମଦେଇଥିବାରୁ ନିଜ ଉପରେ ଦୟା ଆସୁଛି।

ତା ପରଦିନ ସକାଳୁ ବାବୁଜୀ ଘରକୁ ଫେରିବାକୁ ବାହାରିଥିଲା ।

ଆଇ  କହିଥିଲେ, ବାବୁଜୀ ତୁ ଯାଇ ତୋ ମା କୁ କହିବୁ ଆସନ୍ତା ରବିବାରେ ଏଠି କୁ ଆସିବ। ସବୁ ମାମୁଁମାନଙ୍କୁ ଡକାଇବି ପୁଷ ମାସ ରେ ସବୁଥର ପରି ଏଥର ମଧ୍ୟ ସମସ୍ତେ ଆସିଲେ ପହିଲି ଭୋଗ ଖାଇବେ ।

ସୁବଳ କହିଥିଲେ, ବାବୁଜୀ, ତୁ ବି ଯଦି ଥିବୁ ଆସିବୁ । ଆଇ କିନ୍ତୁ ସିଧା ମନା କରିଥିଲେ, ନା  କେବଳ ବଡମାନେ  ଆସିବେ , ମୋର ସେମାନଙ୍କୁ କିଛି କହିବାର ଅଛି । ପିଲାମାନଙ୍କୁ  ଏ ସବୁଥିରେ ପୁରାଇବା ଠିକ ହେବନି ।

ISSN NO.
2582-208X

ଦୁଇଦିନ ପରେ ସେ ତା ଚାକିରି ରେ ଯୋଗ ଦେବ, ତେଣୁ ଯେମିତି ହେଉ ତାକୁ ବେଙ୍ଗାଲୁରୁ ଫେରିବାକୁ ପଡିବ ସେ ରହି ପାରିବନି । ଏତିକି କହି ବାବୁଜୀ ସମସ୍ତଙ୍କୁ ପ୍ରଣାମ ଜଣାଇ ଫେରି ଯାଇଥିଲା।

ସରଳାଙ୍କ ନିର୍ଦ୍ଦେଶ କ୍ରମେ ସୁବଳ ଭାଇମାନଙ୍କୁ ମୋବାଇଲ ରେ ଜଣାଇ ଦେଇଥିଲେ ଯେ ସେ ସବୁ ପିଲାମାନଙ୍କୁ ଆସନ୍ତା ରବିବାର ରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଆଉ ଯେମିତି ହେଉ ସମସ୍ତଙ୍କୁ ଆସିବା ପାଇଁ ପଡିବ । ଝିଅ ମନି କୁ ନିଜେ ସରଳା ଫୋନ୍ କରି ଡ଼ାକିଥିଲେ ।

ସମସ୍ତେ ପହଞ୍ଚିଲା ପରେ ଜଳଖିଆ ଖାଇସାରିବା ପରେ ଚା ପିଆ ପର୍ବ ଆରମ୍ଭ ହେଉଥିଲା। ସମସ୍ତଙ୍କ ହାତରେ ଚା କପ।

ସରଳା ଆରମ୍ଭ କରିଥିଲେ, ସମସ୍ୟା କେବେ ବେଶି ସମୟ ରହେ ନାହିଁ, ସେମାନେ କେବଳ ଜୀବନ ପୁସ୍ତିକା ରେ ଦସ୍ତଖତ ଦେଇ ଚାଲିଯାନ୍ତି।

ତୁମମାନଙ୍କର ବିଶ୍ୱାସ ଅଛି ବୋଲି ତ ତୁମମାନେ ମୋ ଠାରୁ ଆଶା ରଖିଛ, ସୁବଳ କୁ ସ୍ତ୍ରୀମାନଙ୍କ ମାଧ୍ୟମ ରେ ବା ପରୋକ୍ଷ ରେ ମୋ ପେନସନ ଟଙ୍କା କେତେ ଅଛି ବୋଲି ପଚାରିଛ ତୁମେମାନେ ଏବଂ ସେହି ପେନସନ ଟଙ୍କା ଭାଗ କରିବାଯାଏଁ କଥା ଗଲାଣି । ମୋ ପାଖରେ କେତେ ଗହଣା ଅଛି ବୋଲି ସନ୍ଦେହ ର ବୀଜ ତୁମମାନଙ୍କ ଭିତରେ ବୁଣି ହେଇଗଲାଣି ।

ଆଉ ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ତୁମମାନଙ୍କର ମନେ ରଖିବା ଉଚିତ ଏ ସବୁ କଥା ର ଧୂଆଁ ଯଦିଓ ଛଅ, ସାତ ମାସ ତଳୁ ଉଠିଲାଣି, ମୋତେ ସୁବଳ କିଛି ଆଭାସ ମଧ୍ୟ ଦେଇ ନ ଥିଲା। କିନ୍ତୁ ସବୁବେଳେ କାଗଜ ପତ୍ର ଧରି କଣ ହିସାବ ଲେଖୁଥିବାର ଦେଖି ମୁଁ ତାକୁ ଥରେ ଅଧେ ପଚାରିବାକୁ ଚେଷ୍ଟା କରିଛି, ହେଲେ ପ୍ରତିଥର ସେ କିଛି ନା କିଛି ବାହାନା କରି ଏଡାଇ ଦେଉଥିଲା । ଗଲା ମାସରେ ତାକୁ ଯେତେବେଳେ ଟାଇଫଏଡ ହେଇଥିଲା, ମୁଁ ତାକୁ ତା ରୁମ ରେ ସେ ଶୋଇଥିବା ବେଳେ ଦେଖିବାକୁ ଯାଇଥିଲି, ଶେଯ ପାଖରେ ଟେବୁଲ ଉପରେ କାଗଜ ପତ୍ର ସହ ଗୋଟିଏ ଖାତାରେ ସବୁ ଲେଖା ଦେଖି ଜାଣିଲି ସବୁ କଥା ।

ISSN NO.
2582-208X

ତାପରେ ତା ସ୍ତ୍ରୀ ମୋ ବୋହୂ ମିନି କୁ ପଚାରିଲି, ତାର ଏତେ ହାଇ ବିପି କାହିଁକି ରହୁଛି କଣ ଚିନ୍ତା କରୁଛି କି, ସେ କାନ୍ଦି ଥିଲା ଓ ସବୁକଥା କହିଥିଲା ।

ସେ ଭଲ ହେବା ପରେ ମୁଁ ତାକୁ ପଚାରିଥିଲି, ଏତେ ସବୁ କଥା ହେଲାଣି, ତୁ ମୋତେ କାହିଁକି କହିନୁ। ସେ ମୋତେ ଉତ୍ତର ଦେଲା, ବୋଉ, ବାପା ମୋତେ ଗୋଟିଏ କଥା ଜୀବନରେ ପାଳିବାକୁ କହିଥିଲେ, ଯେ ବୁଝାମଣା ଟା ସବୁଠାରୁ ବଡ କଥା । ନିଜକୁ ଏମିତି ଢଙ୍ଗରେ ଗଢି ତୋଳ ଯେମିତି କି ତୁମେ ସବୁବେଳେ ସମାଧାନ ର ସୂତ୍ର ହେଇ ପାରିବ କିନ୍ତୁ ସମସ୍ୟା ହେବନି।

ସରଳା ଏକ ଲହସରେ କହି ଚାଲିଥିଲେ, ସମସ୍ତଙ୍କର ମୋ ପେନସନ ଟଙ୍କା ଉପରେ ଆଖି।

ବାପା ଗଲା ପରେ ତୁମମାନଙ୍କ ଭିତରୁ କିଏ କେତେ ମୋତେ କେତେ ଟଙ୍କା କେତେବେଳେ ଦେଇଛ ମୁଁ ସେ କଥା ପଚାରିନି, କି କାହିଁକି ଦେଇନ ସେ କଥା ମଧ୍ୟ କେବେ ପଚାରିନି , ଯୁଗଳର ଇଚ୍ଛା ଥିଲେ ମଧ୍ୟ ମୁଁ ତା ପାଖକୁ ଯାଇନି, କାରଣ ତା ସ୍ତ୍ରୀ ଆମ ଏଇ ଟୁନିଟା ବେମାରିଆ। ଆଉ କେହି କାହିଁକି ମୋତେ କେବେ ବି ନିଜ ପାଖରେ ରଖିନ କି ଡାକିନ ତାହା ମଧ୍ୟ ପଚାରିନି

ସରଳ ହେବା ଭଲ, କିନ୍ତୁ ଆଜିର ଯୁଗରେ ସରଳ ନ ହେଇ ଜଟିଳ ହେବା ଉଚିତ । ହେଲେ କୁଟିଳ ହେବା ଅକ୍ଷମଣୀୟ ଅପରାଧ। ଯୁଗ ବଦଳିଛି, ଲୋକମାନେ, ସେମାନଙ୍କ ଆଚରଣ, ସେମାନଙ୍କ ମନୋଭାବ ସବୁଥିରେ ପରିବର୍ତ୍ତନ ଆସିଛି । ସୁବଳ ସରଳ ପଣିଆ ରେ ତୁମମାନଙ୍କୁ କେବେ ପଚାରିନି ଯେ କିଏ କେତେ ବୋଉ ପାଇଁ ଟଙ୍କା ଦେଉଛ ବା ଦେଇଛ, କାହିଁକି ଜଣେ ହେଲେ ବୋଉ କୁ ନେଇ ରଖୁନ, ବୋଉ ର କାର୍ତ୍ତିକ, ହବିଷ ଖର୍ଚ୍ଚ କିଏ କେବେ ଦେଇଛ କି ? ବନ୍ଧୁବାନ୍ଧବ ଗଲା ଆଇଲା ସମସ୍ତଙ୍କୁ ସଂଖୁଳିବାକୁ କିଏ କେବେ ତା ପରି କାହିଁକି ମନ କରିନ। ମୋ କଥା ତ ଛାଡ, ସେ ମଧ୍ୟ କେବେ ପଚାରିନି । ହଁ ସତ କଥା ଯୁଗ ବଦଳି ଯାଇଛି, ଯିଏ ବା ଯେଉଁମାନେ କରୁ ନାହାନ୍ତି ସେମାନେ ମାଗୁଛନ୍ତି ହିସାବ ଆଉ ଯିଏ କରୁଛି ସେ ପୁଣି ଦେବ ହିସାବ । ସତରେ କି ବିଚିତ୍ର ଆଉ ପରିବର୍ତ୍ତିତ ଏ ଦୁନିଆଁ। ତାର ସରଳତାର ସୁଯୋଗ ନେଇ ତୁମେମାନେ କୁଟିଳତା କୁ ଅପଣେଇନେଲ? ଏଇଟା କୋଉଆଡିଆ ମଣିଷପଣିଆ।

ISSN NO.
2582-208X

ମୋତେ ବୟାଅଶି ବର୍ଷ ବୟସ ହେଲାଣି । ଆଉ କେତେ ଦିନ ବା ବଞ୍ଚିବି ?

ଯଦିଓ ସୁବଳ ପେନସନ ଟଙ୍କାର ହିସାବ ରଖିଛି, ଖାଲି ରଖିନି, କିଏ କେତେବେଳେ ସେହି ଟଙ୍କାରୁ କେତେ ନେଇଛ ଆଉ କେତେ ଫେରେଇଛ ଓ ନ ଫେରେଇଛ ତାର ମଧ୍ୟ ହିସାବ ସେ ରଖିଛି।

କିନ୍ତୁ ତୁମେମାନେ ଜାଣି ଆଶ୍ଚର୍ଯ୍ୟ ହେବ ସେ ସେଥିରୁ ପଇସା ଟିଏ ମଧ୍ୟ ନିଜ ପାଇଁ ବା ମୋ ପାଇଁ, ମୋ ଖାଇବା, ପିନ୍ଧିବା, ରୋଗ ବୈରାଗ ପାଇଁ ଖର୍ଚ୍ଚ କରିନି, ମୁଁ ଯଦି କେତେବେଳେ କହିଛି ତାର ସେହି ସମାନ ଉତ୍ତର, ମୁଁ ଯଦି ତୋର ଗୋଟିଏ ପୁଅ ହେଇଥାନ୍ତି ତେବେ କଣ ଖର୍ଚ୍ଚ କରି ନ ଥାନ୍ତି, ତୁ ଯଦି ପେନସନ ପାଉ ନ ଥାନ୍ତୁ ତାହେଲେ କଣ ମୁଁ ଖର୍ଚ୍ଚ କରି ନ ଥାନ୍ତି ।

ଆଉ ରହିଲା ମୋ ଗହଣା କଥା ସେ ସବୁ ବ୍ୟାଙ୍କ ଲକର ରେ ଅଛି । ସେ ସବୁ ମୋ ନତୁଣୀ ବାହାଘରେ ଦିଆଯିବ।

ସେ କାହାକୁ ହିସାବ ଦେବନି । ମୁଁ ତାକୁ ମନା କରିଛି, କହିଛି, ମୋ ଅନ୍ତେ ମୋ ଶୁଦ୍ଧିକ୍ରିୟାରେ ବଳକା ପଇସା ଖର୍ଚ୍ଚ ହେବ ଆଉ ଯଦି ବଳି ଯାଏ ଅନାଥାଶ୍ରମ ରେ ଦାନ ଦେଇଦେବ ।

ସମସ୍ତେ ଚୁପହେଇ ଯାଇଥିଲେ, ପହିଲି ଭୋଗ ଖାଇ ଯିଏ ଯାହାର ଟିଫିନ ଡବାମାନଙ୍କ ରେ ନେଇ ଚାଲି ଯାଇଥିଲେ। ସୁବଳ ଆଉ ସରଳା ବସିଥିଲେ।

ଏହାର କିଛି ଦିନ ପରେ ଖବର ଆସିଥିଲା, ଦୁଇ ନମ୍ବର ପୁଅ ସୁଜୟ ର କ୍ୟାନସର ରୋଗ ଚିହ୍ନଟ ହେଇଥିଲା, ଯାହା ପାଇଁ ଆବଶ୍ୟକ ଥିଲା ଅର୍ଥ । ସୁଜୟ ନିଜ ପିଲାମାନଙ୍କୁ ମଣିଷ କରିବା ରେ  ଜୀବନ ର ସବୁ ଜମା ପୁଞ୍ଜି  ସାରି ଦେଇଥିଲା। ତେଣୁ ତା ନିଜ ଅସାଧ୍ୟ ରୋଗ ର ଚିକିସଚା ପାଇଁ ପାଖରେ ନ ଥିଲା ସମ୍ବଳ । ସବୁ ଭାଇମାନେ ହାତ ଟେକି ଦେଇଥିଲେ ।

ସୁବଳ ସବୁ ଜାଣି କହିଥିଲା, କିଛି ଟଙ୍କା ଦେବା ଦରକାର ନାହିଁ।

ISSN NO.
2582-208X

ସରଳା ଆଶ୍ଚର୍ଯ୍ୟ ହେଇ ଚାହିଁଥିଲେ, ଯିଏ ଟଙ୍କା ଦେବାକୁ କେବେ ମନା କରେନି ସେ ପୁଣି ଏମିତି କହୁଛି ।

ବହୁତ ଭାବିଚିନ୍ତି, ସରଳା କହୁଥିଲେ, ବୁଝିଲୁ, ସୁବଳ, ମାଗିବାଠାରୁ ହୀନ ନାହିଁ, ଦେବା ଠାରୁ ପୂଣ୍ୟ ନାହିଁ, କାଲି ସକାଳେ ସୁଜୟ ବୋହୁ କୁ କିଛି ଟଙ୍କା ପଠାଇଦେ। ମୁଁ ବଞ୍ଚିଲାବେଳେ ଯଦି କାହା ସାହାଯ୍ୟ ରେ ଆସି ପରିବିନି, ମୁଁ ମଲା ପରେ ସେ ଟଙ୍କା ମୋ ଶୁଦ୍ଧି କ୍ରିୟା ପାଇଁ ରଖିକି ଲାଭ କଣ ।

ସୁବଳ ମନେ ମନେ ଖୁସି ହୋଇ ଭାବୁଥିଲା, ସେ ଯଦି ଏହି କଥା କହିଥାନ୍ତା ହୁଏତ ବୋଉ ମନା କରିଥାନ୍ତା ॥

ସୁବଳ କେବଳ ପଦ ଟିଏ କହିଲା ହଉ ।

ମାର୍ଫତ-ପ୍ରଫେସର ଶ୍ରୀନିବାସ ପାଠୀ
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଆଇଜଲ, ମିଜୋରମ
(M) 9437762732 /madhu1691 @gmail.com

ISSN NO.
2582-208X

# ଅସହିଷ୍ଣୁର ଜ୍ୱାଳା



ଜୟ କୁମାର ମିଶ୍ର

ଆଖିକି ଦିଶେନି, ଜ୍ୱାଳା ଓ ଜ୍ୱଳନ
ଦୂରୁ ହୋଇପଡେ ବାରି,
ଅସହିଷ୍ଣୁ ଜ୍ୱାଳା, ତନୁ ମନେ ଖେଳା
ବେଦନାଟି ଦିଏ  କୋରି ॥
କହି ପାରେ ନାହିଁ, ସହି ପାରେ ନାହିଁ
ରହି ପାରେ ନାହିଁ ଜମା,
ଅନ୍ତର ଜ୍ୱଳନ, ଅନ୍ତର ଦହନ
ଅନ୍ତରେ ଡେଉଁଛି ସୀମା ॥
ଭଲ କଥା ସବୁ, ଅରୁଚିର  କାବୁ
ମଧୁମମେହ ଶତ୍ରୁ ମିଠା,
ଭଲ ଲୋକ ମାନେ, ଦେଖିଲେ ନୟନେ
ଲାଗୁ ଥାଏ ପିତା ଖଟା ॥
କରି ଶତ ଚେଷ୍ଟା, କରି ବ୍ରତ ନିଷ୍ଠା
ହୋଇ ପାରିବନି  ସିଏ,
ପର ପ୍ରତିଭାରେ, ଜ୍ୱାଳା ପୋଡା ବାରେ
କୁନ୍ଥାଇ ସୁଳାଇ ହୁଏ ॥

କାଉ ଓ କୋଇଲି, କଳା ରଙ୍ଗ ଖାଲି
ବାହାରକୁ ଏକା ଦିଶେ,
କୋଇଲି ଆଦର, କାଉଟିକୁ ଜ୍ୱର
ଟାଉଁ ଟାଉଁ କରି ଭାଷେ ॥
ନିଜଠିତ  ନାହିଁ, ସ୍ୱରର ପ୍ରତିଭା
ଗାନ କରିବାକୁ ମନ,
କାଉ ରଡି କରି, ଯେତେ ଦେଲେ ହୁରି
ଅରୁଚି, ଅପ୍ରିତୀ ତାନ  ॥
ଗଧ, ଓ ଘୋଟକ, ରୂପ ସରି ଏକ
ଗୁଣଟି ସମାନ ନୁହେଁ,
ଗଧ ବୁହେଁ ବୋଝ, ଘୋଡା ରୁହେ ତେଜ
ଦଉଡିବାକୁ ଟି ସିଏ  ॥
ରାଜା କରେ ଲୋଡ଼ା,ତାପିଠିରେ ଚଢ଼ା
କରି ସାଜସଜ୍ଜା କେତେ,
ସମର ଭୂଇଁରେ, ଦଳବଳ ଟିରେ
ବୀରରେ ଚାଲଇ ପଥେ ॥

ISSN NO.
2582-208X

ନିଜ ଠାରେ ଯାହା, ରହିନାହିଁ ତାହା
ପରର ଦେଖିଲେ ପିତା,
ଖରାପ ମନଟି, କଳୁଷିତେ ଘାଣ୍ଟି
ନିତି ଦିନ କାଳ ବିତା ॥
ନିଶା ଖିଆ ଲୋକ, କହେ ତାର ଟେକ
ଗୁଣ, ଗାରିମାର କଥା,
କ୍ଷୀରକୁ ଗୌରବ, କାହୁଁ ସେହି ଦବ
ମନ୍ଦ ବୁଦ୍ଧି, ମନ୍ଦ ଚିନ୍ତା ॥
ଯେତେ କଲେ ହୀନ, କ୍ଷୀରର ସମ୍ମାନ
ନିଶାକି ପାଇବ କେବେ,??
ପୁଣ୍ୟ ପରବରେ, ଲୋଡ଼ା ହୁଏ ବାରେ
ଜନ ଆଦରଟି ଲଭେ ॥
ସୁନ୍ଦର ବୋତଲ, ଦାମକିଆ ଘର
ଯତନେ ସାଇତା ତାକୁ,
କ୍ଷୀର ଦିଏ ବଳ, ନିଶା ସାରେ କାଳ
ଧନ ଓ ସମ୍ପତି ଟିକୁ ॥

ଗୋରସକୁ ଦେଖି, ବଢ଼ିମାକୁ ଯୋଖି
କରିଲେ ଆଳାପ କେତେ,
ତାର ଗଉରବ, ଅକ୍ଷୁର୍ଣ୍ଣ ନହେବ
ନିତି ଖୋଜା ଲୋଡ଼ା ପଥେ ॥
ଅନ୍ତର ଜ୍ୱଳନ, କରିବ ଦହନ
ସ୍ୱାସ୍ଥ୍ୟ, ମନ କରେ ହାନି,
କରେ ରୋଗଗ୍ରସ୍ତ , ଶରୀରେ ଅସୁସ୍ଥ
ଅଯୋଗ୍ୟ ଅଲୋଡ଼ା, ପୁଣି ॥

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ନିଃଶ୍ୱାସକୁ ନାହିଁ ବିଶ୍ୱାସ



ବିନୋଦିନୀ ଦାଶ

ଗରବ ଦମ୍ଭରେ ବଚନ ବୋଲୁ ରେ
ନିଃଶ୍ୱାସକୁ ନାହିଁ ବିଶ୍ୱାସ
ପାଣି ଫୋଟକାଟେ ଜୀବନ ମାତର
କେବେ ସରିଯିବ ଆୟୁଷ
ନ ଜାଣେ କେହି
କିଆଁ କରୁ ଏତେ ବଡେଇ
ଗର୍ବ ଅହଂକାର ନଶ୍ୱର ଶରୀର
କେହି ଚିରଦିନ ନୁହଁଇ ।

ମୁଁ ମୋର ବହି ନିତି ଚାଲୁ ମହୀ
ଦେଖୁ ନାହୁଁ କି ଚଉପାଶେ
ଗଲେଣି ଯେତେକ ନେଲେଣି କେତେକ
ସଙ୍ଗତରେ ଧନ କି ଯଶ
ଜାଣି ଅଜଣା
ମନକୁ କିଆଁ ନ ପଚାରୁ
ସଞ୍ଚିଥିବା ଧନ ଦେଇ ଖଣ୍ଡ ମୁଖେ
ନୁହେଁ କି ବିଦାୟ ଧରାରୁ ?

ISSN NO.
2582-208X

ସତକର୍ମେ ଧ୍ୟାନ ରଖି ଆରେ ମନ
ଯେବେ ବସିଥିବୁ ନାଆରେ
ନାବିକ ତୋହର ଜଗତ ଈଶ୍ୱର
ନେଉଥିବେ ଅନୁକୂଳରେ
ରହି ଅଦୃଶ୍ୟେ
ସିଏ ତୋ ପ୍ରେରଣାର ଉତ୍ସ
ତାଙ୍କ ସହ ଭାବ କଲେ ସର୍ବଶୁଭ
ଢାଳି ଦେଉଥିବେ ଆଶିଷ ।

ମିଛ ମୋହମାୟା ଘେରା ପରା ଏ ଦୁନିଆ
କାହିଁକି ଅଜ୍ଞାନ ତିମିରେ
କରି ଅବରୋଧ ଜୀବନର ପଥ
ଚଳୁ ବିପରୀତ ଦିଗରେ
ଜ୍ଞାନ-ପ୍ରଦୀପ
ଜଳାଇ ସିନା ବିବେକରେ
ବିଶ୍ୱାସ ସାଥିରେ ନିଃଶ୍ୱାସ ପର୍ଯ୍ୟନ୍ତ
ଘର ତୋଳି ଥିବୁ ସୁଖରେ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ବାରିବାହ



ଅଲେଖ ମେହେର

ଆରେ ବାରିବାହ,
ବିମୁଖ ନହୋଇ ଫେଡଦାହ,
ତପତ ଜ୍ୱଳନ ତନୁମନ
ପ୍ରଥମ ସ୍ୱରସେ ଆଚମନ,
ଶୀତଳ ପବନ ଛୁଇଁବ ସ୍ପନ୍ଦନ
ମନରେ ଆସିବ ପ୍ରେମମୋହ ଆରେ ବାରିବାହ ।
ଯାଇଛୁ ପାଶୋରି ମମ ମହୀ,
ଶ୍ୟାମଳ ପୂର୍ଣ୍ଣାଙ୍ଗ ବନ ଦହୀ
ଧୂସର ବସ୍ତ୍ରରେ ସୁଳଲିତ ନାହିଁ
ଗୁମୁରି କାନ୍ଦଇ ଦଗ୍ଧ ଦେହ ।ଆରେ ବାରିବାହ ।
ଜଳଧର ଚାହିଁ ବାସ ବିତେ,
ଚନ୍ଦ୍ରକୁ ଚକୋର ଯେହ୍ନେ ହିତେ,
ଚାତକର ହୃଦ ଚିନ୍ତି ଥରେ ଚିତ୍ତେ
ଅଶନୀ ଶବଦେ ଭର ମୋହ । ଆରେ ବାରିବାହ ।
ବରହୀ ନାଚିବ ଟେକି ପୁଚ୍ଛ,
ଅଚଳା ସବୁଜେ ହେବ ସ୍ୱଚ୍ଛ,
ମୃଗତୃଷ୍ଣା ଦେଖି ଧାଏଁ ମ୍ଳେଚ୍ଛ,
ଦେଖି ଯାଯାବର ବସ୍ତେ କୋହ । ଆରେ ବାରିବାହ ।
ବିମୁଖ ନ ହୋଇ ଫେଡ ଦାହ । ଆରେ ବାରି ବାହ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ସାଉଁଟା ଫୁଲ

ଶ୍ରଦ୍ଧାଞ୍ଜଳୀ ଦାଶ

ସେମାନେ ଜିଦ୍ ଧରିଲେ, ସେମାନେ ଜିଦ୍ ଧରିଲେ ସାଉଁଟା ଫୁଲଟିର ପୁଣି ମର୍ଯ୍ୟାଦା?
ତାର ଗୋଟେ ମହତ୍ୱ? ସାଉଁଟା ଫୁଲଟିଏ କେବେ କଣ ଦେବତାର ଗଳାରେ ପୂଜା
ପାଇପାରେ?
ମୁଁ ସଙ୍କୁଚତ ହୋଇ ନଜକୁ ଦେଖୁଥିଲି ।
ନନ୍ଦା ଅପମାନ ଓ ତାସ୍ଚଲ୍ୟରେ ତିକ୍ଷଣ ସରବିଦ୍ଧ ଶରୀର,
ହୃଦୟ ଆଉ ଆତ୍ମା ମୋର ବିଳାପ କରୁଥିଲେ ନୀରବରେ ।
ସୁନ୍ଦର ନୀଳଆଖି ଦୁଇଟି ଅସହାୟ,
କ୍ଳାନ୍ତ ଆଉ ଅବସ ହୋଇ ଅଶ୍ରୁ ଝର୍‌ବାକୁ ମଧ୍ଧ ଅସମର୍ଥ ହୋଇପଡିଥିଲେ ।
ଫେରିଯାଉଥିଲେ ଅତୀତକୁ ।
ଦିନେ ନଜ ରୂପର ସୌନ୍ଦର୍ଯ୍ୟରେ ନଜେ ଲ୍‌ଜେଇ ଯାଉଥିଲି
ସତରେ କେତେ ଖୁସି ଥିଲି ମୁଁ ।
ମୋ ନରମ କଅଁଳ ସୁନ୍ଦର ପାଖୁଡା ଗୁଡିକୁ ଧିରେ ଧିରେ ଖୋଲୁଥିଲି
ନଜ ସୁଗନ୍ଧରେ ବିଭୋର ହୋଇ ପାଖୁଡା ତଳର୍ ସ୍ୱପ୍ନରେ ମଜ୍ଜି ଯାଉଥିଲି ।
କେଉଁ ଅଜଣା ଦେବତାଙ୍କ ଗଳାରେ ଦିନେ ଶୋଭି ପାଇବି
ସନ୍ତର୍ପଣରେ ନଜକୁ ସଜାଇ ରଖିଥିଲି
ହେଲେ ମୁଁ କଣ ଜାଣିଥିଲି?
ଦିନେ ମୋ ରୂପ ଆଉ ସୁଗନ୍ଧରେ ଅକୃଷ୍ଟ ହୋଇ ଭଅଁରଟିଏ
ଆସି ମୋତେ ଖିନଭିନ୍ କରି ସବୁ ମଧୁ ଶୋଷିନେବ ବୋଲି ।
ପ୍ରତିବାଦ କରିଥିଲି ହେଲେ ମୋ ପ୍ରତିବାଦର ସ୍ୱର ମୋ ପାଖକୁ ଫେରିଆସିଥିଲା ।

ISSN NO.
2582-208X

ଝାଉଳ ଗଲି ମୁଁ ତଥାପି ଅପେକ୍ଷା କଲି । କାଳେ କେଉଁ ଦେବତାଙ୍କ ଚରଣ ତଳେ ଟିକେ ସ୍ଥାନ ପାଇଯିବି! ସବୁ ସ୍ୱପ୍ନ ମୋର ଭାଙ୍ଗିଗଲା । ଯେତେବେଳେ ବାଟୋଇଟି ମୋତେ ବୃନ୍ତଚ୍ୟୁତ୍ କରି ନେଇଗଲା ମନଭରି ଆଘ୍ରାଣ କଲା ଆଉ ମୋ ଝାଉଁଳ ପଡିଥିବା ପାଖୁଡା ଗୁଡିକର ନରମ ପରଶକୁ ଢେର ଅନୁଭବ କଲା ।

ଆଉ ତା ପରେ ଫିଙ୍ଗିଦେଲା ଗ୍ୱସ୍ତାକଡକୁ । ଆଉ ମୁଁ ପଡି ରହିଲି ସେହି ପୁତିଗନ୍ଧମୟ ଗ୍ୱସ୍ତାକଡରେ ଏକ କୁତ୍ସିତ ଅତୀତକୁ ନେଇ ପ୍ରତୀକ୍ଷା ଏକ ଅନିଶ୍ଚିତ ଭବିଷ୍ୟତକୁ ।

ଦିନେ ମୋ ବଡ ପ୍ରତିକ୍ଷୀତ ଦେବତା ଆସିଲେ ।

ଯତ୍ନରେ ସାଉଁଟି ନେଲେ ମୋତେ, ଆଦରରେ ଝାଡିଦେଲେ ମୋ ପାଖୁଡାରେ ଲାଗିଥିବା ଧୂଳ ସବୁ । ପୁଣି ସତେଜ ହୋଇ ଉଠିଲି ମୁଁ । ପରସ୍ତ ପରସ୍ତ କରି ଖୋଲି ଦେଲି ସବୁ ପାଖୁଡାକୁ ମୋର ଉନ୍ମୁକ୍ତ କରି ଦେଇଥିଲି ନିଜକୁ ସେଦିନ ତାଙ୍କ ନିକଟରେ । ସେ ପଢିଥିଲେ ମୋ ନରମ ପାଖୁଡାରେ ଅଙ୍ଗାରକାଳିରେ ଲେଖା କଳଙ୍କିତ ଇତିହାସକୁ ମୋର । ହେଲେ ସବୁ କଳଙ୍କିତ କାଳିମାକୁ ଧୋଇ ଦେଇଥିଲେ ତାଙ୍କ ପବିତ୍ର ପ୍ରେମର ଅମୃତ ଧାରାରେ ବଂଚବାର ଆଶାଟିଏ ଅଙ୍କୁରିତ ହେଉଥିଲା ମୋ ଭିତରେ । ପୁଣି ସଜଉଥିଲି ନିଜକୁ । ଝାଉଁଳ ପଡିଥିବା ପାଖୁଡା ଗୁଡିକ ପ୍ରେମର ଜଳରେ ପୁଣି ଯେମିତି ସତେଜ ହୋଇଯାଇଥିଲେ । ଦେବତାଙ୍କ ଚରଣତଳେ ଅର୍ପଣ କରି ନିଜକୁ ସବୁ ଦୁଃଖ ଭୁଲିଗଲି । ମୋ ଜନ୍ମ ଯେ ସାର୍ଥକ ହେଲା । ହେଲେ ସେମାନେ ସମାଜର ବଡପଣ୍ଡା ମାନେ ଆଜି ଯିଦ ଧରିଛନ୍ତି । ସେଇ ବାଟୋଇମାନେ ଆଜି ପ୍ରଶ୍ନ କରୁଛନ୍ତି । ସେଇ ଭଅଁର ମାନେ ଆଜି ତାଚ୍ଛଲ୍ୟ କରୁଛନ୍ତି । ସାଉଁଟା ଫୁଲ କେବେ ପୂଜା ପାଇପାରେ ଦେବତାଙ୍କ ଗଳାରେ ?

ପ୍ରଧାନ ଶିକ୍ଷକ, ଜାହ୍ନଗିରୀ ସରକାରୀ ଉଚ୍ଚବିଦ୍ୟାଳୟ
ଶକୁନ୍ତଳାପୁର, ବଡଚଣା/ମୋ-୯୪୩୭୫୩୫୬୬୩

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

### ।। ୭ ଦୃଶ୍ୟ ।।

(ଏସ ପି ବଳୟ ମହାପାତ୍ରର ଘର।ଆଶା ଓ ମଳୟ ଯୁକ୍ତି ତର୍କରେ ବ୍ୟସ୍ତ ଥାଆନ୍ତି।)

ମଳୟ- ହେ- ତୁ ଗୋଟେ କୋଉ କଲେଜରେ ପଢୁଛୁ ଯେ ତୋର ଖାଲି ବେଳ ଉଛର ହେଇଯାଉଛି! ଭାଉଜ! ଜଳଖିଆ ରେଡି ହେଲା ନା ନାଇଁମ ?

ଆଶା- ହଁ ତୁ ତ ଜଣେ ମାହା ପଣ୍ଡିତ ନା, ତୋର ସବୁବେଳେ ଆଗେ ଯିବି, ଆଗେ ଖାଇବି! ସବୁ ଖାଲି ଆଗରେ କରିବି। ଡକ୍ଟର ପାଠ ପଢୁଛୁ ବୋଲି ବେଶୀ ଫୁଟାଣି ଦେଖଉଛି ।

ମଳୟ- ମୂର୍ଖ କୋଉଠୁ ଜାଣିବ ମେଡ଼ିକାଲ ପାଠର ଅର୍ଥ ।

ଆଶା- କଣହେଲା ମୁଁ ମୂର୍ଖ ?

ମଳୟ- ଖାଲି ମୂର୍ଖ ନୁହେଁ ଗଜ ମୂର୍ଖ। ଆର୍ଟସ ଗୋଟେ ପାଠ! ଯେତିକି ମୂର୍ଖ ସବୁ ଆର୍ଟସ ପାଠ ପଢ଼ନ୍ତି ।

ISSN NO.
2582-208X

ଆଶା- ଏ ଦୁନିଆରେ ଯାହା ମୁଁ ଏକା ଆର୍ଟସ ପଢୁଛି। କୋଟି କୋଟି ପିଲା ଆର୍ଟସ ନେଇ ପଢୁଛନ୍ତି। ସେମାନେ ସମସ୍ତେ ତାହେଲେ ମୂର୍ଖ ।

ମଳୟ-ସେଇ କୋଟିଏଙ୍କ ଭିତରୁ ତୁ ଗୋଟିଏ ।

ଆଶା-ଦେଖ ଭାଇ, ମୋତେ ଚିଡାନା କହୁଛି ।

ମଳୟ--ଚିଡିଲେ ତୁ କଣଟା କରିବୁ ଯେ ?

ଆଶା- ଭାଇଙ୍କୁ କହି ତୁମକୁ ଗାଳି ଶୁଣେଇବି ।

ମଳୟ-ତୋର ଯିଏ ଭାଇ ମୋର ବି ସିଏ ଭାଇ। ତୁ ଭାଇଙ୍କୁ କହିଲେ ମୁଁ ଭାଉଜଙ୍କୁ କହିବି ।

ଆଶା- ଭାଉଜ ମୋର କିଛି କରିବେନି ।

ମଳୟ- ଭାଇ ମୋତେ ଆଦର କରିବେ ।

ଆଶା- ବଡ଼ ଗୁଣବାନ ଭାଇ ତ!

ମଳୟ- ଗୁଣବାନ ବୋଲି ତ ଡକ୍ଟରେଟ କରୁଛି। ତୋ ଭଳି ଆର୍ଟସ ନେଇ ଗଧଙ୍କ ଲିଷ୍ଟରେ କୋଉଠି ନାଁ ଲେଖିଛି ।

ଆଶା- ହେ ସବୁବେଳେ ସେମିତି ଗଧ, ମୂର୍ଖ କହିବୁନି ଜାଣିଥା ।

ମଳୟ- ତୋ ଭଳି ମେଣ୍ଢି ସହିତ ବକ୍ ବକ୍ ହେବାକୁ ମୋର ବେଳ କାହିଁ ? (ହାତ ଘଡିକୁ ଦେଖି )ଆରେ ବାପରେ! ଏତେ ଟାଇମ ହେଇଗଲାଣି। ଆଜି ଆଉ ମେଡ଼ିକାଲ କଲେଜ ଯାଇହେବନି ।

ଆଶା - ତୁ ରହ ମୁଁ ଆଜି ଆଗେ ଯିବି ।

ମଳୟ- ଚୁପ! କହିଲା ମୁଁ ଆଗେ ଯିବି। ଆଗେ ମୁଁ ଯିବି ।

ଆଶା- ନା ଆଗେ ମୁଁ ଯିବି ।

ISSN NO.
2582-208X

ମଳୟ- ମୁଁ ଆଗେ ଯିବି ।

ଆଶା- ମୁଁ ଆଗେ ଯିବି ।

(ଦୁହେଁ ମୁଁ ଆଗେ ଯିବି କୁ ୩ -୪ ଥର ରିପିଟ କରନ୍ତି)

ପପୁ- (ପ୍ରବେଶି)ନା ଆଗେ ମୁଁ ସ୍କୁଲ ଯିବି ।

ମଳୟ- ଆରେ ପପୁ! ତୋର ବି ବେଳ ଉଛର ହେଇଗଲାଣି ?

ପପୁ- ପ୍ରଥମେ ତୁମେ ଦୁହେଁ କୁହ କଣପାଇଁ ଝଗଡା ଲାଗିଥିଲ ?

ଆଶା- ଭାଇ କହୁଛି ଆଗେ ମେଡ଼ିକାଲ କଲେଜ ଯିବ ।ହେଲେ ମୋର ବି ବେଳ ଉଛର ହେଲାଣି ।

ପପୁ- ସାନ ବାପା! ଟାଇମ ଦେଖିଲ କେତେ ହେଲାଣି ?

ମଳୟ-(ହାତ ଘଡି ଦେଖି)୧୦ ଟା ୧୫ ।

ପପୁ- ଦେଖିଲ ବୋଉର କେତେ ନେଗେଲେଟ। ମୋର ବି ସ୍କୁଲ ଟାଇମ ଉଛର ହେଲାଣି। ବୋଉ ପାଇଁ ଠିକ ଟାଇମରେ ସ୍କୁଲରେ ପହଞ୍ଚି ହେବନି ।

ଆଶା- ମୋର ବି ତୋହରି ଅବସ୍ଥାରେ ପପୁ! ଫାଷ୍ଟ କ୍ଲାସ ସାଢ଼େ ୧୦ଟାରେ। ଜଳଖିଆ ଖାଇ କଲେଜରେ ପହଞ୍ଚୁ ପହଞ୍ଚୁ କ୍ଲାସ ମିସ ହେବ ।

ମଳୟ- ତୁମ ଦୁହିଙ୍କ ଅପେକ୍ଷା ମୋ ଅବସ୍ଥା ବଡ଼ ସିରିୟସ। ଠିକ ଟାଇମରେ ନ ପହଞ୍ଚିଲେ ଗଲା ଆଜି ଛୁଟି ।

ଆଶା-ଛୁଟି?

ପପୁ- ଛୁଟି ?

ମଳୟ- ଆଉ ନୁହେଁ କଣ ? ଆଜି ଆମ ତିନି ଜଣଙ୍କର ଜଳଖିଆ ବିନା କଲେଜ, ସ୍କୁଲ ଯିବା ବନ୍ଦ ।

ISSN NO.
2582-208X

ପପୁ-ସେପାଇଁ ଦାୟୀ କିଏ ?

ମଳୟ- ଭାଉଜ !

ଆଶା- ଭାଉଜ !

ପୂର୍ଣ୍ଣିମା-(ପ୍ରବେଶ ପଥେ )ଆଜି ମୋର ଟିକେ ଲେଟ ହେଇଗଲା। ଚାଲ ଚାଲ ଜଳଖିଆ ରେଡି ।

ମଳୟ-ଟିକେ ନୁହେଁ ବହୁତ ଲେଟ ହେଇଗଲା ଭାଉଜ। ଆଜି ଆଉ ମୁଁ ମେଡ଼ିକାଲ କଲେଜ ଯିବିନି ।

ଆଶା- ମୁଁ ବି କଲେଜ ଯିବିନି ।

ପପୁ- ଏତେ ଲେଟରେ ସ୍କୁଲ ଯାଇ ପନିଶମେଣ୍ଟ ପାଇବା ଅପେକ୍ଷା ଛୁଟିରେ ରହିବା ଭଲ ।

ମଳୟ- ଆଜି ଆମ ତିନିହେଁଙ୍କ ପାଠ ପଢ଼ାରେ ବ୍ୟାଘାତ ପାଇଁ ଦାୟୀ କିଏ ?

ଆଶା-ଭାଉଜ !

ପପୁ- ବୋଉ !

ମଳୟ- ଏଥିପାଇଁ ବିଚାର ହେବ ।

ଆଶା- ଏସ ପି ବଳୟ ମହାପାତ୍ରଙ୍କୁ ଡ଼କାଯାଉ ।

ପୂର୍ଣ୍ଣିମା- ଆଶା, ପପୁ, ମଳୟ! ଆରେ ତମେମାନେ ମୋ କଥା ଶୁଣ। ଆଜି ସକାଳୁ ଉଠୁ ଉଠୁ ଟିକେ ଲେଟ ହେଇଗଲା। ସେପାଇଁ ତୁମମାନଙ୍କ ବ୍ରେକଫାଷ୍ଟ ଟାଇମରେ ହେଇ ପାରିଲାନି। ସରି! ଆଉ କେବେ ଏମିତି ଭୁଲ ହେବନି। ହେଲେ ଏକଥା ତୁମ ଭାଇଙ୍କୁ ଜଣାଅନି ।

ମଳୟ- ତୁମର କିଛି ବି ଅନୁରୋଧ ଆମେ ଆଜି ମାନିବୁନି ଭାଉଜ ।

ତୁମେ ଆଜି ଦୋଷୀ। ଦୋଷୀକୁ ଦଣ୍ଡ ମିଳିବ। ଆଶା! ଯା- ଭାଇଙ୍କୁ ଡାକିଆଣିବୁ ।

ISSN NO.
2582-208X

ଆଶା- ଯାଉଛି ଏଇ ସାଙ୍ଗେ ସାଙ୍ଗେ ଡାକିଆଣିବି (ପ୍ରସ୍ଥାନ ଉଦ୍ୟତ)

ପୂର୍ଣ୍ଣିମା-(ଆଶାର ବାଟ ଅଟକାଇ)ପ୍ଲିଜ ଆଶା! ମୋତେ ଏଇ ଥରଟା କ୍ଷମା କରିଦିଅ। ନେକ୍ସଟାଇମ ଆଉ ଭୁଲ ହେବନି।

ଆଶା-ଭୁଲର ସମାଧାନ ପାଇଁ ଭାଇଙ୍କୁ ହିଁ ଆସିବାକୁ ହେବ। ଭାଇ! ଏଠିକୁ ଆସ ଦେଖିବ ତୁମ ସହଧର୍ମଣି କେମିତି ଭୁଲ ପରେ ଭୁଲ କରୁଛନ୍ତି।

ବଳୟ-(ପ୍ରବେଶି) କଣ ହେଇଛି। ଆରେ ତୁମେ ସମସ୍ତେ ଏମିତି ନ୍ୟାୟ ଶୁଣିବା ମୁଦ୍ରାରେ ଅପେକ୍ଷାରତ।

ମଳୟ- ଭାଇ! ଦୋଷୀକୁ ଦଣ୍ଡ ମିଳିବା ଦରକାର।

ବଳୟ-ଦୋଷୀ? ମାନେ! ତୁ କଣ କହିବାକୁ ଚାହୁଁ?

ଆଶା-ଭାଉଜ ଆଜି ଆମକୁ ଠିକ ଟାଇମରେ ବ୍ରେକ ଫାଷ୍ଟ ଦେଇ ପାରିଲେ ନାହିଁ। ତେଣୁ ଆମେ ତିନିହେଁ ଆଜି ଛୁଟି ନେବାକୁ ବାଧ୍ୟ ହେଲୁ।
ବଳୟ-ଆରେ ମୁଁ ତ କେତେଥର କହିଲିଣି ଜଣେ ପୂଝାରି ରଖିଦେବା। ସେ କଣ ମୋ କଥା ଶୁଣୁଛି।କ ହିଲେ କହୁଛି କଣ ନା ବସି ବସି ବୋରିଂ ହେବି। ତା ଅପେକ୍ଷା ଘର କାମ କଲେ ମନ ଠିକ ରହିବ।

ମଳୟ-କିନ୍ତୁ ଭାଇ! ଆଜି ଯେଉଁ ପରିସ୍ଥିତି ଉପୁଜିଲା ତା' ପାଇଁ ତ କିଛି ସମାଧାନ କରିବାକୁ ପଡିବ।

ପପୁ-ହଁ ପାପା! ବୋଉର ଏଭଳି ନେଗଲେକ୍ଟ ପାଇଁ ମୋର ବି ଆଜି ସ୍କୁଲ ଯିବା ବନ୍ଦ ହେଲା।

ବଳୟ- ହୁଁ-ତାହେଲେ ତୁମ ତିନି ଜଣଙ୍କ ଦୋଷୀ ପୂର୍ଣ୍ଣିମା।

ପୂର୍ଣ୍ଣିମା- ସତ କହୁଛି ଆଜି ସକାଳୁ ଉଠିବରେ ଟିକେ ଲେଟ ହେଇ ଗଲା। ଆଜି ପାଇଁ ମୋତେ ଯାହା ଦଣ୍ଡ ଦେଉଛ ଦିଅ କିନ୍ତୁ ଆଉ କେବେ ଭୁଲ କରିବିନି।

ISSN NO.
2582-208X

ବଳୟ-ଟିକେ ଲେଟ ହେଇନି ପୂର୍ଣ୍ଣିମା ବହୁତ ଲେଟ ହେଇଛି। ତୁମ ଦୋଷ ପାଇଁ ଦଣ୍ଡ ତ ମିଳିବ। ଆଜି ରବିବାର। ପିଲାମାନଙ୍କୁ ଭଲ ଭଲ ଡିସ ତିଆରି କରି ଖାଇବାକୁ ଦିଅ ।

ପୂର୍ଣ୍ଣିମା-ଆଜି ରବିବାର ?

ବଳୟ-ମୁଁ କଣ ମିଛ କହୁଛି ?

ପୂର୍ଣ୍ଣିମା- (ଆଶା, ମଳୟ ଓ ପପୁକୁ ଏକ ଧ୍ୟାନରେ ଚାହିଁରହେ।ତି ନିହେଁ ଏକତ୍ର ଭାବେ ଗାଳି ଶୁଣିବା ଭୟରେ ଚୁପ ଚୁପ କଥା ହେଉଥାନ୍ତି ) ଆଚ୍ଛା! ମିଛରେ ମିଛରେ ମହାଭାରତ ?

ମଳୟ-(କାନ ଧରି) ସରି ଭାଉଜ ।

ଆଶା-(କାନ ଧରି) ସରି ଭାଉଜ ।

ପପୁ- (କାନ ଧରି ) ସରି ବୋଉ ।

ପୂର୍ଣ୍ଣିମା- ଖାଲି କାନ ଧରି ସରି କହିଦେଲେ ହେବନି। ତୁମେ ତିନିହେଁ ଦଶ ଦଶ ଥର ଉଠ ବସ ହେବ। ରେଡି ଷ୍ଟାର୍ଟ ଓ୍ୱାନ, ଟୁ, ଥ୍ରୀ ।

(ପୂର୍ଣ୍ଣିମା କାଉଣ୍ଟ କରୁଥାଏ ତିନିହେଁ ଉଠ ବସ ହେଉଥାନ୍ତି। କ୍ରମଶଃ ମଞ୍ଚକୁ ଅନ୍ଧାର ନଇଁଆସେ )

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ନିରବତା



ନିରୂପମା ପଟେଲ

ହେ ନିରବତା ମୁଁ ତୁମକୁ ଭଲପାଏ
ମୋ ନିଜଠୁ ବି ଅଧିକା ଆହୁରି ଅଧିକା
ତୁମ ଶାନ୍ତ ସରଳ ସ୍ୱଭାବ ର ରଙ୍ଗଛିଟା ମୋ
ଦେହେ ବୋଳି ଦେଇଯାଏ ।

ଜୀବନର ଚଲାପଥେ ତୁମ ହାତ ଧରି
ଆଗକୁ ଆଗକୁ ବଢିବାରେ ଖୁବ୍ ଭଲ ଲାଗେ
ହେଲେ ମୋ ଆତ୍ମା ମୋ ମନ
ତୁମ ଉପସ୍ଥିତି କୁ ଇର୍ଷା କରେ ।

ନା ସେ ସହିପାରେ ନା ସେ କହିପାରେ
ଏ ମନ ଭାବୁ ଥାଏ ଯାହା
ଆତ୍ମା ବି ବେଳେ ବେଳେ ଭାବୁଥାଏ ତାହା
ତାଙ୍କ ପାଇଁ ସତେକି ମୁଁ ଆଜନ୍ମ ସାଥି ।

କାଳେ ମତେ ହରେଇବାର ଦୁଃଖ
ତାଙ୍କ ପାଇଁ ହୋଇପାରେ ଅସହ୍ୟ ବେଦନା
ନିରବତା ର ଉହାଡରେ
ସତେକି ମୁଁ ହଜିଯିବି ଚିରକାଳ ।

ମୋର ହଜିଯିବ ଅସ୍ତିତ୍ୱ
ଆଉ ମୋ ସହ ତାଙ୍କର ବି
ହୋଇଯିବ ନିଜସ୍ୱ ର ବିଲୟ
ତୁମ ଭାଷାରେ କହିପାର
ପତିତ ସତେକି ପତିତ ।।

ମହିଆପଲ୍ଲୀ, ବଲାଙ୍ଗୀର

ISSN NO.
2582-208X

# ସ୍ୱାଧୀନତା ଦିବସ



ରାଜକଶୋର ସ୍ୱାଇଁ

ପନ୍ଦର ତାରିଖ ଅଗଷ୍ଟ ମାସ
ଏ ଆମରି ସ୍ୱାଧୀନତା ଦିବସ
ଆକାଶେ ଉଡେ ଜାତୀୟ ପତାକା
ଗାଇବା ଆମେ ତାର ସ୍ୱାଗତିକା ।୧ ।
ସାଗର ଧୋଇଛି ପାଦକୁ ଯାର
ଶିରେ ମୁକୁଟ ଯାର ଗିରିବର
ଏ ଆମ ଜନମ ଭୂଇଁ ଭାରତ
କରିବା ପାଦେ ତାର ପ୍ରଣିପାତ ।୨ ।
ଆମେ ପରା ସବୁ ଭାରତବାସୀ
ଭେଦଭାବ ଭୁଲି ରହିବା ମିଶି
ଭାରତୀୟ ଆମର ଜାତୀୟତା
ବଜାୟ ରଖିବା ଶାନ୍ତ ଏକତା ।୩ ।
ବୁଦ୍ଧ ଗାନ୍ଧୀ ଆଦି ମହାପୁରୁଷ
ସମାଜକୁ ଦେଇଥିଲେ ସର୍ବସ୍ୱ
ତାଙ୍କ ଲାଗି ଆଜି ଆମ ଏ ଦେଶ
ସାଉଁଟୁଛି କେତେ ସୁନାମ ଯଶ ।୪ ।
ସବୁ ପଛ ଆମ ଦେଶଟି ଆଗ
ଲଗାଇବାନ ତା ସୁନାମେ ଦାଗ
ସେ ଆମ ସରଗ ଏ ମରତରେ

ISSN NO.
2582-208X

ସଭିଙ୍କୁ ବାନ୍ଧିବା ତା ପ୍ରେମ ଡୋରେ ॥
ଆପେ କଷ୍ଟ ସହି ବାଣ୍ଟିବା ଖୁସି
ପ୍ରଗତି ରଥକୁ ଟାଣିବା ମିଶି
ବିକାଶ ଧାରାକୁ ନେବା ଆଗେଇ
ତା ପାଦରେ ଆମେ ପାଦ ମିଶାଇ ।୬।
ପ୍ରଗତିରେ ବାଧା ଦିଅଇ ହିଂସା
ଡାକି ଆଣଇ ଏ ଦୁଃଖ ଦୁର୍ଦ୍ଦଶା
ମନରୁ ତେଜିବା ହିଂସା ଓ ରାଗ
ଦେଶ ପାଇଁ ସବୁ କରିବା ତ୍ୟାଗ ।୭।
କହିବା ଆମେ ସଦା ମିଠା କଥା
ହରିବା ସଭିଙ୍କ ମନରୁ ବ୍ୟଥା
ତେଜିବା ପର ଆପଣା ଭାବକୁ
କରିବା ବରତ ପର ସେବାକୁ ।୮।
କୃଷି ବଞ୍ଚିଲେ ବଞ୍ଚିବ ଏ ଦେଶ
ଜୀବନ ଜୀବିକା(ର) ଆଧାର ଚାଷ
କୃଷି କୃଷକର ଉନ୍ନତି ପାଇଁ
ଲଢେଇ କରିବା ଏକାଠି ହୋଇ ।୯।
ଲୁଚି ରହେନାହିଁ ସତଟି ଜାଣ
କହିବାନି ମିଛ କରିବା ପଣ
ଅନ୍ୟାୟର କରିବା ଗତିରୋଧ
ଆମ ସଂସ୍କୃତିର ଏ ମୂଲ୍ୟବୋଧ ।୧୦।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ସନ୍ଦେହ



ବାଙ୍କାବିହାରୀ ମହାକୁର

ସୁନୀଳ ଗଗନ ହଠାତ୍ ଆଚ୍ଛନ୍ନ
ଯେପରି ବାଦଲଦିହେ,
ନିର୍ମଳ ପ୍ରାଣଟା ହୁଏ ବିବର୍ଣ୍ଣ
ଅଜ୍ଞାତର ମାୟାମୋହେ ।

ହୃଦୟକୁ ଯେବେ କରେ କବୋଳିତ
ନାନାବିଧ ଉପାୟରେ,
ଉପହାର ଦିଏ ଦୁଃଖ ଅପମାନ
ଯନ୍ତ୍ରଣା ବିନାଦ୍ୱିଧାରେ ।

ସନ୍ଦେହର ବହ୍ନି ହେଲେ ପ୍ରଜ୍ଜ୍ୱଳନ
ପରିବାର ଛିନ୍ନଭିନ୍ନ,
ସଂପର୍କର ଡୋର ସାଜେ ଖଣ୍ଡାଧାର
ମନପ୍ରାଣ ଅକର୍ମଣ୍ୟ ।

ଦୃଶ୍ୟ ପ୍ରାକୃତିକ ହୁଏ ଲୁପ୍ତକାୟ
ଝାପସା ହୁଅଇ ରଂଗ,
କଳା ଚଷମା ଯେସନେ ପରିଧାନେ
ଲାଗଇ ସମ ସର୍ବାଙ୍ଗ ।

ISSN NO.
2582-208X

ହୀତାହୀତ ଜ୍ଞାନ ହୁଏ ଅନ୍ତର୍ଦ୍ଧାନ
ମସ୍ତିଷ୍କ ଯେସନେ ଶୂନ୍ୟ,
ସନ୍ଦେହର ଗୁଣ କରେ ଆକର୍ଷଣ
ସ୍ୱୟଂକୁ ଚିନ୍ତେ ସଂପୂର୍ଣ୍ଣ ।

ଅନ୍ତରର ରାଗ ଦୂରାଏ ସରାଗ
ଭର୍ତ୍ତିକରେ ଘୃଣା ହିଂସା,
ମନର ଭାବନା କରେ ବାଟବଣା
ମନୁଷ୍ୟ ଭୋଗେ ଦୁର୍ଦ୍ଦଶା ।

ବୃକ୍ଷ ରୂପି ଚେର ସନ୍ଦେ ନିରନ୍ତର
ବାହ୍ୟପାର୍ଶ୍ୱ ହୃଷ୍ଟପୃଷ୍ଟ,
ସନ୍ଦେହ ଯନ୍ତ୍ରଣା ଅସହ୍ୟ ବେଦନା
ଜୀବନ କରେ ଅତିଷ୍ଟ ।

ସନ୍ଦେହର ସ୍ରୋତ ହୋଇଗଲେ ସୁପ୍ତ
ଅବତୀର୍ଣ୍ଣ ବାସ୍ତବତା,
ବିଷମ ସଂସାର ଦେବ ଉପହାର
ସ୍ନେହ, ଶ୍ରଦ୍ଧା, ପ୍ରୀତି ବାର୍ତ୍ତା ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଆଣ୍ଡାମାନ

ପ୍ରିୟବ୍ରତ ପାତ୍ର

ଖୁବ୍ କମ୍ ଭାରତୀୟ ଜାଣନ୍ତି ଯେ, ଭାରତର ଗୋଟିଏ ଭୂଖଣ୍ଡ କିଛି ବର୍ଷ ପାଇଁ ଜାପାନୀ ଶାସନାଧୀନ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପଦଧ୍ୱନି ଭାରତର କେବଳ ଯେଉଁ ଭୂଖଣ୍ଡରେ ସିଧାସଳଖ ପଡିଥିଲା, ତାହାର ନାମ ହେଉଛି ଆଣ୍ଡାମାନ ଦ୍ୱୀପପୁଞ୍ଜ। ଦୁଃଖର କଥା ଏହି ଘଟଣାଟିକୁ ଜଣେଇଦେବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରାମାଣିକ ବୃତ୍ତଚିତ୍ର ଟିଏ ତିଆରି ହୋଇନି। ଏପରିକି ବେସରକାରୀ ସ୍ତରରେ ଆମୋଦ ଧର୍ମୀ ଚଳଚିତ୍ରଟିଏ ମଧ୍ୟ ତିଆରି ହୋଇନି। ସେହି ଭୟାବହଯୁଦ୍ଧରେ ଇଉରୋପର ପ୍ରାୟ ସବୁ ଦେଶ ଲହୁଲୁହାଣ ହେଉଥିଲେ। ତେଣେ ଯୁଦ୍ଧ ସମ୍ଭାଳୁ ସମ୍ଭାଳୁ ଇଂରେଜମାନେ ଭାରତ, ବର୍ମା ଆଦିରେ ନିଜର ସୁରକ୍ଷା ପ୍ରତି ଧ୍ୟାନ ନଦେଇ ଜାପାନୀ ସେନାଙ୍କ ଆକ୍ରମଣ ପୂର୍ବରୁ ନିଜକୁ ସୁରକ୍ଷିତ ଜଗାକୁ ନେଇ ସାରିଥିଲେ। ୧୯୪୨ ମସିହା ମାର୍ଚ୍ଚ ୨୩ ରେ ଜାପାନୀ ସେନାଙ୍କ ଜାହାଜ ପୋର୍ଟ ବ୍ଲେୟାର ଆକ୍ରମଣ କଲା। ସେମାନଙ୍କ ଆଗମନ ପୂର୍ବରୁ ଇଂରେଜମାନେ ଟେଲିଗ୍ରାଫ୍ ଅଫିସକୁ ଡିନାମାଇଟରେ ଉଡେଇ ଦେଇଥିଲେ। ଗୋଟିଏ ମଧ୍ୟ ଗୁଳି ବିନିମୟ ନକରି ସେମାନେ ଅକ୍ତିଆର କରିନେଲେ ଏବଂ କୁଖ୍ୟାତ ସେଲ୍ୟୁଲାର ଜେଲ୍ ଖୋଲିଦେଲେ। କହିବା ବାହୁଲ୍ୟ ସେତେବେଳକୁ ସେଠାରେ ପ୍ରାୟତଃ ଆଉ ସ୍ୱାଧୀନତା ସଂଗ୍ରାମୀ କେହି ନଥିଲେ, ଯାହା ଥିଲେ ସତସତିଆ ଡାକୁ ବା ହତ୍ୟାକାରୀ। ପରବର୍ତ୍ତୀ କାଳରେ ସେଇ ସଦ୍ୟମୁକ୍ତ ସତ କଏଦୀମାନେ ଗାଁ ଗହଳିରେ ଉତ୍ପାତ ଆରମ୍ଭ କରିଥିଲେ। ଜାପାନୀଙ୍କୁ ଅମାନୁଷିକ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଜାପାନୀମାନଙ୍କ ଦମନଲୀଳା ତିନି ବର୍ଷକୁ ଅଙ୍ଗେ ନିଭେଇଥିବା ବହୁ ପ୍ରତ୍ୟକ୍ଷଦର୍ଶୀ ଏବେ ମଧ୍ୟ ବଞ୍ଚିଛନ୍ତି।

ପୋର୍ଟବ୍ଲେୟାର ପହଞ୍ଚୁ ପହଞ୍ଚୁ ଏହି ଦ୍ୱୀପର ଶେଷ ଇଂରେଜ ପ୍ରଭୁ ଏ ବି ବୋର୍ଡଙ୍କୁ ଜାପାନୀମାନେ ଘରୁ ଘୋଷାରି ଆଣି ବାରଣ୍ଡାର ଏକ ଖମ୍ବରେ ବାନ୍ଧିଥିଲେ। “ଜୁଡୋ” ଓ “କରାଟେ” ର ନବ ନବ ଶୈଳୀରେ ଆଘାତ କରି ତାଙ୍କୁ ମୃତପ୍ରାୟ କଲା ପରେ ଲୋକଙ୍କ

ISSN NO.
2582-208X

ମନରେ ଆରମ୍ଭରୁ ଭୟ ସୃଷ୍ଟି ପାଇଁ ଖଣ୍ଡାରେ ହାଣି ପକେଇଲେ । ତା ପରେ ଆରମ୍ଭ ହେଲା ସାରା ବଜାରରେ ଲୁଟତରାଜ ପ୍ରତିବାଦ ଯିଏ କଲା ତାକୁ ଗୁଳିବଦ୍ଧ କରାଗଲା । ସେଠିକାର ବାସିନ୍ଦା "ନାରାୟଣ ରାଓ" ଙ୍କୁ ସଖି କଣ୍ଢେଇ ପରି ଶାସକର ମାନ୍ୟତା ଦିଆଗଲା । କିଛିଦିନେ ପରେ ଗୁପ୍ତଚର ସନ୍ଦେହରେ ତାଙ୍କୁ ଭୀଷଣ ନିର୍ଯ୍ୟାତନା ଦେଇ ଜେଲ୍ ରେ ଭର୍ତ୍ତି କରାଗଲା । ଗୁପ୍ତଚର ସନ୍ଦେହରେ କେତେ ଯେ ସାଧାସିଧା ନିରୀହ ମଣିଷଙ୍କୁ ମାଡ ମାରି ଜିଭ କାଟି ଛାଡି ଦିଆଗଲା-ତାର ହିସାବ ନାହିଁ । ନିଷ୍ଠୁରତା ଓ ବର୍ବରତାର ଚରମ ନିଦର୍ଶନ ଜାପାନୀମାନେ ଦେଖାଇଲେ । ଏପଟେ ସୁଭାଷ ବୋଷ, ହିଟଲର୍ ଙ୍କୁ ସାକ୍ଷାତ କରି ତାଙ୍କ ପରିଚାଳିତ INA କୁ ସାହାର୍ଯ୍ୟ ଭିକ୍ଷା କଲେ । ଏସିଆରେ ଜାପାନ ସେଥିପାଇଁ ଆଗଭର ହେଲା ଏବଂ ସିଙ୍ଗାପୁର, ବର୍ମା, ମାଳୟ, ଫିଲିପାଇନସ୍ ତଥା ଇଣ୍ଡୋନେସିଆରେ ଯୁଦ୍ଧବନ୍ଦୀ ରୂପେ ଥିବା ଅନେକ ଭାରତୀୟଙ୍କୁ INA ରେ ଯୋଗ ଦେବା ପାଇଁ ଅନୁମତି ଦେଲା । INA ର Port Blair ଶାଖା ଥିଲା Indian Independence League ଯହାରେ ନେତା ଥିଲେ ରାମକୃଷ୍ଣ । ୧୯୪୩ ମସିହା ୨୯ ଡିସେମ୍ବର, ବିମାନ ବନ୍ଦରରେ ନେତାଜୀ ସୁଭାଷ ବୋଷ ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ସ୍ୱାଗତ କରାଗଲା । ସ୍ଥାନୀୟ ବାସିନ୍ଦା ହିସାବରେ ରାମକୃଷ୍ଣ ଙ୍କ ଭଳି ଖୁବ୍ କମ୍ ଲୋକ ହିଁ ସୁଯୋଗ ପାଇଥିଲେ କଥାବାର୍ତ୍ତା କରିବାକୁ । ଧୂର୍ତ୍ତ ଜାପାନୀମାନେ ନେତାଜୀଙ୍କୁ ସେଲୁ୍ୟଲାର ଜେଲ୍ ର ପ୍ରଥମ କିଛି ଖାଲି କମରା ଦେଖେଇ ଜଣାଇଦେଲେ ଯେ ଏଠାରେ ଆଦୌ କେହି ବନ୍ଦୀ ନାହାନ୍ତି । କିନ୍ତୁ ଭିତରେ ଯେ କେତେ ଶହ ଲୋକ ଜାପାନୀଙ୍କ ଆକ୍ରୋଶର ଶିକାର ହୋଇ ଜିଭ, ଆଖି ହରେଇ, ହାଡଭଙ୍ଗା ମାଡରେ ମୁମୁର୍ଷୁ ଅବସ୍ଥାରେ ଥିଲେ, ନେତାଜୀ ତାର ସୂଚନା ମଧ୍ୟ ପାଇଲେ ନାହିଁ । ନିକଟସ୍ଥ Ross Island ରେ ତିନି ଦିନ କାଳ ନେତାଜୀ ଜାପାନୀ କମାଣ୍ଡରଙ୍କ ସହ ଆଲୋଚନା କଲେ । ଜାପାନୀଙ୍କ ସହାୟତାରେ ଇଂରେଜଙ୍କୁ ହଟେଇ ସ୍ୱାଧୀନ ଭାରତର ନବ ନିର୍ମାଣର ସ୍ୱପ୍ନକୁ ନେଇ ନେତାଜୀ Port Blair ଛାଡିଥିଲେ ।

ପର୍ଲ ହାର୍ବର ଆକ୍ରମଣ ପରେ ପରେ ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସିଧାସଳଖ ଭାଗ ନେଲା ଏବଂ ତାର ଆକ୍ରମଣରେ ବ୍ୟତିବ୍ୟସ୍ତ ଜାପାନର ଉଦୟ ସୂର୍ଯ୍ୟ ଅସ୍ତଗାମୀ ହେବାକୁ ଲାଗିଲା । ୧୯୪୫ ମସିହା ଅଧାଅଧି ବେଳକୁ ଆଣ୍ଡାମାନରେ ପ୍ରବଳ ଖାଦ୍ୟାଭାବ, ଅନାଟନ ଦେଖାଦେଲା । ତାକୁ ପ୍ରତିହତ କରିବାକୁ ଜାପାନୀମାନେ "ନାଜିଙ୍କ ଇହୁଦୀ ମରା ଅଭିଜାନ ପରି" ଗୋଟିଏ ଅଭିଯାନ ଆରମ୍ଭ କଲେ । ପ୍ରଥମ ଦଫାରେ ପାଞ୍ଚଶହ ଆଶାୟୀ ଲୋକଙ୍କୁ ନୂଆଁ ଦ୍ୱୀପର ପ୍ରଲୋଭନ ଦେଖେଇ ଅଣାଗଲା ଓ ସେହି ନିର୍ଜନ ଦ୍ୱୀପରେ ସମସ୍ତଙ୍କୁ ଗୁଳି

ISSN NO.
2582-208X

କରାଗଲା । ଜଣେ ମଧ୍ୟ ତାର ସାକ୍ଷୀ ଦେବାକୁ ବଞ୍ଚିଲେ ନାହିଁ । ଆଉଥରେ ସାତ ଶହ ପୁରୁଷ, ସ୍ତ୍ରୀ ଓ ପିଲାପିଲିଙ୍କୁ ଭର୍ତ୍ତି କରି ଏକ ଜାହାଜ ବାହାରିଲା ନୂଆ ସବୁଜ ସୁନ୍ଦର ଦ୍ୱୀପ ଅଭିମୁଖେ । ଗଭୀର ରାତିରେ Havelock ଦ୍ୱୀପ ପାଖାପାଖି ସେ ସମସ୍ତ ଯାତ୍ରୀଙ୍କୁ ଖଣ୍ଡାରେ ହାଣି, ବାୟୋନେଟ୍ ଭୁସି ସମୁଦ୍ରକୁ ଫୋପାଡି ଦିଆଗଲା । ଆଠ ଦଶଜଣ ପହଁରି ପହଁରି ଖସିଗଲେ Havelock ଦ୍ୱୀପକୁ । ସେଠାରେ ମଣିଷ ମାଂସ ଖାଇ କିଛି ଦିନ ବଞ୍ଚିଲେ ବୋଲି ଭୁକ୍ତଭୋଗୀ "ସୌଦାଗର" ନାମକ ଜଣେ ବ୍ୟକ୍ତିଙ୍କ ବେତାର ସମ୍ବାଦ ସାରା ବିଶ୍ୱକୁ ସ୍ତବ୍ଧ କରି ଦେଇଥିଲା । ୧୯୪୫ ଅକ୍ଟୋବର ୨୭ ତାରିଖ ଷ୍ଟେଟସମ୍ୟାନ୍ ଏ ଖବର ବିଷୟରେ ଏତିକି ଲେଖିଥିଲା ଯେ, "ଜାପାନୀମାନେ ପୋର୍ଟ ବ୍ଲେୟାରରେ ବାସିନ୍ଦାମାନଙ୍କୁ ଖାଦ୍ୟ ଯୋଗାଇ ପାରିବେ ନାହିଁ ବୋଲି ସାତ ଶହ ନରନାରୀଙ୍କୁ ହାଭଲକ୍ ଦ୍ୱୀପରେ ଥଇଥାନ କରିବାକୁ ଲୋଭ ଦେହେଇ ନିଶାର୍ଦ୍ଧରେ ଦ୍ୱୀପର ଅଦୁରରେ ସମୁଦ୍ର ଗର୍ଭରେ ବିସର୍ଜନ ଦେଇଛନ୍ତି ।" ପରାଧୀନ ଭାରତରେ ଜାଲିଆନାୱାଲାବାଗ୍ ପରେ ଏହା ଥିଲା ଦ୍ୱିତୀୟ ବୃହତ୍ ଗଣହତ୍ୟା ।

ଜାପାନୀ ଶାସନ କାଳରେ Ross Island ଯୁଦ୍ଧ ବିଶାରଦଙ୍କ ମୁଖ୍ୟ ଛାଉଣି ଓ ଅଫିସ୍ ଥିଲା । ସେଠାରେ ସେମାନେ ପୁରା ଦକ୍ଷିଣ ଅସିଆକୁ କବଜା କରିବାର ଯୋଜନା କରୁଥିଲେ । ତିନି ବର୍ଷ ଶାସନ ଭିତରେ ସେମାନେ ଅନେକ ବଙ୍କର କରିଥିଲେ ଯାହାକି ବିଭିନ୍ନ ଦ୍ୱୀପକୁ ସମୁଦ୍ର ତଳେ ସୁଡଙ୍ଗ ଜରିଆରେ ସଂଯୋଗ କରୁଥିଲା । ଏବେ ମଧ୍ୟ ଜାପାନୀ ବଙ୍କର ସବୁ ଦ୍ୱୀପ ସାରା ମୁଣ୍ଡ ଟେକି ଠିଆ ହୋଇଛି । ସମୁଦ୍ର କୂଳେ କୂଳେ ଏହି ବଙ୍କର ମୁହଁରେ ଯୋଦ୍ଧାମାନେ ତୋପ ଧରି ଛକି ବସୁଥିଲେ, ନିର୍ଦ୍ଦେଶ ପାଇବା ମାତ୍ରେ ଦୂର ଦିଗବଳୟରେ ବିନ୍ଦୁ ପରି ଦିଶୁଥିବା ଶତ୍ରୁ ଜାହାଜକୁ ଧ୍ୱଂସ କରୁଥିଲେ । ସାରା ବିଶ୍ୱକୁ ଚକିତ, ଶଙ୍କିତ କରିଦେଇଥିବା ବୁଡା ଜାହାଜ ସବୁ ଏହି ଦ୍ୱୀପର ଚାରିପଟେ, କଳା ମଚ ମଚ ପାଣି ଭିତରେ ବିଶ୍ରାମ ନେଉଥିଲେ । ଶୁଣାଯାଏ ଜାପାନୀମାନେ ଅନେକ ଲୁଣ୍ଠିତ ଧନରତ୍ନ, ଯୁଦ୍ଧ ନିର୍ଦ୍ଦେଶର ନକ୍ସା ମାନ ଏହି ସୁଡଙ୍ଗ ଭିତରେ ଲୁଚେଇ ରଖିଥିଲେ । ଜାପାନର ଆତ୍ମ ସମର୍ପଣ ବେଳେ ହଟି ଯାଉଥିବା ସେନାବାହିନୀ ତରତରରେ କିଛି ନେଇଗଲେ ଏବଂ ଆଉ କିଛିକୁ ବିଷାକ୍ତ ଗ୍ୟାସ ଓ ଡିନାମାଇଟ୍ ବିଛାଇ ସବୁଦିନ ପାଇଁ ଅଗମ୍ୟ କରିଦେଲେ । ଭାରତ ସରକାର ସୁରକ୍ଷା ଓ ଆକ୍ରମଣର ମାନ୍ୟତା ଦୃଷ୍ଟିରୁ ଏହି ଦ୍ୱୀପରେ INS JARWA ସ୍ଥାପନ କରିଛନ୍ତି ଯାହାକି ସେଠାକାର ହିଂସ୍ର ଅଧିବାସୀଙ୍କ ନାମକୁ ବହନ କରେ । ପର୍ଯ୍ୟଟନ ଦୃଷ୍ଟିରୁ ଏଭଳି ସୁଡଙ୍ଗଙ୍କୁ

ISSN NO.
2582-208X

ସଫାସଫି କରି ଗମ୍ୟ ଉପଯୋଗୀ ଚେଷ୍ଟା ଚାଲିଛି, ହୁଏତ କିଛି ବର୍ଷରେ ସାଧାରଣ ଜନତା ତାହା ଦେଖିପାରିବେ ।

ସମୁଦ୍ର କୂଳେ ଏହି Ross ଦ୍ୱୀପରେ ଗୋଟିଏ ଛୋଟିଆ ମ୍ୟୁଜିଅମ୍ ହୋଇଛି । ବହୁ ଦୁଷ୍ପ୍ରାପ୍ୟ ଫଟୋଚିତ୍ର ଲଣ୍ଡନ ମ୍ୟୁଜିୟମ୍ ରୁ ଅଣାଯାଇ ଏଠାରେ ସଂରକ୍ଷିତ ହୋଇଛି । ଶହେବର୍ଷ ତଳର ସୁରମ୍ୟ, ଚଳଚଞ୍ଚଳ ଇଂରେଜ ସହର Ross Island ଏହି ଫଟୋଚିତ୍ରରୁ ଠଉରେଇ ହୁଏ । ଏଠାରେ ଅନେକ ଯୁଦ୍ଧବନ୍ଦୀଙ୍କ ନିଜ ପ୍ରେୟସୀ ତଥା ମା ମାନଙ୍କୁ ପଠେଇଥିବା ଚିଠି ଅଛି, ଜାପାନୀଙ୍କ ଦ୍ୱାରା ପରାଜିତ ଇଂରେଜଙ୍କ ସ୍ୱୀକାରୋକ୍ତି ରହିଛି, ଜାପାନୀନ ନିର୍ମମତାର ନିଦର୍ଶନ ବହନ କରୁଥିବା କିଛି ଗୁପ୍ତ ପାଣ୍ଡୁଲିପି ମଧ୍ୟ ରହିଛି । ସ୍ତବ୍ଧ କରିଦେଲା ଭଳି ସେହି ବିଶ୍ୱଯୁଦ୍ଧ ବେଳର କିଛି ଅଫୁଟା ବୋମା, ପିସ୍ତଲ ଓ ଛୁରୀ ମଧ୍ୟ ସଂରକ୍ଷିତ ହୋଇ ରହିଛି । ଲଙ୍ଗଳା ଆଦିମ ଜନଜାତିକୁ ଶିକ୍ଷାରେ ଆଲୋକିତ କରିବାକୁ ବାହାରିଥିବା ମିସନାରୀଙ୍କ ଫଟୋ ମଧ୍ୟ ରହିଛି । ସେକାଳର କୋଠାବାଡି, ଅଫିସ୍, ପାଉଁରୁଟି କାରଖାନା, ପ୍ରେସ୍, Dinning Hall, ନୃତ୍ୟଶାଳା ତଥା ସବୁଠୁ ଭୟାନକ ବନ୍ଦୀଙ୍କ ପାଇଁ ଉଦ୍ଦିଷ୍ଟ ଜେଲ୍ କୋଠରୀ ସବୁ ଭାଙ୍ଗିରୁଜି ଗଲାଣି । ତା ଉପରେ ବରଗଛ ଉଠି ବୁଢିଆଣୀ ଜାଲ ପରି ଇଟା କାମୁଡି ଧରିଛି ନିଜ ଚେର ଦ୍ୱାରା । କଥାକାର ମନୋଜ ଦାସଙ୍କ ଭାଷାରେ "ସତେକି ପୁରୁଣା ଅନୁଭୂତିକୁ ନେଇ ଆତଙ୍କିତ ବୃକ୍ଷରାଜି ଇଟାବାଡକୁ ଜାବୁଡି ଧରିଛନ୍ତି ।"

ଏବେ ମଧ୍ୟ ବୟସ୍କ ମାନେ ସ୍ମୃତିଚାରଣ କଲାବେଳେ ବାଷ୍ପରୁଦ୍ଧ ହୋଇପଡନ୍ତି । ପୋର୍ଟ ବ୍ଲେୟାର ରୁ Maya Bandar ଯିବା ରାସ୍ତାରେ ଏବେ ବି ବିଶ୍ୱଯୁଦ୍ଧ ଅମଳର ଅକାମୀ ଟ୍ୟାଙ୍କ ସବୁ ଭାଙ୍ଗିରୁଜି ପଡିଛି । କିଛି ଟ୍ୟାଙ୍କ ଗାନ୍ଧିପାର୍କ ନିକଟରେ ପିଲାଙ୍କ ଖେଳଣା ପରି ଠିଆ ହୋଇଛି । ପିଲାଏ ସିଧା ତାର ନଳୀ ମୁହଁ ପର୍ଯ୍ୟନ୍ତ ଯାଇ ହାତଛାଡି ଲମ୍ଫ ଦିଅନ୍ତି । କିଛି ଡନଖି ଫାଟକରେ ଭାରସାମ୍ୟ ରକ୍ଷା ପାଇଁ ପଥର ବଦଳରେ ପୁରୁଣା ଟ୍ୟାଙ୍କର ଚକାଟିଏ ଓହଳା ଯାଇଥିବାର ଦୃଶ୍ୟ ଦେଖିବାକୁ ମିଳେ । ମହିଳାମାନଙ୍କୁ ଫାସି ଦେବାପାଇଁ ଉଦ୍ଦିଷ୍ଟ Viper Island ର ଫାସିଘର ଗୁଡିକ ଜାପାନୀମାନେ ଚୁନପାନ ଦେଇ ସଜାଡି ଥିଲେ ।

ସ୍ୱାଧୀନତା ସଂଗ୍ରାମୀଙ୍କ ଅସହାୟ ମା ରୂପେ ଖ୍ୟାତ ସେଲ୍ୟୁଲାର ଜେଲ ର ସାତଟି Wing ଭିତରୁ ଚାରିଟିକୁ ଜାପାନୀମାନେ ତୋପମାଡରେ ଉଡେଇ ଦେଇଥିଲେ, ବାକି ଯାହା ତିନୋଟି ବଳିଛି । ସପ୍ତବାହୁଯୁକ୍ତ କଳା ଅକ୍ଟୋପାସ୍ ଆକୃତିର ସେଲ୍ୟୁଲାର ଜେଲ୍ ଏବେ ଯାହା

ISSN NO.
2582-208X

ଚିତ୍ରପଟ୍ଟର ବିଷୟ ହୋଇପଡିଛି । ଜାପାନୀମାନେ ଗୋଟିଏ ହେଲେ ସ୍ମୃତି ମଧୁର ଘଟଣା ଛାଡି ଯାଇ ନାହାନ୍ତି । ଏବେ ମଧ୍ୟ ପିଲାଏ ବଣଭୋଜି ପାଇଁ ଖନ୍ଦା ଖୋଳୁ ଖୋଳୁ କେବେ କେମିତି ଜାପୋଆନୀ ସେନା ବ୍ୟବହାର କରିଥିବା ମଦ ବୋତଲ, ଚମଡା ବେଲ୍ଟ, ସେ କାଳର ଖଡଗ ବା ଜଘନ୍ୟ ଭାବେ ହତ୍ୟା କରା ହୋଇଥିବା ମଣିଷଙ୍କ ଖପୁରୀ, ହାତଗୋଡ ମିଳିଯାଉଛି ।


ବିଗତ ଦିନର ସ୍ମୃତିରେ ଆଣ୍ଡାମାନ୍ ଏବେ ମଧ୍ୟ ଜର୍ଜରିତ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଏକା ଏକା



କୀର୍ତ୍ତନ ସାହୁ

ସମବେତ ପ୍ରାର୍ଥନା
ସାଥୀ ହୋଇ ଖେଳ
ଏକଜ୍ଞ କାର୍ଯ୍ୟକରଣର
ମହାମନ୍ତ୍ର ସାଧନ କରି କରି
ଏତେ ବାଟ
ଅଗ୍ରସର ହେଲା ପରେ
ହଠାତ୍ ବାଟ ଉଗାଳେ
ନୂଆ ମନ୍ତ୍ର
ଏକଲା ଚଲୋ

ମୁଁ ତ ଘୋଷି ସାରିଛି
ଏ ମନ୍ତ୍ର
ତମେ ତ ହାତ
ଛାଡ଼ିଲା ଦିନଠୁ
ଗାଢ଼ ପ୍ରତିଶ୍ରୁତିକୁ
ପାଣିର ଗାର କରି
ସ୍ୱପ୍ନର ସୁନେଲି ଘରକୁ
ଅକସ୍ମାତ ଚୁରମାର
କଲା ବେଳଠୁ

କଅଁଳ ଖରାରେ
ସାଥୀ ହୋଇ
ମଧୁର ସ୍ୱପ୍ନ ଦେଖି
ବିଭୋର ହେଲି
ମୁଣ୍ଡ ଫଟା ଖରା ଭେଟିଲି
ଏକୁଟିଆ ଗ୍ଲାଲି
ପୁଣି ଥରେ ସକାଳ
ମିଠା ଖରା
ଭେଟିବା ଆଶାରେ
ଏକଲା ସଙ୍ଗୀତ
ଗାଇ ଗାଇ

ମୋ ଏକଲା
ସଙ୍ଗୀତ ତ ମଧୁମୟ
ତମରି ସ୍ମୃତିରେ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

अକ୍ଟୋବର-୨୦୨୩

www.vedantimagazine.com

ISSN NO.
2582-208X

ବେଦାନ୍ତି

# ଅଂଶୁପା ହ୍ରଦ



ଡଃ ପ୍ରିୟମ୍ବଦା ସାମଲ

ପ୍ରକୃତି ସୁନ୍ଦର ଦାନ ତା ' ଅପାର
ଅପରୂପ ମନୋହର
ଅଂଶୁପା ହ୍ରଦ ଐଶ୍ୱରୀକ ଶକ୍ତର
ଅନନ୍ୟ ଜଳ ଭଣ୍ଡାର ।
ଅମୃତ ତୁଲ୍ୟ ତାର ମଧୁର ଜଳ
ବୃହତ ମଧୁର ହ୍ରଦ
କଟକ ଜିଲ୍ଲାର ବାଙ୍କିର ଅଂଶୁପା
ମୋହିତ କରଇ ହୃଦ ।
ସୂର୍ଯ୍ୟର ରକ୍ତିମ ଆଭା ଯୁକ୍ତ ହୋଇ
ଅପୂର୍ବ ଲୋହିତ ବର୍ଣ୍ଣ
ପଦ୍ମର ସୁବାସେ ଭ୍ରମର ରମଇ
ଗୁଣୁ ଗୁଣୁ କରି ଗାନ ।
ଶୀତ ଋତୁ ଆଗମନରେ ଅଂଶୁପା
ଲାବଣ୍ୟମୟ ଶତତ
ସୁଶୀତଳ ସ୍ୱଚ୍ଛ ଜଳ ରାଶି ପରେ
କୁମୁଦିନୀ ପ୍ରସ୍ଫୁଟିତ ।

ମଧୁର ନୀରରେ ମଧୁର ମତ୍ସ୍ୟର
ଅଭିନବ ଲୀଳା ଖେଳ
ଅତୀବ ଆକର୍ଷଣୀୟ ମନଲୋଭା
ଦର୍ଶକ ହୁଅଇ ଭୋଳ ।
ବିବିଧ ପ୍ରଜାତି ବିହଙ୍ଗ ରଚଇ
କୋଳାହଳ କଳରବ
ପର୍ଯ୍ୟଟକ ସ୍ୱଚ୍ଛ ପ୍ରକୃତି କୋଳରେ
ନମଗ୍ନେ ଝୁମେ ଅତୀବ ।

ଛତିଶଗଡ଼/ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର

ISSN NO.
2582-208X

# ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ



ସୁଶ୍ରୀ ଶୁଭସ୍ମିତା ମହାନ୍ତ

ସୃଷ୍ଟି କର୍ତ୍ତା ଙ୍କର ସୁନ୍ଦର ସୃଷ୍ଟି ରେ
ମାନବ ଅଟେ ମହାନ,
ସର୍ବ ପ୍ରାଣୀ ମଧ୍ୟେ ଶ୍ରେଷ୍ଠ କରାଇ ସେ
ଭରି ଦେଲେ ଦିବ୍ୟଜ୍ଞାନ ।

ବୁଦ୍ଧି ଓ ବିବେକ, ମାନ, ସନମାନ
ଆଦି ଗୁଣ ସମାହାରେ,
ମାନବ ବୋଲାଏ ଶ୍ରେଷ୍ଠ ଜୀବ ପୁଣି
ଏହି ମହୀ ମଣ୍ଡଳ ରେ ।

ପର ର ଦୁଃଖ ରେ ଦୁଃଖୀ ହୋଇ ସିଏ
ସାହାଯ୍ୟ ର ହାତ ଦିଏ,
ଦୟା, କ୍ଷମା ଭଳ ମହତ ଗୁଣ ର
ଅଧିକାରୀ ହୋଇଥାଏ ।

ଭଲ, ମନ୍ଦ ବିଗ୍ଭରି ମନ ମଧ୍ୟରେ
କାର୍ଯ୍ୟ ସିଏ କରିଥାଏ,
ମଧୁର ବଚନ କହଇ ପୁଣି ସେ
ସବୁ ମନ ଜିଣିଥାଏ ।

ନମ୍ର କଥା ଓ ଶିଷ୍ଟ ଆଚରଣରେ
ଜିତେ ସବୁରି ହୃଦୟ,
ଦାନ, ଧର୍ମ କରି, ଜୀବ ଦୟା ରଖେ
ସୃଷ୍ଟି କରେ ପରିଚୟ ।

ଈଶ୍ୱର ଆଶୀଷେ ପାଇଛେ ଜୀବନ
ଭଲ କର୍ମ ଯେ କରିବା,
ସବୁରି ମଙ୍ଗଳ କାମନା କରି ଯେ
ସୁନ୍ଦର ସୃଷ୍ଟି ଗଢ଼ିବା ।

ନବରଙ୍ଗପୁର

ISSN NO.
2582-208X

# ନାରୀ ସ୍ୱାଧୀନତା ଓ ସମାନତା



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ସ୍ୱାଧୀନ ମତ ବ୍ୟକ୍ତ କରିବା, ସ୍ୱାଧୀନ ଭାବେ ବଞ୍ଚିବା ପ୍ରତ୍ୟେକ ବ୍ୟକ୍ତି ର ମୌଳିକ ଅଧିକାର । ଏହି ଅଧିକାର କୁ ସୁଦୃଢ଼ କରିବା ପାଇଁ ଗଢା ଯାଇଛି ବିଭିନ୍ନ ଆଇନ କାନୁନ୍ । କିନ୍ତୁ ଅଧୁନା ନାରୀ ଟିଏ ତାର ବାଲ୍ୟାବସ୍ଥାରୁ ଆରମ୍ଭ କରି ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କେବେ ବି ତାର ମୌଳିକ ଅଧିକାର ସାବ୍ୟସ୍ତ କରି ପାରି ନ ଥାଏ । ନାରୀର ଅଧିକାର କୁ ଅପହରଣ କରିଥାଏ ସାମାଜିକ କୁସଂସ୍କାର, ସାମାଜିକ ପ୍ରଥା ଓ ବୈବାହିକ ପରମ୍ପରା ।

"ପୁଅ ଝିଅ ସମାନ" ସ୍ଲୋଗାନ ଦେଇ ଦେଲେ ଝିଅ ଟିଏ ପୁଅ ସହିତ ସମାନ ହୋଇ ଯିବନି। ଏଥିପାଇଁ ସର୍ବ ପ୍ରଥମେ ଲୋଡା ଆମର ଆଇନ ବ୍ୟବସ୍ଥା ରେ ପରିବର୍ତ୍ତନ । ଯଦି ପୁଅ ଝିଅ ଉଭୟ ସମାନ ତେବେ କାହିଁକି ଝିଅ କୁ ଆଇନ ବାଧ୍ୟ କରେ ବିବାହ ପରେ ସ୍ୱାମୀ ପରିଚୟ ରେ ପରିଚିତ ହେବା ପାଇଁ ? ଏହା ଆଇନ ର ପକ୍ଷପାତିତା । ଉଭୟ ଙ୍କୁ ସମାନ ଦୃଷ୍ଟିରେ ନ ଦେଖି ପରୋକ୍ଷରେ ସେମାନଙ୍କୁ ପ୍ରାଧାନ୍ୟ ଦିଆଯାଏ । ବିବାହ ପରେ ଜଣେ ମହିଳା କୌଣସି ଚାକିରୀ ରେ ଆବେଦନ କରିବା ପାଇଁ ହେଲେ ନିଜର ବାସସ୍ଥାନ ପ୍ରମାଣ ପତ୍ର ସହ ତା ସ୍ୱାମୀ ଙ୍କ ବାସସ୍ଥାନ ର ପ୍ରମାଣ ଦେବାକୁ ବାଧ୍ୟ ହୋଇଥାଏ। ତାର ବୈବାହିକ ସ୍ଥିତି ସ୍ଥାନରେ ସେ କାହାର ସ୍ତ୍ରୀ ବୋଲି ପରିଚୟ ଦେବାକୁ ପଡ଼ିଥାଏ । କିନ୍ତୁ ଅପରପକ୍ଷ ରେ ବିବାହ ପରେ ପୁରୁଷ ଟିଏ କାହାର ସ୍ୱାମୀ ବୋଲି ଲେଖି ନ ଥାଏ । ଏହି ପରିସ୍ଥିତିରେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଉତମ ବୁଝାମଣା ଅଛି ତେବେ କିଛି ସମସ୍ୟା ସୃଷ୍ଟି ହୋଇ ନ ଥାଏ । ଯଦି ଉଭୟ ଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଥାଏ , ତେବେ

ISSN NO.
2582-208X

ନାରୀଟିଏ ବାଧ୍ୟ ହୋଇ ଶାଶୁଘର ଲୋକ ଙ୍କ ପାଖରେ ସ୍ୱାଭିମାନ ଓ ସ୍ୱାଧୀନତା କୁ ସମର୍ପଣ କରିଥାଏ । ଯଦି ଜଣେ କର୍ମ ଜିବୀ ମହିଳା ବିବାହ ପରେ ମଧ୍ୟ ବର୍ଷ ବର୍ଷ ଧରି ତାର କାର୍ଯ୍ୟାଳୟ ଥିବା ଅଞ୍ଚଳରେ ସ୍ଥାୟୀ ଭାବ ରେ ବାସ କରନ୍ତି, ତେବେ ସେ ସେହି ନିର୍ଦ୍ଦିଷ୍ଟ ସ୍ଥାନର ସ୍ଥାୟୀ ବାସିନ୍ଦା ଅଟନ୍ତି । ସେ କ୍ଷେତ୍ର ରେ ସେ ସାମୟିକ ଭାବରେ ଯାଇଥିବା ଶାଶୁଘର ସ୍ଥାୟୀ ଅଧିବାସୀ କିପରି ହେବେ ? ତେଣୁ ଏ କ୍ଷେତ୍ର ରେ ସ୍ଥାୟୀ ବାସସ୍ଥାନ ର ପ୍ରମାଣ ପତ୍ର, ଭୋଟ ପରିଚୟ ପତ୍ର, ଆଧାର କାର୍ଡ ସମ୍ପର୍କିତ ନିୟମରେ ଆଇନଗତ ପରିବର୍ତ୍ତନ ଏକାନ୍ତ ଲୋଡା । ଏତେ ଆଇନଗତ ଅସମତା ପରିଲକ୍ଷିତ ହେଉଥିବା ବେଳେ ପୁଅ-ଝିଅ ସମାନତା ର ସରଳରେଖା ସମାନ୍ତର ଭାବେ ଗତି କରିବା କେତେ ଦୂର ସମ୍ଭବ ତାହା ପ୍ରଶ୍ନବାଚୀ !

କର୍ତ୍ତବ୍ୟ ଓ ଅଧିକାର ପରସ୍ପର ପରିପୂରକ । ଅଧିକାର ସାବ୍ୟସ୍ତ କରିବା ପୂର୍ବରୁ କର୍ତ୍ତବ୍ୟ କରାଯିବା ଉଚିତ । ଅଧିକାର ରୂପକ କଲମ ରେ କର୍ତ୍ତବ୍ୟର କାଳି ଭରିଲେ ଯାଇ ଅକ୍ଷର ସୃଷ୍ଟି ହେବ । ବିନା କାଳି ରେ କଲମରେ ଯେତେ ଲେଖିଲେ ମଧ୍ୟ ଅକ୍ଷର ଲେଖି ହେବ ନାହିଁ । ଆଇନଗତ ବ୍ୟବସ୍ଥା ବ୍ୟତୀତ ସାମାଜିକ ପ୍ରଥା ଓ ପରମ୍ପରା ନାରୀ ଟିକୁ ପେଷି ଦେଇଥାଏ । ଦୁଃଖ ଓ ପରିତାପ ର ବିଷୟ ହେଉଛି ବିଜ୍ଞାନ ର ଅଗ୍ରଗତି ଓ ଶିକ୍ଷାର ବିକାଶ ଆମ ଅନ୍ଧବିଶ୍ୱାସ କୁ ଦୁରୀଭୂତ କରିପାରିଲା ନାହିଁ । ଜଣେ ସ୍ୱାମୀ ଯଦି ମଦ୍ୟପାନ କରି ରାସ୍ତା ଦୁର୍ଘଟଣା ରେ ପ୍ରାଣ ହରାଇଲା ତେବେ ଲୋକ କହିବେ- "ଅଲକ୍ଷଣୀ ବୋହୁଟା ଘରକୁ ଆସିଲା ପୁଅକୁ ଖାଇଲା । ଜଣେ ବୃଦ୍ଧା ର ମୁଣ୍ଡ ଯଦି ଖରାପ ହୋଇଯାଏ, ଦୋଷ ହେବ ବୋହୂ ର । ଅନେକ ନିନ୍ଦା ଅପବାଦ ବୋହୂ କୁ ଦିଆଯାଏ। ସ୍ୱାମୀ ର ଅଭଦ୍ରାମି ଓ ନିର୍ଯ୍ୟାତନା ସହି ନ ପାରି ପତ୍ନୀ ବାପ ଘରକୁ ଚାଲି ଗଲେ , ଲୋକ କହିବେ - ସ୍ତ୍ରୀ ର ଔଦ୍ଧତ୍ୟ ପାଇଁ ସ୍ୱାମୀ ତାକୁ ଛାଡ଼ିଦେଲା । ଜଣେ ଦମ୍ପତି ଙ୍କ ର ସନ୍ତାନ ଜନ୍ମ ନ ହେଲେ ଲୋକ କହିବେ - ସ୍ତ୍ରୀ ପୂଣ୍ୟବତୀ ନୁହେଁ, ସେ ହେଉଛି ବଂଧ୍ୟା। ଏମିତି ତ ଅନେକ କଥା ରହିଛି ଯାହାକୁ ଆମେ ଅନ୍ଧ ଭାବେ ଗ୍ରହଣ କରି ନେଇଛୁ । ଶିକ୍ଷାକୁ ସ୍ପର୍ଶ କରି ନ ଥିବା, ଶିକ୍ଷାର ମାନ ବୁଝି ନ ଥିବା ବ୍ୟକ୍ତିଟିଏ ଭଳି ଆମେ ଝିଅଟି ବା ସ୍ତ୍ରୀ ଲୋକଟିର ଉପରେ ଦୋଷ ଲଦି ଦେଇ ବେସ୍ ସମାଲୋଚନା କରିଥାଉ ।

ISSN NO.
2582-208X

ଥରେ ନିରପେକ୍ଷ ଭାବରେ ବିଚାର କରି ଦେଖିଲ, ଆମ ପୁରୁଷ ପ୍ରଭାବିତ ସମାଜ ଏହି ଦୁର୍ଗୁଣ ଠାରୁ କେତେ ଊର୍ଦ୍ଧ୍ୱରେ ? କିଛି ମନ୍ତବ୍ୟ ଦେବା ପୂର୍ବରୁ ଥର ଟିଏ ଆତ୍ମ ସମୀକ୍ଷା କରି ଦେଖନ୍ତୁ, ଏ ନାରୀ ସମାଜ ପାଇଁ ଏହି ମନ୍ତବ୍ୟ ପ୍ରଯୁଜ୍ୟ ନୁହେଁ ତ ? ଆମର ସାମାଜିକ ମୂଲ୍ୟବୋଧ ଓ ସମାନତା ଦୃଷ୍ଟିଭଙ୍ଗୀ ଝିଅ-ପୁଅ ମଧ୍ୟରେ କଣ ସମାନ ଅଧିକାର ଓ ସମାନ ସ୍ୱାଧୀନତା ବାଣ୍ଟି ଦେଇପାରିବ ?

ଅତିଥି ଅଧ୍ୟାପିକା,
ଓଡିଆ ଭାଷା – ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର

ISSN NO.
2582-208X

# ଗୁରୁ ଦିବସ



ଅନୁପମା ବିଶ୍ୱାଳ

ଗୁରୁ ଶବଦଟି ଅର୍ଥରେ ନିଜେ ଅଟଇ ଭାରୀ
ଅଜ୍ଞାନ ସାଗରୁ ଗୁରୁ ହିଁ ସଦା କରନ୍ତି ପାରି ।
ଗୁରୁଙ୍କ ଆଶୀଷେ ସଂସାର ସଦା ହୁଏ ଚଂଚଳ
ତାଙ୍କ ବିନା ନାହିଁ ମୁକତି ପ୍ରାଣଧାରା ଅଚଳ ।
ଗୁରୁ ହାତେ ଛୋଟ ଚାରାଟି ହୁଅଇ ମହାବୃକ୍ଷ
ତାଙ୍କରି ପରସେ ଅନାଥ ହୁଏ ନାହିଁ କଟାକ୍ଷ ।
ଗୁରୁ ସମାଜକୁ ଦିଅନ୍ତି କେତେ ଅମୂଲ୍ୟ ହୀରା
ତାଙ୍କ ଦିଗଦର୍ଶନେ ମାନବ ଚନ୍ଦ୍ରପୃଷ୍ଠରେ ପରା ।
ଗୁରୁ ଶିଷ୍ୟ ଉଦାହରଣ ଅଛି ପ୍ରତିଯୁଗରେ
ତାଙ୍କ କରୁଣାରୁ ପ୍ରସ୍ତରେ ସ୍ନିଗ୍ଧ ପ୍ରାଣ ସଂଚାରେ ।
ଗୁରୁଙ୍କ ନିନ୍ଦୁକ ଅକାଳେ ପାଏ ଜୀବନ କଷ୍ଟ
ଅପ୍ରିୟ ହେଲେ ବି କଥାଟି ଅଟେ ନିଶ୍ଚୟ ସ୍ପଷ୍ଟ ।
ଗୁରୁଙ୍କ ସମ୍ମାନ ପାଇଁ କି ରାଧାକ୍ରିଷ୍ଣନ୍ ଚିନ୍ତିଲେ
ସେଥିପାଇଁ ଏହି ବ୍ୟବସ୍ଥା ସେ ଯେ ଆରମ୍ଭ କଲେ ।
ଗୁରୁ ପାଇଁ ଉତ୍ସର୍ଗୀକୃତ ଏହି ପୁଣ୍ୟ ଦିବସ
ଅଭିନୟ ଛାଡି ସଭିଏଁ ହୁଅ ସୁସ୍ଥ ମାନସ ।

ଶିକ୍ଷୟିତ୍ରୀ
ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର

ISSN NO.
2582-208X

# କବିତା ଗୋ ତୁମେ



ବେଣୁଧର ସୂତାର

ତୁମେ କଳ୍ପନାର ରସାଣିତ ଧାରା
ନିଃଶବ୍ଦର ଚାରୁକଳା
କବି ମାନସର ଭାବ ଗୁଞ୍ଜନର
ଲଳିତ ଶବ୍ଦର ମାଳା
ଆହାକି ମାଧୁର୍ଯ୍ୟ ବୋଳା
ତୁମେ ଅନ୍ତଃସ୍ୱର ପୁଲକ ପଙ୍କ୍ତିର
ସାରସ୍ୱତ ପଦ୍ମତୋଳା
ଲଳିତ ଶବ୍ଦର ମାଳା .........(୦)

ତୁମେ ହୃଦୟର ପ୍ରତି ସ୍ପନ୍ଦନରେ
ମହକିତ ମଧୁ ଆଶା
ଭାବ ତନ୍ମୟର ସୁରଭି ସମ୍ଭାର
ମଗ୍ନମୟ ପରିଭାଷା
ଭାବର ଲହରି ମାଳା
ଭାଷା ସୁଷମାର ଚାରୁ ରୂପକଳ୍ପ
ଲେଖନୀର ସୂକ୍ଷ୍ମ କଳା
ଲଳିତ ଶବ୍ଦର ମାଳା..........(୧)

ISSN NO.
2582-208X

ତୁମେଚେତନାର ବିମୂର୍ତ୍ତ ଆଲେଖ୍ୟ
ପୁଲକିତ ଅନୁଭବ
ମନ କଲ୍ପନାର  ଅମୃତ ନିର୍ଝର
ଭାବାତୀତ ମହାଭାବ
ରସର ଲାବଣ୍ୟ ଲୀଳା
ଅମିତ ପ୍ରଜ୍ଞାର ସୁଧା ସମାହାର
ଜ୍ଞାନରତ୍ନ ରୂପଶାଳା
ଲଳିତ ଶବ୍ଦର ମାଳା...........(୨)

ଅମୃତ ବୀଣାର ତୁମେତ ଝଙ୍କାର
ରୋମାଞ୍ଚିତ ସୁର ଛନ୍ଦ
ମୁଗ୍ଧ ଆବେଗର ଲଳିତ ଲହର
ଭାବମୟ ଅନୁବନ୍ଧ
କବିର ମାନସୀ ବାଳା
କବିତା ଗୋ ତୁମେ ବାଣୀ ମହଲର
ପ୍ରଜ୍ଞାମୟୀ ଚାରୁଶୀଳା
ଲଳିତ ଶବ୍ଦର ମାଳା...........(୩)

କେଶଦୁର୍ପାଳ  କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଶିଶୁ-କିଶୋରମାନଙ୍କର ବୟସସୂଚୀ ଓ ପଠନ ରୁଚିରେ ଉପନ୍ୟାସର ସ୍ଥାନ

ପ୍ରିୟଙ୍କା ମହାନ୍ତି

**"Children's literature is of value because, it fosters personality and social development."**

ଶିଶୁ ସାହିତ୍ୟ ମୂଲ୍ୟବାନ; କାରଣ ଏହା ବ୍ୟକ୍ତିତ୍ୱର ବିକାଶ ଓ ସାମାଜିକ ଉନ୍ନତିକୁ ତ୍ୱରାନ୍ୱିତ କରିଥାଏ (ମାର୍ଥା) କ୍ରିପେନ୍)। ଶିଶୁ-କିଶୋର ସାହିତ୍ୟ ପ୍ରତି ଦୃଷ୍ଟିପାତ କରିବା ପୂର୍ବରୁ ସର୍ବପ୍ରଥମେ ପ୍ରଶ୍ନ ଉଠେ। ଶିଶୁ କିଏ? ବିଜ୍ଞାନ ଦୃଷ୍ଟିରୁ ଜନ୍ମଠାରୁ ପ୍ରଜନନ କ୍ଷମତା ପ୍ରାପ୍ତ ହୋଇନଥିବା ବୟସର ବ୍ୟକ୍ତିକୁ ଶିଶୁ ଭାବରେ ଗ୍ରହଣ କରାଯାଇପାରେ। ଆଇନତଃ ଶିଶୁ-କିଶୋରମାନଙ୍କ ନିମନ୍ତେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ବୟସୀମା ନିର୍ଦ୍ଧାରିତ ହୋଇଥିବା ସମୟରେ; ପୁନଃ ଗୋଟିଏ ଦେଶରେ ମଧ୍ୟ ଅଲଗା ଅଲଗା କ୍ଷେତ୍ରରେ ଭିନ୍ନ ଭିନ୍ନ ବୟସସୀମାକୁ ନେଇ ଶିଶୁ-କିଶୋରମାନଙ୍କୁ ବିଭାଜିତ କରାଯାଇଛି। ଆମ ଦେଶ ଭାରତବର୍ଷରେ Consitutional Provisions Article 21(A) ର ଶିକ୍ଷା ଅଧିକାର ନିମନ୍ତେ ୧୪ ବର୍ଷ ପର୍ଯ୍ୟନ୍ତ ଏବଂ Article ୨୪ ରେ ଶିଳ୍ପ କାରଖାନା ଖଣିରେ ଶ୍ରମ ବିନିମୟ ପାଇଁ ସର୍ବନିମ୍ନ ବୟସସୀମା ୧୪ ରଖାଯାଇଛି। Article 39 ଓ NCLP (National Child Labour Project) Scheme ଆଦି ଅନେକ ଯୋଜନାମାନ ପ୍ରଣୟନ କରାଯାଇ, ଶିଶୁ ଶ୍ରମିକ ପ୍ରଥାକୁ ରୋକିଯିବାକୁ ସଚେତନ ଭାବରେ ପ୍ରୟାସ କରାଯାଉଛି। ଏତଦଭିନ୍ନ ଅନେକତ୍ର କାର୍ଯ୍ୟ କରିବା ନିମନ୍ତେ ୧୮ ବର୍ଷ ବୟସକୁ ଧାର୍ଯ୍ୟ କରାଯାଇଥିବା ସମୟରେ, ସାରା ପୃଥିବୀରେ ଜନ୍ମଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିଶୁ ଭାବରେ ଗ୍ରହଣ କରିବା ଲାଗି ଜାତିସଂଘରେ ସ୍ୱିରିକୃତ ହୋଇଛି।

ISSN NO.
2582-208X

## ଶିଶୁ-କିଶୋରମାନଙ୍କର ବୟସସୂଚୀ ଅନୁଯାୟୀ ପଠନରୁଚି:

ଶିଶୁ ମନୋବିଜ୍ଞାନୀମାନେ ଶିଶୁ-କିଶୋରମାନଙ୍କ ମାନସିକ ବିକାଶକୁ ଦୃଷ୍ଟିରେ ରଖି ସେମାନଙ୍କୁ ମୁଖ୍ୟତଃ ପାଞ୍ଚୋଟି ବୟସ ସ୍ତରରେ ବିଭକ୍ତ କରିଛନ୍ତି । ଯଥା-

(୧) ଜନ୍ମରୁ ୫ ବର୍ଷ (Pre-reading) କେବଳ ଶବ୍ଦହୀନ ରଙ୍ଗୀନ ଛବି ବହି

(୨) ୫ ବର୍ଷରୁ ୭ ବର୍ଷ (Early readers) ଶିଶୁ ସାହିତ୍ୟ ପ୍ରାରମ୍ଭିକ ପର୍ଯ୍ୟାୟ, ପାଠ ଅପେକ୍ଷା ଛବି ବେଶି ।

(୩) ୭ ବର୍ଷରୁ ୯ ବର୍ଷ (ସରଳ ଭାଷାଶୈଳୀ ମାଧ୍ୟମରେ ଛୋଟ ଅଧ୍ୟାୟ ବିଶିଷ୍ଟ ଗଳ୍ପ ଓ କବିତା)


(୪) ୯ ବର୍ଷରୁ ୧୨ ବର୍ଷ (ଦୀର୍ଘ ଅଧ୍ୟାୟ ବିଶିଷ୍ଟ, ପ୍ରମୁଖ ଉପାଦାନ-ଜ୍ଞାନ, ଆନନ୍ଦ, ଶିକ୍ଷାଲାଭ)

(୫) ୧୩ ବର୍ଷରୁ ୧୮ ବର୍ଷ (ରହସ୍ୟ ରୋମାଞ୍ଚ, ସାହସିକ ଅଭିଯାନଧର୍ମୀ ଉପନ୍ୟାସ)

ଶିଶୁସାହିତ୍ୟର ଲେଖକ, ସମାଲୋଚକ ତଥା ଓଡିଆ ଭାଷାରେ ପ୍ରଥମ ବିଧିବଦ୍ଧ "ଓଡିଆ ଶିଶୁସାହିତ୍ୟର ଇତିହାସ" ରଚନା କରିଥିବା ସ୍ରଷ୍ଟାଦ୍ୱୟ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଶିଶୁର ପଠନ ଯୋଗ୍ୟତା ଏବଂ ଶିଶୁ-କିଶୋରମାନଙ୍କ ମନସ୍ତତ୍ୱକୁ ଦୃଷ୍ଟିରେ ରଖି ଶିଶୁ-କିଶୋର ମାନଙ୍କ ବୟସସୀମା ତଥା ଶିଶୁ ସାହିତ୍ୟକୁ ବିଭିନ୍ନ ପର୍ଯ୍ୟାୟରେ ବିଭାଗୀକରଣ କରିଛନ୍ତି । ସେଥି ମଧ୍ୟରୁ ପାଞ୍ଚୋଟି ପ୍ରମୁଖ ପର୍ଯ୍ୟାୟ ଦେଖିବାକୁ ମିଳିଥାଏ । ଏହାକୁ ଚାର୍ଟ ମାଧ୍ୟମରେ ବୁଝିଲେ, ଏହିପରି ହେବ । ଯଥା:-

ISSN NO.
2582-208X






ଉପରୋକ୍ତ ତଥ୍ୟକୁ ଆକଳନ କଲେ, ଏହା ଅନୁମେୟ ହୁଏ ଯେ ଓଡିଆ ଶିଶୁ ସାହିତ୍ୟର ଇତିହାସକାର ଡକ୍ଟର ଖୁଣ୍ଟିଆ ଏବଂ ଡକ୍ଟର ଚାନ୍ଦ ପରୋକ୍ଷରେ ଶିଶୁମାନଙ୍କ ର ବୟସ (୦-୧୨) ବର୍ଷ ନିର୍ଦ୍ଧାରଣ କରିଥିବା ସମୟରେ, କିଶୋରମାନଙ୍କର ବୟସ (୧୨-୧୮) ବର୍ଷ ବୋଲି ସ୍ଥିର କରିଛନ୍ତି । ଅନ୍ୟ ପକ୍ଷରେ "ଶିଶୁର ଶୈଶବ" ଏବଂ "ଶୈଶବର ଅବଧାରଣା" ର ଇତିହାସକୁ ଦୃଷ୍ଟି ନିକ୍ଷେପ କଲେ "ଶୈଶବର ଆଧୁନିକ ଅବଧାରଣା ଟି ବିକାଶଲାଭ କରିଥିଲା ଅଷ୍ଟାଦଶ ଶତାବ୍ଦୀରେ । ସିଥିପାଇଁ ଶିଶୁସାହିତ୍ୟର ଏକ ସ୍ୱତନ୍ତ୍ର ଶୈଳୀ ଓ ରଚନା ଧାରାର ସୂତ୍ରପାତ ହୋଇ ଶିଶୁସାହିତ୍ୟ ପ୍ରାପ୍ତକଲା ଏକ ସ୍ୱତନ୍ତ୍ର ସ୍ୱୀକୃତି, ବହନ କଲା ଏକ ସ୍ୱତନ୍ତ୍ର ପରିଚୟ । ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଫିଲିପ୍ ଆରିସ୍ ଥିଲେ ଜଣେ ଫରାସୀ ଐତିହାସିକ । ୧୯୬୨ ରେ ପ୍ରଣୟନ କରିଥିଲେ "ସେଞ୍ଚୁରିନ୍ ଅଫ୍ ଚାଇଲହୁଡ୍" ନାମକ ଏକ ପୁସ୍ତକ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ଶୈଶବର ଅବଧାରଣା ଏହି ଆଧୁନିକ ସମୟରେ ହିଁ ଜନ୍ମ ନେଇଛି ।"(୧) ଏହା ଥିଲା ଶିଶୁ-ଶୈଶବ-କିଶୋରମାନଙ୍କର ବୟସସୂଚୀ । ପଠନ ରୁଚି ବିଷୟରେ ଗୋଟିଏ ବାକ୍ୟରେ କହିଲେ ଏହା ହେବ ଜନ୍ମରୁ ୭

ISSN NO.
2582-208X


ବର୍ଷ ପର୍ଯ୍ୟନ୍ତ ଛବି ପ୍ରତି ପ୍ରାଧାନ୍ୟ, ୭ ରୁ ୯ ବର୍ଷ ପର୍ଯ୍ୟନ୍ତ ଶିଶୁସାହିତ୍ୟର ଅନ୍ୟାନ୍ୟ ବିଭାଗ, ୯ ରୁ ୧୮ ବର୍ଷ ପର୍ଯ୍ୟନ୍ତ ଅନ୍ୟାନ୍ୟ ବିଭାଗ ସହିତ ଶିଶୁ-କିଶୋର ଉପନ୍ୟାସ ପଠନର ଆବଶ୍ୟକତା ମନୋବିଜ୍ଞାନ ଦୃଷ୍ଟିକୋଣରୁ ରହିଛି । ତେବେ ଶିଶୁ-କିଶୋରମାନଙ୍କ ପଠନ ଉପରେ କାହିଁକି ଗୁରୁତ୍ୱ ଦିଆଯାଇଛି, ସେ ସମ୍ପର୍କରେ ସମ୍ୟକରେ ଆଲୋଚନା କରାଯାଇପାରେ ।

**"Children's reading and children's thinking are the rock bottom base upon which this country will rise."**

ଅର୍ଥାତ୍ ପିଲାଙ୍କ ପଢା ଏବଂ ପିଲାଙ୍କ ଚିନ୍ତନ ହେଉଛି ମୂଳଭିତ୍ତି ଯାହା ଉପରେ ଦେଶର ଅଭ୍ୟୁଦୟ ଘଟିବ । ସେଥିପାଇଁ ତ କୁହାଯାଏ **"Child is the father of man."(Dr. Seelss)** ଆଜିର ଶିଶୁ କାଲିର ରାଷ୍ଟ୍ର ନିର୍ମାତା । ଏହି କଥାକୁ ଓ୍ୱାଡସଓ୍ୱାର୍ଥ ତାଙ୍କ କବିତାର ଭାଷାରେ କହିଥିଲେ – "ଶିଶୁ ହେଉଛି ମାନବର ପିତା ।" କବିତାଟି –

**"The child is father of the man
And I could wish my day to be
Bound each to each by natural piety."
(Wordsworth, Rainbow)**

ଓଡିଶାରେ ଏହି ସମ୍ବନ୍ଧୀୟ ଏକ ଲୋକକ୍ତି ଶୁଣିବାକୁ ମିଳିଥାଏ । "ଯାହା ନ ହୋଇଛି ବାଲ୍ୟକାଳେ, ତାହା କି ହୋଇବ ବୃଦ୍ଧବେଳେ ।" ଗୁରୁଜନଙ୍କୁ ଭକ୍ତି, ସାନ ମାନଙ୍କୁ ଶ୍ରଦ୍ଧା, ଅସହାୟ ପ୍ରତି ଦୟା, ସହନଶୀଳତା ପରିବେଶ ପ୍ରତି ଯତ୍ନଶୀଳ ସମୟାନୁବର୍ତ୍ତିତା ଓ ଦେଶପ୍ରେମ ଆଦି ଗୁଣାବଳୀର ପ୍ରାରମ୍ଭିକ ବିକାଶ ଏହି ବାଲ୍ୟକାଳରୁ ହିଁ ସାଧିବାକୁ ହୋଇଥାଏ । ତେଣୁ ମନୁଷ୍ୟର ବାଲ୍ୟକାଳ ଏବଂ ଶୈଶବକାଳ ହେଉଛି ଏପରି ଏକ ଅବସ୍ଥା ଯେଉଁ ସମୟରେ କଞ୍ଚାମନରେ ପ୍ରଚୁର ଜିଜ୍ଞାସାବୋଧ, କ୍ଷୀଣ ଦେହରେ ସମୁଦ୍ରକୁ ଲଙ୍ଘି ଯିବାର ଇଚ୍ଛାଶକ୍ତି ନିହିତ ଥାଏ । ସେହି ସରଳ ନିଃଷ୍କପ କଞ୍ଚାମନ, ମାଟି ସଦୃଶ୍ୟ । ତାହାକୁ ପିତାମାତା, ଶିକ୍ଷକ, ପରିବେଶ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସାଧ୍ୟ ମୁତାବକ ଶିଳ୍ପୀ ଭଳି ଯେଉଁଦିଗରେ ଯେପରି ଢାଞ୍ଚାରେ ଗଢି ତୋଳିବେ, ସେମାନେ ସେହିପରି ରୂପ ପାଇପାରିବେ । ଏହାରି ଉପରେ ପରୋକ୍ଷରେ ନିର୍ଭର କରିଥାଏ, ପାରିବାରିକ, ସାମାଜିକ

ISSN NO.
2582-208X

ତଥା ରାଷ୍ଟ୍ରୀୟ ବିକାଶ । ଶିଶୁ-କିଶୋରମାନଙ୍କ ଶୈକ୍ଷିକ ପ୍ରକ୍ରିୟା ଏବଂ ଆବଶ୍ୟକତା ଉପରେ ସମାଲୋଚକ କୈଳାଅ ଚନ୍ଦ୍ର ଟିକାୟତରାୟ ଏକ ସୁନ୍ଦର ମତ ରଖିଛନ୍ତି । ତାହା ଏହିପରି – "ଦୋଷୀ ଦଣ୍ଡ ପାଏ ଆଉ ନିର୍ଦ୍ଦୋଷ ପୁରସ୍କାର, ପରିବେଶକୁ ଯତ୍ନ କରୁଥିବା ଶିଶୁ ପୁରସ୍କୃତ ହୁଏ । ଯଦି ଏସବୁ କାର୍ଯ୍ୟକାରୀ ସମ୍ପର୍କ ବିଷୟରେ ତାର ଧାରଣା ନରହିବ, ତେବେ ସେ ମଣିଷକୁ ବିଶ୍ୱାସ କରିବ କାହିଁକି? ଭଲ କାମ କରିବା ପାଇଁ ଆଗ୍ରହୀ ହେବ କାହିଁକି? ଭଲ ପାଠ ପଢିଲେ ଯଦି ଭଲର ରହିନପାରିବ, ପାଠୁଆ ଠାରୁ ଚତୁର ମଣିଷ ଯଦି ଅଧିକ ସଫଳ ହେବ, ଯାହା ସାଧାରଣତଃ ହୋଇଥାଏ । ତେବେ ସେ ମନ ଦେଇ ପଢିବ କାହିଁକି ?" (୨) ୧୬୯୬ ମସିହାରେ ଇଂରାଜୀ ସାହିତ୍ୟର Jhon Lock (ଜନ୍ ଲୋକୋ) ତାଙ୍କର ଶିକ୍ଷା ସମ୍ପର୍କୀୟ କେତେକ ଚିନ୍ତାଧାରା ପ୍ରକାଶ କଲାବେଳେ ବୁଝାଇ ଦେଲେ ଯେ –"ଶିଶୁକୁ ଛୋଟ ମଣିଷଟିଏ ବୋଲି ଭାବିଦେଲେ ଭୁଲ୍ ହେବ । ସେମାନଙ୍କର ଅନୁରାଗ ଓ ଆବଶ୍ୟକତା ସ୍ୱତନ୍ତ୍ର । ଶିକ୍ଷକ ହୁଅନ୍ତୁ ବା ଲେଖକ ହୁଅନ୍ତୁ, ସେମାନେ ଶିଶୁମାନଙ୍କର ଏହି ଅନୁରାଗଟି ଧରି ନପାରିଲେ, ସେମାନଙ୍କୁ ଜ୍ଞାନ ଧରାଇବା ସହଜ ନୁହେଁ । କାରଣ ସେମିତି କହିଲେ ସେମାନେ ଉଲ୍ଲସିତ ହେବେ, ସେମାନଙ୍କ ମାନ ଫିଟିଯିବ ଏବଂ ବିଷଟିକୁ ଘେନିବେ, ସେ କଥା ଜାଣି ପକାଇଲେ ସବୁ ସୁବିଧା ହୋଇଯିବ । ତା ଛଡା ସେମାନଙ୍କୁ କଣ ଜଣାଇବାକୁ ହେବ ବା ଶିଖାଇବାକୁ ପଡିବ ବାଛିଦେବା ତ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ।"(୩)

ବାସ୍ତବରେ ସାଂପ୍ରତିକ ସମୟ ଯାହାକି ଜଗତୀକରଣ ପ୍ରଭାବରେ ତୀବ୍ର ଗତିଶୀଳ, ତେଣୁ ଏଥିପ୍ରତି ସଚେତନତା ଅବସମ୍ଭାବୀ ମନେହୁଏ । ଏହା କେବଳ ଜଣଙ୍କର ଦାୟିତ୍ୱ ନୁହେଁ, ପିତାମାତା-ଅଭିଭାବକ, ପରିବାରର ସମସ୍ତ ସଦସ୍ୟ, ଶିକ୍ଷକ-ଶିକ୍ଷୟତ୍ରୀ, ସାମାଜିକ କର୍ମୀ ସମସ୍ତେ ମିଳିମିଶି ଏଥିପ୍ରତି ସଚେତନ ହୋଇ ନିଜେ ନିଜର ସାମାଜିକ ଦାୟିତ୍ୱବୋଧକୁ ସୂଚାରୁରୂପେ ନିର୍ବାହ କଲେ ହିଁ ଶାରିରୀକ, ମାନସିକ ଏବଂ ବୌଦ୍ଧିକ ଭାବରେ ସୁଦୃଢ ଶିଶୁ-କିଶୋର ଗଢି ହୋଇପାରିବେ । ସେମାନେ ଭବିଷ୍ୟତରେ ସୁନାଗରିକ ହୋଇ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. ପଟ୍ଟନାୟକ, ମନୋଜ / ରାଉତ ସୁନାମଣି / ଚାନ୍ଦ୍ ,ଗୋବିନ୍ଦ ଚନ୍ଦ୍ର : ଓଡିଆ ଶିଶୁ ସାହିତ୍ୟ, ସ୍ୱାଇଁ ଡକ୍ଟର ନିତ୍ୟାନନ୍ଦ, ଶିଶୁସାହିତ୍ୟର ଶୈଶବ ଏକ ବିହଙ୍ଗମ ଦୃଷ୍ଟି, ଉତ୍କଳ ସାହିତ୍ୟ ସମାଜ, ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶ - ୨୦୧୪, ପୃ. ୨

୨. ଟିକାୟତରାୟ, କୈଳାସଚନ୍ଦ୍ର / ମହାନ୍ତି, ବିରେନ୍ଦ୍ର : ଆଧୁନିକ ଶିଶୁ ସାହିତ୍ୟ, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨୦୧୫, ପୃ.୨୫

୩. ତତ୍ରୈବ, ପଟ୍ଟନାୟକ, ଅରବିନ୍ଦ : ଶିଶୁସାହିତ୍ୟ ଓ ଓଡିଆ ଶିଶୁସାହିତ୍ୟ : ଏକ ଦୃଷ୍ଟିପାତ, ପୃ.୨୯

ଗବେଷିକା
ସ୍ନାତକୋତ୍ତର ଓଡିଆ ଭାଷା-ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ISSN NO.
2582-208X

# ଆପେକ୍ଷିକ ସମ୍ପର୍କ



ବହିଯାଏ କାଳ ଗର୍ଭେ ସମୟର ସଚଳ ଅବିଶ୍ରାନ୍ତ ସ୍ରୋତ
ଧୋଇନିଏ ସବୁ ସମ୍ପର୍କର ସ୍ତୂପ, ଭୂମିରୁ ଭୂମାକୁ ବିସ୍ତୃତ
ଅନ୍ତୁଡିଶାଳେ କୁଆଁ କୁଆଁ ଡାକରୁ ହିଁ ସମ୍ପର୍କର ତୂର୍ଯ୍ୟନାଦ
ସ୍ୱାର୍ଥ ସଫଳତାର ଦୌଡରେ ଜଳୁଛି କି ସମ୍ପର୍କର ବାରୁଦ ?

ତ୍ୟାଗ ପ୍ରେମ ଆତ୍ମୀୟତାର ପରିପାଟୀରେ ସମ୍ପର୍କ ପରିପୁଷ୍ଟ
ବିଶ୍ୱାସଘାତକର ମୃଦୁ ଦଂଶନେ ଭାଙ୍ଗେ ଆସ୍ଥାର ମଇଖୁଣ୍ଟ
ରକ୍ତସମ୍ପର୍କରେ ବି ଲୁଚିଥାଏ ବ୍ୟଭିଚାର ର ଦୂଷିତ ଉତ୍ସ
ଅଜଣା ମନଟେ କିନ୍ତୁ ଆବେଗେ ଜୁଡୁବୁଡୁ ଦେବାକୁ ସର୍ବସ୍ୱ ।

ପର ଆପଣାର ବଟକରା ରେ ତଉଲିଲୁ ମିଛ ସମ୍ବେଦନା
ମୋହଗ୍ରସ୍ତ ଚେତନାରେ ଭୁଲିଛୁକି ମହାର୍ଘ୍ୟ ଜୀବନ ପ୍ରାର୍ଥନା?
ମାନିଛୁ ଜିତିବାର ରାହାରେ ମିଳିବ ଜୀବନର ଉତ୍ତରଣ
ହେଲେ ତତ୍ତ୍ୱରେ ଜିଇଁଲେ ହିଁ ସିନା ଅମୃତ ତୋ' ଜୀବନ ମରଣ !

ମୋହାନ୍ଧ ଛାତିରେ ଜଡାଇଧରୁ ସ୍ୱଧର୍ମଚ୍ୟୁତ ରକ୍ତ ଦାୟାଦ
ବିସ୍ମୃତ କି କୁରୁ ବଂଶେ ଗାନ୍ଧାରୀର ସହସ୍ର ସାଶ୍ରୁ ଅବସାଦ ?

ISSN NO.
2582-208X

ପ୍ରେମ ସମ୍ମାନ ସହାନୁଭୂତିହିଁ ମାନବୀୟ ସେବା ମହାମନ୍ତ୍ର
ଦିବ୍ୟ ଚେତନାର ପୁଣ୍ୟ ଚରିତ୍ରେ ଭରିନେ ତୋର ଜୀବନପାତ୍ର ।

ସମ୍ପର୍କକୁ ସିଡିକରି ଚଢୁ ଲୋଭ ଲାଭର ସୁଉଚ୍ଚ ପ୍ରାସାଦ
ଜିବ ଗଲାବେଳେ କାହିଁ ମୋକ୍ଷ ଲୋଡୁ ଢୋକି କଣେ ମହାପ୍ରସାଦ ?
ଦେହ ପାଲିଙ୍କିର ଏ ମେଲଣ ପରେ ବଦଳିବ ତୋ ଅବୟବ
ଭୋଗିବୁ ପ୍ରାରବ୍ଧ ନୂଆ ଜୀବନରେ ଗତ କର୍ମର ସେ ହିସାବ ।

ସମ୍ପର୍କର ଯେତେ ସଂସ୍କାର ରଚିଛୁ ବନ୍ଦୀ ତୁ ନିଜ ମୋହଫାଶେ
ବାସନା ବ୍ୟସନେ ବତୁରି ଯାଇଛୁ ଶ୍ରମଣ ବି ଶ୍ମଶାନ ବାସେ
ଅନୁଚିନ୍ତନରେ ଅନ୍ତର୍ମୁଖୀ ହୋଇ ଖୋଲିଦେ ସମ୍ପର୍କ ଶୃଙ୍ଖଳ
ଆତ୍ମାପକ୍ଷୀ ତୋର ଦିବ୍ୟ ଚେତନାରେ ଚଞ୍ଚୁ ମାରିବାକୁ ବିକଳ।

ମଞ୍ଜୁରୀ ଗ୍ରେଡ୍,ଭଦ୍ରକ
ଭ୍ରାମ୍ୟଭାଷ- ୯୮୯୦୮୫୧୪୨୭

ISSN NO.
2582-208X

# ସ୍ୱାଧୀନତା ଦିବସ



ବିଷ୍ଣୁପ୍ରିୟା ଦାସ

ତିନିରଙ୍ଗେ ରଙ୍ଗା ଉଡୁଛି ତ୍ରୀରଙ୍ଗା ତୁଣ୍ଡେ ଜୟ ହିନ୍ଦୁସ୍ତାନ,
ଆଜାଦିର ନିଶା ସଭିଙ୍କ ହୃଦୟେ
ଜାଗ୍ରତ ଦେଶର ପ୍ରେମ ।।

ପୁଣ୍ୟମୟୀ ଗଙ୍ଗା ସତସୁରେ ବହେ
ପୁଣ୍ୟ ଅଟେ ମୋର ଧାମ,
ଦେବ, ମୁନିଋଷି ବୀର ମହାବୀର
ନେଇଛନ୍ତି ଏଠି ଜନ୍ମ ।।

ଶାନ୍ତି ମୈତ୍ରୀ ପ୍ରୀତି ବାଣ୍ଟୁ ତୁ ଏମିତି
ବିଶ୍ୱ ତୁ ଅଟୁ ମହାନ,
ଧନ୍ୟ ମା' ଧନ୍ୟ ତୋର କୀର୍ତ୍ତି
ଇତିହାସ ତୋ ଆକ୍ଷୁଣ୍ୟ ।।

ଯାହାର ଜବନ ଉତ୍ସର୍ଗ ଜୀବନ
କରେ ମାଟି ମାଆ ପାଇଁ,
ହିମଳୟ ସମ ଶତ୍ରୁ ପ୍ରାଣେ ଯାଏ
ମଥା କବେ ନଇଁ ନାହିଁ ।।

ISSN NO.
2582-208X

ଯାହାର କୃଷକ ବିଶ୍ୱ ଅର୍ଣ୍ଣ ଦାତା
ସ୍ୱାଭିମାନେ ବଞ୍ଚେ ଯହିଁ,
ବିଜ୍ଞାନ ଯାହା ପାଖେ ବିଶ୍ୱ ଯେ ଅଜ୍ଞାନ
ଭେଟିଦିଏ ନୂଆ ଯହିଁ ।।

ବୀରତ୍ୱ ଯାହାର ଶୋଣିତରେ ଲେଖା
ତ୍ରୀରଙ୍ଗା ଯାହାର ପତାକା,
ଶାନ୍ତି, ମୈତ୍ରୀ,ପ୍ରୀତି ବାଣ୍ଟେ ଯିଏ ନୀତି
ସେଇ ମୋ ଭାରତ ମାତା ।।

ହୀରାପୁର, ଭୁବନେଶ୍ୱର

ISSN NO.
2582-208X

# ଏକଲବ୍ୟ



କନକବାଳା ନାୟକ

"ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ।"

ଯାହା ର ଅର୍ଥ -

ଗୁରୁ ହେଉଛନ୍ତି ସୃଷ୍ଟି କର୍ତ୍ତା ଯିଏ ବ୍ରହ୍ମାଙ୍କ ରୂପ ଧାରଣ କରି ଶିଷ୍ୟ ସୃଷ୍ଟି କରନ୍ତି ତ ବିଷ୍ଣୁ ରୂପରେ ଶିଷ୍ୟ କୁ ଜ୍ଞାନ ପ୍ରଦାନ କରି ତାର ସମସ୍ତ ଜୀବନ କୁ ପରିପୃଷ୍ଟ କରନ୍ତି। ଆଉ କେବେ କେବେ ସଂହାର କର୍ତ୍ତା ମହେଶ୍ୱର ବା ଶିବ ସାଜି ଛାତ୍ର ଜୀବନ ରୁ ସମସ୍ତ ଆବିଳତା କୁ ସଂହାର କରନ୍ତି ।

ଭାରତ ମାଟି ଦିବ୍ୟ ମାଟି। ଯେଉଁଠି ସ୍ୱୟଂ ଈଶ୍ୱର ମାନବ ରୂପ ଧାରଣ କରି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାନବୀୟ ରୂପର ସମସ୍ତ ଲୀଳାଖେଳା ସମ୍ପାଦନା କରନ୍ତି।ସେ ଗୁରୁକୂଳ ରେ ବିଦ୍ୟା ଲାଭ କରିବା ଠାରୁ ଆରମ୍ଭ କରି ଗୃହସ୍ଥ ଜୀବନର ଯାବତୀୟ କାର୍ଯ୍ୟ ସମ୍ପାଦନା ହେଉ। ତ୍ରେତୟା ଯୁଗରେ ସ୍ୱୟଂ ଭଗବାନ ବିଷ୍ଣୁ ରାବଣର ଅତ୍ୟାଚାର ରେ ଅତିଷ୍ଠ ଦେବତା ଓ ମାନବ ମାନଙ୍କୁ ରାବଣ ର ଅତ୍ୟାଚାର କବଳରୁ ରକ୍ଷା କରିବା ପାଇଁ ରାମଚନ୍ଦ୍ର ଙ୍କ ଅବତାର ଧାରଣ କରି ପୃଥିବୀ ପୃଷ୍ଠରେ ଅବତରିତ ହୋଇଥିଲେ। ସେତେବେଳେ ସେ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଗୁରୁ ବଶିଷ୍ଠଙ୍କ ଆଶ୍ରମ ରେ ଲାଭ କରିଥିଲେ । ଏବଂ ପରବର୍ତ୍ତୀ ସମୟରେ ଧନୁର୍ବିଦ୍ୟା ରେ ଅଧିକ ଜ୍ଞାନ ଲାଭ ପାଇଁ ବ୍ରହ୍ମର୍ଷି ବିଶ୍ୱାମିତ୍ର ଙ୍କ ଠାରୁ ଧର୍ନୁବିଦ୍ୟା ରେ ବିଶେଷ ଜ୍ଞାନ ଆହରଣ କରିଥିଲେ ।

ISSN NO.
2582-208X

ଦ୍ୱାପର ଯୁଗରେ ଧର୍ମର ଉତ୍ଥାପନ ପାଇଁ ଯେତେବେଳେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ଙ୍କ ରୂପରେ ଏଇ ଧରିତ୍ରୀ ପୃଷ୍ଠରେ ଲୀଳା ଖେଳା କରିଥିଲେ,ସେଇ ସମୟରେ ସେ ଗୁରୁ ସନ୍ଦିପନି ଙ୍କ ଆଶ୍ରମ ରେ ରହି ବିଦ୍ୟାର୍ଜନ କରିଥିଲେ। ଗୁରୁ ଶିଷ୍ୟ ସମ୍ପର୍କ ରେ ଗୁରୁ ଙ୍କର ଶିଷ୍ୟ ପାଇଁ ଥିବା ସ୍ନେହ ଓ ଶିଷ୍ୟ ର ଗୁରୁ ପ୍ରତି ଥିବା ଅଗାଢ ଭକ୍ତି ଦେଖିବାକୁ ମିଳେ ।

ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ଚର୍ଚ୍ଚା କରିବା ସମୟରେ ଯେଉଁ ଗୁରୁ ଶିଷ୍ୟ ଙ୍କ ନାମ ଆଗକୁ ଆସେ ସେମାନେ ହେଉଛନ୍ତି ଗୁରୁ ଧୌମ୍ୟଙ୍କ ଶିଷ୍ୟ ଅରୁଣୀ, ଉପମନ୍ୟୁ ଓ ବେଦ, ଗୁରୁ ଦ୍ରୋଣାଚାର୍ଯ୍ୟ ଙ୍କ ଶିଷ୍ୟ ଏକଲବ୍ୟ ଓ ଅର୍ଜୁନ ରାମକୃଷ୍ଣ ପରମହଂସ ଙ୍କ ଶିଷ୍ୟ ବିବେକାନନ୍ଦ ପ୍ରଭୃତି।

ଏଇ ଭିତରୁ ଗୋଟିଏ ସ୍ୱତନ୍ତ୍ର ଯୋଡ଼ି ହେଉଛନ୍ତି ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ। ହୁଏତ ପାଠକ ମାନେ ଅନୁଭବ କରି ପାରନ୍ତି ଯେ ଯେଉଁ ଗୁରୁ ଗୋଟେ ଶିଷ୍ୟ କୁ ଶ୍ରେଷ୍ଠ କରି ଗଢି ତୋଳିବା ପାଇଁ ଅନ୍ୟ ଜଣେ ଶିଷ୍ୟ ର ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି କୁ ଗୁରୁ ଦକ୍ଷିଣା ମାଧ୍ୟମରେ ମାଗି ନେଲେ ସେ ଗୁରୁ କେମିତି ସ୍ୱତନ୍ତ୍ର ହେଲେ।

ଅନେକ ଅନୁଧ୍ୟାନ କରିବା ପରେ ଜଣା ପଡେ ଯେ ଗୁରୁ ଦ୍ରୋଣ ଙ୍କ ଉପରେ ଲାଗିଥିବା ଅନେକ ଆରୋପ ପ୍ରକୃତ ମହାଭାରତ ରୁ ଉଦ୍ଧୃତ ନୁହଁ। ତିନି ତୁଣ୍ଡରେ ଛେଳି କୁକୁର ଭଳି ଆମର ପୁରାଣ ଶାସ୍ତ୍ର ସବୁ ଅନେକ ବ୍ୟକ୍ତି ଙ୍କ ଦ୍ୱାରା ଅନୁବାଦିତ ହୋଇ ଅନେକ ଭ୍ରମାତ୍ମକ ତଥ୍ୟ ଆମ ମାନଙ୍କ ମନରେ ସ୍ଥାନ ଗ୍ରହଣ କରିଛି। ସେଇ ଭଳି ଗୋଟେ ଉପାଖ୍ୟାନ ହେଉଛି ଏକଲବ୍ୟ ଙ୍କ ର ଗୁରୁ ଦ୍ରୋଣ ଙ୍କୁ ଗୁରୁ ଦକ୍ଷିଣା ଦେବାର ଅଧ୍ୟାୟ। ଯେଉଁ ଅଧ୍ୟାୟ ଜନ ମାନସରେ ଗୁରୁ ଦ୍ରୋଣ ଙ୍କୁ ଏକ ଖଳନାୟକ କରି ଗଢ଼ି ତୋଳିଛି।

କଥା ରେ ଅଛି ନଦୀକୁ ରାସ୍ତା ଦେଖାଇବାକୁ ପଡେନି। ସେ ନିଜ ପାଇଁ ନିଜେ ରାସ୍ତା ତିଆରି କରିଥାଏ। ଏହି ପରି ଏକ ବ୍ୟକ୍ତିତ୍ୱ ହେଉଛନ୍ତି ନିଷାଦ ରାଜା ହିରଣ୍ୟଧନୁ ଙ୍କ ସୁପୁତ୍ର ଏକଲବ୍ୟ। ଯିଏ କି ନିଜର କୌଶଳ ଓ ଗୁରୁଭକ୍ତି ପାଇଁ ଯୁଗ ଯୁଗ ପାଇଁ ଇତିହାସ ରେ ନିଜ ନାମକୁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି।

ISSN NO.
2582-208X

ଦ୍ୱାପର ଯୁଗରେ ପ୍ରୟାଗ ରାଜ ନିକଟରେ ଶୃଙ୍ଗବେର ପୁର୍ ବୋଲି ଗୋଟେ ରାଜ୍ୟ ଥିଲା।ସେଇ ରାଜ୍ୟ ର ରାଜାଙ୍କ ନାମ ଥିଲା ହିରଣ୍ୟଧନୁ । ସେଇ ରାଜ୍ୟ ରେ ନିଷାଦ ଜାତିର ଲୋକମାନେ ବସବାସ କରୁଥିଲେ। ନିଷାଦ ରାଜ୍ୟର ରାଜାଙ୍କ ନାମ ଥିଲା ହିରଣ୍ୟଧନୁ। ରାଜା ହିରଣ୍ୟଧନୁ ଙ୍କ ର ଏକ ଦତ୍ତକ ପୁତ୍ର ଥିଲେ। ଯାହାଙ୍କ ନାମଥିଲା ଅଭିଦ୍ୟୁମ୍ନ।କି ଛି ଲୋକ ତାଙ୍କୁ ଅଭୟ ବୋଲି ମଧ୍ୟ ଡାକୁଥିଲେ। କେତେକ ଲେଖାରେ ଉଲ୍ଲେଖ ଅଛି ଯେ ଅଭିଦ୍ୟୁମ୍ନ ଭଗବାନ ଶ୍ରୀକୃଷ୍ଣଙ୍କ କକା ଦେବଶ୍ରବା ଙ୍କ ପୁତ୍ର ଥିଲେ ଏବଂ ଜୋତିଷ୍କ ଙ୍କ ଭବିଷ୍ୟତ ବାଣୀ ଶୁଣି ଶ୍ରୀକୃଷ୍ଣ ଙ୍କ ପରାମର୍ଶ କ୍ରମେ ତାଙ୍କୁ ତାଙ୍କର ପିତା ରାଜା ହିରଣ୍ୟଧନୁ ଙ୍କୁ ଦତ୍ତକ ପୁତ୍ର ହିସାବରେ ଦାନ କରି ଦେଇଥିଲେ। ନିଷାଦ ଜାତିର ମୁଖ୍ୟ ପେଷା ଥିଲା ଶୀକାର ।

ନିଷାଦ ରାଜ କୁମାର ଶୈଶବ କାଳ ରୁ ଧନୁ ତୀର ଚାଳନା କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ ଥିଲେ। ପିଲା ବେଳେ ଗୁରୁକୂଳ ରେ ସେ ଏକାଗ୍ର ଚିତ୍ତରେ ଘଣ୍ଟା ଘଣ୍ଟା ଧରି ଧନୁଚାଳନା ଅଭ୍ୟାସ କରୁଥିଲେ। ଦିନେ ମହାନ୍ ଋଷି ପୁଲକ ସେଇ ଆଶ୍ରମ କୁ ଆସି ଥାଆନ୍ତି। ନିଷାଦ ରାଜ କୁମାର ଏକଲବ୍ୟ କୁ ଏକାଗ୍ର ଚିତ୍ତରେ ଅଭ୍ୟାସକରୁଥିବା ର ଦେଖି ପୁଲକ ମୁନି ତାଙ୍କ ନାମ ଏକଲବ୍ୟ ରଖିଥିଲେ। ସେ ଏକଲବ୍ୟ ଙ୍କ ବାପା ହିରଣ୍ୟଧନୁ ଙ୍କୁ ପରାମର୍ଶ ଦେଇଥିଲେ ଏକଲବ୍ୟ ଙ୍କୁ ଧର୍ନୁବିଦ୍ୟା ରେ ପ୍ରବୀଣ ଜଣେ ଗୁରୁ ଙ୍କ ପାଖକୁ ନେଇ ଧର୍ନୁବିଦ୍ୟା ଶିକ୍ଷା ଦେବା ପାଇଁ ।

ତାଙ୍କ ପରାମର୍ଶ ମାନି ରାଜା ହିରଣ୍ୟଧନୁ ଏକଲବ୍ୟ ଙ୍କୁ ଧର୍ନୁବିଦ୍ୟା ରେ ପ୍ରସିଦ୍ଧ ଗୁରୁ ଦ୍ରୋଣାଚାର୍ଯ୍ୟ ଙ୍କ ପାଖକୁ ନେଇ ଯାଇଥିଲେ। ଗୁରୁ ଦ୍ରୋଣାଚାର୍ଯ୍ୟ ସେ ସମୟରେ ହସ୍ତିନା ପୁର ର ରାଜ କୁମାର ମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ଅନୁବନ୍ଧିତ ହୋଇ ଥାଆନ୍ତି। ତେଣୁ ସେ ଏକଲବ୍ୟ କୁ ଶିକ୍ଷା ପ୍ରଦାନ କରି ପାରିବେ ନାହିଁ ବୋଲି ମନା କରି ଦେଇଥିଲେ।

କେତେକ ଲେଖାରେ ଉଲ୍ଲେଖ ଅଛି ଏକଲବ୍ୟ ନୀଚ ଜାତିରେ ଜନ୍ମ ଗ୍ରହଣ କରିଥିବା ହେତୁ ଗୁରୁ ଦ୍ରୋଣ ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ। ଏକଲବ୍ୟ ଗୁରୁ ଙ୍କ ଆଶ୍ରମ ରେ ପହଞ୍ଚିବା ପରେ ଏକଲବ୍ୟ କୁ ନିଷାଦ ଜାତିର ଦେଖି ଦୁର୍ଯ୍ୟୋଧନ

ISSN NO.
2582-208X

ତାଙ୍କୁ ଅପମାନିତ କରି ଗୁରୁ ଦ୍ରୋଣ ଙ୍କୁ ଏକଲବ୍ୟ କୁ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ ମନା କରିଥିଲେ। ସେଇ ସମୟରେ ଯୁଧିଷ୍ଠିର ଗୁରୁ ଦ୍ରୋଣ ଙ୍କୁ ଏକଲବ୍ୟ କୁ ଧର୍ନୁବିଦ୍ୟା ଶିକ୍ଷା ଦେବାପାଇଁ ଅନୁରୋଧ କରିଥିଲେ। କିନ୍ତୁ ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟ କୁ ଶିଷ୍ୟ ହିସାବରେ ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ।

ଏକଲବ୍ୟ କିନ୍ତୁ ନିଜ ଲକ୍ଷରୁ ଓହରି ନଥିଲା। ସେ ଜଙ୍ଗଲ ଭିତରକୁ ଯାଇ ଏକ କୁଟିଆ ତିଆରି କଲା। କୁଟିଆ ଠାରୁ ଗୁରୁ ଦ୍ରୋଣ ଙ୍କ ଆଶ୍ରମ ମଧ୍ୟ ରେ ଥିବା ଗଛଲତା କୁ କାଟି ସଫା କରି ଦେଲା। ଯାହା ଫଳରେ ସେ ଦୂରରେ ଥିଲେ ମଧ୍ୟ ଗୁରୁ ଦ୍ରୋଣ ରାଜ କୁମାର ଙ୍କୁ ଦେଉଥିବା ଶିକ୍ଷା କୁ ଦେଖି ପାରିବ। ସେ କୁଟିଆ ରେ ଗୁରୁ ଦ୍ରୋଣଙ୍କର ମାଟିର ଏକ ମୂର୍ତ୍ତି ବନାଇଲା। ତାଙ୍କୁ ଗୁରୁ ବୋଲି ମାନି ତାଙ୍କୁ ପୂଜାର୍ଚ୍ଚନା କଲା ଏବଂ ନିରନ୍ତର ଅଭ୍ୟାସ ଜାରି ରଖିଲା। କଥା ରେ ଅଛି ନିରନ୍ତର ଅଭ୍ୟାସ କଲେ ଅସମ୍ଭବ କାର୍ଯ୍ୟ କୁ ସମ୍ଭବ କରି ହେବ।

ଏକଲବ୍ୟ ମଧ୍ୟ ନିଷ୍ଠା ଓ ଏକାଗ୍ରତା ର ସହ ତାର ଅଭ୍ୟାସ ଜାରି ରଖିଥିଲା। ତେଣୁ ସେ ଅଳ୍ପ ଦିନ ମଧ୍ୟରେ ଧର୍ନୁବିଦ୍ୟା ରେ ପାରଙ୍ଗମ ହୋଇ ଉଠିଲା। ଦିନେ ଗୁରୁ ଦ୍ରୋଣ ତାଙ୍କ ଶିଷ୍ୟ ମାନଙ୍କୁ ବିଭିନ୍ନ ଯୁଦ୍ଧ କୌଶଳ ଶିଖାଇବା ପାଇଁ ଜଙ୍ଗଲ ମଧ୍ୟକୁ ନେଇ ଯାଇଥାଆନ୍ତି। ତାଙ୍କ ସହିତ  ଗୋଟିଏ ଶ୍ୱାନ ମଧ୍ୟ ଆସି ଥାଏ । ଏକଲବ୍ୟ ସେ ସମୟରେ ତା କୁଟିଆ ରେ ଅଭ୍ୟାସ ରତ ଥିଲେ। ଏକଲବ୍ୟ କୁ ଦେଖି ଶ୍ୱାନ ଟି ଭୁକିବା କୁ ଲାଗିଲା। ଶ୍ୱାନ ର ରଡ଼ି ଶୁଣି ଏକଲବ୍ୟ ର ଅଭ୍ୟାସ ରେ ବାଧାପ୍ରାପ୍ତ ହେଲା। ତେଣୁ ଏକଲବ୍ୟ ତୀର ମାରି ଶ୍ୱାନ ର ପାଟିକୁ ବନ୍ଦ କରିଦେଲା। ହଠାତ୍ ଶ୍ୱାନ ର ରଡ଼ି ବନ୍ଦ ହୋଇ ଯିବାର ଦେଖି ଗୁରୁ ଦ୍ରୋଣ ତାଙ୍କ ଶିଷ୍ୟ ମାନଙ୍କୁ ଧରି ରଡ଼ି ଆସୁଥିବା ଦିଗରେ ଅଗ୍ରସର ହେଲେ। ଶ୍ୱାନ ଟିକୁ ଦେଖି ଗୁରୁ ଦ୍ରୋଣ ଙ୍କ ଆଶ୍ଚର୍ଯ୍ୟ ର ସୀମା ରହିଲା ନାହିଁ।

କାରଣ ଶ୍ୱାନ ଟିର ପାଟି ତୀରରେ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ଜାଗା ରୁ ରକ୍ତ କ୍ଷରଣ ହେଉ ନଥିଲା। ଗୁରୁ ଦ୍ରୋଣ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନ କୁ ଡ଼ାକି କହିଲେ ଅଦ୍ଭୁତ ବତ୍ସ। ହେଲେ ମୁଁ ତ ଏ ପର୍ଯ୍ୟନ୍ତ ଏଇ ଶବ୍ଦ ଭେଦି ବାଣ ର ଶିକ୍ଷା ତୁମକୁ ଦେଇନାହିଁ। ତୁମେ ଏଇ

ISSN NO.
2582-208X

ବିଦ୍ୟା କେଉଁଠାରୁ ଶିକ୍ଷା ଲାଭ କଲ। ଅର୍ଜୁନ କହିଲେ କ୍ଷମା କରିବେ ଗୁରୁ ଦେବ ଏ ତୀର ମୋର ନୁହେଁ।

ଗୁରୁ ଦ୍ରୋଣ କହିଲେ ଯଦି ଏଇ ତୀର ତୁମର ନୁହେଁ ତେବେ ଏଇ ତୀର କାହାର ? ଏବଂ ଆଖପାଖ ରେ ସେଇ ବ୍ୟକ୍ତି ଙ୍କୁ ଖୋଜିବାକୁ ଲାଗିଲେ। ସେଇ ସମୟରେ ଶ୍ୱାନ ଟି ଗୋଟେ ଦିଗକୁ ଦଉଡ଼ି ବା ରେ ଲାଗିଲା। ଗୁରୁ ଦ୍ରୋଣ ଓ ତାଙ୍କ ଶିଷ୍ୟ ମାନେ ଶ୍ୱାନ ଟିକୁ ଅନୁସରଣ କଲେ। କିଛି ବାଟ ଗଲାପରେ ଶ୍ୱାନ ଟି ଗୋଟିଏ ଜାଗାରେ ଅଟକି ଗଲା। ଗୁରୁ ଦ୍ରୋଣ ଜଣେ ଯୁବକ କୁ ଏକାଗ୍ର ଚିତ୍ତରେ ଧନୁ ଚାଳନା କରୁଥିବା ର ଲକ୍ଷ କଲେ। ସେ ସେ ଯୁବକ ଙ୍କ ପାଖକୁ ଯାଇ ତାଙ୍କୁ ତାଙ୍କର ପରିଚୟ ମାଗିଲେ। ଏକଲବ୍ୟ ନିଜକୁ ଗୁରୁ ଦ୍ରୋଣାଚାର୍ଯ୍ୟ ଙ୍କ ଶିଷ୍ୟ ଏକଲବ୍ୟ ବୋଲି କହି ନିଜର ପରିଚୟ ପ୍ରଦାନ କଲେ।

ଗୁରୁ ଦ୍ରୋଣ କହିଲେ ହେଲେ ଏ ଭରଦ୍ୱାଜ ପୁତ୍ର ଦ୍ରୋଣ ତ ତୁମକୁ କେବେ ଶିକ୍ଷା ଦେଇ ନାହିଁ। ଆଉ ତୁମେ ଗୁରୁ ଦ୍ରୋଣ ଙ୍କୁ ଅର୍ଥାତ୍ ମୋତେ ତୁମ ଗୁରୁ ବୋଲି କହୁଛ ?

ଗୁରୁ ଙ୍କ କଥା ଶୁଣି ଏକଲବ୍ୟ କହିଲା ମନେ ଅଛି ଗୁରୁ ଦେବ ଧର୍ନୁବିଦ୍ୟା ବିଦ୍ୟାଶିକ୍ଷା ଲାଭ କରିବା ପାଇଁ ମୁଁ ଆପଣଙ୍କ ପାଖକୁ ଯାଇଥିଲି କିନ୍ତୁ ଆପଣ ମୋତେ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ। ମୁଁ କିନ୍ତୁ ଆପଣଙ୍କୁ ମୋ ଗୁରୁ ବୋଲି ମାନି ନେଇଥିଲି। ତେଣୁ ଆଉ ନିଜ ରାଜ୍ୟକୁ ଫେରି ନ ଯାଇ ଏଇଠି  କୁଟିଆ ରେ ଆପଣଙ୍କର ଏକ ମୃଣ୍ମୟ ମୂର୍ତ୍ତି ତିଆରି କରି ତାକୁ ଗୁରୁ ବୋଲି ମାନି ତା ସମ୍ମୁଖରେ ଧର୍ନୁବିଦ୍ୟା ଅଭ୍ୟାସ କରୁଛି। ଏକଲବ୍ୟ ର କଥା ଶୁଣି ଗୁରୁ ଦ୍ରୋଣ ଆଶ୍ଚର୍ଯ୍ୟ ହେଲେ। ମାଟିର ମୂର୍ତ୍ତି ର ସାମ୍ନାରେ ଅଭ୍ୟାସ କରି କେହି ଜଣେ କେମିତି ଏମିତି ଅସାଧାରଣ ଧର୍ନୁବିଦ୍ୟା ର ଅଧିକାରୀ ହୋଇ ପାରିବ ?

ତେଣୁ ସେ ଚାରି ଦିଗ କୁ  ଅନୁଧ୍ୟାନ କଲେ ଏବଂ ଦେଖିବାକୁ ପାଇଲେ ଏକଲବ୍ୟ ର କୁଟିଆ ରୁ ତାଙ୍କ ଆଶ୍ରମ ପର୍ଯ୍ୟନ୍ତ ସମସ୍ତ ବୃକ୍ଷ ଲତା ସଫା ହୋଇ ଯାଇଛି।ସେଥିରୁ ସେ ଜାଣି ଗଲେ ସେ ଧର୍ନୁବିଦ୍ୟା ଶିକ୍ଷା ଦେଉଥିବା ସମୟରେ ଏକଲବ୍ୟ ଦୂର ରେ ଥାଇ ତାକୁ

ISSN NO.
2582-208X

ଏକନିଷ୍ଠ ହୋଇ ଅନୁଧ୍ୟାନ କରୁଛି ଏବଂ ତାକୁ ଅଭ୍ୟାସ କରି ସେ ଧର୍ନୁବିଦ୍ୟା ରେ ଏମିତି ପ୍ରବୀଣ ହୋଇ ପାରିଛି।

ଏକଲବ୍ୟ ର ଧର୍ନୁବିଦ୍ୟା ଚାଳନା ର ଦକ୍ଷତା କୁ ଦେଖି ଗୁରୁ ଦ୍ରୋଣ ତାଙ୍କୁ ଏ ବିଦ୍ୟାକୁ ସେ କିପରି ଭାବରେ ଉପଯୋଗ କରିବ ସେ କଥା ପ୍ରଶ୍ନ କରିଥିଲେ। ଗୁରୁ ଦ୍ରୋଣ ଙ୍କ ପ୍ରଶ୍ନ ର ଉତ୍ତର ରେ ଏକଲବ୍ୟ କହିଥିଲା ଧର୍ନୁବିଦ୍ୟା ଶିକ୍ଷା ଶେଷ ପରେ ସେ ତା ରାଜ୍ୟ କୁ ଫେରିଯିବ ଏବଂ ପିତାଙ୍କ ପରେ ମଗଧର ରାଜା ଜରାସନ୍ଧ ଙ୍କ ସେନାବାହିନୀରେ ସେନାପତି ଭାବରେ କାମ କରିବ ।

ଗୁରୁ ଦ୍ରୋଣ ଚାହୁଁ ନଥିଲେ ଏକଲବ୍ୟ ତା ଧର୍ନୁବିଦ୍ୟା ର ଉପଯୋଗ ଜରାସନ୍ଧ ପରି ଜଣେ ଅଧର୍ମୀ, ପାପି ଓ ଅତ୍ୟାଚାରୀ ରାଜାଙ୍କ ପାଇଁ କରୁ। ଗୁରୁ ଦ୍ରୋଣ ଜଣେ ତ୍ରିକାଳଦର୍ଶୀ ଗୁରୁ ଥିଲେ। ଭବିଷ୍ୟତରେ ହେବାକୁ ଥିବା ମହାଭାରତ ଯୁଦ୍ଧ ରେ ଏକଲବ୍ୟ ଅର୍ଜୁନ ଙ୍କ ପାଇଁ ଜଣେ ବଡ଼ ବିପତ୍ତି ହେବ ଦେଖି ଗୁରୁ ଦ୍ରୋଣ ତାଙ୍କୁ ସେଥିରୁ ନିବୃତ୍ତ ରଖିବା ପାଇଁ ସେ ଏକଲବ୍ୟ ଙ୍କୁ କହିଲେ ବତ୍ସ ତୁମେ ଯଦି ମୋତେ ଗୁରୁ ବୋଲି ମାନିଛ ତେବେ ମୋତେ ଗୁରୁ ଦକ୍ଷିଣା ଦେବନି ?ଏକଲବ୍ୟ କହିଲେ ଆଦେଶ ଦିଅନ୍ତୁ ଗୁରୁ ଦେବ ମୁଁ ଆପଣଙ୍କୁ ଗୁରୁ ଦକ୍ଷିଣା ହିସାବରେ କଣ ଦେଇ ପାରିବି। ଗୁରୁ ଦ୍ରୋଣ ଗୁରୁ ଦକ୍ଷିଣା ଆକାରରେ ଏକଲବ୍ୟ କୁ ତା ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ଟିକୁ ମାଗିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେତେକ ଜାଗାରେ ଲେଖା ହୋଇଛି ଗୁରୁ ଦ୍ରୋଣ ଅର୍ଜୁନ କୁ ବିଶ୍ୱର ସର୍ବଶ୍ରେଷ୍ଠ ଧର୍ନୁଧର କରି ଗଢି ତୋଳିବା ପାଇଁ ଏକଲବ୍ୟ ଙ୍କ ଠାରୁ ତାର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଠି ଟି କୁ ମାଗି ନେଇଥିଲେ। ହେଲେ ଅନେକ ଅନୁଧ୍ୟାନ କରିବା ପରେ ଜଣା ପଡେ ଯେ ଅର୍ଜୁନ କୁ ଶ୍ରେଷ୍ଠ ଧର୍ନୁଧର କରି ଗଢି ତୋଳିବା ପାଇଁ ଗୁରୁ ଦ୍ରୋଣ ଏକଲବ୍ୟ କୁ ଗୁରୁ ଦକ୍ଷିଣା ମାଗିଥିଲେ ଏହା ସତ୍ୟ କଥା ନୁହଁ।

ହଁ ଗୁରୁ ଦ୍ରୋଣ ଅର୍ଜୁନ କୁ ବିଶ୍ୱର ସର୍ବଶ୍ରେଷ୍ଠ କରି ଗଢି ତୋଳିବା କୁ ଚାହୁଁଥିଲେ ହେଲେ ସେଥିପାଇଁ ଅର୍ଜୁନ ମଧ୍ୟ କଠିନ ଅଭ୍ୟାସ ଓ ପରିଶ୍ରମ କରୁଥିଲେ। ତା ଛଡା ସେ ଗୁରୁ ଦ୍ରୋଣ ଙ୍କ ଠାରୁ ଶିକ୍ଷାଲାଭ କରି ସାରିବା ପରେ ମଧ୍ୟ ଦିବ୍ୟାସ୍ତ୍ର ପାଇଁ ଜଙ୍ଗଲ କୁ ଯାଇ

ISSN NO.
2582-208X

କଠିନ ତପସ୍ୟା କରିଥିଲେ। ସେ ନିଜର ଶିକ୍ଷାକୁ କେବେ ସମାପ୍ତ ନକରି ସାରା ଜୀବନ ଶିକ୍ଷା ଗ୍ରହଣ କରିଥିଲେ ।

ଏକଲବ୍ୟ କୁ ଯେତେବେଳେ ଗୁରୁ ଦ୍ରୋଣ ତା ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ମାଗିଥିଲେ ଏବଂ ଏକଲବ୍ୟ ତାକୁ ହସି ହସି ଗୁରୁ ଙ୍କ କର କୋମଳ ରେ ପ୍ରଦାନ କରି ଦେଇଥିଲେ । ଏହି ଦେଖି ଗୁରୁ ଦ୍ରୋଣ ଙ୍କ ହୃଦୟ ଅନୁକମ୍ପା ଓ ଅପରାଧ ବୋଧ ରେ ପୂର୍ଣ୍ଣ ହୋଇ ଯାଇଥିଲା। ତେଣୁ ସେ ଗୁରୁ ଦକ୍ଷିଣା ନେଇ ଆଶ୍ରମକୁ ଫେରିବା ସମୟରେ ଇଶାରା ମାଧ୍ୟମ ରେ ତର୍ଜନୀ ଓ ମଧ୍ୟମା ଆଙ୍ଗୁଠି ବ୍ୟବହାର କରି ଧନୁ ଚଳାଇବା ର କୌଶଳ ବତାଇ ଦେଇଥିଲେ। ସାରଳା ଦାସ ତାଙ୍କ ମହାଭାରତ ରେ ଲେଖିଛନ୍ତି -

ମୃଗୟା କୁ ନ ଯାଉ ଅଶକନ୍ଦି ହୋଇ କି -ମରି-
ଡାହାଣ ଭୁଜର ଯେ ତର୍ଜନୀ ଅଙ୍ଗୁଷ୍ଠ
ଆଖଡ଼ା ଶାଳା କୁ ତାହାର କରାଇ ଦୃଷ୍ଟି....

ତା ପରେ ଏକଲବ୍ୟ ଏଇ ଦୁଇଟି ଆଙ୍ଗୁଠିର ସହାୟତାରେ ଧନୁ ଚାଳନା ଅଭ୍ୟାସ କରିଥିଲେ। ଏବଂ ବୃଦ୍ଧାଙ୍ଗୁଠି ବିନା ମଧ୍ୟ ଜଣେ ସଫଳ ଓ କୁଶଳୀ ଯୋଦ୍ଧା ହୋଇ ପାରିଥିଲେ। ଏହି କଳା କୁ ଆଧୁନିକ ତୀରନ୍ଦାଜୀ ପ୍ରତିଯୋଗିତା ର ଜନକ ବୋଲି ମଧ୍ୟ କୁହାଯାଏ। କାରଣ ଆଧୁନିକ ତୀରନ୍ଦାଜୀ ପ୍ରତିଯୋଗୀତା ରେ ବୃଦ୍ଧାଙ୍ଗୁଠି ର ବ୍ୟବହାର କରାଯାଏ ନାହିଁ। ଗୁରୁ ଦ୍ରୋଣାଚାର୍ଯ୍ୟ ମଧ୍ୟ ଏକଲବ୍ୟ ରଦକ୍ଷତା ଦେଖି ତାଙ୍କୁ ଶିଷ୍ୟ କରିବା ପାଇଁ ମନେ ମନେ ଭାବୁଥିଲେ କିନ୍ତୁ ସେ ହସ୍ତିନାପୁର ରାଜ୍ୟର ଅନୁବନ୍ଧିତ ଶିକ୍ଷକ ହୋଇଥିବାରୁ ଓ ଏକଲବ୍ୟ ଭବିଷ୍ୟତ ରେ ଧର୍ନୁବିଦ୍ୟା ର ପ୍ରୟୋଗ ମଗଧ ର ରାଜା ଜରାସନ୍ଧ ଙ୍କ ଭଳି ଅଧର୍ମୀ ବ୍ୟକ୍ତି ପାଇଁ କରିବାର ସମ୍ଭାବନା ଥିବା ହେତୁ ସେ ଏକଲବ୍ୟ କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କରି ପାରି ନଥିଲେ। କାରଣ ସେ ସମୟରେ ମଗଧ ହସ୍ତିନା ପୁର ର ଶତ୍ରୁ ରାଜ୍ୟ ଥିଲା। ତାଙ୍କ ପ୍ରଦତ୍ତ ଶିକ୍ଷା ହସ୍ତିନାପୁର ର ଶତ୍ରୁ ରାଜ୍ୟ ର ଶକ୍ତି ବୃଦ୍ଧି ପାଇଁ ଉପଯୋଗ ହେଉ ସେ କଥା ଦ୍ରୋଣାଚାର୍ଯ୍ୟ ଚାହୁଁ ନଥିଲେ।

ISSN NO.
2582-208X

ଗୁରୁ ଦ୍ରୋଣ ଏଇ କଥା ମଧ୍ୟ ଲକ୍ଷ କରିଥିଲେ ଯେ ଏକଲବ୍ୟ ନିଜ ବିଦ୍ୟାର ପ୍ରୟୋଗ କିପରି ଭାବରେ ଗୋଟେ ନିରିହ ପ୍ରାଣୀ ଉପରେ କରିଛି। ଶ୍ୱାନ ଗୋଟେ ପଶୁ। ତା ଭିତରେ ବଚାର ଶକ୍ତି ନାହିଁ। ତାର ଧର୍ମ ହେଉଛି ଭୁକିବା କିନ୍ତୁ ଗୋଟେ ଧର୍ନୁଧର ଜଣେ ମଣିଷ ତାର ବିଚାର ଶକ୍ତି ଅଛି। ତେଣୁ ସେ ନିଜ ବିଦ୍ୟାର ପ୍ରୟୋଗ ଭାବି ଚିନ୍ତି କରିବା କଥା। ଏକଲବ୍ୟ ନିଜ ବିଚାର ଶକ୍ତି ର ଉପଯୋଗ କରି ଶ୍ୱାନ ଟିକୁ ଅନ୍ୟ ଉପାୟରେ ଘଉଡାଇ ପାରି ଥାଆନ୍ତା । କିନ୍ତୁ ଏକଲବ୍ୟ ତା ବିଚାର ଶକ୍ତି ର ପ୍ରୟୋଗ ନକରି ଧୌର୍ଯ୍ୟହରା ହୋଇ ନିରିହ ପ୍ରାଣୀ ଟିର ପାଟି ଭିତର କୁ ତୀର ସନ୍ଧାନ କରିଛି। ଏହା ଦେଖି ଗୁରୁ ଦ୍ରୋଣ ଅନୁଭବ କଲେ ଭବିଷ୍ୟତ ରେ ମଧ୍ୟ ଏକଲବ୍ୟ ବୁଝି ବିଚାରି କାମ କରିବା ପରିବର୍ତ୍ତେ ସେ ତା ବିଦ୍ୟାର ଦୁରୁପଯୋଗ ନିରିହ ପ୍ରାଣୀ ଙ୍କ କରିପାରେ ।

ଯେହେତୁ ଏକଲବ୍ୟ ପରୋକ୍ଷ ଭାବରେ ଗୁରୁ ଦ୍ରୋଣ ଙ୍କୁ ଦୂରରୁ ଦେଖି ଶସ୍ତ୍ର ଜ୍ଞାନ ଲାଭ କରିଥିଲା ତାହା ଚୋରି ସହିତ ସମାନ ଥିଲା। ଚୋରାରେ ଗ୍ରହଣ କରିଥିବା ବିଦ୍ୟା ଯେ କେବେ ସଂସାରର ସଦଉପଯୋଗ ପାଇଁ ଲାଗି ସେଥିରେ ଗୁରୁ ଦ୍ରୋଣ ଙ୍କ ର ସନ୍ଦେହ ଥିଲା। ସେଥିପାଇଁ ଗୁରୁ ଦକ୍ଷିଣା ସ୍ୱରୂପ ସେ ଏକଲବ୍ୟ ର ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ଟିକୁ ମାଗି ନେଇଥିଲେ। ସେ ଚାହିଁ ଥିଲେ ଅନ୍ୟ କିଛି ଗୁରୁ ଦକ୍ଷିଣା ମଧ୍ୟ ମାଗି ପାରି ଥାଆନ୍ତେ। କିନ୍ତୁ ସେ ଚାହୁଁ ଥିଲେ ଏକଲବ୍ୟ ର ନାମ ଚୀର କାଳ ପାଇଁ ତାଙ୍କ ଶିଷ୍ୟ ଭାବରେ ଜନମାନସରେ ଲିପିବଦ୍ଧ ହୋଇ ରହୁ ।ଲୋକ ମାନେ ଯେତେବେଳେ ବି ଗୁରୁ ଶିଷ୍ୟ ପରମ୍ପରା ବିଷୟ ରେ ଉଦାହରଣ ଦିଅନ୍ତୁ ସବୁବେଳେ ଦ୍ରୋଣାଚାର୍ଯ୍ୟ ଙ୍କ ସହ ଏକଲବ୍ୟ ର ନା କୁ ନିଅନ୍ତୁ ।

ଏ ବିଷୟରେ କୌଣସି ଯାଗାରେ ବିଶେଷ ଭାବରେ ଆଲୋଚନା ହୁଏନି ବରଂ ଦ୍ରୋଣାଚାର୍ଯ୍ୟ ଏକଲବ୍ୟ କୁ ତାର ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ମାଗିଥିବାରୁ ତାଙ୍କୁ ଅନେକ ବ୍ୟକ୍ତି ପକ୍ଷପାତି ବୋଲି କହି ସମାଲୋଚନା କରନ୍ତି। କିନ୍ତୁ ପ୍ରକୃତ ରେ ଦ୍ରୋଣାଚାର୍ଯ୍ୟ କରିଥିବା ତ୍ୟାଗ ବିଷୟରେ ବିଶେଷ ଭାବରେ କେହି ଆଲୋଚନା କରନ୍ତି ନାହିଁ।

ଧନ୍ୟ ସେ ଗୁରୁ ଯେ ଯୁଗ ଯୁଗ ପାଇଁ ପକ୍ଷପାତି, ଜାତିଭେଦ ଓ ଉଚ୍ଚ ନୀଚ ର ପ୍ରଭେଦ ଆଦି ନିନ୍ଦା ଅପବାଦ ଓ ଲାଞ୍ଛନା କୁ ଗ୍ରହଣ କରିନେଇ ନିଜ ଶିଷ୍ୟ କୁ ଅମର କରି ଗଲେ

ISSN NO.
2582-208X

ଏବଂ ଧନ୍ୟ ସେଇ ଶିଷ୍ୟ ଯିଏ ଗୁରୁଙ୍କର ଆଜ୍ଞା ମାତ୍ରେ ଗୁରୁ ଙ୍କୁ ହସି ହସି ନିଜ ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ଟି କୁ କାଟି ଗୁରୁ ଦକ୍ଷିଣା ରୂପେ ଦେଇ ଦେଇଥିଲେ। ଯଦିଓ ସେ ଭଲ ଭାବରେ ଜାଣିଥିଲେ ଦକ୍ଷିଣ ହସ୍ତ ର ବୃଦ୍ଧାଙ୍ଗୁଠି ବିନା ସେ ଆଉ ଧନୁ ଚାଳନା କରି ପାରିବେ ନାହିଁ। ତଥାପି ସେ ତିଳେ ମାତ୍ର ବିଚଳିତ ନହୋଇ ଗୁରୁ ଙ୍କୁ ତାହା ଗୁରୁଦକ୍ଷିଣା ଭାବରେ ଦେଇ ଦେଇଥିଲେ ।

ଯାହାର ଫଳ ସ୍ୱରୂପ ଯୁଗ ଯୁଗ ପାଇଁ ଗୁରୁ ଶିଷ୍ୟ ର ପରମ୍ପରା ବିଷୟରେ ଯେବେବି ଆଲୋଚନା ହୁଏ ଏକଲବ୍ୟ ଙ୍କ ନାମ ଅର୍ଜୁନ ଙ୍କ ନାମ ପୂର୍ବରୁ ଆସେ। ସତରେ ଗୁରୁ ଙ୍କ ତ୍ୟାଗ ବିଷୟରେ ଜାଣିବା କେବେ ବି ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ହୋଇ ନଥାଏ। ତେଣୁ ଶାସ୍ତ୍ର ରେ କୁହା ଯାଇଛି –

"ଗୁରୁ ଙ୍କୁ ନ ମଣିବ ନର ଗୁରୁ ଯେ ସାକ୍ଷାତ ଈଶ୍ୱର ।"

ISSN NO.
2582-208X

# କାଗଜ ଡଙ୍ଗାରେ



ବୈଦ୍ୟନାଥ ପଣ୍ଡା

କାଗଜ ଡଙ୍ଗାରେ କାଗଜ ଡଙ୍ଗାରେ
ଭାସିଯା ଭାସିଯା ତୁ
ମୋ ପ୍ରିୟା ସହରକୁ
ନଈ ନାଳ ଡେଇଁ
ଯିବୁ ପାରି ହୋଇ
ଦେଇଦେବୁ ଏ ଚିଠିଟା
ତୁ ତାହାରି ହାତକୁ
କାଗଜ ଡଙ୍ଗାରେ କାଗଜ ଡଙ୍ଗାରେ

ପ୍ରିୟା ମୋର କେତେ
ବଡ଼ ହୋଇବନି
ମନେ ରଖିଛିକି
ଭୁଲି ସେ ଯିବନି
ଭଲକରି ବୁଝିବୁ ତୁ
ତା ମନ କଥାକୁ
କାଗଜ ଡଙ୍ଗାରେ କାଗଜ ଡଙ୍ଗାରେ......

ଭୁଲିଥିବ ଯେବେ
କହିବୁ ବୁଝାଇ

ISSN NO.
2582-208X

ସବୁ କଥା ଦେବୁ
ତା ମନେ ପକାଇ
ବୁଝିବୁ ସେ କେବେ ପୁଣି
ଆସିବ ଗାଆଁ କୁ
କାଗଜ ଡଙ୍ଗାରେ କାଗଜ ଡଙ୍ଗାରେ

ରହୁଛି ଏବେ ସେ
କୋଉ ସହରରେ
ଅଛିକି ମୁଁ ନାହିଁ
ତାହାରି ମନରେ
କହିବୁ ତା ଆଗେ ମୁଁ
କେତେ ଭଲପାଏ ତାକୁ
କାଗଜ ଡଙ୍ଗାରେ କାଗଜ ଡଙ୍ଗାରେ.......

ଅବଦଲ ପୁର, ଯାଜପୁର
ଦୂରଭାଷ-9439854199

ISSN NO.
2582-208X

# ସେ ଦିନର ସକାଳ ଆଉ ସଞ୍ଜ



ଡଃ ଅମୀୟ ମହାପାତ୍ର

ସିନ୍ଦୂରା ଫାଟିଲା
ପୂରୁବ ଆକାଶେ ସୂରୁଯ ଉଠିଲା
ପକ୍ଷୀ କଳରବ ସକାଳ ସନ୍ଦେଶ ଦେଇଗଲା ।
ସକାଳ ଶିତଳ ସୁଲୁ ସୁଲୁ ବାଆ
ଦେହ ଉଲୁସାଇ ଦିଏ,
ସୁନ୍ଦର ଶ୍ୟାମଳ ପ୍ରକୃତି ସୁଷମା
ଜନ ମନ ମୋହି ନିଏ ।
ସାରା ଆକାଶରେ ଧଳା ବାଦଲର
ପତଳା ଚାଦର ଧୀରେ ଧୀରେ ଭରିଗଲା,
କେତେ ରଙ୍ଗରେ ରଙ୍ଗୀମ ଆକାଶ
ଉଡ଼ି ବୁଲୁଛନ୍ତି କାକ କୁମ୍ଭାଟୁଆ
କଜଳପାତି, ହଳଦୀ ବସନ୍ତ
ପକ୍ଷୀଙ୍କ କୁଜନ ସଂଗୀତେ ସୁରେ ଭରି ଦେଲା ।
ସକାଳର ଏଇ ଅପୂର୍ବ ମୁହୂର୍ତ୍ତ
ଦିବ୍ୟ ଚେତନର ସ୍ନିଗ୍ଧ ଅନୁଭବ,
ପକ୍ଷୀ ମାନଙ୍କର କାକ୍ଳୀ କୂଜନ
କି ଚମତ୍କାର ଆହା ! କି ଅପରୂପ
ମନଲୋଭା ଏଇ ପ୍ରଭାତୀ ଲାବଣ୍ୟ ।
ଦିନ ଅବଶେଷେ
ଦିନମଣି ହସେ ପଶ୍ଚିମ ଆକାଶେ

ISSN NO.
2582-208X

ମାଗଇ ମେଲାଣି ଯିବାକୁ ବାସେ,
ଗାଁ ମନ୍ଦିରର ଘଣ୍ଟ ଘଣ୍ଟା ଧ୍ୱନୀ
ହରି ନିଏ ମନ ଅବସାଦ,
ଦୂରୁ ଭାସି ଆସେ ଗୁରୁ ଗମ୍ଭୀର
ଐଶ୍ୱରୀୟ ଶଙ୍ଖ ନାଦ ।
କେତେ ବେଳେ ପୁଣି, ଗାଁ ଦାଣ୍ଡରେ
ଗୋଧୂଳିର ଧୂଳି ଉଡେଇ ଉଡେଇ
ଘର ଲେଉଟାଣି ଗୋରୁ ପଲଙ୍କର
ଶୁଭେ ହମ୍ବା ରଡ଼ି ତାଳ ଦେଇ ।
ଗାଇଆଳ ପିଲା ବେସୁରା ବଂଶୀର,
ମୃଦୁ ସ୍ୱନ ଆସେ ଛୁଟି
ଦୂର ପାହାଡ଼ ଫାଙ୍କରେ ବୁଡି ଯାଏ ସୂର୍ଯ୍ୟ
ଲାଗେ, ସତେ କେଉଁ ଯଶୋଦା ମାଆର
ଅଝଟିଆ କହ୍ନା ବଇଁଶୀ ବଜେଇ
ମାଆର କୋଳକୁ ଆସୁଛି ଦଉଡ଼ି ଦଉଡି ।
ସରାଗରେ, ମା ' ଚାହିଁଛି ଯେମିତି
ପୁଅର ଆସିବା ବାଟକୁ,
କୋଳେ ଭରି ନେଇ କୁଣ୍ଢଇ ଧରି
ସେନେହ ଚୁମାରେ ଭରି ଦେଇ ଗଲା
କଅଁଳ ପୁଚୁକା ଗାଲକୁ ।
ସଂସାରେ ଦୁର୍ଲଭ ମାଆର ମମତା
କିଛି ନାହିଁ ତାର ସମ
ଜଗତେ ଶାଶ୍ୱତ ମା'ର ବାତ୍ସଲ୍ୟ ପ୍ରେମ ।

ଗ୍ରାମ- ର୍‌ସୋଳ, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୨୧

ISSN NO.
2582-208X

# ସ୍ୱାଧୀନତାର ଶୁଭେଚ୍ଛା ବାର୍ତ୍ତା



ଜୟନ୍ତୀ ଓଝା

ଆଜି ସ୍ୱାଧୀନତାର 77ତମ ସ୍ମରଣୀୟ ଦିବସ ଅବସରରେ ରାଷ୍ଟ୍ରର ସମସ୍ତ ନାଗରିକ ତଥା ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ, ଆଜିର ଏହି ସ୍ୱତନ୍ତ୍ରତା ବା ସ୍ୱାଧୀନତାର ସ୍ୱାଦ ଚାଖୁଥିବା ବ୍ୟକ୍ତି ବିଶେଷ ମାନେ, ଭାରତର ସ୍ୱର୍ଣ୍ଣିମ ତ୍ରିରଙ୍ଗା ଧ୍ୱଜାକୁ ଚାହିଁ ଶପଥ ନେବା ଯେ ଆମ ଭାରତମାତାର ଉତ୍ତରରେ ହିମାଳୟ ଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତ ମହାସାଗରର ନୀଳ ଢେଉରେ ମାଆର ପାଦ ଧୌତ କରି ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତେ ଜାଗି ଉଠି ଦେଶକୁ ରକ୍ଷାକରିବା । ଜ୍ଞାନ କୌଶଳ, ଶାଳୀନତା, ଦୟା କ୍ଷମା ଏବଂ ଶାନ୍ତି ଅହିଂସାର ବାର୍ତ୍ତାବହ ହୋଇ ମହାପୁରୁଷ ମାନଙ୍କୁ ଅନୁସରଣ କରିବା, ଯେଉଁମାନେ ଏଇ ଦେଶ ମାଟି ମା' ପାଇଁ ନିଜକୁ ଜଳାଞ୍ଜଳି ଦେଇ ଉତ୍ସର୍ଗୀକୃତ କରିଛନ୍ତି ।

ମୋ ପ୍ରିୟ ପରିବାର "ବେଦାନ୍ତୀ ଇ ପତ୍ରିକା" ଜରିଆରେ ରାଷ୍ଟ୍ରର ଉନ୍ନତି ସାଧନ ତଥା ବୀର ଜବାନଙ୍କ ନିମନ୍ତେ କୁସୁମିତ ତଥା ସୁଗନ୍ଧିତ ପୁଷ୍ପ ପାଖୁଡ଼ାରେ ସଜାଇଦେବା । ଆସନ୍ତୁ ସମସ୍ତ ବୀର ଯୋଦ୍ଧାଙ୍କୁ ସାଲ୍ୟୁଟ ଦେଇ ଭାରତ ମାତାର ପାଦସ୍ପର୍ଶ କରିବା ।

ବନ୍ଦେ ମାତରମ୍

ଧର୍ମଶାଳା, ଯାଜପୁର

ISSN NO.
2582-208X

# କୁଆଁରୀ ମାଆ



କାର୍ତ୍ତୀକେଶ୍ୱର ନାୟକ

କୁଆଁରୀ ମାଆ ହେବା ଏକ-ଅନୈତିକ, ଅସାମାଜିକ ତଥା ଅସମ୍ବିଧାନୀକ କ୍ରୟା । ଟ୍ରାଫିକ୍ ର ନାଲି ସଂକେତ ଦେଖି, ଆମେ ଅନଚ୍ଛାସ୍ୱତେ ଯେପରି ଗାଡି ରଖିବାକୁ ପଡେ, ଏବଂ ଏଥିରେ ହିଁ ଆମର ସୁରକ୍ଷା ଥାଏ । ଠିକ୍ ସେହିପରି "ସମାଜ" ସମସ୍ତଂକ ପାଇଁ ନାଲି ସଂକେତ । ଏହାକୁ ଉଲ୍ଲଂଘନ କଲେ, ଜୀବନରେ ଯନ୍ତ୍ରଣା ଭୋଗିବା କୁ ପଡିଥାଏ । ଏହା ସମସ୍ତଂକ ପାଇଁ ସତର୍କ ଘଂଟି ସଦୃଶ ।

ଏକ ଛୋଟ ପରିବାର । ମୀରା ଦେବୀ ବିଧବା ମାଆ ସଂଘମିତ୍ରା ଏବଂ ମୀରା ଦେବୀଂକ ୭ ବର୍ଷର ଝିଅ ଇରା । ମୀରାଦେବୀ କଲେଜ ଜୀବନରେ ଏକ ବିଦେଶୀ ଛାତ୍ର ସହ ପ୍ରେମ ସଂପର୍କ ଗଢି ଉଠିଥିଲା । ସେହି ସଂପର୍କ କୁ ନେଇ ଉଭୟ ବିବାହ ର ପ୍ରତିଶ୍ରୁତି ନିଷ୍ପତି ନେବା ପୂର୍ବ ରୁ ହିଁ, ଝିଅ ଇରା ର ଗର୍ଭ ସଂଗ୍ରର ହେଲା । ଉଭୟ ବହୁଚେଷ୍ଟା କରି ମଧ୍ଧ ଗର୍ଭ ନଷ୍ଟ କରିପାରିଲେ ନାହିଁ । ଫଳରେ "ଇରା" ର ଜନ୍ମ ହେଲା ।

ସାମାଜିକ କଟକଣା ଭୟରେ ପ୍ରେମିକ ଦେଶଛାଡି ଫେରାର୍ ହୋଇ ଗଲା । ୧୨ବର୍ଷ ହେଲା ପ୍ରେମିକ ର କୌଣସି ଖବର ନାହିଁ । ବିଧବା ମାଆ ସଂଘମିତ୍ରା ଝିଅ ମୀରା କୁ ବାରଂବାର ବୁଝାଇଛି, ତୁ ଏମିତି ଏକ ବାଟୋଇ, ଗୁଲୁ ଗୁଲୁ ବାଟବଣା ହେଲୁ। ତୁ ଏମିତି ଏକ ଗଛର ଫୁଲ ଅଦିନରେ ସମାଜ ର ମୂଖ୍ୟସ୍ରୋତ ରୁ ଝଡି ପଡିଲୁ । ତୋ ଦୁଃଖ ଦେଖି ହେଉନ କ ସହି ହେଉନ ମା ମୀରା, ତୁ ମହାଭାରତର କୁନ୍ତ ପରି କେତେ ଦିନ ମୌନବ୍ରତ ଗ୍ରହଣ କରିବୁ। ତୋର ରଖବାଲା ଦରକାର "ଇରା"ର ବାପା ଦରକାର, ମୋର ଉତରାଧିକାରୀ

ISSN NO.
2582-208X

ଦରକାର । ଏତିକିବେଳେ ହଠାତ୍ ସ୍କୁଲ ରୁ ଇର୍ କାନ୍ଦି କାନ୍ଦି ଘରକୁ ଫେରିଲା। ମା'ମୀରା ବ୍ୟସ୍ତ ହୋଇ କାନ୍ଦିବାର କାରଣ ପଚାରିଲେ । ତୋର କଣ ହୋଇଛି ମା' ଇରା' ? ଇରା ଜୋର୍ ରେ କାନ୍ଦି ପାଟିରେ କହିଲା..ମୋ ବାପା କାହିଁକି ନାହିଁ ? ସମସ୍ତଂକ ର ଅଛି, ସେ କୁଆଡେ ଗଲେ? କେବେ ଆସିବେ ? ଏଥିପାଇଁ ମୋର ସାଂଗ ସାଥି ମୋତେ ପରିହାସ କରୁଛନ୍ତି। କହୁଛନ୍ତି ତୋର ବାପା ନାହିଁ .... ମୁ ଆଉ ସ୍କୁଲ ଯିବି ନାହିଁ ।

ସଂଘମିତ୍ରା ଦେବୀ ପୁଣି ବୁଝାଇଲେ ମୀରା, ସମାଜ କୁ ଛାଡି ଆମେ କେହି ଚଳିପାରିବା ନାହିଁ । ସମାଜ ଏକ ସାମୁହିକ ଜୀବନ ର ଶୃଂଖଳିତ ତଥା ବଳିଷ୍ଠ ଅନୁଷ୍ଠାନ । ସମାଜ ରେ ସାମାଜିକ ଚଳଣି ଥାଏ । ମାନବୀୟ ମୂଲ୍ୟବୋଧ ହିଁ ସମାଜ ର ମେରୁଦଣ୍ଡ । ହଁ, ଭଲପାଇବା ହୋଇପାରେ, କିନ୍ତୁ ତାହା ସମାଜ ର ସ୍ଵୀକୃତି କ୍ରମେ ସଂପର୍କ ଦୀର୍ଘ ସ୍ଥାୟୀ ହୋଇଥାଏ । ମଣିଷ, ପରିବାର, ସମାଜ ସର୍ବପରି ସଭ୍ୟତା ଶୃଖଂଳିତ ହେବ । କୁମାରୀ ମାଆ ଭଳି କୁତ୍ସିତ ପରଂପରା ଯେପରି ପୁନର୍ବାର ଜନ୍ମ ନ ହୁଏ ।

ଶେଷରେ ମିରାଦେବୀ ମାଆ କଥାରେ ରାଜି ହେଲେ । ବିବାହର ଭେରୀ, ତୁରୀ ଏବଂ ମଂଗଳ ମହୁରୀ ବାଜି ଉଠିଲା । ଇରା' ବାପା ଓ ମୀରା ସ୍ଵାମୀ ପାଇଲା ।

ଶ୍ରୀବିହାର ବୌଦ୍ଧ
ph.7978128353.

ISSN NO.
2582-208X

# ନନ୍ଦୋତ୍ସବ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଆହା, ନନ୍ଦ ଘରେ ଗୋବିନ୍ଦ,
ଉଛୁଳଇ ଗୋପ ପୁର ସଭିଏଁ ଆନନ୍ଦ;
ନନ୍ଦ ଘରେ ଗୋବିନ୍ଦ,
ଆହା, ନନ୍ଦ ଘରେ ଗୋବିନ୍ଦ ।।

ରୂପରେ ମୋହିତ ଗୋପ ପୁର ନର ନାରୀ,
କୃଷ୍ଣ ମାୟାରେ ଆଛନ୍ନ ଜୀବନ ସବୁରି,
ବାଜେ ଟମକ ନିଶାଣ ବାଜେ ଭେରୀ ତୂରୀ,
ଲାଗିଛି ଉତ୍ସବ ଗୋପ ପଡୁଛି ଉଛୁଳ;
ଚମକଇ ଗୋପ ଦାଣ୍ଡ;
ନନ୍ଦ ଘରେ ଗୋବିନ୍ଦ,
ଆହା, ନନ୍ଦ ଘରେ ଗୋବିନ୍ଦ ।।

ଆନନ୍ଦେ ବିଭୋର ନନ୍ଦ ରାଣୀ ଯଶୋମତୀ,
ଆଦିତି କୋଳେ ଅଚ୍ୟୁତ ଯେମିତି ଦିଶନ୍ତ,
ସେମିତି ଦିଶନ୍ତ କାହ୍ନା ପ୍ରଭୁ ଯଦୁପତି,
ଗୋପାଳେ ସର୍ବେ ଲଉଡି ଖେଳେ ଛନ୍ଦ ମାତି;
ଚମକଇ ଗୋପ ଦାଣ୍ଡ;

ISSN NO.
2582-208X

ନନ୍ଦ ଘରେ ଗୋବିନ୍ଦ,
ଆହା, ନନ୍ଦ ଘରେ ଗୋବିନ୍ଦ ।।

ଘନ କାଳେ ନବଘନ ହୋଇଲେ ଉଦ୍ଭବ,
ଘନେ ବିଜୁଳ ସମାନ ଦିଶୁଅଛି ରୂପ,
ତା ସରୋଜ ପଦେ ମୋର କୋଟି ପ୍ରଣିପାତ,
କରି ବନ୍ଦେ ଶ୍ରୀଚରଣ ଭବ ଭୟ  ମୁକ୍ତ;
କର ବାରେ ରାଧାକାନ୍ତ;
ନପନ୍ଦ ଘରେ ଗୋବିନ୍ଦ,
ଆହା, ନନ୍ଦ ଘରେ ଗୋବିନ୍ଦ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X



# ନାରୀ



ରୀତାଞ୍ଜଳି ଡାଲୁଆ

ନାରୀ ରୂପେ ନାରାୟଣୀ ସେହି
ତାର କେତେ ରୂପ କେତେ କାହାଣୀ।
କେବେ ହୁଏ ସେ ସ୍ନିଗ୍ଧ ଜଳର ଧାର୍ ତ
କେବେ ହୁଏ ସେ ବହ୍ନି ଶିଖା ର ଜ୍ୱଳା।
କାହା ପାଇଁ ସେ ପ୍ରେମର ପ୍ରେୟସୀ ତ
କାହା ପାଇଁ ସେ ବିରହୀ ରାଗର ଝଡ଼।
କିଏ କହେ ତାକୁ ମମତାମହୀ ତ
କିଏ କହେ ତାକୁ ସହିଷ୍ଣୁତା ନାରୀ।
ତଥାପି ନାରୀ ଏଠି ହୁଏ ଅଭାଗିନୀ।।
ସମାଜ ପାଇଁ ନାରୀ ହୁଏ ଏଠି ବୋଝ
ସେଥିପାଇଁ ହୁଏ ଏଠି ନାରୀ ଭ୍ରୁଣ ହତ୍ୟା।
କେବେ ନାରୀ ଏଠି ହୁଏ ଧର୍ଷିତା ତ
କେବେ ନାରୀ ହୁଏ ଅତ୍ୟାଗ୍ରୀତା।
କାହା ପାଇଁ ନାରୀ ଉପଭୋଗ ର ପାତ୍ରୀ ତ
କାହା ପାଇଁ ନାରୀ ହୁଏ ଚର ବନ୍ଦିତା।

କିଏ କହେ ତାକୁ ଅବଳା ନାରୀ ତ
କିଏ କହେ ତାକୁ ସର୍ବଦା ଦୁଃଖିନୀ।
ନାରୀ ର ସମ୍ମାନ ରଖିବାକୁ ଯାଇ
ଦେବୀ ସୀତା ପୁଣି ଦେଲେ ଅଗ୍ନି ପରୀକ୍ଷା।
ତଥାପି ନାରୀ ଏଠି ନୁହଁଇ ଦୁର୍ବଳା।।
ତଥାପି ନାରୀ ଏଠି ନୁହଁଇ ଦୁର୍ବଳା।।

ଫୁଲପଡା, ନରସିଂହପୁର,କଟକ

ISSN NO.
2582-208X

ବେଦାନ୍ତି

# ମେଘରେ ମେଘ



ପ୍ରକାଶ କୁମାର ଗୁନ୍ଧ

ମେଘରେ ମେଘ କହରେ ମେଘ
କୋଉଠି ତୋର ବାସ
ଆସୁନୁ କାହିଁ ଆମ ଗାଆଁକୁ
କରିଚୁ କିବା ରୋଷ ।।
ତୋବିନା ଏଠି ପଶୁଠୁ ପକ୍ଷୀ
ସଭିଁଏ ଛଟପଟ
ଖରାର ତାତି ଜଳେଇ ମାରେ
ଭୋଗୁଛୁ ବହୁ କଷ୍ଟ ।।
ଶୁଖିଲା ନଈ ଶୁଖିଛି ଭୂଇଁ
ନାହିଁ ଟୋପାଏ ପାଣି
ମନ ଦୁଃଖରେ ବସିଛୀ ଏକା
ମାଆ ବେଙ୍ଗୁଲୀରାଣୀ ।।
ଗଛପତର ଜଳିଗଲାଣି
ଜଳିଗଲାଣି ଘାସ
ବେଳକୁବେଳ ଚାଷୀର ଓଠୁ
ଉଭେଇଯାଏ ହସ ।।

ସାଧବବୋହୂ ଦିଶୁନି ଆଉ
ନାହିଁରେ ତୁ ବୋଲି
ପଡୁନି ଆଉ ଇନ୍ଦ୍ରଧନୁଟି
ଆକାଶ ଦିଶେ ଖାଲି ।।
ନାଉରୀ ଭାଇ ଗାଉନି ଗୀତ
ଘାଟରେ ବସି ଆଉ
ଫୁଟୁ ନାହାନ୍ତି ମଧୁମାଳତୀ
ବଢୁନି ତାଙ୍କ ଭାଉ ।।
ଉଠନ୍ତୁ ହସି ସକଳପ୍ରାଣୀ
ପାଇ ତୋହରି ଛୁଆଁ
ଆରେ ତୁହି ବଉଦ ସାଥେ
ହସୁ ଆମରି ଗାଆଁ ।।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# 'ଅନୋମାର କନ୍ୟା' : ଏକ ଐତିହାସିକ ଅନୁଶୀଳନ



ସୁମିତ୍ରା ପୃଷ୍ଟି

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନୂତନତା ଓ ବୈଚିତ୍ର୍ୟ ଆନୟନ କ୍ଷେତ୍ରରେ ଯଶସ୍ୱୀ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖଯୋଗ୍ୟ । ସେ ନିଜର ଅଜସ୍ର ସୃଷ୍ଟି ସମୂହ ମାଧ୍ୟମରେ ଓଡ଼ିଆ କଥାସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିବା ସହିତ ଜଣେ ସର୍ବାଧିକ ଜନପ୍ରିୟ ଔପନ୍ୟାସିକ ଭାବରେ ମଧ୍ୟ ପରିଚିତ ଲାଭ କରିଛନ୍ତି । ଆଧୁନିକ ସମାଜରୁ ବିଭିନ୍ନ ତଥ୍ୟ ସଂଗ୍ରହକରି ସେଥିରେ ନିଜ ଅନୁଭବ ଏବଂ ଅନୁଭୂତିର ସଂଯୋଗ କରିବା ସହିତ ଅନୁପମ ଶୈଳୀ ମାଧ୍ୟମରେ ତାକୁ ନିଜ ଉପନ୍ୟାସଗୁଡ଼ିକରେ ସ୍ଥାନ ଦେଇଛନ୍ତି । ତାଙ୍କ ଉପନ୍ୟାସଗୁଡ଼ିକ ସାଧାରଣତଃ ସାମାଜିକ ସମସ୍ୟା କୈନ୍ଦ୍ରିକ । ଚମତ୍କାର କଥାବସ୍ତୁ, ମାର୍ଜିତ ଭାଷା, ପ୍ରତୀକାତ୍ମକ ଚରିତ୍ର ଚିତ୍ରଣ ଏବଂ ଉନ୍ନତ ରଚନାଶୈଳୀ ଯୋଗୁ ତାଙ୍କ ଉପନ୍ୟାସଗୁଡ଼ିକ ପରିପୂର୍ଣ୍ଣତା ଲାଭ କରିଛି । ଶାନ୍ତନୁ କୁମାର ଆଚାର୍ଯ୍ୟ ଉପନ୍ୟାସ ରଚନା କରିବା ସହିତ ଅଜସ୍ର ଗଳ୍ପ ଏବଂ ବହୁ ସାର୍ଥକ ଶିଶୁସାହିତ୍ୟର ସ୍ରଷ୍ଟା ଭାବରେ ସେ ଅନେକ ସଫଳତାର ଅଧିକାରୀ ହୋଇପାରିଛନ୍ତି ।

ଶାନ୍ତନୁ କୁମାର ଆଚାର୍ଯ୍ୟ ୧୯୩୩ ମସିହା ମେ ମାସ ୧୫ ତାରିଖରେ ପିତା ଅନନ୍ତ ଚରଣ ଆଚାର୍ଯ୍ୟ ଏବଂ ମାତା କୃଷ୍ଣପ୍ରିୟା ଦେବୀଙ୍କ କୋଳମଣ୍ଡନ କରି କଲିକତାର ସୁମିନପୁରଠାରେ ଜନ୍ମ ଗ୍ରହଣ କରିଥିଲେ । ସେତେବେଳେ ତାଙ୍କ ଅଜା କୁଳମଣି ମିଶ୍ର ପ୍ରଥମ ବିଶ୍ୱଯୁଦ୍ଧର ସୈନିକ ପଦରୁ ସେବାନିବୃତ୍ତ ହୋଇ କଲିକତାରେ ଇଞ୍ଜିନିୟର ଭାବେ ଅବସ୍ଥାନ କରୁଥିଲେ। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ବାଲ୍ୟଜୀବନ କଟିଥିଲା ତାଙ୍କ ମାତୃଭୂମି କଟକର ସିଦ୍ଧେଶ୍ୱରପୁର ଗ୍ରାମର ଏକ ପ୍ରଖ୍ୟାତ ଜମିଦାର ପରିବାରରେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

ISSN NO.
2582-208X

ନର୍ମାତା ଗୋପାଳଚନ୍ଦ୍ର ପ୍ରହରାଜଙ୍କର ସେ ଥିଲେ ବଂଶଜ । ଶାନ୍ତନୁଙ୍କୁ ନଅବର୍ଷ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ଅକାଳବିୟୋଗ ହୋଇଥିଲା । ପିତା ଅନନ୍ତ ଚରଣ ଆଚାର୍ଯ୍ୟ ଥିଲେ ଜଣେ ଆଦର୍ଶ ଶିକ୍ଷକ । ପିତା ଏବଂ ଅଜାଙ୍କ ପ୍ରେରଣାରେ ସେ ଗାଁ ସ୍କୁଲରୁ ମାଟ୍ରିକ୍ ପାସ୍ କରି ରେଭେନ୍ସା କଲେଜରେ ଆଇ.ଏସ.ସି ଶ୍ରେଣୀରେ ନାମ ଲେଖାଇଲେ । ଆଇ.ଏସ.ସି ରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ସେ ରସାୟନ ବିଭାଗରେ ସମ୍ମାନ ରଖି ୧୯୫୩ ମସିହାରେ ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ପରେ ସେ ଏମ.ବି.ବି.ଏସ୍ ଶ୍ରେଣୀରେ ନାମ ଲେଖାଇଥିଲେ ମଧ୍ୟ ସେଥିପ୍ରତି ଅନାଶକ୍ତ ଭାବ ପ୍ରକାଶ କରି ରେଭେନ୍ସା କଲେଜରେ ରସାୟନ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇଲେ । ୧୯୫୬ ମସିହାରେ ସ୍ନାତକୋତ୍ତର ପଢା ଶେଷକରି ସେ ଆସାମର ଶିବସାଗର କଲେଜରେ ଅଧ୍ୟାପକ ଭାବରେ ଯୋଗଦାନ କଲେ । ସେଠାରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟିହେବାରୁ ସେ ଚାକରି ଛାଡ଼ି ସମ୍ବଲପୁରର ଓରିଏଣ୍ଟ ପେପରମିଲରେ ବୈଜ୍ଞାନିକ ଭାବରେ ଯୋଗଦାନ କଲେ । ପରେ ସେ ୧୯୫୮ ମସିହାରେ ପାରଳାଖେମୁଣ୍ଡିର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଦେବ ମହାବିଦ୍ୟାଳୟରେ ରସାୟନ ବିଭାଗରେ ଅଧ୍ୟାପକ ଭାବେ ଯୋଗଦାନ କଲେ । ଏହାପରେ ଓଡ଼ିଶାର ଶିକ୍ଷା ବିଭାଗର ବିଭିନ୍ନ ପଦବୀରେ ସେ ଅଧିଷ୍ଠିତ ହୋଇ ୧୯୯୨ ମସିହାରେ ଚାକରିରୁ ଅବସର ଗ୍ରହଣ କରିଥିଲେ ।

ବାଲ୍ୟକାଳରୁ ମାତାଙ୍କୁ ହରାଇ ପ୍ରକୃତିର ସବୁଜିମା ଭିତରେ ମା'ଙ୍କ ଉପସ୍ଥିତିକୁ ଅନୁଭବ କରୁ କରୁ କବିତା ଲେଖିବା ଆରମ୍ଭ କରିଥିଲେ । ସେଇଠୁ ତାଙ୍କର ଲେଖକ ଜୀବନର ଅୟମାରମ୍ଭ ହୋଇଥିଲା । ଔପନ୍ୟାସିକ ତାଙ୍କର ସାହିତ୍ୟ ସୃଷ୍ଟି ସମ୍ପର୍କରେ କୁହନ୍ତି, - "ପ୍ରତ୍ୟେକ ମଣିଷର ମସ୍ତିଷ୍କରେ ଦୁଇଟି କୋଠରି ଅଛି । ବାମ କୋଠରିଟି ବାସ୍ତବଧର୍ମୀ ହେତୁ ସେଥିରେ ପ୍ରଭାବିତ ଜଣେ ବ୍ୟକ୍ତି ଡାକ୍ତର, ଇଞ୍ଜିନିୟର ବା ସମାଲୋଚକ ହେବାରେ ରୁଚି ରଖିଥାନ୍ତି । ମାତ୍ର ଡାହାଣ କୋଠରିଟି ସ୍ୱପ୍ନାଭିମୁଖୀ ହେତୁ ତଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷ ସର୍ବଦା ସ୍ୱପ୍ନ ରାଜ୍ୟରେ ବିଚରଣ କରି ଦାର୍ଶନିକ ଦୃଷ୍ଟିଭଙ୍ଗୀ ନେଇ କବିତା ଲେଖିବା ଆଦି ସୃଜନଶୀଳତାରେ ମଗ୍ନ ରହନ୍ତି । ଅଧିକାଂଶ କ୍ଷେତ୍ରରେ ଯେ କୌଣସି ଗୋଟିଏ କୋଠରି କ୍ରିୟାଶୀଳ ହୋଇଥାଏ ଏବଂ ତଦନୁଯାୟୀ ସେମାନେ କାମ କରିଥାନ୍ତି ।"(୧) କିନ୍ତୁ ଔପନ୍ୟାସିକ ଜଣେ ବିଚକ୍ଷଣ ପ୍ରତିଭାର ଅଧିକାରୀ ହୋଇଥିବା ଯୋଗୁ ତାଙ୍କର ଦୁଇଟିଯାକ କୋଠରି କ୍ରିୟାଶୀଳ । ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଜନ୍ମ

ISSN NO.
2582-208X

ଗ୍ରହଣ କରିଥିବାରୁ ଭାରତ ଇତିହାସର ବିଭିନ୍ନ ଘଟଣା ଦୁର୍ଘଟଣା ସହ ସେ ପରିଚିତ ଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା, ଭାରତୀୟ ସ୍ୱାଧୀନତା ସଂଗ୍ରାମର ରଣହୁଙ୍କାର ସହ ସେ ପରିଚିତ ହେବା ସହିତ ସ୍ୱାଧୀନତା ପରବର୍ତ୍ତୀ ସମୟର ସ୍ୱପ୍ନଭଙ୍ଗ, ମୂଲ୍ୟବୋଧର ଅବକ୍ଷୟ, ରାଜନୈତିକ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ସହ ମଧ୍ୟ ସେ ପରିଚିତ ଥିଲେ । ତେଣୁ ସମାଜର ଏପରି ଏକ ସଂକଟାପନ୍ନ ପରିସ୍ଥିତିରେ କବିତାକୁ ପାଥେୟ କରି ସାମାଜିକ ସମସ୍ୟାକୁ ବାଖ୍ୟା କରିବା ସମ୍ଭବ ହେବନାହିଁ ବୋଲି ଅନୁଭବ କରି କଥା ସାହିତ୍ୟ ସୃଷ୍ଟି କରିବାକୁ ଚିନ୍ତା କଲେ । ପ୍ରଥମେ ଗଳ୍ପ ରଚନାରେ ମନୋନିବେଶ କରି ୧୯୫୯ ମସିହାରେ ମାସିକ 'ଝଙ୍କାର' ପତ୍ରିକାରେ ତାଙ୍କର ପ୍ରଥମ ଗଳ୍ପ 'ମନମର୍ମର'କୁ ଲୋକଲୋଚନକୁ ଆଣନ୍ତି। ପରବର୍ତ୍ତୀ ସମୟରେ ସେ ଉପନ୍ୟାସ ରଚନାରେ ପାଦଦେଇ ୧୯୬୨ ମସିହାରେ ପ୍ରକାଶ କରନ୍ତି ତାଙ୍କର ପ୍ରଥମ ଉପନ୍ୟାସ 'ନରକିନ୍ନର' । ଏହାପରେ ସେ ନିଜ ଲେଖକୀୟ ଜୀବନର ଅଗ୍ରଗତି ଘଟାଇ ଅନେକ ଗଳ୍ପ, ଉପନ୍ୟାସ ସୃଷ୍ଟି କରିବାରେ ଅପୂର୍ବ ଦକ୍ଷତା ପ୍ରଦର୍ଶନ କରିବା ସହିତ ବହୁ ସମ୍ମାନ ଜନକ ପୁରସ୍କାରର ମଧ୍ୟ ଅଧିକାରୀ ହୋଇଛନ୍ତି । 'ନରକିନ୍ନର' ଉପନ୍ୟାସ ନିମନ୍ତେ ସେ ୧୯୬୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୮୬ ମସିହାରେ କ୍ଷୁଦ୍ରଗଳ୍ପ ପାଇଁ ଝଙ୍କାର ପୁରସ୍କାର, 'ଶକୁନ୍ତଳା' ଉପନ୍ୟାସ ପାଇଁ ୧୯୮୭ ରେ ସାରଳା ପୁରସ୍କାର, ୧୯୯୩ ମସିହାରେ 'ଚଳନ୍ତି ଠାକୁର' କ୍ଷୁଦ୍ରଗଳ୍ପ ସଂକଳନ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୯୬ ମସିହାରେ ବିଷୁବ ପୁରସ୍କାର, ୨୦୦୩ ମସିହାରେ ସାହିତ୍ୟ ଭାରତୀ ସମ୍ମାନ, ୨୦୧୪ ମସିହାରେ ଅତିବଡୀ ଜଗନ୍ନାଥ ଦାସ ସମ୍ମାନ ଏବଂ ୨୦୨୧ ମସିହାରେ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ଦ୍ୱାରା ସମ୍ମାନିତ ହୋଇଥିଲେ । 'ନରକିନ୍ନର'ର ସଫଳତା ପରେ ସେ ଉପନ୍ୟାସ ରଚନାରେ ମନୋନିବେଶ କରି ଅନେକ ଉପନ୍ୟାସ ସୃଷ୍ଟି କରିବା ସହିତ ଜଣେ ଶ୍ରେଷ୍ଠ ଔପନ୍ୟାସିକର ମର୍ଯ୍ୟାଦା ଲାଭ କରିଛନ୍ତି । ତାଙ୍କ ରଚିତ ଉପନ୍ୟାସଗୁଡ଼ିକ ହେଲା 'ନରକିନ୍ନର'(୧୯୬୨)', 'ଶତାବ୍ଦୀର ନଚିକେତା'(୧୯୬୫), 'ତିନୋଟି ରାତିର ସକାଳ'(୧୯୬୯), 'ଦକ୍ଷିଣାବର୍ତ୍ତ'(୧୯୭୩), 'ଯାତ୍ରାର ପ୍ରଥମ ପାଦ'(୧୯୭୬), 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ'(୧୯୭୭), 'ଶକୁନ୍ତଳା'(୧୯୮୦), 'ମନ୍ତ୍ରୀଙ୍କ ସେୟାର'(୧୯୮୮), 'ଧରିତ୍ରୀର କାନ୍ଦ'(୧୯୯୪), 'ଅଦୃଶ୍ୟ ଜଗତରୁ ବାର୍ତ୍ତା'(୧୯୯୬), 'ଅନୁ ହଜିଯିବା ପରେ'(୧୯୯୬), 'ବିଲି ଗୋଟ ବନାମ ଉରୁବେଳ ଘୋଟକ'(୧୯୯୭), 'ସ୍ୱର୍ଣ୍ଣ ତ୍ରିଭୁଜ'(୧୯୯୮), 'ତୃଷ୍ଣା :

ISSN NO.
2582-208X

ଏକ ଅନାବିଷ୍କୃତ ଆମେରିକା'(୧୯୯୯), 'ଅନୋମାର କନ୍ୟା'(୨୦୦୨) ଏବଂ 'ଜେଜେ ମଲ୍ଲପରେ'(୨୦୨୦ ) ପ୍ରଭୃତି ।

ଔପନ୍ୟାସିକଙ୍କ ଉପନ୍ୟାସର ଚରିତ୍ରଗୁଡ଼ିକ ସାଧାରଣତଃ ବାସ୍ତବଧର୍ମୀ । ଅଧିକାଂଶ ଚରିତ୍ରଗୁଡ଼ିକ ପ୍ରତିନିଧି ସ୍ଥାନୀୟ । ସମାଜର ବିଭିନ୍ନ ସ୍ତରରୁ ଚରିତ୍ରଗୁଡ଼ିକୁ ଆଣି ତାଙ୍କ ଉପନ୍ୟାସଗୁଡ଼ିକରେ ଉପଯୁକ୍ତ ଭାବରେ ଚୟନ କରିବାରେ ସେ ଅପୂର୍ବ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଚରିତ୍ରଗୁଡ଼ିକର ଚାରିତ୍ରିକ ମହତ୍ତ୍ୱ ପ୍ରତିପାଦନରେ ଔପନ୍ୟାସିକ ଯଥେଷ୍ଟ ସଫଳତା ଲାଭ କରିଛନ୍ତି । ଡକ୍ଟର ବିଜୟ କୁମାର ପଟ୍ଟନାୟକଙ୍କ ମତରେ, -"ସୂକ୍ଷ୍ମଦ୍ରଷ୍ଟା ଶାନ୍ତନୁଙ୍କ ଚରିତ୍ରମାନେ ନିଜ ବାସ୍ତବ ଅନୁଭୂତିରୁ ସଞ୍ଜାତ, ସାଂପ୍ରତିକ ବିକଳାଙ୍ଗ ସମାଜର ସେମାନେ ଜଣେ ଜଣେ ପ୍ରତିନିଧି, ବାସ୍ତବତା ସହ ମୁହାଁ ମୁହିଁ ହେଉଥିବା କଥା ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ଧରାବନ୍ଧା ପ୍ଲଟ ନାହିଁ । ଏଥିରେ ହିଁ ସମକାଳୀନ କଥାକାରମାନଙ୍କ ଠାରୁ ଶାନ୍ତନୁଙ୍କ କଥା ସାହିତ୍ୟର ସ୍ୱତନ୍ତ୍ରତା ବାରିହୋଇପଡେ ।"(୨)

ପୁରାଣ ଓ ଉପନିଷଦଗୁଡ଼ିକରୁ ଚରିତ୍ରଗୁଡ଼ିକୁ ସଂଗ୍ରହକରି ତାକୁ ଆଧୁନିକ ସମାଜରେ ପ୍ରତୀକାତ୍ମକ ଶୈଳୀରେ ଉପସ୍ଥାପନ କରିବାରେ ଔପନ୍ୟାସିକ ଅପୂର୍ବ ସିଦ୍ଧି ଲାଭ କରିଛନ୍ତି। ତାଙ୍କ ଉପନ୍ୟାସର ଚରିତ୍ରଗୁଡ଼ିକ ବିଭିନ୍ନ ସାମାଜିକ ସମସ୍ୟା ଏବଂ ସଙ୍କଟରେ ପଡ଼ି ସର୍ବଦା ବ୍ୟତିବ୍ୟସ୍ତ ହେଉଥାନ୍ତି । ସେମାନେ ମଧ୍ୟ ବେଳେ ବେଳେ ମାନସିକ ଅବସାଦଗ୍ରସ୍ତ ଏବଂ ବିବ୍ରତ ହୋଇପଡ଼ନ୍ତି । ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ମତରେ,- "ଚରାଚରିତ ବିଷୟବସ୍ତୁକୁ ଆହରଣ କରି ସୃଷ୍ଟି ହୋଇନଥିବା ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ ଉପନ୍ୟାସର ବିଷୟବସ୍ତୁ ଶସ୍ତା କିମ୍ବା ଗତାନୁଗତିକ ନୁହେଁ । ତାଙ୍କର ପ୍ରତ୍ୟେକ ଉପନ୍ୟାସରେ ଶେଷ ଜୀବନର ଗଭୀରତମ ଉପଲବ୍ଧି ରହିଛି । ତାଙ୍କ ଉପନ୍ୟାସର ଶୈଳୀ ମଧ୍ୟ ଅନନ୍ୟ ସାଧାରଣ । ଆଙ୍ଗିକ ଓ ଆତ୍ମିକ ଉଭୟଦୃଷ୍ଟିରୁ ବିଚାରକଲେ ଶାନ୍ତନୁଙ୍କ ଉପନ୍ୟାସ ଅନ୍ୟାନ୍ୟ ଉପନ୍ୟାସମାନଙ୍କ ମଧ୍ୟରୁ ବାଛି ହୋଇଯାଏ ।"(୩)

ଔପନ୍ୟାସିକଙ୍କର ଏକବିଂଶ ଶତକରେ ରଚିତ ଉପନ୍ୟାସଟି ହେଉଛି 'ଅନୋମାର କନ୍ୟା'। ଏହି ଉପନ୍ୟାସରେ ଔପନ୍ୟାସିକ ବୁଦ୍ଧଙ୍କ ଜନ୍ମସ୍ଥାନ ସମ୍ପର୍କିତ ଐତିହାସିକ ଦ୍ୱନ୍ଦ୍ୱର ଉପସ୍ଥାପନା କରାଯାଇଛି । ଉପନ୍ୟାସର ମୁଖ୍ୟ ଚରିତ୍ର ରଘୁନାଥ

ISSN NO.
2582-208X

କଲ୍ମ(ରଘୁମାଷ୍ଟ୍ରେ) ନିଜ ବଂଶର ଇତିହାସ ଜାଣିବାକୁ ଆଗ୍ରହୀ, ସେଥିପାଇଁ ସେ ଗବେଷଣାରତ । ସ୍ତ୍ରୀ ପଦ୍ମାବତୀ ଏବଂ ଝିଅ ଚନ୍ଦ୍ରୋତ୍ପଳା(ଚତୁ) ଏବଂ ପୁଅ ରାମନାଥ କଲ୍ମ (ରମୁ) କୁ ନେଇ ତାଙ୍କର ପରିବାର ଗଠିତ । ରଘୁମାଷ୍ଟ୍ରେଙ୍କ ଘର ଚନ୍ଦ୍ରୋତ୍ପଳା ନଦୀ କୂଳରେ । ଏହି ନଦୀର ପ୍ରାଚୀନ ନାମ ଅନୋମା । ଦିନେ ଏହି ଅନୋମା ନଦୀକୁ ଦେଖି ଗୌତମ ବୁଦ୍ଧ ଅଭିଭୂତ ହୋଇଯାଇଥିଲେ । ନଦୀ କୂଳରେ ଥିବା ଅଲାର କଲାମଙ୍କ ଆଶ୍ରମରେ ଗୌତମ ବୁଦ୍ଧ ପହଞ୍ଚି ନିଜ ମୁଣ୍ଡର ସୁନ୍ଦର କେଶରାଶିକୁ କାଟି ଦେଇଥିଲେ । ନିଜସହ ଆଣିଥିବା ସଇସ ଛନ୍ଦକ, ଖଡ୍ଗ ଏବଂ ଅଶ୍ୱକୁ ପିତାଙ୍କ ପାଖକୁ ଫେରାଇଦେଇ ଅଲାର କଲାମଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସେହି ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ । ପୂର୍ବର ସେହି ଅଲାର କଲାମଙ୍କ ଆଶ୍ରମ ବର୍ତ୍ତମାନ ରଘୁମାଷ୍ଟ୍ରେଙ୍କ ପୈତୃକ ଘର । ସେ ନିଜ ବଂଶର ଇତିହାସ ଏବଂ ଅନୋମା ନଦୀର ଇତିହାସ ଜାଣିବାକୁ ଆଗ୍ରହୀ । ସେଥିପାଇଁ ସେ ସର୍ବଦା ଗବେଷଣା ଜାରି ରଖିଥାନ୍ତି । ଚନ୍ଦ୍ରୋତ୍ପଳା ନଦୀବନ୍ଧ ଉପରେ ଥିବା ତାଙ୍କ ସାବକ ଘରର ମୂଳଦୁଆ ଖୋଳା କାର୍ଯ୍ୟରେ ସେ ସବୁବେଳେ ବ୍ୟସ୍ତଥାନ୍ତି । ଦିନେ ସେ ସୁଡ଼ଙ୍ଗରେ ଆବିଷ୍କାର କଲେ ଜଣେ ଜାପାନ ଫେରନ୍ତା ବୌଦ୍ଧ ଭିକ୍ଷୁଙ୍କୁ । ସେହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରଭାବରେ ସାରା ପୃଥିବୀରେ ଯୁଦ୍ଧ ଏବଂ ବିଭୀଷିକାର ତାଣ୍ଡବଲୀଳା ଚାଲିଥାଏ । ଜାପାନୀ ଗୁପ୍ତଚରମାନେ ଓଡ଼ିଶାଆସି ନାନା ଆତଙ୍କ ସୃଷ୍ଟି କରୁଥିଲେ । ରଘୁମାଷ୍ଟ୍ରେଙ୍କ ବାଲ୍ୟବନ୍ଧୁ ଦିବ୍ୟକିଶୋର ଜଣେ ପୋଲିସ୍ ଅଫିସର ହୋଇଥିବାରୁ ଜାପାନୀ ଗୁପ୍ତଚରମାନଙ୍କୁ ଖୋଜୁଥିଲେ । ସେ ରଘୁମାଷ୍ଟ୍ରେଙ୍କ ଘରେ ଥିବା ବୌଦ୍ଧ ଭିକ୍ଷୁ କାଜୁ୍ୟୟୋଦାଙ୍କୁ ଦେଖି ଜାପାନୀ ଗୁପ୍ତଚର ଭାବି ହାଜତକୁ ନେଇଗଲେ ଏବଂ ରଘୁମାଷ୍ଟ୍ରେ ତାଙ୍କୁ ଆଶ୍ରୟ ଦେଇଥିବାରୁ ତାଙ୍କୁ ମଧ୍ୟ ହାଜତକୁ ନିଆଗଲା । ଦିବ୍ୟକିଶୋର ରଘୁନାଥଙ୍କ ମୂଳଦୁଆ ତଳେ ପୋତାହୋଇଥିବା ଧନଲାଭ ଆଶାରେ ରଘୁନାଥଙ୍କ ଝିଅ ଚନ୍ଦ୍ରୋତ୍ପଳାକୁ ବୋହୂ କରିବାର ପ୍ରସ୍ତାବ ଦିଅନ୍ତି ଏବଂ ରଘୁନାଥଙ୍କ ଘରେ ରହିଥିବା ଭିକ୍ଷୁ କାଜୁ୍ୟୟୋଦାଙ୍କୁ ଜାପାନ ଗୁପ୍ତଚର ଭାବେ ଆଇନ ହାତରେ ଧରାଇଦେଇ ପୁରସ୍କୃତ ହୋଇଛନ୍ତି । ଦେଶ ସ୍ୱାଧୀନ ହେବାପରେ ହୋଇଥିବା ନିର୍ବାଚନରେ ରଘୁମାଷ୍ଟ୍ରେ ଜିତିଲେ । ତାଙ୍କୁ ପୋଲିସ୍ ବିଭାଗ ମିଳିଲା । ହେଲେ ଶପଥ ଗ୍ରହଣ ଦିନ ସେ କାଜୁ୍ୟୟୋଦାଙ୍କ ସହ କେଉଁଆଡ଼େ ଉଭାନ ହୋଇଗଲେ । ଦିବ୍ୟକିଶୋର ରଘୁନାଥଙ୍କୁ ଶପଥ ଗ୍ରହଣ କରାଇନଦେବା ପାଇଁ ସେଦିନ ତାଙ୍କ ସାମ୍ନାରେ ଆଣି ଛିଡାକରେଇଥିଲେ କାଜୁ୍ୟୟୋଦାଙ୍କୁ ଏବଂ ଦଫାଦାର ରାଜୁଜେନା ମାଧ୍ୟମରେ ରଘୁନାଥଙ୍କ ମୂଳଦୁଆ ତଳୁ ସୁନାଗହଣା ଏବଂ ସ୍ୱର୍ଣ୍ଣଫରୁଆ ହଡପ୍

ISSN NO.
2582-208X

କରିଛନ୍ତୁ । ଯେଉଁ ସ୍ୱର୍ଣ୍ଣଫରୁଆ ଭିତରେ ଥିଲା ରଘୁନାଥଙ୍କ ବଂଶ ଇତିହାସର ମୁଖ୍ୟ ଉପାଦାନ । ଯାହାକୁ ପାଇବାପାଇଁ ମାଷ୍ଟ୍ରେ ଅନେକ ପରିଶ୍ରମ କରି ମାଟି ଖୋଳଗୃଲିଥିଲେ । ସେହି ଫରୁଆ ଭିତରେ ଥିଲା ଗୌତମ ବୁଦ୍ଧଙ୍କ ପବିତ୍ର କେଶଗୁଚ୍ଛି । ଯେଉଁ ପବିତ୍ର କେଶଗୁଚ୍ଛିକୁ ସେ ଅଲାର କଲାମଙ୍କ ଆଶ୍ରମରେ କାଟି ସନ୍ନ୍ୟାସ ଧର୍ମ ଗ୍ରହଣ କରିଥିଲେ । ବୁଦ୍ଧଙ୍କର ସେହି ପବିତ୍ର କେଶଗୁଚ୍ଛି ପାଇଁ ହୁଏତ ତାଙ୍କ ଗାଁର ନାମ 'କେଶନଗର' ହୋଇଥାଇପାରେ ବୋଲି ରଘୁମାଷ୍ଟ୍ରେ ବିଶ୍ୱାସ କରୁଥିଲେ । ରଘୁନାଥ କାଜ୍ୟୁୟୋଦାଙ୍କ ସହ ବୁଦ୍ଧଙ୍କ ଜନ୍ମସ୍ଥାନ ଦର୍ଶନ ଅଭିଳାଷରେ ନେପାଳର କପିଳବାସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ ଏବଂ ତରାଇ ପିଲାର ନିକଟକୁ ଯିବାଫଳରେ ତାଙ୍କ ମନରେ ବୁଦ୍ଧଙ୍କ ଜନ୍ମସ୍ଥାନ ସମ୍ପର୍କରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଯାହାକୁ ଔପନ୍ୟାସିକ ନିଜ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରିଛନ୍ତୁ ।

ଇତିହାସ ଅନୁଯାୟୀ ବୁଦ୍ଧଙ୍କ ଜନ୍ମସ୍ଥାନ ନେପାଳର କପିଳାବାସ୍ତୁ ନିକଟବର୍ତ୍ତୀ 'ରୁମିନଦେଇ' ବା ଲୁମ୍ବିନୀରେ । ଉପନ୍ୟାସରେ ବର୍ଣ୍ଣିତ ଅଛି ଯେ ପଦରିଆ ଗାଁରୁ ଜର୍ମାନୀ ଐତିହାସିକ ଡକ୍ଟର ଫ୍ୟୁରର ବୁଦ୍ଧଙ୍କ ଜନ୍ମସ୍ଥଳୀର ପ୍ରମାଣପତ୍ର ସ୍ୱରୂପ ଏକ ଶିଳାଲିପିକୁ ପାଇଥିଲେ ୧୮୯୬ ମସିହାରେ, ଫ୍ୟୁରର ସାହେବ ଭଗବାନ ବୁଦ୍ଧଙ୍କ ପରିନିର୍ବାଣ ପରେ ଏ ପଦରିଆ ସ୍ଥାନର ନୂଆ ନାମକରଣ କରିଥିଲେ 'ରୁମିନଦେଇ' । ଔପନ୍ୟାସିକଙ୍କ ଭାଷାରେ, – "ପଦରିଆ ଯଦି 'ରୁମିନଦେଇ' ହୋଇପାରେ ତେବେ, ଆଜିର କପିଳେଶ୍ୱରର ପ୍ରଗନ୍ନା ନାମ 'ଲୁମ୍ବେଇ' କାହିଁକି ଲୁମ୍ବିନୀ ନହେବ ? ଆପଣ ତ କହୁଥିଲେ ୧୯୨୮ ରେ ଓଡ଼ିଶାର କପିଳେଶ୍ୱର ଗାଁରୁ ଆବିଷ୍କୃତ ହୋଇଥିଲା ଅନ୍ୟ ଏକ ଅନୁରୂପ ଶିଳାଲିପି ଯାହା ଏବେ ଗଚ୍ଛିତ ଅଛି କଲିକତା ବିଶ୍ୱବିଦ୍ୟାଳୟର ଆଶୁତୋଷ ମ୍ୟୁଜିୟମରେ ।"(୪) ରଘୁନାଥ ଏବଂ କାଜ୍ୟୁୟୋଦା ନେପାଳର 'ତରାଇ ପିଲାର' ପାଖକୁ ଯାଇଥିଲେ, ଯାହା ଅଶୋକଙ୍କ ଦ୍ୱାରା ବୁଦ୍ଧଙ୍କ ଜନ୍ମସ୍ଥାନର ସ୍ମାରକୀ ସ୍ୱରୂପ ପ୍ରତିଷ୍ଠା କରାଯାଇଥିବା ଏକ ଅଶୋକସ୍ତମ୍ଭ । କିନ୍ତୁ ଏହାର ଆକୃତି ଅଶୋକସ୍ତମ୍ଭ ପରି ହୋଇନାହିଁ ବୋଲି ଉଭୟଙ୍କ ମନରେ ସନ୍ଦେହ ଜାତ ହେବାରୁ ସେମାନେ ବୁଦ୍ଧଙ୍କ ଜନ୍ମସ୍ଥାନ ସମ୍ପର୍କିତ ଏହା ଏକ ଐତିହାସିକ ମିଥ୍ୟା ବୋଲି ଅନୁମାନ କରିଛନ୍ତୁ । କାଜ୍ୟୁୟୋଦାଙ୍କ ଭାଷାରେ,- "କଦାପି ନୁହେଁ – ଦଶବର୍ଷ ତଳେ ମୁଁ ଏଠାକୁ ବୁଦ୍ଧ ଜନ୍ମସ୍ଥଳ ଦର୍ଶନ ପାଇଁ ଆସି ଏହିଭଳି ହତାଶ ହୋଇଥିଲି ରଘୁନାଥ, ପ୍ରଥମ ଦର୍ଶନରୁ ହିଁ ମୁଁ ବୁଝି ନେଇଥିଲି – ଏହା ଏକ ଐତିହାସିକ ମିଥ୍ୟା, ଏହା କସ୍ମିନ କାଳେ ଏକ ଅଶୋକ ସ୍ତମ୍ଭର ମାନ୍ୟତା ଲାଭ କରିନପାରେ । ପୁଣି, ଏଥିରେ ଏ ଯେଉଁ ଶିଳାଲିପିଟି

ISSN NO.
2582-208X

ମଧ୍ୟ ଯୋଖାଯାଇଛି ତାହା ବି ଅସତ୍ୟର ଅନ୍ୟତମ ରୂପ । କାରଣ ମୁଁ କଳଙ୍କ ଶିଳାଲିପି ବା ତମର ଓଡ଼ିଶାରୁ ପ୍ରାପ୍ତ ଶିଳାଲିପିଟିର ତୁଳନାତ୍ମକ ପାଠ କରିଛି ବାରମ୍ବାର, ଉଭୟ ଶିଳାଲିପିରେ ବିଷୟବସ୍ତୁର ସାମଞ୍ଜସ୍ୟ ରହିଛି । କିନ୍ତୁ, ଓଡ଼ିଶାରୁ ପ୍ରାପ୍ତ ଶିଳାଲିପିରେ ଗୋଟିଏ ଧାଡ଼ି ଅଧିକ ପ୍ରାମାଣ୍ୟ ବିଷୟ ରହିଛି, ଯାହା ଇଙ୍ଗିତ କରୁଛି ତା'ର ମୌଳିକତା ସମ୍ପର୍କରେ । ସେଥିରେ ଅଛି ଗୋଟିଏ ଅକ୍ଷର ସୂଚନା ଏବଂ ଲିପିକାରର ନାମ ଦସ୍ତଖତ । ସେ ଦୃଷ୍ଟିରୁ ଆମ ଆଖି ଆଗରେ ରହିଥିବା ଏଇ ତଥାକଥିତ 'ରୁମିନଦେଇ' ଶିଳାଲିପିଟି ଅସମ୍ପୂର୍ଣ୍ଣ ।"(୫) ସେ ବୁଦ୍ଧଙ୍କ ଜନ୍ମସ୍ଥାନ ରୂପେ ଓଡ଼ିଶାର କପିଳେଶ୍ୱର ପ୍ରଗନ୍ନା ଅନ୍ତର୍ଗତ ଲୁମ୍ବେଇ ଗ୍ରାମକୁ ଗ୍ରହଣ କରିଛନ୍ତି । ବାସ୍ତବରେ ରଘୁନାଥ କାଳ୍ପନିକ ଚରିତ୍ରର ପ୍ରଚ୍ଛଦ ପଟରେ ରହି ଔପନ୍ୟାସିକ ବୁଦ୍ଧଙ୍କ ଜନ୍ମ ସମ୍ପର୍କିତ ଐତିହାସିକ ସତ୍ୟ ଏବଂ ମିଥ୍ୟାର ଅବତାରଣା କରିଛନ୍ତି । ଔପନ୍ୟାସିକ ଏଥିରେ ପ୍ରଚଳିତ ଇତିହାସକୁ ଭିନ୍ନ ଦୃଷ୍ଟିଭଙ୍ଗୀରେ ବର୍ଣ୍ଣନା କରି ସାହସିକତାର ପରିଚୟ ପ୍ରଦାନ କରିଛନ୍ତି । ପ୍ରମାଣସିଦ୍ଧ ଉପାଦାନ ମାଧ୍ୟମରେ ସେ ବୁଦ୍ଧଙ୍କ ଜନ୍ମସ୍ଥାନ ଓଡ଼ିଶାର କପିଳେଶ୍ୱର ପ୍ରଗଣା ବୋଲି ଦୃଢ କଣ୍ଠରେ ପ୍ରକାଶ କରିଛନ୍ତି ।

ଉପନ୍ୟାସର ପ୍ରତ୍ୟେକ ଚରିତ୍ରର ସ୍ୱତନ୍ତ୍ରତା ରକ୍ଷା କରିବାରେ ଔପନ୍ୟାସିକ ସଫଳତା ଲାଭ କରିଛନ୍ତି । ଚରିତ୍ର ଓ ପରିବେଶ ଅନୁଯାୟୀ ଭାଷା ପ୍ରୟୋଗ କରିବାରେ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ସିଦ୍ଧହସ୍ତ । ଉପନ୍ୟାସରେ କେତେକ ସ୍ଥାନରେ ଇଂରାଜୀ ଶବ୍ଦ ଏବଂ ବାକ୍ୟର ପ୍ରୟୋଗ କରାଯାଇଛି । କଥାବସ୍ତୁର ସୁବିନ୍ୟସ୍ତ, ମନନଧର୍ମୀ ଭାଷା, ବାସ୍ତବତାର ପରିପ୍ରକାଶ, ସୂକ୍ଷ୍ମ ଚିନ୍ତା ଚେତନା, ଆଦର୍ଶ ଚରିତ୍ର ଚିତ୍ରଣ ଏବଂ ସୁନ୍ଦର ଉପସ୍ଥାପନା ଶୈଳୀ ଯୋଗୁ ଏହି ଉପନ୍ୟାସଟି କାଳଜୟୀ ହୋଇପାରିଛି ।

ପୃଷ୍ଠଟୀକା :-

୧. ରଥ, ନିରଞ୍ଜନ, ସତ୍ୟବାଦୀ, 'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ – ୭୫୩୦୦୧, ପୃ – ୫୧ ।

୨. ପଟ୍ଟନାୟକ, ଡକ୍ଟର ବିଜୟ କୁମାର, ଶାନ୍ତନୁଙ୍କ କଥା ସାହିତ୍ୟର ବଳୟ ଓ ବୈଚିତ୍ର୍ୟ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ –୨, ୨୦୧୨, ପୃ – ୧୨୦ ।

ISSN NO.
2582-208X

୩. ପଟ୍ଟନାୟକ, ପଠାଣି, 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ' (୧୦୫୦ ମସିହା ପରବର୍ତ୍ତୀ), ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ - ୭୫୩୦୦୨,୧୯୯୭, ପୃ - ୨୮୯ ।

୪. ଆଗ୍ନର୍ଯ୍ୟ, ଶାନ୍ତନୁକୁମାର, ଅନୋମାର କନ୍ୟା, କାଦମ୍ବିନୀ ମିଡ଼ିଆ ପ୍ରା. ଲିଃ., ଡୁପ୍ଲେକ୍ସ - ୨୦, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୨୧, ୨୦୦୩, ପୃ - ୧୦୪ ।

୫. ତତ୍ରୈବ, ପୃ - ୧୦୫ ।

ଗବେଷିକା, ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଦୁହିତା ଦୁଇ କୁଳକୁ ହିତା



ଅମରନାଥ ବାରିକ

ନିଜ ରକତ କୁ ପର କରି ପୁଣି
ପରକୁ କରେ ନିଜର
ପିତା ମାତା ନିଜ ଅଗଣା କୁ ଛାଡ଼ି
ଝିଅ ଯାଏ ଶାଶୁଘର ।

ଥାଏ କାହା କନ୍ୟା ହୁଏ କାହା ବୋହୁ
ନାରୀ ରୂପେ ନାରାୟଣୀ
ପର ପୁରୁଷ କୁ ସ୍ୱାମୀ ରୂପ ଦିଏ
ଥାଏ ସେ କାହା ଭଉଣୀ ।

ଭଗିନୀରୁ ଭାର୍ଯ୍ୟା ଭାର୍ଯ୍ୟାରୁ ଜନନୀ
ଜନନୀରୁ ହୋଇ ଶାଶୁ
ଜନ୍ମ କୁଳ ଛାଡି ଅନ୍ୟ କୂଳ ରଖି
ତୁଳସୀ ରୂପରେ ବାସୁ ।

ଜଗତେ କୁହନ୍ତି ନାରୀ ଯେ ଦୁହିତା
ଦୁଇ କୁଳ ପାଇଁ ହିତା

ISSN NO.
2582-208X

ରଚେ ଇତିହାସ ସଂସାର କାହାଣୀ
ଜୀବନର ମହାନତା ।

ସମର୍ପି ଦେହର ଲଜ୍ୟା ଭୂଷଣ କୁ
ପତି ଦେବତାଙ୍କ ପାଖେ
ଭାବ ସମୁଦ୍ର ର ଅତୁଟ ବନ୍ଧନ
ନିଜ ହାତେ ନିଜେ ଯୋଖେ ।

ରକ୍ତାକ୍ତ ଶରୀର ଦରଦ କୁ ସହି
ତଥାପି ଦିଏ ସେ ହସି
ମୃତ୍ୟୁ ସଙ୍ଗେ ଲଢ଼ି ସନ୍ତାନ ପ୍ରସବି
ବାଣ୍ଟିଥାଏ କେତେ ଖୁସି ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ତୁମ ଲାଜୁଆ ଲାଜୁଆ ପ୍ରେମ



ବିଜୟ କୁମାର ସାହୁ

ତୁମ ଲାଜୁଆ ଲାଜୁଆ ହସରୁ ଝରିପଡେ ମୁକ୍ତାର ଶାମୁକା ।
ତୁମ ଲାଜୁଆ ଲାଜୁଆ ଓଠରୁ ଝରିପଡେ ବିରହ ଗୀତିକା ॥
ତୁମ ଲାଜୁଆ ଲାଜୁଆ ମନରୁ ଝରିପଡେ ପ୍ରେମର ପିପାସା ।
ତୁମ କଅଁଳ ହାତରୁ ଝରିପଡେ ମହୁଲିର ମାଦକତା ॥
ପ୍ରିୟା ତୁମ ଲାଜୁଆ ଲାଜୁଆ ଛୁଆଁ ପ୍ରେମର ନିବିଡତା ।
ମୋ ମନ ଓ ଦେହରେ ଭରିଦିଏ ଅନେକ ପୁଲକତା ॥
ତୁମ ଲାଜୁଆ ଲାଜୁଆ ଭୃଲତାର ଚଞ୍ଚଳତା ।
ଆଙ୍କିଦିଏ ମୋ ମନ ଉପବନେ ଚମକତା ॥
ତୁମ ରୁଣଝୁଣ ପାଉଜିର ପଦପାତ ସମ୍ଭ୍ରମତା ।
ସତେ ଅବା ଗାନ କରେ ପ୍ରେମଭରା କବିତା ॥
ତୁମ ଲାଜୁଆ ଲାଜୁଆ ପ୍ରେମର ବାରିଧାରା ।
ମୋ ମନରେ ଆଣିଦିଏ ଅନେକ ସମ୍ଭାବନା ॥

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୭୨୩

ISSN NO.
2582-208X

# ସ୍ୱପ୍ନ ଓ ସଂକଳ୍ପର ଅନୁରଣନ : ଉତ୍କଳ ପ୍ରଦେଶ



ଡକ୍ଟର ମନୋରଞ୍ଜନ ବିଷୋୟୀ

ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ  କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ଯଥାର୍ଥରେ ଧାରାବାହିକ ନିତ୍ୟ ଆଚରଣର ପରିମାର୍ଜିତ ପରିଭାଷାକୁ ସଂସ୍କୃତି କୁହାଯାଇଥାଏ । କାରଣ ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ି ଉଠିଥାଏ ପରମ୍ପରା ଓ ପରମ୍ପରାର ସର୍ତ୍ତ୍ଵୀକରଣରେ ଜନ୍ମନିଏ ସଂସ୍କୃତି । ତେଣୁ ସଂସ୍କୃତି ହେଉଛି ଏକ ପ୍ରେରଣା । ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା ।

ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ବହୁ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଏହି ଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସଂସ୍କୃତିକୁ ଗ୍ରହଣ କରାଯାଇଥାଏ । କପିଳ ସଂହିତା କହେ- "ବର୍ଷଣାମ୍ ଭାରତ ଶ୍ରେଷ୍ଠ, ଦେଶାନାଂ ମୁତ୍କଳଶ୍ରୁତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" ବାସ୍ତବିକ କହିବାକୁ

ISSN NO.
2582-208X

ଗଲେ; ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳକୁ ନେଇ ଆର୍ଯ୍ୟ, ଦ୍ରାବିଡ଼ ଓ ଆରଣ୍ୟକ ସଂସ୍କୃତିର ସମନ୍ୱୟ ଭିତରେ ବିଶ୍ୱବକ୍ଷରେ ଆଙ୍କିଛି ଆପଣାର ସ୍ୱତନ୍ତ୍ର ପରିଚୟ ।

ଏଠାରେ ବହୁ ଧର୍ମର ପ୍ରଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ଉତ୍କଳର ରାଷ୍ଟ୍ରଦେବତା ଭାବରେ ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ହେଉଛନ୍ତି ସର୍ବଧର୍ମର ସମନ୍ୱୟ । ଆନନ୍ଦ ବଜାରରେ ଭକ୍ତ ଜଗନ୍ନାଥଙ୍କ ମହାପ୍ରସାଦକୁ ବିନା ବାଛ ବିଚାରରେ ଗ୍ରହଣ କର। ଦେବତା ହୋଇବି ତାଙ୍କ ଠାରେ ମାନବ ରୂପ ପ୍ରକାଶ ପାଏ । ସେ ମଧ୍ୟ ପତ୍ନୀ ସହ କଳହ କରନ୍ତି, ଭାଇ ଭଉଣୀଙ୍କୁ ନେଇ ମାଉସୀ ଘର ବୁଲି ଯାଆନ୍ତି । ପ୍ରତ୍ୟେହ ଦୈନନ୍ଦିନ କର୍ମ ସହ ସେ ମଧ୍ୟ ରୋଗର ଶିକାର ହୁଅନ୍ତି । ତାଙ୍କର ବି ନବକଳେବର ହୁଏ । ଏଭଳି ଅନେକ କଥା, କିମ୍ବଦନ୍ତୀ ଓ ବିଶ୍ୱାସବୋଧ ଭିତରେ ଓଡ଼ିଆ ଜାତିର ମହତ୍ୱ ପ୍ରକଟିତ ହୋଇଆସିଛି । ଏ ଜାତିର କଥା ଓ ଗାଥା; ଉଡ୍ର, ଉତ୍କଳ, କଳିଙ୍ଗ, କଙ୍ଗୋଦ ଆଦି ନାମରେ ପ୍ରାଚୀନ ଭାରତୀୟ ଭୂଖଣ୍ଡରେ ସ୍ୱୀକୃତି ଲାଭ କରିଅଛି । ପରିବ୍ରାଜକ ହୁଏନ୍‌ସାଂ (ଖ୍ରୀ.ଅ. ୬୨୯ )ଙ୍କ ଉ-ଚ (ଉଡ୍ର ), କଙ୍ଗ- ଉଦୋ (କଙ୍ଗୋଦ ), କ-ଲିଂଗ (କଳିଙ୍ଗ ) ଏହି ଜାତିର ପ୍ରାଚୀନତାକୁ ପ୍ରମାଣିତ କରିଆସୁଥିବା ସ୍ଥଳେ ଅନେକେ ବୈଦିକ ଯୁଗଠାରୁ ଆରମ୍ଭ କରି ବୌଦ୍ଧଶାସ୍ତ୍ରର ଓକ୍‌ଳ ବା ଉତ୍ତ୍କଳ ମାନଙ୍କ ଭିତରେ କଳିଙ୍ଗ ବା ଉଡ୍ର ଜାତିର ଅତୀତକୁ ଖୋଜିଥାନ୍ତି । ଏପରିକି ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲିପି, ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି ଆଜି ଏ ଜାତିର ପ୍ରାଚୀନତାକୁ ପ୍ରମାଣିତ କରି ଆସିଛି । ଭୌମ ବଂଶ, କେଶରୀ ବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ଆଦିଙ୍କ ଶାସନ କାଳରେ ଏକ ସମୃଦ୍ଧ ଜନପଦର ଗୌରବ ଲାଭ କରିଥିବା ଏ ଜାତି କମେ ନିଷ୍ପ୍ରଭ ହୋଇଉଠେ । ୧୫୬୮ରୁ କ୍ରମେ ଆଫ୍‌ଗାନ୍, ମୋଗଲ ଓ ମରହଟ୍ଟା ଅଧୀନ ଓଡ଼ିଆ ହରାଇବସେ ଆପଣାର ପରିଚୟ ।

୧୮୦୩ ମସିହା ବେଳକୁ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରେ। ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷା ନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକା ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ

ISSN NO.
2582-208X

କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତ ଶାସନ ନୀତି, ଆର୍ଥନୀତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନ'ଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଦୈବୀ ଅପେକ୍ଷା ମାନବକୃତ ଅବହେଳା ଫଳରେ ଓଡ଼ିଶାର ଜନଜୀବନ କ୍ରମେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା ।

'ସିପାହୀ ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା । ବ୍ରିଟିଶ୍‌ମାନଙ୍କ ଶୋଷଣ ନୀତି ଓ ଅସାଧୁ କର୍ମଚାରୀଙ୍କ ଅତ୍ୟାଚାରରେ ଓଡ଼ିଶା ତଳିତଳାନ୍ତ ହୋଇ ଯାଇଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗଠାରେ ସ୍ୱଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଓଡ଼ିଶାର ଜମିଦାରୀ । ଅବଶ୍ୟ ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଖୋର୍ଦ୍ଧା 'ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହି ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକରା ବିଷୋୟୀ ଓ ଦୋହରା ବିଷୋୟୀ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା କିନ୍ତୁ ରଣ କୌଶଳ ଓ ଅସ୍ତ୍ରଶସ୍ତ୍ରରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା । କିନ୍ତୁ ୧୮୬୬ ମସିହାରେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜନଜୀବନ ନିମନ୍ତେ ଥିଲା ଦାରୁଣ ଦୁଃସ୍ୱପ୍ନ । ଶାସକ ଗୋଷ୍ଠୀର ଅପାରଗତା କାରଣରୁ ଏକ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଏ ଦିଗରେ ଆରମ୍ଭ କରିଥିଲା ଅଭିଯାନ । ଧର୍ମ ପ୍ରଚାର ଓ ବାଣିଜ୍ୟିକ ସଂପର୍କ ସ୍ଥାପନ ଧାରାରୁ ଇଂରେଜମାନେ ବିଚ୍ୟୁତ ହୋଇ ଦେଶ ଲୁଣ୍ଠନ ଦିଗରେ ହୋଇ ଉଠିଥିଲେ ଅଧିକ ତତ୍ପର । ଏପରିକି ଆମ ଆର୍ଥିକ ଓ ସାଂସ୍କୃତିକ ବିକାଶ ଦିଗରେ ଇଷ୍ଟ୍

ISSN NO.
2582-208X

ଇଣ୍ଡିଆ କମ୍ପାନୀ ଆଦୌ ଯତ୍ନଶୀଳ ନଥିଲେ । ୧୮୫୭ ବିଦ୍ରୋହ ପରେ ବ୍ରିଟିଶ୍ ପାର୍ଲାମେଣ୍ଟ୍ ଅଧୀନକୁ ଯିବା ସତ୍ତ୍ୱେ ଓଡ଼ିଶାର ବିକାଶ ଦିଗରେ ଯାହା ଯଥେଷ୍ଟ ହୁଏନାହିଁ । ଏହି ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ୫ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳେ । ଯଥା-୧. ବେଙ୍ଗଲ-ଓଡ଼ିଶା ଡିଭିଜନ୍, ୨. ଛୋଟନାଗପୁର ଡିଭିଜନ୍, ୩. ସେଣ୍ଟ୍ରାଲ୍ ପ୍ରଭିନ୍ସ, ୪.ମାଡ୍ରାସ୍ ପ୍ରେସିଡେନ୍ସି, ୫. ଗଡ଼ଜାତ ଅଞ୍ଚଳ । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଉପକୂଳ ଓ ଗଡ଼ଜାତ ରାଜ୍ୟଗୁଡ଼ିକୁ ବଙ୍ଗ ପ୍ରଦେଶ, ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ମାନ୍ଦ୍ରାଜ ଓ ସମ୍ବଲପୁର -ପାଟଣା ଅଞ୍ଚଳକୁ କେନ୍ଦ୍ର ବା ସେଣ୍ଟ୍ରାଲ୍ ପ୍ରଭିନ୍ସ ସହ ସଂଯୋଜିତକରାଯାଇଥିଲା । ଏପରିକି ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଭିତରେ ଅସ୍ତିତ୍ୱ ହରାଇବାକୁ ଆରମ୍ଭ କରେ ଓଡ଼ିଆ ଜାତି । ସମୟାନୁକ୍ରମେ ଊନବିଂଶ ଶତାବ୍ଦୀର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦ ସଂଗେ ସଂଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ ।

ଇତିହାସ କହେ ଓଡ଼ିଆ ଭାଷା ସଂକଟ ୧୮୪୮-୪୯ରେ ସରକାରୀ ଦପ୍ତର ଓ ଅଦାଲତରେ ବଂଗଭାଷାର ବ୍ୟବହାର ଆଦେଶନାମାରୁ ମୁଣ୍ଡ ଟେକିଥିଲା । ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଆ ଓ ବଙ୍ଗଳ ଭାଷା ସଂପର୍କିତ ମନ୍ତବ୍ୟ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା। ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଓଡ଼ିଆ ମାନଙ୍କ ଏହି ସଂକଟରୁ ମୁକ୍ତି ପାଇବା ନିମନ୍ତେ ଆରମ୍ଭ ହୋଇଥିଲା ସାମୂହିକ ଉଦ୍ୟମ । ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ପ୍ୟାରିମୋହନ ଆଚାର୍ଯ୍ୟ, ରାମଶଙ୍କର ରାୟ, ଫକୀରମୋହନ ସେନାପତି ଓ ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବେ ଓଡ଼ିଆ ଜାତି ଓ ଭାଷାର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା । ଏପରିକି ସରକାରଙ୍କ ଠାରୁ ତିନିଶହ ଟଙ୍କାର ଅନୁଦାନ ରାଶି ପାଇ ପ୍ୟାରୀମୋହନ ରଚନା କରିଥିଲେ ଓଡ଼ିଆ ଭାଷାରେ ଇତିହାସ ପୁସ୍ତକ (୧୮୭୮) । 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆଙ୍କ ସମସ୍ୟା ଜାତୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା। ଏପରିକି ଫକୀରମୋହନଙ୍କ 'ସମ୍ବାଦ ବାହିକା', 'ଉତ୍କଳ ଦର୍ପଣ' ଆଦି ଓଡ଼ିଆ ଅସ୍ମିତାର କଥା କହିଥିଲା । ଏ କ୍ଷେତ୍ରରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଦ୍ଧଳଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ'

ISSN NO.
2582-208X

ଥିଲା ଅନ୍ୟ ଏକ ସ୍ମରଣୀୟ ଉଦ୍ୟମ । ପାରଳାଖେମୁଣ୍ଡିରୁ ଶ୍ୟାମସୁନ୍ଦର ରାଜଗୁରୁ ଓ ଆପନ୍ନା ପରିଛାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା 'ଉତ୍କଳ ହିତୈଷିଣୀ ସମାଜ' । ଜନ୍ମ ହୋଇଥିଲା 'ଗଞ୍ଜାମ ନିଉଜ୍' । ସେହିପରି ଓଡ଼ିଆଙ୍କ ଅଭାବ ଅସୁବିଧାକୁ ନେଇ ପ୍ରକାଶ ପାଇଥିଲା ବ୍ରହ୍ମପୁରରୁ ୧୮୭୬ରେ 'ସ୍ୱଦେଶୀ' । ଠିକ୍ ସେହିପରି ୧୮୭୧ ବେଳକୁ ଭାଷା ସାହିତ୍ୟର ବିକାଶ ନିମନ୍ତେ ରମେଶ ଚନ୍ଦ୍ର ଦତ୍ତଙ୍କ ଆବାହକତ୍ୱରେ 'ଉତ୍କଳ ସଭା' ଗଢ଼ି ଉଠିଥିଲା ।

୧୮୮୫ରେ ଏହାର ସଂପାଦକ ଦାୟିତ୍ୱ ମଧୁସୂଦନ ଦାସ ଗ୍ରହଣ କରିବା ସହ ଏହି 'ଉତ୍କଳ ସଭା' ଓଡ଼ିଆଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା । ଏପରିକି ସର୍ବଭାରତୀୟ ସ୍ତରରେ ଓଡ଼ିଆ ଜାତିର ସମସ୍ୟା ଉପସ୍ଥାପିତ କରିବା ନିମନ୍ତେ ଉଦ୍ୟମ ୧୯୦୨ ମସିହାରେ ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ରମ୍ଭା ବଂଗଳାରେ ଆୟୋଜିତ ରାମଚନ୍ଦ୍ର ମର୍ଦ୍ଦରାଜ ଜନ୍ମୋତ୍ସବ ଅବସରରେ ମୁଣ୍ଡ ଟେକିଥିଲା । ଖଲ୍ଲିକୋଟ ଇଷ୍ଟେଟ୍ ପ୍ରେସ୍ ନାମରେ ରମ୍ଭା ଠାରେ ଏକ ମୁଦ୍ରାଣାଳୟ ସ୍ଥାପନ କରାଯାଇ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ୧୯୦୨ ଜୁନ୍ ମାସରେ 'ପ୍ରଜାବନ୍ଧୁ' ପ୍ରକାଶ ପାଇଥିଲା । ଏ ପରିପ୍ରେକ୍ଷୀରେ କହିରଖେ ଏକତ୍ରୀକରଣର ଅଭିପ୍ରାୟ ନେଇ ୧୯୦୩ ଏପ୍ରିଲ ୧୧-୧୨ ତାରିଖ ଗଂଜାମ ସମ୍ମିଳନୀ ବ୍ରହ୍ମପୁରଠାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ ଆଦି ଏହି ସମ୍ମିଳନୀରେ ଯୋଗଦେଇ ଉତ୍କଳ ସମ୍ମିଳନୀର ନକ୍ସା ପ୍ରସ୍ତୁତ କରିଥିଲେ । ଏପରିକି ଗଞ୍ଜାମ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପରେ ମଧୁବାବୁଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ଧରି କଟକ ଇଦ୍‌ଗା ପଡ଼ିଆରେ ମୟୂରଭଂଜ ରାଜା ରାମଚନ୍ଦ୍ର ଭଞ୍ଜଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ।

ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ବାସ୍ତବିକ ଅବିସ୍ମରଣୀୟ । ଇଷ୍ଟେଟ୍ ବନ୍ଧା ପକାଇ ଗୋଲଟେବୁଲ୍ ବୈଠକରେ ଯୋଗଦେବା ଓ ଦୃଢ଼ କଣ୍ଠରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନା କରିବା ଥିଲା ବେଶ୍ ସ୍ମରଣୀୟ । ଏଭଳି ଯୋଗଜନ୍ମାମାନଙ୍କ ଉଦ୍ୟମର ଫଳସ୍ୱରୂପ ଆତ୍ମପ୍ରତ୍ୟୟ

ISSN NO.
2582-208X

ହରାଇ ବସିଥିବା ଓଡ଼ିଆ ନବଜାଗୃତିର ସ୍ୱପ୍ନ ଦେଖିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଆରମ୍ଭ ହୋଇଛି ବହୁ ଉଦ୍ୟମ । ଏହି ଉଦ୍ୟମର ସମୟରେ ଏ ଜାତିର କର୍ଣ୍ଣଧାର ସାଜିଛନ୍ତି ବହୁ ପୁଣ୍ୟାତ୍ମା ପୁରୁଷ । ତେଣୁ ମହାଭାରତୀୟ ମୁକ୍ତିଯୁଦ୍ଧ ଏବଂ ସେହି ଧାରାରେ ଉତ୍କଳୀୟତାର ପୁନଃ ସଂସ୍ଥାପନ ସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏଠାରେ ସୃଷ୍ଟି କରିଛି ନବ ଉତ୍କଳୀୟ ଅସ୍ମିତା । ବିଂଶ ଶତକର ପଞ୍ଚମ ଦଶକ ବେଳକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ସାର୍ଥକ ହୋଇଥିଲା । ତଥାପି ଏବେବି ଏକ ପୂର୍ଣ୍ଣାଙ୍ଗ ଉତ୍କଳର ସ୍ୱପ୍ନ ରାଜନୀତିକ ପଶାପାଲିରେ ସଫଳ ହୋଇନାହିଁ । ତଥାପି ଖୁସିର କଥାଓଡ଼ିଆ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ପରିବାର ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ହେଲେ ସ୍ୱତନ୍ତ୍ର ପ୍ରଦେଶ ଓ ଭାଷାର ଉନ୍ନତି କଳ୍ପେ ଯେଉଁ ସ୍ୱପ୍ନ ଦିନେ ଆମ ପୂର୍ବପୁରୁଷମାନେ ଦେଖିଥିଲେ ଓ ସେ ଦିଗରେ ବହୁ ଉଦ୍ୟମ କରିଥିଲେ, ତାକୁ ବଜାୟ ରଖିବା ଦିଗରେ ଆମେ କେତେଦୂର ସଫଳ ହୋଇଛେ ତାକୁ ଅନୁଧ୍ୟାନ କରିବାର ବେଳ ଆସିଛି ।

ବନ୍ଦେ ଉତ୍କଳ ଜନନୀ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ଦେଖ ହସୁଛି ତ୍ରିରଙ୍ଗା ଆମ



ପ୍ରଶାନ୍ତ କୁମାର ନାଥ

ଦେଖ ହସୁଛି ତ୍ରିରଙ୍ଗା ଆମ
କେଡେ ସୁନ୍ଦର ବେଶେ
ନାରଙ୍ଗୀ ରଙ୍ଗ ହସୁଛି ଦେଖ
ସବା ଉପର ଦେଶେ ।

ଧଳା ରଙ୍ଗଟି ମଝିରେ ଥାଇ
ଦିଅଇ ଶାନ୍ତି ପ୍ରୀତି
ତା'ର ମଧ୍ୟରେ ଅଶୋକ ଚକ୍ର
ବଢାଏ ଆମ ଶକ୍ତି ।

ସବୁଜ ରଙ୍ଗ ମୈତ୍ରୀ ଭାବ
ପାଖକୁ ଆଣେ ଟାଣି
ଦେଖ ହସୁଛି ତ୍ରିରଙ୍ଗା ଆମ
ଦେଶ ପ୍ରେମକୁ ବୁଣି ।

ତ୍ରିରଙ୍ଗା ଆମ ଜାତୀୟ ଚିହ୍ନ
ଆମର ସ୍ୱାଭିମାନ
ଆଜିର ଦିନେ ଉଡାଇ ତାକୁ
ଦେବାରେ ସନମାନ ।

ସ୍ୱାଧିନତାର ସ୍ୱାଦ ଚାଖିବା
ତ୍ରିରଙ୍ଗା ତଳେ ଥାଇ
ଦେଖ ହସୁଛି ତ୍ରିରଙ୍ଗା ଆମ
ସ୍ୱାଧିନତା କୁ ଦେଇ ।

ଏମିତି ନେତ କେଉଁଠି ଅଛି
ଦେଶ ପ୍ରଗତିବୋହି
ଏକଇ ନେତ ତ୍ରିରଙ୍ଗା ଆମ
ଭାରତେ ଅଛି ରହି ।

ଦେଖିଲେ ତାକୁ ଶକତି ବଢେ
ଶ୍ରଦ୍ଧାରେ ନଏଁ ମଥା
ତ୍ରିରଙ୍ଗା ଆମ ହୃଦସ୍ପନ୍ଦନ
ଦେଶ ଭକତି କଥା।। ।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ମୋହ



ଜୟନ୍ତୀ ଦେବୀ

ଜୀବ ଥିବା ଯାଏଁ ଲୋଭ ସମସ୍ତଙ୍କୁ ଗ୍ରାସ କରେ । ମାୟାର ମୋହରେ ବାନ୍ଧି ହୋଇପଡେ ମଣିଷ । ସବୁ ଜାଣି ସୁଦ୍ଧା ସେ ଅଜ୍ଞ ହୋଇଯାଏ । ଆଖିଥାଇ ଅନ୍ଧ ଏବଂ କାନ ଥାଇ ବଧିର ବି ସେ ପାଲଟେ । ଶିଶୁଟିଏ ଜନ୍ମ ହେବାପରେ ସେ କ୍ରନ୍ଦନ କରେ । ସେହି ସମୟରୁ ହିଁ ତାକୁ ମାୟାର ବନ୍ଧନ କବଳିତ କରେ । ମୋହର ଜାଲରେ ଛନ୍ଦି ହୋଇ ଶେଷରେ ସେ ଅଣନିଃଶ୍ୱାସୀ ହୁଏ । ତାର ଯେତେ ବୟସ ବଢୁଥାଏ, ମୋହ ତାକୁ ସେତେ ଅଧିର କରେ । ମୋ ବାପା, ମା', ଭାଇ, ଭଉଣୀ ବୋଲି ସେ ଏକ ପାଚେରୀ ଠିଆ କରିଦିଏ । ପାଠ ପଢିବାକୁ ଗଲେ ଶ୍ରେଣୀରେ ନିଜକୁ ସବୁଠାରୁ ଭଲ ପିଲା ବୋଲି ଭାବେ । ଶିକ୍ଷକ ତା' ବିନା ଆଉ କାହାକୁ ସ୍ନେହ ଶ୍ରଦ୍ଧା କଲେ ସେ ମୋଟେ ସହିପାରେ ନାହିଁ । ଶିକ୍ଷାଲାଭ ପରେ ସଂସାର କ୍ଷେତ୍ରରେ ତାର ଆକର୍ଷଣ ବଢେ । ଅଧିକ ରୋଜଗାର କରି ନିଜେ କିପରି ଭଲରେ ରହିବ, ନିଜ ପିଲାଛୁଆମାନଙ୍କୁ ବଡ ମଣିଷ କରିବ । ଯେତେ ରୋଜଗାର କଲେ ସୁଦ୍ଧା ଅନ୍ୟମାନଙ୍କୁ ସେ କୌଣସି ସାହାଯ୍ୟ କରିବ ନାହିଁ । ଏହା ତା'ର ମନ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ମାଡିବସେ ।

ମୋହର ଅନ୍ୟ ଏକ ନାମ ହେଉଛି ଅଜ୍ଞତା । ଏହା ସଂସାରରେ ଅନେକ ଲୋକଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧିଦିଏ । ମୋହର ଦାସ ହୋଇପଡିଲେ ମଣିଷପଣିଆର ସମ୍ପୂର୍ଣ୍ଣ ରୂପେ ହ୍ରାସ ପାଏ । ଏହା ସମସ୍ତେ ଜାଣନ୍ତି । ସବୁ ସୁବିଧା ସୁଯୋଗ ନିଜେ ପାଇବ । ନିଜେ ବଡ ହେବ। କୋଠାବାଡି ଠିଆ କରିବ । ଶିଳ୍ପପତି ପାଲଟିବ । ଏମିତିକି ଅସତ୍ ଉପାୟରେ ରୋଜଗାର କରି ବଡ ହେବାକୁ ଶ୍ରେୟ ମନେକରେ ସେ । ମୁଁ ବଡ ଏବଂ ମୋଠାରୁ କେହି

ISSN NO.
2582-208X

ବି ବଡ ହୋଇପାରିବେ ନାହିଁ, ଏହା ମୋହଗ୍ରସ୍ତ ମଣିଷର ଏକ ସ୍ୱଭାବ ସୁଲଭ ଚିନ୍ତାଧାରା । ଏହା ମୁଁତ୍ୱକୁ ଜାବୁଡି ଧରି ସେ କେବଳ ନିଜର କ୍ଷତିକରେ ନାହିଁ । ବରଂ ମଣିଷ ଜାତିର ଏକ ପ୍ରତିବନ୍ଧକ ହୋଇ ଛିଡା ହୁଏ । ଅହଂକାରର ବଶବର୍ତ୍ତୀ ହେଲେ ସେ ଯେତେବଡ ଲୋକ ହେଉ ନା କାହିଁକି, ତାହାର ପତନ ଅବଶ୍ୟମ୍ଭାବୀ । ସବୁ ଗର୍ବ, ଦମ୍ଭ, ଅହଂକାର, ମାୟା, ମୋହର ଦିନେ ନା ଦିନେ ପତନ ଘଟେ । ଅତୀତର ବହୁ ଘଟଣାରୁ ଏହାର ସ୍ପଷ୍ଟ ଚିତ୍ର ଉପଲବ୍ଧ ହୁଏ । ତଥାପି ବି ଏ ମଣିଷ ଜାତିର କୌଣସି ପ୍ରତିକ୍ରିୟା ନାହିଁ ।

ମରୁଭୂମିରେ ପଥିକଟିଏ ଯାତ୍ରାକଲାବେଳେ ସେ କ୍ଷୁଧାତୃଷାରେ ଅଧିର ହୋଇପଡେ । ଆଗକୁ ଅନାଇଲେ ତାକୁ ଜଣାଯାଏ ଯେପରି ସେଠାରେ ସେ ଛାଇରେ ବିଶ୍ରାମ ନେବ । ଖଜୁରୀ କୋଳି ଖାଇବ ଏବଂ ପୋଖରରୁ ଶୀତଳ ଜଳ ପାନ କରିବ । ଏହି ବିରାଟ ଆଶା ନେଇ ସେ ସେହି ସ୍ଥାନକୁ ଅଗ୍ରସର ହୁଏ । କିନ୍ତୁ ସେଠାରେ ପହଁଚିବା ପରେ ପଥିକକୁ ହତୋତ୍ସାହ ହେବାକୁ ପଡେ । କିଛି ନାହିଁ । ବିରାଟ ଶୂନ୍ୟତା । ଖାଲି ବାଲି ଆଉ ବାଲି । ବିଚରା ପଥିକଟି ଏବେ କ'ଣ କରିବ? ତାର ତ ଦେହମୁଣ୍ଡରେ ଅସହ୍ୟ ଉତ୍ତାପ । ବ୍ୟସ୍ତ ବିବୃତ ହୋଇ ଆଗକୁ ଅନାଇଲେ ତାକୁ ଦିଶିଯାଏ ଅନ୍ୟ ଏକ ମରୁଦ୍ୟାନ । ଯାତ୍ରାପଥରୁ ବିରତ ନ ହୋଇ ଅନେକ ଆଶା ନେଇ ତାକୁ ପୁନର୍ବାର ଆଗେଇବାକୁ ପଡେ । ନିର୍ଦ୍ଦିଷ୍ଟ ସ୍ଥାନରେ ପହଁଚିବାପରେ ପଥିକର ଭ୍ରମ ଦୂର ହୁଏ । ଏହା ତ କୌଣସି ମରୁଦ୍ୟାନ ନୁହେଁ । ବରଂ ମରୀଚିକାର ଏକ ବଳୟ । ସେହିପରି ମଣିଷ ଲୋଭ ମୋହରେ ବଶୀଭୂତ ହୋଇ ସଂସାରର ମରୀଚିକା ପଛରେ ଧାଇଁ ଚାଲେ । କାରଣ କାମନା ତ ଅନ୍ତହୀନ । ଆଜି ଶହେ ଟଙ୍କା ପାଇଥିବା ଲୋକ ସେଥିରେ ସନ୍ତୁଷ୍ଟ ନ ହୋଇ ଆଗାମୀ କାଲିକୁ ଦୁଇଶହ ଟଙ୍କା ପାଇବାର ଲାଳସା ରଖେ । ଏତେ ସବୁ କଲା ପରେ ମଧ୍ୟ ଯେଉଁ ଅଶାନ୍ତିକୁ ସେଇ ଅଶାନ୍ତି।

ଧନର ମୋହ ପରି ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ଆମର ମୋହ ବି କିଛି କମ୍ ନାହିଁ । ପୁତ୍ର, କନ୍ୟା, ପତ୍ନୀ, ବାପା, ମା', ସବୁ ମୋର ଏବଂ ତାଙ୍କୁ କେହି କିଛି ବି କହିପାରିବେ ନାହିଁ । କହିଲେ ମହାଭାରତ ସୃଷ୍ଟି ହେବ । ଏହା ପ୍ରାୟ ସବୁ ମଣିଷ ମନର ଭାବନା ।

ISSN NO.
2582-208X

ମୋହ ଏତେ ସହଜରେ କଦାପି ଦୂର ହୋଇପାରେ ନାହିଁ । ଉଦାର ସ୍ୱଭାବର ଲୋକମାନେ ମୋହଠାରୁ ଅନେକ ଦୂରରେ ରୁହନ୍ତି । ନିନ୍ଦା, ପ୍ରଶଂସା, ଜନ୍ମ-ମୃତ୍ୟୁ, ଶୋକ, ଦୁଃଖରେ ସେମାନେ ଏକ ପ୍ରକାର ଅବସ୍ଥା ଅବଲମ୍ବନ କରନ୍ତି । କିନ୍ତୁ ମୋହରେ ବଶ ହୋଇଥିବା ବ୍ୟକ୍ତି ସୁଖରେ ଅତ୍ୟନ୍ତ ଅଧିର ଏବଂ ଦୁଃଖରେ ପୁରାପୁରି ମ୍ରିୟମାଣ ହୋଇପଡେ । ଶିଶୁଟିଏ ଜନ୍ମ ହେଲେ ଆନନ୍ଦ ଉଲ୍ଲାସରେ ମାତିଉଠେ କିନ୍ତୁ ଅସମୟରେ କାହାର ମୃତ୍ୟୁ ହେଲେ ସେ ଆଦୌ ଧୈର୍ଯ୍ୟ ଧରି ପାରେ ନାହିଁ । ସମଗ୍ର ମଣିଷଜାତିକୁ ଭଲ ପାଇବାହିଁ ପ୍ରକୃତ ମଣିଷପଣିଆଁ । ଏଣୁ ଆସ କାମ, କ୍ରୋଧ, ଲୋଭ, ମୋହଠାରୁ ଦୂରରେ ରହି ପରସ୍ପର ସହିତ ବନ୍ଧୁତା ସୂତ୍ରରେ ବାନ୍ଧି ହୋଇଯିବା ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଧରା ରଙ୍ଗମଞ୍ଚେ ଆମେ କଳାକାର



ନୀଳମଣି ଗୁନ୍ଦ

ବିଶ୍ୱ ବିଖ୍ୟାତ ସେକସପିଅର ତ
ଥିଲେ ବଡ଼ ନାଟ୍ୟକାର
ଲେଖିଥିଲେ ଧରା ରଙ୍ଗମଞ୍ଚଟିଏ
ଆମେ ସବୁ କଳାକାର ।

ଜୀବନ ନାଟକେ କରିବାକୁ ହୁଏ
ଆମକୁରେ ଅଭିନୟ
ଭଲ ପ୍ରଦର୍ଶନପାଇଁ ମିଳେ ତାଳି
ଆଉ ପରା ଜୟ ଜୟ ।

ଭଲ ଅଭିନୟ ନ କଲେ ମିଳଇ
ନିନ୍ଦା ଅପବାଦ ଗାଳି
ଦୃଶ୍ୟ ବଦଳିଲେ ଥାଏ ହସ କାନ୍ଦ
ଆମେ ହେଉଥାଉ ଭାଳି ।

ନାଟକଟି ସାରି କଳାକାରଟିଏ
ମଞ୍ଚଟିକୁ ଛାଡ଼ି ଯାଏ
ସେମିତି ମଣିଷ ମୃତ୍ୟୁଟି ଲଭିଲେ
ଏ ଧରାକୁ ଛାଡ଼ିଥାଏ ।

ଜୀବନ ଦର୍ଶନ ବୁଝିବା ଆମେରେ
ଏ ଧରାଧାମରେ ଥାଇ
ଧରା ରଙ୍ଗମଞ୍ଚେ ଆମେ କଳାକାର
ଫେରିଯିବା ହସି ଗାଇ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଏମିତି ଏ ଆଷାଢ଼


ନିରଞ୍ଜନ ସାହୁ

ଏମିତି ଆଷାଢ଼ ମେଘ ଘଡ଼ଘଡ଼
ଆସଇ ବରଷା କାଳେ
ଆକାଶ ମଣ୍ଡଳ ସାଜଇ ତତ୍କାଳ
ଘନ କଳା ମେଘମାଳେ ।

ବିଜୁଳି ଚମକେ ଘଡଘଡି ମାରେ
ଝରଇ ବରଷା ବାରି
ଇନ୍ଦ୍ରଧନୁ ଶୋଭା ସପତ ରଙ୍ଗର
ଇନ୍ଦ୍ର ରାଜା ଧନୁର୍ଦ୍ଧାରୀ
ସରଗ ରାଇଜୁ ଦେବରାଜ ଇନ୍ଦ୍ର
ମୌସୁମୀ ବରଷା ଢାଳେ ।

ପଚର ପଚର ହୁଏ ରାସ୍ତାଘାଟ
ବିଲରେ ଫସଲ ଚାଷ
ଚାଷୀଭାଇ ଚାଷେ ତରବର ହୁଏ
ଖାଦ୍ୟାଭାବ ହେବ ନାଶ
ଏସନ କିପରି ଭଲ ଚାଷ ହେବ
ଚାଷୀ ମନେମନେ ଭାଳେ ।

ISSN NO.
2582-208X


ଫୁଟଇ କେତକୀ, ଯୁଇ, ଚମ୍ପା, ମଲ୍ଲୀ
କଦମ୍ବ, ସେବତୀ, ଜାଇ
ବାଡ଼ିବଗିଚାରୁ କଖାରୁ, କାଙ୍କଡ଼
ଜହ୍ନି, ଭେଣ୍ଡି ଫଳିଥାଇ
ବର୍ଷା ଜଳ ବୋହି ପ୍ରବେଶ ହୁଅଇ
ପୁଷ୍କରିଣୀ, ନଦୀ, ନାଳେ ।

ନବଦିନାତ୍ମକ ରଥଯାତ୍ରା ହୁଏ
ଇଦଣ୍ଡୁହା ପର୍ବ ପଡ଼େ
ଆଷାଢ଼ ପୂର୍ଣ୍ଣିମା ଗୁରୁ ପୂର୍ଣ୍ଣିମା ଯେ
ଗୁରୁ ପୀଠେ ଶିଷ୍ୟ ଗଢ଼େ
ଏ ଆଷାଢ଼ କାଳେ ଇନ୍ଦ୍ର ବର୍ଷା ଢାଳେ
ସାରା ଜଗତକୁ ପାଳେ ।

ନିହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ମଣିଷ ଜୀବନ
# ପକ୍ଷୀ ଠାରୁ ହୀନ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଥରେ ଦଳେ କୁଆ ଖର୍ ବେଳଟାରେ କୁଆଡୁ ଉଡ଼ି ଉଡ଼ି ଆସି ଭୋଡା ଫୋନ୍ ଟାୱାର ଉପରେ ଉପରେ ବସି ପଡ଼ିଲେ। ତହିଁରୁ ଜଣେ ବର୍ଷୀୟାନ କୁଆ କହିଲ୍ "ଆମେ ତ ନିରାପଦ ସ୍ଥାନ ଖୋଜି ଖୋଜି ନୟାନ୍ତ ହେଲୁଣି। ସରକାର ତ 'ରାସ୍ତାର ସୌନ୍ଦର୍ଯ୍ୟ କରଣ ପାଇଁ ଗଛ ସବୁ କାଟି ନିର୍ମୂଳ କରି ଦେଲେଣି । ଆମର ନିରାପଦ ସ୍ଥାନରେ ରହିବାକୁ ଆଉ ଜାଗା ନାହିଁ। ଗଛ ବଦଳରେ ଟେଲିଫୋନ୍ ଟାୱାର ସବୁ ସ୍ଥାପନ କର୍ ଗଲ୍ଣି। ଆମେ ମାନେ ବର୍ଷା ଦିନେ ଏହି ଟାୱାର ତଳେ ରହି ପାରିବା। କଥାଟା ସମସ୍ତ ଙ୍କ ମନକୁ ପାଇଲ୍। ସେମାନେ ଟାୱାରକୁ ନିରାପଦ ମନେକରି ସେଠାରେ ଆସି ରହିଲେ ।

ଦିନେ ଚିଲିକା ଅଞ୍ଚଳରୁ ପେଲିକାନ ପକ୍ଷିମାନେ ଉଡ଼ି ଉଡ଼ି ଆସି ଟାୱାର ପାଖରେ ଜମା ହେଲେ। ସେଥିରୁ ଜଣେ ପକ୍ଷୀ କହିଲା "ହୁଏତ ଇଏ ତ' ଆମପାଇଁ ନିରାପଦ ସ୍ଥାନ। ୟାକୁ ଛାଡି ଆମେ କେଉଁଠାକୁ ଯିବା କାହିଁକି ? ସତକୁ ସତ ସେହି ପକ୍ଷିଙ୍କର କଥାରେ ଅନ୍ୟମାନେ ହଁ କଲେ। ସେମାନେ ଆଉ ଚିଲିକାକୁ ନଯାଇ ଟାୱାର ଉପରେ ବସି ରହିଲେ।

କିଛି ଦିନପରେ କୁଆ ମାନେ ଆସି ସେମାନଙ୍କ ଭାଷାରେ ପେଲିକାନ୍ ମାନଙ୍କୁ କହିଲେ ଆମେ ଆଗରୁ ଆସି ଏହି ଟାୱାରକୁ ନିରାପଦ ସ୍ଥାନ ମନେ କରି ବାଛିଛେ। ଏହାକୁ ତୁମେ ଅକ୍ତିଆର କଲେ ଆମେ କୁଆଡେ ଯିବୁ ? ତାଙ୍କ କଥା ଶୁଣି ପେଲିକାନ୍ମାନେ ଆଉ ଟାୱାରରେ ନ ବସି ଚିଲିକା ଅଭିମୁଖେ ଚାଲି ଗଲେ । କୁଆମାନେ ସେହିଦିନ ଠାରୁ ଟାୱାର ଉପରେ ନିରାପଦ ମଣି ରହିଲେ।

ISSN NO.
2582-208X

ଦିନେ ଏହି ମଣିଷ ଜାତି, କୁଆ ମାନଙ୍କୁ ସେଠାରୁ ତଡ଼ିବା ପାଇଁ ଚେଷ୍ଟା କଲେ। କୁଆ ମାନେ ନୀରବରେ ସବୁ ସହିଯାଇ ସେଠାରୁ ଚାଲିଗଲେ। ଜଣେ କୁଆ କହିଲା ଆମେମାନେ ଆଜିଠୁଁ ପଚାସଢ଼ା ଖାଦ୍ୟ ଓ ମୁର୍ଦ୍ଦାର ଖାଇବାନି, ଦେଖିବା ଏ ମଣିଷ କେତେ ସଫା କରିବ କରୁ। ସତକୁ ସତ କୁଆ ମାନେ ଆଉ ପଚାସଢ଼ା ଓ ମୁର୍ଦ୍ଦାର ଖାଇଲେ ନାହିଁ। ସେମାନେ ଉଡ଼ି ଉଡ଼ି ଗଛରୁ ପାଚିଲା ଫଳ ମାନ ଖାଇଲେ। ପଚାସଢ଼ା ଓ ମୁର୍ଦ୍ଦାର କୁଆ ମାନେ ନ ଖାଇବାରୁ ଚାରିଆଡେ ଦୁର୍ଗନ୍ଧ ରେ ନାକ ଫାଟି ପଡ଼ିଲା। ମଣିଷ ମାନେ ଭାବିଲେ ଆମେମାନେ ଟାୱାର ଉପରେ ବସି ଥିବା କୁଆ ମାନଙ୍କୁ ଘଉଡାଇ ଦେବାରୁ ଏହି ଦଶା ହେଲା।

ସେମାନେ ସେହି ଦିନ ଠାରୁ କୁଆ ମାନଙ୍କୁ ଶ୍ରଦ୍ଧା କଲେ। ପୂନେଇଁ ପରବରେ ଭାତ, ଡାଲି ଓ ପିଠା, ଖିରି ଇତ୍ୟାଦି ଦେଲେ। ସେମାନେ ଆନନ୍ଦରେ ସେଗୁଡ଼ିକୁ ଖାଇ ଟାୱାର ଉପରେ ବସି ରହିଲେ। ପେଲିକାନ୍ ମାନେ କୁଆ ମାନଙ୍କ କଥା ଶୁଣି ଚିଲିକାକୁ ଚାଲିଗଲେ। ସେହିଦିନଠାରୁ କୁଆ ମାନେ ପଚାସଢ଼ା ଓ ମୁର୍ଦ୍ଦାର ମାନଙ୍କୁ ଖାଇ ରାସ୍ତା ଘାଟ ସଫା କରିବାକୁ ଲାଗିଲେ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଦୁର୍ଗା ଦୁର୍ଗତିନାଶିନୀ



ଅମୃତନାରାୟଣ ଶତପଥୀ

ଦୁର୍ଗା ଯେ ତୁମେ ଦୁର୍ଗତିନାଶିନୀ,
ଦଶଭୂଜା ପୁଣି ମହିଷାମର୍ଦ୍ଦିନୀ। (୧)

ଶାରଦୀୟ ପୁଣି ବାସନ୍ତୀ ଯେ ଦୁର୍ଗା,
ଦେବୀରୂପେ ପୁଣି ପାଉଥାଅ ପୂଜା।(୨)

ଅନ୍ୟାୟ ଉପରେ ନ୍ୟାୟର ବିଜୟ,
ଅସୁର ଉପରେ ପୁଣି ଦିଗ୍ ବିଜୟ (୩)

ଅଧର୍ମକୁ ନାଶି ଧର୍ମର ପ୍ରତିଷ୍ଠା,
ସବୁ ଦେବତାଙ୍କ ପୁଣି ତ ପ୍ରଚେଷ୍ଟା।(୪)

ସଭିଙ୍କ ଶକ୍ତି ଓ ଆୟୁଧକୁ ଧରି,
ଦର୍ଶାଉଛ ପୁଣି କେତେ ଶକ୍ତ ନାରୀ।(୫)

ଜଗତ ଜନନୀ ଆହେ ମହାମାୟା,
ବରଷାଇ ଦିଅ ତୁମ କୃପା ଦୟା।(୬)

ISSN NO.
2582-208X

ଆଶିଷେ ତୁମ୍ଭର ମିଳୁ ଯେ ସଦ୍ ଗୁଣ,
ଦୂର ହୋଇଯାଉ ସର୍ବଦା ଦୁର୍ଗୁଣ ।(୭)

ନାରୀ ଶକ୍ତି ପ୍ରତି ରହୁ ଯେ ବିଶ୍ୱାସ,
ନାରୀ ସମ୍ମାନରେ ମନ ରହୁ ବଶ ।(୮)

ନାରୀକୁ ନଭାବ କେ ଆବଳାଦୁର୍ବଳା,
ନାରୀ ପାଇଁ ସୃଷ୍ଟି ଏ ସଂସାର ଲୀଳା।(୯)

ନାରୀ ଯେ ଶକ୍ତି ନାରୀ ଯେ ସୃଷ୍ଟି ପୁଣି ସ୍ନେହମୟୀ ଜନନୀ,
ପାପର ସଂହାରେ ହୋଇପାରେ ଦୁର୍ଗା ଦୁର୍ଗତିନାଶିନୀ ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଗୁରୁଙ୍କ ପାଇଁ ପଦେ



ନନ୍ଦିନୀ ରାଉତ

ଆହେ ଗୁରୁ ତୁମ ପାଦେ
କୋଟି ପ୍ରଣିପାତ
ଜଗତ କୁ ତୁମେ ସଦା
କରିଛ ପବିତ୍ର... 1

ସ୍ଥାବର ଜଙ୍ଗମ କୀଟ
ଆଉ ତରୁତୃଣ
ତୁମ ଶିକ୍ଷା ଦାନ ବଳେ
ହୋଇଲେ ମହାନ... 2

ମାଟିର ମଣିଷ ପାଇଁ
ହୋଇ ଦିବ୍ୟ ରୂପ
ଜ୍ଞାନ ତୈଳ ଭରିଦେଇ
ଦେଇଛ ସ୍ୱରୂପ... 3

ବିଦ୍ୟା ଦାନେ ବ୍ରତୀ ହୋଇ
ଦିବ୍ୟ ଗୁଣ ଦେଲ
ସାଧକ ହୋଇ ସାଧନା
ବହୁତ ଯେ କଲ... 4

ଦେଶ ସେବା ମାତୃସେବା
କରିବାର ପାଇଁ
ତୁମ୍ଭ ର ପ୍ରଚେଷ୍ଟା କେବେ
ବ୍ୟର୍ଥ ଯିବ ନାହିଁ... 5

ଗଢ଼ିଅଛ କେତେ ରୂପେ
କେତେ ଯେ ମଣିଷ
ତୁମ୍ଭ ଶିଷ୍ୟଗଣ ଏହି
ଦେଶ ର ଭବିଷ୍ୟ.... 6

କର୍ମ ମୟ ଜୀବନ ଯେ
ପରୋପକାରୀ ତା
ପରମ ପାବନ ଗୁରୁ
ତୁମ୍ଭେ ଜ୍ଞାନ ଦାତା... 7

ବାଲିପଟା, ଅନୁଗୁଳ

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅଜନତା ପଣ୍ଡା

## ପରିବାର ରଜ୍ଜୁ

(୧)

ଭଦ୍ରକରୁ ଫେରିବା ଦିନଠୁ ଗୋପବନ୍ଧୁ ବାବୁ କେମିତି ଟିକିଏ ଉଦାସିଆ ହେଇ ଯାଇଛନ୍ତି । କ'ଣ ହେଲା ! ବାପ, ପୁଅ ଧିଏଁ ମିଶି ଗୋଟେ ଗାଡ଼ିକରି ନାତି ପାଖକୁ ଯାଇଥିଲେ । ଆଇଲା ବେଳୁକୁ ନାତୁଣୀ ବୋହୂକୁ ବି ଗାଁକୁ ନେଇ ଆଇଲେ । ତେବେ ଅସୁବିଧା କୋଉଠି ରଇଲା । ମାଳତୀକୁ ପଚାରିଲେ କିଛିଟା ଜଣା ପଡ଼ନ୍ତା । ହେଲେ ସେ ଛୁଆଟା ମନରେ କାଇଁକି ବୋଝ ନଦିବେ ଶଶିକଳା । କେତେ ମାସ ବାଦ୍ ଘରକୁ ଆଇଚି । ମଧୁ ବାପାକୁ ତ ପଚାରି କିଛି ଲାଭ ନାହିଁ ଭୋଳା ମଣିଷ । ହୋ ନାହିଁ କି ହ୍ୱୋ ନାହିଁ । ତେବେ କାହାକୁ ପଚାରିବେ । କଲେଜ ପଢୁଆ ଛୁଆଟା । ଆଉ କାହା... ହାତେ ଜିଭ କାମୁଡ଼ି ପକେଇଲେ ଶଶିକଳା । ଶ୍ରବଣ କୁମାର ଭଳି ପୁଅ ନାଁରେ କ'ଣ ଖରାପ ଚିନ୍ତା ଗୁଡ଼ାକ ମନୁକୁ ଆଇଲା, ମତେ କ୍ଷମା କରିଦିଅ ମହାପ୍ରଭୁ ।

ବୋହୁ ଟିକିଏ ଶୁଣିଗଲୁ । ମୁଣ୍ଡ ଉପରେ ନୁଗାଟାକୁ ଭଲ କରି ମୁହଁ ଓପୁରୁକୁ ଟାଣି ଆଣି ଶଶିକଳା ଶଶୁରଙ୍କ ପାଖେ ପହଞ୍ଚି ଗୋଟେ କରୁକୁ ହେଇ ଠିଆ ହେଇ ରହିଲେ । ଶଶିକଳା ଆଡ଼ୁକୁ ଚାହିଁ ଗୋପବାବୁ କହି ଚାଲିଥିଲେ, "ତୁ ବି ମନେ ରଖିଥା ବୋହୂ, ଚକେ ଗଲେ ବାର ହାତ । ଥରେ ହାତରୁ ଖସିଗଲେ କ'ଣ ଯେ ହବ କେହି କହିପାରିବେନି ।"

ISSN NO.
2582-208X

ଧୀର ପାଣି ପଥର କାଟେ ବାପା । ଆମ ମଧୁ କୋଟିକରେ ଗୋଟିଏ । ବାରଣ୍ଡାରୁ କହିଲେ ନୀଳମଣି ବାବୁ । ଅଣ୍ଟି ଛୁରି ତଣ୍ଟି କାଟେରେ ନୀଳ । ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଂଗେ କିମ୍ପା କଳି । ନେଡ଼ିଗୁଡ଼ କୋହୁଣୀକୁ ବୋହିଗଲେ ସବୁ ସରିଯିବ । କଲେଜର ସେଇ ବାଡ଼ିପଡ଼ାମାନଙ୍କର ଛୁଆମାନଙ୍କ ସାଂଗରେ ପଡ଼ି ଆମ ମଧୁ ପିତା ହୋଇଯାଉଛି । ଭିତରୁ ଛୁଆ କାନ୍ଦଣା ଶୁଣି ପୁଣି କହିଲେ, ଯା ବୋହୂ, ଦେଖ ସେ ଛୁଆଟା କାଇଁକି ଇମିତି ରାହା ଧରିଛି । ତୁ ଟିକିଏ ସେ ଛୁଆ ଓପରେ ନିଘା ରଖ । ନେଞ୍ଜା ଯୋଗେ ସେ ସବୁ ଠିକ୍‌ରେ ହେଉନି ।

ବାପ, ପୁଅଙ୍କର ଆଲୋଚନା ସମାଲୋଚନା ବହୁ ସମୟ ପର୍ଯ୍ୟନ୍ତ ଜାରି ରହିଲା । ତତେ ଗୁଟେ କଥା ପଚାରିବି ଲୋ ନେଞ୍ଜା, ମତେ ସତ ସତ କଇବୁ ।

କୋଉ କଥା ମା ?

ମଧୁ ମାଳଙ୍କର କ'ଣ ନିତିନିତି ଝଗଡ଼ା ଝାଣ୍ଟି ନାଗିଥାଏ । ଝଗଡ଼ା ! କଣ କୋଉଚ ମା !! ଜଣେ ଜଣକ ପାଇଁ ବିକଳ ହଉଥାଆନ୍ତି । ବୋହୂମା ତ ଭୋଳୀ । ତାଙ୍କ ପାଇଁ ଦାଦାବାବୁ ବେଶୀ ବିକଳ ହେଉଥାଆନ୍ତି । ମତେ କେତେଥର ଆକଟିଚନ୍ତି । ସିଏ ଛୁଆଟା । ତୁ କାଇଁକି ସବୁବେଳେ ତା ପାଖେ ପାଖେ ରୋଉନୁ । କେତେବେଳେ କୋଉ କଥା । ସିଏ କିଛି ଜାଣିଚି ନାଁ କିଛି ବୁଝେ । ଗୋଟେ ଶାନ୍ତିର ନିଶ୍ୱାସ ନେଲେ ଶଶିକଳା । ତାଙ୍କ ଠୋଉଁ ତାଙ୍କ ପୁଅକୁ ଆଉ ବେଶୀ କିଏ ଚିହ୍ନିବ !

ତୁଣ୍ଡ ବାଇଦ ସହସ୍ର କୋଶ । ଦୂର ଦୂରକୁ ଖବର ଉଡ଼ିଗଲା । ଜମିଦାର ବାବୁଙ୍କ ଘରେ ପୁଅ ଜନମ ହେଇଚି । ଦୂର ଦୂରାନ୍ତର ବନ୍ଧୁ ବାନ୍ଧବଙ୍କର ଭିଡ଼ ବଢ଼ିଲା । ସମସ୍ତଙ୍କୁ ଶଶିକଳା ଗୋଟିଏ ଜବାବ୍ ଦେଉଥିଲେ, ହଁ, ଆମ ଘରେ ପୁଅ ଜନମ । ହେଲେ ସେ ମଧୁର ନୁହେଁ । କଥା ମାଜିଲେ ମୋଟା, ସୂତା ମାଜିଲେ ସରୁ । କଥା ଗୁଡ଼ାକ ପୁଣି ଖେଳି ଯାଇ ନୂଆ ନୂଆ ରୂପ ନେଉଥିଲା ।

ISSN NO.
2582-208X

ହଁ ପରା, ଜମିଦାରୀଆଣୀ କୋଉଥେଲେ ସେ ଛୁଆଟା ତାଙ୍କ ପୁଅର ନୁହେଁ । ହଁ ସତ କଥା, ବୋହୁ ଆସି ତ ଜମା ଛଅଟା ମାସ ହେଇଚି । କି ହଟହଟା କଥା ଗୋ ।

ହଁ ଲୋ ସୁରୀ, ବଡ଼ ଘର ବଡ଼ କଥା । "ସରଗକୁ ନିଶୁଣି ନାଇଁ, ବଡ଼ ନୋକୁକୁ ଉତ୍ତର ନାଇଁ ।" ଆମମାନଙ୍କ ଘରେ ସେଇଆ ହେଇଥେଲେ ଗାଁ ବାଲେ ଏକଘରିଆ କରିଦେଇ ଥାନ୍ତେ । ପୁଣି କିଏ କୋଉଥାଏ, ନାଇଁ ଗୋ ତା ନୁଏଁ ।

ସେଇଟା ତାଙ୍କ ଚାକିରିଆଣୀର ଛୁଆ । ବୋହୁ ପେଟରେ କ'ଣ ଗୁଟେ ଦୋଷ ରଇଚି । ସିଏ ପେଟରେ ହେଇ ପାରିବନି । ତେଣୁ କୋଉଠୁ ଗୁଟେ ବେଧପୁଅ ନେଇ ଆଇଚନ୍ତି । ନାଁ ଲୋ ଚୂଲୀ ନାନୀ, ତା ନୁଅଁ । ସେଇଟା ତାଙ୍କ ଚାକିରିଆଣୀର ବେଇପୁଅ । ଗରିବ ଚାକିରିଆଣୀଟା । ଓପୁରୁକୁ ଘଇତା ଗାଡ଼ି ଚାପାରେ ମରିଯାଇଚି । କ'ଣ ଆଉ କରନ୍ତା । ମୁନିବ ଯିମିତି ମୋଡ଼ିବେ, ସିମିତି ଚାଲିବ ।

ସତ କୋହୁଚୁ, ଚୁଟୀ ଅପା । ସେ ଚାକରିଆଣୀର ଘଇତାଟା ତ ମୁସଲମାନ ଥିଲା । ତା ଛୁଆଟାକୁ ବାବୁଘର କେମିତି ଆପଣେଇଲେ ଯବନ ରକତ । ବଡ଼ ହେଲେ ସିଏ କ'ଣ ଆଉ ତୁମ ଆମ ଭଳିଆ ରହିବ! ଗାଁ'ରେ ଖାଲି ହାଣ କାଟ । ହେଇ ଦେଖୁନୁ, ଏଇ ହଣା କଟାରେ କେତେ କେତେ ନିରୀହ ମଣିଷ ଗୁରାକ ଜୀବନ ହାରିଲେ । ସେଇ ଗାନ୍ଧୀ ବାବା । ତାଙ୍କର ବିଭୂତି ପକେଇ ସେ କେତେ କେତେ ଗୋରାଗୁରାଙ୍କୁ ଘୋଉଡ଼ି ଦେଲେ । ଆମ ଦେଶ କାଳେ ସାଧିନ ହେଇଗଲା ।

ଏ ସାଧିନ କ'ଣ କିଗୋ ଶାଗୁଣୀ ଦିଦି । ମୁଁ ତ ଢ଼ାକାରୁ ଆଇଛେଁ । ମତେ ଜଣା ନାଇଁ । ଆଲୋ ତୁମେ ଗୁରା ଗୋଟେ ଛୋଟ ଥାନୁରୁ । ତୁମେ କୋଉଠୁ ଜାଣିବ । ସାଧିନ ହୋଉଚି ଗୋଟେ ଟଙ୍କା ସୁନା ଭରା ପେଟରା । ଯା ଓପରେ ବିଭୂତି ପକେଇ ଗାନ୍ଧୀବା ମନ୍ତର କରି ଦେଇଚନ୍ତି । ପେଟରା କେବେ ବି ଖାଲି ହବନି । ସଭେ ବାଣ୍ଟି କୁଣ୍ଟି ଖାଇବେ । ମୋ ଘଇତା ମତେ ଗୁଟେ କଥା କଇଚି । ମୋର ତ ପରତେ ଆସୁନି । ତୁ କିଛି ଶୁଣିଚୁ କି ଚୁଟୀ ଅପା ।

ISSN NO.
2582-208X

କୋଉ କଥାଲୋ ମୋତି ।

ଗରିବ ଗୁରୁବାଙ୍କ ଓପରେ ରାଜୁତି କରୁଥେବା ସବୁ ବାଡ଼ିଖିଆମାନଙ୍କ ହାତୁରୁ ଜମିଦାରୀ ପେଟରା ସରକାର ଛଡ଼େଇ ନେଇଛନ୍ତି । ସତରେ ଲୋ ମୋତି ? ତେବେ ସେମାନେ ତ ଆଉ ଆମ ଉପରେ ଘୋଡ଼ା ଚଢ଼ିବେନି ।

ହଁ ଲୋ, ପାପ ଆଉ କେଇଦିନ ଥିର ରଇ ପାରନ୍ତା ! ଆଉରି କ'ଣ ଗୁଟେ ଅଛବନି ଭିଆ କରେଇବେ । ସେଇଟା ପୁଣି କ'ଣ କେଜାଣି! ଆମେ ଥୟ ଧରି ରହିବା ଗୋ ଧୁନ୍ଦି ଅପା । ଗାନ୍ଧୀ ବା ଆମ ଗରିବ ଗୁରୁବା ମାନଙ୍କ ହିତରେ ସବୁ କରୁଚନ୍ତି । ସେଇଟା ଗୁଟେ ସେଇମିତି ହେଇଥିବ ।

ତୁ ଇଏ କ'ଣ କୋଉଚୁ ଚୁଲୀ ନାନୀ । ଗାନ୍ଧୀ ବା ଆଉ କ'ଣ ବଞ୍ଚିଛନ୍ତି ? ତାଙ୍କୁ କାଳେ ସେଇ ବାଡ଼ିଖିଆ ନଥୁ ଯବନଟା ବନ୍ଧୁକ ମାରି ଦେଲା । ନଥୁଟା ଯବନ ନୁଏଁ ଲୋ । ଆମରି ଭଳିଆ ହିନ୍ଦୁ । କଥାରେ ନାଇଁ, 'ଅଣ୍ଟି ଛୁରି ତଣ୍ଟି କାଟେ ।' ଆଉ ଜାଣିଚୁ, ସେଇ ଦୋଷ ନାଗି ତାକୁ ଫାଶୀ ଖୁଣ୍ଟେରେ ଚଢ଼େଇ ଦିଆଯାଇଥେଲା । ପାଞ୍ଚ ବରଷ ହବ ।

ଆଲୋ ହେଇଟି, ସେ ମୁସଲମାନୀଆଣୀଟା ଆମ ଆଡ଼ୁକୁ ଆଉଚି । ଆମ କଥା ତା କାନେରେ ପଡ଼ିଲେ ନଗେଇ ଯୋଚେଇ ଜମିଦାରୀଆଣୀ କାନେରେ ଫୋଡ଼ି ଦବ । "ଆଲୋ ହେ ଚୂଲୀ, ମା' କଇଚି ଆଜି ଟିକିଏ ବେଳୁସୁ ଆସିବୁ"; କହି ନେଞ୍ଜା ତା ରାସ୍ତାରେ ଚାଲିଗଲା ।

ପରିବର୍ତ୍ତନକୁ କେବେ ବି କେହି ଫଟ୍ କରି ଗ୍ରହଣ କରିପାରେନା । ମାଳତୀ ବା ସେଥିରୁ କେମିତି ବାଦ୍ ଯାଆନ୍ତା । ଏଠି ସବୁ ଅଛି । ଶଶୁର, ଜଜମ୍ ତ ସ୍ନେହ ଜାଲରେ ବାନ୍ଧି ପକେଇଚନ୍ତି । ମା'(ଶାଶୁ)ଙ୍କ କଥା କୁହାଯାଇ ପାରେନା । ଏତେ ସ୍ନେହୀ ମଣିଷ ପୁଣି ଦୁନିଆରେ ଥାଆନ୍ତି ! ହାଣ୍ଡିଶାଳ ଘରେ କିଛି ଅଛି କି ନାହିଁ । ଘରଦ୍ୱାର ସଫା ହେଲା କି ନାହିଁ, ଲୁଗା ଧୋବା ଘରକୁ ଗଲା କି ନାହିଁ, ଆଜି କ'ଣ ସକାଳ ଜଳଖିଆ ହେବ, ଦିପହର ଖାଇବା ସାଂଗରେ ବିଲାତି ବାଇଗଣ ଚଟଣି କି ପୋଦିନା ଚଟଣି ହେବ, ବେଳବୁଡ଼ ଚାହା

ISSN NO.
2582-208X

ସାଂଗରେ କ 'ଣ ପାଟିରେ ପଡ଼ିବ, ରାତି ଖାଇବା ପାଇଁ ଆଇଁଷ ହେବ ନାଁ ନିରାମିଷ । ଏ ସବୁ ଏବେ ଚିନ୍ତା କରିବାକୁ ପଡ଼େନା । ହେଲେ ତାଙ୍କ ଜାଗା ଅଲଗା । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ଥାନ ସେ କାହାକୁ ଦେଇ ପାରୁନି, ତାଙ୍କୁ ଛାଡ଼ି ଦୂରରେ ରହିବା ବିରହ ମଧ୍ୟ ସହିପାରୁନି ।

ଆକାଶ ବକ୍ଷରେ ଶୁକ୍ଳ ଦଶମୀ ତିଥିର ଜହ୍ନ । ସତେ ଯେମିତି ଜହ୍ନର ଖିଲି ଖିଲି ହସ ମୁକ୍ତା ହୋଇ ଝରି ପଡୁଛି ଧବଳ କିରଣ ରୂପରେ । ବାହାର ଚଟାଣରେ ମାଳତୀ ଗଛରୁ ଫୁଲ ଝଡ଼ି ଗଦା ହୋଇଛି । ବାଡ଼ରେ ମାଡ଼ିଥିବା ମଧୁମାଳତୀ ଲଟାରେ ଫୁଲଗୁଡ଼ାକ ମୁଣ୍ଡ ଟେକି ଛିଡ଼ା ହୋଇ ଜହ୍ନକୁ ଡାକ ପକାଉଛନ୍ତି ଯେମିତି । ପାଖକୁ ପାଖକୁ ଗାଢ଼ ଗୋଲାପ ରଙ୍ଗର ଫୁଲ କେଇଟା । ହେଲେ ସେ ସବୁ ଧଳା ଫୁଲ ପାଖରେ ମଳିନ ପଡ଼ି ଯାଉଛନ୍ତି । ଯେମତିକି ବୁଦ୍ଧିମାନ୍, ଜ୍ଞାନୀ ମଣିଷ ମାନଙ୍କ ପାଖରେ ସାଧାରଣ ମଣିଷମାନେ ମଳିନ ପଡ଼ି ଯାଇଥାନ୍ତି । ଫୁଲ ବାସନାରେ ଚାରିଆଡ଼ ମହ ମହ ମହକି ଉଠୁଥାଏ । ତା'ରି ଉପରେ ଆଖି ବିଛାଡ଼ି ବଇଥେଲା ମାଳତୀ । କଚିରୀ ଘରୁ ଜଜମ୍ ଡାକ ଛାଡ଼ିଛନ୍ତି । ମାଳ, ଲୋ ମାଳ, ଆଇଲୁତ ଏଠିକି ।

ଶୁଣି ଶୁଣି ପାରୁ ନ ଥିଲା ମାଳତୀ । ନେଞ୍ଜା ଡାକରେ ସପନ ଦୁନିଆରୁ ନେଉଟି ଆଇଲା ଯେମିତି । ଜେଜେ କେତେ ବେଳୁଠୁ ଡାକୁଚନ୍ତି ବୋହୁମା । ଶୋଇପଡ଼ିଲକି ବୋଲି ମତେ ଦେଖିବାକୁ ପଠେଇଲେ । ଧଡ଼ପଡ଼ ହେଇ ଉଠିପଡ଼ି ମାଳତୀ ପଚାରିଲଳା, "ମା' କ'ଣ କରୁଛନ୍ତି ?

ଜଜମ୍‌ଙ୍କୁ ଚା' ପିଇବାକୁ ଦେଇଚନ୍ତି ତ !"

ଆଠୁଟା ବାଜିବ ବୋହୁ ମା । ଜେଜେଙ୍କୁ ଚା' ତ ତମେ ନିଜେ ପାଞ୍ଚୁଟାରେ ଦେଇଥେଲ । କ'ଣ ହେଇଚି ତମର ! ଧିଅ ଭଲ ଅଛି ତ ! ଦାଦା ବାବୁ ମନେ ପଡୁଚନ୍ତି ଟି ?? ସେଇମିତି ହୁଏ ବୋହୁ ମା । ଇଏ ବଂଚିଥିଲା ବେଳେ ଟିକିଏ ଘରୁକୁ ଆସିବାର ଡେରି ହେଇଗଲେ ମତେ ସେଇମିତି ନାଗୁଥେଲା । ଛୁଆ ଦିଟାଙ୍କୁ ଖାଇବାକୁ ଦବାକୁ ବି ମନେ ରୋଉ ନ ଥିଲା ।

ISSN NO.
2582-208X

ଅସଲାମ ଭାଇକୁ ମନେ ପକେଇ ନେଞ୍ଜାଦିଦି କାନ୍ଦିବା ଆରମ୍ଭ ନ କରିଦିଏ ତେଣୁ କଥା ବାଆଁରେଇ ପଚାରିଲା, "ମା' କ'ଣ ହାଣ୍ଡିଶାଳ ଘରେ ।"

ହଁ, ରନ୍ଧା ସାରିଲେଣି । କାଆଲି ଶନିବାର, ଦାଦା ବାବୁ ଆଇବେ ତ, ତାଙ୍କ ନାଗି ଜାତି ଜାତିକା ପିଠା ତିଆରି କରୁଛନ୍ତି । ତୁ ଟିକିଏ ମା'ଙ୍କୁ ହାତ ବାଣ୍ଟୁନୁ କାଇଁକି ନେଞ୍ଜାଦିଦି । ସିଏ ଏକା ଏକା ସବୁ କରୁଛନ୍ତି ।

କାଟି, ବାଟି, କୁଟି ରଖି ଦେଇଥିଲି । ମୁଁ ତମ ହାଣ୍ଡିଶାଳକୁ କିମିତି ପଶିବି ? ହାଣ୍ଡି ମାରା ହେଇ ଯିବନି ?? ଗୁଟେ କଥା କଇବି ବୋହୂ ମା', ତମେ ଟିକିଏ ମା'ଙ୍କୁ ହାତ ବାଣ୍ଟୁନ କାଇଁକି ?

ମନ ତ କରୁଚି । ହେଲେ ମା' ରାଗ ହେବେନି । ସେଦିନ ତମେ ଟିକିଏ ଭିତୁରକୁ ମସଲା ଗିନାଟା ରଖିଦେଲ ଯେ କେତେ ରାଗ ହୋଉଥେଲେ । ମୁଁ ପରା ଅଜାତି । ତମେ ତ ତାଙ୍କ ବୋହୂ ।

ଏ ଜାତି ଅଜାତି କ'ଣ ନେଞ୍ଜାଦିଦି । ମୋ ଛୁଆଦିନେ ବୋଉ ବି ଆମ ମାନୁଙ୍କୁ ସେଇ କଥା କୋଉଥେଲା ।

ମତେ କ'ଣ ବେଶୀ କିଛି ଜଣା । ତମେ ଜେଜେଙ୍କୁ ପଚାରୁନ । ତାଙ୍କର ଭୋଉତୁ ବୁଦ୍ଧି । ସାରା ଜୀବନ ତ ସେ ରାଜୁତି କରିଚନ୍ତି । ତମ ବାପାଙ୍କ ଠୋଉଁ ବି ଭୋଉତୁ ଜାଣନ୍ତି । ତୁ ବି କୁଆଡ଼େ ଉଭେଇଗଲୁ ନେଞ୍ଜା ! ମାଳ କ'ଣ କରୁଚି ।

ଆଉଚି ଜଜମ୍ ।

ହଇଲୋ, କ'ଣ ନିଦ ହେଇ ଯାଇଥିଲା କି ? ସଞ୍ଜ ବେଳୁଟା କ'ଣ ଶୋଇବା ସମୟ ।

ନାଁ ଜଜମ୍ ଶୋଇ ନ ଥିଲି । ମୁଁ ଭାବୁଥିଲି ...

ISSN NO.
2582-208X

କ'ଣ ସେଇ ନାଲାୟକକୁ ମନେ ପକୋଉଥିଲୁ ।

ନାଁ, ଜଜମ୍ କୋଉଥିଲି ମୁଁ ହାଣ୍ଡିଶାଳ ଭିତୁରୁକୁ ଗଲେ ମା' ରାଗ ହେବେନି ତ । ଏକା ଏକା ମା' କେତେ ହଇରାଣ ହୋଉଚନ୍ତି ।

ଠିକ୍ କୋହୁଛୁ । ମା' ପାଖରେ ଲଟର ପଟର ହେଲେ ତତେ ଭଲ ଲାଗିବ । ତା ଛଡ଼ା ତୁ ତା' ଠୋଉଁ ବହୁତ କିଛି ଶିଖିଯିବୁ । ଗଲୁ ଏବେ ଦେଖି ଆସିବୁ । କିଛି କଇଲେ କଇବୁ ଜଜମ୍ ପିଠା ଚାଖିବା ପାଇଁ କୋଉଛନ୍ତି ।

ହାଣ୍ଡିଶାଳ ଘରେ ପଶି ମାଳତୀକୁ କିଛି କଇବାକୁ ହେଲାନି । ତାକୁ ଦେଖୁ ଦେଖୁ ଶଶିକଳା କହିଲେ, ଭଲ ହେଲା ଆଇଲୁ । ଏ ପିଠା ଦିଟା ନେଇ ଜଜମ୍‌ଙ୍କୁ ଦେଇଆ ତ । ତାଙ୍କ ପସନ୍ଦରେ ମଧୁର ପସନ୍ଦ । ଜଜମ୍‌ଙ୍କ ପାଖେରେ ପିଠା ରେକାବି, ଆଉ ପାଣି ଗିଲାସୁଟା ରଖିଦେଇ ତାଙ୍କ ପାଖରେ ବସି ପଡ଼ିଲା ମାଳତୀ । ମା'କୁ କହିଦେ, ଖୁବ୍ ବଢ଼ିଆ ହେଇ । କଲୁଟାଏ ଖାଇ କଇଲେ ଜଜମ୍ ।

କଇଦେବି ଜଜମ୍ । ମତେ ଏବେ ଗୋଟେ କଥା କଇଲ । ରଇଥା, ଯୋଉ କଥା ଯେତେବେଳେ ସେତେବେଳେ ତାହା ନ କଲେ ତା'ର କିଛି ମାନେ ରହେନା ।

ବୁଝିଗଲି, ଏବେ ଯାଇ ମା'ଙ୍କୁ କହି ଆସୁଚି ।

ଆସିଲୁ, ହଉ ଏବେ କହ କ'ଣ ପଚାରୁଥିଲୁ ?

ଅଜାତି କ'ଣ ଜଜମ୍ ?

ଭଲ ହେଇଚି ତୁ ସେ କଥା ଜାଣିନୁ । ଏଇ ଜାତି ପ୍ରଥା ଗୋଟିଏ ଅସାମାଜିକ ପ୍ରଥା କହିଲେ ଭୁଲ୍ ହେବନି । ଭାରତରେ ଏହା ପୁରାତନ କାଳରୁ ଚଳି ଆସୁଛି । ଏହା ଉପରେ ବହୁ ଆଲୋଚନା, ସମାଲୋଚନା ହେଉଥିଲେ ମଧ୍ୟ ଏହା ଦେଶର ସାମାଜିକ, ଧାର୍ମିକ ଏବଂ

ISSN NO.
2582-208X

ରାଜନୀତିକ ପ୍ରଣାଳୀକୁ ଏବେ ମଧ୍ୟ ଜାବୁଡ଼ି ଧରିଛି । ଅଳ୍ପକେ କହିବି ଯଦି ସମାଜରେ ଯେଉଁ ସବୁ ମନ୍ଦ ଭାବନା ଜଡ଼ି ରହିଛି ଜାତି ପ୍ରଥା ସେ ମଧ୍ୟରୁ ଗୋଟିଏ ।

ଏତେ ବଡ଼ ଖରାପ କଥା ଯଦି ସମସ୍ତଙ୍କର ଜାଣି ରଖିବା ଦରକାର । ମତେ ଟିକିଏ ତା ବିଷୟରେ ଭଲ କରି କୁହ ।

ଭାରତରେ ଜାତି ପ୍ରଥା ଚାରି ଭାଗରେ ବିଭକ୍ତ । ଯାହା ହେଲା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର । ସୃଷ୍ଟିର ଆରମ୍ଭରେ ବ୍ରହ୍ମାଙ୍କର ଆବିର୍ଭାବ ଜାଣିଥିବୁ ନିଶ୍ଚୟ ।

ହଁ, ବାପାଙ୍କ ମୁହଁରୁ ତାହା କେତେଥର ଶୁଣିଚି ।

କୁହାଯାଏ ବ୍ରାହ୍ମଣ ମାନଙ୍କର ସୃଷ୍ଟି ବ୍ରହ୍ମାଙ୍କ ଶିରରୁ । ତେଣୁ ସେମାନେ ସର୍ବଶ୍ରେଷ୍ଠ । ପୁରୋହିତ, ପୁଜାରୀ, ବୁଦ୍ଧିଜୀବି ଏବଂ ଶିକ୍ଷକ ଏଇ ଗୋଷ୍ଠୀର । କ୍ଷତ୍ରିୟ କହିଲେ ରାଜା ଏବଂ ଯୋଦ୍ଧା । ଯେଉଁମାନେ ବ୍ରହ୍ମାଙ୍କ ବାହୁରୁ ଜାତ, ସେହିପରି ବୈଶ୍ୟ କହିଲେ ବେପାରୀ ଏବଂ କୃଷକମାନଙ୍କୁ ବୁଝାଇଥାଏ । ସେମାନଙ୍କର ଜାତ ବ୍ରହ୍ମାଙ୍କ ଜଙ୍ଘରୁ । ଶେଷ ଜାତିଟି ହେଲା ଶୁଦ୍ର ଅର୍ଥାତ୍ ମୂଲିଆ ଯେଉଁମାନେ ବ୍ରହ୍ମାଙ୍କ ପାଦରୁ ଜାତ । ବହୁ ପରେ ଅନ୍ୟ ଏକ ଜାତି ଯୋଡ଼ିଲା, ଯାହା ଅଛୁଆଁ, ତଥା ନିମ୍ନ ଜାତି ନାମରେ ପରିଚିତ । ଆଜି ମଧ୍ୟ ନିମ୍ନ ଜାତି ବହୁ ସୁବିଧାର ଆନନ୍ଦ ଉଠାଇବାରୁ ବଂଚିତ । ଆମେ ସମସ୍ତେ ଚେଷ୍ଟା କଲେ ଦିନେ ନା ଦିନେ ଏ ସଂସାରରୁ ଜାତି ପ୍ରଥା ଦୂର ହେଇଯିବ ।

କ'ଣ କୋହୁଚୁ ବୋହୁ । ଶଶିକଳାକୁ ପାଖରେ ଦେଖି କହିଲେ ଗୋପବନ୍ଧୁ ବାବୁ । ଇଏ ଆଜି ଡେରିରେ ଆସିବେ । ତୁମ ଶୋଇବା ସମୟ ଡେରି ହେଇଯିବ । ହଉ, କେତେ ଡେରି କରିବ ଯେ । ଆସିଯାଉ, ଏକାଠି ଖାଇବା ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଆସିଲନି ତୁମେ



ଝରଣା ବାରିକ

ଶୀତ ଅଗଣାରେ ଗୀତ ଗାଇ ଗାଇ
ବୁଲୁଥିଲି ସାରା ରାତି
ଏକା ଏକା ମନ ବୁଝୁତ ନଥିଲା
ତୁମେ ବି ନଥିଲ ସାଥି ।

କାକର କୁହୁଡି ସାଥେ ଥିଲେ ମୋର
ପବନ ବି ବହୁଥିଲା,
ଭାବନା ରେ ମୋର ତୁମେ ରହିଥିଲ
ମନେ ଛବି ଆଙ୍କୁଥିଲା ।

ଶେଫାଳୀ ଫୁଲ ର ମହକ ରେ ମୋର
ଅଗଣା ଟି ବାସୁଥିଲା,
ରଜନୀଗନ୍ଧା ର ରୂପା ଚାନ୍ଦି ବେଶ
ମନୋରମ ଦିଶୁଥିଲା ।

ଫଡଫଡ ହୋଇ ଆକାଶ ଛାତିରେ
କିଏ ଗୋଟେ ଉଡିଗଲା,
ଚମକି ପଡ଼ି ମୁଁ ଚାହିଁ ଲି ସେଆଡେ
ବାଦୁଡି ଟେ ବସିଥିଲା ।

ଆସିବାକୁ ମୋତେ କହିଥିଲ ବୋଲି
ସାରା ରାତି ଥିଲି ଚେଇଁ,
କଥା ଦେଇ ତୁମେ କଥା ରଖିଲନି
ପଡ଼ିଥିଲ ବୋଧେ ଶୋଇ ।

ଶୀତ ର ଛାତିରେ ଉଷୁମ ଶେଯରେ
ତୁମେ ସିନା ଗଲ ଶୋଇ,
ଅପେକ୍ଷା ରେ ତୁମ ରାତି ପାହିଗଲା
ଏବେ ବି ରହିଛି ଚାହିଁ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ: 9556846932

ISSN NO.
2582-208X

# ବିବାହ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ବିଶେଷ ଭାବରେ
ଦାୟିତ୍ୱ ବହନ
କରା ଯାଇଥାଏ ବୋଲି
ବିବାହ ନାମଟା
ସାର୍ଥକ ହୋଇଛି
ନୁହେଁ ଏ ଖାମ ଖିଆଲି ।

ବାପ ଘର ଝିଅ
ଶାଶୁ ଘରେ ବୋହୂ
ସ୍ୱାମୀର ଭାରିଜା ହୁଏ
ଶାଶୁ ଶ୍ୱଶୁର ଓ
ସ୍ୱାମୀ ନଣନ୍ଦଂକ
ଦାୟିତ୍ୱ ସେ ନେଇଥାଏ ।

ଆଗାମୀ ଦିନର
ସନ୍ତାନକୁ ସିଏ
ଗର୍ଭରେ ଧାରଣ କରେ
ସେଇଥି ପାଇଁ ତ
ବିବାହ ବନ୍ଧନ
ଗୁରୁତ୍ୱ ବହନ କରେ ।

ବାପା ମାଆ ତାଂକ
ଝିଅକୁ ଶିଖାନ୍ତି
ପର ଘରକୁ ସେ ଯିବ
ନିଜ ବ୍ୟବହାରେ
ପର ଲୋକଂକୁ ସେ
ଆପଣାର କରିନେବ।

ଶାଶୁ ଶ୍ୱଶୁରଂକୁ
ମାଆ ବାପା ପରି
ସେବା ଯତ୍ନ କରୁଥିବ
ନଣନ୍ଦ କୁ ସିଏ
ଭଉଣୀ ପରିକା
ସ୍ନେହ ଶ୍ରଦ୍ଧା କରୁଥିବ ।

ISSN NO.
2582-208X

ଦେଢଶୁର ଥିଲେ
ବଡ ଭାଇ ପରି
ସମ୍ମାନ ହିଁ ଦେଉଥିବ
ଦିଅରଟେ ଥିଲେ
ସାନ ଭାଇ ପରି
ସ୍ନେହ ଶ୍ରଦ୍ଧା କରୁଥିବ ।

ସବୁଠିରୁ ସିଏ
ଆଗେ ଉଠୁ ଥିବ
ଶୋଇବ ସଭିଂକ ପଛେ
ଶାଶୁ ଶ୍ୱଶୁରଂକୁ
କହିବନି ଉଛେ
ଭୁଲ ହୋଇଥାଉ ପଛେ ।

ସୁବିଧା ସୁଯୋଗ
ଦେଖି ବୁଝାଇବ
ମନ୍ଦ ମନ୍ଦ ସିଏ ହସି
ବୁଢା ବୁଢୀ ସେବେ
ସବୁ ବୁଝି ଯିବେ
ତା'କଥାରେ ଯିବେ ରସି ।

ପୁଅ ବିଭା ହେଲେ
ବୋହୂକୁ ତା' ସାଥେ
ବାପା ମା' ପଠାଇ ଥାନ୍ତି
ପୁଅ ବୋହୂ ଖୁସି
ବାପା ମାଆ ଖୁସି
ଦୂରେ ଦୂରେ ରହିଥାନ୍ତି ।

ଏହି ପୁଅ ବୋହୂ
ଯେଉଁଠି ଥିଲେ ବି
ମାଆ ବାପା ହୋଇଯାନ୍ତି
ଶାଶୁ ଶ୍ୱଶୁର ବା
ମାଆ ବାପାଙ୍କଠୁଁ
ଦୂରେଇ ସେ ରହି ଯାନ୍ତି ।

ବାପା ମାଆଂକର
ଦେହାନ୍ତ ହୋଇଲେ
ଅର୍ଥ ହିଁ ପଠାଇଥାନ୍ତି
ଠିକା ସଂସ୍ଥାକୁ ସେ
ଅର୍ଥ ଦାନ କରି
ସଂସ୍କାରଟା କରିଥାନ୍ତି ।

ବ୍ରାହ୍ମଣ ଭୋଜନ
କରାଇ ଦିଅନ୍ତି
ଅସ୍ଥି ବିସର୍ଜନହୁଏ
ଇଏ ତ କେବେଳ
ପଇସାର ଖେଳ
ସଂସ୍ଥା ସବୁ କରିଥାଏ ।

ମୋ ନଂ 9937462507

ISSN NO.
2582-208X

# ସମୟର ନିଷ୍ପତ୍ତି



ବିରଞ୍ଚି ନାରାୟଣ ମିଶ୍ର

ଭାରତ ମଣ୍ଡପମ୍ 'ର ସେହି ଭବ୍ୟ ସ୍ଥାନରେ, ନୂଆ ସଂସଦ ଭବନ ର ତିନୋଟି ଦ୍ୱାର ମଧ୍ୟରୁ ଏକ ଦ୍ୱାରରେ ଉତ୍କର୍ଷ କଳା ପାଇଁ ପରିଚିତ ଉତ୍କଳର ଆତ୍ମାକୁ ଏବଂ ସବୁଠୁ ଗୌରବ ସ୍ଥାନରେ ସୁବାଷ ବାବୁଙ୍କ ପ୍ରତିମୂର୍ତ୍ତି କୁ ପ୍ରତିଷ୍ଠା କରିବା . . . I ୧୦୦୦ ଯୋଗ୍ୟ ଓ ପାରିବା ଓଡ଼ିଆ ପ୍ରବଳ ପ୍ରୟାସ ସତ୍ୱେ ଏଥିରୁ ଗୋଟିଏ ସମ୍ପାଦନ କରିପାରିଥାନ୍ତେ କି ? ଯିଏ ନୀରବରେ, ନିରାସକ୍ତରେ ଏହା ସବୁ କରିପାରିଲେ ଆମେ ତାଙ୍କୁ କୃତଜ୍ଞତା ର ଶବ୍ଦ ପଦେ ଜଣାଇ ପାରିଲୁ ନାହିଁ, ବରଂ ଏ ସବୁ କରି ଫେକୁ ରାଜନୀତି କରୁଛି – ଆଜି ବି ଆମେ ଲେଖୁଛୁ . . . I

ଗୋଟିଏ ଝିଅର ସ୍ୱାଭିମାନ ପାଇଁ ଲକ୍ଷ ଲକ୍ଷ ମୁଣ୍ଡ ଦେଇଦେଇଥିବା ମାଟି . . . I ଆଜି କେତେ ନିର୍ଲଜ ହୋଇଯାଇଛୁ ସତେ ଆମେ, ନୁହେଁ ? ତାଜମହଲ ଫଟୋ ଓ ଆଉ କେଉଁ ଆମ ପ୍ରିୟ ବିଶିଷ୍ଟ ବଂଶବାଦରୁ ଜନ୍ମିତ ନେତା ଏ ସମ୍ମିଳନୀ ସମ୍ପନ୍ନ କରିଥିଲେ... କେତେ ଗଦ ଗଦ ହୋଇଥାନ୍ତେ, ନୁହେଁ ? ମୁଁ ତାଜମହଲ ବିରୋଧି ନୁହେଁ କିନ୍ତୁ ଭାରତରେ କେବଳ ତାଜମହଲ ନାହିଁ, ଏଇ କଥା ୭୦ ବର୍ଷ ହେଲା ଆମେ ଭୂଲି ଯାଇଥିଲୁ . . I

ଯଦି କେବେ କେଉଁ ସାମାଜିକ ଓ ଆଞ୍ଚଳିକ ବ୍ୟାଧି କୁ ନେଇ କେଉଁଠି କିଛି ଘଟିଗଲା, ସମଗ୍ର ଓଡ଼ିଆ କବିଙ୍କ କବିତା ରକ୍ତ ବୋଳା ଶବ୍ଦ ହୋଇ, ଫେକୁ ହଟାଅ କହି ସୋସିଆଲ୍ ମିଡ଼ିଆରେ ଛାଇ ଯାଏ କାହିଁକି ? ଏ ଶତାବ୍ଦୀର ଏ ମାଟି ପାଇଁ ସବୁଠୁ ଗୌରବ ଘଟଣାର ପଦିଏ ପ୍ରୀତି ପୂର୍ଣ୍ଣ ଶବ୍ଦ ଲେଖିପାରିଲୁ ନାହିଁ କାହିଁକି ? ଆମ

ISSN NO.
2582-208X

ଅଜାଣତରେ ଆମେ ସବୁ ମାଟିର ମହକ ଓ ଆତ୍ମାର ସ୍ପନ୍ଦନ ଠାରୁ ବୋଧହୁଏ ଦୂରେଇ ଯାଇ ଏକ ବଂଶବାଦ ରାଜନୀତି ଓ ମରୀଚିକା ମୟ ମାର୍କ୍ସ ମାୟାରେ ବନ୍ଦୀ ।

ଆଉ ଏକ କଥା - ଅନେକ ନବୀନ ଓ ବହୁ ଖ୍ୟାତ କବି, ପ୍ରାବନ୍ଧିକ ଲେଖୁଛନ୍ତି - ଇଣ୍ଡିଆ ନୁହେଁ ଭାରତ ଲେଖିଲେ କଣ ଭୋକିଲା ପେଟ ପୂରିଯିବ ? ସତେ ଅବା ନିଇତି ସର୍ବନିମ୍ନ ଗୋଟିଏ ଭୋକିଲାକୁ ନିଶ୍ଚେ ଏମାନେ ପ୍ରୀତି ଭୋଜନ କରାନ୍ତି । ଗତ କାଲି ଛୋଟ ଝିଅଟିଏ ପଚାରିଲା - ଇଣ୍ଡିଆ ଓ ଭାରତ ମଧ୍ୟରେ ଫରକ କଣ ? ତା ମୁଣ୍ଡ ଆଉଁସି ଦେଇ କହିଲି "ରାଜ୍ୟ ସବୁ ଯୋଡି ଯେଉଁ ସଂଘ ଗଢା ଗଲା ତା ନାମ ଇଣ୍ଡିଆ । ଆଉ ଭାରତ ହେଉଛି - ଯାହାର ଉତ୍ତରରେ ହିମାଳୟ, ଦକ୍ଷିଣରେ ମହାସାଗର ଏହି ପରିବ୍ୟାପ୍ତ ପବିତ୍ର ଭୂମିର ନାମ 'ଭାରତ' । ଇଣ୍ଡିଆ - ୨୦୦ ବର୍ଷ ତଳେ ଆବିଷ୍କାର ଓ ନାମ ଆକ୍ରାନ୍ତାଙ୍କ ଦ୍ୱାରା କରାଯାଇଛି । ଆଉ ଭାରତ - ଏହା ସୃଷ୍ଟିର ସଠିକ୍ ଲଗ୍ନ କେହି ଜାଣୁନା । ବଳିଷ୍ଠ ପ୍ରାପ୍ତ ପ୍ରମାଣ କହୁଛି ୧୮୦୦୦ ବର୍ଷ ପୂର୍ବରୁ ଏହାର ସୃଷ୍ଟି ।" ବହୁ ବିଦ୍ୱାନ କହୁଛନ୍ତି ନାମରେ ଅଛି କଣ ? କେତେ ବରିଷ୍ଠ କବି ସବୁ କେତେ ଢଙ୍ଗରେ ଏହି ପ୍ରସଙ୍ଗକୁ ବିରୋଧ କରି, ଦୁଇଟା ଦିନରେ କେତେ କବିତା ସବୁ ଲେଖିଲେଣି . . ।
ମନେ ପଡୁଛି ବିବେକାନନ୍ଦଙ୍କ କେତୋଟି ଶବ୍ଦ "ଭାରତ ତା ଅତୀତକୁ ଯେତେ ଜାଣିବ ଓ ବଞ୍ଚିବ ସେତେ ଭବ୍ୟ ଓ ସାମର୍ଥ୍ୟ ଭବିଷ୍ୟତ ଗଢିବ ।"

ଏହା ଏବେ ଅବଶ୍ୟ ହେବ କାରଣ ଏହା ସମୟର ନିଷ୍ପତ୍ତି ।

ଭୁବନେଶ୍ୱର
9439011063

ISSN NO.
2582-208X

# କହିବାକୁ ତ ଅଛି ଅନେକ କିଛି



ବିଶ୍ୱନାଥ କର

କହିବାକୁ ତ ଅଛି ଅନେକ କିଛି
ସ୍ୱପ୍ନ ଅସ୍ୱପ୍ନ  ପ୍ରେମ ଅପ୍ରେମ ର କଥା
ତମ ଦେହର ବିନ୍ଦୁଏ ଝାଳ କେମିତି ସମୁଦ୍ର ହୁଏ
ବତୁରିଯାଏ ବସନ୍ତ ପବନ
ଅନ୍ଧାର ରାତିରେ  ବାଇ ଚଢେଇର ବସା କୁ ଦୋହଲାଇ ଦିଏ ।

କହିବାକୁ ତ ଅଛି  ଅନେକ କିଛି
ହଳଦୀବସନ୍ତ ଋତୁରେ ଆଦ୍ୟ ଯୌବନ ର ଅନ୍ତାକ୍ଷରୀ
ବିଭୋର ବନଫୁଲର ବାସ୍ନାରେ ଅଛିଣ୍ଡା ଲହରୀ
କେମିତି ଆଷାଢରେ ଲୁହ ହୋଇ ବହିଯାଏ
ଶୂନ୍ୟ ହୋଇଯାଏ ଆଖି ସାମ୍ନା ର ବିପୁଳ ପୃଥିବୀ
ମଞ୍ଜ ସାରା ନିଘୋଡ ଅନ୍ଧାରେ  ॥

କେହିତ କହନ୍ତିନି କିଛି ଫୁଲ ଝଡା ବେଳେ  ମାପନ୍ତିନି ଦୁଃଖ
ଓଦା ସରସର ସ୍ମୃତିସ୍ତମ୍ଭରେ ଢାଳନ୍ତିନି ଆଞ୍ଜୁଳାଏ ବି ଫୁଲ
ମଲାକଇଁ ର ହସରୁ ଚେନାଏ
ଉହାଡ଼ କରେ ମେଘ ଭିତରେ ମନମାରି ବସିଥିବା ଜହ୍ନ
ଗଛରୁ ଝଡିନଥିବା କିଛି ହଳଦିଆ ପତ୍ର
ଇତିହାସର ମସିହା ଘୋଷେ ଝାଞ୍ଜି ଖରାଟାରେ ।

ISSN NO.
2582-208X

ଯୌବନ ତ ଅଧା ଜୀବନର ସାଥି
ପ୍ରେମ ତ ଅନ୍ତରୀକ୍ଷ କୁ ଛୁଇଁବାର ପ୍ରତିଶୃତି
ପଳାଶ ଫୁଲ ର ମନ ଭୁଲାଣିଆଁ ଗୀତ
ବଉଳ ଫୁଲ ବାସ୍ନାରେ ମୁଗ୍ଧ ପ୍ରଜାପତି ନୃତ୍ୟ ।

ଛାଇ ଆଲୁଅ ରେ ମିଛ ସ୍ୱପ୍ନର ରାତି
ଆଙ୍କୁଥିବା ପୃଥିବୀର ଅନୁପମ ଛବି
ଛାଇ ଛାଇ ଜହ୍ନ ଆଲୁଅ ରେ
ଛାତିରେ କେମିତି ତିଆରି କରେ
ନାନା ଫୁଲର ବଗିଚ଼ା
କହିବାକୁ ତ ଅଛି ଅନେକ କିଛି
ସବୁ ଦଗ୍ଧିଭୂତ ରାତି କେମିତି  କୂଳ ଲଙ୍ଘିଯାନ୍ତି ।

ମୁଁ ଆଉ ସଜାଡି ପାରୁନି
ମୋ ପିଲାଦିନ ର ବାଲି ଘର
ମୁଁ ଆଉ ମାଗିପାରୁନି ଯୌବନ ଆହତ ପ୍ରଜାପତି କୁ
ଚେତାଶୂନ୍ୟ ହଳଦୀ ବସନ୍ତକୁ
ମେଘୁଆ ଆକାଶ ରେ ଚନ୍ଦ୍ରଭାଗାର ସୂର୍ଯ୍ୟୋଦୟ
ଚନ୍ଦ୍ରାତାପ ରେ ହିସାବ କରିପାରୁନି ହଜିଯାଇଥିବା ତିଥି ।

କହିବାକୁ ତ ଅଛି ଅନେକ କିଛି
ଭଗ୍ନ ମୁଖଶାଳାରେ ଲୁଚିଥିବା ସବୁ ସମୟର ସନ୍ତକ
ବେଳ ରତରତେ
ନାଉରୀ ର ଲେଉଟାଣି ଗୀତ ।

ସାଇ କଲୋନୀ,ଦେଉଳସାହି,
ତୁଳସୀ ପୁର,କଟକ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# କପାଳେ ଦିଅହେ ସୁଖ



ତାର୍‌ପ୍ରସାଦ ଜେନା

ଦୁଃଖ ଦରିଆରେ ଭସାଇବ ବୋଲି
ରହିଛ ଦରିଆ ପାଖ
କି ଜନମ ପାପ ଭୋଗିବାକୁ ଥିଲା
ନଶୁଣ ଆରତ ଦୁଃଖ
.....ଦୁଃଖ ଦରିଆରେ ଭସାଇବ ବୋଲି .... ! ୦ !

ବଡ଼ ଦେଉଳରେ ବଡ଼ ବୋଲାଉଛ
ଆଖିକୁ କରିଛ ବଡ଼
ମୋର ଦୁଃଖ କିବା ବଡ଼ ହେଲାନାହିଁ
ଦେଖିବା ହେଉଛ ଆଡ଼,
ଭାବଗ୍ରାହୀ ନାଆଁ ଅବୁଝା ମୋ ହେଲା
ଟିକିଏ ଦୁଃଖୀକୁ ଦେଖ
.....ଦୁଃଖ ଦରିଆରେ ଭସାଇବ ବୋଲି .... ! ୧ !

ଦୁଃଖ ପରେ ଦୁଃଖ ମାଡ଼ି ଆସୁଅଛି
ଯେସନ ଦରିଆ ଢେଉ
ଜଞ୍ଜାଳରେ ହଂସା ଉଡ଼ିଯିବ କାଳେ
ସେମିତି ଲାଗୁଛି ଦାଉ,

ISSN NO.
2582-208X

ମନ ଭିଡ଼ି ପ୍ରଭୁ ପରୀକ୍ଷାକୁ ଛାଡ଼
କପାଳେ ଦିଅହେ ସୁଖ
.....ଦୁଃଖ ଦରିଆରେ ଭସାଇବ ବୋଲି .... ! ୨ !

ବିପଦରେ ମୋର ସବୁ ହେଲେ ଦୂର
ସାନ୍ତ୍ୱନା ମିଳୁନି ମୋତେ
ଜଗନ୍ନାଥ ନାମ ଅନ୍ତରରେ ରଖି
କାନ୍ଦିକି ଜୀଉଛି ସତେ,
କୃପାସିନ୍ଧୁ ଆସ ସାହା ହୁଅ ବାରେ
ଅରକ୍ଷେ ଶରଣ ରଖ
.....ଦୁଃଖ ଦରିଆରେ ଭସାଇବ ବୋଲି .... ! ୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଅହମ୍ ବ୍ରହ୍ମାସ୍ମି



ଶିବମ୍ ପଟ୍ଟନାୟକ

ସେଦିନ ପ୍ରଭାତ ରେ ମଧ୍ୟ ଆଦିଗୁରୁ ଶଙ୍କରାଚାର୍ଯ୍ୟ ପ୍ରତ୍ୟେକ ଦିନ ଭଳି ନିଜର ପ୍ରାତଃ କର୍ମ ସମ୍ପର୍ଣ୍ଣ କରି ସାରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି କାଶୀ ବିଶ୍ୱନାଥଙ୍କ ମନ୍ଦିର କୁ ପ୍ରଦକ୍ଷିଣ କରୁଥାନ୍ତି । ମୁଖମଣ୍ଡଳରେ ତାଙ୍କର ଅପୂର୍ବ ଜ୍ୟୋତି ଦିବ୍ୟମାନ ଥାଏ । ଲଲାଟରେ ଥିବା ତ୍ରିକୂଟ ତାଙ୍କର ମୁଖମଣ୍ଡଳ ର ଶୋଭାକୁ ଆହୁରି ବୃଦ୍ଧିମନ୍ତ କରୁଥାଏ । ମୁଖ ରେ ଅଭ୍ୟାସ ପୂର୍ବକ ବେଦ ବାକ୍ୟ "ଅହମ୍ ବ୍ରହ୍ମାସ୍ମି" କୁ ଉଚ୍ଚାରଣ କରି କରି ବାବା ବିଶ୍ୱନାଥଙ୍କ ବନ୍ଦନା ରେ ବ୍ୟସ୍ତ ଥାଆନ୍ତି ସେ । ବ୍ରାହ୍ମଣ ଧର୍ମ ର ଉତ୍ଥାନ ଏବଂ ସନାତନ ଧର୍ମ ର ପୁନରୁଦ୍ଧାର ପାଇଁ ସେ ଯେ ମହାଦେବ ଙ୍କର ଅଂଶ ଅବତାର ଥିଲେ ଏ କଥା ମଧ୍ୟ ଶାସ୍ତ୍ର ସିଦ୍ଧ । ଏହିଭଳି ମନ୍ତ୍ର ଉଚ୍ଚାରଣ କରି କରି ପ୍ରଦକ୍ଷୀଣ କରୁଥିବା ସମୟର ହଠାତ୍ ତାଙ୍କ ସାମ୍ନାରେ ଆବିର୍ଭାବ ଘଟେ ଜଣେ ଦୀର୍ଘ ଦେହ ଧାରି କୃଷ୍ଣକାୟ ବ୍ୟକ୍ତିଙ୍କର । ତାଙ୍କ ବେଶଭୁଶା ରୁ ସେ ଯେ ଜଣେ ଶୁଦ୍ର ସଫେଇ କର୍ମଚାରୀ ଏହା ସ୍ପଷ୍ଟ ଜଣା ପଡୁଥାଏ । ବ୍ୟକ୍ତି ଜଣକ ବାଟ ଓଗାଳୀ ଠିଆ ହୋଇ ଯାଏ ଉଚ୍ଚାରଣ କଲେ ସେଇ ସମାନ ମନ୍ତ୍ର' "ଅହମ୍ ବ୍ରହ୍ମାସ୍ମି" ସେ ଉଚ୍ଚାରଣ ସତେ ଯେମିତି କେଇ କ୍ଷଣ ପାଇଁ ସକାଳର ସୌମ୍ୟ ବାତାବରଣ ମଧ୍ୟରେ ଏକ ଗୁଞ୍ଜନ ସୃଷ୍ଟି କରିଥିଲା। ତେବେ ସେଥିପ୍ରତି ଧ୍ୟାନ ନ ଦେଇ ଆଦି ଗୁରୁ ତାଙ୍କୁ ସେଠାରୁ ହଟିଯିବାକୁ କହିଲେ । ଉତ୍ତରରେ ବ୍ୟକ୍ତି ଜଣକ ପୁନଃ ଆବୃତ୍ତି କଲେ ସେଇ ମନ୍ତ୍ର ଟିର ତେବେ ଏଥରକ ଜଗତ ଗୁରୁଙ୍କ ଦ୍ୱାରା କରା ଯାଇଥିବା ପ୍ରତିବାଦରେ ଅହମିକାର ଗନ୍ଧ କିଞ୍ଚିତ ମାତ୍ରା ରେ ବାରି ହୋଇ ପଡୁଥିଲା । ଶଙ୍କରାଚାର୍ଯ୍ୟ ଙ୍କ ନିର୍ଦ୍ଦେଶକୁ ଅବମାନନା କରି ବ୍ୟକ୍ତି ଜଣକ ପୁଣି ଆବୃତ୍ତି କରିଥିଲେ - "ଅହମ୍ ବ୍ରହ୍ମାସ୍ମି" ତେବେ ଏଥର ଜଗତ ଗୁରୁ କ୍ରୋଧିତ ହୋଇ ବ୍ୟକ୍ତି ଜଣଙ୍କୁ କହିଲେ । ତୁମେ ମୋର ସାଧନା ପଥରେ ବାଧକ ସାଜୁଚ ସେଥି ପାଇଁ ମୁଁ ତୁମକୁ ଦଣ୍ଡ ଦେଇ ପାରେ । ତୁମ ଭଳି ଜନେ ମ୍ଲେଚ୍ଛ ମୁହଁରୁ ଆହମ୍

ISSN NO.
2582-208X

ବ୍ରମହସ୍ମୀ ଶୋଭା ପାଏ ନାହିଁ । ଏହା ମୋ ଆରାଧ୍ୟ ଙ୍କର ଅପମାନ । ଅଳିଆ ଗୋଟାଉ ଥିବା ସମୟରେ ବେଦ ମନ୍ତ୍ରର ଉଚ୍ଚାରଣ ମୋ ର ମାହାତ୍ମ୍ୟ ପ୍ରପ୍ତିରେ ମଧ୍ୟ ଘୋର ବାଧା ଉତ୍ପନ୍ନ କରିଛି । ଠିକ୍ ଏତିକବେଳେ ତାଙ୍କ ସମ୍ମୁଖରେ ସେଇ ସଫେଇ କର୍ମଚାରୀ ଙ୍କ ସ୍ଥାନରେ ପ୍ରକଟ ହୋଇଥିଲେ ପ୍ରଭୁ ଶିବ । ତାଙ୍କୁ ଦେଖି ଯୋଡ ହସ୍ତରେ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲେ । ନିଜର ଆରାଧ୍ୟ ଦେବତା ଙ୍କ ଉପରେ କ୍ରୋଧ ପ୍ରକାଶ କରି ଥିବାରୁ ହୃଦୟ ତାଙ୍କର ଗ୍ଲାନି ରେ ଭରି ଯାଇଥିଲା । ତେବେ ତାଙ୍କୁ କ୍ଷମା କରି; ପ୍ରଭୁ ଶିବ କହିଲେ, ହେ ପୁତ୍ର! "ଅହମ୍ ବ୍ରହ୍ମାସ୍ମି" ର ଅର୍ଥ ସୃଷ୍ଟି ପ୍ରତେକ ସଚରା ଚର ଜୀବ ମାନଙ୍କ ମଧ୍ୟରେ ପରଂବ୍ରହ୍ମ ଙ୍କର ସତ୍ତା ବିଦ୍ୟମାନ ତେଣୁ ଆମକୁ ଅହଙ୍କାର ରହିତ ହୋଇ ବ୍ରହ୍ମଙ୍କର ସେହି ଦିବ୍ୟ ସତ୍ତା କୁ ନିଜ ମଧ୍ୟରେ ଅନୁଭବ କରିବାକୁ ହେବ । ବିନା ବ୍ରହ୍ମଙ୍କ ଉପଲବ୍ଧିରେ ଏବଂ ନିଜ ସୃଷ୍ଟିର ଉଦ୍ଦେଶ୍ୟ କୁ ନ ଜାଣି ଥିବାବ୍ୟକ୍ତିର ଆତ୍ମା 'ମହାତ୍ମା' ସ୍ତରକୁ ପ୍ରାପ୍ତ ହେବା ଅସମ୍ଭବ । ଏହି ଭଳି ଭାବରେ ପ୍ରଭୁ ଶିବ ନିଜ ପ୍ରିୟ ଭକ୍ତର ଅହମିକା କୁ ଦମନ କରି ତାଙ୍କ ର ମାର୍ଗଦର୍ଶନ କରାଇ ଥିଲେ ।

ବିରିଡ୍ଡି, ଜଗତସିଂହପୁର

ISSN NO.
2582-208X

ବେଦାନ୍ତି

# ଅବସୋସ



କଳ୍ପନା ମିଶ୍ର

ତୁମେ ଆଉ ଫେରିବନି
ଏକଥା ଜାଣିଛି
ସ୍ମୃତି ସିକ୍ତ ସ୍ୱାକ୍ଷର ମୁଁ
ଲୁଚାଇ ପଢୁଛି ।

ଅବୁଝା ମନଟା ମୋର
ଶାନ୍ତ ହୁଏ ନାହିଁ
କେଉଁ ପ୍ରବୋଧନା ଦେବି
ଜାଣିପାରୁ ନାହିଁ ।

ତୁମେ ଥିଲ ଅନ୍ତାକ୍ଷରୀ
ବିଶ୍ୱାସର ବାର୍ତ୍ତା
ଲୋତକରେ ଚକ୍ଷୁ ମୋର
ହୁଏ ସଦା ସ୍ନାତା ।

ନିର୍ବେଦ ମୁଁ ନିର୍ବିକାର
କୁହୁକ ରଜନୀ
କଳ୍ପନାର ନଦୀ ମୋର
ହୁଏ ସ୍ରୋତସ୍ୱିନୀ ।

କଳଙ୍କ ର ଜ୍ୱଳନରେ
ମନ ମୋ ଆବିଷ୍ଟ
କିଏ ବା ବୁଝିବ କୁହ
ହୃଦୟର କଷ୍ଟ ।

ମାଗିଥିଲି ଫଗୁଣର
ଟିକେ ଫାଜିଲାମୀ
ଗ୍ରୀଷ୍ମ ର ଦହନ ଦେଲ
ହେଲି ବଦନାମୀ ।

ଅବସୋସ ରହିଗଲା
ଯାହା ଏ ଜନମେ
ଛଳନା ର ବିଷ ଦେଲ
ମୋ ଅମୃତ ପ୍ରେମେ ।

ହରିପୁର,ସୁକନ୍ଦା,
ଯାଜପୁର-୭୫୫୦୧୮
ମୋ: 8847849093

ISSN NO.
2582-208X

# ଧର୍ମ ଓ ମୋକ୍ଷ



ଅଜିତ ପାଢ଼ି

କାର୍ତ୍ତିକ ମାସ ଟି ଧର୍ମମାସ ଅଟେ
ସଚେତନ ଧର୍ମ ବାରତା ଦେଉଛି
ଦୃଢ ସଚେତନ ନିରବତା ମନ
ଦୂର ବ୍ୟବଧାନ ଭାରତେ ଶୁଭୁଛି
କୃଷ୍ଣଙ୍କ ଚେତନା ନରେନ୍ଦ୍ର ହୃଦୟେ
ମାନବତା ନାମେ ପୁରାଣ ଗାଉଛି ।
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଶୁଭୁଛି
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଶୁଭୁଛି ॥
ବ୍ୟକ୍ତି ହୃଦୟରେ ନିର୍ମଳ ଭାବନା
ଭାବନା ଭିତରେ ଚିତ୍ତର ସାଧନା
ହୃଦୟ ମନ୍ଦିର ଗଢିଯାଅ ତୁମେ
ସଚେତନ ବାର୍ତ୍ତା ସ୍ୱର ତ ଶୁଭୁଛି ।
ଧର୍ମ, ଜାତି ରାଷ୍ଟ୍ର, ସଂସ୍କୃତି ବଞ୍ଚିଛି
ବ୍ରାହ୍ମଣ ତ ଆଜି ତ ପୁରାଣ ଗାଉଛି
ଘରେ ସଚେତନ ମନେ ନିରବତା
ରାଷ୍ଟ୍ରୀୟ ଚେତନା ଜାଗୃତ କରୁଛି ।
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଶୁଭୁଛି
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଶୁଭୁଛି ॥

ISSN NO.
2582-208X

କୃଷ୍ଣଙ୍କ ଗମନେ ବୃନ୍ଦାବତୀ ବନେ
ପଲଙ୍କ ଶୟନ ଶୟନେ କହୁଛି
କୃଷ୍ଣଙ୍କ କର ରେ ଜଳନ୍ଧର ହତ
ବୃନ୍ଦାବତୀ ଆଜି ସାକ୍ଷୀ ତ ରହିଛି
ଧର୍ଷଣ ନାମରେ ରାକ୍ଷସ ନିଧନ
ନାରୀ ସଚେତନ ପୁରାଣ ଦେଉଛି
ମାନବତା ନାମେ ବିଶ୍ୱର କଲ୍ୟାଣେ
ମାନବତା ନାମେ ଭାରତ ନିର୍ମାଣ
ବିଶ୍ୱ ଦରବାରେ ରାକ୍ଷସ ନିଧନ
ଭାରତ ଦେଶରୁ ନରେନ୍ଦ୍ର ପୁରାଣ
ଭାରତ ଦେଶରୁ ଡାକରା ଦେଉଛି
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଗାଉଛି
କାର୍ତ୍ତିକ ମହାତ୍ମ୍ୟ ପୁରାଣ ଗାଉଛି ॥

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ସୁନିତା



କୁଞ୍ଜ ବିହାରୀ ସାହୁ

ବ୍ୟସ୍ତତା ଭିତରେ ଫୋନ ରିସିଭ କଲା ସୁନିତା । ନଂ ଟି ସେଭ କରିନି ବୋଲି ଜାଣିପାରିଲାନି । ହ୍ୟାଲୋ ...ହ୍ୟାଲୋ କହୁ କହୁ ଉତ୍ତର ଆସିଲା- ସୁନିତା ମ୍ୟାଡାମ ଭଲ ଅଛନ୍ତି । ସୁନ୍ଦରପଦାରେ ପ୍ରବଳ ବର୍ଷା ହେଉଛି । ଗୌରୀଧାମର ଖାଲଖମାରେ ପ୍ରବଳ ପାଣି । ଘରୁ ବାହାରିହେଉନି ।

କିଏ କହୁଛନ୍ତି ଜାଣିହେଉନି - ସୁନିତା ପଚାରିଲା ।

ଗୌରୀଧାମରେ ଆପଣଙ୍କର ଦୁଇମହଲା ଘର ପଲସ୍ତରା ହେଉଛି ନା । ବିକାଶ କଣ୍ଟ୍ରାକ୍ଟର୍ ଦେଖାଚାହାଁ କରୁଛି ।

ହଁ ତ । ମୁଁ ଜାଣିପାରୁନି କିଏ କହୁଛନ୍ତି ।

ଆପଣ ଆମ ଘରକୁ ଆସିଥିଲେ ଦିନ ଦିପହରରେ ବର୍ଷାରେ ଭିଜିଭିଜି । ଶାଢ଼ି ଓଦା ହେଇଯାଇଥିଲା, ବ୍ୟସ୍ତ ହେଇଯାଉଥିଲେ । ମୋ ପୁଅ ଝିଅଙ୍କ ସହ ଗପିଲେ । ଚାହା ଅଫର କଲି, ଆପଣ ଖୁସି ମନରେ ଗ୍ରହଣ କରିଥିଲେ । ଚିହ୍ନା ଦେଲେ, ଗାଁଟି ସାକ୍ଷୀଗୋପାଳ ନିକଟସ୍ଥ ଅଳଗୁମ ଗାଁ ବୋଲି କହିଲେ । ଜାଣିପାରିଲେ ??

ହଁ ହଁ ଜାଣିପାରିଲି, ଦେବଯାନି ମ୍ୟାଡାମ୍ । ଆପଣ ସିଧାସଳଖ ନ କହି ଏତେ ଗୌରଚନ୍ଦ୍ରିକା ଦେଇ କହୁଛନ୍ତି । କୁହନ୍ତୁ ।

ନା ସେମିତି କିଛି ନାହିଁ, ବର୍ଷା ହେଉଥିଲା ତ ମନେପଡିଗଲା । ଗଲା ବୁଧବାର ଦିନ ଆସିଥିଲେ ବର୍ଷାରେ ଓଦାହୋଇ । ଆଜି ବୁଧବାର । ତୁହାକୁ ତୁହା ବର୍ଷା ହେଉଛି । ଘରେ

ISSN NO.
2582-208X

କେହି ନାହାଁନ୍ତି । ଭାବୁଥିଲି କାଳେ ଘରକାମ ଦେଖିବାକୁ ଆସିଥିବେ, ଆମ ଘରକୁ ଆସିବେ ବୋଲି । ଗପସପ କରିଥାନ୍ତେ। ଏକୁଟିଆ ବୋର୍ ଲାଗୁଛି । ଦେବଯାନି ପ୍ରତ୍ୟୁତ୍ତର ଦେଲା।

ନା, ମୁଁ ବମିଖାଲ ସାନ ଭଉଣୀ ଘରକୁ ଚାଲିଆସିଛି । ସାନ ଭିଣୋଇଙ୍କ ଦେହ ଭଲ ନାହିଁ। ହାର୍ଟ ଅପରେସନ ହେଇଛି ଦୁଇଦିନ ତଳେ । କେମିତି ଅଛନ୍ତି । ଟୁକୁନା, ଝୁନା ଭଲ ଥିବେ । ଆପଣତ ସୁନ୍ଦର, ଆପଣଙ୍କ ପିଲାଦୁଇଟି ସୁନ୍ଦର । ଦୁହିଁଙ୍କର ବଢିଆ ଆଚରଣ, ଖୁସି ହେଇଗଲି । ଗୌରୀଧାମରେ ଭଲ ଘରଟିଏ ତୋଳିଛନ୍ତି । ଭଲରେ ରହିଥାନ୍ତୁ, ବର୍ଷାରେ ବାହାରକୁ ନ ଯାଇ ଘରେ ରହିଥାନ୍ତୁ । ମୁଁ ସନ୍ଧ୍ୟାବେଳେ ଘରକୁ ଫେରିବି । ଫୋନରେ କଥାହେବା । ବହୁତ ମଜାମଜା କଥା ।

ଠିକ୍ ଅଛି । ଭିଣୋଇଙ୍କ ଦେହ ଭଲ ନାହିଁ, ପାଖରେ ଥାଇ ଆଶ୍ୱାସନା ଦେଉଥାନ୍ତୁ ପରେ କଥା ହେବା । ଦେବଯାନି କହିଦେଲା ସରଳ ତରଳ ଭାବରେ ।

କିଏ ଫୋନ କରିଥିଲା କି ସୁନି – ବଡ ଭଉଣୀ କୁନି ପଚାରିଦେଲା ଆଗ୍ରହରେ ।

ଜଣେ ଚିହ୍ନା ପରିଚିତା, ସୁନିତା କହିଲା ।

ସୁନି ଆଉ କୁନି ଦୁଇ ଭଉଣୀଙ୍କ ମଧ୍ୟରେ ଘର ବିଷୟ, ଗାଁ କଥା ଏମିତି କେତେ କଅଣ, ଆଲୋଚନା ହେଇଗଲା । ସୁନିର ସ୍ୱାମୀ ବିବେକା ଅଫିସରୁ ଫେରି ଚା ପିଇଲେ, ନିଜ ଘରକୁ ଫେରିଗଲେ । ବର୍ଷାର ବେଗ କମିଯାଇଥିଲା । ରାତିରେ ରୋଷେଇ ଓ ଘରକୁ ଆସିଥିବା ଅତିଥିଙ୍କ ଚର୍ଚ୍ଚାରେ ସମୟ କାଟିଦେଲା ସୁନିତା । ଦେବଯାନିର ମିସଡ୍ କଲକୁ ସାଇତି ରଖିଦେଲା ମୋବାଇଲରେ ।

ତା ପରଦିନ ବିବେକା ଅଫିସ ଗଲେ ଅରଜେଣ୍ଟ ମିଟିଙ୍ଗ ଆଟେଣ୍ଡ କରିବାକୁ । ସେକ୍ରେଟାରୀଙ୍କ ନିର୍ଦ୍ଦେଶ ଏ ଲଘୁଚାପ ଜନିତ ପରିସ୍ଥିତିରେ ସମସ୍ତେ ସଜାଗ ହେବାକୁ । ଇମରଜେନସି ଅଫିସର ହିସାବରେ ବିବେକାଙ୍କର ଅଧିକ ଦାୟିତ୍ୱ । ଦୁଇ ବର୍ଷ ବିତିଗଲାଣି ସୁନିତା ବାହାଘରକୁ, କୋଳକୁ ସନ୍ତାନଟିଏ ଆସିନାହିଁ । ବ୍ୟସ୍ତ ବିବ୍ରତ । ଦେହଟା ତ ଚମ୍ପାଫୁଲିଆ ମନ ବି ଗୋଲାପଫୁଲ ପରି ମହକିଯାଉଛି । ସେଥିପାଇଁ ବିବେକାର ଇସାରା ବିନାନୁମତିରେ ବାହାରକୁ ନ ଯିବାକୁ । ଆଜିକାଲିର ଭୁବନେଶ୍ୱରର ପରିସ୍ଥିତି ଓ ପାଣିପାଗ ଉପରେ ଭରସା ନାହିଁ ।

ISSN NO.
2582-208X

ଯୋଉଦିନଠୁ ଦେବଜାନିର ଚାହାଁଣିରେ ସୁନିତା ଆସିଯାଇଛି, ଦେବଯାନୀର ନିଦ ହଜିଯାଇଛି। କଥା ହେବାପାଇଁ ତହଳବିକଳ ହେଇଯାଉଛି ସେ । ଦାଣ୍ଡ ଦୁଆର ଝରକାରେ ଚାହିଁରହୁଛି - ଆଜି ଯଦି ସୁନିତା ତା ଘରକୁ ଆସିଯିବ, ବେଡରୁମରେ ବସାଇ ମନଖୋଲା ଗପିଯିବ ।

ସୁନିତାର ମନେପଡ଼ିଗଲା ଦେବଯାନିର । ବୋଧହୁଏ ଟେଲିପ୍ୟାଥି । ସୁନିତା ଫୋନ କଲା। ଚଟାପଟ ଦେବଯାନି ରିସିଭ କଲା ଅଧାଫୁଙ୍ଗୁଳା ଡ୍ରେସରେ । ହ୍ୟାଲୋ....ସୁନିତାର ହ୍ୟାଲୋରେ ଦେବଯାନିର ଦେହ ଶିହରି ଉଠିଲା । ସୁନିତା ପଚାରିଲା ତା ଘର ବିଷୟରେ...କିଏ କିଏ ଆସିଛନ୍ତି । ଲେବୋରରମାନେ ଆସିଛନ୍ତି ନା ନାହିଁ । ବର୍ଷା ହେଉଛି କି ନା ଇତ୍ୟାଦି ..ଇତ୍ୟାଦି ।

ଦେବଯାନି ଉତ୍ତର ଦେଲା - ହଁ ଲେବୋରରମାନେ ଆସିଛନ୍ତି, ପ୍ଲାଷ୍ଟରିଂ ଚାଲିଛି । ଝିପିଝିପି ବର୍ଷା ହେଉଥିଲା ଅଧଘଣ୍ଟା ପୂର୍ବରୁ । କେମିତି ଅଛ ସୁନିତା, ଭିଡିଓ କଲ କରିଦିଅ ।

ଦେବଯାନି ଭିଡିଓ ଅନ୍ କରି ସୁନିତା ସହ କଥା ହେଲା । ଅଧା ଫୁଙ୍ଗୁଳା ଦେହଟିକୁ ଦେଖେଇ ଗପିବାକୁ ଆରମ୍ଭ କଲା । ସୁନିତା ଚମକିପଡ଼ିଲା ଦେବଯାନିକୁ ଦେଖି । ତା ଦେହଟି ବି କସମସ ହେଉଥିଲା । ଘରକଥା ଗପିବା ଆରମ୍ଭ କରିଦେଲା ଦେବଯାନି, ତା ପିଲାଦିନର କଥା । ସ୍କୁଲରେ ପାଠପଢିବା ସମୟରେ ସେ କେତେ ଦୁଷ୍ଟାମି କରୁଥିଲା । ଗାଉଁଲି ଝିଅ, ଗଳିକୁ ଗଳି ବୁଲି ନଖରାମି କରୁଥିଲା । ପାଠ ପଛେ ଚୁଲିକୁ ଯାଉ, ସେ ବଦମାସି କରି ସାଙ୍ଗମାନଙ୍କୁ ହଇରାଣ କରୁଥିଲା । ସୌଭାଗ୍ୟବଶତଃ ମେଟ୍ରିକ ପାସ କରୁକରୁ ଚାକିରିଆ ପୁଅକୁ ବାହା ହେଇଗଲା । ହେଲେ ତା ଗାଉଁଲି ସ୍ୱଭାବ ଯିବ କୁଆଡ଼େ ? ସୁନିତାକୁ ଦେଖି ଦେବଯାନି ଅସମ୍ଭାଳ ହୋଇପଡୁଥିଲା । ତା ସ୍ୱାମୀ ପହଞ୍ଚିବାପରେ ଫୋନ ବନ୍ଦ କରିଦେଲା ଦେବଯାନି । ସୁନିତା ଯେତେ ହ୍ୟାଲୋ..କହିଲେ ବି ଉତ୍ତର ମିଳିଲାନି । ନିଜ ରୋଷେଇରେ ବ୍ୟସ୍ତ ରହିଲା ।

ବିବେକାଙ୍କର ଗାଡ଼ି ହର୍ଣ୍ଣ ଶୁଣି କବାଟ ଖୋଲିଲା ସୁନିତା । ଦୁହେଁ କିଛି ସମୟ ରୋମାନସ କରି ଲଞ୍ଚ କଲେ । ଅପରାହ୍ନରେ ବାହାରିଗଲେ ଗୌରୀଧାମ ଘର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବାକୁ । ଆକାଶରେ କଳା ବାଦଲ ଥିଲା, କିନ୍ତୁ ବର୍ଷା ହେଲା ନାହିଁ । ଶୁଭ ସୂଚନା ।

ISSN NO.
2582-208X

ପହଞ୍ଚିଗଲେ ଯଥା ସ୍ଥାନରେ । ଦେଖିଲେ କାମ ଠିକ୍ ଠାକ୍ ଚାଲିଛି । ବିକାଶ କଣ୍ଟ୍ରାକ୍ଟର୍ ବି ପହଞ୍ଚିଯାଇଛି ସେଇଠି । ମାଟେରିଆଲ କିଣିବାକୁ ଟଙ୍କା ଦେଲେ ବିକାଶକୁ । ସୁନିତାର ମନିପର୍ସରେ ଫୋନ ବାଜିଲା । ଦେବଯାନି ଫୋନ କରୁଛି। ବୋଧହୁଏ ସେମାନଙ୍କର ଆସିବା ବିଷୟ ଜାଣିଯାଇଛି । ବିବେକାକୁ ଆସୁଛି କହି ସୁନିତା ଆଗ୍ରହରେ ଦେବଯାନି ଘରେ ପାଦ ପକେଇଲା । ଦେବଯାନି ପୂଜାଘରେ ଧୂପ ବୁଲାଉଥିଲା। ପୂଜା ଶାଢ଼ି ପିନ୍ଧିଥିଲା। ପତଳା ଶାଢ଼ିରେ ଦେହର ରଙ୍ଗ ବାରିହେଇ ଯାଉଥିଲା । ସୁନିତାକୁ ଦେଖି ଦେବଯାନି ଅତିଶୟ ଖୁସି ହେଇ ବେଡରୁମରେ ଅପେକ୍ଷା କରିବାକୁ କହିଲା । ଦୁଇମିନିଟରେ ଶାଢ଼ି ଚେଞ୍ଜ କରିଦେଲା ଦେବଯାନି । ସୁନିତା ଦେଖୁଥିଲା ସବୁକିଛି ।

ଦେବଯାନି ସୁନିତାକୁ ଘର କାମ ବିଷୟରେ ପଚାରିଦେଲା । ବ୍ୟକ୍ତିଗତ ଖବର ଶୁଣି ଦେବଯାନି କିଛି ସମୟ ପାଇଁ ଲୁହ ଗଡ଼ାଇଲା । ମା ହେବାର ଇଛାକୁ ସାକାର କରିବାପାଇଁ ଅନେକଙ୍କ ସହ ପରାମର୍ଶ କରିଛି, କିନ୍ତୁ ସୁଫଳ ମିଳିନି । ଦେବଯାନି କିଛି ସମୟ ସୁନିତା ଦେହରେ ଆଉଜି ଏଣୁତେଣୁ ଗୁଡ଼ାଏ ଗପିଦେଲା । ସୁନିତାକୁ ମଜା ଲାଗୁଥିଲା ଦେବଯାନିକୁ ଆହୁରି ମଜା ଲାଗୁଥିଲା । ପରିଶେଷରେ ଠାକରଙ୍କ ଶରଣାଗତ ହେବାପାଇଁ ଉପଦେଶ ଦେଲା । ସୁନିତା ରାଜିହେଲା ।

ବିବେକା ଫୋନ କଲେ ସୁନିତାକୁ । ହଁ ଯାଉଛି କହି ଗୋଡ କାଢ଼ିନେଲା ଦେବଯାନିର ବସାରୁ । ଆସିବାକୁ କହି ଫେରିଆସିଲା ବିବେକାପାଖକୁ । ତାପରେ ଦୁହେଁ ନିଜ ଘର ଅଭିମୁଖେ ଗାଡ଼ି ଡ୍ରାଇଭିଂ କଲେ । ରାତିରେ ହୋଟେଲରୁ ଅର୍ଡର କରି ଡିନର କଲେ । ଦେବଯାନି କହିବାନୁଯାୟୀ ବିବେକା ସହ ରାତି ପୁହାଇଲେ । ଠାକୁରଙ୍କ ପ୍ରତି ଆନୁଗତ୍ୟ ରହି ପୂଜା ଉପାସ କଲା ସୁନିତା । ଦୁଇ ତିନିମାସ ପରେ ମା ହେବାର ଖବରରେ ଉଲ୍ଲସିତା ହେଲା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଶରତ ସମ୍ଭାର



ଶେଷଦେବ ପଣ୍ଡା

ଧରାରେ ପ୍ରବେଶନ୍ତେ ରମ୍ୟ ଶରଦ କାଳ
ମହୀ ହୋଇଲା ଧବଳିତ,
ଉପବନେ ଟଗର ମଲ୍ଲିକା ମନୋହର
ହରଷ କଲେ ସର୍ବ ଚିତ୍ତ,
ସେ କାଶତଣ୍ଡୀ.....
ନଦୀପଠା ଯତନେ ମଣ୍ଡି,
ବାଳକେ କ୍ରୀଡାରୋଳେ ଲୋଡି,
ମୁଖର ପଲ୍ଲୀପୁର ଜନପଦ ସହର
ଶାରଦୋତ୍ସବର ଏ ଘଡି ।।

ସରସୀରେ ଶୋଭିତ ସମୀରଣେ ଦୋଳିତ
କୁମୁଦ କମଳର ଆଭା,
ଜଳଦ କାଳ ଅନ୍ତେ ଦର୍ପଣ ସମ ସ୍ୱଚ୍ଛ
ନଭ ମଣ୍ଡଳ ଦିବ୍ୟ ପ୍ରଭା,
ସେ ପଲ୍ଲୀ ବାଳା,
ଗ୍ରାମଦାଣ୍ଡେ କରନ୍ତି ଖେଳା,
ସାନନ୍ଦେ ହୋଇ ମେଳା ମେଳା,
ଫୁଲ ବଉଳ ବେଣୀ ତୋଳି ଏ ମିଷ୍ଟ ଧ୍ୱନି
ଅମିୟ ପାର୍ବଣର ବେଳା ।।

ଭୂମିରୁ ଭୂମା ଯାଏ ସରଗର ସୁଷମା
କି ଅବା ହେଲା ବିଚ୍ଛୁରିତ,

ISSN NO.
2582-208X

ପ୍ରକୃତି ରାଣୀ କୋଳ ଦିଶଇ ପରିପୂର୍ଣ୍ଣ
ମୃଦୁ ଅନିଳ ପ୍ରବାହିତ,
ସେ ବସୁମାତା,
ସବୁଜ ବସନେ ଭୂଷିତା,
ଶସ୍ୟାବଳୀ ଅଙ୍କେ ଶୋଭିତା,
ରୂପେଲି ଆଲୁଅରେ ହସେ ଶରଦ ଜହ୍ନ
ଅବନୀ ଚନ୍ଦ୍ରିକା-ଚର୍ଚ୍ଚିତା ଯେ ।।

ଶରତେ ମରତକୁ ମନ ମୋହକ ରୂପେ
ପ୍ରବେଶ ହେବେ ଗଣନାଥ,
ଦେଇ ବିଦ୍ୟାଭଣ୍ଡାର ସେ ପ୍ରଭୁ ଲମ୍ବୋଦର
ସଭିଙ୍କୁ କରିବେ ହର୍ଷିତ,
ହେ ସୁଧୀଜନେ,
ନବାନ୍ନ ଭକ୍ଷଣର କ୍ଷଣ,
ସମାଜେ ସୌହାର୍ଦ୍ଦ୍ୟ ସ୍ଥାପନ,
ପୂଜି ଇଷ୍ଟ ଦୈବତ ମନ ହେବ ତୃପତ
ପ୍ରଣମି ସର୍ବ ଗୁରୁଜନ ।।

ଏ କାଳେ ଦୁର୍ଗାୟଣୀ ମାତା ସିଂହବାହିନୀ
ମୃଣ୍ମୟୀ ମୂର୍ତ୍ତି ମନୋହର,
ବରଦ ମୁଦ୍ରା ହସ୍ତେ ବର ଦ୍ୟନ୍ତି ଭକତେ
ମହିମା ଯାର ଅକୂପାର,
ସେ ହେମବର୍ଣ୍ଣା,
ଶକ୍ତିସ୍ୱରୂପା ବହ୍ନିକନ୍ୟା,
ବିଶ୍ୱମୋହିନୀ ଅନ୍ନପୂର୍ଣ୍ଣା,
ଶରଣ ସେ ପଦାବ୍ଜେ ଏ ଦୀନ କବି ଭଜେ
ଜନ ହିତରେ ଅବତୀର୍ଣ୍ଣା ଗୋ ।।

ସୃଜନ ନଳୟ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ଜୀବନ ର ପଥ



ପ୍ରଶାନ୍ତ ବ୍ରହ୍ମା

ଜୀବନ ର ପଥ ବହୁ ଦୁର କେବେ ଅବା ସରିବ ଜାଣିଛି କିଏ
ଚାଲୁଥିବ ସେତେଦିନ ଶେଷ ନିଃଶ୍ୱାସ ଥିବ ଅବା ଯେତେ ଯାଏ ।

ଆଶା ବୈତରଣୀ ବୋହି ଯାଏ କେତେ ଦୂର କେତେ ଆଶାକୁ ନେଇ
କିଏ ଅବା ଜାଣିଛି କେତେ ସତ କେତେ ମିଛ ହୋଇବ ପୁରଣ ତାହା ଯାଇ ।

ସଂସାର ଜାଲରେ ବନ୍ଧା ଏ ଜୀବନ କେବେ ଯିବା ମୁକୁଳି
ଛନ୍ଦା ହୋଇଛି ପାଦ ଦୁଇ ସଂସାର ନାମକ ସିଙ୍କୁଳି ।

ଆଗରେ ପଡ଼ିଛି କଣ୍ଟା ଚାଲୁଥିବ ଧିରେ ଧିରେ
ଜୀବନ ର ପଥ ବହୁ ଦୁର ମନେ ଭାବିବ ବାରେ ବାରେ ।

ବିଚଳିତ ମନ ହୁଏନାହିଁ ସ୍ଥିର ଅସ୍ଥିର ହୁଏ କାହିଁ
ମିଞ୍ଜି ମିଞ୍ଜି ତାରା ହାତ ଠାରି ଡାକେ ଏ ଭାଇ ।

ପଲ୍ଲାଶପୁର, ଖୋର୍ଦ୍ଧା

ISSN NO.
2582-208X

# ବୋଉ ଓ
# ବାସି ରୁଟି



ସୀତାରାମ ଦାଶ

ଗୋଟେ ସଡକ ଦୁର୍ଘଟଣାରେ ମୁଁ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇ ଆଜି ସମସ୍ତଙ୍କ ପାଇଁ ଅଲୋଡ଼ା ବୋଝଟିଏ ହୋଇଯାଇଛି। ସମସ୍ତେ ଥଟ୍ଟା ପରିହାସ, ଛି ଛାକର କରୁଛନ୍ତି। କିନ୍ତୁ ବୋଉ ପାଇଁ ମୁଁ ତାର ସବୁ କିଛି। ଏବେ ବି ମୁଁ ତାର ନୟନ ପିତୁଳା, ବଞ୍ଚିବାର ରାହା ଆଉ ସାହା। ଏ ବୃଦ୍ଧା ବୟସରେ ମୋ ଭଳି ଏକ ଅଦରକାରୀ ବୋଝକୁ ସେ ବୋହି ଚାଲିଛି ନିରନ୍ତର। ଅନେକ ଘାତ ପ୍ରତିଘାତ ପରେ ବି ସେ ଅଟକି ଯାଇନି। ଥକି ଯାଇନି। ଜୀବନର ପ୍ରତିଟି ମୁହୂର୍ତ୍ତରେ ସେ ଦୃଢ଼ ପ୍ରାଚୀର ଭଳି ସବୁ ଝଡ଼ ଝଞ୍ଜାକୁ ସାମ୍ନା କରିଛି। ଏମିତିକି ଭାଇ ଭାଉଜଙ୍କ ପାଖରେ  ଅପ୍ରିୟ ହୋଇଛି।

ମୋ ଚିକିତ୍ସା ପାଇଁ ବୋଉ ବାରିତଳ ପାଞ୍ଚ ଗୁଣ୍ଠ ଜମି ବିକ୍ରି କରିବା ପରେ ସବୁକିଛି ବଦଳିଗଲା। ଭାଇ ଭାଉଜ ହଠାତ ବୋଉର ଶତ୍ରୁ ପାଲଟି ଗଲେ। ଭାଉଜ ଗାଁ ଦାଣ୍ଡରେ ବୋଉକୁ ଅପମାନ କରି କହିଲେ, "ସାତ ପୁରୁଷର ଜମିକୁ ବିକିବାକୁ ତମେ କିଏ? ତମ ନିଜ ପଇସାରେ ଯେଉଁ ଜମି କିଣିଥିବ ତାକୁ ବିକ। ନହେଲେ ଜମି ବାଣ୍ଟି ଦିଅ। ତମ ଗେଲବସର ପୁଅର ଭାଗକୁ ତମେ ବିକ ଭାଙ୍ଗ ଯାହା କର। ମୋ ଭାଗରେ ହାତ ମାରନି। ୟା ପିଛାରେ ଖର୍ଚ୍ଚ କରିବା ଭୂତକୁ ଟଙ୍କା ଦେବା ସହ ସମାନ"। ଭାଇ ବି ଭାଉଜ ସହ ମିଶି ଢେର କଥା ଶୁଣାଇଲା। ବୋଉ ଆଉ ମୁଁ, ସେଦିନ ଲୁଚି ଲୁଚି ଢେର କାନ୍ଦିଲୁ। ଲୁହ ଝରାଇବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ବୋଉ କିନ୍ତୁ ଖୁବ୍ ସ୍ୱାଭିମାନି। ସେ ଦୃଢ଼ ସ୍ୱରରେ କହିଲା, "ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋ ପୁଅର କିଛି ବି ଅସୁବିଧା ହେବାକୁ ଦେବିନି। ସେହିଦିନ ଠାରୁ ଗୋଟିଏ ଛାତ ତଳେ ଦୁଇଟି ଚୁଲି ଜଳିଲା।

ISSN NO.
2582-208X

ଗୋଟିଏ ପଟେ ଖିରି ପୁରୀର ବାସ୍ନା ମହକିଲା ବେଳେ ଅନ୍ୟ ପଟେ ଶାଗ ପଖାଳ ବି ସତ ସପନ ହେବାକୁ ଲାଗିଲା ।

ସମୟ ସହ ତାଳ ଦେଇ ସମସ୍ୟାସବୁ ବଢିବାକୁ ଲାଗିଲା। ବୋଉ ଦୁର୍ବଳ ହେବା ସହ ତାର ଅସୁସ୍ଥତା ଲାଗି ରହିଲା। ମୁଁ ଧୀରେ ଧୀରେ ଜୀଅନ୍ତା ଶବରେ ପରିଣତ ହେଲି। ନା ମରି ପାରିଲି ନା ବଞ୍ଚି ପାରିଲି। କେବଳ ଭାଗ୍ୟକୁ ଆଦରି  ପଡି ରହିଲି। ଭଗବାନ ତ କଷ୍ଟ ଦେଉଛନ୍ତି, କଣ ଆଉ କରିବି ?

ବର୍ଷା ଦିନ। ମେଘ ପବନ ଲାଗି ରହିଥାଏ। ଜ୍ୱର ହେଲାଯେ ଛାଡିବାର ନାଁ ଧରୁ ନଥାଏ। ଖାଇବାକୁ କିଛି ରୁଚୁ ନଥାଏ। ଯାହା ଖାଇଲେ ପିତା ଲାଗୁଥାଏ। ଫଳ ମୂଳ ତ ଦୂରର କଥା ନାଲି ଚା ଟିକେ କରି ପିଇବାକୁ ଆମ ପାଖରେ ସମ୍ବଳ ନଥାଏ। ସକାଳୁ ସକାଳୁ ବୋଉ ପଟେ ରୁଟି ଆଉ ଦୁଇ ଚାରିଖଣ୍ଡ ଆଳୁ ଭଜା ଆଣି ଅତି ସନ୍ତର୍ପଣରେ ଦେଲା। ଧୀର ଗଳାରେ କହିଲା, "ୟାକୁ ଖାଇ ଦେଇ ଟିକେ ପାଣି ପିଇଦେ। ଦେହ ଭଲ ଲାଗିବ।" ମୁଁ ଆଶ୍ଚର୍ଯ୍ୟ ହେଲି ବୋଉ ରୁଟି କେଉଁଠୁ ଆଣିଲା। ମନେ ପଡ଼ିଲା ଭାଉଜଙ୍କ କିଚେନରୁ ଆଳୁ ଭଜାର ବାସ୍ନା ଆସୁଥିଲା। ବୋଉ ଅପରାଧୀଙ୍କ ଭଳି ଚୁପ ଚୁପ କହିଲା, "ଭାଉଜ ଗାଧୋଇ ଯାଇଛି, ମୁଁ ତା ଘରୁ ପଟେ ରୁଟି ତୋ ପାଇଁ ନେଇ ଆସିଛି। ମୋ ଧନଟା ପରା ଟିକେ ଖାଇଦେ।"

ପାଠ ପଢ଼ିଲା ବେଳେ ଆମ ଗାଁ ସ୍କୁଲରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ତୃତୀୟ ଶେଣୀ ପରେ ଦୂର ଗାଁ ସ୍କୁଲକୁ ଯିବାକୁ ପଡେ। ଖେଳ ଛୁଟିରେ ଆମେ ଖାଇବାକୁ ଆସି ପାରୁ ନାହିଁ। ଚୁଡା ମୁଢ଼ି ନହେଲେ ଛତୁଆ ନେଇକି ଯାଉ। ବୋଉ ଆମ ପାଇଁ ବହୁତ ମନ ଦୁଃଖ କରେ। ଆମେ ଦୁଇ ଭାଇ ରୁଟି ଖାଇବାକୁ ଭଲ ପାଉ ବୋଲି ବୋଉ ପଡିଶା ଘରୁ ଅନେକ ଥର ରୁଟି ମାଗି ଆଣି ଆମକୁ ଦିଏ। ତା ବଦଳରେ ତାକୁ ଛୋଟ ବଡ଼ କାମ କରିବାକୁ ପଡେ। ବୋଉର ଦୁଃଖ କଷ୍ଟ ଯନ୍ତ୍ରଣା ଆମ ବାଳୁତ ମନ କିଛି ବୁଝି ପାରେନି। ଖେଳ ଛୁଟିରେ ସେ ରୁଟିକୁ ଆମେ ଦୁଇ ଭାଇ ବଡ଼ ଆନନ୍ଦରେ ଖାଉ ।

ISSN NO.
2582-208X

ପିଲାଦିନର ସେ ଅଭୁଲା ସ୍ମୃତି ସବୁ ମୋ ଆଖି ଆଗରେ ସିନେମାର ଚଳମାନ ପରଦା ଭଳି ନାଚି ଉଠିଲା। ମୁଁ ଚମକି ପଡି ରୁଟି ଖଣ୍ଡିକ ତଳକୁ ଫୋପାଡ଼ି ଦେଲି। ରୁଟି ଭିତରେ ଥିବା ଚାରିଖଣ୍ଡ ଆଳୁଭଜା  ରୁଟି ଭିତରୁ ବାହାରି ଯାଇ ରୁଟିର ଚାରି ଦିଗରେ ପଡିଲା। ଛାତି ଭିତରର କୋହକୁ ମୁଁ ରୋକି ନ ପାରି ଭୋ ଭୋ ହୋଇ କାନ୍ଦିବାରେ ଲାଗିଲି। କାନ୍ଦି କାନ୍ଦି କହିଲି, "ବୋଉ, ମୁଁ ନ ମରି କାହିଁକି ବଞ୍ଚିଛି।"

ବୋଉ ଟିକେ ବି ବିଚଳିତ ହେଲା ନାହିଁ। ଖୁବ୍ ସ୍ନେହରେ, ଅତି ଆଦରରେ ସେ  ମୋ ଆଖିର ଲୁହକୁ ପୋଛି ଦେଇ ତା ଛାତିରେ ଜାକି ଧରିଲା ଖୁବ୍ ନିବିଡ଼ ଭାବରେ। ବୋଉ ପଣତର ମିଠା ବାସ୍ନାରେ ମୁଁ ଭୁଲିଗଲି ସବୁକିଛି। ଓଃ... କି ପରମ ଆନନ୍ଦ। ନିଦାଘର ନିରାଟ ଖରାବେଳେ ଶୀତଳ ପଣର ଛାଇଟିଏ ସଞ୍ଚରି ଗଲା ମୋ ସାରା ପୃଥିବୀକୁ। କିଛି ସମୟ ପାଇଁ ମତେ ଅନୁଭବ ହେଲା, ମୁଁ ତିନି ଚାରି ବର୍ଷର ସୁନ୍ଦର ଶିଶୁଟିଏ ହୋଇ ବୋଉ କୋଳରେ ଶୋଇଛି। ବୋଉ ତା ପଣତରେ ମତେ ଘୋଡେଇ ଦେଇ ଗାଉଛି, "ଧୋ ..ରେ..ବାଇଆ ଧୋ.." ମୁଁ ଶୋଇଯାଇଛି ପରମ ଶାନ୍ତିରେ ସୁଖ ନିଦ୍ରାରେ ସବୁଦିନ ପାଇଁ। ନିରବ ନିସ୍ତବ୍ଧ ପୃଥିବୀ। ଚାରିଆଡ଼େ ଅସମ୍ଭବ ନୀରବତା। କିଛି ଗୋଟେ କଚାଡି ହୋଇ ପଡିବାର ଶବ୍ଦ ହେଲା। ଆମ ସାହିରେ କୋଳାହଳ ସହ କାନ୍ଦ ବୋବାଳି ଶୁଭିଲା। କେହି ଜଣେ ଚୁପ ଚୁପ କହୁଥିଲା, "ଗୋଟେ କାଳ ଗଲା।"

ବର୍ଷଣମୁଖର ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ମଶାଣି ପଦାର ଲଙ୍ଗଳା ବୁକୁ ଉପରେ ସଭ୍ୟ ସମାଜକୁ ଉପହାସ କରି ଚିତାଟିଏ ଜଳୁଥିଲା ହୁତୁ ହୁତୁ ହୋଇ। ହାତଭାଗିନୀ ମା'ଟିଏ ଘର ଅଗଣାରେ ରାହା ଧରି କାନ୍ଦୁଥିଲା ତାର ସର୍ବସ୍ୱ ହରାଇ ।

ସାନମୂଳେଇ, କଟକ

ISSN NO.
2582-208X

# ଧନ୍ୟ ତୁମେ ନାରୀ



କୁମରଲାଲ ରଣା

ଦେଲ ଜନମଟି ଗରଭରୁ କାଢି
ଭୂମିକୁ କଲ ସମର୍ପଣ
ଦୁଇ ପୁତ୍ର ପ୍ରେମ ଆଉ ଓମ ହେଲା
ଧନ୍ୟ ତୁମ ନାରୀ ଜନ୍ମ
ଭାଗ୍ୟେ ଥିଲା ବୋଲି ସୁପୁତ୍ର ତୁମର
ସୁଖେ ନ ଥିବ କି ହୃଦ ?
ଜାଗୃତି ଏ ମହୀ ଜାଗ୍ରତ କରଇ
ବଢାଇଲ ଏକ ପାଦ ॥
ଏଣିକି ଭାବନା ତୁମେ ହେଲ ଧନ୍ୟା
ମାଟିର ଯଶକୁ ଗାଇ
ପବିତ୍ର ବିନା କି ଅନ୍ୟ କିଛି ଲାଭ
ଜଗତେ ପାଇବ କାହିଁ
ତୁମକୁ ହିଁ ଦେଲା ବିଧାତା ଜନମ
ତୁମେ ସୃଷ୍ଟି ପାଇଁ ଦାନ
ତୁମ ସଂକେତରେ ପୁରୁଷ କରଇ
ଲଭି ବଡ ପରାକ୍ରମ ॥

କିଏ ବା କହିବ ତୁମକୁ ରାଗରେ
ଅଲକ୍ଷଣୀ ବୋଲି ଜଣେ
ଭାଗ୍ୟ ବତୀ ତୁମେ ନାରୀ ଜଗତର
ପୁରିଛି ଯଶ ଲୋ ପୁଣ୍ୟେ

ମହୁଆଭଟା

ISSN NO.
2582-208X

# ପରୋପକାର



ମନୋରଞ୍ଜନ ସୁରୁଜାଲ

ଯେମିତି ଗଗନେ ଉଦୟ ତପନ
ବରଷନ୍ତି ଦିବ୍ୟାଲୋକ
ସେମିତି ରାତିରେ ଜହ୍ନର ଜୋଛନା
ଉଜ୍ଜ୍ୱଳ କରେ ଭୂଲୋକ ।

ଜ୍ୟୋତି ବରଷିଲେ ଆଲୋକ ଦେହରେ
ଲିଭିଯାଏ ଅନ୍ଧକାର
ମହିମା ମଣ୍ଡିତ ପର ଉପକାର
ମହତରେ ଗଣା ସାର ।

ବିଶ୍ୱର କଲ୍ୟାଣ ପାଇଁ ସାଧୁ ସନ୍ଥ
ତପ ସାଧୁ ଥାନ୍ତି ନିତି
ଜୀବ ନିର୍ଜୀବରେ ସମ ଭାବ ତୋଳି
ତା'ଠାରେ ଲଗାନ୍ତି ପ୍ରୀତି ।

ଖରା ବର୍ଷା ଶୀତ ସହି ତରୁ ଗଣ
ବାଣ୍ଟି ଦେଉଥାନ୍ତି ଫଳ
ପର ପାଇଁ ମାଟି ସହି ଯାଇ ସିନା
ଫଳାଏ ସୁନା ଫସଲ ।

ଅଙ୍ଗାର ଯେସନ ଜଳି ତାପ ଦେଇ
ପରିଶେଷେ ହୁଏ ଖାର

ISSN NO.
2582-208X

ମହମ ବତୀଟି ତରଳି ତରଳି
ସାରଇ ଆୟୁଷ ତା'ର ।

ସାଗର ତେସନ ଲବଣ ଭକ୍ଷିଣ
ଦିଏ ସୁଧା ତୁଲ୍ୟ ପୟ
ପାଦର ସୁରକ୍ଷା ପାଇଁକି ପାଦୁକା
ପଥେ ଘଷି ହୁଏ କ୍ଷୟ ।

ଫୁଲ ଫୁଲ ଉଡି ଅତି ଯତନରେ
ମାକ୍ଷିକା ମଧୁ ସଞ୍ଚଇ
ଅନ୍ୟକୁ ଜୀବନ ବାଣ୍ଟିବାରେ ସୁଖ
ଜାଣିଛି ବହିଲା ନଈ ।

କେତେ ଦୁଃଖ ସହି ଦେଶର କୃଷକ
ପେଟକୁ ଯୋଗାଏ ଦାନା
ଗରିବ ମୂଳିଆ ଗଢ଼ିବାକୁ ଦେଶ
ମୂଳ ଲାଗିଥାଏ ସିନା ।

ପରପାଇଁ ଯିଏ ଉତ୍ସର୍ଗ ମହୀରେ
ଦିଅଇ ଜୀବନ ଦାନ
ପର ପାଇଁ ତ୍ୟାଗ ଅମୃତ ପରାୟ
ଧନ୍ୟ ଧନ୍ୟ ତା' ଜୀବନ ।

ପର ଉପକାର ସାଧିବା ଜନର
ହୁଏ ପୂଜା ଅରଚନ
ପର ମୁଖେ ହସ ସେବାରେ ତତ୍ପର
ବୋଲାନ୍ତି ସେ ମହାଜନ ।

ଅଇଁଲ୍ପାଲି, ଧମା, ସମ୍ବଲପୁର

ISSN NO.
2582-208X

# କଳାର ମହିମା



ହର ପ୍ରସାଦ ସୁଆର

କଳା ବା କାଳିକୁ ନେଇ ପ୍ରାୟତଃ ଆଲୋଚନା ଶୁଣିବାକୁ ମିଳେ । ଦୁନିଆରେ କଳା ନ ରହିଲେ ଧଳାର ମହତ୍ୱ କିଛି ନାହିଁ । ଯେମିତି ହସ ପରେ କାନ୍ଦ ବା ଏହାର ଓଲଟା ଠିକ୍ ସେହିପରି କଳା ପରେ ଧଳା । ଭଗବାନ ଶ୍ରୀକୃଷ୍ଣଙ୍କ ଶରୀରର ରଙ୍ଗ ହେଉଛି କଳା । ଭଗବାନ ଷୋହଳ କଳାରେ ପରିପୂର୍ଣ୍ଣ । ରଥଯାତ୍ରା ସମୟରେ ପ୍ରଭୁ ଜଗନ୍ନାଥ ରଥରେ ଚଢି ଭକ୍ତଙ୍କୁ ଦରଶନ ଦେବା ନିମନ୍ତେ ଶ୍ରୀମନ୍ଦିରରୁ ବଡଦାଣ୍ଡ ଦେଇ ଗୁଣ୍ଡିଚା ଅଭିମୁଖେ ଯାତ୍ରା କରନ୍ତି । ତାଙ୍କ ରଥର ଗୋଟିଏ ପଟେ ଥାଏ କଳା ଘୋଡା । ଶ୍ରୀଜଗନ୍ନାଥଙ୍କ ଦେହର ବର୍ଣ୍ଣ କଳା । ତେଣୁ ସେ ଓଡିଶାର ପୁରପଲ୍ଲୀରେ କାଳିଆ ଠାକୁର ନାମରେ ଖ୍ୟାତ । ସତୀଙ୍କ ଦେହତ୍ୟାଗ ପରେ ଭଗବାନ ବିଷ୍ଣୁ ନିଜ ଚକ୍ର ସାହାଯ୍ୟରେ ସତୀଙ୍କ ଶରୀରକୁ ଖଣ୍ଡବିଖଣ୍ଡ କରିଦେଇଥିଲେ । ଏକାବନଟି ଖଣ୍ଡରୁ ଯେଉଁ ଖଣ୍ଡ ଆସି ଯେଉଁଠାରେ ପତିତ ହେଲା, ସେହି ସ୍ଥାନଟି ଏକ ଏକ ସତୀ ପୀଠ ନାମରେ ପରିଚିତ ହେଲା । ଅର୍ଥାତ୍ ସତୀଙ୍କ ଦକ୍ଷିଣ ହସ୍ତର ଦୁଇଟି ଅଙ୍ଗୁଳି କଲିକତାରେ ପତିତ ହେବାରୁ ସେଠାରେ ମହାତୀର୍ଥ କାଳୀଘାଟ ସୃଷ୍ଟିହେଲା । ପୂର୍ବାଞ୍ଚଳ ରାଜ୍ୟ ସମୂହ ବା ବିଶେଷତଃ ପଶ୍ଚିମ ବଙ୍ଗଳା ରାଜ୍ୟରେ ମା' କାଳୀଙ୍କୁ ଲୋକେ ମହା ଧୁମଧାମରେ ପୂଜା କରନ୍ତି କାରଣ ସେମାନଙ୍କ ଆରାଧ୍ୟା ଦେବୀ ହେଉଛନ୍ତି ମା' କାଳୀ । ରାମକୃଷ୍ଣ ପରମହଂସ ଦେବ ମା' କାଳୀଙ୍କ ଅନନ୍ୟ ଭକ୍ତ ଥିଲେ । ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ମଧ୍ୟ ତନ୍ତ୍ର ସାଧନା ନିମନ୍ତେ ସେହି କାଳୀଙ୍କ ଶରଣ ପଶିଥିଲେ । କଳା ରଙ୍ଗର ସର୍ପ ରହିଛି । ଭଗବାନ ଶ୍ରୀକୃଷ୍ଣ ତାଙ୍କ ଗୋପଲୀଳା ସମୟରେ କାଳୀୟ ଦହନ କରିଥିଲେ । ମନୁଷ୍ୟର ଶନିଗ୍ରହ ଖରାପ ଥିଲେ ଶନିଙ୍କୁ ଶାନ୍ତ କରିବା ନିମନ୍ତେ ଲୋକେ

ISSN NO.
2582-208X

ଶନିଶ୍ଚର ମନ୍ଦିରକୁ ଯାଇ କଳା ତିଳ ଓ କଳା କପଡା ଦାନ କରନ୍ତି । କୌଣସି ଦେବୀ ପୀଠ ଅଥବା ତୀର୍ଥସ୍ଥାନକୁ ଗଲେ ସେଠାରେ ମନ୍ଦିରର ପୂଜକ ଭକ୍ତଙ୍କ ଡାହାଣ ହସ୍ତରେ ଭକ୍ତର ମଙ୍ଗଳ ଭାବନା ତଥା କଲ୍ୟାଣ ନିମନ୍ତେ  କଳା ରଙ୍ଗର ସୂତା ଅର୍ଥାତ୍ ଧାଗା ବାନ୍ଧନ୍ତି । ଯମ ଦେବତାଙ୍କ ମଇଷି ବାହନର ରଙ୍ଗ କଳା । ଏସବୁତ ଗଲା ସେଦିନର କଥା । ପୌରାଣିକ ଯୁଗର କଥା ।

ଆକାଶରେ କୋଟିକୋଟି ନକ୍ଷତ୍ର ଥିବା ସtwe ରାତ୍ର ସମୟରେ ଆକାଶର ଦୃଶ୍ୟ କଳା ଦେଖାଯାଏ । ଅମାବାସ୍ୟା ରାତ୍ରିର ଆକାଶ ଦେଖିବାକୁ ସଂପୂର୍ଣ୍ଣ କଳା । ପ୍ରକୃତିର ସୃଷ୍ଟିରେ ଅନେକ ରକମର କଳା ରଙ୍ଗର ଫୁଲ ରହିଛି । ଆଜିକାଲି କଲମି ମାଧ୍ୟମରେ କଳା ରଙ୍ଗର ମନ୍ଦାର ଫୁଲ ଓ ଗୋଲାପ ଆଦି ଅନେକ କିସମର ଫୁଲ ମିଳୁଥିବାର ଦେଖାଯାଏ । ଛୋଟ ଛୋଟ ଶିଶୁଙ୍କୁ ଲୋକଙ୍କ ନଜରରୁ ମୁକ୍ତି ଦେବା ନିମନ୍ତେ, ମାଆମାନେ କଜ୍ୱଳ ବ୍ୟବହାର କରିଥାଆନ୍ତି । ଶିଶୁଟିର କପାଳରେ, ହାତରେ ବା ଗାଲରେ କଜ୍ୱଳ ଲଗାନ୍ତି । କଜ୍ୱଳର ରଙ୍ଗହେଲା କଳା । ପୃଥିବୀର ସବୁଠାରୁ ମଧୁର କଣ୍ଠରେ ଗାଇପାରୁଥିବା ପକ୍ଷୀ କୋଇଲିର ରଙ୍ଗ ଦେଖିବାକୁ କଳା । ବାନ୍ଧକଳା ପାଇଁ ଆମ ଓଡିଶାର ପ୍ରସିଦ୍ଧି ରହିଛି । ଭୂମଧ୍ୟସାଗରୀୟ ଅଞ୍ଚଳ ଅର୍ଥାତ୍ ତୁରସ୍କରେ କୃଷ୍ଣ ସାଗର ବା ବ୍ଲାକ୍ ସୀ ରହିଛି । ଶୀତଦିନରେ କୃଷ୍ଣସାଗରରେ ସାମୁଦ୍ରିକ ଝଡ ହେଲେ ସମୁଦ୍ରର ପାଣି ଅତ୍ୟନ୍ତ କଳା ହେଉଥିବା ଯୋଗୁଁ ନାବିକମାନେ କୃଷ୍ଣସାଗର ବୋଲି କହିବା ଆରମ୍ଭ କଲେ । କୃଷ୍ଣ ଅର୍ଥାତ୍ କଳା । ଛାତ୍ରମାନେ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହେବାପାଇଁ କଳା, ବିଜ୍ଞାନ ଓ ବାଣିଜ୍ୟ ମଧ୍ୟରୁ କୌଣସି ଗୋଟିକୁ ଚୟନ କରନ୍ତି । ଅନେକେ କଳାକୁ ବାଛନ୍ତି । କଲମର କାଲିର ରଙ୍ଗ କଳା । ସରକାରଙ୍କ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା ଠିକାଦାରଙ୍କ ମଧ୍ୟରୁ ଯେଉଁମାନେ ଅସାଧୁ ଅର୍ଥାତ୍ କମ୍ କାମକରି କିମ୍ବା କାମ ନକରି ସରକାରଙ୍କ ନିକଟରୁ ବିଲ୍ ଆଦାୟ କରନ୍ତି, ସେମାନଙ୍କୁ କଳା ତାଲିକାଭୁକ୍ତ କରାଯାଏ । ରନ୍ଧାଘରେ ମାଆମାନେ ତରକାରୀର ସ୍ୱାଦ ଆଣିବା ନିମନ୍ତେ କଳା ଜିରାକୁ ଫୋଟଣ ରୂପେ ବ୍ୟବହାର କରନ୍ତି । ହାତୀ, ଭଲ୍ଲୁକ, ବାଘ, କୁକୁର, ବିରାଡି ଆଦି ଅନେକ ପ୍ରାଣୀ କଳା ରଙ୍ଗର ଅଟନ୍ତି । ଶୁଣିବାକୁ ମିଳେ, କଳା ରଙ୍ଗର ଗାଇର ଦୁଧ ଅନ୍ୟ ରଙ୍ଗର ଗାଇର ଦୁଧ ତୂଳନାରେ ମିଠା ଓ ସୁସ୍ୱାଦୁ । ମିଠା ଦୋକାନରେ ମିଳୁଥିବା ଏକ ଧରଣର ମିଠାର ନାମ ହେଉଛି

ISSN NO.
2582-208X

କଳାଜାମ୍ । ଲୋକଙ୍କ ମନରେ ଧାରଣା ରହିଛି କଳା ରଙ୍ଗ ହେଉଛି ଅଶୁଭ ଓ ଅମଙ୍ଗଳର ଦ୍ୟୋତକ । ଅନ୍ଧକାର ବା ରାତ୍ରି ହେଉଛି କଳା । କୌଣସି ଲୋକର କଳା କାରନାମା ପଦାରେ ପଡିବା କଥା ବେଳେବେଳେ ଖବରକାଗଜର ପୃଷ୍ଠା ମଣ୍ଡନ କରେ । ଲୋକେ କହନ୍ତି, ସେ ନିଷ୍ଠୁର ବ୍ୟକ୍ତିଟି ଅମୁକ ବାବୁଙ୍କ ଘରେ କଳାକନା ବୁଲେଇଦେଲା । ବ୍ରିଟିଶ୍ ଶାସନ କାଳରେ ନିରପରାଧ ଆନ୍ଦୋଳନକାରୀଙ୍କୁ ଅନ୍ୟାୟ ଭାବେ ଦୂରଦୂରାନ୍ତରେ ଥିବା କଳାପାଣିକୁ ପଠାଇ ଦିଆଯାଉଥିଲା । ଯେଉଁମାନଙ୍କ ଘରେ କଳା ରଙ୍ଗର କନ୍ୟା ସନ୍ତାନଟିଏ ଜନ୍ମ ନିଏ, ବଡ ହେବାପରେ ସେହି କାଳୀ କନ୍ୟାର ବାହା ହେବାରେ ବିଳମ୍ବ ଘଟେ । କଳାରଙ୍ଗ ଯୋଗୁଁ ଅନେକେ ବୋହୁକରି ନେବାକୁ ପସନ୍ଦ କରନ୍ତି ନାହିଁ । କଳା ରଙ୍ଗର କନ୍ୟାର ଦୁର୍ଭାଗ୍ୟକୁ ନେଇ ବଙ୍ଗଳା ଭାଷାରେ ଯାତ୍ରା ପାଲା ବା ଥିଏଟର୍ ହୋଇଥିଲା । ଥିଏଟର୍‌ର ନାମଥିଲା, "କାଲୋ ମେୟେର୍ କାନ୍ନା" ଅର୍ଥାତ୍ କଳା ଝିଅର କାନ୍ଦ ।

ଥରେ ଖବରକାଗଜରୁ ଜାଣିବାର ସୁଯୋଗ ମିଳିଥିଲା କଳା ଝିଅଟିକୁ ବିବାହ ନିମନ୍ତେ ବରଙ୍କ ଘରୁ ଦେଖିବାକୁ ଆସି ଗୋଟିଏ ପରେ ଗୋଟିଏ ପ୍ରସ୍ତାବ ନାକଚ ହେବା ଯୋଗୁଁ ବିବାହ ନିମନ୍ତେ ଦୀର୍ଘବର୍ଷ ଧରି ପ୍ରତୀକ୍ଷା କଲାପରେ ଶେଷରେ ନିରାଶ ହୋଇ କାଳିଝିଅଟି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିଲା । ସତେ ଯେପରି କୌଣସି ପରିବାରରେ କଳାରଙ୍ଗର କନ୍ୟା ସନ୍ତାନ ଜନ୍ମିବା ଏକ ଅଭିଶାପ । କାଉ, ଡାମରା କାଉ, ବଣି, ବାଦୁଡି ଆଦିର ରଙ୍ଗ ମଧ୍ୟ କଳା । ପୁସ୍ତକ, ଖବରକାଗଜ ଓ ବଡବଡ ଗ୍ରନ୍ଥ ଇତ୍ୟାଦିର ଅକ୍ଷରଗୁଡିକ ଦେଖିବାକୁ କଳା । ଅଦାଲତ ଗୁଡିକରେ ବିଚାରକ ଏବଂ ଓକିଲଙ୍କ ପୋଷାକର ରଙ୍ଗ କଳା । ଖରା ଅଥବା ବର୍ଷା ଦିନରେ ଆମେ ବ୍ୟବହାର କରୁଥିବା ଅଧିକାଂଶ ଛତାର ରଙ୍ଗ କଳା । ପୂର୍ବେ ଲୋକେ କୌଣସି ଗ୍ରାମର ବୟସ୍କ ଜ୍ଞାନୀ, ପ୍ରତିଭାବାନ ବ୍ରାହ୍ମଣଙ୍କୁ ଦେଖିଲେ ନିଜ ମଧ୍ୟରେ କୁହାକୁହି ହେଉଥିଲେ ଲୋକଟାର ମଧ୍ୟରେ କଳା ରହିଛି ବା ଲୋକଟି ଯଥେଷ୍ଟ କଳାପ୍ରିୟ । ସାଧାରଣ ଭାବେ ଆମେ ପିନ୍ଧୁଥିବା ଚଶମାର ରଙ୍ଗ କଳା ହୁଏ । ଅନ୍ୟ ରାଷ୍ଟ୍ର ତୁଳନାରେ ଆମ ଦେଶର କଳା ଓ ସ୍ଥାପତ୍ୟ ଅନେକ ଉନ୍ନତ । ଆମେ କହୁ, ସେହି ଲୋକଟିର ଘରେ ପ୍ରଚୁର କଳାଧନ ରହିଛି । ଯାନବାହାନରୁ ଯେଉଁ ଗ୍ୟାସ୍ ନିର୍ଗତ ହୁଏ, ସେହି ଧୂଆଁର ରଙ୍ଗ କଳା । ଗାଁ-ଗହଳର ଲୋକେ ଇନ୍ଧନ ଅର୍ଥାତ୍ ଜାଳେଣୀ ପାଇଁ ଗଛର ଶୁଖିଲା ପତ୍ର ଓ

ISSN NO.
2582-208X

କାଠ ଆଦି ବ୍ୟବହାର କରନ୍ତି । ଫଳରେ ହାଣ୍ଡିର ପଛ ଭାଗ କଳା ପଡିଯାଏ । ମାଆମାନେ ଘରେ ରାନ୍ଧୁଥିବା ବେଳେ ଟିକିଏ ଅସାବଧାନ ହୋଇଗଲେ ବ୍ୟଞ୍ଜନ ପୋଡିଯାଇ ହାଣ୍ଡିର ତଳ ଭାଗରେ ଯେଉଁ ଆସ୍ତରଣ ସୃଷ୍ଟିକରେ ତାହାର ରଙ୍ଗ ହେଉଛି କଳା । ମୋବାଇଲ ଫୋନର ପ୍ରଚଳନ ହେବା ପୂର୍ବରୁ ଲୋକେ, ଘରେ କେହିଜଣେ ମୃତ୍ୟୁ ହେଲେ ଦୂରରେ ରହୁଥିବା କୌଣସି ଆତ୍ମୀୟ ସ୍ୱଜନଙ୍କ ନିକଟକୁ ଅଶୁଭ ଖବର ବା ବାର୍ତ୍ତା ଦେବାପାଇଁ ପୋଷ୍ଟକାର୍ଡ ବ୍ୟବହାର କରୁଥିଲେ । ପୋଷ୍ଟକାର୍ଡ ଲେଖା ସରିବାପରେ ପୋଷ୍ଟ୍ କରିବା ପୂର୍ବରୁ କାର୍ଡ ଚାରିକୋଣରେ କାଳି ବୋଳି ଦେଉଥିଲେ ଯାହାଫଳରେ କି ପତ୍ର ପ୍ରାପକ ଚିଠିଟିକୁ ପଢିସାରି ଚିରି ବାହାରେ ଫୋପାଡି ଦିଅନ୍ତି । ଏବେ ମଧ୍ୟ ମୃତକଙ୍କ ଘରୁ ଅନ୍ୟକୁ ସୂଚନା ଦେବା ନିମନ୍ତେ ଅଥବା କ୍ଷୌର କର୍ମ ଏବଂ ଶ୍ରାଦ୍ଧାଦି ଅନୁଷ୍ଠାନରେ ଉପସ୍ଥିତ ହେବା ନିମନ୍ତେ ଗଙ୍ଗା ଶବ୍ଦଟିଏ ଲେଖି ଯେଉଁ ନିମନ୍ତ୍ରଣ ପତ୍ର ଛପାନ୍ତି ତାହା ଦେଖିବାକୁ କଳା ରଙ୍ଗର । ଅଶୁଭ କର୍ମରେ କଳା ରଙ୍ଗର ବ୍ୟବହାର ହିଁ କରାଯାଏ । ଏବେ ସୁଦ୍ଧା ଗ୍ରାମାଞ୍ଚଳ ତଥା ମାଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ କଳାଜ୍ୱରର ଶିକାର ହେବାକୁ ପଡେ । ଆମେ ଚଳପ୍ରଚଳ ହେଉଥିବା ରାସ୍ତାଘାଟ ବିଟୁମିନ୍ ଅର୍ଥାତ୍ ପିଚୁରେ ତିଆରି କରାଯାଉଥିବା ହେତୁ ରାସ୍ତାଘାଟର ରଙ୍ଗ ଦେଖିବାକୁ କଳା ଅଟେ ।

ଆଜକୁ ପ୍ରାୟ ପଚାଶରୁ ଷାଠିଏ ବର୍ଷ ପୂର୍ବେ ଲୋକଙ୍କ ହାତରେ ଅର୍ଥ ନଥିଲା । ଦାରିଦ୍ର୍ୟତା କାରଣରୁ ଗାଁ-ଗହଳରେ ରହୁଥିବା ଲୋକଙ୍କ ମଧ୍ୟରୁ ଦୁଇ ତିନିଦିନ ଧରି ଖାଇବାକୁ ନପାଇ ଭୋକର ଜ୍ୱାଳା ନସହିପାରି ପେଟ ବିକଳରେ ଲୋକଙ୍କ ଘରେ ପଶି ରନ୍ଧାଘରେ ଥିବା ବଳକା ଖାଦ୍ୟକୁ ଚୋରିକରି ଖାଉଥିଲେ । କେହିକେହି, ଲୋକଙ୍କ ବାଡି ବଗିଚାରେ ପଶି କଦଳୀ କାନ୍ଦିଟିଏ ଚୋରିକରି ବଜାରରେ ବିକ୍ରୀକରି ନିଜର ଏବଂ ପରିବାରର ସାମୟିକ ଗୁଜୁରାଣ ମେଣ୍ଟାଉଥିଲେ । ବେଳେବେଳେ ସେମାନେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡୁଥିଲେ । ଧରାପଡିଲେ, ସେମାନଙ୍କୁ ଏହି ସବୁ ଛୋଟ ଛୋଟ ଦୋଷ ପାଇଁ କେହି ପୁଲିସକୁ ଖବର ଦେଉନଥିଲେ । ଖାପ୍ ପଞ୍ଚାୟତ ଅର୍ଥାତ୍ ଗ୍ରାମର ମୁଖିଆଙ୍କୁ ନେଇ ଗ୍ରାମର ଲୋକେ ବୈଠକ କରି ଉକ୍ତ ଦୋଷୀ ବ୍ୟକ୍ତିଙ୍କ ବିଚାର କରି ଶାସ୍ତି ବିଧାନ କରୁଥିଲେ । ଅର୍ଥାତ୍ ଖାଦ୍ୟ ଚୋରିକରି ଖାଇଥିବା ବ୍ୟକ୍ତିଙ୍କ ମୁଖରେ ଗ୍ରାମର ସମସ୍ତଙ୍କ ଉପସ୍ଥିତିରେ କଳା ବା କାଳି ବୋଳିଦେଉଥିଲେ । ଉଦ୍ଦେଶ୍ୟ ଥିଲା,

ISSN NO.
2582-208X

ଲୋକଟି ସମସ୍ତଙ୍କ ସାମନାରେ ଅପମାନିତ ହୋଇ ଭବିଷ୍ୟତରେ ଯେପରି ଏକା ଭୁଲ୍ କାମ ନକରେ । କାରଣରେ ହେଉ ବା ଅକାରଣରେ କାହାରି ଯଦି ଅନ୍ୟ କୌଣସି ବିଶିଷ୍ଟ ବ୍ୟକ୍ତି ଯଥା ଅଫିସର, ଜିଲ୍ଲାପାଳ ବା ମନ୍ତ୍ରୀଙ୍କ ପ୍ରତି ମନରେ କ୍ରୋଧ ବା ଆକ୍ରୋଶ ସୃଷ୍ଟିହୁଏ ତାହାହେଲେ ସେହି ଲୋକଟି କିଭଳି ଭାବେ ଏହାର ପ୍ରତିଶୋଧ ନେଇପାରିବ ସେଥିର ସୁଯୋଗ ଉଣ୍ଢୁଥାଏ । ଯେତେବେଳେ ବଡ ଆକାରରେ କୌଣସି ସଭା ସମିତି ହୁଏ; ସେତେବେଳେ ଭୀଡ ଜନତାଙ୍କ ମଧ୍ୟରେ ମିଶିଯାଇ ଉକ୍ତ ବ୍ୟକ୍ତିଙ୍କ ମୁଖକୁ କାଳି ମାଡ କରେ । ଯାହାଫଳରେ କି ଉକ୍ତ ବିଶିଷ୍ଟ ବ୍ୟକ୍ତି ଅପମାନିତ ହୋଇ ଏଥିରୁ ଶିକ୍ଷା ଗ୍ରହଣ କରିପାରିବେ । ମା' ମାନେ କହନ୍ତି, ମୋ ପୁଅ ଦୀର୍ଘଦିନ ଜଣ୍ଡିସ ରେ ପଡି ଶୁଖି କଳାକାଠ ଭଳି ହୋଇଗଲାଣି । ରାଜପଥରେ ଯାଉଥିବା ଟ୍ରାକକ୍ର ପଛଭାଗରେ ଲେଖା ହୋଇଥାଏ, "ବୁରି ନଜର୍ ବାଲେ ତେରା ମୁହଁ କାଲା" ଅର୍ଥାତ୍ ମୁହଁଟି କଳା । ମୁଗୁନି ପଥର ହେଉଛି ଖୁବ୍ ଟାଣ ଏବଂ ଦେଖିବାକୁ କଳା । ଏଣୁ ଏହି ପଥରକୁ ଲୋକେ କଳା ପଥର ବୋଲି ମଧ୍ୟ କହନ୍ତି । ଚାଷ କାର୍ଯ୍ୟରେ ଆଜିକାଲି ରାସାୟନିକ ସାର ବ୍ୟବହାରର ବହୁଳତା ଯୋଗୁଁ ଛୋଟ ପିଲାଠାରୁ ଆରମ୍ଭକରି ମଧ୍ୟ ବୟସ୍କ ଲୋକ ପର୍ଯ୍ୟନ୍ତ ଅଥବା ନାରୀ ସମସ୍ତଙ୍କର ମସ୍ତକର ଚୁଟି ପକ୍ୱ ଆକାର ଧାରଣ କରିଥାଏ । ଏହି ପକ୍ୱ କେଶ ଯୋଗୁଁ ଲୋକେ ବୁଢା ନହୋଇ ସୁଦ୍ଧା ବୁଢାଙ୍କ ଭଳି ଦେଖା ଯାଉଥିବା କାରଣରୁ ବଜାରରେ ମିଳୁଥିବା ବିଭିନ୍ନ ତେଲ କିମ୍ବା କେଶ କାଲା ଆଦି ପାଉଡର କିଣି ବ୍ୟବହାର କରିଥାଆନ୍ତି । ଯାହା ଫଳରେ କି ମୁଣ୍ଡର କେଶ ସାମୟିକ ପାଇଁ ହେଲେ ବି ଧଳା ବଦଳରେ କଳା ଦେଖାଯାଏ । ଅଧିକାଂଶ ଲୋକ ବୃଦ୍ଧଙ୍କ ଭଳି ନରହି ଯୁବକଙ୍କ ଭଳି ଦେଖାଯିବାକୁ ପସନ୍ଦ କରନ୍ତି । କେତେକ ସ୍ଥାନରେ ମୃତ୍ତିକାର ରଙ୍ଗ କଳା । ମୂଲ୍ୟବାନ ଧାତୁ ହୀରାର ରଙ୍ଗ କଳା ଅଟେ । ଯାହାକୁ ଇଂରାଜୀରେ ବ୍ଲାକ୍ ଡାଏମଣ୍ଡ୍ ବୋଲି କହନ୍ତି । ଏହିଭଳି ଭାବେ ଦୁନିଆରେ କଳା ବା କାଳିର ଯଥେଷ୍ଟ ମହତ୍ୱ ରହିଛି ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୬୫୨୪୨୮

ISSN NO.
2582-208X

# ।।ଗୋଟିଏ ରାତି ଲୋଡା ହଜାରେ ସ୍ୱପ୍ନପାଇଁ।।



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

କାହାକୁ ମୁଁ ଦୋଷ ଦେଉନି
କହିନିକି ମାଗୁଛି
ଗୋଟିଏ ରାତି-------
ହଜାରେ ସ୍ୱପ୍ନପାଇଁ।??
କାହାର କିଛି ଅସୁବିଧା ଅଛିକି??
ମୋ ଚିନ୍ତନ। ଲାଗି??
କାହାକୁ ହସ ଲାଗୁଛିକି??
ମୋ ପାଗଳାମି ଲାଗି??
ମୁଁ ତ ଗୋଟିଏ ରାତି ମାଗୁଛି
ଆରାମରେ ଶୋଇବି
ନିଘୋଡ଼ ନିଦରେ। -------
ସ୍ୱପ୍ନ ଦେଖିବି ପରସ୍ତ ପରସ୍ତ
ୱେବ୍ ସିରିଜ୍ ଭଳି!!
ସ୍ୱପ୍ନ ଦେଖିବି
ସୁନ୍ଦର ପକ୍ଷୀଟିଏ ହେବାପାଇଁ.....
ସ୍ୱପ୍ନ ଦେଖିବି
ରାଜକନ୍ୟା ହୋଇ
ଅଜଣା ରାଇଜରେ
ବୁଲୁଥିବି ପ୍ରଜାପତି
ପଛେ ଧାଇଁ!!

ISSN NO.
2582-208X

ଆହୁରି ସ୍ୱପ୍ନ ଦେଖିବି
ମାଆ ହାତର ପଖାଳ କଂସା
ଥୁରୁଥୁରୁ ଦେହ, ଜାଡ ରେ
ଲେସି ହୋଇଯାଉଥିବା
ଶିରା ପ୍ରଶିରା ହାତ!!
ସ୍ୱପ୍ନ ଦେଖିବି କନ୍ଧମାଳକୁ,
ପାହାଡ଼ ତଳିର ଜଙ୍ଗଲକୁ;
କୁରେଇ ଫୁଲ ମୁଣ୍ଡରେ ମାରି.....
ନାଚି ନାଚିକା ଝରଣା ପରି!!
ମୁଁ ତ କାହାକୁ ମାଗୁ ନି
ହାତରେ ଦିଅ  ମୁଠା ମୁଠା ସ୍ୱପ୍ନ....
କାହାକୁ କହି ନି
ପକ୍ଷୀରାଜ ଘୋଡ଼ା ରେ ଆସ ---
ଆଉ ମୋତେ ନେଇଯାଅ ରାଣୀ କରି ??
କପାଳରେ ହାତ ମାରି
ଚାଲିଥିବି ଏକୁଟିଆ,
ଯୋଉଠି ମୋ ପାଇଁ
ସବୁ ବାଟ ଘାଟ ମନା.....
ସେଇଠି ମୁଁ ଶୋଇବି
ମୁକ୍ତ ଆକାଶ ତଳେ
ଗୋଟିଏ ରାତି ପାଇଁ....
ହଜାରେ ସ୍ୱପ୍ନ ପାଇଁ.
ମାଗୁ ନି  ମୁଁ ବଞ୍ଚିବାକୁ
କୁହୁଳି  କୁହୂଳି ------
ଶହେ ବର୍ଷ ପାଇଁ!!

ଜାମସେଦପୁର

ISSN NO.
2582-208X

# ପରିବର୍ତ୍ତନର ସମୟ ଆସିଛି



ରାଧାମୋହନ ପୂଜାହାରୀ

ଆଜି ବ୍ୟବସ୍ଥାରେ...
ପରିବର୍ତ୍ତନର ସମୟ ଆସିଛି
ଭ୍ରଷ୍ଟାଚାର ଚତୁର୍ଦ୍ଦିଗେ
ନିଜର କାୟା ବିସ୍ତାରିଛି,
ଲାଭାନ୍ୱିତ ହେବାର ବ୍ୟାଧିରେ
ଆଜି ସମସ୍ତେ ପୀଡ଼ିତ
ଦରଦାମ୍ ବୃଦ୍ଧିରେ ଜନତା
ବ୍ୟତିବ୍ୟସ୍ତ ଓ ଭୟଭୀତ,
ଅନ୍ୟାୟର ବଜାରରେ ନ୍ୟାୟର ମୂଲ୍ୟ
ଆଜି ମହଙ୍ଗା ହେଉଛି
ଜାତୀୟ ସମ୍ପତ୍ତି କେଉଁଠି ଚୋରୀ
ତ କେଉଁଠି ଭଙ୍ଗା ହେଉଛି,
ସଡ଼କପଥର ଅବସ୍ଥା
ସାଂଘାତିକ, ଶୋଚନୀୟ
ଚିକିତ୍ସା ଅଭାବେ ରୋଗୀଙ୍କ ଅବସ୍ଥା
ଅତ୍ୟନ୍ତ ଦୟନୀୟ,
ବ୍ୟବସ୍ଥାକୁ ସୁଧାରିବାରେ
ଆଜି ସରକାରର ଉତ୍ସାହ କମୁଛି
ପୁଲିସ୍‌ର ଛତ୍ରଛାୟା ତଳେ
ଚୋରଙ୍କ ଆଡ୍ଡା ଜମୁଛି,
ସମାଜରେ ଚୋରୀ, ଡକାୟତି, ଲୁଣ୍ଠନ,
ହତ୍ୟାଦିର ସମସ୍ୟା ବଢ଼ିଛି

ISSN NO.
2582-208X

ସତରେ....
ଆଜି ବ୍ୟବସ୍ଥାରେ...
ପରିବର୍ତ୍ତନର ସମୟ ଆସିଛି ।

ଶିକ୍ଷିତ ବେକାରୀଙ୍କ ସମସ୍ୟା
ଆଜି ହୁହୁ ହୋଇ ବଢ଼ୁଛି
ନିଯୁକ୍ତି ଅଭାବେ ଅଧିକାଂଶ ପଦବୀ
ଖାଲି ପଡ଼ୁଛି,
କେଉଁଠି ଗରୀବ-ଖଟିଖିଆ ଭଳି
ପ୍ରକୃତ ହିତାଧିକାରୀ
ନିଜ ଅଧିକାରରୁ ବଞ୍ଚିତ ହେଉଛି
କେଉଁଠି ମୋଟା ଅଙ୍କର ଦରମା ପାଉଥିବା
ସରକାରୀ କର୍ମଚାରୀ ବି
କଳେବଳେ କୌଶଳେ ରାସନ୍ କାର୍ଡକୁ
ହାତେଇ ନେଉଛି,
ଫି ଦିନ ବଳାତ୍କାର ଓ ନାରୀ-ନିର୍ଯ୍ୟାତନାର
ଖବରରେ ଭର୍ତି ନ୍ୟୁଜ୍ ପଢ଼ି-ପଢ଼ି
ଏ ହୃଦୟ ଥରୁଛି
ନାରୀ-ମାଂସ ଲୋଭୀ ଆତତାୟୀର ଭୟରେ
ଗର୍ଭସ୍ଥ ଶିଶୁକନ୍ୟା ବି
ଏ ଦୁନିଆକୁ ଆସିବା ପାଇଁ ଡରୁଛି,
ଆଜି ଅନ୍ୟାୟ, ଅତ୍ୟାଚାର,
ଶୋଷଣ ର ପ୍ରାଦୁର୍ଭାବ ବଢ଼ିଛି
ସତରେ......
ଆଜି ବ୍ୟବସ୍ଥାରେ...
ପରିବର୍ତ୍ତନର ସମୟ ଆସିଛି ।

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

ISSN NO.
2582-208X

ବେଦାନ୍ତି

# ଜୟ ହୋ ! ଇସ୍ରୋ



ଅସିତ ମହାନ୍ତ

ଚନ୍ଦ୍ରଯାନ -୩ ର ସଫଳତାର କଥା ଆମେ ଯେତେବେଳେ କହିଥାଉ, ସେତେବେଳେ ବିକ୍ରମ ସରାଭାଇଙ୍କ କଥା ମାନସ ପଟରେ ଆସିବା ସ୍ୱାଭାବିକ । ବିକ୍ରମ ସରାଭାଇ ଜଣେ ଭାରତୀୟ ପଦାର୍ଥ ବିଜ୍ଞାନୀ ଯିଏ ମହାକାଶ ଅନୁସନ୍ଧାନ ଆରମ୍ଭ କରିଥିଲେ ଏବଂ ଭାରତରେ ଆଣବିକ ଶକ୍ତି ବିକାଶରେ ସାହାଯ୍ୟ କରିଥିଲେ। ତାଙ୍କର ଏହି ପ୍ରୟାସର ଫଳାଫଳ ହେଲା ଆଜି ଆମ ଦେଶରେ ISRO ପରି ଏକ ବିଶ୍ୱ ସ୍ତରୀୟ ସଂଗଠନ ଅଛି । ସରାଭାଇ ୧୯୬୩ ମସିହାରେ ବୈଜ୍ଞାନିକମାନଙ୍କ ସହିତ ମହାକାଶକୁ ଏକ ଛୋଟ ରକେଟ୍ ଉତକ୍ଷେପଣ କରିଥିଲେ । ତାଙ୍କର ଏହି ଛୋଟ ପ୍ରୟାସ ଆଜି ଭାରତକୁ ସମଗ୍ର ବିଶ୍ୱରେ ଏକ ନମ୍ବର କରିପାରିଛି। ଥରେ ସେ କହିଥିଲେ -"ଯିଏ ଶବ୍ଦ ମଧ୍ୟରେ ସଙ୍ଗୀତ ଶୁଣିପାରେ, ସେ ବଡ଼ ଜିନିଷ ହାସଲ କରିପାରିବ" । ଆଜି ତାଙ୍କର ସ୍ୱପ୍ନ ସାକାର ହୋଇଛି ଏବଂ ବିଶ୍ୱରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ମହାକାଶ ସଂସ୍ଥା 'ଇସ୍ରୋ' ପୁରା ବିଶ୍ୱକୁ ରାସ୍ତା ଦେଖାଇବାରେ ସକ୍ଷମ ହୋଇପାରିଛି ।

ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରେ ଆରମ୍ଭ ହୋଇଥିବା ୪୦ ଦିନିଆ ଯାତ୍ରା ଆରମ୍ଭ କରି ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଦ୍ୱାରା ଚନ୍ଦ୍ରଯାନ -୩ ମିଶନ୍ ଚନ୍ଦ୍ରପୃଷ୍ଠର ଦକ୍ଷିଣ ଧ୍ରୁବରେ ଅବତରଣରେ ଶେଷ ହୋଇଛି। ଅଗଷ୍ଟ ୨୩ ରେ ଠିକ୍ ୬.୦୪ PM IST ରେ, ବିକ୍ରମ ଲ୍ୟାଣ୍ଡର ଅତି ସୁନ୍ଦର ଭାବରେ ଚନ୍ଦ୍ର ପୃଷ୍ଠକୁ ଛୁଇଁଲା । ସେହି ହିସାବରେ ୨୩ ଅଗଷ୍ଟ ୨୦୨୩ ବିଶ୍ୱ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖିଦିଆଗଲା ।ଆଜି ଦୁନିଆରେ ଭାରତ ନିଜକୁ ଦ୍ରୁତ ବିକାଶଶୀଳ

ISSN NO.
2582-208X

ଦେଶ ଭାବରେ ଏକ ନୂତନ ପରିଚୟ ସୃଷ୍ଟି କରୁଛି। ମହାକାଶ ବିଜ୍ଞାନ କ୍ଷେତ୍ରରେ ISRO ଯେଉଁଭଳି ଭାବରେ ଅଗ୍ରଗତି କରିଛି ତାହା ପ୍ରକୃତରେ ପ୍ରଶଂସନୀୟ । ଏଭଳି ପରିସ୍ଥିତିରେ ସମଗ୍ର ବିଶ୍ୱର ଆଖି ପୁଣି ଥରେ ଭାରତ ଉପରେ ଅଟକି ଯାଇଛି, ଆଜି ଭାରତ ଚନ୍ଦ୍ରଯାନ -୩ କୁ ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ଅବତରଣ କରିଛି। ଭାରତ ହେଉଛି ଏକମାତ୍ର ଏବଂ ପ୍ରଥମ ଦେଶ ଯିଏ ଏହି ଅବିଶ୍ୱସନୀୟ କାର୍ଯ୍ୟକୁ କରିବାରେ ସଫଳତା ହାସଲ କରିଛି । ଚନ୍ଦ୍ରଯାନ- ୧ ଏବଂ ଚନ୍ଦ୍ରଯାନ - ୨ ପରେ ଚନ୍ଦ୍ର ପାଇଁ ଏହା ଭାରତର ତୃତୀୟ ବୃହତ୍ତମ ମିଶନ ଥିଲା। ଅତୀତରେ ଉଭୟ ଚନ୍ଦ୍ରଯାନଙ୍କ ସଫଳତା ଏବଂ ଅବତରଣ ନକରିବା କାରଣରୁ ଏହି ତୃତୀୟ ମିଶନ ISRO ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୪ ଜୁଲାଇରୁ ଆରମ୍ଭ ହୋଇ ୨୩ ଅଗଷ୍ଟ ପର୍ଯ୍ୟନ୍ତ ଚନ୍ଦ୍ରାୟନ- ୩ ସଫଳତାର ସହିତ ଚନ୍ଦ୍ରରେ ଅବତରଣ କରିଛି ଏବଂ ଏହାର ପ୍ରଜ୍ଞାନ ରୋଭର ଚନ୍ଦ୍ର ପୃଷ୍ଠରେ ଗତି କରିବା ଆରମ୍ଭ କରିଛି ।ଅତି ସରଳ ଭାଷାରେ, ଚନ୍ଦ୍ରଯାନ -୩ ମିଶନ ହେଉଛି ଚନ୍ଦ୍ରଯାନ-୨ ମିଶନର ଏକ ଅନୁସରଣ ମିଶନ । ସେଥିପାଇଁ ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି, "ସର୍ବଶେଷରେ, କେଉଁ ଉପାୟରେ ଜଣେ ସୁରକ୍ଷିତ ଭାବରେ ଚନ୍ଦ୍ରରେ ଅବତରଣ କରିପାରିବ!" କାରଣ ଚନ୍ଦ୍ରଯାନ-୨ ମିଶନ ସମୟରେ ଅବତରଣ ସମୟରେ ISRO ସାମ୍ନାରେ ଟିକିଏ ଅସୁବିଧା ଆସିଥିଲା ଏବଂ ଚନ୍ଦ୍ରଯାନ- ୨ ର ବିକ୍ରମ ଲାଣ୍ଡର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯଦିଓ ଚନ୍ଦ୍ରଯାନ-୩ ଭିତରେ ଏକ ସ୍ୱତନ୍ତ୍ର "ସ୍ପେକ୍ଟ୍ରୋ-ପୋଲାରାଇମେଟ୍ରି ଅଫ୍ ହାବିଟେବଲ୍ ପ୍ଲାନେଟ୍ ଆର୍ଥ (SHAPE)" ମଡ୍ୟୁଲ୍ ମଧ୍ୟ ଅଛି । ଏହି ମଡ୍ୟୁଲ୍ ମାଧ୍ୟମରେ, ଆମେ ପୃଥିବୀରୁ ଚନ୍ଦ୍ରର ସ୍ପେକ୍ଟ୍ରାଲ୍ ଏବଂ ପୋଲାର ମେଟ୍ରିକ୍ ମାପ କରିପାରିବ । ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପରେ ଚନ୍ଦ୍ରଯାନ - ୩, ବର୍ତ୍ତମାନ କଣ କରୁଛି ଏବଂ ସେଠାରେ କଣ ଚାଲିଛି ସେହି ବିଷୟ ବିଷୟରେ ଜାଣିବା ଜରୁରୀ । ISRO ର ଦୁଇଟି ଟ୍ୱିଟ୍ ପ୍ରକାଶ ପାଇଛି, ଗୋଟିଏ ହେଉଛି ତାପମାତ୍ରା, ଅନ୍ୟଟି - କେଉଁ ଉପାଦାନ ଚନ୍ଦ୍ରରେ ଉପଲବ୍ଧ ଅଛି । ସେଠାରେ ଆମକୁ ସଲଫର, ଆଇରନ୍, କ୍ୟାଲସିୟମ୍, କ୍ରୋମିୟମ୍ ଇତ୍ୟାଦି ମିଳିଛି । ଚନ୍ଦ୍ରଯାନ - ୩ ଚନ୍ଦ୍ରପୃଷ୍ଠରେ ୧୪ ଦିନ ବିତାଇବାପରେ ବର୍ତ୍ତମାନ ସ୍ଲିପିଙ୍ଗ ମୋଡରେ ଚାଲିଯାଇଛି, କାରଣ ସୂର୍ଯ୍ୟାଲୋକ ଚନ୍ଦ୍ରପୃଷ୍ଠରେ ନାହିଁ । ବିଶ୍ୱାସ କରାଯାଇପାରେ ପୁଣି ସୂର୍ଯ୍ୟାଲୋକ ପାଇଲେ ଯଦି ଚନ୍ଦ୍ରଯାନ ପୁଣି ସଜାଗ ହୁଏ, ତାହେଲେ ଏହା ଚମତ୍କାର ହେବ। ଅର୍ଥାତ୍ ଏହା ଚନ୍ଦ୍ରର ଅଧା ଦିନ ସମାପ୍ତ କରିଛି । ଏହି ଅବଧିରେ ବିକ୍ରମ ଲାଣ୍ଡର୍ ଏବଂ ପ୍ରଜ୍ଞାନ ରୋଭର

ISSN NO.
2582-208X

ଅନେକ ଚମତ୍କାର ଆବିଷ୍କାର କରିଛି । ଭାରତର ଲକ୍ଷ୍ୟ ଚନ୍ଦ୍ରକୁ କବ୍ଜା କରିବା ନୁହେଁ ବରଂ ଚନ୍ଦ୍ରକୁ ବୁଝିବା। ଏହି ବୁଦ୍ଧି ହାସଲ କରିବା ପାଇଁ ବିକ୍ରମ ଏବଂ ପ୍ରଜ୍ଞାନ ରୋଭର ରେ ୭ ଟି ପେଲୋଡ୍ ସଂଯୁକ୍ତ, ଯାହା ଚନ୍ଦ୍ର ପୃଷ୍ଠରେ ସକ୍ରିୟ ହୋଇଛି । ୧ - ରମ୍ଭା - (Radio anatomy of moon Bound Hypersensitive Atmoshphere) । - ଏହା ଲ୍ୟାଣ୍ଡର୍ ବିକ୍ରମ ସହିତ ସଂଲଗ୍ନ ହୋଇଛି । ବାସ୍ତବରେ ଚନ୍ଦ୍ର ପୃଷ୍ଠରେ ଉପସ୍ଥିତ ଥିବା ଆୟନ ଏବଂ ଇଲେକ୍ଟ୍ରନ୍ ର ଘନତା କୁ ଏହା ଅଧ୍ୟୟନ କରିବ । ଗତ କିଛି ଶତାବ୍ଦୀରେ ଏହାର ଗୁଣରେ କ'ଣ ପରିବର୍ତ୍ତନ ହୋଇଛି ତାହା ମଧ୍ୟ ଏହା ଖୋଜିବ । ୨ - ଚେଷ୍ଟି - (Chnadra's Surface Thermo Physical Experiment ) - ଚନ୍ଦ୍ର ପୃଷ୍ଠର ତାପଜ ଗୁଣର ଅଧ୍ୟୟନ । ଉତ୍ତାପ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ଉତ୍ତର । ଅର୍ଥାତ୍ ନିର୍ଦ୍ଦିଷ୍ଟ ଉତ୍ତାପ, ଉତ୍ତାପ କ୍ଷମତା, ତାପଜ ବିସ୍ତାର, ତାପଜ ଚାଳନା, ତରଳିବା ପଏଣ୍ଟ, ତାପଜ ବିସ୍ତାର ଏବଂ ତାପଜ ଶକ୍ ପ୍ରତିରୋଧ । ଆମର ପେ ଲୋଡ୍ ଏହି ଜିନିଷଗୁଡିକ ଖୋଜିବ । ୩ - ILSA - (Instrument For Lunar Seismic Activity) - ବିକ୍ରମ ଅବତରଣ କରିଥିବା ସ୍ଥାନର ଭୂକମ୍ପ କିପରି । ଇଲସା ପାଖରେ ଏକ ସ୍କ୍ରାପର୍ ପରି ଉପକରଣ ମଧ୍ୟ ଅଛି ଯାହା ଭୂପୃଷ୍ଠ ସ୍ତରରୁ ସ୍କ୍ରାପ୍ କରି ଏହାର ଗୁଣଗୁଡିକ ଅଧ୍ୟୟନ କରିବା । ୪ - LRA (Laser Retroreflector Array) - ଏହା ଶାନ୍ତ ହୋଇ ସମଗ୍ର ଚନ୍ଦ୍ର ପ୍ରଣାଳୀର ଅତି ସୂକ୍ଷ୍ମ ଜିନିଷ ଗୁଡିକୁ ଅନୁଭବ କରିବ ଏବଂ ଏହାକୁ ସମଗ୍ର ବିଶ୍ୱକୁ କହିବ । ୫ - LIPS - (Laser Induced Breakdown Spectroscopy) - ଏହା ରୋଭର ପ୍ରଜ୍ଞାନ ସହିତ ସଂଲଗ୍ନ ହୋଇଛି । କେଉଁ ଖଣିଜ ପଦାର୍ଥ ଚନ୍ଦ୍ରର ଗର୍ଭରେ ପୋତି ହୋଇ ରହିଛି ଏବିଷୟରେ ତଥ୍ୟ ଯୋଗାଇବ । 6 - APXS - (Alpha Particle X -RAY Spectrometer) - ଏହା ମଧ୍ୟ ରୋବର୍ ସହିତ ରହିଛି । ଅବତରଣ ସ୍ଥାନ ଚାରିପାଖରେ ଥିବା ପଥର ଏବଂ ମାଟିର ଭୌତିକ ଗୁଣ କ'ଣ ତାହା ଖୋଜିବ । ପ୍ରଜ୍ଞାନ ଏବଂ ବିକ୍ରମ ଅନୁସନ୍ଧାନ କରୁଥିବା ୭ ଟି ସମ୍ଭାବନାକୁ ଦେଖିବା ।1 - ଚନ୍ଦ୍ରର ପୃଷ୍ଠ ସମତଳ । ଏହା ପଥର ଯୁକ୍ତ ଅଟେ । ଏବଂ ମଝିରେ ବଡ ବଡ ଗର୍ତ୍ତ ଅଛି । ଏହା ଅନୁମାନ କରାଯାଏ ଯେ ଏଥିରେ ବରଫ, ଅର୍ଥାତ୍ ଜଳ ରହିପାରେ । ତାହା ହେଉଛି, ଉଭୟ ହାଇଡ୍ରୋଜେନ୍ ଏବଂ ଅମ୍ଳଜାନ । ଏହା ଏକ ଖେଳ ପରିବର୍ତ୍ତନକାରୀ ବୋଲି ପ୍ରମାଣିତ କରିପାରେ । ୨ - ଏହି ବିଶାଳକାୟ ଗର୍ତ୍ତ ରେ ଜଳ ବରଫ ବ୍ୟତୀତ ଅନେକ ରହସ୍ୟ ଲୁଚ ରହିଛି ଯାହା ସୌର ପ୍ରଣାଳୀର ପ୍ରାଚୀନ

ISSN NO.
2582-208X

ଇତିହାସକୁ ଆବିଷ୍କାର କରିବାରେ ସାହାଯ୍ୟ କରିବ । ଆମର ସୌର ମଣ୍ଡଳ କିପରି ଗଠିତ ହେଲା ତାହାର ରହସ୍ୟ ପ୍ରକାଶ କରିବ । ୩ - ରେଡିଓ ୱେବର ଜ୍ୟୋତିର୍ବିଜ୍ଞାନ ଅଧ୍ୟୟନ ଏଠାରେ ୩୦ MHz ରୁ କରାଯାଇପାରିବ । ଚାଇନାର ଲଙ୍ଗଜିଆଙ୍ଗ ପ୍ରାୟ ଏକ ବର୍ଷ ଧରି ସମାନ ଫ୍ରିକ୍ୱେନ୍ସି ବ୍ୟବହାର କରିଆସୁଛି । ଏହି ଯୋଗାଯୋଗ ବିଜ୍ଞାନକୁ ଏକ ନୂତନ ଦିଗ ଦେଇପାରେ । ୩୦ ମେଗହ୍ୱରଜ୍ ଯାହା ବୁଡ଼ାଜାହାଜରେ ବ୍ୟବହୃତ ହୁଏ । ୫-ସେହି ଭଣ୍ଡାର ଯାହା ଉପରେ ଆମେ ଉଲ୍ଲେଖ କରିଛୁ । ହାଇଡ୍ରୋଜେନ୍, ଅମ୍ଳଜାନ, ଆଲୁମିନିୟମ୍, ମାଙ୍ଗାନିଜ୍, ସବୁଠାରୁ ମହଙ୍ଗା ଧାତୁ ହେଉଛି ଟାଇଟାନିୟମ୍ । ୬ - ଶୁକ୍ର, ମଙ୍ଗଳ ଏବଂ ବୃହସ୍ପତିଙ୍କୁ ଚନ୍ଦ୍ରକୁ ସିଧାସଳଖ ପଠାଇବା । ଏଥିପାଇଁ ଆମେରିକୀୟ ଆର୍ଟେମିସ୍ ପ୍ରକଳ୍ପ ଚାଲିଛି । ଏହା ଚନ୍ଦ୍ରପୃଷ୍ଠରୁ ଉପଯୋଗୀ ଇନପୁଟ୍ ପାଇବ ବୋଲି ଆଶା କରାଯାଉଛି । ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ ପରି, ଚନ୍ଦ୍ରରେ ପହଂଚି ଏବଂ ସେଠାରୁ ଆଗକୁ ଯିବା ପାଇଁ ସୁବିଧା ହେବ ଏବଂ ସୌରମଣ୍ଡଳର ସମସ୍ତ ଗ୍ରହ ଏବଂ ନକ୍ଷତ୍ରଗୁଡ଼ିକୁ ପରୀକ୍ଷା କରିବା ପାଇଁ ସୁବିଧା ହେବ । ଏହି କାର୍ଯ୍ୟଗୁଡିକ ବିକ୍ରମ ଲ୍ୟାଣ୍ଡର ଏବଂ ପ୍ରଜ୍ଞାନ ରୋଭର ୧୪ ଦିନ ପର୍ଯ୍ୟନ୍ତ କରିବେ । ଏହି ମିଶନ ସମାପ୍ତ ହେବା ପରେ, ଚନ୍ଦ୍ରମା ବିଷୟରେ ଏକ ଠୋସ ତଥ୍ୟ ବୈଜ୍ଞାନିକ ମାନଙ୍କୁ ମିଳିବ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଗୁରୁ ବନ୍ଦନା



ହରେରାମ ପଣ୍ଡା

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ ପରଂବ୍ରହ୍ମ
ପାଦେ କୋଟି ନମସ୍କାର ।
ଯୁଗେ ଯୁଗେ ଜଗତକୁ
ଆଲୋକ ଦେଖାଅ ତୁମେ,
ଅଜ୍ଞାନର ଅନ୍ଧକାର
ଦୂର କରିଥାଅ ତୁମେ ।
ତୁମ କୃପା ବିନା ନାହିଁ
ଅଗତିର ଗତି ମୁକ୍ତି,
ତୁମରି ଆଶିଷେ ମିଳେ
ଜୀବନରେ ସୁଖ ଶାନ୍ତି ।
ଶୁଣିନାହିଁ କେବେ ମୁହିଁ
ଜଗତରେ ଅଛି କେହି,
ଜୀବନେ ଲଭିଛି ସିଦ୍ଧି
ତୁମ ଆଶିଷ ନ ପାଇ ।
ତୁମରି ପାଦପଦ୍ମରେ
ଏତିକି ମୋର ମିନତି,

ISSN NO.
2582-208X

ଦୟାବହି ଘେନା କର
ମୋର ଶରଧା ଭକତି ।
ଆଶିଷର ହାତ ତୁମ
ଥାଉ ମୋର ମଥା ପରେ,
ଜୀବନ ମୋ ଭରିଯାଉ
ବିଦ୍ୟା ବୁଦ୍ଧି ଆଲୋକରେ ।
ଇହ ପର କାଳର ମୋ
ତୁମେ ଜୀବନ୍ତ ଠାକୁର,
ଧନ୍ୟ ହେଉ ଏ ଜୀବନ
ଲଭି କରୁଣା ତୁମର ।
ନମୋ ନମୋ ଜ୍ଞାନଦାତା
ସିଦ୍ଧିଦାତା ମହାଗୁରୁ,
ତୁମରି କୃପା ପରଶେ
ମୋର ମନସ୍କାମ ପୂରୁ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ଶ୍ରୀକୃଷ୍ଣ ସ୍ତୁତି



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଅକ୍ଷରଂ ପରମବ୍ରହ୍ମ ଜ୍ୟୋତି ରୂପଂ ସନାତନଂ
ନିରାକାରଂ ଗୁଣାତୀତଂ ସ୍ୱେଚ୍ଛାମୟଂ ମନନ୍ତକମ୍ !!୧!!

ଭକ୍ତ ଧ୍ୟାନାୟ ସେବାୟୈ ନାନା ରୂପଂ ଧରଂ ବରମ୍
ଶୁକ୍ଳରକ୍ତଂପୀତଶ୍ୟାମଂ ଯୁଗାନୁକ୍ରମଣେନ ଚ !!୨!!

ଶୁକ୍ଳତେଜଃ ସ୍ୱରୂପଂ ଚ ସତ୍ୟେସତ୍ୟ ସ୍ୱରୂପୀଣମ୍ ।
ତ୍ରେତୟା କୁଙ୍କୁମାକାରଂ ଜ୍ୱଳନ୍ତଂ ବ୍ରହ୍ମ ତେଜସା !!୩!!

ଦ୍ୱାପରେ ପୀତବର୍ଣ୍ଣଂ ଚ ଶୋଭିତଂ ପୀତବାସସା ।
କୃଷ୍ଣ ବର୍ଣ୍ଣଂ କଲୌ କୃଷ୍ଣଂ ପରିପୂର୍ଣ୍ଣଂତମଂ ପ୍ରଭୁମ୍ !!୪!!

ନବଧାରାଧରୌକୃଷ୍ଣ ଶ୍ୟାମସୁନ୍ଦର ବିଗ୍ରହମ୍ ।
ନନ୍ଦୈକ ନନ୍ଦନଂ ବନ୍ଦେ ଯଶୋଦା ନନ୍ଦନଂ ପ୍ରଭୁମ୍ !!୫!!

ଗୋପୀକା ଚେତନହରଂ ରାଧାପ୍ରାଣାଧିକଂ ପରମ୍
ବିନୋଦ ମୂରଲୀ ଶବ୍ଦଂ କୁର୍ବନ୍ତଂ କୌତୁକେନ ଚ !!୬!!

ISSN NO.
2582-208X

ରୂପେଣାପ୍ରତିମେନୈବ ରତ୍ନ ଭୂଷଣ ଭୂଷିତମ୍ ।
କନ୍ଦର୍ପ କୋଟି ସୌନ୍ଦର୍ଯ୍ୟ ବିଭ୍ରନ୍ତଂ ଶାନ୍ତମୀଶ୍ୱରମ୍ !!୭!!

କ୍ରୀଡନ୍ତଂ ରାଧୟା ସାର୍ଧଂ ବୃନ୍ଦାରଣ୍ୟେ ଚ କୁତ୍ରଚିତ୍
କୁତ୍ରଚିନ୍ନିର୍ଜନୈରଣ୍ୟେ ରାଧାବକ୍ଷଃସ୍ଥଳା ସ୍ଥିତମ୍ !!୮!!

ଜଳକ୍ରୀଡା ପ୍ରକୁର୍ବନ୍ତଂ ରାଧୟା ସହ କୁତ୍ରଚିତ୍
ରାଧିକାକବରୀଭାରମ୍ କୁର୍ବନ୍ତଂକୁତ୍ରଚିତ୍ ବନେ !!୯!!

କୁତ୍ରଚିଦ୍ରାଧିକାପାଦେ ଦତ୍ତବନ୍ତମଲକ୍ତକମ୍ ।
ରାଧାଚାର୍ବିତ ତାମ୍ବୁଳଂ ଗୃହ୍ଣନ୍ତଂ କୁତ୍ରଚିନ୍ମୁଦା !!୧୧!!

ପଶ୍ୟନ୍ତଂ କୁତ୍ରଚିଦ୍ରାଧାଂ ପଶ୍ୟନ୍ତିଂ ବକ୍ର ଚକ୍ଷୁସା ।
ଦତ୍ତବନ୍ତଂ ଚ ରାଧାୟୈ କୃତ୍ୱା ମାଳାଂ ଚ କୁତ୍ରଚିତ୍ !!୧୨!!

କୁତ୍ରଚିଦ୍ରାଧୟା ସାର୍ଧଂ ଗଚ୍ଛନ୍ତଂ ରାସମଣ୍ଡଳମ୍ ।
ରାଧାଂଦତ୍ତାଂ ଗଳେ ମାଳାଂ ଧୃତବନ୍ତଂ ଚ କୁତ୍ରଚିତ୍ !!୧୩!!

କାଳୀୟମୂର୍ଦ୍ଧିର୍ପାଦାବ୍ଜଂ ଦତ୍ତବନ୍ତଂ ଚ କୁତ୍ରଚିତ୍
ବିନୋଦ ମୂରଲୀ ଶବ୍ଦଂ କୁର୍ବନ୍ତଂ କୁତ୍ରଚିନ୍ମୁଦା !!୧୪!!

ଗାୟନ୍ତଂ ରମ୍ୟ ସଙ୍ଗୀତଂ କୁତ୍ରଚିତ୍ ବାଳକୈ ସହ ।
ସ୍ତୁତ୍ୱାଶକ୍ରଃ ସ୍ତବୈନ୍ଦ୍ରେଣ ପ୍ରଣନାମ ହରିଂ ଭିୟା !!୧୫ !!

ପୁରାଦତ୍ତେନ ଗୁରୁଣା ରଣେ ବୃତ୍ତାସୁରେଣଚ
କୃଷ୍ଣେନ ଦତ୍ତ କୃପୟା ବ୍ରାହ୍ମଣେ ଚ ତପସ୍ୟତେ !!୧୬!!

ISSN NO.
2582-208X

ଏକାଦଶାକ୍ଷରୋ ମନ୍ତ୍ରଃ କବଚଂ ସର୍ବଲକ୍ଷଣମ୍ ।
ଦତ୍ତମେତତ୍ କୁମାରାୟ ପୁଷ୍କରେ ବ୍ରାହ୍ମଣା ପୁରା !!୧୭!!

କୁମାରଙ୍ଗିରସେ ଦତ୍ତୋ ଗୁରବେଙ୍ଗିରସା ମୁନେ ।
ଇଦମିନ୍ଦ୍ର କୃତଂ ସ୍ତୋତ୍ରଂ ନିତ୍ୟଂ ଭକ୍ତ୍ୟା ଚ ଯ଼ ପଠେତ୍ !!୧୮!!

ଇହ ପ୍ରାପ୍ୟ ଦୃଢାଂ ଭକ୍ତିମନ୍ତେ ଦାସ୍ୟଂ ଲଭେତ୍ ଧ୍ରୁବମ୍ ।
ଜନ୍ମମୃତ୍ୟୁଜରାବ୍ୟାଧି ଶୋକେଭ୍ୟୋ ମୁଚ୍ୟତେ ନରଃ !!୧୯!!

ନହି ପଶ୍ୟତି ସ୍ୱପ୍ନେପି ଯମଦୂତଂ ଯମାଳୟମ୍ ।
ଇତି ଶ୍ରୀ ବ୍ରହ୍ମବୈବର୍ତ୍ତ ପୁରାଣେ ଶ୍ରୀକୃଷ୍ଣ ଜନ୍ମଖଣ୍ଡେ

ଇନ୍ଦ୍ର କୃତ ଶ୍ରୀକୃଷ୍ଣ ସ୍ତୋତ୍ରମ୍ ସଂପୂର୍ଣ୍ଣମ୍ ।।
ଓଁ ନମୋଃ ଭଗବତେ ବାସୁଦେବାୟ

*(ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତ ଧାରଣ କରି ଇନ୍ଦ୍ର ଙ୍କ ଗର୍ବ ମୋଚନ କରିବା ପରେ ଦେବରାଜ ଇନ୍ଦ୍ର ଏହି ଭାବରେ ଭଗବାନ ଙ୍କୁ ସ୍ତୁତି କରିଛନ୍ତି ।) ଜୟ ଶ୍ରୀ ରାଧେକୃଷ୍ଣ ।

ସଂଗ୍ରାହୀକା: ଅଧ୍ୟାପିକା ରେଜାଲିନ୍ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅସମ୍ପୂର୍ଣ୍ଣତା



ସ୍ମରଣିକା ଧଳ

ଇଶ୍ୱରଙ୍କ ସୃଷ୍ଟି ସତରେ ଅନନ୍ୟ। ପ୍ରକୃତିର ସମସ୍ତ ଜିନିଷକୁ ଏତେ ସୁନ୍ଦର ଭାବରେ ଗଢି ତୋଳିଛନ୍ତି ଯଦି ଆମେ ତାହାର ସୋନ୍ଦର୍ଯ୍ୟ, ଉପକାରିତା ବିଷୟରେ ବର୍ଣ୍ଣନା କରିବା ତାହେଲେ ଆମ ଜୀବନ କାଳ ବହୁତ କ୍ଷଣ ହେଇଯିବ। ମନୁଷ୍ୟ ଇଶ୍ୱରଙ୍କ ସୃଷ୍ଟିର ଏକ ଶ୍ରେଷ୍ଠ ଜୀବ ଭାବରେ ପରିଗଣିତ। କଥାରେ ଅଛି ଅନେକ ଜନ୍ମର ପୂଣ୍ୟର ଫଳ ହିସାବରେ ମଣିଷ ଜନ୍ମ ମିଳିଥାଏ, ମାତ୍ର ମଣିଷ ଜୀବନର ପ୍ରକୃତ ସଂଜ୍ଞା କୁ ଅଙ୍ଗୀକାର ବଦ୍ଧ ନକରି ନିଜର ପ୍ରତିଟି ସୋପାନରେ ଅନ୍ୟ ସହ ତୁଳନା କରି ଏକ ମୂଲ୍ୟହୀନ ପ୍ରତିଯୋଗିତାରେ ନିଜକୁ ସାମିଲ କରିଥାଏ। ନା ସେ ପ୍ରତିଯୋଗିତାର ପ୍ରକୃତ ଅର୍ଥ ବୁଝିଥାଏ ନା କିଛି ପୁରସ୍କାର ପାଇଥାଏ। ହଁ କରିଥାଏ କେବଳ ନିଜର ମୂଲ୍ୟବାନ ଜୀବନକୁ ବୃଥା ସମାନ। ସତରେ ପାଖରେ ଥିବା ମଣିଷ ଏବଂ ନିଜସ୍ୱ ପଦାର୍ଥର ଉଚିତ୍ ମୂଲ୍ୟ କେହି ବୁଝିପାରନ୍ତି ନାହିଁ।

ଏହି ମର୍ତ୍ତ୍ୟମଣ୍ଡଳରେ ସୃଷ୍ଟିକର୍ତ୍ତା ବିଶ୍ୱକର୍ମା ମଧ୍ୟ ସବୁ ଯୁଗରେ ଅସହ୍ୟ କଷ୍ଟ ସହ୍ୟ କରିଛନ୍ତି। କେବେ ତ୍ରେତୟାରେ ଶ୍ରୀରାମ ରୂପଧାରି ପୁରୁଷୋତ୍ତମ ବନବାସର କଷ୍ଟ, କେବେ ଦ୍ୱାପରରେ ଶ୍ରୀକୃଷ୍ଣ ରୂପରେ ଅଭିଶାପର କଷ୍ଟ। ଯେଉଁଠି ସ୍ୱୟଂ ଭଗବାନ ନିଜର ଅସ୍ତିତ୍ୱକୁ ପ୍ରଶ୍ନ ନକରି ଅସମ୍ପୂର୍ଣତା ମଧ୍ୟରେ ନିଜର ନିର୍ଦ୍ଧାରିତ ଭୂମିକାକୁ ନିର୍ବାହ କରିଛନ୍ତି, ସେଇଠି ଏ ତୁଚ୍ଛ ମଣିଷ ଜୀବନର ପରିଭାଷାରେ ସମ୍ପୂର୍ଣ୍ଣତା ଖୋଜୁଛି। ସତରେ ଏ ମଣିଷ ସ୍ୱାର୍ଥ, ଇର୍ଷା, ତୁଳନାତ୍ମକ ମନୋଭାବ, ଲୋଭ, ମୋହମାୟା, ଅନ୍ୟର ଅମଙ୍ଗଳ, ନିଜର ଅଭାବ ଆଦି ଚାଦରରେ ନିଜକୁ ଏତେ ମାତ୍ରାରେ ଘୋଡାଇ ରଖିଛି ଯେ ସୁଖ ଶାନ୍ତି, ଏ ସୁନ୍ଦର ପ୍ରକୃତିର ମନୋଲୋଭା ଦୃଶ୍ୟ, ନିଜର ପ୍ରିୟ

ISSN NO.
2582-208X

ପରିଜନଙ୍କୁ ଅଣଦେଖା କରି ଦେଇଛି। ପିଲାଟିଏ ଜନ୍ମ ହେବା ବହୁତ ସୌଭାଗ୍ୟର କଥା, ଈଶ୍ୱରଙ୍କ ବରଦାନ କିନ୍ତୁ ଜନ୍ମହେବା ଆଗରୁ ପିତା ମାତାଙ୍କର ଭଗବାନ ଙ୍କ ନିକଟରେ ଗୁହାରି ପୁଅଟିଏ ହେଉ, ମୋ ବଂଶର ଉଦ୍ଧାର ହେବ। କିନ୍ତୁ ଝିଅ ଟିଏ ଜନ୍ମ ହେଲେ ପରିବାର ଲୋକଙ୍କ ମନରେ ଖୁସି ପରିବର୍ତ୍ତେ ଅସନ୍ତୋଷ ଦେଖା ଦେଇଥାଏ। ନିଜ ପିଲାକୁ ଅନ୍ୟ ପିଲା ମାନଙ୍କ ସହ ରୂପ, ଗୁଣ, ଚାଲି ଚଳଣି, ପାଠ ସାଠ ଆଦିରେ ସର୍ବଦା ତୁଳନା କରି ତାର ଶୈଶବସ୍ଥା ର ମଧୁର ସ୍ମୃତିରେ ଅସମ୍ପୂର୍ଣତା ର ପ୍ରତିଛବି ଅଙ୍କି ଥାନ୍ତି।

ଈଶ୍ୱର କାହାକୁ ବି ସମ୍ପୂର୍ଣ୍ଣ କରି ଗଢି ତୋଳିନାହାନ୍ତି। ସମସ୍ତଙ୍କର ଜନ୍ମ ଭିନ୍ନ ଅନନ୍ୟ ମହନୀୟ। ମଣିଷ ନିଜକୁ ଅନ୍ୟ ସହ ତୁଳନା କରି ଈଶ୍ୱରଙ୍କ ସୃଷ୍ଟିକୁ ଅପମାନ କରିଥାଏ। ପ୍ରକୃତିର ଏକ ସୁନ୍ଦର ସୃଷ୍ଟି ଫୁଲ, ଯାହା ସମସ୍ତଙ୍କର ପସନ୍ଦ। ମାତ୍ର କିଛି ଫୁଲ ଈଶ୍ୱରଙ୍କ ସେବାରେ ଲାଗିଥିବା ବେଳେ କିଛି ଫୁଲ ମହକ ଦେଇଥାଏ ପରିବେଶକୁ, ଆଉ କିଛି ଫୁଲ ବିନା ମହକରେ ତାର ସୁନ୍ଦରତା ରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣତ କରିଥାଏ। ଠିକ୍ ସେହିଭଳି ସବୁ ମଣିଷ କିଛି ନା କିଛି ଅନନ୍ୟ ଗୁଣର ଅଧିକାରୀ। ନିଜ ଭିତରେ ଥିବା ଗୁଣକୁ ଚିହ୍ନଟ କରି ନିଜର ଜୀବନରେ ସୁଖ ଓ ଶାନ୍ତି ରେ ରହିବା ଜୀବନର ସବୁଠୁ ବଡ଼ ମୂଳମନ୍ତ୍ର। ଅନ୍ୟର ଶରୀର, ସୌନ୍ଦର୍ଯ୍ୟ,ଗୁଣ, ବୈବାହିକ ଜୀବନ, ଚାକିରୀ, ସୁନା ଗହଣା, ମୂଲ୍ୟବାନ ବସ୍ତୁ ଆଦିକୁ ନେଇ ସବୁବେଳେ ଅନ୍ୟ ସହ ପ୍ରତିଯୋଗିତାରେ ନିଜକୁ ସାମିଲ କରେଇବା ସବୁଠୁ ବଡ଼ ମୂର୍ଖାମି।

ନିଜର ଅର୍ଜିତ ଧନ,
ପାଖରେ ଥିବା ପ୍ରିୟଜନ,
ଏକ ସୁନ୍ଦର ମନ,
ଦେଇଥାଏ ଏକ ସୁଖୀ ଜୀବନ।

ନିଜର ଅସମ୍ପୂର୍ଣତା କୁ ବାରମ୍ବାର ନା ପରଖି ସେହି ଅସମ୍ପୂର୍ଣତା ଭିତରେ ସମ୍ପୂର୍ଣ୍ଣତା ହାସଲ କରିପାରିଲେ ମନୁଷ୍ୟ ଜୀବନ ସାର୍ଥକ ହୋଇଥାଏ।

ସହୀଦ ନଗର, ଭୁବନେଶ୍ୱର

ISSN NO.
2582-208X

# ଷଡଯନ୍ତ୍ର



କାଳପ୍ରସାଦ ମହାପାତ୍ର

ସବୁ ଯନ୍ତ୍ରଠାରୁ ବଡ ଯନ୍ତ୍ର ଯିଏ
ତାର ନାମ ଷଡଯନ୍ତ୍ର
ସତ୍ୟର ପଥରେ ଚାଲେ ନାହିଁ ସିଏ
ଅସତ୍ୟର ମହାମନ୍ତ୍ର ।।

କ୍ଷଣିକେ ଭାଙ୍ଗଇ କ୍ଷଣିକେ ଗଢଇ
କେତେକେତେ ନୂଆଗଡ
ସେ ଯନ୍ତ୍ର ଚାଲିଲେ ପୃଥିବୀ କମ୍ପିତ
ସବୁ ହୁଏ ଗଡବଡ।।

ଇଞ୍ଜିନ ତାହାର କୂଟିଳ ଚକ୍ରାନ୍ତ
ଦେହ ତାର ମିଷ୍ଟଭାଷ
ଚାରି ଚକ ତାର ମିଛ ଖଚ ଚାଟୁ
ଚୁଗୁଲି ଯେ ଅବଶେଷ । ।

କୋମଳ ବଚନ ଚାଳକ ତାହାର
ଗଡେ ସେ ମିଥ୍ୟା ରାସ୍ତାରେ
କେତେ ରାଜବଂଶ କେତେ ଜାତି

ISSN NO.
2582-208X

ହଜିଗଲେ ସେ ପଥରେ।।
କୁରୁବଂଶ ନାଶ ଲଙ୍କାଗଡ଼ ନାଶ
ପୁରାଣ ଅଛିତ ସାକ୍ଷୀ
ଇତିହାସେ ଗଲେ କେତେ ରାଜବଂଶ
ଇତିହାସ ଅଛି ସାକ୍ଷୀ।।

ଖରାପ ହୁଏନି ଭାଙ୍ଗି ତ ଯାଏନି
ଚାଲିଥାଏ ଯୁଗେଯୁଗେ
ବଢେ ତାର ଶକ୍ତି ବଢେ ତାର କାୟା
ଅଧର୍ମ ଅନିତି ଜାଗେ।।

ମିଥ୍ୟା ଅନିତି ଅଧର୍ମ ଅନ୍ୟାୟ
କୁବୁଦ୍ଧି କୁସଂଗ ଆଦି
ଷଡଯନ୍ତ୍ର କଥା ଯାହା ମୁଁ ଜାଣିଛି
ନାହିଁ ତାର ପ୍ରତିବାଦି।।

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସ୍ୱାଧିନତା ଦିବସ

ସରସ୍ୱତୀ ଜୟସିଂହ

ବିଦେଶୀ ହାତରେ ଚାବୁକ ପାହାର
ଦୁଇଶ ବରଷ କ୍ଳେଶ
ସ୍ୱାଧୀନ ଭାରତେ ସ୍ୱତନ୍ତ୍ରତା ସ୍ୱାଦ
ଫିରିଙ୍ଗି ଶାସନ ଶେଷ। ।୧।

କୋଣ ଅନୁକୋଣୁ ଭାରତୀୟ ମିଶି
ସଂଗ୍ରାମ ଶିଖାକୁ ତେଜିଲେ
ବିଜୟ ଦୀପରେ ଅର୍ଘ୍ୟ ଢାଳିବାକୁ
ବିଦେଶୀଙ୍କୁ ଦେଶୁ ତଡିଲେ।।୨।

ଭାରତ ଆକାଶୁ କଳା ଅନ୍ଧକାର
ବିନାଶର ଦିନ ଆସିଲା
ବିଜୟ କେତନ ମୁକ୍ତ ଆକାଶରେ
ଫରଫର ହୋଇ ଉଡିଲା।। ୩।

ରଣ ପ୍ରାଙ୍ଗଣେ ଭାରତୀୟ ବୀର
ମୃତ୍ୟୁକୁ କୁ ଖାତିର ନ କରି
ତନୁର ସମସ୍ତ ଶିରା ପ୍ରଶିରାରୁ
ରୁଧିରକୁ ଦେଲେ ନିଗାଡି।। ୪।

ISSN NO.
2582-208X

ଓଡ଼ିଆ ପାଇକ ରଣହୁଙ୍କାରରେ
ଗଗନ ପବନ କମ୍ପିଲା
ଭାରତମାଟିରେ ପାଦ ରଖିବାକୁ
ବିଦେଶୀଙ୍କ ଛାତି ଥରିଲା ।। ୫।

ଗାନ୍ଧୀ ଗୋପବନ୍ଧୁ ନେତାଜୀ ସୁବାଷ
ଝାନସୀ ରାଣୀ ଲକ୍ଷ୍ମୀବାଇ
ମାତୃ ଭୂମିର ରକ୍ଷକ ସାଜିଲେ
ନିଜ ପ୍ରାଣ ବଳି ଦେଇ।। ୬।

ଏବେ ଉଠ ହେ ଯୁବକ ସୁପ୍ତପାଖରୁ
ଶଯ୍ୟାତୁମେ ତ୍ୟାଗ କର
ଏହି ପବିତ୍ର ଦନରେ ମହାପୁରୁଷଙ୍କ
କର୍ମତୁମେ ଥରେ ସ୍ମର ।। ୭।

ଗଡମୋଟରୀ, ଡେଲାଙ୍ଗ, ପୁରୀ

ISSN NO.
2582-208X

# ବନ୍ଧୁତ୍ୱ

ଅଜୟ କୁମାର ରାଉତ

ଆଜିର ଦିନରେ ପ୍ରତ୍ୟେକ ମନୁଷ୍ୟ ସେମାନଙ୍କର କର୍ମରେ ଅହେତୁକ ଭାବେବ୍ୟସ୍ତ ଓ ଉଦବିଗ୍ନ ପାଲଟିଛି, ଦେଖିବାକୁ ଗଲେ ପରିବାର ସଦସ୍ୟଙ୍କ ପ୍ରତି ସମୟ ଦେବା କାଠିକର ହେଉଛି । କେହି କାହା ପ୍ରତି ସମୟ ସଠିକ୍ ଭାବରେ ଦେଇ ପାରୁନାହାନ୍ତି ଓ ସେମାନଙ୍କ ପାଖରେ ସମୟ ନ ଥାଏ କାହା ମନକଥା ହେବାପାଇଁ ଏହି କର୍ମମୟ ଜୀବନରେ । କଥା ହେବା ତ ଦୂରର ଅଥା, ଦେଖିଲେ ମୁହଁରେ ହସ ଟିକେ ଆଣିବାକୁ ବି କଷ୍ଟ ହେଉଛି । ଆଜିର ଦିନରେ ବିଜ୍ଞାନର ଅଗ୍ରଗତି ଘଟୁଛି ସତ କିନ୍ତୁ ମଣିଷର ବ୍ୟବହାରିକ ଜ୍ଞାନର ପତନ ଘଟୁଛି । ଗୋଟିଏ ମୁଦ୍ରାରେ ଦୁଇଟି ପାର୍ଶ୍ୱ ଥାଏ ସେପରି ମନୁଷ୍ୟର ଶାନ୍ତିରେ ରହିବା ପାଇଁ ଗୋଟିଏ ପାର୍ଶ୍ୱ ବନ୍ଧୁତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବନ୍ଧୁତ୍ୱ ବିନା ଜୀବନର ମାନେ କିଛି ନୁହେଁ, ବନ୍ଧୁତା ଜୀବନରେ ହସ, ଖୁସି, ଶାନ୍ତି ଇତ୍ୟାଦି ଭରି ଦେଇଥାଏ । ଜୀବନକୁ ସାର୍ଥକ କରିଥାଏ ବନ୍ଧୁତା । ଛାଇପରି ସିଏ ସବୁବେଳେ ଆମ ପାଖରେ ଥାଏ । ଦୁଃଖ, ସୁଖର ଆମର ସେ ଭାଗିଦାର ହୋଇଥାଏ । ଆଜିରଆଧୁନିକ ଯୁଗରେ ବନ୍ଧୁତ୍ୱର ରହସ୍ୟ ବୁଝିବା କଷ୍ଟସାଧ୍ୟ ଅଟେ । ବନ୍ଧୁତ୍ୱର ମୂଲ୍ୟ ହିଁ ବୁଝିପାରନ୍ତି ନାହିଁ । ଯଦି ଏହି ସୁନ୍ଦର ସମ୍ପର୍କର ସୁତା ଜାଲ ପର୍ ଛଳନା, ପ୍ରତାରଣାର ଗଢିଥାଏ, ତାହା କେବେ ତିଷ୍ଠି ରୁହେ ନାହିଁ । ଗଛରୁ ପତ୍ର ଝଡିଲା ପରି ଏ ସମ୍ପର୍କ ମଧ୍ୟ ଭାଙ୍ଗିଯାଏ । ବିଦ୍ୱାସରେ ଈଶ୍ୱର ଥାଆନ୍ତି ଯଦି ସେହି ବିଶ୍ୱାସ କେହି ଭାଙ୍ଗେ ଦ୍ୱିତୀୟ ଥର କାହାକୁ ବିଶ୍ୱାସ କରିବାକୁ ଇଚ୍ଛା ହୁଏନାହିଁ । ମଣିଷ ତା ଜୀବନରେ ଏମିତି ଜିନିଷକୁ ଗୁରୁତ୍ୱ ଦେଉଛି ଯାହା ପ୍ରକୃତିରେ ତାହାପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପ୍ରକୃତ ଖୁସି ଜଣେ ଭଲ ବନ୍ଧୁତ୍ୱରୁ ମିଳିଥାଏ । ସମସ୍ତେ ନିଜ ପାଇଁ କିଛି ନା କିଛି ଆଶା କରିବାରେ ବ୍ୟସ୍ତ । ସମସ୍ତଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଆଚାର, ବ୍ୟବହାର ଏବଂ ଚରିତ୍ର ଭିନ୍ନ ଏବଂ ସ୍ୱତନ୍ତ୍ର ହୋଇଥାଏ । ଏହି ସବୁ ଗୁଣକୁ ଦେଖି ଆମ୍ଭେ ବନ୍ଧୁତ୍ୱର ହାତ ବଢେଇଥାଉ । ସେହି ବନ୍ଧୁ ଯେତେବେଳେ ହସିକି ଭଲରେ ପଦୁଟିଏ କଥାହୁଏ, ଆମ୍ଭେମାନେ ଖୁସି ହୋଇଥାଉ, କିନ୍ତୁ ପରବର୍ତ୍ତୀ ସମୟରେ ବ୍ୟବହାରରେ ପରିବର୍ତ୍ତନ ଆସିଲେ ଆମ୍ଭେ ଭାଙ୍ଗିପଡୁ । ନିଜ ବନ୍ଧୁ ସହ ପ୍ରତ୍ୟେକ ମୂହୁର୍ତ୍ତକୁ ଉପଭୋଗ କରିବା ଉଚିତ । ସେ ମୁହୁର୍ତ୍ତ ଗୁଡିକ ସହ ବାନ୍ଧିହୋଇ ରହିଲେ ଆମେ ଆଗକୁ ବଢିପାରିବା

ISSN NO.
2582-208X

ନାହିଁ । ଯଦି ଜଣେ ବନ୍ଧୁ ବନ୍ଧୁତ୍ୱର ମୂଲ୍ୟ ବୁଝିପାରୁନାହିଁ, ବନ୍ଧୁତ୍ୱର୍ ଅଲଗା ଅର୍ଥ ବାହାର କରୁଛି, ସେପରି ବ୍ୟକ୍ତି ସହ ବନ୍ଧୁତା ରଖିବା ହିଁ ଭୁଲ୍ । ଯେଉଁ ବନ୍ଧୁ "ସମୟ ନାହିଁ" "କାର୍ଯ୍ୟରେ ବ୍ୟସ୍ତ" ବିଭିନ୍ନ ପ୍ରକାର ବାହାନା କରିବା ସହିତ ତୋର ମୋ ବନ୍ଧୁ ହେବାକୁ ଯୋଗ୍ୟତା ନାହିଁ, ମୋତେ ଠିଆବନ୍ଧୁ ମିଳିଗଲେଣି କହି ସଂପର୍କ ଓ କର୍ତ୍ତବ୍ୟକୁ ଏଡାଇ ଦେଇଥାନ୍ତି ସେହିପରି ବନ୍ଧୁତ୍ୱନିଜର ନିକୃଷ୍ଟ ବ୍ୟକ୍ତିତ୍ୱର ସୂଚନା ଦିଏ । ବର୍ତ୍ତମାନର ଆଧୁନିକ ଯୁଗରେ ବନ୍ଧୁତ୍ୱର ମୂଲ୍ୟ ଦିନକୁ ଦିନ ଅଲଗା ଅର୍ଥରେ ବ୍ୟବହାର କରିବା ସହିତ ସେହି ବନ୍ଧୁକୁ ହତ୍ୟା ଭଳି ଘୃଣ୍ୟ କର୍ମ କରିବାକୁ ପଛାଉ ନାହାନ୍ତି । ଜଣେ ଉତ୍ତମ ବନ୍ଧୁ ଅନ୍ୟ ବନ୍ଧୁର ଦୁଃଖ, କଷ୍ଟକୁ ନିଜର ଭାବି ସେ ତୁମକୁ ବିଭିନ୍ନ ବାଧା, ବିଘ୍ନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ । ଅନ୍ୟ ଜଣେ ବନ୍ଧୁ ତାର ବନ୍ଧୁକୁ ବ୍ୟବହାର କରି ସମସ୍ତ ସୁବିଧା, ସୁଯୋଗ, ସାହାର୍ଯ୍ୟ ପାଇ ସାରିବା ପରେ ତା ପ୍ରତି ବନ୍ଧୁ ଅଲୋଡା ହୋଇଯାଇଥାଏ । ଲେମ୍ବୁ ଚିପୁଡିବା ପରି ସେ ବନ୍ଧୁକୁ ବ୍ୟବହାର କରିସାରି ବନ୍ଧୁକୁ ଦୂରେଇ ଦେଇଥାଏ, ଲେମ୍ବୁର ଯେପରି ରସ ସରିଯିବା ପରେ ଫୋପାଡି ଦିଆଯାଏ ସେହିପରି ବ୍ୟବହାର କରିଥାଏ । ଆଜିର୍ ଦିନରେ ବନ୍ଧୁତ୍ୱର ପାଖରେ ଟଙ୍କା ଥିବାଯାଏ ସେହି ବ୍ୟକ୍ତି ଭଲ ବନ୍ଧୁ ହୋଇଥାଏ । ଯେଉଁଦିନ ଅର୍ଥ ସରିଯାଏ ବନ୍ଧୁତ୍ୱ ମଧ୍ୟରେ ଫାଟ ସୃଷ୍ଟି ହୋଇଥାଏ । ଏହିପରି କିଛି ବ୍ୟକ୍ତି ବନ୍ଧୁତ୍ୱ ସ୍ଥାପନ କରି ଦେହର ଉପଭୋଗ କରିଥାନ୍ତି । ବନ୍ଧୁଙ୍କ ଠାରୁ ପାଇଥିବା ସାହାର୍ଯ୍ୟ କିମ୍ବା ବନ୍ଧୁଙ୍କ ଠାରୁ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବରେ ପାଇଥିବା ସାହାର୍ଯ୍ୟକୁ ସେହି ବନ୍ଧୁମାନେ ସହଜରେ ଭୁଲିଥାନ୍ତି କେବଳ ସେମାନଙ୍କର ସ୍ୱାର୍ଥ ହାସଲ ପାଇଁ ସେହି ବନ୍ଧୁ ଜୀବନରେ ଆସିଥାନ୍ତି । ସେହି ବନ୍ଧୁ ସାହାର୍ଯ୍ୟ ପାଇଥିବା ଲୋକକୁ ମଧ୍ୟ ଛାଡି ନଥାଏ ଅନ୍ୟମାନଙ୍କ ସାମ୍ନାରେ ନିନ୍ଦା କରିବାକୁ ପଛେଇ ନଥାନ୍ତି । ଯେଉଁମାନେ ନିଜର ସ୍ୱାର୍ଥପାଇଁ ଅନ୍ୟର ବିଶ୍ୱାସ ସହ ଖେଳନ୍ତି ଏବଂ ବନ୍ଧୁତାର ଆଭାସ ଦେଇ ଠକାନ୍ତି । ସେମାନେ ନିଜକୁ ଚାଲାକ ଭାବନ୍ତି । ଜାଣନ୍ତି ନାହିଁ ଯେ ସେ ଅନ୍ୟକୁ ଠକିଲେ ଭବିଷ୍ୟତରେ ନିଜେ ହିଁ ଠକିଯିବେ । ଏମିତି ବନ୍ଧୁଟିଏ ବନାଅ ଯିଏ ଜୀବନର ପ୍ରତିଟି ମୁହୂର୍ତ୍ତରେ ତୁମର ସାଥି ହେବ, ତୁମ ସହିତ ଉପଭୋଗ କରିପାରିବ । ବନ୍ଧୁଠାରୁ ପାଇଥିବା ସାହାଯ୍ୟ କୁ ଭୁଲିଯାଇ ପାରେ ତୁମେ ଭଗବାନଙ୍କ ଦ୍ୱାରା ବଡ ଚାକିରି କରିପାର, କିନ୍ତୁ ଦିନେ ନା ଦିନେ ତୁମେ କରିଥିବା କର୍ମ ତୁମକୁ ହୀନଦୃଷ୍ଟିରେ ଦେଖିବ ସେତେବେଳେ ଭଲ ବନ୍ଧୁ କଥା ମନେ ପକାଇବ । କିନ୍ତୁ ସେ ମହକ ଓ ବାସ୍ନା ନଥିବ କି ତୁମେ ସେ ବନ୍ଧୁକୁ ପଚାରି ନପାର କିନ୍ତୁ ଭାବିଲା ବେଳକୁ ସବୁ ସରିଯାଇଥିବ । ନିଜେ ଏମିତି ବନ୍ଧୁଟିଏ ହେବାକୁ ଚେଷ୍ଟା କର ଯେମିତି ତୁମକୁ ଭଲ

ISSN NO.
2582-208X

ପାଉଥିବା ବନ୍ଧୁଟିଏ ପରମୁହୂର୍ତ୍ତରେ ତୁମକୁ ଧୋକାବାଜ୍ କହି ନପାରିବ । ପ୍ରକୃତ ବନ୍ଧୁତ୍ୱର ମୂଲ୍ୟ ବୁଝିବା ସମସ୍ତଙ୍କର ପାଇଁ କଷ୍ଟ, ହେଲେ ବନ୍ଧୁତା ନିଭେଇବାକୁ କହି ସେହି କର୍ତ୍ତବ୍ୟରୁ ଆଡେଇଯିବା ବହୁତ ସହଜ । ଯେତେବେଳେ ନିଜର ଭଲ ସାଙ୍ଗଟିଏଧୋକା ଦିଏ, ସେତେବେଳେ ସମସ୍ତଙ୍କ ଉପରୁ ବିଶ୍ୱାସ ତୁଟିଯାଏ । ଏବଂ ସଂପର୍କ ଭାଙ୍ଗିଯାଏ । ହେଲେ ତା ସହ ବିତେଇଥିବା ପ୍ରେତ୍ୟେକ ମୁହୁର୍ତ୍ତ ଚେଷ୍ଟା କଲେ ବି ଭୁଲି ପାରିବା ନାହିଁ । ପ୍ରକୃତ ଆନନ୍ଦ ଓ ପ୍ରକୃତ ବନ୍ଧୁତ୍ୱ କେବଳ ନିଜ ଭିତରେ ସିମିତ ଥାଏ । ଆମେ ଯେତେବି ନିଜକୁ ବୁଝିବାକୁ ଚେଷ୍ଟା କରିବା ଆଉ ନିଜ ସହ ବନ୍ଧୁତ୍ୱ ସ୍ଥାପନ କରିବା ତେବେଯାଇ ଆମେ ଆମ ଜୀବନରେ ଖୁସିରେ ରହିବା କାହିଁକି ନା ଧୋକା ଖାଇବାର କି ବନ୍ଧୁଟିଏ ଦୁରେଇବାର୍ ଭୟ ନଥାଏ । ତେବେଯାଇ ଜୀବନ ମାର୍ଗରେ ଅଗ୍ରତି ବିନା ଦ୍ୱିଧାରେ ଆମକୁସ୍ୱାଗତ ଜଣାଇବା । ଆଜିର ଦିନରେ ସମସ୍ତେ ବ୍ୟକ୍ତି କୃଷ୍ଣ ଓ ସୁଦାମାଙ୍କ ବନ୍ଧୁତ୍ୱକୁ ଦୃଷ୍ଟି ଗୋଚର କରିବା କଥା ଏବଂ ଆମର ପରମ୍ପରା ବହୁତ କିଛି ଶିକ୍ଷା ଦିଆଯାଏ । ଆଜିର ଦିନରେ କୃଷ୍ଣ ଓ ସୁଦାମ ପରି ବନ୍ଧୁତ୍ୱ ପାଇବା ବହୁତ କଷ୍ଟକର । ସେମାନଙ୍କ ମଧ୍ୟରେ ଥିଲା ସ୍ନେହ, ଭଲ ପାଇବା ସେମାନଙ୍କ ଭଲପାଇବାରେ ନଥିଲା ସ୍ୱାର୍ଥ, ଅହଂକାର ଏବଂ ଧନୀ କି ଗରିବର ତାରତମ୍ୟ । ସୁଦାମର ଚାଉଳ ଭଜା ପୁଡିଆ ସିନା ଥିଲା, କିନ୍ତୁ କୃଷ୍ଣ ସେହି ଚାଉଳ ପୁଡିଆ ଖାଇବାରେ ଯେଉଁ ଆନନ୍ଦ ପାଇଲେ ତାହା ଅବର୍ଣ୍ଣନୀୟ । ଭଲ ପାଇବାରେ ସବୁ ଜିନିଷ ଅମୃତ ସମାନ ଅଟେ । ସତ ପ୍ରେମରେ ଉଚ୍ଚ, ନିଚ୍ଚ ନା ଧନି, ଗରିବ ଦେଖାଯାଏନାହିଁ । ଆଜି ଏତେ ଦିନ ପରେ ବି କୃଷ୍ଣ ଓ ସୁଦାମ ଙ୍କ ବନ୍ଧୁତ୍ୱ ସତ ପ୍ରେମର ବନ୍ଧୁତ୍ୱ ପ୍ରତୀକ ରୂପରେ ମନେ ପକାଯାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏମିତି ଏକ ବନ୍ଧୁ କର ଆଉ ବନ୍ଧୁ ବନ ଯାହାଇ ଚିର ସ୍ମରଣୀୟ ହୋଇ ରହିବ ।

ଆଇନଜୀବି, କଟକ
ମୋ: ୮୨୪୯୩୦୩୩

ISSN NO.
2582-208X

# ବସ୍ତିର ସେ କଳାକାହ୍ନୁ



ଆଶୁତୋଷ ମେହେର

ସହର ପାରି ତଳ ମୁଣ୍ଡରେ ଥିବା କଳାକାହ୍ନୁ ମନ୍ଦିର ର ପଛକୁ ଥିବା ଖୋଲା ପଡିଆରେ ଗତ କୋଡିଏ ବର୍ଷ ତଳେ ଗଢି ଉଠିଥିଲା ଏ ଛୋଟ ଶ୍ରମିକ ବସ୍ତି। ସହରରେ ତିଆରି କୋଠାବାଡି ପାଇଁ ଆସିଥିବା ମୂଲିଆ ମଜଦୁର ଗୋଷ୍ଠୀ ଜଗାସଫା କରି ବସତି ଗଢିଥିଲେ ଏଇଠି। ଏବେ ସହର ବି ବଢିଗଲା ଆଉ ସେ ଶ୍ରମିକ ବସ୍ତି ବଢିବଢି ଏବେ କାଳିଆ ବସ୍ତି ଭାବରେ ବେଶ ଜଣିଶୁଣା ସହର ଭିତରେ। ଏଠିକାର ସ୍ତ୍ରୀ ଲୋକମାନେ ପାଖ କଲୋନୀ ଓ ଫ୍ଲାଟ ସବୁରେ ଘରକାମବାଲି ରୂପେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି। ପୁରୁଷ ମାନେ କିଏ ରାଜମିସ୍ତ୍ରୀ, କିଏ ବଢେଇ, କିଏ ପାଇପ୍ ମିସ୍ତ୍ରୀ ତ ବାକି ସବୁ ଶ୍ରମିକ ମୁଲିଆ ଭାବେ ସହର ସାର ଖେଳାଇ ହୋଇ କାମ କରନ୍ତି । ସେ କଳାକାହ୍ନୁ ମନ୍ଦିର ପ୍ରତି ଏମାନଙ୍କ ଅପାର ଭକ୍ତି। ମନ୍ଦିର ଆଗ ରାସ୍ତା ଦେଇ କାମକୁ ଗଲାବେଳେ ସମସ୍ତେ ଘଡିଏ ଠିଆ ହୋଇ ମୁଣ୍ଡିଆଟେ ମାରନ୍ତି ନିଶ୍ଚୟ। କଳାକାହ୍ନୁଙ୍କ କରୁଣା ର ଛତ୍ରଛାୟା ରେ ସମସ୍ତ ବସ୍ତି ବାସିନ୍ଦା ହସ ଖୁସିର ଜୀବନ ରେ ଯେ ଯାହା କାମରେ ମସଗୁଲ୍ ।

ତେବେ ବସ୍ତିର ହାଉଯାଉ ଲୋକଙ୍କ ଭିତରେ ବାରି ହୋଇ ପଡେ ସୁଖେଇ ମାଁ। ଏକଦମ୍ ଏକେଲା ସେ, ତଥାପି ସମସ୍ତ ବସ୍ତି ବାସିନ୍ଦାଙ୍କ ବଡ ପ୍ରିୟ। ବୟସ୍କ ବସ୍ତି ବାସିନ୍ଦା କହନ୍ତି ସେ ଏଠାକୁ ଆସିଥିଲା ତା ସ୍ୱାମୀ ଦୟାରାମ ସହ ବସ୍ତି ଟା ନୂଆଁ ନୂଆଁ ବସିଲା ବେଳକୁ ସେତେ ବେଳର କଳାହାଣ୍ଡି ଜିଲ୍ଲା ର ନୂଆଁପଡାରୁ। ପୁଅଟେ ଥିଲା, ନାଁ ଥିଲା ସୁଖୀରାମ, ଆଉ ସେଇଥି ପାଇଁ ସେ ବସ୍ତିରେ ସମସ୍ତେ ଡାକୁଥିଲେ ତାକୁ ସୁଖେଇ ମା ।

ଦୟାରାମ ଘରତିଆରି କାମରେ ମୁଳ ଲାଗୁଥିଲା ଆଉ ବେଶ୍ ଭଲ ଭାବରେ ଚଳିଯାଉଥିଲେ ସେମାନେ । ପୁଅ ସୁଖୀରାମ ବି ପାଠ ପଢୁଥିଲା ବସ୍ତି ପାଖ ସରକାରୀ ସ୍କୁଲରେ। ଏ ସୁନ୍ଦର

ISSN NO.
2582-208X

ପରିବାରରେ ହଠାତ୍ ଘୋଟିଯାଇଥିଲା ଦୁଃଖର କଳା ବାଦଲ। ଉଚ୍ଚମହଲାରେ କାମ କଲାବେଳକୁ ଦୟାରାମ ଖସି ପଡିଥିଲା ତିନିମହଲା ଉପରୁ ଆଉ ଜୀବନ ହାରିଥିଲା। ସୁଖିରାମ ସେତେ ବେଳେ ମାଟ୍ରିକ ପରୀକ୍ଷା ଦେବା ଉପରେ। ସୁଖେଇ ମାଁ ସାହସ ହାରିନଥିଲା, ଲଢିଥିଲା ଘରୁ ବାହାରି କାମ କରିବାକୁ। ଘରକାମ କରି ସୁଖୀରାମକୁ ପାଠପଢାଇବାକୁ ପ୍ରାଣପଣେ ଚେଷ୍ଟା କରି ସଫଳ ହୋଇଥିଲା। ଭାବିଥିଲା ସୁଖୀ କଲେଜ ପାସ କରି ଚାକିରୀ କରିବ ବାହା ସାହା ହେବ ଆଉ ତାକୁ ଦେବ ଏକ ଗୁଲଗୁଲିଆ ନାତି ଯା କୁ ସେ ଡାକିବ...କଳାକାହ୍ନୁ। ହେଲେ ତା ସ୍ୱପ୍ନ ସେମିତି ରହିଗଲା, ଭାଙ୍ଗିଗଲା ଯେଉଁ ଦିନ ସୁଖୀରାମ ପଡୋଶୀ ଘରର ଅନ୍ୟ ଝିଅ ପ୍ରଭା କୁ ଧରି ଉଭାନ ହୋଇଗଲା। ପଡୋଶୀ ଘର ଲୋକେ ବି ସୁଖେଇ ମାଁ ଉପରେ ଦାଉ ସାଧି ତା କୁଡିଆକୁ ନିଆଁ ଲଗାଇ ଦେଲେ। ବିଚାରୀ ପଳାଇ ଆସି ରହିବାକୁ ଲାଗିଲା ଏଇ କଳାକାହ୍ନୁ ମନ୍ଦିର ପାଖ ଚାଳିଆରେ ଏକାକୀ ହୋଇ। ପରେ ଶୁଣିଥିଲା ସୁଖୀ ଓ ପ୍ରଭା ମାଡ୍ରାସ ର ରହୁଛନ୍ତି ସେଠିକାର ମନ୍ଦିରରେ ବାହାସାହା ହୋଇ। ତା ମନ ମରିଯାଇଥିଲା ସୁଖୀ ଆଉ ପ୍ରଭା ଉପରୁ ।

ସେ ଦିନରୁ ସୁଖେଇ ମାଁ ର ସବୁଠୁ ପ୍ରିୟ ଏଇ କଳାକାହ୍ନୁ ମନ୍ଦିରର। ଦିନ ସାରା, ପାହାନ୍ତି ପହରରୁ ଗାଧୋଇ ପାଧୋଇ ସେ ମନ୍ଦିର କୁ ଆସେ ଯେ ରାତିରେ ଠାକୁରଙ୍କ ପହୁଡ ହେବା ପରେ ଯାଇ ସେ ମନ୍ଦିରରୁ ଫେରେ ତା ଚାଳିଆ କୋଠରୀକୁ ଖାଲି ରାତିରେ ବିଶ୍ରାମ ନବାକୁ। ସକାଳୁ ଆସି ମନ୍ଦିର ଝାଡୁ ମାରିବା, ପାଣି ଢାଳି ବାହାର ବେଢା ଧୋଇବା, ଠାକୁରଙ୍କ ପାଇଁ ଫୁଲ ତୋଳି ମାଳ ଗୁନ୍ଥିବା ସବୁ କାମ ସେ କରେ ମନ ଲଗାଇ। ଭାବେ ତା ଭାଗ୍ୟରେ ସିନା ନାତି ସୁଖ ନ ଥିଲା...ହେଲେ ଏ କଳାକାହ୍ନୁ ଯେ ତାର ସବୁକିଛି.....ସୁଖ ଆଉ ଦୁଃଖ ।

ଆଉ ଫଗୁଣ ମାସ ଆସିଲେ ସୁଖେଇ ମାଁ ର ସୁଖ ବଢି ଯାଏ ବହୁ ଗୁଣା।ଏ ମାସରେ ଯେ ଫଗୁ ଖେଳ ଦୋଳ ଯାତ୍ରା....କଳାକାହ୍ନୁ ବି ବାହାରି ପଡନ୍ତି ବସ୍ତି ବୁଲିବାକୁ ମେଳଣରେ...ବସ୍ତି ଲୋକଙ୍କୁ ସହ ରଙ୍ଗ ଓ ଫଗୁ ଖେଳିବାକୁ। ଦେଖିବା ଲୋକ ହିଁ ଜାଣିପାରନ୍ତି ସୁଖେଇ ମାଁ ର ସୁଖ.....କଳାକାହ୍ନୁଙ୍କ ରଙ୍ଗ ଫଗୁ ଖେଳକୁ ନେଇ। ମେଳଣ ଯାତ୍ରାରେ କଳାକାହ୍ନୁଙ୍କ ବିମାନ ଆଗରେ ସୁଖେଇ ମାଁ ର ନାଚ କହିଦିଏ କେତେ ମଜ୍ଜି ଯାଇଥାଏ ସେ କଳାକାହ୍ନୁ ଙ୍କୁ ନେଇ। ତେବେ ଗଲା ଦୁଇ ବର୍ଷ କଣ ଗୋଟାଏ ରୋଗ ଆସିଲା ଯେ ସୁଖେଇ ମାଁ ବି ସେ ମନ୍ଦିର ଭିତରକୁ ଯାଇ ପାରୁ ନ ଥିଲା। ତା କଳାକାହ୍ନୁ ବି ତ କାହା ସହ ମିଶିପାରୁ ନଥିଲେ..ଦୁଃଖୀ ହୋଇଯାଇଥିଲା ସେ। ଏ ବର୍ଷ କିଂତୁ ସୁଖେଇ ମାଁ ବହୁତ ଖୁସ୍....ସରକାର ସବୁ କଟକଣା ହଟେଇଛନ୍ତି... ଫଗୁ ଦୋଳ ହେବ, କଳାକାହ୍ନୁ

ISSN NO.
2582-208X

ରଙ୍ଗ ଖେଳିବେ ସମସ୍ତଙ୍କ ସହ ରଙ୍ଗ ବୋଳାବୋଳି ହେବେ। ନିଜେ ରଙ୍ଗ ମାଖିବେ ଅନ୍ୟଙ୍କୁ ରଙ୍ଗ ଲଗାଇବେ। ସୁଖେଇ ମାଁ କିଣି ଆଣିଛି କେତେ କିସମର ରଙ୍ଗ...କେତେ ରଙ୍ଗର ଫଗୁ।

...."ସୁଖେଇ ମାଁ...ସୁଖେଇ ମାଁ..." ସାହି ପିଲା ପ୍ରତାପର ସ୍ୱର ଶୁଣି ବୁଲି ଦେଖିଲା ରୁ ପ୍ରତାପ ସହ ଆଉ ଜଣେ କିଏ ଜଣେ ଟୋକା ଠିଆ ହେଇଛନ୍ତି ମନ୍ଦିର ଅଗଣାରେ। "ଏ ବାବୁ ଜଣକ ବସ୍ତିରେ କେତେ ବେଳୁଁ ତୋତେ ଖୋଜୁଛନ୍ତି। ମୋ ବାପା ମତେ ପଠାଇଛନ୍ତି ତାଙ୍କ ସହ ତତେ ଚିହ୍ନାଇ ଦେବାକୁ।"

ସୁଖେଇ ମାଁ ଦେଖିଲା.."ଆରେ ପ୍ରତାପ...କାହିଁ ମୁଁ ତ ତାକୁ ଚିହ୍ନି ପାରୁନି। କେବେ ତ ଦେଖିଲା ପରି ଲାଗୁନି ?" ...."ତୁ କେମିତି ଜାଣିବୁ ଯେ। ସେ ପରା ଆଜି ଆମ ସହର ଓ ବସ୍ତି କୁ ପ୍ରଥମ କରି ଆଇଛି। ହେଇ ଦେଖ ତା ହାତରେ ସେ ଯେଉଁ ଫଟୋ ଧରିଛି...ତାକୁ ଦେଖିଲେ ହିଁ ଜାଣିବୁ ସେ କିଏ।"

ଫଟୋ ଦେଖାଇଲା ପ୍ରତାପ ସେ ପିଲା ସହ ମିଶି। ସୁଖେଇ ମା ଦେଖିଲା...ସେ ଫଟୋ ରେ ଠିଆ ତା ପୁଅ ସୁଖୀରାମ..ପାଖରେ ପ୍ରଭା। ପ୍ରଭା କୋଳରେ ଛୋଟ ପୁଅ ପିଲାଟେ।


..."ମାମା...ମୁଁ ତୁମ କଳାକାହ୍ନୁ...ମାଡ୍ରାସ ସହରରୁ ଆସିଛି"। ସୁଖେଇ ମାଁ କୁଣ୍ଢାଇ ଧରିଲା ତା ନାତି ଟୋକା କୁ।

ଜୋରରେ ମନ୍ଦିରରୁ ଘଣ୍ଟ କାହାଳୀ ଶବ୍ଦ ଶୁଭିଥିଲା। କଳାକାହ୍ନୁ ଙ୍କ ବିମାନ ମନ୍ଦିର ବାହାରକୁ ଆସିଲାଣି । ଠାକୁର କଳାକାହ୍ନୁ ଙ୍କ ଫଗୁ ଖେଳିବା ଆରମ୍ଭ ହୋଇଯାଇଥିଲା।ଆକାଶ ସାରା ଫଗୁ ର ରଙ୍ଗ ଉଡି ବୁଲୁଥିଲା ଭକ୍ତଙ୍କ ଗହଳି ଭିତରେ। ସୁଖେଇ ମାଁ ଅନୁଭବ କରୁଥିଲା... ତା ହୃଦୟ ଭିତରୁ କଳାକାହ୍ନୁ ଠାକୁରେ ବାହାରି ତା କୋଳରେ ଯେମିତି ଫଗୁ ରଙ୍ଗରେ ଗଧୋଇ ପଡି ଖେଳୁଛନ୍ତି ଓ ହସୁଛନ୍ତି।

୫୪ ଆର୍ଯ୍ୟପଲ୍ଲୀ
କଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ସପନ ସନ୍ଧାନ



ଶମ୍ଭୁନାଥ ଦାସ

ଫାଟକର ନାମ ନିଦ୍ରାଦେବୀ କୋଳ
ଭିତର ସ୍ୱପ୍ନ-ମହଲ,
ରଙ୍ଗିଲ୍ ପୃଥିବୀ ସେ ସ୍ୱପ୍ନ ମହଲେ
ଅଦ୍ଭୁତ ସର୍କସ ଖେଳ ।
ପ୍ରତିଯୋଗିତାରେ ହାର-ଜିତା ସାଥେ
ଅନ୍ଧାରେ ପୁନେଇ ଜହ୍ନ,
ବାଘ୍ର ଦୃଶ୍ୟମାନ ବିଗ୍ଡି ସଦୃଶ୍ୟ
ମଣ୍ଡେ ଉଡନ୍ତ ଗଗନ ।
ମହନ ଜନଙ୍କ ସପନ ମହଲ
ସ୍ୱର୍ଗପୁରେ ବିଚରଣ,
ତସ୍କର ଚଣ୍ଡାଳ ମହଲେ ହୁତାଶ
ଛନକା ଭୂତ ଦାରୁଣ !
ଗ୍ରନ୍ଥିରେ ଫାଟକ ଖୋଲୁଥାଏ ସିନା
ସମୟ ନଜାଣେ ଜନ,
ଆହାଃ କ ବିଚିତ୍ର ନିଦଛଡା ମାତ୍ର
ସାର୍ ଅତୀତ ସ୍ମରଣ ।
ଜରୁରୀ-କାଳୀନ ଖର୍ବେଳ ନିଦ
ଫାଟକ ହୁଏ ଉନ୍ମୁକ୍ତ
ଏ କାଳେ ସପନ ଭୂତର ସବାର

ISSN NO.
2582-208X

ଜୀବନଟା କଟମଟ ।
ଫାଟକ କଡରେ ଛୋଟ ଗଳାବାଟ
ସପନ ଦେଖା ଗୋପନ,
ଅମାନିଆ ଜନ ଦେଖନ୍ତୁ ସପନ
ପାଚେରି କରି ଲଙ୍ଘନ ।
ତୋରଣ ସୁନ୍ଦର ନିର୍ବାଚନୀ ପୁଷ୍ପ
ଅନିଦ୍ରେ ସ୍ୱପ୍ନ ହୁନ୍ଦର
ନିର୍ବାଚନ ପରେ ସପନ ସନ୍ଧାନେ
ଦିବାନିଶି ମରେ ନର !

ମୁଖ୍ୟ ସଂପାଦକ,
ଅଭିଯାନ, କୋଲକାତା
ମୋ: ୯୦୩୮୩୯୭୧୩୫

ISSN NO.
2582-208X

# ମଳିନ ଜହ୍ନ



ପ୍ରଦୀପ୍ତ କୁମାର ମିଶ୍ର

ବର୍ଷା ଦେଖୁଥିଲା ରାତିର ଅନ୍ଧାର ଚିରି ତୋଫା ଜହ୍ନ ପଡିଥିଲା। ସବୁଆଡେ ଶୀତଳ ଆଲୋକର ରାଜୁତି, ଗୋଟିଏ ଗୋଟିଏ ସ୍ଥାନରେ ଗଛର ଗହଳିର ଅନ୍ଧାର ଚାନ୍ଦର ଆଲୋକକୁ ଯେମିତି ସମାଲୋଚନା କରୁଥାନ୍ତି। ବର୍ଷା ଜହ୍ନକୁ ଦେଖୁଥାଏ ତାର ମନମଧ୍ୟରେ ଅନେକ ପ୍ରଶ୍ନବାଚୀ। ପିଲାବେଳେ ଜହ୍ନଦେଖିକି ଅନେକ ଭାବେ ସେ ଚାଲିଲେ ଜହ୍ନ ତାସହ ଚାଲେ ଆକାଶରେ। ବେଳେ ବେଳେ ମେଘର ଭିତରେ ରହି ଜହ୍ନ ଗଳିକରି ପୃଥିବୀକୁ ଚାହେଁ। କାହିଁକି କେଜାଣି ଜହ୍ନକୁ ଦେଖି ତାର ଉତ୍ସୁକତା ବଢିଯାଏ। ବହିରେ ପଢେ ସେ ଚନ୍ଦ୍ର ଗ୍ରହଣ ବିଷୟରେ। ତାର ରାଶିରେ ଚନ୍ଦ୍ରଗ୍ରହଣ ଦେଖିବା ଅନେକ ସମୟରେ ଅଶୁଭ ଥାଏ। ସେକିନ୍ତୁ ଶୁଭ ଅଶୁଭ କୁ ଖାତିର କରେନି। ପୃଥିବୀର ଛାଇ ପଡେ ଜାଣିବି ସେ ରାହୁର ପରିକଳ୍ପନା କରେ। ସବୁଠାରୁ ଖୁସି ହୁଏ କୁମାର ପୂର୍ଣ୍ଣିମା ଦିନ।ପିଲାବେଳେ ନୁଆ ପୋଷାକ ପାଇଁ ସେ ଅଡିବସୁଥିଲା କିନ୍ତୁ ବଡ ହେଲାପରେ ଆପେ ଆପେ ସବୁ ହୋଇଯାଏ କିଛି ରାଗରୁଷା ଦରକାର ପଡେନି। ସବୁସାଙ୍ଗଙ୍କ ସହ ମିଶି ସେ ଚାନ୍ଦକୁ ବନ୍ଦାଏ। କୁମାର ପୂର୍ଣ୍ଣିମା ଗୀତରେ ଗାଁ ଦାଣ୍ଡ ଉଚ୍ଛୁଳି ପଡେ।

ଏବେକିନ୍ତୁ ଚନ୍ଦ୍ର ତାକୁ କେମିତି କେମିତି ସନ୍ଦେହ ସନ୍ଦେହ ଦେଖାଯାଉଛି।ତା ଦେଶ ଚନ୍ଦ୍ରରେ ଯାନ ଛାଡିବାପରେ ସେ ଚନ୍ଦ୍ରର ମୁହଁକୁ ଦେଖିଲେ ତାକୁ ଶୁଖିଗଲା ପରି ଲାଗେ। ଏତେ ସୁନ୍ଦର ଚନ୍ଦ୍ରରେ କେବଳ ପଥର ପାହାଡ଼ ମେଞ୍ଚାଏ ଶୀତଳତା। ସେ କେବେ ବିଶ୍ୱାସ କରିପାରୁନଥିଲା ଚନ୍ଦ୍ର ଏତେରୁକ୍ଷ ହୋଇପାରେ। ତାର ବାହାଘର ବେଳେ ଚନ୍ଦ୍ରଶୁଦ୍ଧି ପାଇଁ ପୂଜାପାଠ କରାଯାଇ ମହାଦେବ ମନ୍ଦିରରେ ରୂପାର ଚାନ୍ଦ ଦିଆଯାଇଥିଲା। ତାପରେ ତାର

ISSN NO.
2582-208X

ବାହାଘର ହୋଇପାରିଲା ବୋଲି ବୋଉ କହେ।ନଚେତ ଏତେ ସୁନ୍ଦର ପ୍ରସ୍ତାବ ତାଙ୍କର ହାତରୁ ଖସିଯାଇଥାନ୍ତା ।

ଚନ୍ଦ୍ର ପୂଜା କରି ସେ ଚାନ୍ଦଭଳି ବରପାଇଛି ବୋଲି ତାସାଙ୍ଗ ଇର୍ଷାରେ କହେ। ଏବେ ସେ ଖୋଜୁଛି ଚନ୍ଦ୍ରରେ ସେହି ଯାନ କୁ କାଳେସେ ଦେଖିପାରିବ। ସେ ମୁକ ଯାନ ବୁଲିବୁଲି ଅନେକ ଜିନିଷ ଖୋଜୁଥିବ। କିଛି ନହେଲେ ମୋ ଦେଶ ସାରା ବିଶ୍ୱରେ ଅନ୍ୟମାନଙ୍କ ଠାରୁବି ନିଜକୁ ସ୍ୱତନ୍ତ୍ର ଅନନ୍ୟ ମନେକରିପାରିବ । ନିଜ ଭୂମିର ବିଜ୍ଞାନ ଅହଂକାର ପାଇଁ ଚନ୍ଦ୍ର ଆଜି ଅନେକ ଭାବନା ନିକଟରେ ବଦନାମ ।

ବର୍ଷା ଚନ୍ଦ୍ରକୁ ଏମିତି ଦେଖୁଥିଲା ଆଜି କେମିତି ତାଙ୍କ ତାର ଜହ୍ନ ଝାଉଁଳି ଗଲାପରି ଦେଖାଯାଉଛି । ସେ ଯେମିତି ପୃଥିବୀ ନିକଟରେ ହାରି ଯାଇଛି। ତାର କଦର୍ଯ୍ୟ ରୂପ ଦେଖି ସମସ୍ତେ ତାର ଦୂର ଚେହେରାକୁ ଘୃଣା କରୁନାହାନ୍ତି ତ। ତଥାପି ସେ ମେଞ୍ଚାଏ କଳଙ୍କ ଧରି ବୁଲୁଛି ପୁଣି ତାମଧ୍ୟରେ ଯେଉଁଠି ସବୁଠାରୁ ତାକୁ ଭଲପାଆନ୍ତି ସେହି ପ୍ରାଚ୍ୟ ଭୁଇଁରେ ତାପ୍ରତି ଏତେ ଘୃଣା।ବର୍ଷା ମୁହଁ ପୋଛିଛି, ଚନ୍ଦ୍ରମାକୁ କଣେଇ ଦେଖିଛି ସେ ସେହିପରି ଆକାଶରେ ମେଘ ଆଡେଇ ଆଡେଇ ଅଭିମାନ କରୁଛି। ହଠାତ ତାକୁ ନିଦ ହୋଇଯାଇଛି। ସ୍ୱପ୍ନରେ ଚନ୍ଦ୍ର ଆସିଛି ଏକ ସୁନ୍ଦର ରାଜକୁମାର ବେଶରେ, କେତେ ଉଜ୍ଜ୍ୱଳ ସେ ବର୍ଷାକୁ କହୁଛି କଣ ମୋତେ ଆଗପରି ଚାହିଁବୁନିନା ମୁଁ କିନ୍ତୁ ତୋ ଭାବନାରେ ସେହିପରି ରହିବାକୁ ଚାହେଁ । ଭାବନା ଓ ବାସ୍ତବ କେତେ ଦୂର ବୁଝିଲୁ। ଭାବନାରେ ବାସ୍ତବତା ଖୋଜନି। ମୁଁ ଅଛି ଥିବି ସଦା ସଦା ତୋ ପାଖରେ ତୋର ମାମୁଁ ହୋଇ ।

ହଠାତ ବର୍ଷାର ନିଦ ଭାଙ୍ଗିଯାଇଛି ସେ ଖୋଜିଛି ଚନ୍ଦ୍ରକୁ ସେତେବେଳେ ସେ ଆକାଶରେ ପଶ୍ଚିମ କୋଣରେ ନଡ଼ିଆ ଗଛର ପତ୍ର ସନ୍ଧିରେ ମୁହଁକୁ ଲୁଚେଇ ଦେଇଛି। ଚକୋର ଚୋକରି ଦୁହେଁ ରାବି ଉଠିଛନ୍ତି ଚନ୍ଦ୍ରଘଡି ଠଉରେଇ ରାତ୍ରିକୁ ଗାଢକରି । ବର୍ଷାକୁ ରାତିର ଡର ଆସିଛି ସେ ଭୁଲିଯାଉଛି ଚନ୍ଦ୍ରକୁ ।

ଅରେଇ, ଯାଜପୁର
9658614728

ISSN NO.
2582-208X

# ସପ୍ତ ତଥ୍ୟ ଗୋପନୀୟ



ଅଳକା ବାରିକ୍

ସାତୋଟି ରହସ୍ୟ ରଖ ଗୋପନୀୟ
ସୁଖ ଓ ସମୃଦ୍ଧି ପାଇଁ ।
ଜୀବନରେ ସଦା ଗୋପନ ରଖିଲେ
ବିଷାଦ ଆସିବ ନାହିଁ ।
ଧନ ସମ୍ବଧୀୟ କୌଣସି ତଥ୍ୟ
କାହାକୁ କେବେ ନକୁହ ।
ଧନୀ  ବ୍ୟକ୍ତି ଅହଙ୍କାରୀ ଗର୍ବି ହୁଏ
ପ୍ରାପ୍ତ ହୋଇ ଧନ ଚୟ ।
ନିରିଧନ ବ୍ୟକ୍ତି ହୁଏ ହାସ୍ୟାସ୍ପଦ
ଅନ୍ୟ ନିକଟରେ ଜାଣ ।
ଧନହିନ ଲୋକ ଲାଞ୍ଛିତ ସର୍ବତ୍ର
ଏ ସତ୍ୟ ଅଟେ ପ୍ରମାଣ ।
ନିଜ ଦୁଃଖ କଦାଚନ ଅନ୍ୟ ପାଶେ
କରନା ପରିପ୍ରକାଶ ।
ଭବିଷ୍ୟତରେ ହିଁ ସେହି ଲୋକଟିଏ
କରିଣ ପାରେ ଝିଙ୍ଗାସ ।
ନିଜ ଦାମ୍ପତ୍ୟ ଜୀବନ ଭଲ ମନ୍ଦ
ଦୁଃଖ ସୁଖର କାହାଣୀ ।

ISSN NO.
2582-208X

ବାହାରେ ପ୍ରକାଶ କରିଦେଲେ ତାହା
ଫାଟ ସୃଷ୍ଟି କରେ ପୁଣି ।
ସ୍ୱୟଂ କଦାଚନ ଗର୍ବ ଅହଙ୍କାର
ମାନ କେବେ କର ନାହିଁ ।
ନିଜ ଅପମାନ ଅପରେ କହିଲେ
ବିବାଦ ଆଣି ଥାଆଇ ।
ଦୁର୍ବଳତା ନିଜର କାହା ଆଗରେ
କରନାହିଁ ପ୍ରଦର୍ଶନ ।
ଅନ୍ୟ ତହିଁରୁ ଫାଇଦା ଉଠାଇଣ
ଖାଲକୁ ଦେବେ ଠେଲିଣ ।
କେବେ ନିଜର ଭବିଷ୍ୟତ ଯୋଜନା
ପରେ ପ୍ରକାଶ ନକର ।
ଅପରର ଜ୍ଞାତ ସାରେ ଯୋଜନାଟି
ବିଫଳ ହୁଏ ସତ୍ୱର ।
ନିଜେ ଠକାମିର ହୋଇଲେ ଶୀକାର
ଆମକୁ ତା ନଜଣାଅ ।
ଆନଜନ ଜାଣିଲେ ସେହି କଥାକୁ
ଆପଦ ହେବ ନିଶ୍ଚୟ ।
ଏ ଚାନକ୍ୟ ବାଣୀ ସୁଧି ଜନେ ଜାଣି
ସଦା ହୁଅ ସଚେତନ ।
କଦାପି ବିପଦ ଆପଦର କେବେ
ହେବ ନାହିଁ ସମ୍ମୁଖୀନ ।

ଗ୍ରାମ ମହୁ, ପୋଷ୍ଟ ମହୁ, ଆଳ,କେନ୍ଦ୍ରାପଡ଼ା
ଓଡ଼ିଶା । ପିନ୍ ୭୫୪୨୩୧

ISSN NO.
2582-208X

# ତୁମେ ନାରୀ



ଡ. ଜ୍ଞାନେଶ୍ୱର ମିଶ୍ର

ତୁମେ ନାରୀ
ବହୁରୂପୀ, ବହୁ ଅବତାରଧାରୀ
ସୃଷ୍ଟିର ଆଦାରୁ
ତୁମେ ବିରାଜିଛ ଯୁଗ ଯୁଗ ଧରି

କେତେବେଳେ
ସୃଷ୍ଟିକର ଝଡ ଓ ପ୍ରଳୟ
ତୁମେ ପୁଣି
ମମତା ଓ ସ୍ନେହର ମଳୟ

ତୁମେ ଦେବୀ
ସୁଖଶାନ୍ତି ଦିଅତ ଅପାର
ତୁମେ ସଂହାରକାରିଣୀ
ଧନ, ଦଉଲତ ସବୁ କର ଛାରଖାର

କେବେ ତୁମେ
ଜାୟା, ଭଗିନୀ ଜନନୀ
ତୁମେ ମାୟାବିନୀ
ଦେବ କି ମାନବ କେହି ନପାରନ୍ତି ଚିହ୍ନି

ISSN NO.
2582-208X

ତୁମେ ଥିଲ ପୁରାଣରେ
ସୀତା, ସାବିତ୍ରୀ, ଅହଲ୍ୟା ବା ମନ୍ଦୋଦରୀ
ଲୁଚି ଗଲଣି ତୁମେ
ଏ ସମାଜ, ଏ ମାନବ ଯାଇଛି ବିସ୍ମରୀ
ଲୁଚି ଗଲଣି ତୁମେ


ଯାବତ୍ ଚନ୍ଦ୍ରାଲୋକ ଥିବ
ତୁମେତ ରହିଛ ରହିବ
ଏ ମଣିଷ ମନରେ
ସ୍ନେହ ଆଉ ପ୍ରୀତି ଦିଅ ଭରି

ସମାଜରୁ
ଅଶାନ୍ତି, କଳୁଷତା ଦିଅ ଦୂର କରି
ଇତିହାସ ବଖାଣିବ
ତୁମ ଯଶ, କୀର୍ତ୍ତି ଯୁଗଯୁଗ ଧରି

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଅଭିଶପ୍ତ ରାକ୍ଷୀ



ବିଶ୍ୱଜିତା ବରାଳ

ସମୟ ରାତି ୯ଟା । କମ୍ପାନୀରୁ ଆସି ଗୋଡ଼ହାତ ଧୋଇ ରାତ୍ରି ଭୋଜନ କରି ଖଟରେ ଗଡୁଥିଲା ସମୀର । ହଠାତ୍ ମୋବାଇଲ ବାଜି ଉଠିଲା । ଅତର୍କିତ ଭାବେ ଦୌଡ଼ି ଯାଇ ଫୋନ ସଂଯୋଗ କଲା। ଭାସି ଆସିଲା ଏକ କରୁଣ କଣ୍ଠ ସ୍ୱର "ବାବୁରେ ଖାଇସାରିଲୁଣି" । "ହଁ, ଏବେ ଏବେ ଖାଇବା ସରିଲା , ମୋବାଇଲରେ ଚାର୍ଜ ନଥିଲା ତ, ଚାର୍ଜ ବସାଇ ଖଟରେ ଟିକେ ଗଡୁଥିଲି । ଆଉ ଟିକେ ପରେ ଫୋନ କରିଥାନ୍ତି । ତମେ ଖାଇ ସାରିଲଣି, ଦେହ କେମିତି ଅଛି ? ଆଉ ସୀମା କ'ଣ କରୁଛି ।" ସମୀର ପଚାରିଲା । ହଁ, ଭଲ, ସେ ଏଠି ବସିଛି ନେ ତା ସହ କଥା ହ, କହି କମଳା ଦେବୀ ଫୋନଟିକୁ ବଢ଼ାଇ ଦେଲେ ଝିଅ ସୀମା ହାତକୁ । "ହଁ ଭାଇ,କହ ତୁ କ'ଣ କରୁଛୁ, ଖାଇ ସାରିଛୁ, ତୋ ଦେହ କେମିତି ଅଛି, ଏ ବର୍ଷ ରାକ୍ଷୀ ପୂର୍ଣ୍ଣିମାକୁ ଘରକୁ ଆସିବୁନା ନାହିଁ ? ତୋ କଥା ବହୁତ ମନେ ପଡୁଛି । ଏଥର ଛୁଟିରେ ଆସିଲେ ପୁରୀ ଶ୍ରୀମନ୍ଦିର ଆଉ ସମୁଦ୍ର କୂଳ ବୁଲିବାକୁ ଯିବା, ଆଉ ଫେରିବା ବାଟରେ ମାମୁ ଘରକୁ ଯିବା । କେତେଦିନ ହେବ ବୋଉ ମାମୁ ଘରକୁ ଯାଇନି । ଆଗକୁ ରାକ୍ଷୀ ପୂର୍ଣ୍ଣିମା ଅଛି ସେ ବି ମାମୁ ପାଇଁ ରାକ୍ଷୀ କିଣିଛି ନେଇକି ଯିବ ବୋଲି। ତୁ କେବେ ଆସିବୁ ଯେ ?" । ଏମିତି ଅନେକ ପ୍ରଶ୍ନର ବର୍ଷା କରି ଦେଇ ଗଲା ସୀମା । "ଓଃ , ଏତିକି ନା ଆଉ କିଛି ପଚାରିବୁ, ଆଲୋ ହୁଣ୍ଡି ଏତେ ଗୁଡ଼ାଏ ପ୍ରଶ୍ନର ଉତ୍ତର କୋଉଠୁ ଆରମ୍ଭ କରିବି କହ । ହଁ ଲୋ ଚଣ୍ଡି, ଏଥର ପୂର୍ଣ୍ଣିମାକୁ ନିଶ୍ଚୟ ଯିବି । ନ ଗଲେ ମୋ ଗେହ୍ଲୀ ନାକ କାନ୍ଦୁରୀ ଶିଙ୍ଘାଣିନାକି ଭେଁ ଭେଁ କାନ୍ଦି ରୁଷିକି ଶୋଇବ ଯେ !! ଯେତେ ଯିଏ ଡାକିଲେବି ଉଠିବନି, ହଁ ତୋ ପାଇଁ ପୁଣି ମୋତେ ବାର କଥା ଶୁଣିବାକୁ ପଡ଼ିବ, ଗୋଟିଏ ବୋଲି ଭଉଣୀ, ଚାକିରିଟା ତା'ର ଏତେ ବଡ଼ ଯେ ସମ୍ପର୍କର ମୂଲ୍ୟ ବୁଝିଲାନି ଏମିତି କେତେ କଥା।

ISSN NO.
2582-208X

କହ ଏଥର ଗଲେ ତୋ ପାଇଁ କ'ଣ ନେବି ? ସମୀର ସୀମାକୁ ପଗ୍ଭରିଲା । "ନାଇଁ ଭାଇ, ମୋ ପାଇଁ କଛି ଆଣିବୁନ ତୁ ଖାଲି ଆସେ ଭଉଣୀ ସୁରକ୍ଷାର କବଚ ରାକ୍ଷୀ ତୋ ହାତରେ ବାନ୍ଧିବି, ମୋର ଆଉ କିଛି ଦରକାର ନାହିଁ"। "ନାଇଲୋ ହୁଣ୍ଡି କହ ତୋ ପାଇଁ କ'ଣ ନେବି, ତୁ ପରା ମୋ ଗେହ୍ଲି ଭଉଣୀ ତୋ ପାଉଣା ତୁ ନେବୁନି, ନଦେଲେ ପୁଣି ଗୋଡ଼ ବାଡ଼େଇ କାନ୍ଦିବୁ ବୋଉ ଆଗରେ ସଫେଇ ହେବୁ ଯ୍ୟା ଭାଇ ତା ଭଉଣୀକୁ ଯ୍ୟା ଦେଲା,ତା ଭାଇ ତାକୁ ତା ଦେଲା । ମୋ ଭାଇଯେ ମୋତେ କିଛି ଦେଲାନି । ନାଇଁ ତୁ କହ ତୋ ପାଇଁ କ'ଣ ନେବି ।" "ନାଇଁ ଭାଇ, ମୋର କିଛି ଦରକାର ନ ଥିଲା... ତୁ ଯଦି ନିହାତି ବାଧ୍ୟ କରୁଛୁ ତାହାଲେ ଶୁଣୁ, ମୋ ପାଇଁ ଗୋଟେ ହାତ ଘଣ୍ଟାଟେ ଆଣିବୁ ମୁଁ ପିନ୍ଧିକି କଲେଜ ଯିବି"। "ହଉ, ମୁଁ ପୂର୍ଣ୍ଣିମା ଦିନ ସକାଳେ ଯାଇ ପହଞ୍ଚୁଛି, ଗଲେ ପୁରୀ ଆଉ ମାମୁ ଘର ବୁଲିବାକୁ ଯିବା, ବୋଉକୁ କହିଦବୁ ସେ ବି ରେଡି ହୋଇଥିବ ଆମେ ସମସ୍ତେ କାର କରି ବୁଲିବାକୁ ଯିବା" । "ହଁ ଭାଇ, ତୁ ଫୋନ ରଖ ମୁଁ ବୋଉକୁ କହିଦେଉଛି " କହି ଫୋନ ଟିକୁ କାଟିଦେଲା ସୀମା । "ଆଲୋ ସୀମା, ଭାଇ କ'ଣ କହିଲା ଆସିବଟି ?" ପଚାରିଲା କମଳ। "ହଁ ବୋଉ, ଭାଇ ପୂର୍ଣ୍ଣିମା ଦିନ ସକାଳେ ଆସି ପହଞ୍ଚିବ,ଆସିଲେ ଆମେ ସମସ୍ତେ ଗାଡ଼ିରେ ପୁରୀ ଆଉ ମାମୁ ଘରକୁ ଯିବା ।"

ଝିଅ ସୀମାର କଥା ଶୁଣି କମଳା ଦେବୀଙ୍କର ପୁଅ ସମୀର କଥା ମନେ ପଡ଼ିଗଲା । ଏବେ ୨୨ ବର୍ଷର ଭେଣ୍ଡିଆ ସମୀର । କଲେଜରେ ପଢୁଥାନ୍ତା । ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଜିଲ୍ଲା ସ୍ତରରେ ପ୍ରଥମ ହୋଇଛି ସମୀର। ପରିବାର ଲୋକ ଖୁସିରେ ଫାଟିପଡୁଥାନ୍ତି, ଗ୍ଭରିଆଡୁ ଶୁଭେଚ୍ଛାର ସୁଅ । ବାପା, "ମୁଁ ପ୍ରଶାସନ ବିଭାଗରେ କାମ କରିବି, କଲେକ୍ଟର ହେବି, ଆମ ଭଳି ଗରିବ ଲୋକମାନଙ୍କ କଥା ବୁଝିବି" ସମୀର କହୁଥିଲା। ବାପା ମୂଲ ପାଣିକୁ ଯାଇ ଯାହା ଟଙ୍କା ଆଣନ୍ତି, କଷ୍ଟ ମଷ୍ଟେ ତେଲ ଲୁଣର ସଂସାର ଗ୍ଭଲିଛି । "ହେଇଟି ଶୁଣୁଛ, ଆମ ପିଲା ଦୁହେଁ ଭଲ ପାଠ ପଢ଼ି ହାକମ୍ ହେବେ, ତୁମେ ଦେଖିବ ଆମ ପୁଅ କଲେକ୍ଟର ହାକମ ହେବ ମଳ ମୁଣ୍ଡିଆ ଗରିବ ଲୋକଙ୍କ କଥା ବୁଝିବ। ଆଉ ମୁଁ ସାହିଯାକ ଲୋକଙ୍କୁ ମିଠା ବାଣ୍ଟିବି" କହି ଖୁସିରେ ଫାଟି ପଡୁଥିଲା ରାଧୁଆ। କନ୍ତୁ ଭାଗ୍ୟର ବିଡମ୍ବନା କଛି ଦିନ ପରେ ରାଧୁଆ ସଡ଼କ ଦୁର୍ଘଟଣାରେ ଇହଧାମ ତ୍ୟାଗ କଲା । କଞ୍ଚା ବୟସରେ କମଳା ହାତରୁ ଶଙ୍ଖା ଓ ମଥାରୁ ସିନ୍ଦୂର ଲିଭିଲା । ଘରେ

ISSN NO.
2582-208X

ଭେଣ୍ଡା ପୁଅ ଆଉ ବଢ଼ିଲା ଝିଅ । ପିଲା ଦୁହିଁଙ୍କୁ କପରି ମଣିଷ କରିବ ଭାବି ଭାବି କମଳା ଭାଙ୍ଗି ପଡ଼ିଲା । ସବୁକଛି ସ୍ୱାଭାବିକ ଥିଲା, ବିଧାତାର ନୟମ ତ ବଡ଼ ବିଚନ୍ଧ ପୁଣି କାୟା ବିସ୍ତାର କରି ମାଡ଼ି ଆସିଛି ମହାମାରୀ । କାମଧନ୍ଦା ସବୁ ବନ୍ଦ, ଏଭଳ ପରିସ୍ଥିତିରେ ସେ କ'ଣ କରିବ କଛି ଭାବି ପାରୁ ନଥିଲା। ଯନ୍ତ୍ରଣା ଭିତରୁ ଯେମିତି ଅନ୍ୟ ଏକ ସୃଷ୍ଟିର ସୂଚନା ମିଳେ ଠିକ୍ ସେହିପରି ଦାରୁଣ ଦୁଃଖ ଓ ଦୁର୍ଦ୍ଦଶା ଭିତରୁ ସମୀରକୁ ବଞ୍ଚିବାର ରାହା ମିଳଗଲା । କୁହନ୍ତୁ ଗୋଟେ ବାଟ ବନ୍ଦ ହୋଇଗଲେ ଭଗବାନ ଆଉ ଗୋଟିଏ ବାଟ ଖୋଲି ଦିଅନ୍ତୁ । ଦେବଦୂତ ସାଜି ସମ୍ପର୍କୀୟ ମାମୁ ଜଣେ ସମୀରକୁ ଗୋଟେ ଭଲ କମ୍ପାନୀରେ ନୟୁକ୍ତ କଲେ । ଭୋକର ଜ୍ୱାଳାକୁ ପୂରଣ ପାଇଁ ହେଉ ଅବା ସମୟର ପରିସ୍ଥିତିରେ ଦାଦନ ଖଟିବାକୁ ବାଧ ହେଲା ସେ । ଘରର ବୋଝ ମୁଣ୍ଡାଇବାକୁ ଯାଇ ପାଠ ପଢ଼ାରେ ଡୋରି ବାନ୍ଧି କମ୍ପାନୀ କାମରେ ବ୍ୟସ୍ତ ରୁହେ ସମୀର । ମନରେ ଇଚ୍ଛା ନଥାଇ ମଧ୍ୟ ଦୂରରେ ରହି ଦୁଃଖକୁ ସୁଖ ବୋଲି ଭାବି ଆଦରି ନିଏ ଦାଦନତାକୁ । ଦୂରରେ ଥିବା ପରିବାର ମନର ବ୍ୟଥା ଓ ପାଖରେ ଫେରି ପାଇବାର ବ୍ୟାକୁଳତା ତାକୁ ଅସ୍ଥିର କରୁଥିଲା। ଜୀବନ ଟା ହସକାନ୍ଦର ଲହୁଲୁହର ଏକ ମିଶ୍ରଣ । ଏଠି ଉତ୍ଥାନ ପତନ ସବୁ ବେଳ ପାଇଁ ଧରାବନ୍ଧା। ତେବେ ସୁଦ୍ଧା ସଂଗ୍ରାମ ଜାରି ରଖେ ମଣିଷ ବଞ୍ଚିବା ପାଇଁ । ରଙ୍ଗମଞ୍ଚ ଅଭିନୟ ସରିବା ପର୍ଯ୍ୟନ୍ତ। ସାତ ସୁରେ ଭାବରେ ବନ୍ଧା ଏ ଜୀବନ। ଏଠି ସପନ ସରେନା । ଆଶା ଅସୁମାରୀ ବୈତରଣୀ ନଦୀ । ଭାବିଭାବି କମଳା ଦେବୀଙ୍କ ନୟନ କୋଣରୁ ଦୁଇ ଧାର ଅଶ୍ରୁ ପହୁଥିବାର ଦେଖି ସୀମା ମାଆର ପଣତରେ ଲୁହ ପୋଛିଦେଲା। ।

ରାତି ପାହିଲେ ରାକ୍ଷୀ ପୂର୍ଣ୍ଣିମା । ସୀମାର ଆନନ୍ଦ କହିଲେ ନ ସରେ । ଗାଧୋଇ ପାଧୋଇ ସଫା ପୋଷାକ ବିନ୍ଧି ପୂଜା ଥାଳିରେ ଦୀପ, ଫୁଲ, ଚନ୍ଦନ, ସିନ୍ଦୂର, ଚାଉଳ, ହଳଦୀ, ରାକ୍ଷୀ, ପିଠାମିଠା ରଖି ଅନେଇ ବସିଛି ଭାଇର ଆସିବା ବାଟକୁ, ସକାଳୁ ଆସି ପହଞ୍ଚିବ ବୋଲି କହିଥିଲା ସେ। ବାରମ୍ବାର ଖାଲି ବାହାରକୁ ଯାଇ ଦେଖୁଛି । କମଳା ଦେବୀ ପୁଅ ପାଇଁ ଅନେକ ରକମର ଖାଦ୍ୟ ତିଆରି କରି ଚାହିଁ ବସିଛି ପୁଅକୁ । ଅନେକ ଦିନ ହେଲା ହାତ ରନ୍ଧା ଖୁଆଇନ । ପିଲାଟା କ'ଣ କୋଉଠି ଖାଉଥିବ । ତା ମନଲାଖି ମଣ୍ଡା ପିଠା ଗୁଡ଼ଳ ଖିରି କରିଛି । ଅନେକ ବେଳେ ହେଲାଣି କାଇଁ ଏ ପର୍ଯ୍ୟନ୍ତ ସମୀର ଆସିନ । ପୁଅର ବିଳମ୍ବତା ଦେଖି ମାଆ ମନରେ ଭୟରେ ଶଙ୍କା ପସିଲା। ଟେବୁଲ ଉପରେ ସଜା ହୋଇଥିବା ରାକ୍ଷୀ ଥାଳିକୁ ଦେଖୁ ଦେଖୁ କମଳାର ମନେ ପଡିଗଲା ଗତ ବର୍ଷ ଠିକ୍ ଏହି

ISSN NO.
2582-208X

ଦିନ ତାର ବଡ଼ ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ ଏମିତି ଥାଳି ସଜାଡି ବସିଥିଲା ସେ……। ରାକ୍ଷୀ ବନ୍ଧାବା ଯେପରି ଅଭିଶପ୍ତ ଥିଲା । ସବୁ ଆଶା ମଉଳି ଗଲା ।

ବାରମ୍ବାର ରାକ୍ଷୀକୁ ଦେଖୁଛି ସୀମା, ନୂଆ ପେନ୍ ପାଇଁ କିପରି ଭାଇଭଉଣୀ ଭିତରେ ବାଡ଼ିଆ ପିଟା ହେଉଥିଲେ । ଶେଷରେ "ମାଙ୍କେଡ଼ି ଯାଆ ତୁ ନେ ମୋର ଦରକାର ନାହିଁ" କହି ସମୀର ସୀମା ହାତକୁ ପେନଟି ବଢ଼ାଇ ଦେଲା। "ହଁ, ଯାଆରେ ମାଙ୍କଡ଼ ମୁଁ ଜିତିଗଲି" କହି ପେନ୍ ଧରି ତା ଚାରିପଟେ ନାଚି ନାଚି ତାକୁ ଚିଡ଼ାଉ ଥିଲା ସେ ଏମିତି ଅନେକ କଥା ମନେ ପଡ଼ିଲା ସୀମାର। ହଠାତ୍ କବାଟ ବାଡ଼େଇବା ଶବ୍ଦ ଶୁଣାଗଲା । ତଡିତ ଗତିରେ ଦୌଡ଼ି ଯାଇ କବାଟ ଖୋଲିଲା ସୀମା । "ରାଜୁ (ସମୀରର ସାଙ୍ଗ) ଭାଇ ତମେ ଆସିଲ ଭାଇ କାହିଁ, କହି ଚାରିଆଡ଼କୁ ଆଖି ବୁଲାଇଲା ସୀମା । କ'ଣ ଯେ ଭାଇ କିଛି କହୁନ କାହିଁକି । ତମ ସହିତ ଭାଇ ଆସୁଥିଲା ପରା,ସେ ପୁଣି କୁଆଡ଼େ ଗଲା, ମୁଁ କେତେବେଳୁ ତା ପାଇଁ ଅପେକ୍ଷା କରିଛି , ଆସୁ ସେ ତା ସହ ଆଉ କଥା ହେବିନି" କହି ମୁହଁ ବୁଲାଇ ଦେଲା ସୀମା । "ସେ ଆଉ କେବେ ଫେରିବନି ଲୋ ପାଗେଳି ଏଇ ନେ ପଢ଼" କହି ସୀମା ହାତକୁ ଏକ ଧଳା କାଗଜଟିଏ ବଢ଼ାଇ ଦେଲା ରାଜୁ । କାଗଜ ଖଣ୍ଡକ ଖୋଲି ପଢ଼ିଲା। ଥବ କିନା ତଳେ ବସିପଡ଼ିଲା ସେ। ସ୍ତବ୍ଧ ହୋଇଗଲା ସେ । ଗଙ୍ଗା ଯମୁନାର ସ୍ରୋତ ନୟନ କୋଣରୁ ଶ୍ରାବଣର ଧାରା ହୋଇ ବହି ଚାଲିଲା । କିଛି ସମୟ ପାଇଁ ସ୍ଥାଣୁ ପାଲଟି ଗଲା । ଏସବୁ କ'ଣ ଘଟିଗଲା ସେ କିଛି ବି ଭାବି ପାରୁନଥିଲା । ହାତରେ ଧରିଥିବା ରାକ୍ଷୀଟିକୁ ଚାହିଁ ଭୋ ଭୋ ହୋଇ କାନ୍ଦି ଉଠିଲା । ତାର ଆଖିର ଲୁହ ହୃଦୟର କୋହରେ ସ୍ନେହ ମମତାର ରାକ୍ଷୀଟା ଭିଜୁଛି ଆଉ ଭିଜୁଛି ।

ପୁରୀ

ISSN NO.
2582-208X

# ଶ୍ରୀକୃଷ୍ଣଙ୍କ ପ୍ରତି କର୍ଣ୍ଣଙ୍କ ଉକ୍ତି



ଦେବାଶିଷ ଦାସ

ଜୟ ଲକ୍ଷ୍ମୀପତି ହର ମୋ ଦୁର୍ଗତି
କ ବୁଦ୍ଧି କରିବି ମୁହିଁ ?
ଭବ-ଜଳଧିରେ ଭାସି କାଳ-ନୀରେ
ସାହା ପାଇଁ କେହି ନାହିଁ ।।୧।।

କେଉଁ ଜନମରେ କ ପାପ କଲି ମୁଁ
ଏ ଜନ୍ମେ ଭୋଗିଲି ତାହା
ତୁମ୍ଭବିନା ପ୍ରଭୁ କେହି ନାହିଁ ମୋର
କରିବାକୁ ଟିକେ ଆହା ।।୨।।

ଜନ୍ମହେବା କ୍ଷଣି ମାତା ମୋର ପୁଣି
ଭସାଇ ଦେଲ୍ ଜଳର
ଅବୈଧସ ନ୍ତାନ ହୋଇ ଜନ୍ମହେବା
ଦୋଷ ଥିଲ୍ କ ମୋହର ? ।।୩।।

ଦ୍ରୋଣ ଗୁରୁବର କରି ତିରସ୍କାର
ଶିଷ୍ୟ କଲେ ନାହିଁ ମୋତେ
ପର୍ଶୁରାମ ଶିକ୍ଷା ଦେଲେଟି ଅବଶ୍ୟ
ଅଭିଶାପ ଦେଲେ କୋପେ ।।୪।।

ISSN NO.
2582-208X

ସେଦିନ ଦ୍ରୌପଦୀ ସ୍ୱୟଂବର ସଭା
ମନେ ହେଜ ଜଗନ୍ନାଥ
ବ୍ରାହ୍ମଣ, କ୍ଷତ୍ରୀୟ ନୁହେଁ ବୋଲି କେତେ
ନୋହିଛି ଅପମାନିତ ? ।।୫।।

ଜନ୍ମମୃତ୍ୟୁ କାହା ହାତରେ ନଥାଏ
କର୍ମଟି ଥାଏ ଅବଶ୍ୟ
କରମ ବଳରେ ଏ ଧରାଧାମରେ
ପ୍ରତିଷ୍ଠା ହୁଅଇ ଯଶ ।।୬।।

ଜୟନ୍ତପୁର, ସମ୍ବଲପୁର
ଯୋଗାଯୋଗ - ୯୯୩୭୭୭୦୧୪୭୫

ISSN NO.
2582-208X

# ଆସିଅଛି ନୂଆଖାଇ



ଜୟନ୍ତ କୁମାର ମଲ୍ଲିକ୍

କେତେ ଖୁସି ନେଇ ସଜବାଜ ହୋଇ
ଆସିଅଛି ନୂଆଖାଇ
ତା'ପାଇଁତ ଚଳ ଚଞ୍ଚଳ ଲାଗଇ
ଖୁସିରେ ନାଚେ ମୋ ଭାଇ ।
ବାପା ଆଣିଛନ୍ତି ଭୁବନେଶ୍ୱରରୁ
ତା'ପାଇଁ ପେଏଣ୍ଟ ଜାମା
ପାଇକମାଳରୁ ନୂଆ ଢ଼ିଙ୍କି ଚୁଡ଼ା
ପଠାଇଛି ଆମ ମାମା ।
ମହମହ ହୋଇ ବାସୁଛି ଘରଟା
ନୂଆଖାଇ ନୂଆଖାଇ
ନୂଆ ନୂଆ ଭାବ ଉଡ଼ି ବୁଲୁଅଛି
ସହରରୁ ଆମ ସାଇ ।
ମା ସମଲେଇ ପାଶେ ଭୋଗହେବ
ନୂଆ ଚୁଡ଼ା ନୂଆ ଅନ୍ନ
ପୁରୁଣା ଦିନର କଥାକୁ ଭାବିକି
ଶିହରି ଉଠୁଛି ମନ ।

ଏ ବରଷ ଆସ ଖୁସିରେ ପାଳିବା
ନୂଆଖାଇ ମିଳିମିଶି
ଭକତି ଭାବରେ ଇଷ୍ଟଙ୍କୁ ଆମର
ପୂଜିବାତ ଦିବାନିଶି ।

ଶୂରଡିହ ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ମୁକ୍ତି



ଜୟଲକ୍ଷ୍ମୀ ସେଠୀ

ସେତୁବନ୍ଧ ପ୍ରତିଷ୍ଠା ସରିଲା ପରେ ମହାପ୍ରଭୁ ଶ୍ରୀରାମ ରାବଣଙ୍କୁ ଅନେକ ପ୍ରକାର ଦାନ ଦେଇ କହୁଛନ୍ତି, ହେ ରାବଣ ତୁମ୍ଭେ ଦକ୍ଷିଣା କଣ୍ ନବାକୁ ଚାହୁଁଛ କୁହ । ରାବଣ ପ୍ରଭୁଙ୍କର କଥା ଶୁଣି କହିଲେ ହେ ଦଶରଥ ନନ୍ଦନ ଦିବ୍ୟ ପୁରୁଷ କୃପା ଯଦି କରୁଛନ୍ତି ତେବେ ଦୁଇଟି ଅକ୍ଷର ଥିବା ଶବ୍ଦ ଦକ୍ଷିଣା ଦରକାର ପ୍ରଭୁ ।

ଦକ୍ଷିଣା......!! ପୁଣି ଦୁଇଟି ଅକ୍ଷରର ଶବ୍ଦ.......!

ଶବ୍ଦଟି ରାମ ନୁହଁ ତ .....???

କଥାଟି ଯେମିତି ମହାପ୍ରଳୟ ସୃଷ୍ଟି କରିଦେଲା ଲକ୍ଷ୍ମଣଙ୍କ ଭାବ ମନ୍ଦିର ରେ, ଶୁଣୁ ଶୁଣୁ ଲକ୍ଷ୍ମଣ ଚେତା ହରାଇଦେଲେ । ପୁଣି ଚେତା ପାଇ ମନେ ମନେ ଶ୍ରୀରାମଙ୍କୁ ଆକୁଳ ବିକଳ ହୋଇ ବିନତି କଲେ, ହେ ପରମପୁରୁଷ, ମାତା ସୀତାଙ୍କୁ ଚୋରି କରି ଯେତେ ଦୁଃଖ ଦେଇଛି, ତାକୁ ସହିପାରୁନାହିଁ । ପୁଣି ଏମିତି କଣ ଦକ୍ଷିଣା ମାଗୁଛନ୍ତି ଦଶାନନ । ଆଉ କିଛି ଭାବିପାରିଲେନି ଲକ୍ଷ୍ମଣ । ପୁଣି ଚେତାଶୂନ୍ୟ ହୋଇଗଲେ । ଶ୍ରୀରାମ ନିଜ କୋଳକୁ ଲକ୍ଷ୍ମଣଙ୍କୁ ନେଇ କହିଲେ, ଅନୁଜ ଲକ୍ଷ୍ମଣ ତୁମ୍ଭେ ବ୍ୟସ୍ତ ହୁଅ ନାହିଁ । ଧର୍ମର ପ୍ରତିଷ୍ଠା ପାଇଁ ମୁଁ ଅବତାର ନେଇଅଛି । ସୀତାଙ୍କୁ ଚୋରିକରି ନେବାପରେ ମଧ୍ୟ ରାବଣ, ସେତୁବନ୍ଧ ପାଇଁ ପୁରୋହିତ କାର୍ଯ୍ୟ କରିବାକୁ ଆମ୍ଭମାନଙ୍କ ନିମନ୍ତ୍ରଣ ରକ୍ଷା କରି ଆସିଛନ୍ତି । ଆମ୍ଭେ ଯଦି ଦକ୍ଷିଣା ନ ଦେବା ତେବେ ଧର୍ମ ଦ୍ରୋହୀ ହୋଇଯିବା । ରାବଣ କେବଳ ଦୁଇଟି

ISSN NO.
2582-208X

ଅକ୍ଷର ଥିବା ଶବ୍ଦ ରେ ଦକ୍ଷିଣା ମାଗିବ । ତେଣୁ ବ୍ୟସ୍ତ ନ ହୋଇ ତୁମ୍ଭେମାନେ ଦୂରକୁ ଚାଲିଯାଅ । ସେ ଏକାନ୍ତରେ କହିବାକୁ ଇଚ୍ଛା କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ କଥା ରଖି ଉପସ୍ଥିତ ଥିବା ହନୁମାନ, ନଳ, ଜାମ୍ବବ, ସୁଶେଣ, ସୁଗ୍ରୀବ ଓ ବାନର ସେନା ଆଦି କିଛି ଦୂରକୁ ଚାଲିଗଲେ । ତାପରେ ରାମ କହିଲେ ଏବେ କୁହ ରାବଣ, ତୁମ୍ଭେ କଣ ଦକ୍ଷିଣା ନେବାକୁ ଚାହୁଁଛ । ରାବଣ ଚାରିପାଖକୁ ଆଖି ବୁଲେଇଦେଲେ । କାଳେ କିଏ ତାଙ୍କର ଦୁର୍ବଳତାକୁ ଦେଖି ପକାଇବ । ସମସ୍ତେ କିଛି ଦୂରରେ ଥିବାର ଦେଖି, ନିର୍ଭୟରେ ରାବଣ ମହାପ୍ରଭୁଙ୍କ ଶ୍ରୀପାଦ ଧରି କାନ୍ଦି ବାକୁ ଲାଗିଲେ । ବିକଳ ରେ କହିଲେ ହେ ଅନ୍ତର୍ଯ୍ୟାମୀ ତୁମ୍ଭଙ୍କୁ ମୋ ହୃଦୟ ଇଚ୍ଛା କଣ ଅଛପା ଠାକୁରେ । ମହାପ୍ରଭୁ ମୃଦୁ ଅଧରରେ ଚାହିଁ ରହିଥିଲେ ରାବଣକୁ । ଦଶାନନଙ୍କ ଚକ୍ଷୁରୁ ଝରି ଯାଉଥିଲା ଅବାରିତ ଅଶ୍ରୁ । ହସ୍ତ ଯୋଡି ବିନତି ବାଢୁଥିଲେ ହେ ଇଶ୍ୱର ପରଂବ୍ରହ୍ମ,

ମୁକ୍ତି ମୋର କାମନା
ମୁକ୍ତି ଅଟେ ମୋ ଦକ୍ଷିଣା

ଦିଅ ରାଜିବଲୋଚନ ଏହି ମୋ ପାଉଣା ହେ ପରମାତ୍ମା ଅଖିଳ ବ୍ରହ୍ମାଣ୍ଡ ପତି କରୁଣାକର କୃପାକରି ରାକ୍ଷସ ଜନ୍ମରୁ ଉଦ୍ଧାର କରି ପୁଣି ତୁମ୍ଭରି ଦ୍ୱାରପାଳ ରଖିଦିଅ ଠାକୁରେ । ଅପବାଦର ବୋଝ ନାନାପ୍ରକାର ନିନ୍ଦା ମୋତେ ମର୍ମାହତ କରିଦେଲାଣି ମହାପ୍ରଭୁ । ଜଗତ ଇଶ୍ୱର ମୋର ତୁମ୍ଭ ପାଦ ତଳେ ଭିକ୍ଷା ଦୁଇ ଅକ୍ଷର ଶବ୍ଦ ହେଲା ମୁକ୍ତି .......!!!!!

ହେ ଶ୍ରୀରାମ ପୁରୁଷ ପୁରାଣ କୃପାକରି କ୍ଷମା କରି ମୋକ୍ଷ ପ୍ରଦାନ କର କରୁଣାକର । ମାୟା ସଂସାର ଭିତରେ ବାନ୍ଧିହୋଇ ଅନେକ ଦୁଃଖ ଭୋଗ କରିସାରିଲିଣି । ଆଉ କିଛି ଲୋଡା ନାହିଁ ଜଗନ୍ନାଥ ଶ୍ରୀହରି । କେବଳ ତୁମ୍ଭ ହାତରେ ମୋର ମୃତ୍ୟୁ ହେଲେ ମୁକ୍ତି ପାଇଯିବି । ଏତିକି କରୁଣା କରିଦିଅ ଜାନକୀ ପତି ଦିବ୍ୟପୁରୁଷ । ଭକ୍ତି ର ପରମ ସୋପାନ .... ମୁକ୍ତି ଏହା ହିଁ ମୋର କାମ୍ୟ ପ୍ରଭୁ ।

ଶ୍ରୀରାମ ମୁଚୁକି ମୁଚିକି ହସୁ ହସୁ କହିଲେ, ହେ ରାବଣ ତୁମ୍ଭେ ମୋର ଅତିପ୍ରିୟ ଭକ୍ତ । ତୁମ୍ଭରି ମୁକ୍ତି ପାଇଁ ତ ମୋର ଅବତାର । ତେବେ କିଛି ଶୋଚନା ନ କରି ନିଶ୍ଚିନ୍ତରେ

ISSN NO.
2582-208X

ଯାଅ। ଆଉ କିଛି ଦିନ ପରେ ତୁମ୍ଭର ଇଛା ପୂର୍ଣ୍ଣ ହୋଇଯିବ । ରାବଣ ପ୍ରଭୁଙ୍କର ଅଭୟ ବାଣୀ ଶୁଣି ଲୁହ ପୁଛି ଶ୍ରୀପାଦରେ ଅନେକ ପ୍ରଣାମ କରି ପ୍ରଭୁଙ୍କ ଠାରୁ ବିଦାୟ ନେଇ ରଥରେ ବସି ଚାଲିଗଲେ । ଭକ୍ତ ଭକ୍ତିର ଅପୂର୍ବ ଲୀଳାକୁ ଲକ୍ଷ୍ମଣଙ୍କ ସହିତ ଅନ୍ୟମାନେ ମନଭରି ଉପଭୋଗ କରୁଥିଲେ ।

ବିଶେଷକରି ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହୋଇପଡିଲେ । ଯାହାଙ୍କୁ ଶତୃବୋଲି ଘୃଣା କରୁଥିଲି ସେ ପୁଣି ମୋ ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ । ଅତି ବିନୟ ରେ ପୁରାଣ ପୁରୁଷଙ୍କୁ ଅନାଇ ରହିଥିଲେ ଲକ୍ଷ୍ମଣ । ସବୁ ଶବ୍ଦ ଯେମିତି ହଜିଯାଇଥିଲା ।

ସଂଯୋଜିକା,ସମ୍ପାଦିକା, ଔପନ୍ୟାସିକା, ଗାଳ୍ପିକା,କବି
ଚୌଦ୍ୱାର, କଟକ

ISSN NO.
2582-208X

# ପ୍ରିୟଜନ



ତ୍ରିପତି ପ୍ରଧାନ

ଏମାୟା ସଂସାର
ନୁହଁ କିଏ ପ୍ରିୟ
ଚିର ପ୍ରିୟ ଦାମୋଦର
ସମୟର ସ୍ରୋତେ
ପ୍ରିୟ ଜନ ଆସେ
ଯାଏ ଦେଇ ଲୁହ ଧାର (୧)
ବାଳୁତର କାଳେ
ଥିଲେ ମାଆ କୋଳେ
ନିଜର ଆଉକେ ଲୋଡ଼ା
ସଭା ସମିତିରେ
ବାପା ପାଖେ ଥିଲେ
ହାରିବା ନ ଥାଏ ଥୋଡା (୨)
ବିଦ୍ୟା ଅରଜନ
ଗୁରୁ ପ୍ରିୟଜନ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଅଜ୍ଞାନ ଅନ୍ଧାର
କରିଦ୍ୟନ୍ତି ଦୂର
ସଦବୁଦ୍ଧି କର୍ମ ମହୀର (୩)

ISSN NO.
2582-208X

ପ୍ରେମିକା ବାସରେ
ଯୁବା ଅବସ୍ଥାରେ
ମଧୁ ପାନେ ହୋଇ ମତ୍ତ
ତା ନେତ୍ର ଚାହାଣୀ
ନିଏ ମନ କିଣି
ପ୍ରିୟା ପ୍ରିୟତମା ସେତ (୪)
ବିଦେଶ ବାସରେ
ଧନ ଅର୍ଜନରେ
ନିଜ ବିଦ୍ୟା ଶ୍ରେଷ୍ଠ ବନ୍ଧୁ
ଶରୀରେ ରୋଗର
ଅତି ଆପଣାର
ଚିକିତ୍ସକ ପ୍ରାଣବନ୍ଧୁ (୫)
ଦେବ ଦିଆଇବ
ଦାନାହିଁ କରିବ
ମରଣର ପ୍ରିୟ ସିଏ
ଦୀନ ଜନ ସେବା
ଭବେ ମନଲୋଭା
ସଦା ପ୍ରିୟଜନ ହୁଏ (୬)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ସେ ପୁଅ କ ଜଗତଜିତା



ଜନ୍ମଜୟ ନାୟକ

ମାଆର ସେନେହ ମମତାର ମୂଲ
ବୁଝିଲାନି ଗେହ୍ଲା ପୁଅ,
ସାଜି ଅଫିସର କରିଦେଲା ପର
ପଣତ ଭିଜାଏ ଲୁହ।

ବିଶାଳ ମହଲ ପୁଅର ଠିକଣା
ଅଲୋଡା ସାଜିଛି ମାଆ,
କୋହରେ କାନ୍ଦଇ ପାରୁନାହିଁ ସହି
ଖୋଜି ପାଉନାହିଁ ରାହା।

ମାଆ ବାପା କଥା ମନରୁ ପାଶୋରି
ପୁଅ ତ ଜଗତଜିତା,
ଜରାନିବାସରେ ମୃତ୍ୟୁ ପ୍ରତୀକ୍ଷାରେ
ରହିଛନ୍ତି ପିତାମାତା ।

ରୋଗିଣା ବାପାର ବିକଳ ରଡିରେ
ଭାଙ୍ଗେ ନିଶି ନୀରବତା,
ଭାଗ୍ୟ ତାଡନାରେ ମଥା ପିଟି ଝୁରି
ମାଆ ଖୋଜୁଛି ମମତା।

ବିଧାତା ବିଧାନ ଲଲାଟ ଲିଖନ
ଏମିତି ଦାରୁଣ ସାଜି,
ସଂପର୍କର ମୂଲ ବୁଝିଲାନି ପୁଅ
ବିଳାସେ ଜୀଉଁଛି ଆଜି ॥

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ବୈଷ୍ଣବ ଚରଣ ଦାସଙ୍କ "ମନେ ମନେ"



ସତ୍ୟବ୍ରତ ଦାସ

ଭଦ୍ରକ ସହରସ୍ଥିତ ବଙ୍କ ସାହିରେ ଜନ୍ମିତ ଔପନ୍ୟାସିକ ବୈଷ୍ଣବ ଚରଣ ଦାସଙ୍କ ପିତା ପ୍ୟାରିମୋହନ ପଟ୍ଟନାୟକ ଓ ମାତା ଶାରଦା ଦେବୀଙ୍କ ପୁତ୍ରମାନେ ପିତାଙ୍କ ଇଚ୍ଛା ଅନୁସାରେ ପଟ୍ଟନାୟକ ସଂଜ୍ଞା ପରିବର୍ତ୍ତନ କରି ଭଗବାନଙ୍କ ଦାସ ରୂପେ ବା ସେବକ ରୂପେ ନିଜକୁ ବିବେଚିତ କରୁଥିଲେ । ତେଣୁ ଦାସ ସଂଜ୍ଞାରେ ପରିଚିତ ହୋଇଥିଲେ । ଗ୍ରାମ ଗୃଟଶାଳୀରେ ଶିକ୍ଷା ଶେଷପରେ ଭଦ୍ରକସ୍କୁଲରେ ଅଧ୍ୟୟନ ଏବଂ ୧୯୧୬ ଏଣ୍ଟ୍ରାନ୍ସ ବା ପ୍ରବେଶିକା ପରୀକ୍ଷାରେ ସରକାରୀ ବୃତ୍ତି ଲାଭ ସହ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ରେଭେନ୍ସା କଲେଜରେ ଅଧ୍ୟୟନ କରିଥିଲେ ଏବଂ ଇଂରାଜୀ ଭାଷା ସାହିତ୍ୟରେ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୨୩ ମସିହାରେ ସ୍ନାତକୋତ୍ତର, ପରେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । ରେଭେନ୍ସାରେ ଛାତ୍ର ଥିବାବେଳେ ହଷ୍ଟେଲରେ କଲେରା (ହଇଜା) ରେ ଆକ୍ରାନ୍ତ ହେବାରୁ ସୁବାଷ ଚନ୍ଦ୍ର ବୋଷ ତାଙ୍କର ଆରୋଗ୍ୟ ହେବା ପର୍ଯ୍ୟନ୍ତ ସେବା କରିଥିଲେ ।

ସ୍ନାତକୋତ୍ତର ପରେ ବିହାର-ଓଡ଼ିଶା ପୋଲିସ ସେବାରେ ଯୋଗଦାନ କରି ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ (ଡି.ଏସ୍.ପି ) ଭାବରେ କଟକରେ ପ୍ରଥମ ନିଯୁକ୍ତି ପାଇଥିଲେ । ପରେ ବିହାରର ମୁଙ୍ଗେରକୁ ସ୍ଥାନାନ୍ତର ହୋଇଥିଲେ । ମୟୂରଭଞ୍ଜ ଜିଲ୍ଲାର ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ନିଜ ଜିଲ୍ଲାର ପୋଲିସ ବାହିନୀକୁ ତାଲିମ ଦେବାପାଇଁ ବୈଷ୍ଣବ ଚରଣ ଦାସଙ୍କୁ ନିମନ୍ତ୍ରଣ କରିବା ପରେ ରାଜ୍ୟ ସରକାରଙ୍କ ସମ୍ମତି କ୍ରମେ

ISSN NO.
2582-208X

୧୯୩୦-୩୬ ମସିହା ପର୍ଯ୍ୟନ୍ତ ତାଲିମ୍ ପ୍ରଦାନ କରିଥିଲେ । ପରେ ବିହାରରୁ ଫେରିଆସି ଗଞ୍ଜି ଏବଂ କଟକରେ ଡି. ଏସ୍.ପି. ଭାବରେ କାର୍ଯ୍ୟ କରି ୧୯୪୭ ମସିହାରେ ଡି.ଆଇ.ଜି. (ସି.ଆଇ.ଡି.) ଭାବରେ କଟକରେ ଅବସ୍ଥାପିତ ହେଲେ । ପୁଣି ୧୯୫୩ ମସିହାରେ ପଦୋନ୍ନତି ହୋଇ ଆଇ.ଜି ପଦବୀରୁ ଅବସର ନେଇଥିଲେ ।

ଭାରତୀୟ ପୋଲିସ୍ ବାହିନୀର ଦକ୍ଷ ପୋଲିସ୍ ଅଧିକାରୀ ଭାବରେ ଲଣ୍ଡନର ବଙ୍କିମହାମ୍ ପ୍ୟାଲେସରୁ ପଦକ ଓ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା । ଲଣ୍ଡନର ବ୍ରିଟିଶ୍ ଏମ୍ପାୟାର ଲିଗ୍ୟୁ ତରଫରୁ ଗ୍ରାଣ୍ଡ ଫିଲଡ୍ ମାର୍ଶାଲ ଲର୍ଡ ମିଲେନଙ୍କ ଦ୍ୱାରା ମଧ୍ୟ ଅଭିନନ୍ଦନ ପତ୍ର ପ୍ରଦାନ କରାଯାଇଥିଲା । ତାହା ଥିଲା ଓଡ଼ିଶା ତଥା ସମଗ୍ର ଭାରତ ପାଇଁ ଗୌରବର ବିଷୟ । ସେହିପରି ପ୍ରତିବର୍ଷ କୋରାପୁଟ, ଜୟପୁର ମହାରାଜାଙ୍କ ଦ୍ୱାରା ଲାଖ ବିନ୍ଧା ପ୍ରତିଯୋଗିତାରେ ଯୋଗ ଦେଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ ।

ଜଣେ ପୋଲିସ୍ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ ହେଁ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନାରେ କରି କେତେକ ଗଳ୍ପ 'ଉତ୍କଳସାହିତ୍ୟ'ରେ ପ୍ରକାଶ ପାଇଥିଲା। ୧୯୨୬ - ୨୭ ମସିହାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ପରୀକ୍ଷାଧର୍ମୀ ଉପନ୍ୟାସ 'ବାସନ୍ତୀ'ର ଲେଖା ଆରମ୍ଭ ହୋଇ ୯ଜଣ ଲେଖକ ଲେଖିଥିଲେ । ଶେଷ ଅଧ୍ୟାୟ ଟି ବୈଷ୍ଣବ ଚରଣ ଦାସ ଲେଖିଥିଲେ । ଏତଦ୍ ବ୍ୟତୀତ ମନସ୍ତାତ୍ତ୍ୱିକ ଉପନ୍ୟାସ 'ମନେମନେ' ଗଳ୍ପ ମାଷ୍ଟ୍ରାଣୀ, ଅଦ୍ୱିତୀୟା, ପାଗଳା ରହିମ୍, ନାଟକ ପଦ୍ମାବତୀ, କବିତା- ବିଳାପ, ଆଶିଷ ମଣି, ଗୀତି କବିତା - ଭାରତ ଜୀବନୀ, ୧୯୨୭ ମସିହାରେ ପ୍ରକାଶିତ ହୋଇଥିଲା ।

ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତର ପ୍ରଥମ ମନସ୍ତାତ୍ତ୍ୱିକ ଉପନ୍ୟାସ ଭାବରେ ଔପନ୍ୟାସିକ ବୈଷ୍ଣବ ଚରଣ ଦାସଙ୍କ ଦ୍ୱାରା ରଚତ 'ମନେ ମନେ' ୧୯ ୨୬କୁ ଗ୍ରହଣ କରାଯାଏ। ମନେମନେ ଉପନ୍ୟାସର କଥାବସ୍ତୁକୁ ୪ ଖଣ୍ଡରେ ବିଭକ୍ତ କରାଯାଇ ଶେଷ ଖଣ୍ଡର ନାମକରଣ କରାଯାଇଛି 'ମନେମନେ'। ନୀଳୁ ଓ କନକ ଏହି ଉପନ୍ୟାସର ନାୟକ-ନାୟିକା ଭାବେ ବିବେଚତ । ପିଲାଟି ଦିନରୁ ଦୁହେଁ ଗୋଟିଏ ପରିବେଶ ଭିତରେ ଆବଦ୍ଧ ହୋଇଛନ୍ତି । ନୀଳୁ ଗୋଟିଏ ଅସହାୟ ଗରିବ ବାଳକ ହେତୁ ଭିଣେଇ ନତେଇ ବାବୁଙ୍କ

ISSN NO.
2582-208X

ଘରେ ରହି ପାଠ ପଢେ । ନଳୁ ଓ କନକର ପିଲାଦିନର ବାଲ୍ୟ ସଂପର୍କ ପରିଣତ ବୟସରେ ପ୍ରେମର ରୂପ ନେଇଛି । ନୀଳୁ ପାଠ ପଢିବା ପାଇଁ କଟକ ଯିବା ଭିତରେ ନଧିବାବୁଙ୍କ ସହିତ କନକର ବିବାହ ସଂପନ୍ନ ହେବା ଏବଂ ନୀଳୁ କଟକରୁ ଫେରି ଏକଥା ଜାଣିପାରି ମଧ୍ୟ ବିଧିର ବିଧାନ ଆଗରେ ହାର୍ ମାନି କନକର ବିବାହରେ ବରଧର୍ ହେବାକୁ ବାଧ୍ୟ ହୋଇଛି । କି ବିଚିତ୍ର ବର୍ଣ୍ଣନା, ସତରେ କି ବିଚିତ୍ର ଲୀଳା, ଏଭଳି ପରିସ୍ଥିତି ଦେଇ ଗତି କରିବା ଏବଂ ଗତି କରିଥିବା ବ୍ୟକ୍ତିର ଦୁଃଖ କେବଳ ସେ ହିଁ କହିପାରିବ, ଜଣେ ପ୍ରେମିକ ପାଇଁ କେତେ ଯେ କଷ୍ଟ ଆଉ ହୃଦୟକୁ କେତେ କଷ୍ଟ ଦେଇଥାଏ ।

ପୁଣି ଥରେ କନକର ନଣନ୍ଦ ରଙ୍ଗୀ ସହିତ ନୀଳୁର ବିବାହ ପ୍ରସ୍ତାବକୁ ନୀଳୁ ପ୍ରତ୍ୟାଖ୍ୟାନ ଜନିତ ଦୁଃଖରେ ରଙ୍ଗୀ ଭାଙ୍ଗିପଡିବା ଘଟଣା ଏବଂ ନଧିବାବୁ କନକ ମଧ୍ୟରେ ମାନୋମାଳିନ୍ୟ ହେତୁ ଅଲଗା ହେବା, ନୀଳୁ କଲିକତା ଚାଲିଯିବା ପୁନଶ୍ଚ କଟକ ଫେରି ଶଯ୍ୟାଶାୟୀ କନକର ଶେଷଇଚ୍ଛାରେ ରଙ୍ଗୀର ହାତଧରି ଉପନ୍ୟାସଟିକୁ ଏକ ମନସ୍ତାତ୍ତ୍ୱିକ ରୂପ ଦେଇଛି । ମନ ଭିତରେ ଥିବା କୋହ, ଭାବର ସଂଗ୍ରହକୁ ଲେଖକ ବୈଷ୍ଣବ ଚରଣ ଦାସ ବେଶ୍ ସୁନ୍ଦରତାର ସହକାରେ ନିଜର ମନକୁ ସମୀକ୍ଷା କରି ଉପନ୍ୟାସଟିକୁ ସାର୍ଥକ ରୂପେ ପ୍ରତିପାଦିତ କରିପାରିଛନ୍ତି ।

ନୀଳୁ, କନକ ଏବଂ ରଙ୍ଗୀ ଏହି ୩ ଗୋଟି ଚରିତ୍ରକୁ କେନ୍ଦ୍ରକରି ଚରିତ୍ରମାନଙ୍କ ମାନସିକ ପ୍ରତିକ୍ରିୟାକୁ ଉପସ୍ଥାପିତ କରି ପ୍ରେମର ଜୁଆର ସୃଷ୍ଟି କରିଛନ୍ତି ଔପନ୍ୟାସିକ ବୈଷ୍ଣବ ଚରଣ ଦାସ । ବିବାହ ପାଇଁ ନୀଳୁର ପ୍ରତ୍ୟାଖାନରେ ରଙ୍ଗୀ ମନରେ ଥିବା ଯେଉଁ ରୋମାଣ୍ଟିକ ଆବେଗ ସୃଷ୍ଟି ହୋଇଥିଲା ତାହା ନୈରାଶ୍ୟବୋଧରେ ରୂପାନ୍ତରିତ ହୋଇ ମନ ରୋଗାକ୍ରାନ୍ତ ହେବା କି ବିଚିତ୍ର ଦୃଶ୍ୟ । ମନ ଧୀରେ ଧୀରେ ଦୁର୍ବଳ ହୋଇ ପଡିବା ସଙ୍ଗେ ସଙ୍ଗେ ମନର ଅକୁହାକଥାର ବର୍ଣ୍ଣନା ସହିତ କନକ ଠିକ୍ ସମୟରେ ନୀଳୁଭାଇ ପ୍ରତି ଥିବା ସ୍ନେହ, ପ୍ରେମ, ଭଲପାଇବାକୁ ମନେପକାଇ ମନକୁ ରୋଗାକ୍ରାନ୍ତ କରିଛି । ମାତ୍ର ନୀଳୁକୁ ଶେଷ ସମୟରେ ଦେଖି କନକର ମନ ପୂରି ଉଠିଛି ।

'ମନେମନେ' ଉପନ୍ୟାସଟି ୧୯୨୬ ମସିହାରେ ରଚିତ ହେବା ପୂର୍ବରୁ ୧୯୦୩ ମସିହାରେ ଗୋପାଳ ବଲ୍ଲଭ ଦାସଙ୍କ ଦ୍ୱାରା ରଚିତ 'ଭୀମାଭୂୟାଁ' ଉପନ୍ୟାସଟିରେ ମନର କିଛି ଭାବକୁ

ISSN NO.
2582-208X

ପ୍ରକାଶ କରେ । ଭୀମାର ଚନାମାଳ ପ୍ରତି ପ୍ରେମାସକ୍ତ ହେବା ଘଟଣାକ୍ରମରେ ବିବାହ କରି ନ ପାରି ମନ ଭିତରେ ମନର କଥାକୁ ଲୁଚେଇ ରଖିବା, ବଡ଼ ଭାଇ ଓ ବାପା ବନ୍ଦୀ ହୋଇ ମୃତ୍ୟୁ ଦଣ୍ଡ ପାଇବା ଘଟଣା ଶୁଣିବା ପରେ ଭୀମା ମନରେ କ୍ଷୋଭର ଦ୍ୱନ୍ଦ ସୃଷ୍ଟି ହୋଇଛି, ସେ ସବୁକୁ ଲକ୍ଷ୍ୟ କଲେ ଆମେ କହିପାରିବ ଯେ ଏହା ଗୋଟିଏ ମନସ୍ତାତ୍ୱିକ ଉପନ୍ୟାସ ବୋଲି । ପୁଣି ରାଜଜେମା ଓ ଭୀମା ପରସ୍ପର ଭିତରେ ମନର ଯେଉଁ ମିଳନ ଘଟିଛି ତାହାକୁ ଲକ୍ଷ୍ୟ କଲେ ଆମେ ମଧ୍ୟ କହି ପାରିବା ଯେ ଏହା ନ ଏକ ମନସ୍ତାତ୍ତ୍ୱିକର ଉଦାହରଣ ଅଟେ । ମାତ୍ର ଏହାକୁ ମନସ୍ତାତ୍ତ୍ୱିକ ଉପନ୍ୟାସ କୁହାଯାଇପାରିବ ନାହିଁ । ଏହା ହେଉଛି ଏକ ଆଦିବାସୀ ଜୀବନୀ ଭିତ୍ତିକ ସାମାଜିକ ଉପନ୍ୟାସ ।

ପ୍ରେମର ନୈରାଶ୍ୟ ହେତୁ ନଜର ଅନଚ୍ଛା ସତ୍ତ୍ୱେ ପ୍ରେମିକା କନକର ଶେଷ ଇଚ୍ଛାକୁ ପୂରଣ କରିବା ପାଇଁ ରଙ୍ଗୀକୁ ବିବାହ କରିବାକୁ ରାଜି ହୋଇଛି ନୀଳୁ । ରଙ୍ଗୀ ଓ କନକର ଅବଚେତନ ମନର ଅଭିବ୍ୟକ୍ତକୁ ଏହି ଉପନ୍ୟାସରେ ଦର୍ଶାଇଛନ୍ତୁ ଲେଖକ । ପ୍ରଥମ ଅଭିବ୍ୟକ୍ତବାଦୀ ଓଡ଼ିଆ ଉପନ୍ୟାସ ଭାବରେ 'ମନେମନେ' ଉପନ୍ୟାସଟି ମଣିଷକୁ ବାହାରୁ ଜାଣିବାର ପ୍ରୟାସ କରାନଯାଇ ମନ ଭିତରେ ଥିବା ଗଭୀର ସୀମାରେଖାକୁ ଜାଣିବାର ପ୍ରୟାସ ମାତ୍ର କରାଯାଇଛି କହିଲେ ଚଳବ । (୧)

ସେହିପରି ଜଣେ ସଙ୍ଗୀତପ୍ରେମୀ ଭାବରେ ଔପନ୍ୟାସିକ ବୈଷ୍ଣବ ଚରଣ ଦାସ ଉତ୍କଳ ସଙ୍ଗୀତକଳା ଏବଂ କଳାବିକାଶ କେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ଆକାଶବାଣୀ କଟକ କେନ୍ଦ୍ର ଅଡିସନ ବୋର୍ଡର ସଦସ୍ୟ ଥିଲେ । ଜଣେ ବରିଷ୍ଠ ପଦାଧିକାରୀ ଭାବରେ ରେଭେନ୍ସା କଲେଜରେ ପରିଚାଳନା କମିଟିର ସଦସ୍ୟ ମଧ୍ୟ ଥିଲେ ।

୧୯୨୪ ମସିହାରେ ବସନ୍ତ କୁମାରୀ ଦେବୀଙ୍କୁ ବିବାହ କରିଥିଲେ ସତ ମାତ୍ର ବିବାହର ଗୋଟିଏ ବର୍ଷ ନ ପୁରୁଣୁ ପତ୍ନୀଙ୍କର ଅକାଳ ବିୟୋଗ ଘଟିବାରୁ ତାଙ୍କ କନଷ୍ଠ ଭଗ୍ନୀ ବୀଣାପାଣି ଦେବୀଙ୍କୁ ବିବାହ କରିଥିଲେ ଏବଂ ୫ ପୁତ୍ର ଓ ୪ କନ୍ୟାଙ୍କ ଜନକ ହୋଇପାରିଥିଲେ । ଅବସର ବୟସରେ (ସମୟରେ) ସଙ୍ଗୀତ ଗାଇବା, ଶିକାର, କରିବାକୁ ଯିବା ଏବଂ ଟେନସ୍ ଖେଳବା ତାଙ୍କର ପ୍ରିୟ ରୁଚ ଥିଲା । ବୈଷ୍ଣବ ଚରଣ ଦାସ ଓଡ଼ିଶାରେ ସର୍ବପ୍ରଥମେ ଗଲ୍ଫ ଖେଳାଳ ଭାବରେ ଖେଳ ଆରମ୍ଭ କରିଥିଲେ । ମାତ୍ର ୫୯ ବର୍ଷ

ISSN NO. 2582-208X

ବୟସରେ ତାଙ୍କର ପରଲୋକ ଗମନ ହେତୁ ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତକୁ ଏକ ବିରାଟ ଶକ୍ତ ଆଘାତ ଦେଇଥିଲା ବୋଲି କହିଲେ ତିଳେମାତ୍ର ସନ୍ଦେହର ଅବକାଶ ହେବନାହିଁ । (୨)

## ପୃଷ୍ଠ ଟୀକା

---------

୧. ମିଶ୍ର, ଦୀନବନ୍ଧୁ, ଉପନ୍ୟାସରେ ଅଭିବ୍ୟକ୍ତିବାଦ, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ଅଗଷ୍ଟ - ୧୯୯୮, ପୃଷ୍ଠ-୧୦ ।

୨. ସାମାନ୍ତ ରାୟ, ବୀରେନ୍ଦ୍ର କୁମାର, ଉତ୍କଳ ପ୍ରଦୀପ (ଓଡିଆ ପ୍ରତିଭା ପରିଚୟ), ୪ର୍ଥ ଖଣ୍ଡ, ପଲ୍ଲୀପ୍ରଭା ପ୍ରକାଶନୀ, ପାଳସାହି, ଖୋର୍ଦ୍ଧା, ୨୦୧୯.

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର- ୭୫୧୦୦୪
ମୋବାଇଲ- ୭୭୫୧୯୨୬୭୦୫

ISSN NO.
2582-208X

# ଝିଅ



ସଙ୍ଗୀତା ମହାନ୍ତ

ଝିଅଟିଏ ସେ ଝଟକୁଥିବା ରମଣୀୟ ମୋତି
ଝିଅ ସେ ବାପା ବୋଉଙ୍କର ଗେଲ୍ଲୀ
ଝିଅ ସେ ଖୁସିର ପସରା ଦିଏ ମେଲି
ଝିଅ ସେ ତା ପାଇଁ ବାପା ଘରେ ନାହିଁ ତିଳେ ବାରଣା
ହେଲେ ତା ପାଇଁ ଶାଶୁ ଘରେ ଲାଗେ କେତେ କଟକଣା
ଝିଅ ସେ ବାପ ଘରର ସୁନା କଢ଼ି
ସିଏ ପୁଣି ଦବ ଆଉ କାହା ସୁନା ସଂସାର ଗଢି
ଝିଅ ସେ ସ୍ୱାମୀର ମନ ନେଇ ଚଳବ
ସେପଟେ ଶାଶୁ ଶ୍ୱଶୁରଙ୍କ କଥା ମଧ୍ୟ ବୁଝିବ
ଝିଅ ସେ ଦୁଇ ପ୍ରକାର ଅଭିନୟର ଅଧିକାରୀ
କେବେ ଝିଅ ହୋଇ କେବେ ବୋହୁ ହୋଇ ସଭିଙ୍କ ମନେ ଦିଏ ଖୁସି ଭରି
ଇଚ୍ଛା ତାର ଦିଏ ମାରି କର୍ତ୍ତବ୍ୟରେ ପେଶି ହୋଇ
ହସୁଥାଏ ମିଛି ମିଛି ଆଖି ଲୁହ ପୋଛି ଦେଇ
ବାପାଙ୍କ କାନ୍ଧରେ କାନ୍ଧ ମିଳାଇ ଚାଲୁଥିବା ଛାଇଟିଏ
ଅଜଣା ଲୋକଙ୍କୁ କଥାରେ ବାନ୍ଧି ପାରୁଥିବା ମମତା ଟିଏ
ମା ର ଲୁହ ପୋଛୁଥିବା ସୁନା କଣ୍ଢେଇଟିଏ
ଜନ୍ମ ମାଟି ଛାଡି ପର ଘରେ ଭାଗ୍ୟରେଖା ଯୋଡୁଥିବା ଦୁହିତା ଟିଏ
ପାଦେ ପାଦେ କଳଙ୍କର ବେଡି ଦେଖି ଡରି ଡରି ବଞ୍ଚୁଥିବା ମଣିଷଟିଏ
ଘରର ପ୍ରକୃତ ଶିରି ଅମୁଲ୍ୟ ହୀରା ମୋତି ମାଣିକଟିଏ
କାହିଁକି ବିହିର ନିଷ୍ଠୁର ବିଧାନ ଝିଅ ଜନ୍ମ ପର ଘରକୁ

ISSN NO.
2582-208X

କାହିଁକି ନୟମ ବାପ ଘର ଛାଡି ଯିବା ପାଇଁ ଶାଶୁ ଘରକୁ
କେତେ ଯାତନା ରେ ଜନ୍ମ ଦିଏ ମାତା କେତେ ଯେ ପିତାର କଷଣ
ତଥାପି କାହିଁକି କନ୍ୟାଦାନ ହୁଏ ଏ କେଉଁ ପ୍ରକାର ନୟମ ?
କେଉଁ ସୁଖ ପାଇଁ ନଜେ ଲୁହ ପିଇ ମା ଦେଇଥାଏ ବିଦାୟ ?
କୁହ ହେ ଈଶ୍ୱର ଏ କେଉଁ ବିଗ୍ଚର କାହଁକି ଏପରି ଅନ୍ୟାୟ ?
କନ୍ୟା ଦାନ କଲେ କେଉଁ ପୁଣ୍ୟ ମିଳେ କାହାକୁ ମିଳଛି କୁହ
ପୁଣ୍ୟ ଅର୍ଜିବାକୁ କନ୍ୟା କଣ ବସ୍ତୁ ଦିଶେନ ତା ଆଖି ଲୁହ ?
ବଦଳାଅ ପ୍ରଭୁ ତୁମ ନୟମ କୁ ବଦଳାଇ ଦିଅ ପ୍ରଥା
ଦୁହିତା କଷଣ କର ହେ ହରଣ ଶୁଣ ହେ ବିଶ୍ୱ କରତା
ଏସବୁ ଭିତରେ ଝିଅଟିଏ, ମନେ ମନେ ଘରକୁ ଖୋଜୁଥାଏ
ସ୍ୱଚ୍ଛନ୍ଦେ ଯେଉଁଠି ବୁଲୁଥିଲା ଦିନେ ସେଠି ବି ଅଧିକାର ନଥାଏ
ଧନ୍ୟ ଏ ବିଧିର ବିଧାନ କେ କରିପାରିବ ଆନ
ଏପରି କଷ୍ଟ ରେ ଆଉ ନପଡୁ ତାଙ୍କର ଜୀବନ ॥

ISSN NO.
2582-208X

# ତୁମେ ଗଲା ପରେ ପରେ-୨



ରଞ୍ଜନ କୁମାର ପ୍ରଧାନ

ପ୍ରୀତି ଚକ୍ରବ୍ୟୂହ ରଚଥିଲ ଯେଣୁ
ଅକ୍ଳେଶରେ ଗଲ ଖସି,
ମୁଁ ଯେ ଅଭିମନ୍ୟୁ ଫେରିବା ନଜାଣି
ଅକାରଣେ ଗଲି ଫସି ।
ପ୍ରାରମ୍ଭରୁ ତୁମ ପ୍ରୀତି ରଣକ୍ଷେତ୍ରେ
ଥିଲେ ବହୁ ମହାରଥୀ,
ମୁଁ ନିର୍ବୋଧ ପ୍ରାୟ କରିଣ ପ୍ରବେଶ
ପାଉଛି ତାହାର ଶାସ୍ତି ।
ଅଥଳ ସାଗର ଯେଣୁ ତୁମ ଧର୍ମ
ବହୁ ନଦୀ ଆପଣିଲ,
ମୁଁ ଯେ କ୍ଷୁଦ୍ର ନଦୀ ଅସ୍ତିତ୍ୱ ହରେଇ
ଖୋଜେ ନିଜ ଥଳକୂଳ ।
ଦୂରୁ ଦେଖି କୁଦା ମାରିଦେଲି ଭାବି
ଭରିଦେବି ସାଗରକୁ,
ଅଗୋଚର ଥିଲା ମୋ ଭଳି ଅନେକ
ନିଅଣ୍ଟ ସେ ଗରଭକୁ ।

ପାଇକଆଁଶ, ତିଗିରିଆ
କଟକ - ୭୫୪୦୩୦

ISSN NO.
2582-208X

# ସଂସ୍କାର କେନ୍ଦ୍ର: ଶିକ୍ଷା ମାଧ୍ୟମରେ ଏକ ନବ ଭାବର ପ୍ରବର୍ତ୍ତନ

କୁମର ମହାକୁଡ଼

ସ୍ୱାଧୀନତା ପ୍ରାପ୍ତିର ଅନେକ ବର୍ଷ ଅତିକ୍ରମ ହୋଇଯାଇଛି, ଅଥଚ ଆମ ଦେଶର ଅଧିକାଂଶ ଶିଶୁ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇ କୁପଥଗାମୀ ହେଉଛନ୍ତି। ଯେଉଁ ବୟସରେ ସେମାନଙ୍କ ହାତରେ ବହି ରହିବା କଥା, ସେହି ବୟସରେ ସେମାନେ ବହିକୁ ତ୍ୟାଗ କରି ଧରୁଛନ୍ତି ରୋଜଗାରର ମାଧ୍ୟମ । ଦାରିଦ୍ର୍ୟର କଷାଘାତରୁ ମୁକ୍ତି ପାଇବା ପାଇଁ ସେମାନେ ପାଠଛାଡ଼ି ଶିଶୁ ଶ୍ରମିକ ଭାବରେ ଖଟୁଛନ୍ତି। ଆମର ସଭ୍ୟ ସମାଜ ସେମାନଙ୍କୁ ଏହି କାର୍ଯ୍ୟରୁ ନିବୃତ କରିବା ପରିବର୍ତ୍ତେ ପରୋକ୍ଷରେ ସମର୍ଥନ କରୁଛନ୍ତି ନିଜର ସ୍ୱାର୍ଥ ହାସଲ ପାଇଁ।

ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା କିଛି ଶିଶୁଙ୍କ ଜୀବନରେ ସଂସ୍କାର ଆଣିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମହାନଦୀ ଦ୍ୱିତୀୟ ଛାତ୍ରାବାସର ଅନ୍ତେବାସୀ କିଛି ଛାତ୍ରଙ୍କ ଦ୍ୱାରା ଏକ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା ୨୦୦୮ ମସିହାରେ । ଏହି ପ୍ରଚେଷ୍ଟାର ଫଳ, ଯାହାକି ଏବେ "ଜ୍ୟୋତି ବିହାର ସଂସ୍କାର କେନ୍ଦ୍ର" ନାମରେ ନାମିତ।

୨୦୦୮ ମସିହାରେ ମହାନଦୀ ଛାତ୍ରାବାସ ନିକଟସ୍ଥ ବିଶ୍ୱବିଦ୍ୟାଳୟ ପାଚେରୀକୁ ଲାଗିଥିବା ଏକ ଅନୁନ୍ନତ ବସ୍ତି ଭୂଇଁ ଡୁଙ୍ଗୁରୀପଡ଼ାକୁ ଦିନେ ସନ୍ଧ୍ୟାରେ ବୁଲିବାକୁ ଯାଇଥିଲେ ମହାନଦୀ ଛାତ୍ରାବାସର ଅନ୍ତେବାସୀ ନରେନ୍ଦ୍ର ସାହୁ, ନିର୍ମଳ କୁମାର ସାହୁ, ପ୍ରଭୁଦତ୍ତ ହୋତା, ଦୀଲିପ୍ ରାଉତ ଓ ରଞ୍ଜିତ ସିଂହ। ସେମାନେ ଅନୁଭବ କଲେ ଯେ, ଏ ବସ୍ତିରେ ନିରକ୍ଷରତା ଏକ ସାମାଜିକ ବ୍ୟାଧି। ଏଠାରେ ସେମାନେ ଉପଯୁକ୍ତ ଶିକ୍ଷା ପାଇପାରୁ ନାହାନ୍ତି । ତେଣୁ ସେମାନେ ତାଙ୍କର ନିଜ ପ୍ରଚେଷ୍ଟାରେ ସେଠାରେ ୨୦୦୮ ମସିହାରେ ଖୋଲିଥିଲେ ଜ୍ୟୋତି ବିହାର ସଂସ୍କାର କେନ୍ଦ୍ର । ଯେଉଁଠାରେ ପ୍ରତିଦିନ ସନ୍ଧ୍ୟାରେ ଦୁଇଘଣ୍ଟା ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରିବା ଆରମ୍ଭ କରିଥିଲେ । ଏହି କାର୍ଯ୍ୟରେ ଏମାନଙ୍କୁ ସାହାଯ୍ୟ କରିଥିଲେ ମହାନଦୀ ଛାତ୍ରାବାସର ଓ୍ୱର୍ଡବୟ ସୁକାନ୍ତ ବେହେରା ଓ ତତ୍କାଳୀନ ପିଅନ ମାଧ

ISSN NO.
2582-208X

ମେହେର। କିଛି ବର୍ଷ ଏହା ସୁରୁଖୁରୁରେ ଚାଲିଥିଲା ବେଳେ ସମନ୍ୱୟର ଅଭାବରେ ଏହା ବନ୍ଦ ହୋଇ ଯାଇଥିଲା।

ଖୁସିର କଥା ପୁଣିଥରେ ଓ୍ୱର୍ଡବୟ ସୁକାନ୍ତ ବେହେରାଙ୍କ ଉଦ୍ୟମକ୍ରମେ ଏହା ପୁନଃ ଆରମ୍ଭ ହୋଇଥିଲା ୨୦୧୨ ମସିହାରେ । ତତ୍କାଳୀନ ମହାନଦୀ ଛାତ୍ରାବାସର ଅନ୍ତେବାସୀ ସତ୍ୟବ୍ରତ ପୃଷ୍ଟି, ସନୁ ସାହୁ ଓ ସ୍ନେହଶିଷ୍ ସାହୁଙ୍କ ନେତୃତ୍ୱରେ ପୁଣିଥରେ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରିବାକୁ ବାହାରିଲେ ମହାନଦୀ ଛାତ୍ରାବାସର ଅନ୍ତେବାସୀ କିଛି ଛାତ୍ର। ସେବେଠାରୁ ଅନେକ ଘାତ ପ୍ରତିଘାତ ସତ୍ୱେ ମଧ୍ୟ ଏହା ଚାଲିଆସୁଛି। ପ୍ରତିବର୍ଷ ଏହି ଛାତ୍ରାବାସର ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ କିଛି ଅନ୍ତେବାସୀ ସହୃଦୟତାରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏହି ସମୟରେ ଗୋଟିଏ ଖୁସିର ଆବେଗରେ ହୃଦୟ ଉତ୍ଫୁଲିତ ହୋଇ ଉଠିଥିଲା। ୨୦୧୭ ମସିହାରେ ଏହି କେନ୍ଦ୍ରରୁ ଲବ ମେହେର ଓ ଭୂଷଣ ମେହେର ମେଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ପଢ଼ାର ପ୍ରଥମ ଛାତ୍ରୀ ବିମଳା ବାରିକ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସଂସ୍କାର କେନ୍ଦ୍ରକୁ ଗୌର୍ବାନ୍ୱିତ କରିଥିଲେ ।

ଭୂଇଁଡୁଙ୍ଗୁରୀପଡ଼ାରେ ମାଗଣା ଶିକ୍ଷାଦାନର ଖବର ଶୁଣି ଧୂଡ଼ିଆପଡ଼ାର ଶିଶୁମାନେ ଏହା ପାଇବାକୁ ଆଗ୍ରହ ଦେଖାଇଲେ। ପ୍ରଥମେ ଯୋଜନା ହେଲା କି, ଗୋଟିଏ କେନ୍ଦ୍ରରେ ଶିକ୍ଷାଦାନ କରାଯିବ ମାତ୍ର ଦୁଇପଡ଼ା ମଧ୍ୟରେ ଦୂରତା ଏକ କିଲୋମିଟରର ଖରାପ ରାସ୍ତା ଓ ସନ୍ଧ୍ୟା ସମୟରେ ଶିକ୍ଷାଦାନ ହେଉଥିବାରୁ ଦୁଇଟି କେନ୍ଦ୍ର କରିବାକୁ ନିଷ୍ପତ୍ତି ନେଲେ ଓ୍ୱର୍ଡବୟ ସୁକାନ୍ତ ବେହେରା । ତାଙ୍କର ଆପ୍ରାଣ ଚେଷ୍ଟାରେ ଧୂଡ଼ିଆପଡ଼ାରେ ଆରମ୍ଭ ହେଲା ଅନ୍ୟ ଏକ ସଂସ୍କାର କେନ୍ଦ୍ର ୨୦୧୨ ମସିହାରେ । ଧୂଡ଼ିଆପଡ଼ାର ଅଧିବାସୀ ଅଶୋକ ଓରାମଙ୍କ ଘର ବାରଣ୍ଡାରେ ଏହା ଆରମ୍ଭ ହୋଇଥିଲା । ଏଥିରେ ସହଯୋଗ କରିଥିଲେ ପଡ଼ାର ବିକ୍ରମ ଓରାମ ଓ ସ୍ୱର୍ଗତ ଯଦୁ ଓରାମ । ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରତିଦିନ ଛାତ୍ରାବାସର ଅନ୍ତେବାସୀ କିଛି ଛାତ୍ର ସାଇକେଲରେ ଏହି କେନ୍ଦ୍ରକୁ ଯାଇ ଶିକ୍ଷାଦାନ କରୁଛନ୍ତି। ଏହି କେନ୍ଦ୍ରରୁ କାର୍ତ୍ତିକ ଓରାମ କିଛି ବର୍ଷ ତଳେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଜ୍ୟୋତି ବିହାର ସଂସ୍କାର କେନ୍ଦ୍ର ମାଧ୍ୟମରେ ତାର ଉଚ୍ଚ ଶିକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା। ୨୦୧୫ ମସିହାରେ ରୋଟାରୀ କ୍ଲବ୍, ବୁର୍ଲା, ଧୂଡ଼ିଆପଡ଼ାରେ

ISSN NO.
2582-208X

ଏକ ଶ୍ରେଣୀ କୋଠରୀ ନିର୍ମାଣ କରିଛନ୍ତି ୫୦,୦୦୦/- ଟଙ୍କା ବ୍ୟୟ ଅଟକଳରେ, ଭୂଇଁଡୁଙ୍ଗୁରୀପଡ଼ାରେ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇଥିଲେ, ପିଲାମାନଙ୍କ ନାମ ଲେଖାରେ ପଇସା ଦେଇଥିଲେ ଏତଦ୍‌ବ୍ୟତୀତ ପ୍ରତ୍ୟେକ ମାସରେ ୧୦୦୦ ଟଙ୍କା ସଂସ୍କାର କେନ୍ଦ୍ରରେ ପଢୁଥିବା ଏବଂ ପଢ଼ାଉଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିଥାନ୍ତି। ଓରାମ ପଡ଼ାରେ ସମାଜସେବୀ ଜୟନ୍ତ କୁମାର ଦାଶ ଏକ କୋଠରୀ ନିର୍ମାଣ କରିଛନ୍ତି। ରିଙ୍କୁ ମିଶ୍ର ନାମକ ଜଣେ ସହୃଦୟ ଓ ସମାଜ ସେବୀ ବ୍ୟକ୍ତି ଏହି କେନ୍ଦ୍ରକୁ ପିଲାଙ୍କ ଶିକ୍ଷାରେ ସହାୟକ ପାଇଁ ଏକ ସ୍କୁଟର ଓ କମ୍ପ୍ୟୁଟର ଦାନ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଇ. କରାଲି (ଜୀବ ବିଜ୍ଞାନ ବିଭାଗ) ଓ ଡ. ନିହାର ଶତପଥୀ (ଗଣିତ ବିଭାଗ) ଏହି କେନ୍ଦ୍ରର ବିକାଶ ପାଇଁ ଅନେକ ଜିନିଷ ପ୍ରଦାନ କରିଛନ୍ତି।

ଏହି ଦୁଇ ପଡ଼ାରେ ଶିକ୍ଷାଦାନ ସୁରୁଖୁରୁରେ ଚାଲିଥିଲା ବେଳେ ଆଉ ଏକ ଅନୁନ୍ନତ ପଡ଼ା ଓ୍ୱାର୍ଡବୟ ସୁକାନ୍ତ ବେହେରାଙ୍କ ନଜରକୁ ଆସିଲା । ତାହା ହେଉଛି ମଡ଼ିଆ ଡୁଙ୍ଗୁରୀପଡ଼ା (ହୀରାକୁଦ ଷ୍ଟେସନ ପଛପଟ ବସ୍ତି) ଯାହାକି ବୁର୍ଲାର ସର୍ବବୃହତ ଅନୁନ୍ନତ ପଡ଼ା । ଏହି ପଡ଼ାର ଅଧିକାଂଶ ଲୋକ ଶିକ୍ଷା କ'ଣ ଜାଣି ନାହାନ୍ତି, ମଦର ନିଶାରେ ଅନ୍ଧ ହୋଇ ସେମାନେ ତାଙ୍କ ପିଲାର ଶିକ୍ଷା କଥା ଆଦୌ ଚିନ୍ତା କରିନଥାନ୍ତି। ଏହା ଏକ ଦୁଃଖଦ ଘଟଣା। ମହାଦୀପ ପରି ପ୍ରଜ୍ଜ୍ୱଳିତ ହେଉଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯଦି ଆଖପାଖ ବସ୍ତି, ପଡ଼ାଗୁଡ଼ିକର ଜନସାଧାରଣ ଅଶିକ୍ଷିତ ହୁଅନ୍ତି। ତାହେଲେ ଏଥିରୁ ଆଉ ବଡ଼ ଦୁଃଖ କ'ଣ ହେଇପାରେ ? ସେଥିପାଇଁ କୁହାଯାଏ ଦୀପତଳ ସବୁବେଳେ ଅନ୍ଧକାର। ଯେଉଁ ମହାଦୀପ ସାରା ବିଶ୍ୱକୁ ଆଲୋକିତ କରୁଛି ତାର ଚତୁଃପାର୍ଶ୍ୱରେ ଥିବା ବସ୍ତି, ପଡ଼ାଗୁଡ଼ିକ ଅନ୍ଧକାରମୟ ହୋଇ ରହିଛି। ଏହି ପଡ଼ାର ପିଲା କୁପଥଗାମୀ ଓ ଶିଶୁ ଶ୍ରମିକ ଭାବରେ ନିୟୋଜିତ। ଏଠାରେ ଏକ ପ୍ରାଥମିକ ବିଦ୍ୟାଳୟ ଅଛି। ଯେଉଁଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଏ ମାତ୍ର ଦୁଇଟି ଶିକ୍ଷକରେ। ଏଭଳି ଏକ ଅନୁନ୍ନତ ଇଲାକାରେ ଶିକ୍ଷାର ବିକାଶ ପାଇଁ ଯୋଜନା କଲେ ଓ୍ୱାର୍ଡବୟ ସୁକାନ୍ତ ବେହେରା ଓ ବୁର୍ଲାର ଜଣେ ସହୃଦୟ ବ୍ୟକ୍ତି ସମରେନ୍ଦ୍ର ବେହେରା (ହରି ଓଁ) । ତାଙ୍କର ପ୍ରଚେଷ୍ଟାରେ ଏଠାରେ ୨୦୧୬ ମସିହାରେ ଆରମ୍ଭ ହୋଇଥିଲା ଆଉ ଏକ ସଂସ୍କାର କେନ୍ଦ୍ର (ଜ୍ୟୋତି ବିହାର ସଂସ୍କାର କେନ୍ଦ୍ର, ମଡ଼ିଆ ଡୁଙ୍ଗୁରୀପଡ଼ା) । ଏହି ପଡ଼ାର ଦୂରତା ମହାନଦୀ ଛାତ୍ରାବାସଠାରୁ ୫ ରୁ ୬ କିଲୋମିଟର ହେଉଥିବାରୁ ପ୍ରତିଦିନ ଅନ୍ତେବାସୀମାନେ ଯାଇପାରିଲେ ନାହିଁ ।

ISSN NO.
2582-208X

ତେଣୁ ପ୍ରତିଦିନ ଏଠାରେ ଶିକ୍ଷାଦାନ ପାଇଁ ଏହି ପଡ଼ାର ଦୁଇଜଣ ଶିକ୍ଷିତ ଝିଅଙ୍କୁ ନିୟୋଜିତ କରାଗଲା । ସେମାନଙ୍କୁ ମାସକୁ କିଛି ପାରିଶ୍ରମିକ ଦେଇ। ପ୍ରତି ସପ୍ତାହରେ ତିନିଦିନ ପାଇଁ ଶିକ୍ଷାଦାନ କରିବାକୁ ଛାତ୍ରାବାସରୁ ଗଲେ ସରୋଜ ସାହୁ, ସତ୍ୟବ୍ରତ ମଲ୍ଲିକ, ମନୋଜ ସାହୁ, ଶୀତଳ ମହାନନ୍ଦ, ଦୀପକ ଗୁପ୍ତା ଓ ଜିତେନ୍ଦ୍ର ପୃଷ୍ଟି । ଏହା ବହୁତ ଅସୁବିଧା ସତ୍ତ୍ୱେ ମଧ୍ୟ ଚାଲିଥିଲା । ପ୍ରତିସନ୍ଧ୍ୟା ୬ ରୁ ୮ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷାଦାନ କରାଯାଉଥିଲା । ପିଲାଙ୍କ ବୁଦ୍ଧିର ବିକାଶ ଓ ଶିକ୍ଷାକ୍ଷେତ୍ରରେ ସେମାନେ କିପରି ଆଗକୁ ବଢ଼ିବେ ସେଥିପାଇଁ ସେମାନଙ୍କ ମନୋରଞ୍ଜନ ପାଇଁ ପ୍ରତିବର୍ଷ ଏକ ବଣଭୋଜିର ଆୟୋଜନ କରାଯାଉଛି। ପ୍ରତିବର୍ଷ ଏହି ଜ୍ୟୋତିବିହାର ସଂସ୍କାର କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା , ବାର୍ଷିକ ଉତ୍ସବ, ଶିଶୁ ଦିବସ, ଗୁରୁ ଦିବସ, ଗଣେଶ ପୂଜା, ସରସ୍ୱତୀ ପୂଜା, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗାନ୍ଧୀ ଜୟନ୍ତୀ ଓ ପରିବେଶ ଦିବସ ପାଳନ ମାଧ୍ୟମରେ ପିଲାଙ୍କ ମନରେ ଏକ ନବଜାଗରଣ ସୃଷ୍ଟି କରାଯାଉଛି । ସମ୍ବଲପୁର ଜିଲ୍ଲାରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଆମର ଏହି ସଂସ୍କାର କେନ୍ଦ୍ରର ପିଲାମାମାଧ୍ୟମରେନେ ଅଂଶଗ୍ରହଣ କରୁଛନ୍ତି । ପିଲାଙ୍କ ମନରେ ସଂସ୍କାର ଓ ସଜ୍ଞମତା ସୃଷ୍ଟି କରିବା ପାଇଁ ପ୍ରତିସପ୍ତାହରେ ସବୁ କେନ୍ଦ୍ରରେ ଗୋଟିଏ ଲେଖାଏଁ ସଂସ୍କାର କ୍ଲାସ୍ କରୁଛନ୍ତି ବୁର୍ଲାର ଅଶୋକ ଦାସ ଏବଂ ତାଙ୍କର ପତ୍ନୀ । ବର୍ତ୍ତମାନ ଏହି ସଂସ୍କାର କ୍ଲାସ୍ କରିବା ପାଇଁ ଆସୁଛନ୍ତି ହୋରିଓମ୍ ଭାଇ (ରାଜୁ ଭାଇ ) ଓ ହୋରିଓମ୍ ନାନୀ (ସସ୍ମିତା ନାନୀ) । ବିଭିନ୍ନ ସମୟରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଏହି ପଡ଼ାମାନଙ୍କରେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ପଡ଼ାବାସୀଙ୍କୁ ସଚେତନତା କରାଯାଉଥିଲା।

୨୦୧୬ - ୧୭ ଶିକ୍ଷା ବର୍ଷରେ ମଢ଼ିଆ ଡୁଙ୍ଗୁରୀପଡ଼ାରେ ତା- ୦୨ ଫେବୃଆରୀ ୨୦୧୭ ରିଖ ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧ୍ୟାପକ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ (ଗଣିତ ବିଭାଗ) ଏବଂ ମୁଖ୍ୟ ବକ୍ତା ଭାବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ସାଧୁଚରଣ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ ସ୍ୱାଧୀନ ପଟ୍ଟନାୟକଙ୍କ ଧର୍ମପତ୍ନୀ ସୁମିତ୍ରା ପଟ୍ଟନାୟକ ଏବଂ ଆର୍ଟ ଅଫ୍ ଲିଭିଙ୍ଗର ଶିକ୍ଷୟିତ୍ରୀ ଜୟଶ୍ରୀ ପଣ୍ଡା। ଏହି ଦିନ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଆଉ ଏକ ନୂତନ ଜ୍ୟୋତିବିହାର ସଂସ୍କାର କେନ୍ଦ୍ରର ଉଦ୍ଘାଟନ କରିଥିଲେ। ଜ୍ୟୋତିବିହାର କନିଷ୍ଠ

ISSN NO.
2582-208X

ମହାବିଦ୍ୟାଳୟ ନିକଟସ୍ଥ ଓରାମପଡ଼ାରେ । ଏହି ଅବସରରେ ଗଣିତ ବିଭାଗର ଡ. ନିହାର ଶତପଥୀ ଉପସ୍ଥିତ ଥିଲେ। ସେହି ଦିନଠାରୁ ଏହି ଓରାମପଡ଼ାରେ ପିଲାଙ୍କୁ ମାଗଣା ଶିକ୍ଷାଦାନ ଦିଆଯାଉଛି। ଏହି କେନ୍ଦ୍ରର ଉନ୍ନତି ପାଇଁ ଶୈଳେଶ୍ରୀ ବିହାରର ଅବିନାଶ ଆଚାର୍ଯ୍ୟ, ଦୀପକ ନାୟକ, ଦିବ୍ୟଶଙ୍କର ସାହୁ ଓ ନରେଶ ବେହେରା ପ୍ରମୁଖ ସହଯୋଗର ହାତ ବଢ଼ାଇଥିଲେ। ଏହି ପରି ଭାବରେ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବ ପାଳନ କରାଯାଏ ଅନ୍ୟ ଅନ୍ୟ ସଂସ୍କାର କେନ୍ଦ୍ରରେ। ୨୦୨୨- ୨୩ ଶିକ୍ଷାବର୍ଷ ପାଇଁ ଭୂଇଁଡୁଙ୍ଗୁରୀପଡ଼ାରେ ବାର୍ଷିକ ଉତ୍ସବ ପାଳନ ହୋଇଅଛି।

ଏହି ଜ୍ୟୋତିବିହାର ସଂସ୍କାର କେନ୍ଦ୍ରକୁ କେବଳ ମହାନଦୀ ଛାତ୍ରାବାସର ଅନ୍ତେବାସୀମାନେ ପାଠ ପଢ଼ାଇବା ପାଇଁ ଯାଉଥିଲେ ମାତ୍ର କିଛି ବର୍ଷ ତଳେ ପ୍ରଥମ ଥର ପାଇଁ ସୁକାନ୍ତ ବେହେରା ଓ ମନୋଜ କୁମାର ସାହୁଙ୍କ ପ୍ରଚେଷ୍ଟାରେ ଅନ୍ୟ ଛାତ୍ରାବାସ ଓ ଛାତ୍ରୀନିବାସର ଅନ୍ତେବାସୀ କିଛି ପିଲାଙ୍କୁ ମାଗଣା ଶିକ୍ଷାଦାନ କରୁଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ, ଇତିହାସ ବିଭାଗ, ଓଡ଼ିଆ ବିଭାଗ, ଅର୍ଥନୀତି ବିଭାଗ, ଆଇନ୍ ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗରୁ ଛାତ୍ରଛାତ୍ରୀମାନେ ଏଠାକୁ ଆସି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଏମାନଙ୍କ ପାଇଁ ଆଜି ଜ୍ୟୋତିବିହାର ସଂସ୍କାର କେନ୍ଦ୍ରଟି ବିକାଶ ପଥରେ ଅଗ୍ରସର ହୋଇପାରିଛି।

ଏହା ଅତ୍ୟନ୍ତ ଖୁସିର କଥା କାରଣ ଗୋଟିଏ ଛାତ୍ରାବାସ କେବଳ ଚାହିଁଲେ ଜ୍ୟୋତିବିହାର ସଂସ୍କାର କେନ୍ଦ୍ରର ଉନ୍ନତି ହୋଇ ପାରିବ ନାହିଁ। ସମ୍ବଲପୁର ବିଶ୍ୱବିଦ୍ୟାଳୟର, ଉଚ୍ଚପଦସ୍ଥ ଅଧିକାରୀ, ସମସ୍ତ କର୍ମଚାରୀ, ପ୍ରାଧ୍ୟାପକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ସମସ୍ତେ ମିଳିତ ଭାବରେ ଚେଷ୍ଟାକଲେ, ଏହାର ବିକାଶ ହୋଇ ପାରିବ। ଦୁଃଖର କଥା ଗୋଟିଏ ସଂସ୍କାର କେନ୍ଦ୍ର ବନ୍ଦ ହୋଇଗଲା। ବର୍ତ୍ତମାନ ତିନୋଟି କେନ୍ଦ୍ରରେ ମାଗଣା ଶିକ୍ଷାଦାନ ଦିଆଯାଉଛି। ତେଣୁ କିଛି ଆର୍ଥିକ ସାହାଯ୍ୟ ଆବଶ୍ୟକତା । ସେ ଯାହା ହେଉନା କାହିଁକି ଆମ ବିଶ୍ୱବିଦ୍ୟାଳୟର ଅନେକ ଅଫିସର, ପ୍ରାଧ୍ୟାପକ, ଛାତ୍ରଛାତ୍ରୀ, ବୁର୍ଲାର କିଛି ସହୃଦୟ ଓ ସମାଜସେବୀ ବ୍ୟକ୍ତି ଏହି କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀରେ ସଦସ୍ୟ ଅଛନ୍ତି । ପ୍ରତିମାସରେ ସେମାନେ କିଛି କିଛି ଆର୍ଥିକ ସାହାଯ୍ୟ କରୁଛନ୍ତି । ସମସ୍ତଙ୍କର ଏହି ପ୍ରକାର ସାହାଯ୍ୟ ଦ୍ୱାରା ବର୍ତ୍ତମାନ ସମୟରେ ଏହି କେନ୍ଦ୍ରଗୁଡିକର ଅସୁବିଧାଗୁଡ଼ିକ ବହୁ ମାତ୍ରାରେ ଦୂର ହୋଇପାରିଛି। ତଥାପି ମଧ୍ୟ ଆଗତ ଭବିଷ୍ୟତ ପାଇଁ ଆଉକିଛି ଆର୍ଥିକ ସହଯୋଗର

ISSN NO.
2582-208X

ଆବଶ୍ୟକତା ରହିଛି। ତେବେ ସେ ଯାହା ହେଉନା କାହିଁକି ବହୁ ବାଧାବିଘ୍ନ, ଘାତ ପ୍ରତିଘାତ ସତ୍ୱେ ମଧ୍ୟ ୨୦୦୮ ମସିହାରୁ ଆଜି ପର୍ଯ୍ୟନ୍ତ ଏହା ସୁରୁଖୁରୁରେ ଚାଲିଆସିଛି। ଗରିବ ଛାତ୍ରଛାତ୍ରୀମାନେ ଏହି କେନ୍ଦ୍ରଦ୍ୱାରା ଅନେକ ଉପକୃତ ହେଉଛନ୍ତି ।

ଆମର ସଂସ୍କାର କେନ୍ଦ୍ରର ଏକ ସ୍ୱତନ୍ତ୍ର ଗୀତ ରହିଛି । ଯାହାକି ୨୦୨୨ - ୨୩ ବାର୍ଷିକ ଉତ୍ସବ ସମୟରେ ଓଡ଼ିଓ ଓ ଭିଡ଼ିଓ ସୁଷ୍ଟିଙ୍ଗ୍ ହୋଇଥିଲା । ଯାହା ହେଉଛି "ପାଠ ପଢ଼ିବା ଦେଶର ନାଁ ରଖିବା" । କିଛି ପରିବେଶ ପ୍ରତି ମଧ୍ୟ ଆମର କର୍ତ୍ତବ୍ୟ ଥିବାରୁ ଆମେ ଏକ ନୂତନ ଭାବନା ନେଇ ଆରମ୍ଭ କରିଛୁ ୨୦୨୩ ମସିହା ଜୁନ ମାସ ୫ ତାରିଖରେ ପରିବେଶ ଦିବସ। ଏହି ପରିବେଶ ଦିବସର ଏକ ବିଶେଷ ଆକର୍ଷଣ ରହିଛି । ଯେଉଁ ଛାତ୍ରଛାତ୍ରୀମାନଙ୍କ ଅଧିକ ବୃକ୍ଷ ଜୀବିତ ରହିବ ଗୋଟିଏ ବର୍ଷରେ, ତାହାକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯିବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପରିବେଶ ପ୍ରତି ଅଧିକ ସଚେତନ ଓ ପରିବେଶ ପ୍ରେମୀ ହୋଇପାରିବେ ।

୨୦୦୮ ମସିହା ସମୟରେ ଯେଉଁ କେତେଜଣ ନୂତନ ରାସ୍ତାର ପଥିକ ଥିଲେ । ତାଙ୍କ ପରିବର୍ତ୍ତନଶୀଳ ମାନବିକତା ଏବଂ ଶିକ୍ଷା ମାଧ୍ୟମରେ ଏକ ନବ ଭାବର ପ୍ରବର୍ତ୍ତକମାନଙ୍କ ସେହି ପ୍ରଚେଷ୍ଟାକୁ ବର୍ତ୍ତମାନ ଆମମାନଙ୍କୁ ଆଗକୁ ନେବାକୁ ପଡ଼ିବ। ଏଥି ନିମନ୍ତେ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ ଏକାନ୍ତ କାମ୍ୟ। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ଆହ୍ୱାନ କରାଯାଉଛି ଯେ, ସମସ୍ତେ ମିଳିମିଶି ଭାଇଚାରାର ବନ୍ଧନରେ ବାନ୍ଧି ହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଜ୍ୟୋତି ବିହାର ସଂସ୍କାର କେନ୍ଦ୍ରର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବା । ମାଗଣା ଶିକ୍ଷାଦାନ ମାଧ୍ୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚତୁଃପାର୍ଶ୍ୱରେ ଯେତେ ଅନୁନ୍ନତ ପଡ଼ା ରହିଛି ତାର ପରିବର୍ତ୍ତନ କରିବା । ନିଜର ବହୁମୂଲ୍ୟ ସମୟ ମଧ୍ୟରୁ କିଛି ସମୟ ବାହାର କରି ଏହି ଅନୁନ୍ନତ ବସ୍ତିର ପିଲାମାନଙ୍କୁ ଆଗାମୀ ଭବିଷ୍ୟତରେ ସଠିକ ଓ ଆଦର୍ଶ ନାଗରିକ ଭାବରେ ଗଢ଼ି ତୋଳିବା । ତେଣୁ ସମସ୍ତେ ଏକତ୍ରିତ ହୋଇ କାମକଲେ ଆମେ ଭବିଷ୍ୟତରେ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ଏଥିରେ ତିଳେ ହେଲେ ମଧ୍ୟ ସନ୍ଦେହର ଅବକାଶ ନାହିଁ।

ବୌଦ୍ଧ, ସରିଆପାଲି
ଯୋଗାଯୋଗ- ୭୯୯୧୦୮୫୫୫୭

ISSN NO.
2582-208X

# ମନର କଥା



ମନୋଜ କୁମାର ଅଦା

ଆସ ଆଉଥରେ
ଭେଟ ହେବା ସଖୀ
ଆମ ଗାଁ ମଶାଣିରେ

ଅଧୁରା ସ୍ୱପ୍ନ ତ
ପୂରଣ ହୋଇବ
ଏ ପୂଣ୍ୟ ଦଗ୍ଧ ଜୁଇରେ ।।

ଅତୀତର କଥା
ସ୍ମରଣ କରି କି
ସୁଖକୁ ସାଉଁଟି ନେବା

ରାଗ ରୁଷା ଭୁଲି
ଜହ୍ନର ଜ୍ୟୋସ୍ନାରେ
ଘେରାଏ ବୁଲିଆସିବା ।।

ଛାଇ ଆଲୁଅର
ଖେଳ ଖେଳି ଆମେ
ନିଜକୁ ହଜେଇ ଦେବା

ଜୀବନର ସବୁ
ଅଭୁଲା ସ୍ମୃତିକୁ
ଆଉଥରେ ବାନ୍ଧିନେବା ।।

ଓଡ଼ିଆ ବିଭାଗ
କ୍ରିଷ୍ଣା ପବ୍ଲିକ ସ୍କୁଲ,କୋମନା

ISSN NO.
2582-208X

# ସୀମାନ୍ତ ପ୍ରହରୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ନତ ଏ ମସ୍ତକ ତୁମ ପାଦ ତଳେ
ହେ ପ୍ରହରୀ ସିମାନ୍ତର
କିବା ଦିନ ଅବା କିବା ଅବା ରାତି
ତୁମେ ସଦା ଉଜାଗର ।
ଦେଶ ମାତୃକାର ସେବାରେ ହେବୀର
ଲୁହ ଲୁହ ଦିଅ ଢାଳି
ଶତ୍ରୁପକ୍ଷ ଜୟ ହୋଇଲେ ଅସହ୍ୟ
ପ୍ରତିଶୋଧେ ଯାଅ ଜଳି ।
ହାତରେ କମାଣ କରିବ ଗର୍ଜନ
ବେଲୁ ବେଳ ରହି ରହି
ଥକି ପଡ ନାହିଁ ହେ ବୀର ତୁହି
କେତେ ରାତି ଯାଏ ପାହି ।
ଖରା ବରଷାରେ ଶୀତ କାକରରେ
ସୀମାନ୍ତରେ ଥାଅ ଜାଗି
ପ୍ରତିକୂଳେ ଅବା ଅନୁକୂଳେ ସଦା
ହେ ପ୍ରହରୀ ଥାଅ ଜଗି ।

କେତେଯେ ସମର ଲଢିବ ହେ ବୀର
ଏ ଦେଶ ମାତୃକା ପାଇଁ
ରୁଧିର କୁ କରି ମଥାର ଚନ୍ଦନ
ନିଜ ଲୁହ ନିଜେ ପିଇ ।
ସଲାମ କରୁଛି ଏ ଦେଶ ଜନତା
ତୁମରି କର ଚରଣେ
ସଭିଏଁ ଗାଇବେ ତୁମରି ବୀରତା
ଜନମେ ଅବା ମରଣେ .....

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ- ୧୭

ସେହି ଦିନ ଥିଲା ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ସାଙ୍ଗଜଣକ ସହିତ ଆସିଥିଲା ସତ୍ୟ ଯାତ୍ରା ଦେଖିବାକୁ। ଯାତ୍ରା ତ ନୁହେଁ, କୁହାଯାଇପାରେ ବିସ୍ମୃତିର ପରିଚିତା ଚେହେରାଟିକୁ ଦେଖିବା ପାଇଁ। ଜନଗହଳି ଭିତରେ ମନେ ମନେ ଖୋଜୁଥିଲା ସେହି ମନର ମାନସୀ ମାଳତିକୁ। ଯେଉଁ ପଟେ ଦୃଷ୍ଟି ନିକ୍ଷେପ କଲେ ଆବାଳ-ବୃଦ୍ଧ-ବନିତା। କିଛି ପରିଚିତ ମୁହଁ, କିଛି ଅଜ୍ଞାତ ଅପରିଚିତ ଚେହେରା। ସବୁରି ମୁହଁରେ ଆନନ୍ଦର ଲହରୀ। ମୁଖ ମଣ୍ଡଳରେ ସ୍ମିତହାସ୍ୟର ଝଲକ। ରଙ୍ଗିନ ପରିବେଶଟା ଆଜି ଆକର୍ଷିତ ଦେଖାଯାଉଛି। କିନ୍ତୁ ସେହି ଭିତରେ ଅତି ନିଜର ଲାଗୁଥିବା ମାଳତିର ଦେଖା ମିଳୁନି। କେଉଁ ରୂପଲାବଣ୍ୟବତୀର ଚେହେରା ପଛ ପଟେ ଲୁଚି ଯାଇଛି କି? ଜନଗହଳି ଭିତରେ କେଉଁଠି ହଜିଯାଇଛି କି? କୌଣସି ଜିନିଷର କିଣା ବିକାରେ ତଳକୁ ନଇଁ ପଡିଛି କି? ଅଝଟ କରୁଥିବା ଭଣଜା କି ଭାଣିଜୀକୁ ଖେଳନା କିଣି ଦେବା ପାଇଁ ବୁଝାଉଛି କି? ନାଇ ତ। ମେଳା ଭିତର ଦେଇ ଖୋଜିବା ବାହାନାରେ ଦୁଇ ଚାରି ଥର ଏଣେତେଣେ ହୋଇଛି ସତ୍ୟ। ବ୍ୟସ୍ତ ବିବ୍ରତ ହୋଇ ଗୁପଚୁପ ଠେଲା,ଖେଳନା ଦୋକାନ, ଉଖୁଡା-ଚଣାଲିଆ ପସରା ଆଡକୁ ଚାହିଁଛି। ସଂକୀର୍ତ୍ତନ ମଣ୍ଡଳୀର ପାର୍ଶ୍ୱରେ ଛିଡା ଥିବା ଆଧୁନିକ ଯୁବତୀମାନଙ୍କ ସମାବେଶକୁ ସନ୍ତର୍ପଣରେ ଲକ୍ଷ୍ୟ କରିଛି। ଭକ୍ତଙ୍କ ଭିଡ ମଧ୍ୟକୁ ଅନୁପ୍ରବେଶ କରି ଠାକୁର ଦର୍ଶନ ଆଳରେ ଖୋଜିଛି, କିନ୍ତୁ ମାଳତିର ଦେଖା ହୋଇନାହିଁ। ମନର ଗଭୀର ବ୍ୟଥା ମନରେ ହିଁ ରହିଗଲା। କାହା ଆଗରେ ପ୍ରକାଶ କରି ପାରିଲା ନାହିଁ। ମନେ ମନେ ମାଳତିର ଅନୁପସ୍ଥିତର କାରଣ ଖୋଜୁଥିଲା। ଭାବୁଥିଲା ଜ୍ୱର ହେଇଥିବ। କିନ୍ତୁ ଜ୍ୱର ବା କାହିଁକି

ISSN NO.
2582-208X

ହେବ! ଭେଣ୍ଡି ଟୋକିଟା, ଶବଳ ଶରୀର । ଧରି ଆଣ କହିଲେ ମାରି ଆଣିବ । ଆଳସ୍ୟ ତା'କୁ କେବେହେଲେ ସ୍ପର୍ଶ କରିନି। ରୋଗ ଜୀବାଣୁ ତା'କୁ ଦୂରୁ ଦେଖି ପଲାଇ ଯାଆନ୍ତି। ବର୍ଷାରେ ଭିଜି ଗଲେ କି ଝାଞ୍ଜିରେ ସିଝି ଗଲେ ବି ତା'କୁ ଫରକ୍ ପଡେ ନାହିଁ। ତେବେ କ'ଣ ତା'ର ବଡ ଭାଇର ପୁଅଝିଅକୁ ଧରି ଘରେ ଥିବ? ନାଇ ନାଇ,ସେହି ଛୋଟ ଛୋଟ ପୁଅଝିଅ ତ ତା'ର ମାଆ, ଆଇ ସହିତ ଯାତ୍ରା ଦେଖି ଆସିଛନ୍ତି। ତେବେ ମାଳତି ଘରେ ଥିବ କି? ଘରେ କାହିଁକି ଏକାକୀ ରହିଥିବ? ମାଆ-ବାପା,ଭାଇ-ଭାଉଜ ସମସ୍ତେ ଆସିଛନ୍ତି। ତେବେ ସାଙ୍ଗ ମେଳରେ ---! ଆରେ ହଁ, ନନ୍ଦିନୀ ବି ଆସି ନାହିଁ। ବୋଧହୁଏ ମାଳତି ଓ ନନ୍ଦିନୀ ଦୁହେଁ ଅଜଥା ବସି ଗପୁଥିବେ। ବର୍ଷକୁ ଥରେ ରଥଯାତ୍ରା ଆସୁଛି,ତାହା ପୁଣି ନିଜ ଗାଁରେ ମେଳା ଜମୁଛି। ଆଖପାଖର ଗାଁ ଲୋକେ ଦେଖିବାକୁ ଆସୁଛନ୍ତି। କେହି ଚାଲି ଚାଲି, କେହି ସାଇକେଲ, ଗାଡି ମୋଟରରେ। ଜୀଇଁଛୁ ବୋଲି ଯାତରା,ମରିଗଲେ ଆଉ ଦେଖିବାକୁ ମିଳିବ କି? "ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଦେଖିବା ପାଇଁ ପୁରୀ ଯିବୁ ଏମିତି ସ୍ୱପ୍ନ ଭାଗ୍ୟରେ ଜୁଟିବାର ନାହିଁ" ଏଇଟା ଲୋକମାନଙ୍କ ଧାରଣା । ତେବେ ମାଳତି ଓ ନନ୍ଦିନୀ ଯାତ୍ରା ଦେଖି ନଆସିବାର ପ୍ରକୃତ କାରଣ କ'ଣ ହୋଇପାରେ ସତ୍ୟ ଜାଣି ପାରିଲା ନାହିଁ।

ସାଙ୍ଗ ଜଣକ ସହିତ ଚଣା, ଉଖୁଡା, ବାଦାମ ଆଉ କିଛି ମିଠା କିଣି ବାହାରିଲା ଗାଁର ଶେଷ ମୁଣ୍ଡ ଅଭିମୁଖେ। ସନ୍ଧ୍ୟା ପ୍ରାୟ ଶେଷ ହୋଇ ରାତି ମାଡି ଆସୁଥିଲା। ତାରକାମାନ ଦେଖାଗଲେ ଗଗନରେ। ଜହ୍ନର କ୍ଷୀଣ ଆଲୋକରେ ମୁହଁ ସ୍ପଷ୍ଟ ଦେଖାନଗଲେ ମଧ୍ୟ ଦୂରରୁ ପୋଷାକ ଓ ଠାଣିଭଙ୍ଗୀକୁ ଦେଖି ପରିଚିତ ବ୍ୟକ୍ତିଙ୍କୁ ଚିହ୍ନି ହେଉଥିଲା। କିନ୍ତୁ ସେହି ମୁହୂର୍ତ୍ତରେ ଏଇ ଦୁହିଙ୍କ ବ୍ୟତୀତ ପଥ ମଧ୍ୟରେ କାହାରି ଉପସ୍ଥିତି ନଥିଲା। ସାଙ୍ଗ ଜଣକୁ କହୁଥିଲା,"ଆଜି ତା'କୁ ନିଶ୍ଚୟ ଭେଟିବି,ଆଉ ପଚାରିବି ମୋ ସହିତ ଦେଖାହେଲେ ସେ କାହିଁକି ଛେପ ପକାଏ ? କ'ଣ ଭୁଲ୍ କରିଛି ମୁଁ? ତା'କୁ ଛାଡି ଅନ୍ୟ କାହା ସହିତ ରାସଲୀଲାରେ ମାତିଛି କି ତା'ର ସରଳତାର ଫାଇଦା ଉଠାଇ ପ୍ରତାରଣା କରିଛି? ଲୋକମାନଙ୍କ ନିକଟରେ ଆମ ଦୁହିଁଙ୍କ ପ୍ରେମ ପ୍ରଣୟ ବଖାଣି ତତେ ଅପବାଦ କରିଛି କି ଅଶ୍ଳୀଳ ଭାଷା କହି ଗାଳି କିମ୍ବା ଅଯାଚିତ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେଇଛି?" ଏହା କହୁ କହୁ ଅନତି ଦୂରରେ ଦେଖିଲା ମାଳତି ଓ ତା'ର ସାଙ୍ଗ ନନ୍ଦିନୀ ସନ୍ଧ୍ୟା ନିତ୍ୟକର୍ମ ନିମନ୍ତେ ଆସୁଛନ୍ତି। ଏହା ହିଁ ଥିଲା ତା' ପାଇଁ ସୁବର୍ଣ୍ଣ ସୁଯୋଗ। ସାଙ୍ଗ ଜଣକୁ ସେଠାରେ

ISSN NO.
2582-208X

ଅପେକ୍ଷା କରିବାକୁ କହି କ୍ଷିପ୍ର ଗତିରେ ସତ୍ୟ ଚାଲିଗଲା ମାଳତିକୁ ଭେଟିବା ପାଇଁ।

ମାଳତି ଓ ନନ୍ଦିନୀ ଦୁହେଁ ଆସୁଥିଲେ ଏମିତି ଏକ ବିଷୟରେ ଆଲୋଚନା କରି। ତାଙ୍କର ମନରେ ଭୟ ଓ ଉତ୍କଣ୍ଠା ଥିଲା। ଧମନୀରେ ପ୍ରବାହିତ ହେଉଥିଲା ଶତ ଶିଥିଳ ରକ୍ତ କଣିକା। ଜଣେ ଆଉ ଜଣକୁ କହୁଥିଲା, "ଯଦି ଏଇ ମୁହୂର୍ତ୍ତରେ କେହି ପୁରୁଷ ଆମ ନିକଟକୁ ଆସେ ତେବେ ତା'କୁ ଦୁହେଁ ଧରି ଏମିତି ପାନେ ଦେବା ଯେପରି ଜୀବନ ସାରା ଆମକୁ ମନେ ପକାଉଥିବ।" ଝିଅମାନଙ୍କ କେବଳ କଥା ବଡ। ଭାବନାରେ ଏସବୁ ଆସେ କିନ୍ତୁ କାର୍ଯ୍ୟରେ ତାହା ପରିଣତ ହୋଇପାରେ ନାହିଁ। କାରଣ ସେମାନେ ଲଢ଼ିବାକୁ ଚାହାଁନ୍ତି ନାହିଁ। ତାଙ୍କର ମନ ଭିତରେ ମିତ୍ରର ସୁରକ୍ଷା କି ଶତ୍ରୁକୁ ଦଣ୍ଡ ଦେବାର ସଂକଳ୍ପ କି ପ୍ରେରଣା ଜାଗେ ନାହିଁ। ଅନ୍ତର ଭିତରେ ଥିବା ପୁଞ୍ଜିଭୂତ ପରାକ୍ରମକୁ ଉଦଗୀରଣ କରନ୍ତି ନାହିଁ। ଜଡ ଶରୀରରେ ଥିବା ସୁପ୍ତ ଶକ୍ତିକୁ ବିସ୍ମରଣ କରି ଦିଅନ୍ତି। ନାରୀ ଭିତରେ ଅପାମ ଶକ୍ତି ନିହିତ। ପୃଥିବୀ ଧ୍ୱଂସ କରିବାର ସାମର୍ଥ୍ୟ ତାଙ୍କର ଠାରେ ଥାଏ। ନୀଳ ସାଗର ବକ୍ଷକୁ ଲମ୍ଫ ପ୍ରଦାନ କରି ହନୁମାନ ଶ୍ରୀଲଙ୍କାରେ ହାଜର ହେଲା ଭଳି ସତ୍ୟବ୍ରତ ଉପସ୍ଥିତ ହୋଇଗଲା ଦୁହିଁଙ୍କ ସମ୍ମୁଖରେ। ତା'କୁ ଦୁହେଁ ଦେଖି ଯେତିକି ଆଶ୍ଚର୍ଯ୍ୟ ହୋଇଗଲେ ସେତିକି ହେଲେ ଭୟଭୀତ। ବାଟହୁଡି ଫେରି ଯାଉଥିଲେ ଘର ଅଭିମୁଖେ। ତତକ୍ଷଣାତ୍ ସତ୍ୟ କହିଲା," ଟିକିଏ ଶୁଣ, ମୁଁ କେବଳ ଗୋଟିଏ କଥା ପଚାରି ଫେରିଯିବି।" ଏତକ ଶୁଣି ଦୁହେଁ ଲୌହ ସ୍ତମ୍ଭ ଭଳି ସେଠାରେ ଠିଆ ହୋଇଗଲେ। ବିସ୍ମିତ ନୟନରେ ସତ୍ୟ ପଚାରିଲା," ମତେ ଦେଖି ତମେ କାହିଁକି ଛେପ ପକାଅ ? ଏପରି କି କୁକର୍ମ କଲି ଯେ ମତେ ଏତିକି ଘୃଣା କର ?" ଭାବୁକତା ଭିତରେ ସଂକ୍ଷିପ୍ତ ପ୍ରଶ୍ନଟି ପଚାରିଲା ମାଳତି "କେଉଁଠି" ବୋଲି।

"ଭୁଲିଗଲ ? ତୁମେ କୂପରୁ ପାଣି କାଢୁଥିବା ବେଳେ ମୁଁ ରାସ୍ତାରେ ଠିଆ ହୋଇଥିଲି। ମତେ ନିରେଖି ଦେଖିଲ, ପୁଣି ଥରେ ଦେଖି ବିରକ୍ତ ଭାବ ପ୍ରକାଶ କରି ଛେପ ପକାଇଲ। ଥରେ ଗଲା। ଭାବିଲି ତମେ ମତେ ଦେଖି ଛେପ ପକାଉ ନଥିବ ବରଂ ମୁଁ ସେହି ସମୟରେ ଉପସ୍ଥିତ ହେଇ ଯାଉଛି। କିନ୍ତୁ ନୁହେଁ, ମୋର ଏଇ ଅନୁମାନ ଭୁଲ୍ ପ୍ରମାଣିତ ହେଲା। ସେ ଦିନ ରାସ୍ତାରେ ଗୀତ ଶୁଣି ଶୁଣି ମୁଁ ଯାଉଥିବା ବେଳେ ତୁମେ ନିତ୍ୟକର୍ମ ସାରି ସାଙ୍ଗ ମେଳରେ ଫେରୁଥିଲ। ପାଖାପାଖି ହେବାରୁ କଟାକ୍ଷ ନୟନରେ ଚାହିଁ ଛେପ ପକାଇଲ। ଧୋବାତୁଠରୁ ଗାଁ ପରିମଳ ଜଣା ପଡିବା ଭଳି ତୁମର ଆଚରଣରେ ମୋ ପ୍ରତି ଥିବା ବିଦ୍ୱେଷ

ISSN NO.
2582-208X

ସ୍ପଷ୍ଟ ରୂପେ ଜଣା ପଡୁଛି । କିନ୍ତୁ କାରଣଟା ଏଯାଏ ପାଇ ନାହିଁ। ଆଉ ଗୋଟିଏ କଥା, ଯେଉଁ ଗୀତ ତମକୁ ଭଲ ଲାଗିଲା ତାହା ତମେ ଶୁଣିଲ। ସେଥିରେ ମୁଁ କାହିଁକି ଛେପ ପକାଇବି ? ସମ୍ବିଧାନରେ ତ ଏପରି କୌଣସି ଅନୁଚ୍ଛେଦ କି ଧାରା ନାହିଁ। ଦୟାକରି ମତେ ଏହାର କାରଣ କହିବାର କଷ୍ଟ କରିବ କି ?"

ସେ ତ କାରଣଟା ଦେଲା ନାହିଁ ବରଂ ଓଲଟା ପ୍ରଶ୍ନ କଲା କେତେବେଳେ ବୋଲି। ଯିଏ ନିଜକୁ ଅତି ଚତୁର ମନେକରେ ସେ ସର୍ବଦା ଦୁଇଟି ନୀତି ଅନୁସରଣ କରିଥାଏ। ଗୋଟିଏ ହେଲା ସବୁକିଛି ଜାଣି ନଜାଣିଲା ପରି ବାହାନା କରିବା ଏବଂ ଅନ୍ୟଟି ହେଲା ଧରାପଡିଯିବା ଭୟରେ କଥାର ଦିଗ ବଦଳାଇ ଦେବା। ଏହାଦ୍ୱାରା ପ୍ରବଞ୍ଚନା ଭିତରେ ବଞ୍ଚିନେବାର ଅଭ୍ୟାସ ହୋଇଯାଏ। ମନରେ ଜାଗି ଉଠେ ଆନନ୍ଦର ଲହରୀ ବୋକା ବନେଇଥିବାର। କିନ୍ତୁ ପର ମୁହୂର୍ତ୍ତରେ ମାଡି ଆସେ ଦୁଃଖର ଢେଉ ମିଛ କହିଥିବାର। ଅନୁତାପ ନିଶ୍ଚୟ ଆସେ ମାତ୍ର ପ୍ରକାଶିତ ହୋଇପାରେ ନାହିଁ। ଠିକ୍ ଏତିକି ବେଳେ କେହି ଜଣେ ସ୍ତ୍ରୀ ଲୋକ କଳସରେ ପାଣି ଧରି ଏମାନଙ୍କ ଆଡକୁ ଅଗ୍ରସର ହେତୁ ମାଳତି ଅନୁରୋଧ କଲା ସତ୍ୟକୁ, "ତୁମେ ଏଠାରୁ ଶୀଘ୍ର ଚାଲି ଯାଅ, କେହି ଜଣେ ଆସୁଛନ୍ତି।" ସତ୍ୟ କିନ୍ତୁ ନିଜ ଜିଦରେ ଅଟଳ ଥିଲା। କହିଲା, "କାରଣଟା ନଦେବା ଯାଏ ମୁଁ ଏଠାରୁ କଦାପି ଯିବି ନାହିଁ।" ତା'ର ଏପରି ବକ୍ତବ୍ୟ ଶୁଣି ଆହୁରି ରାଗିଯାଇ ସାଙ୍ଗ ଜଣକୁ ମାଳତି କହିଲା," ମତେ ସେଥିପାଇଁ ଏୟାକୁ ଭଲ ଲାଗେ ନାହିଁ।" ମାତ୍ର ମାଳତିର ଏଇ ଧାଡି ଶୁଣିବା ପାଇଁ ସତ୍ୟ ଆଉ ସେଠାରେ ନଥିଲା। ଅଗତ୍ୟା ସ୍ତ୍ରୀ ଲୋକର ଉପସ୍ଥିତି ନିକଟତର ହେବାରୁ ସେ ପବନ ବେଗରେ ଦୌଡ଼ି ଚାଲି ଯାଇଥାଏ।

କ୍ରମଶଃ ------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ହୀନସ୍ଥା

ବିନୟାନନ୍ଦ ବତ୍ସସ୍ୟ

ଏମିତି କିଏ ସେ
ସଂସାରେ ରହିଛି
କହିବ ମୁଁ ତୋ ପାଇଁ ଅଛି,
ଯିଏ କହୁଥିବ
ଅନ୍ତରେ ତାହାର
ସ୍ୱାର୍ଥ ନିଶ୍ଚିତ ରହିଛି,
ହୋଇପାରେ କାହିଁ ସତ,
ଯେଉଁଠାରେ ସତ ସେଠାରେ ନିଶ୍ଚୟ ଦେବତାଙ୍କ ଆତଯାତ ।

ଯେଝା କାମେ ଯିଏ
ବ୍ୟସ୍ତ ଏ ସଂସାରେ
ଅର୍ଥ ସ୍ୱାର୍ଥରେ ବଞ୍ଚନ୍ତି,
ମେ ହୁଁ ବୋଲି
କହିବା ଆଗରୁ
ଶହେଥର ଭାବଥାନ୍ତି,
କହନ୍ତି କରନ୍ତି ନାହିଁ,
କେତେ ବି ଅଛନ୍ତି କରିଥାନ୍ତି କିଛି
କଲେ ବି କହନ୍ତି ନାହିଁ ।

ISSN NO.
2582-208X

କାହାକୁ ସାହସ ଦେବାପରି କଥା
କହିବାକୁ ଭାରି ଭିଡ଼,
ଦେବାକୁ ପଡିବ
ବୋଲି ଭାବି ମନେ ରହୁଥାନ୍ତି ହୋଇ ଆଡ଼,
କାହାର ସାହାରା ନେଇ,
ବଞ୍ଚିବାକୁ ଯିଏ ଇଚ୍ଛା କରିଥାଏ ମରେ ସେ ହୀନସ୍ଥା ହୋଇ ।

ଖୋର୍ଦ୍ଧା

ISSN NO.
2582-208X

# ଅମୃତାଘାତ



ସିଦ୍ଧେଶ୍ୱର ତ୍ରିପାଠୀ

ତାର ଦ୍ୱିତୀୟା ଚାନ୍ଦର ଓଠ ଧାରେ
ମୁଁ ଯେ ଆପେ ଭିଜିଯାଏ ଧିରେଧିରେ
ସେତ କଦମ୍ବ ବନର ମିଠା ରସ
ନିଶା ଘାରେ ଦିନୁ ଦିନ ମାସ ମାସ ।

ସିଏ ସୁର ତାଳ ଲୟ ତରଙ୍ଗିଣୀ
ମନ ଅଧିର ହୁଏତା ଗୀତ ଶୁଣି
କେବେ ହାତ ପାହାନ୍ତାରେ ଧରା ଦିଏ
କେବେ ବିରହ ନିଆଁରେ ଜାଳୁ ଥାଏ ।

ମଧୁ ଝରେ କେବେ ସତେ ସପନରେ
ତାର ଦ୍ୱିତୀୟା ଚାନ୍ଦର ଓଠଧାରେ ।

ସେଇ ନିଆରା ସେ ବେନି ନୟନକୁ
ଖାଲି ଥରେ ମନଭରି ଦେଖିବାକୁ
ଖୋଲିବାକୁ ଆଖି ଆଇନାକୁ
ରୋକି ପାରେ କିଏ ଏ ଇଚ୍ଛାକୁ ।

ଅମୃତ ମିଳେ ସେ ଆଘାତରେ
ତାର ଦ୍ୱିତୀୟା ଚାନ୍ଦର ଓଠ ଧାରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X



# ଭଗବତୀ ଚରଣଙ୍କ "ସମୟାତୀତ" ରେ ବହୁବର୍ଣ୍ଣା ଜୀବନ



ମାଧବାନନ୍ଦ ପାତ୍ର

ଆଧୁନିକ ଓଡିଆ ଗଳ୍ପ-ସାହିତ୍ୟର୍ର ରୋମାଣ୍ଟିକ ଚେତନାମୂଳକ ଗଳ୍ପଧାରାରେ ନୂତନ ପ୍ରୟୋଗ କରାଇ ନିଜର ଗଳ୍ପାଦର୍ଶ ସହିତ ସାମାଜିକ ବାସ୍ତବତାର ସ୍ୱଷ୍ଟଚିତ୍ର ଉପସ୍ଥାପନା କରିବାରଏ ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ଥାନ ସ୍ୱତନ୍ତ୍ର । ତାଙ୍କର "ସମୟାତୀତ" (ସହକାର, ୧୨ ଭାଗ-୧୩୩୯, ମାର୍ଗଶିର ୮ମ ସଂଖ୍ୟା) ଗଳ୍ପଟିକୁ ଯେଉଁମାନେ ପାଠ କରିଥିବେ ଏ କଥାର ମର୍ମାର୍ଥକୁ ସହଜରେ ଅନୁଭବ କରିପାରିବେ ନିଶ୍ଚୟ । ସ୍ୱାଧୀନତା ଆନ୍ଦୋଳନ ଏବଂ ମାନବୀୟ ନାରୀ ପୁରୁଷ ପ୍ରେମର ଅପୂର୍ବ ସମନ୍ୱୟରେ ଗଳ୍ପଟି ହୋଇଛି ରସ ଛଳଛଳ ।

ଭଗବତୀ ଚରଣଙ୍କ ଗଳ୍ପ କୌଶଳକୁ ଯଦି ସଚେତନ ପାଠକ ସାମାନ୍ୟ ଧ୍ୟାନସ୍ଥ ହୋଇ ଦୃଷ୍ଟିପାତ କରିବ, ତେବେ ସେନୁଭବ କରିପାରିବ ଗାଳ୍ପିକ କେତେ ସୂକ୍ଷ୍ମ ଭାବରେ ବିଭିନ୍ନ ଉପାଦାନର ପ୍ରୟୋଗ ମାଧ୍ୟମରେ ସୁନ୍ଦର ଗଳ୍ପର ବୁଢିଆଣି ଜାଲ ସୃଷ୍ଟି କରିଛନ୍ତି । ଯେଉଁ ପାଠକ ଥରେ ତାଙ୍କୁ ପାଠ କରିବ, ସେ ସହଜରେ ତାଙ୍କର ଗଳ୍ପ-ଜାଲରୁ ମୁକୁଳିବା ଅସମ୍ଭବ ।

"ସମୟାତୀତ" ଗଳ୍ପରେ ସତ୍ୟ ଏବଂ ସୁରମାଙ୍କ ପ୍ରେମ ଆକର୍ଷଣ ବର୍ଣ୍ଣନା ଛଳରେ ଗାଳ୍ପିକ ତତକ୍ାଳୀନ ସ୍ୱାଧୀନତା ସଂଗ୍ରାମର ଚିତ୍ର ସ୍ୱଷ୍ଟ କରାଇଛନ୍ତି । ସତ୍ୟ ହେଉଛି ସୁରମାର ଭାଇ ରମଣର ପ୍ରିୟ ବନ୍ଧୁ । ଏମାନଙ୍କ ସହିତ ରାଜକିଶୋର ନାମକ ଜଣେ ଯୁବକ ମଧ୍ୟ ସେମାନଙ୍କ ସହିତ ଘନିଷ୍ଠ । ପ୍ରାୟ ପ୍ରତିଦିନ ରମଣର ଗୃହ ମଧ୍ୟରେ ଏକ ପ୍ରକାର ଖୁସି ମଜାର ଆସର ଜମେ । ମୁକ୍ତ ଭାବରେ ଅବାଧରେ ସତ୍ୟ ଏବଂ ରାଜକିଶୋରର ଚଳପ୍ରଚଳ ରମଣର ଗୃହ ମଧ୍ୟକୁ । ଏହି ଖଟିକୁ ଆହୁରି ଜମାଇଦିଏ ରମଣର ଭଉଣୀ ସୁରମା । ସେ

ISSN NO.
2582-208X

ଭଲ ଗୀତ ଗାଏ । ତାର ଗୀତକୁ ଦୁହେଁ ବେଶ୍ ପ୍ରଶଂସା କରନ୍ତି । ସତ୍ୟ ହେଉଛି ସ୍ୱାଧୀନଚେତା ଯୁବକ । ଗୋଟେ ବେସାଲିସ ବୋହେମିଆନ ଜୀବନ ଜିଇଁବା ହେଉଛି ତାହାର ସ୍ୱଭାବ । ବେଳେବେଳେ ତାହାର ଏପରି ସ୍ୱଭାବ ଅନ୍ୟମାନଙ୍କୁ ଠିକ୍ ଲାଗୁନଥିଲେ ମଧ୍ୟ ବନ୍ଧୁତ୍ୱ ଦୃଷ୍ଟିରୁ ତାହାକୁ ଗ୍ରହଣ କରିନିଅନ୍ତି । ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଯୁକ୍ତି ହୁଏ ରାଜକିଶୋର ଏବଂ ସତ୍ୟ ମଧ୍ୟରେ, କିନ୍ତୁ ସତ୍ୟର ଉପଲବ୍ଧି ଏବଂ ଉପସ୍ଥାପନା ସାମ୍ନାରେ ପରାସ୍ତ ହୁଏ ରାଜକିଶୋର । ସତ୍ୟ ଚାହେଁନାହିଁ ସବୁକିଛି ମାନିନେବାକୁ । ସେଥିପାଇଁ ସେ ସ୍ୱର ଉତ୍ତୋଳନ କରେ । ଜିତେ ମଧ୍ୟ ।

ସତ୍ୟର ଏହି ସ୍ୱାଧିନଚେତା ମାନସିକତା ଏବଂ ପୁରୁଷପଣିଆରେ ମୁଗ୍ଧ ହୋଉଯାଏ ସୁରମା । ମନେମନେ ଭଲପାଇବସେ ଅନ୍ୟମାନଙ୍କର ଅଲକ୍ଷ୍ୟରେ । ସୁରମା ଅନେକଥର ନିଜର ଦୁର୍ବଳତାକୁ ପ୍ରକାଶ କରେ ନିଜ ବ୍ୟବହାରରେ, କିନ୍ତୁ ସତ୍ୟ ସେଥିପ୍ରତି ଦୃଷ୍ଟି ନଦେଇ ଆଡ ହୋଇଯାଏ । ଯାହା ନାରୀ ସୁଲଭ ମାନସିକତାକୁ ଆଘାତ ଦିଏ । ଯେତେବେଳେ ସ୍ୱପ୍ନ ବିଳାସୀ ହୋଇଯାଏ ସୁରମା, ସେତେବେଳେ ସତ୍ୟ ଉପସ୍ଥାପନା କରେ ବିଭିନ୍ନ ଦାର୍ଶନିକମାନଙ୍କ କଥା । ଥରେ ସତ୍ୟର ଆଗମନ କାଳରେ ସୁରମା ଅଭିମାନଭରା ପ୍ରଶ୍ନସୂଚକ କଣ୍ଠରେ ବାରମ୍ବାର କାହିଁକି ତାଙ୍କ ଘରକୁ ଆସୁଥିବାରୁ କାରଣ ପଚାରନ୍ତେ ସତ୍ୟ ମଧ୍ୟ ବିଦ୍ରୁପ କରିବା ଆରମ୍ଭ କରିଦେଲା । ଯାହା ସୁରମାର ମାନସିକ ଅବସ୍ଥାକୁ ଅସନ୍ତୁଳିତ କରିପକାଇଲା । କ୍ରୋଧ ଜର୍ଜରିତ ହୋଇ ସତ୍ୟକୁ ତାର ଘରକୁ ଆଉ କେବେ ନ ଆସିବା ପାଇଁ କହିଲା । ଗାଳ୍ପିକ ଏଠାରେ ସତ୍ୟର ଚରିତ୍ର ମଧ୍ୟରେ ସ୍ୱାଭିମାନର ଯେଉଁ ବଳିଷ୍ଠ ସ୍ପର୍ଶ ଦେଇଛନ୍ତି ତାହା ବାସ୍ତବିକ ଅନନ୍ୟ । ସୁରମା ନିଜର ଜୀବନକୁ ପରବର୍ତ୍ତୀ କାଳରେ ସଜାଡିବାକୁ ଚେଷ୍ଟାକଲା ସତ୍ୟର ସ୍ୱପ୍ନବିନା । କିନ୍ତୁ ସତ୍ୟ ଖୋଜୁଥିଲା ଜୀବନର ବାସ୍ତବତା । ଏହି ସମୟରେ ସୁରମା ଅନୁଭବ କଲା ଶୂନ୍ୟତା ନିଜ ଅନ୍ତର ଭିତରେ । ଗୋଟେ ଖାଁ ଖାଁ ପଣ ତାର ହୃଦୟକୁ କଲା ଭାରାକ୍ରାନ୍ତ । ସତ୍ୟର ଅନୁପସ୍ଥିତି ଧୀରେ ଧୀରେ ତାକୁ ଦୁଃଖ କରାଇଲା ।ଚାକର ହାତରେ ଗୋଟିଏ ବହି ଭିତରେ ଚିଠିଟିଏ ଲେଖି ପଠାଇଲା ସତ୍ୟ ପାଖକୁ । ଯାହାକୁ ପଢିବା ପରେ ସତ୍ୟ ଅନୁଭବ କରିବ ସୁରମାର ଅସହାୟତାକୁ । କିନ୍ତୁ ଚାକର ବହିଟି ନେଇ ଯେତେବେଳେ ବଢାଇ ଦେଇଛି ସତ୍ୟର ହାତକୁ, ସତ୍ୟ ବହିଟିକୁ ଗ୍ରହଣ କରି ସୁରମାର ଯେଉଁ ଦୁଇ ତିନିଖଣ୍ଡ ବହି ରହିଯାଇଥିଲା ତା ପାଖରେ, ତାହାକୁ ଚାକର ହାତଅରେ ପଠାଇ ଦେଲା । ସେଦିନ ଡାଏରୀରେ ସତ୍ୟ ଲେଖିଲା – ଆଜି ସମସ୍ତ ଆଶା ପୂର୍ଣ୍ଣ ହୋଇଥିଲା, ଆଉ ମିଳନ ଅସମ୍ଭବ ।

ISSN NO.
2582-208X

ସତ୍ୟ ଜାଣେ ତାର ବନ୍ଧୁ ରମଣର କଥା । ସେ ଯେବେ ଘରକୁ ଆସିବ ବାଧ୍ୟ କରିବା ପରି ସତ୍ୟକୁ ନେଇଯିବ ନିଜ ସହିତ । ସ୍ୱାଭିମାନୀ ସତ୍ୟ ସେଦିନ ଠିକ୍ କଲା ସେ ନିଜ ଗୃହତ୍ୟାଗ କରି ଚାଲିଯିବ ଅନ୍ୟତ୍ର । ଏବଂ ଶେଷରେ ଯାଇ ସାବରମତୀ ଆଶ୍ରମରେ ଆଶ୍ରୟ ନେଲା । ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲା । ଲୁଣ ମାରିବା ଅଭିଯୋଗରେ ଛ ମାସ ସଶ୍ରମ କାରାଦଣ୍ଡରେ ଜେଲ ଜୀବନ ଭୋଗ କଲା । ଜେଲରେ ଥାଇ ମନେପକାଉଥାଏ ସୁରମା ର କଥା ।

ଶେଷରେ ଛ ମାସର ଅବଧି ଶେଷହେବା ପରେ ଯେତେବେଳେ ସତ୍ୟ ନିଜକୁ ମୁକ୍ତ କରୁଛି ଆବଦ୍ଧ କୋଠରୀରୁ ସେତେବେଳେ ଶୁଣିବାକୁ ପାଉଛି ସୁରମା ବିବାହ କରିନେଇଛି ରାଜକିଶୋରକୁ । ଶେଷଥର ପାଇଁ ସୁରମାକୁ ଭେଟ କରିବାକୁ ଯାଇ ସୁରମାର ବିଳାସମୟ ଜୀବନଚର୍ଯ୍ୟା ଦେଖି ଚକିତ ହୋଇଛି । ସୁରମା ନିଜର କଥା ଶେଷ କରି କ୍ଲବକୁ ବାହାରିଯିବା ବେଳେ ସତ୍ୟ ମଧ୍ୟ ଫେରିଆସିଛି ନିଜ ଘରକୁ ଏବଂ ସୁରମା ଠାରୁ ପ୍ରାପ୍ତ ହୋଇଥିବା ବହିଟିକୁ ଖେଳାଇବା ବେଳେ ପାଇଛି ଚିଠିଟିଏ । ଯେଉଁଠିରେ ଲେଖାଅଛି – ବନ୍ଧୁ! ମୁଁ ବଡ ବିପନ୍ନା । ସତ୍ୟ କିଛି କ୍ଷଣ ଭାବିଲା ଚିଠିଟିକୁ ଚାହିଁ ଏବଂ ହସିବା ଭିତରେ ଗଳ୍ପଟିକୁ ଶେଷ କରିଦେଇଛନ୍ତି ଗାଳ୍ପିକ । ଗଳ୍ପର ପରିଣତିରେ ସତ୍ୟର ସ୍ମିତ ହସ ଭିତରେ ସ୍ରଷ୍ଟା ଯେଉଁ ବିପୁଳ ଚିନ୍ତନର ସ୍ୱର ଛାଡି ଯାଇଛନ୍ତି ତାହା ସଚେତନ ପାଠକମାନେ ହିଁ ଉପଲବ୍ଧି କରିପାରିବେ କେବଳ ।

ଗାଳ୍ପିକ ଯେହେତୁ ମାକ୍ସବାଦ ଉପରେ ବିଶ୍ୱାସ କରି ସାହିତ୍ୟ ସର୍ଜନା କରିବାକୁ ଇଚ୍ଛା କରିଛନ୍ତି, ତେଣୁ ତାଙ୍କ ଭିତରେ ମଣିଷର ବଞ୍ଚିବାକୁ ଏବଂ ସ୍ୱାଭିମାନୀ ସ୍ୱାଧୀନ ଜୀବନ ଅତିବାହିତ କରିବାକୁ ସୃଜନ-ସତ୍ତାଟିଏ ବାରମ୍ବାର ଚେତାଇଦିଏ । ସତ୍ୟ ପରି ଆଦର୍ଶବାଦୀ ଚରିତ୍ରଟିଏ ଗଢିବା ହିଁ ଗାଳ୍ପିକଙ୍କ ଲକ୍ଷ୍ୟ। ଯେଉଁ ମଣିଷ ବ୍ୟକ୍ତିସ୍ୱାର୍ଥ ବଦଳରେ ଦେଖେ ସାମୂହିକ ସ୍ୱାର୍ଥ, ଜଗତ ତଥା ସମାଜର ସ୍ୱାର୍ଥ, ତାହାର ଜୀବନ ହିଁ ସାର୍ଥକ । ଯିଏ ଦୁଃଖ ଓ ସତ୍ୟକୁ ପଛ କରି ସଂଘର୍ଷମୟ ଜୀବନକୁ ଅନୁଭବ ନକରି ଆପଣାର ଉନ୍ନତି ତଥା ବିଳାସ ପାଇଁ ବଞ୍ଚିରହେ, ଅନ୍ୟର ଛାତିରେ ପାଦ ଥୋଇ ସେପରି ମଣିଷ କଳଙ୍କର ଅନ୍ୟମାନ କେବଳ । ସତ୍ୟ ଯଦି ସ୍ୱାଭିମାନୀ ବେସାଲିସ ମଣିଷଟିଏ ହୋଇନଥାନ୍ତା, କିମ୍ବା ଦେଶର ସ୍ୱାର୍ଥ ନଦେଖି ନିଜର ବ୍ୟକ୍ତିଗତ ସୁଖସୁବିଧା ଦେଖିଥାନ୍ତା, ତେବେ ହୁଏତ ସେ ନିଜ ପ୍ରେମକୁ ପାଇପାରିଥାନ୍ତା, କିନ୍ତୁ ଯେଉଁ ଗୋଟିଏ ମଣିଷର ହସ ପରିବର୍ତ୍ତେ ସେ ଦେଖିଛି ହଜାର

ISSN NO.
2582-208X

ହଜାର ମଣିଷର ମୁକ୍ତିର ହସ, ସେ ହସ କଣ ସୁରମାର ହସଠାରୁ କେବେ ମୂଲ୍ୟହୀନ ହୋଇପାରେ । ହୃଦୟର ବିଶାଳତା ହିଁ ମଣିଷର ସୁଖର କାରଣ ହୋଇପାରେ । ଯାହା ବେଶ୍ ଭଲଭାବରେ ଅନୁଭବ କରିଛି ସତ୍ୟ ।

ଗଳ୍ପର ପରିଣତିରେ ଗାଳ୍ପିକ ସତ୍ୟର ମୁହଁରେ ସ୍ମିତ ହାସ୍ୟର ବର୍ଣ୍ଣନା କରି ସ୍ପଷ୍ଟ କରିଦେବାକୁ ଚାହିଁଛନ୍ତି ଯେ ମଣିଷ ଯେଉଁ ସୁଖ ପଛରେ ଧାଇଁବାକୁ ନିଜର ଶ୍ରେଷ୍ଠତ୍ୱ ବୋଲି ବିଚାର କରି ବିଳାସମୟ ମୁହୂର୍ତ୍ତ ବିତାଉଛି, ତାହା କେତେ ମୂଲ୍ୟହୀନ ସତରେ ! ସୁରମା ଆଜି ରାଜକିଶୋର ସହିତ ଟଙ୍କାର ପାହାଡ ଉପରେ ବସି କ୍ଲବ ପାର୍ଟିରେ ଯୋଗ ଦେଇ ଜୀବନ କାଟୁଛି । ସାମୟିକ ସୁଖ ପାଇଁ ସଂପର୍କ, ଆବେଗ, କର୍ତ୍ତବ୍ୟକୁ ପଛରେ ପକାଇ ଦେଇ, ମଣିଷ ପଣିଆକୁ ସମାଧିସ୍ଥ କରି ଯେଉଁ ମିଛ ଅହମିକା ପଛରେ ଧାଇଁଛି, ଏହା ଯେ ଚିରସ୍ଥାୟୀ ନୁହେଁ ତାହା ବେଶ୍ ଅନୁଭବ କରିଛି ସତ୍ୟ । ସୁରମାର ସ୍ୱଭାବ ଏବଂ ଆଶା, ସ୍ୱପ୍ନକୁ ବୁଝିବା ବେଳେ ଚିଠିଟିକୁ ପରବର୍ତ୍ତୀ ସମୟରେ ପାଇଥିବାରୁ ଶାନ୍ତିର ଦୀର୍ଘଶ୍ୱାସ ଛାଡିଛି ସତ୍ୟ । ସେ ଯଦି ପ୍ରଥମରୁ ସୁରମାକୁ ବିବାହ କରିଥାଆନ୍ତା, ଏ ଚିଠିପାଇ ସୁରମା ପଛରେ ନିଜକୁ ହଜାଇ ଦେଇଥାନ୍ତା, ତେବେ ଦେଶ ପାଇଁ ଥିବା ତାର କର୍ତ୍ତବ୍ୟକୁ କରିଥାନ୍ତା ଅବହେଳା । ଅନ୍ୟ ସାଂସାରିକ ମଣିଷର ଜୀବନ ପରି ତାର ଜୀବନ ହୋଇଯାଇଥାନ୍ତା ଆବଦ୍ଧ କୋଠରୀରେ ବନ୍ଦୀ । ଯେଉଁଠାରେ ମୁକ୍ତ ଚିନ୍ତନ ଓ ମୁକ୍ତ-ଜୀବନର ପରିକଳ୍ପନା କରାଯାଇନପାରେ ।

ବାସ୍ତବିକ୍ ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀ ଯେପରି ଭାବରେ ରୋମାଣ୍ଟିକ୍ ପରିବେଶ, ନାରୀ ପୁରୁଷର ମାନସିକତା ଭିତରେ କର୍ତ୍ତବ୍ୟନିଷ୍ଠ, ଆଦର୍ଶ ଚରିତ୍ର ସୃଷ୍ଟି କରିବା ସହିତ ନିଜର ଜାତୀୟ କର୍ତ୍ତବ୍ୟ ସମାପନ କରିଛନ୍ତି ଗଳ୍ପ-ସର୍ଜନା ଦ୍ୱାରା ସେଥିପାଇଁ ସେ ଚିର ପ୍ରଣମ୍ୟ ହୋଇ ରହିବେ । ପ୍ରତ୍ୟେକେ ଏ ଦିନିଆରେ ଜନ୍ମଲାଭ କରି ନିଜର ବ୍ୟକ୍ତିତ୍ୱ, ନିଜର ଉପସ୍ଥିତି, ନିଜର କର୍ତ୍ତବ୍ୟକୁ ବୁଝନ୍ତୁ ତାହା ହିଁ ଏହି ଗଳ୍ପର ଲକ୍ଷ୍ୟ ।

ଜ୍ଞାନ ମନ୍ଦିର, କଲେଜ ପାଖ, ମଦନପୁର
କେନ୍ଦ୍ରାପଡା-୭୫୪୨୪୬/ମୋ: ୯୯୩୭୨୧୨୭୯୫

ISSN NO.
2582-208X

# ଜୟ ଜଗନ୍ନାଥ କାଳିଆ ସାଆନ୍ତ

ସୁହାସିନୀ ବାରିକ୍

ଜୟ ଜଗନ୍ନାଥ କାଳିଆ ସାଆନ୍ତ କମଳ ଲୋଚନ ହରି ।
ଶମନ ର ଡର ନାହିଁ ଯାର ପୁର ସେହି ବୈକୁଣ୍ଠ ବିହାରୀ ।
ସେ ଜଗାକାଳିଆ ଭକତ ଭୋଳିଆ ସଙ୍ଗେ ଧରି ଭଗ୍ନି ଭାଇ ।
ନୀଳ କନ୍ଦର ରେ ଦାରୁ ବ୍ରହ୍ମ ରୂପ ହୋଇ ବସିଛି କହ୍ନାଇ ।
ବସାଇ ଦେଇଛି କଇବଲ୍ୟ ହାଟ ଆନନ୍ଦ ବଜାର ଖୋଲି ।
ସହସ୍ର ଭକତ ହୋଇ ଏକତ୍ରିତ ହୋନ୍ତି ନିତି ନିଉଛାଳି ।
ଚଉବର୍ଗ ଦାନୀ ମୁକତି ବିତରେ ରହି ସିଂହାସନେ ବସି ।
ବ୍ରହ୍ମା ରୁଦ୍ର ଇନ୍ଦ୍ର କଇବଲ୍ୟ ଲୋଭେ ହୋଇଣ ଥାନ୍ତି ପ୍ରୟାସୀ ।
ଯାର ଦରଶନ କଲ୍ମଶ ଦହନ ସ୍ମରଣ ପୂଣ୍ୟ ଦାୟକ ।
ସେହି ପ୍ରଭୁ ବିଶ୍ୱ ବ୍ୟାପି ଚରାଚର ବିଶ୍ୱ ବ୍ରହ୍ମାଣ୍ଡ ନାୟକ ।

ମହୁ, କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ ୭୫୪୨୩୧

ISSN NO.
2582-208X

# ତୁମ ବିନା


ସୁହଂସ ଭୋଇ

ମୋ ମନର ନୀରବତା
ଆଖି କହେ କେତେ କଥା
ବିଚ୍ଛେଦ ବେଦନା ବ୍ୟଥା ସହି ହୁଏନା
ପ୍ରିୟତମ ତୁମ ବିନା ମନ ବୁଝେନା..(0)

ବିରହ ଯାତନା ଦାହ
ଅଟେ କଟୁ ଦୁରାସହ
ଲୁହ ହୋଇ ବୋହି ଯାଏ କୋହ ଯମୁନା
ଅମାନିଆ କୋହ ତାକୁ ଚାପି ହୁଏନା
ପ୍ରିୟତମ ତୁମ ବିନା ମନ ବୁଝେନା.. (1)

ଏ ହୀନ ଅଳସୀ କନ୍ୟା
ମନ ସ୍ନେହ ପ୍ରୀତିବନ୍ୟା
ବୋହିଯିବି ନ ମାନି ମୁଁ ବନ ଝରଣା
ମୋ ହୃଦୟ ବନଫୁଲ ତୁମେ ବାସନା
ପ୍ରିୟତମ ତୁମ ବିନା ମନ ବୁଝେନା.. (2)

ISSN NO.
2582-208X

ନିତି ନିତି କେତେ ସଜ
ନିତି କାହେଁ ହେଲେ ସଞ୍ଜ
ପାଦେ ଅଳକତ ଖଞ୍ଜି ନାକରେ ଗୁନା
ଦିନ କଟେ ଅସହଜେ ରାତି ଯନ୍ତ୍ରଣା
ପ୍ରିୟତମ ତୁମବିନା ମନ ବୁଝେନା ...(୩)

ଆହେ କୁମୁଦବାନ୍ଧବ
କାହିଁକି କପଟ ଭାବ
ଆସି ଢାଳ ପ୍ରୀତିରସ ହେବି ସୁମନା
ମୁଁ କୁମୁଦ ଚାହିଅଛି ନୀଳ ଜୋଛନା.
ପ୍ରିୟତମ ତୁମ ବିନା ମନ ବୁଝେନା . (4)

ପହଣ୍ଡି , ବରଗଡ଼

ISSN NO.
2582-208X

# ସୁଭ୍ରାଂଶିର ଦୁଃଖ



ଅରୁଣ କୁମାର ତ୍ରିପାଠୀ

ସୁଭ୍ରାଂଶୀ ତା ନିଜ ନାମ ନୁହଁ, ପ୍ରାଣପ୍ରିୟା ପତିଦେବଙ୍କ ନାମ ସୁଭ୍ରାଂଶୁ ବୋଲି ନିଜ ନାମ ସେ ରଖିଦେଇଅଛି, କିନ୍ତୁ ବାପା ମା' ନାମ ଦେଇଥିଲେ ମନିଷା । କନକ ଚମ୍ପାଭଳି ସେ ଗୋରା, ରାଜ ହଂସୀ ଚାଲି ତାହାର, ଯିଏ ବି ଦେଖିଲେ କବିତା ମନସ୍କ ହେଇଜିବ । ରେଭେନ୍ସାରେ ପଢୁଥିବା ସମୟରେ ୬ଷ୍ଠ ବର୍ଷରେ ବିଏଡ୍ ମିଳିଲା ବୋଲି ଅର୍ଥନୀତି ସ୍ନାତକୋତ୍ତର ରେ କେବଳ ନିବନ୍ଧ ପୈଠ କରିପାରିନଥିଲା । ଅବଶ୍ୟ ଓଡିଶା ଆଦର୍ଶ ବିଦ୍ୟାଳୟରେ ଜଏନ୍ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ଆଉ ଦୁଇଟି ଭିନ୍ନ ବିଷୟରେ ସ୍ନାତକୋତ୍ତର କରିଅଛି । ସେ ଯେବେ ଅବିବାହିତ ଥିଲା, ତାକୁ ଅନେକେ ପ୍ରୋପଜ୍ କରିଥିଲେ, କିଛି କଥାରେ.... କିଛି ଚାହାଣୀରେ, ହେଲେ ସେ ଆଧ୍ୟାତ୍ମିକ ମନସ୍କା । କିଛି ବି ସେଇଭଳି ମାନସିକତା ତାକୁ ପ୍ରଭାବିତ କରିପାରେନି । ସେ ଚାହୁଁ ଥିଲା, ବିଦ୍ୟାବାରିଧି (ପିଏଚଡ଼ି ) କରିବ, ପ୍ରଫେସର ଟେ ହବ, ନିଜ ମାଁ ବାପାଙ୍କୁ ଦୁନିଆର ସବୁ ଖୁସି ଦବ, ହେଲେ ଯଦିଓ ସେ ଚାକିରି କରିଦେଲା, କିନ୍ତୁ ତା ବାପାଙ୍କର ପକ୍ଷାଘାତ ରୋଗ ବାହାରିଲା । ସେତେବେଳକୁ ମନୀଷାକୁ ଅଣତିରିଶି ଚାଲୁଥାଏ । ତା ଦୁଇ ଭାଇ ଅନ୍ୟ ରାଜ୍ୟରେ ଥିଲେ । ସେମାନଙ୍କ ସେଥିପ୍ରତି ଏତିକି ଟିକିଏ ବି ନିଘା ନଥାଏ । ଦରମା ଗଣ୍ଡେ ପଠେଇ ଦିଅନ୍ତି । ଆଉ ମନଦୁଃଖରେ ରହିଥାଏ ସେ । ଏହି ସମୟରେ ତା ଜୀବନରେ ସେ ଭେଟେ ସୁଭ୍ରାଂଶୁଙ୍କୁ ଏକ ଜାତିୟ ସ୍ତର ର ଆଲୋଚନା ଚକ୍ରରେ । ସେ ସେତେବେଳକୁ ଡ. ସୁଭ୍ରାଂଶୁ ହେଇସାରିଥାନ୍ତି, ଚାକିରି ଅନ୍ୱେଷଣରେ ଥିଲେ । ସୁଭ୍ରାଂଶୁଙ୍କ ପ୍ରବନ୍ଧ ଉପସ୍ଥାପନା ଶୈଳୀ ତାକୁ ବହୁତ ଭଲ ଲାଗିଲା, ପରେ କଥାବାର୍ତ୍ତା ବଢ଼ିଲା । କିନ୍ତୁ ମନୀଷା ସାଇପୋସେକ୍ସୁଆଲ ଥାଏ, ଯାହାର ଅର୍ଥ ପାଠପ୍ରତି ଭଲ ପାଇବା, କିନ୍ତୁ ସୁଭ୍ରାଂଶୁ ଝିଅ ପଟେଇବାରେ ମାହିର ! ତା' ବଡ ଭାଇ

ISSN NO.
2582-208X



ବି ସେଇଭଳି । ସୁଭ୍ରାଂଶୁର ମାତାଙ୍କ ମୃତ୍ୟୁ ତାଙ୍କ ବାହାଘର ର କିଛି ଦିନ ପରେ ହେଇଗଲା । ମନୀଷାକୁ ସୁଭ୍ରାଂଶୀ କରିବାରେ ସେ ଏୟା ଜାଲ ବିଛେଇଲା ଯେ, ସେ ବୟସ ବଢୁଥିବା ସତ୍ତ୍ୱେ ଅବିବାହିତା ଥିବାରୁ ତା ବାପାଙ୍କୁ ପିତୃଦୋଷ ହେତୁରୁ ସେଇଭଳି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି ତଥା ଦୁନିଆ ମଧ୍ୟ ଦେଖିଲା, ତାଙ୍କ ବାହାଘର ର କିଛି ଦିନପରେ ସେ ଚାଲବୁଲ କରିବାକୁ ଲାଗିଲେ । ମନୀଷା ଏବେ ସୁଭ୍ରାଂଶୀ ହେଇଯାଇଥାଏ । ତା ସ୍ୱାମୀ ମାନେ ସୁଭ୍ରାଂଶୁ କିନ୍ତୁ ଚାକିରି କରିନଥାନ୍ତି । ସୁଭ୍ରାଂଶୀର ଦରମା ଆକାଉଣ୍ଟ ତଥା ଫେସ୍ ବୁକ୍, ମୋବାଇଲ ଫୋନ୍, ସାମାଜିକ ସଂପର୍କ ସବୁ ସୁଭ୍ରାଂଶୁର ପରିଚାଳନା କରୁଥା'ନ୍ତି ।

ଏଇଭଳି କିଛି ଦିନରେ ତା' ଚାକିରି ହେଇଗଲା ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ବିଶ୍ୱ ବିଦ୍ୟାଳୟରେ । ସୁଭ୍ରାଶୀର ପୋଷ୍ଟିଂ ଥାଏ ନୂଆପଡା । କାଳକ୍ରମେ ସୁଭ୍ରାଂଶୀର ଜୀବନରେ ଆସେ ସୁଆତି ପବନ ଝଡ, ଯେଉଁଥିରେ ଦୋହଲି ଯାଏ ତା ସୁଖର ସଂସାର । ବାହାଘରକୁ ସାତ ବର୍ଷ ବିତିଲାଣି, ତାଙ୍କ ଏହି ଭିତରେ କୁନି ଝିଅଟେ ଜନ୍ମ ହେଇଅଛି । କରୋନା ସମୟରେ ସାଢେ ସାତମାସିଆ ଛୁଆ । କିଛି ଦିନ ସେ ସୁଭ୍ରାଂଶୁ ପାଖରେ କ୍ୱାର୍ଟର ରେ ରହିଲା, ପରେ ଯିବା ଆସିବା କରିବାରେ ତାକୁ ଅସୁବିଧା ହେଲା ବୋଲି, ସେ ନୁଆପଡାରେ ବସା ନେଇ ରହିଲା । ବର୍ଷେ ଯେଉଁ ରହିଲା, ସେଠି ଅସନ୍ତୋଷର ବୀଜ ସୁଭ୍ରାଂଶୁ ମନରେ ଅଙ୍କୁରିତ ହେଲା । ସେ ମନୀଷାକୁ କହୁଥିଲା,ଚାକିରି ଛାଡିବାକୁ, ହେଲେ ଯେଉଁ ମନୀଷା ଏବେ ସୁଭ୍ରାଂଶୀ, ଆଉ ଯା' ଦରମା ପଇସାରେ ସେ ସାକ୍ଷାତକାର ଦେଇ ଚାକିରି ପାଇଅଛି, ଯାହା ସୁଭ୍ରାଂଶୀର ଅତ୍ମ ସ୍ୱାଭିମାନ, ପରିଶ୍ରମର ଫଳ, ତାକୁ ସେ ଛାଡିବାକୁ ଚାହୁଁନଥିଲା । ଏମିତିରେ ତାଙ୍କ କଲୋନୀରେ ଜଣେ ବୃଦ୍ଧ ପ୍ରଫେସର ଶ୍ୟାମସୁନ୍ଦର ରହୁଥିଲେ, ଯାହାଙ୍କ ପରିବାର ଦୂର ରେ ରହୁଥିଲେ, ସେ ନୁଜକୁ ସର୍ବଦା ଯୁବକ ଭାବନ୍ତି, ନିଜ ଘରେ ଲିଭ୍ ଇନ୍ ରେ ରହିବାକୁ ପ୍ରେମପକ୍ଷୀଙ୍କୁ ମାଗଣା ଘରଭଡା ଦିଅନ୍ତି, ଜଣେ ସତର ବର୍ଷିଆ ଝିଅର ମା', ଯାହା ସ୍ୱାମୀଙ୍କ ଆବର୍ତ୍ତମାନ ହେଇ ସାରିଥାଏ, ତାଙ୍କୁ ବି ମାଗଣାରେ ପୋଷେ, ନିଜର ଶାରିରୀକ ସୁଖ ତୁଷ୍ଟୀକରଣ କରିବାକୁ । ସେ ଦିନେ ସୁଭ୍ରାଂଶୀକୁ ମନର ଦାନବ ସହ ପରିଚୟ କରେଇଦେଲା, ହେଲେ ସେ ତା'କୁ ଅଚିରେ ପରାସ୍ତ କରିଦେଲା । ସେ କିନ୍ତୁ କାମନାର ଦାନବ । ସୁଭ୍ରାଂଶୁ ସହ ସେ ବହୁତ ଭଲ ସମ୍ପର୍କ ରଖିଥାଏ, ତାହାକୁ କୁହେ, ସେ ବାହା ନହେଇଥିଲେ, ତାଙ୍କ ସମ୍ପର୍କରେ ତାକୁ ବାହା କରେଇଦେଇଥାନ୍ତା, ଦେଖେଇ ସିଖେଇ ବହୁତ କଥା କୁହେ, ସୁଭ୍ରାଂଶୀର ଅନ୍ୟ ଜାଗାରେ ସଂପର୍କ ଅଛି, ଏୟା କରୁଛି, ସେୟା କରୁଛି ଆଦି ବହୁତ କଥା କହିକି, ତାଙ୍କ ଭିତରେ ଫାଟ କରିବାକୁ ଚେଷ୍ଟା କରେ ।

ISSN NO.
2582-208X

ସୁଭ୍ରାଂଶୁର ତ ଭରସା ହୁଏନି, କିନ୍ତୁ କିଛିକାଂଶରେ ସନ୍ଦେହ ଉପୁଯେ । ଦିନରେ ତାଙ୍କର ନୁଆଁ ଆକ୍ୱାଗାର୍ଡ ଲାଗିବାର ଥିଲା, ସେଦିନ ସୁଭ୍ରାଂଶୁର ଭୁବନେଶ୍ୱରରେ ଏକ ଅଲୋଚନା ଚକ୍ରଥାଏ, ଫିଟିଂରେ କିଛି ଡେରିହେଲା, ବୋଲି କଲ୍ କରିକି ସୁଭ୍ରାଂଶୁକୁ କହିଲା, ଦେଖେ ତୋ ଭାର୍ଯ୍ୟା କିଭଳି ମୁହଁ କଳା କରୁଛି ! ଆଉ ଦିନେ କହିଲା, ସେ ବିଇଓ ସାଂଗରେ ନାରେ ନାରେ ନିତି ହଉଛି ! ଏମିତି ନିୟମିତ ସୋରିଷର ପାହାଡରେ ସୁଭ୍ରାଂଶୁ ହୃଦୟ ଖୀନଭିନ ହୁଏ । ତାହାର ସନ୍ଦେହର ବୀଜ ଘନୀଭୂତ ହେଲା, ସେ ସୁଭ୍ରାଂଶୀର ମୋବାଇଲର କଲ ରେକର୍ଡିଂ କଲା । ସୁଭ୍ରାଶୀର ଏତେ ଟେକ୍ନୋ ସେଭି ନଥାଏ, ସେ ସେକଥା ଜାଣି ନଥିଲା । ସୁଭ୍ରାଂଶୁ  କିଛିତ ପାଇଲାନି, କିନ୍ତୁ ମା' ଝିଅଙ୍କ କଥାରେ ଏକ ଶବ୍ଦ ଶୁଣିବାକୁ ପାଇଲା, 'ଶଳା' ବୋଲି । ସୁଭ୍ରାଂଶୀର ମା' ଙ୍କ ଘର ବାଲେଶ୍ୱର, ସେଠି ଶଳା ଶବ୍ଦ ବହୁଳ ବ୍ୟବହୃତ ହୁଏ, ଏଇ କଥାକୁ ନେଇ ସୁଭ୍ରାଂଶୁ ମନୀଷାର କଥାବାର୍ତ୍ତା ଛଅମାସ ବନ୍ଦ କରିଦେଲା, ତା ଫୋନ୍ ଭାଙ୍ଗି ମଧ୍ୟ ଦେଲା, କଥା ଏତେ ଦୂର ଗଲା ଯେ, ତା ବୋଉ ଆସି ଗୋଡଧରି କ୍ଷମା ମାଗିଲେ । ସେ କେବଳ ଚାହୁଁଥିଲେ, ଝିଅଜୋଇଁ ଖୁସିରେ ରହନ୍ତୁ । ଆଉ ସେ କଥାଟି କିଛି କାଂଶରେ ସମାଧାନ ହେଇଗଲା । କିନ୍ତୁ ବାଘ ପାଟିରେ ଥରେ ରକ୍ତ ଲାଗିଲେ, ସେ ଅଭ୍ୟାସ ଛାଡେନି। ଏହିଭଳି ପ୍ରତି ଦିନ ସେ ସୁଭ୍ରାଂଶୀକୁ ନିଚା ଦେଖେଇବାକୁ ଲାଗିଲା । କାଳକ୍ରମେ ତାକୁ କହିଲା, କେବଳ ଶାଢି ପିନ୍ଧିବ, ଡ୍ରେସ୍ ପିନ୍ଧିବାରେ ବାରଣ କଲା । ସୁଭ୍ରାଂଶୀ ବହୁତ ସୁନ୍ଦର ଥିଲା, କିନ୍ତୁ ସୁଭ୍ରାଂଶୁର କଥାରେ ସେ ବୃଦ୍ଧ ବୋଲି ନିଜକୁ ଭାବିଲା; ତେଣେ ସୁଭ୍ରାଂଶୁର ପିଏଚ୍ ଡି ସ୍କଲାରଙ୍କୁ ଗାଇଡ୍ କରିବାର ଯୋଗ୍ୟତା ମିଳିଯାଇଥାଏ । ଆଉ ଏହି କ୍ରମରେ ଜଣେ ବଦମାସ ଝିଅ ସୁଭ୍ରାଂସୀର ଜିବନରେ ନିଆଁ ଲଗେଇବାକୁ ଆସିଗଲା । ଦିନେ କୁଳପତିଙ୍କ ଝିଅ ବାହାଘର ଥିଲା, ସେଥିରେ ସୁଭ୍ରାଂଶୀ ନିଜକୁ ବହୁତ ଭଲ ଭାବେ ସହେଇଥିଲା, ସେଠି ଦିଜଣଙ୍କ ଯୋଡି ସମସ୍ତଙ୍କଠାରୁ ଅଲଗା ଥିଲା, ସମସ୍ତେ ଦେଖି ଈର୍ଷା ହେଲେ । କାଳେ କାହାର ନଜର ଲାଗିଗଲା କି କଣ, ସେହି ଦିନଠାରୁ ତାଙ୍କ ଜୀବନରେ ସମସ୍ୟା ଦେଖାଦେଲା ବୋଲି ସୁଭ୍ରାଂଶୀର ମତ ।  ଏଣେ ସୁଭ୍ରାଂଶୁ ତାକୁ ଚାକିରି ଛାଡିବାକୁ ବାଧ୍ୟ ବି କରୁଥାଏ । ଆଉ କାଳକ୍ରମେ ସେ ତାକୁ ନିଚା ଦେଖେଇବାକୁ,  ତା ସ୍କଲାର ସୁଭଂକା ସହ ନିଜର ରାସଲିଳା ଚାଲିଛି ବୋଲି ଆତ୍ମଘୋଷିତ କଲା । ତାକୁ ନିତି ତୁଳନା କରେ । କାଳକ୍ରମେ ଶାରିରିକ ଅତ୍ୟାଚାର, ମାନସିକ ଅତ୍ୟାଚାର ସୁଭ୍ରାଂଶୀର ନିୟମିତ ମନଦୁଃଖ କରେଇଲା । ତା' ବିଦ୍ୟାଳୟରେ ଓଡିଶା ସରକାରଙ୍କ ନୂତନ ନିୟମ ଅନୁସାରେ ଓଡିଆ ସ୍ନାତକୋତ୍ତର ଶିକ୍ଷକ ପଦବୀ ଉଚ୍ଛେଦ ହେଲା, ସେୟା ତାକୁ ଅଧିକ ବାଧିଲା । ଅର୍ଥନୀତି ରେ ସ୍ନାତକୋତ୍ତର ଶିକ୍ଷକ  ପଦବୀ ଓଡ଼ିଆ ବଦଳରେ ସୃଷ୍ଟି କରାଗଲା, ଯାହା

ISSN NO.
2582-208X

ତାକୁ ବହୁତ ବାଧିଲା । ଯଦିଓ ସେ ପ୍ରଧାନ ଶିକ୍ଷୟିତ୍ରୀ ପଦରେ ଆସୀନ ଥିଲା, କିନ୍ତୁ ଚାହିଁକି ବି ସେ ଓଡ଼ିଆ ଭାଷା ପ୍ରତି ଅପମାନ ସହ୍ୟ କରିପାରୁନଥିଲା । ତା' ଜଣେ ସହକର୍ମୀ ଖବର କାଗଜରେ କିଛି ସ୍ତମ୍ଭ ପ୍ରକାଶ କଲେ ବୋଲି, ଅସହିଷ୍ଣୁତାର ଶୀକାର ହେଇ, ସେ ମେମୋ ଟେ ଇସ୍ୟୁ କଲେ, ଆଉ ସମସ୍ତଙ୍କୁ ତାଗିଦ କଲେ ଯେ, କୌଣସି ବି ଲେଖା ସେମାନେ ଲେଖିପାରିବେନି, ଯେମିତି ସ୍କୁଲ ମାଷ୍ଟ୍ର ସେଇଭଳି ରହିବେ । ସେମାନେ ଯୁକ୍ତି ବାଢିଲେ ଯେ, ଜନୈକ ଓଡିଶା ପ୍ରଶାସନିକ ସେବାର ଅଧିକାରୀ ଦୂରଦର୍ଶନରେ ନ୍ୟୁଜ ପଢନ୍ତି, ଅନେକ ଡାକ୍ତର ସିନେମା ବି କରନ୍ତି, କିନ୍ତୁ ନାଲି ଆଖି ଦେଖିବା ସେମାନଙ୍କ ପାଇଁ ସାର ହେଲା । ଜଣକୁ ସେହି ଯୁକ୍ତି ନିମନ୍ତେ ବଦଳି ମଧ୍ୟ କରିଦିଆଗଲା । ଏଥି ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ଗ୍ରୀଭାନ୍ସ ସେଲ୍ ରେ ଅଭିଯୋଗ କରିବାରୁ, ଉପ ବିଭାଗ ଅଧିକାରୀଟେ ପ୍ରତ୍ୟୁତ୍ତର  ଦେଲେ ଯେ, ଏୟା ଗ୍ରିଭାନ୍ସ ସେଲ ର ବିଚାରାଧିନ ବିଷୟ ନୁହଁ। ତେଣେ ସୁଭ୍ରାଂଶୁ ର ଅତ୍ୟାଚାର ଆହୁରି ଅଧିକ ବଢିଯାଇଥିଲା । ତାକୁ ସେ ବାଡେଇବାକୁ ମଧ୍ୟ ପଛଘୁଞ୍ଚା ଦେଲାନି ।

ଦିନେ ସୁଭ୍ରାଂଶୀ ଏହାର ସମାଧାନ ନିମନ୍ତେ ଜଣେ ବୃଦ୍ଧ ତାନ୍ତ୍ରିକଙ୍କ ପାଖକୁ ମଧ୍ୟ ଯାଇଥିଲେ । ସେ କିଛି କ୍ଷଣ ସେଠି ଅପେକ୍ଷା କଲା ପରେ ତା ପାଳି ପଡିଲା । ମାଉସି ଝିଅ ସହ ସେ ସେଠି ଯାଇଥାଏ । ଏକ ମୁକ୍ତ ବରଗଛ ତଳେ, ସେଠି ଅନେକ କାର୍, ମୋଟର ସାଇକେଲ ଗଦା ହେଇଥାଏ । ସେ ତାନ୍ତ୍ରିକ ତା ହାତକୁ ନେଇ ନିଜ ହାତରେ ରଖିଲେ । ସୁଭ୍ରାଂଶୀ ଜାଣିପାରୁଥିଲା, ସେୟା ଭଲ ସ୍ପର୍ଶ । ସେ କିଛି କାଳ ଆଖି ବନ୍ଦ କଲେ, କହିଲେ ଐରୀ ଷଡାଷ୍ଟକ, ହେ ମା' ତା ସ୍ୱାମୀ ତାକୁ ଏତେ କଷ୍ଟ ଦଉଛି ! ସେ ଚଳିବ କେମିତି । ତାକୁ କିଛି ସାନ୍ତ୍ୱନା ଦେଇ ଏକ ତେଉଁରିଆ ଦେଲେ, କହିଲେ ଆଉ ଦିନେ ଆସିବୁ ପ୍ରତିକାର ସବୁ କହିବି , କିନ୍ତୁ ସେ ତେଉଁରିଆ ସୁଭ୍ରାଂଶୁ ତାକୁ ପିନ୍ଧିବାକୁ ନଦେଇ ଫୋପାଡି ଦେଲା । ଆଉ ସୁଭ୍ରାଂଶୀ ସେହି ଯାଗାକୁ ଆଉ ଯାଇନାହିଁ ।

ଏଥର ସୁଭ୍ରାଂଶୁ ୩ ଦିନକୁ ଥରେ ମନିଷାର ବସାକୁ ଆସେ, ଝିଅକୁ ଗେଲ କରିଦିଏ, ଆଉ ପଳେଇଯାଏ । କାଳକ୍ରମେ ସେୟା ସପ୍ତାହକୁ ବଦଳିଲା, ପୁଣି ନିୟମିତ ବ୍ୟବଧାନରେ ସେୟା ବଦଳୁଥାଏ । ଏଇମିତିରେ ଝିଅର ଦେହରେ ଦେଖାଦେଲା ଅନେକ ରୋଗ । ତାହାର ରକ୍ତହୀନତା ଥାଏ ତଥା ତାର ଗୋଡ ମଧ୍ୟ ଅପରେସନ କରିବାକୁ ପଡିଥିଲା । ଆଉ ସେ ଅଲାଜୁକ ସୁଭ୍ରାଂଶୁ କୌଣସି ଦାୟିତ୍ୱ ନେଉନଥିଲା । ଦିନେ ଝିଅକୁ ବହୁତ ଜ୍ୱର। ତାକୁ ସୁଭ୍ରାଂଶି ସେବା ଯତ୍ନ କରେ, କପାଳରେ ପାଣିପଟି ପକାଏ, ନିଜ ଦେହରେ ତା ଦେହ

ISSN NO.
2582-208X

ଲଗେଇ ଲୁହ ଭିଜା ଆଖିରେ ଝିଅାର ଉତ୍ତାପ କମେଇବାକୁ ଚେଷ୍ଟାକରେ । ଲୁହ ସହ ବୋହି ଯାଉଥିଲେ ସୁଭ୍ରାଂସୁର ପ୍ରୋପଜ୍, ଆଣ୍ଠୁମାଡି କହିବା, ମୁଁ ତମକୁ ବହୁତ ଭଲ ପାଏ, ତୁମ ବିନା ମୋ ଜୀବନ ଅଧା, ତମେ ପ୍ରତି ନିଶ୍ୱାସରେ ମୋର ବସ, ଭିଡ ଭିତରେ ମନେ ପଡିଗଲେ ତମେ ଏକଲା ଲାଗେ, ତମେ ଆସିବା ପରେ ମୋ ଜୀବନରେ ପୂର୍ଣ୍ଣତା ଆସିଛି, ତୁମ ବିନା ମୁଁ ଅଧୁରା । କାଳକ୍ରମେ ସୁଭ୍ରାଂଶୀ ଭାବିଲା ୟାର କାରଣ କଣ, କଣ ପାଇଁ ସେ ଏମିତି ଅସୁବିଧାର ସମ୍ମୁଖୀନ ହେଉଅଛି । ଯେଉଁ ଦେଶରେ ଭାରତମାତାର ସେବା ନିମିତ୍ତ ବିୟୁକ୍ତ ତାପ ମାତ୍ରାରେ ସୈନିକ ଗଣ ଦେଶ ସେବା କରୁଛନ୍ତି, ଅନେକଙ୍କ ଜୀବନରେ ସ୍ୱାମୀ ନଥାଇ ମଧ୍ୟ ଚଳିପାରୁଛନ୍ତି, ତେବେ ସେ ଲୁହ କାହିଁକି ଗଡେଇବ । ଜଣେ ମନସ୍ତତ୍ୱବିତ୍ ତାକୁ ଘଟଣାଟି ବୁଝେଇଲେ । ମନୀଷାରେ ମନେପଡି ଯାଉଥିଲେ ରେଭେନ୍ସାରେ ଚିତ୍ତସାର୍ ପଢେଇଥିଲା ଡିମାଣ୍ଡ ଆଉ ସପ୍ଲାଏ ଥିଓରି । ଦ୍ରବ୍ୟଭଳି ନିଜେ ମଧ୍ୟ ଅଧିକ ମାତ୍ରାରେ ଜଣକ ଜୀବନରେ ରହିଗଲେ ସେ ନିଜର ମହତ୍ତ୍ୱ ବୁଝେନି । କାଳକ୍ରମେ ସେ ନିଜକୁ ବହୁତ ଭଲ ଭାବେ ସଜେଇଲା, ସୂଚନା ଅଧିକାର ଆଇନ ବଳରେ ସୁଭ୍ରଂକା କରୁଥିବା ଏକା ସାଙ୍ଗରେ ବିଏଡ୍ ଓ ପିଏଚ୍ ଡି ର ଅଭିଯୋଗ କୁଳପତିଙ୍କ ନିକଟରେ କରେଇ ତାର ଛାତ୍ରବୃତ୍ତି ଫେରସ୍ତ ତଥା ପଂଜିକରଣ ବାତିଲ କଲା, ଏବଂ ସୁଭ୍ରାଂଶୁ ତା ପାଦତଳେ ପଡି କ୍ଷମା ମାଗିଲେ ତଥା ତାଙ୍କ ସୁଖର ସଂସାର ପୁଣି ଖେଳିଉଠିଲା । ସେ ଭାବୁଥିଲେ, ସତରେ ଅର୍ଥନୀତି ଜୀବନରେ କେତେ ମାଇନେ ରଖେ । ପରେ ସେ ଫସ୍ ବୁକ୍ ରେ ଏଇଭଳି ଏକ ସଂଗୋଷ୍ଠି ସୁଭାଂଶୀର ଦୁଃଖ ନାମରେ ଏକ ପେଜ୍ ପ୍ରାରମ୍ଭ କଲା ତଥା ତା ଭଳି ଅନେକ ମନୀଷାଙ୍କୁ ପରିବାର ପରିଚାଳନାର ମାର୍ଗ ବତେଇଲା । ଏହି ସବୁ ଘଟଣାକ୍ରମେ ସେ ଲିପିବଦ୍ଧ କରି ଏକ ଉପନ୍ୟାସ ମଧ୍ୟ ପ୍ରକାଶ କଲା, ଯାହାର ନାମ ଥିଲା " ମୁକ୍ତି ସଂଗ୍ରାମ " ଯାହା ସେହି ବର୍ଷ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ରେ ସମ୍ମାନୀତ ହେଇଥିଲା ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ସମ୍ପର୍କ : +୯୧- ୯୦୭୮୮୩୮୬୨୭
E-Mail : arunkumar.tripathy31@gmail.com

ISSN NO.
2582-208X

# ଖୁଦୁରୁକୁଣୀ ଯେ ସାର

ପ୍ରଦୀପ୍ତ କୁମାର ଦାସ

 କୁଆଁରୀ ଝିଅଙ୍କ ପ୍ରିୟ ଓଷା ମଧ୍ୟେ
ଖୁଦୁରୁକୁଣୀ ଯେ ସାର -
ଓଡ଼ିଆ ଘରର ଚଳଣି ଭିତରେ
ଅଶେଷ ଆଦର ତାର,
ଏକ ମାସ ଧରି ନଷ୍ଟାପର ଭାବେ
ଏ ଓଷା ପାଳନ କରି -
ମାଆ ମଙ୍ଗଳାଙ୍କୁ ପୂଜା କରିଥାନ୍ତି
ଅନ୍ତରେ ଭକତି ଭରି,
ଭାଉଜ ମାନଙ୍କ ଯାତନାରୁ ମୁକ୍ତ
ଲଭିବାକୁ ତଅପୋଇ -
ମଙ୍ଗଳା ରୂପିଣୀ ଖୁଦୁରୁକୁଣୀଙ୍କୁ
ପୂଜିଥିଲା ଖୁଦ ଖୋଇ,
ସାତ ଭାଇଙ୍କର ମଙ୍ଗଳ କାମନା
କରିଣ ମାଆଙ୍କ ପାଶେ -
ପବିତ୍ର ମନରେ ଭାଲୁକୁଣି ଓଷା
ପାଳଥିଲା ସେତ ମାସେ,
ମଙ୍ଗଳାଙ୍କ କୃପା ଲଭି ତଅପୋଇ
ଜୀବନରୁ ଗଲା ଦୁଃଖ -
ଭାଇମାନଙ୍କର ଶୁଭ ଆଗମନେ

ISSN NO.
2582-208X

ଫେରି ପାଇଲ୍ ସେ ସୁଖ,
ତଅପୋଇ ସ୍ମୃତି ଅଭୁଲ୍ ରହିଛି
ଏବେବି ଆମରି ପାଶେ -
ଭାଦ୍ରବ ମାସର ପ୍ରତି ରବିବାରେ
ତାହତ କୋଠିରେ ବାସେ,
ଖୁଦାଭଜା ଖଇ ଉଖୁଡା କାକୁଡ଼ି
ମିଶ୍ରି ଆଉ ଫଳମୂଳ -
ଓଷେଇତି ମାନେ ଖୁଦୁରୁକୁଣୀଙ୍କ
ପାଶେ କରିଥାନ୍ତୁ ଠୁଳ,
କନଅର କଇଁ ମାଳତୀ ମନ୍ଦାର
ଫୁଲରେ ତ ମାଳ କରି -
ମାଆ ମଙ୍ଗଳାଙ୍କ ଗଳାରେ ଲମ୍ବାନ୍ତୁ
ସଭିଏଁ ଏକାଠି ଧରି,
ସନ୍ଧ୍ୟା ସମୟରେ ମିଳତ ସ୍ୱରରେ
ପଢ଼ନ୍ତୁ ସମସ୍ତେ ବହି -
ଏଇମିତି ହୁଏ ଖୁଦୁକୁଣି ଓଷା
ପାରୁନ ସବୁତ କହି ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

ISSN NO.
2582-208X

# ମଜା ନିଆରା



ଶ୍ରବଣ କୁମାର କର

ଗୃଳରୁ ଗଡୁଥିବା ସରୁ ପାଣି ଧାରରେ ହାତ ଧୋଇବାର ମଜା କଣ ଟ୍ୟାପ୍ ପାଣିରେ ଅଛି ?
ଝଡି ପାଗରେ ବୋହୂ ହାତ ଭଜା ସେଇ ବାଦାମ ମୁଢ଼ିର ମଜା କଣ ଗ୍ରସ୍ତା କଡ ଝାଲ ମୁଢ଼ିରେ ଅଛି ?
ବିଲ କଙ୍କଡାର ରସୁଣ ମିଶା ସେଇ ଛେଚ୍ଚା ଚଟଣୀର ମଜା କଣ ରେଷ୍ଟୁରାଣ୍ଟର ଚଙ୍ଗୁଡ଼ି ଚଟଣୀରେ ଅଛି ?
ଗାଁ ଚୁଲିର ଘଷି ଜାଳରେ ପୋଡା ଯାଇଥିବା ଜହ୍ନିପୋଡାର ମଜା କଣ ଚକେନ୍ ତନ୍ଦୁରୀରେ ଅଛି ?
ବୋଉ ହାତ ଗଢ଼ା ପୂର ପଶା ସେଇ ମଣ୍ଡା ପିଠାର ସ୍ୱାଦ କଣ ମୋମ୍ମୋ ରେ ଅଛି ?
ଗାଁ ଦଳ ପୋଖରୀରେ ଗାଧୋଇବାର ମଜା କଣ ସାୱାର୍ ତଳେ ଅଛି ?
ଚଗ୍ ପଖିଆ ତଳେ ବର୍ଷାର ଟୁପୁରୁ ଟୁପୁରୁ ଶବ୍ଦ ଶୁଣିବାର ମଜା କଣ ରେନ୍ କୋଟ୍ ତଳେ ଅଛି ?
ବୁଢ଼ା ବରଗଛ ତଳ ମଣ୍ଡପ ଉପରେ ତାସ୍ ଓ ଲୁଡୁ ଖେଳବାର ମଜା କଣ ନାଇଟ୍ କ୍ଲବ୍ ପାର୍ଟିରେ ଅଛି ?
ଗାଁ ଶେଷ ମୁଣ୍ଡ ଭଙ୍ଗା ଗୃଳଘର ଦୋକାନରେ ସଞ୍ଜ ସମୟରେ ଛଣା ହଉଥିବା ବଗ୍ ପକୁଡିର ସ୍ୱାଦ କଣ କୁର୍ କୁରେ ଚପ୍ସରେ ଅଛି ?
ମାଘ ମାସ ଅଗିର୍ ପୂର୍ଣ୍ଣିମା ଦିନ ଅଗି ଜାଳବାର ମଜା କଣ ସହରୀ ବର୍ନ ଫାୟାରରେ ଅଛି ?
ଗାଁ ଗହୀରରେ ଗୁଡି ଉଡେଇବାର ମଜା କଣ ସହରୀ ଛାତ ଉପରେ ଅଛି ?

ISSN NO.
2582-208X

ପଣା ସଂକ୍ରାନ୍ତିରେ ଛକ ଛକରେ ବଣ୍ଟା ଯାଉଥିବା ପଣାର ସ୍ୱାଦ କଣ କୋଲଡ୍ ଡ୍ରିଂକ୍ସରେ ଅଛି ?
ଗାଁ ଜାନ ଯାତ୍ରାରେ ପଡିଥିବା ଯାତ୍ରାର ମଜା କଣ ଫିଲ୍ମ ହଲ୍ ରେ ଅଛି ?
ନଈ ନାଳ ଚୁନା ମାଛର ସ୍ୱାଦ କଣ ଆନ୍ଧ୍ର ରୋହିରେ ଅଛି ?
ଘର ରନ୍ଧା ଉଷୁନା ଚାଉଳ ଭାତର ସ୍ୱାଦ କଣ ବିରିୟାନୀରେ ଅଛି ?
ବୁଢ଼ୀ ମାଆ ହାତ ରନ୍ଧା ହବିଷ ଡାଲମାର ସ୍ୱାଦ କଣ ଡାଲ୍ ଫ୍ରାଏରେ ଅଛି ?
ରଜ ପୋଡ଼ପିଠା ଖାଇବାର ମଜା କଣ ସ୍ୱିଟ୍ସ ଷ୍ଟଲ୍ ର ଛେନା ପୋଡ଼ରେ ଅଛି ?
ଗାଁ ଦାଣ୍ଡରେ ଗଡୁଥିବା ଶଗଡ଼ ଗାଡ଼ିକୁ ଦେଖିବାର ମଜା କଣ ଅଡ଼ି କାର୍ କୁ ଦେଖିବାରେ ଅଛି ?
ବିଞ୍ଚଣାରେ ବିଞ୍ଚି ହୋଇ ଶୋଇବାର ମଜା କଣ ଏସି ରୁମ୍ ରେ ଅଛି ?
ଜୁଣ କାଠିରେ ବୁଣା ହୋଇଥିବା ମସିଣା ମୁନ୍ଦୁର୍‌ରେ ଶୋଇବାର ମଜା କଣ ନରମ ଗଦି ଉପରେ ଅଛି ?

ସତରେ ସେ ମଜା ସବୁ ନଆସ୍ ।

ବରିପଦା, ତିର୍ତ୍ତୋଲ
ଜଗତସିଂହପୁର - 754137
Mob :- 9556560924

ISSN NO.
2582-208X

# ଜଗନ୍ନାଥ ଙ୍କ ଛପନ ଭୋଗ



ଅଭିଳାଶ ବାରିକ୍

୧ . ଅଟକାଳି , ୨ . ଅମାଲୁ , ମାଲପୁଆ ୩ . ଆରିସା ପାଗ ଆରିସା, ସୁଆର ଆରିସା, ସାନ ଆରିସା, ବଡ଼ ଆରିସା, ତାଟ ଆରିସା ୪ . ଏଣ୍ଡୁରି, ନକ୍ଷତ୍ର ଏଣ୍ଡୁରି, ମୁଆଁ ଏଣ୍ଡୁରି, ୫.କଦମ୍ବା କଡ଼ମ୍ବା, ୬. କାକରା, ସରକାକରା, ବଡ଼କାକରା, ସାନକାକରା, ୭ . କାନି- ଚନ୍ଦ୍ରକାନ୍ତି, ବଡ଼କାନ୍ତି, ସାନ କାନ୍ତ, ୮. କେଳି- ହଂସ କେଳି, ୯ କୋରା- ବଲ୍ଲଭ କୋରା, ଶ୍ରୀହସ୍ତ କୋରା, ୧୦ .ଖଲରଚୂଳ ୧୧. ଖଳାଅରଖିଫୁଲିଆ ଖଳା, କୁରୁଜାତକ ଖଜା, ପାରିଜାତକ ଖଳା, ମେସିଙ୍ଗିଆ ଖଜା, ସରସଟା ଖଳା, ଚଢ଼େଇଦା (ନେବା) ଖଳା, ଅଧାଚଢ଼େ ଇନେବା ଖଜା, ୧ ୨.ଖିରି -ସେବତି ଖୁରି, ବୁନ୍ଦିଆ ଖିରି, ୧୩ . ଖୁରିସା ବଡ଼ ଖୁରିସା, ୧୪ . ଖୁରୁମା, ଲୁଣ ଖୁରୁମା, ୧୫ . ଖେଚୁଡ଼ି କାନିକା ଖେଚୁଡ଼ି, ଲୁଟୁରା ଖେଚୁଡ଼ି , ଅଙ୍ଗବାସ ଖେଚୁଡ଼ି, ଓଳି ଖେଚୁଡ଼ି, ସାନଓଳି ଖେଚୁଡ଼ି ଓ କର୍ମାବାଇ ଖେଚୁଡ଼ି ୧୬ . ଗଇଣ୍ଡା, ୧୭ . ଗଜ- ସାନଗଜା, ବଡ଼ଗଜା ୧୮ . ଗୋଟାଳି, ୧୯ . ଚକଟା- କଦଳୀ ଚକଟା, ଛେନା ଚକଟା, ୨୦ .ଚକୁଳି- ସରୁ ଚକୁଳି, ବଡ଼ ଚକୁଳି, ମାଠ ଚକୁଳି, ୨୧ . ଚିତୋଉ, ୨୨. ଛୁଞ୍ଚିପତ୍ର, ୨ ୩ . ଜଗନ୍ନାଥ ବର, ୨୪ . ଜେନାମଣି ୨ ୫ . ଝିଲି କାକି ତୁଆଝିଲି, ବଡ଼ ଝିଲି, ସାନଝିଲି , ସେବତୀଝିଲି, ୨୬ . ଟାକୁଆ, ୨୭ .ଡାଳିମ୍ବ ନୃଭଙ୍ଗା, ୨୮ . ତାଡ଼ିଆ ଛେନା ତାଡ଼ିଆ, ୨୯. ତ୍ରିପୁରୀ, ୩୦ .ଧଉଳା ‒ ପୁଷ୍ପଳକ ଧଉଳା, ସାନ ଧଉଳା, ୩୧ . ନାଡ଼ି- ବଡ଼ନାଡ଼ି, ସାନ ନାଡ଼ି, ପଟ ନାଡ଼ି, ଘିନାଡ଼ି, ୩୨ . ପଣସୁଆ, ୩୩ .ପଣା -ସରପଣା, ଛେନାପରିଚ ପଣା , ୩୪ . ପାଚିଡ଼ି ‒ ଅଦା ପାଚିଡ଼ି (ମୂଳା, ମଞ୍ଜ, ପାଣିକଖାରୁ) ୩୫ . ପାପୁଡ଼ି- ସରପାପୁଡ଼ି, ୩୬ .ପାଳୁଅ ‒ ପାଳୁଆ ପଖାଳ

ISSN NO.
2582-208X

ପାଲୁଅ ଖୁରି, ପାଲୁଅ କଟା, ପାଲୁଆ ମଣ୍ଡା, ୩୭ . ପଖାଳ ଦହି ପଖାଳ, ଟିଭା ପଖାଳ, ୩୮ . ପିଠା- ପୋଡ଼ପିଠା, ବଡ଼ପିଠା, ସାନ ପିଠା, କଦଳୀ ପିଠା, ମହାବୀର ପିଠା, ଭୋଗ ପିଠା, ସୁଆର ପିଠା, ଖଡ଼ିକାମରା ପିଠା, ଛେନା ପିଠା, କାରି ପିଠା, ସାତପୁରୀ ପିଠା ୩୯ . ପୁରୀ- ଚଉତା ପୁରୀ, ବଡ଼ ପୁରୀ ୪୦ . ପୁଳି- ସରପୁଳି, କଅଁଳପୁଳି, ମାଠ ପୁଳି, ଚଣ୍ଡ ମାଠପୁଳି, ପିଠାପୁଳି, ମିଠାପୁଳି, ସାନପୁଳି ୪୧.ଫେଣି- ଲୁଣ ଫେଣି, ବଡ଼ ପେଣି, ୪୨.ବଡ଼ା- ବଡ଼ଚିଡ଼ା, ସାନବଡ଼ା, ୪୩.ବିବାମନ, ୪୪.ଜଳା- ସରଭଜା, ୪୫.ମଣ୍ଡା- ଖୁଆମଣୀ, ଖଣ୍ଡମଣ୍ଡା, ସରିମଣ୍ଡା, ଅତିରିଛିମଶ, ଜଦୁରୁଛି ମଣ୍ଡା, ଫେଣିମଣ୍ଡା , ୪ ୬ . ମନୋହର- ବାଟ ମନୋହର, ଭୋଗମନୋହର, ସୁଆର ମନୋହର, ୪୭.ମହାଦେଶ, ୪୮ . ମାଥୁଅ- ଛେନା ମାଣ୍ଡୁଅ, ୪୯ . ମୋହନଭୋଗ, ୫୦ .ରସାବଳୀ ଅମୃତ ରସାବଳୀ, ଅମୃତ ଦୁଧ ରସାବଳୀ ୫୧ . ରାଧାବଲ୍ଲରୀ, ୫୨ . ଲଡୁ ନଡ଼ିଆଲଡୁ ମଗଲଡୁ, ମରିଚଲଡୁ, ଶ୍ରୀଗୋପାଳଲଡୁ ୫୩ . ଲହୁଣିଆ, ୫୪ . ଲକ୍ଷ୍ମୀବିଳା, ୫୫ .ସରସ୍ୱତୀଆ, ୫୬ . ହଂସବର....

ସଂଗ୍ରାହକ :ଅଭିଳାଶ ବାରିକ୍
ଏ.ବି.ପି.ଏମ, ନମତର୍ସ,
ରାଜକନକା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ମୁକତିର ପଥ ଦେଖା କାଳିଆ



ଅନନ୍ତ କୁମାର

କି ପାପ କରିଛିରେ କାଳିଆ
ଭୋଗୁଅଛି ଏତେ ଦଣ୍ଡ।
ଦୁଃଖ ପରେ ଦୁଃଖ ମାଡୁଅଛି
ମିଳୁନାହିଁ ଟିକେ ସୁଖ।
ଯେଉଁ ପଥେ ପାଦ ଦେଲି
ସେ ପଥେ ଫୁଟିଲା କଣ୍ଟା।
ଯେଉଁ ଡାଳେ ଧରେ ପୁଣି
ସେହି ଡାଳ ହୁଏ ଚୁନା।
କେମିତି ପାଇବି ମୁକତି ଜଞ୍ଜାଳୁ
ପାଉନାହିଁ କିଛି ବାଟ
କେମିତି ବଞ୍ଚିବି ଯନ୍ତ୍ରଣା ଭିତରେ
ଦିଶୁନାହିଁ ମୋର ଲକ୍ଷ୍ୟ।
ମୁକତିର ପଥ ଦେଖାଅ ମୋତେ
ସବୁ ପାପ ମୋର କ୍ଷମା ଦେଇ
ଦୁଃଖ ଦରିଆରୁ ଉଦ୍ଧାରି ଦିଅ
ତୁମ ବାହୁରେ କୋଳେଇ ନେଇ।

ତୁମେ ତ ହରତା ତୁମେ ତ କରତା
ତୁମେ ପୁଣି ଦୈବ ବିଧାତା
ତୁମେ ନ ବୁଝିଲେ ଦୁଃଖ ସବୁ ମୋର
କିଏ ବୁଝିବ ଏତେ କଥା।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ଗୀତା ମହାତ୍ମ୍ୟ



ଡ. ଅର୍ଜୁନ ଚରଣ ବାରିକ୍

~~~~~~!! ଶ୍ରୀଭଗବାନୁବାଚ !!~~~~~~~~
ନ ବନ୍ଧୋସ୍ତି ନ ମୋକ୍ଷୋସ୍ତି ବ୍ରହ୍ମୈବାସ୍ତି ନିରାମୟମ୍ ।
ନୈକମସ୍ତି ନ ଚ ଦ୍ୱିତ୍ୱଂ ସାଚ୍ଚିକାରଂ ବିଜୃମ୍ଭତେ ।।୧।।

"ନା ବନ୍ଧନ ଅଛି ନା ମୋକ୍ଷ ; କେବଳ ନିରାମୟ ବ୍ରହ୍ମ ହିଁ ସର୍ବତ୍ର ବିଦ୍ୟମାନ ଅଟେ । ନା ଅଦ୍ୱୈତ ଅଛି ନା ଦ୍ୱୈତ; କେବଳ ସଚ୍ଚିଦାନନ୍ଦ ହିଁ ସର୍ବତ୍ର ପରିପୂର୍ଣ୍ଣ ହୋଇଛନ୍ତି ।।"

ଗୀତାସାରଂ ମିଦଂ ଶାସ୍ତ୍ରଂ ସର୍ବଶାସ୍ତ୍ର ସୁନିଶ୍ଚିତମ୍ ।
ଯତ୍ର ସ୍ଥିତଂ ବ୍ରହ୍ମଜ୍ଞାନଂ ବେଦଶାସ୍ତ୍ର ସୁନିଶ୍ଚିତମ୍ ।।୨।।

"ଗୀତା ର ସାରଭୂତ ଏହି ଶାସ୍ତ୍ର ସଂପୂର୍ଣ୍ଣ ଶାସ୍ତ୍ର ଦ୍ୱାରା ଭଲଭାବରେ ନିଶ୍ଚିତ ସିଦ୍ଧାନ୍ତ ଅଟେ, ଯେଉଁଥିରେ ବେଦ-ଶାସ୍ତ୍ର ଠାରୁ ଭଲଭାବରେ ନିଶ୍ଚିତ କରାଯାଇଥିବା "ବ୍ରହ୍ମଜ୍ଞାନ" ବିଦ୍ୟମାନ ଅଟେ ।।"

ଇଦଂ ଶାସ୍ତ୍ରଂ ମୟା ପ୍ରୋକ୍ତଂ ଗୁହ୍ୟ ବେଦାନ୍ତ ଦର୍ପଣମ୍
ଯଃ ପଠେତ୍ ପ୍ରୟତୋ ଭୂତ୍ୱା ସ ଗଚ୍ଛେଦ୍ୱିଷ୍ଣୁ ଶାଶ୍ୱତମ୍ ।।୩।।

"ମୋ ଦ୍ୱାରା କୁହାଯାଇଥିବା ଏହି ଗୀତା ଶାସ୍ତ୍ର ବେଦ ର ଗୁଢ ଅର୍ଥ କୁ ଦର୍ପଣ ଭଳି ପ୍ରକାଶିତ କରେ; ଯିଏ ପବିତ୍ର ହୋଇ ମନ, ଇନ୍ଦ୍ରିୟ ମାନଙ୍କୁ ବଶୀଭୂତ କରି ଏହାର ପଠନ କରନ୍ତି ସେ ମୋତେ ଅର୍ଥାତ୍ ସନାତନ ଦେବ ଭଗବାନ ଶ୍ରୀବିଷ୍ଣୁ ଙ୍କୁ ପ୍ରାପ୍ତ ହୁଅନ୍ତି ।"
~~~~~~

ISSN NO.
2582-208X

ଏତପୁଣ୍ୟଂ ପାପହରଂ ଧନ୍ୟଂ ଦୁଃଖପ୍ରଣାଶନମ୍ ।
ପଠତାଂ ଶୃଣ୍ୱତାଂ ବାପି ବିଷ୍ଣୋର୍ମହାତ୍ମ୍ୟମୁତ୍ତମମ୍ ।।୪।।

"ଭଗବାନ ବିଷ୍ଣୁ ଙ୍କର ଏହି ଉତ୍ତମ ମହାତ୍ମ୍ୟ (ଶ୍ରୀମଦ୍ ଭଗବଦ୍ ଗୀତା) ପଢ଼ିବା ଓ ଶୁଣିବା ବ୍ୟକ୍ତି ଙ୍କର ପୁଣ୍ୟ କୁ ବଢାଉଥିବା, ପାପନାଶ କରୁଥିବା , ଧନ୍ୟବାଦ ର ଯୋଗ୍ୟ ତଥା ସମସ୍ତ ଦୁଃଖ କୁ ନାଶନକାରୀ ଅଟେ ।"

ଅଷ୍ଟାଦଶ ପୁରାଣାନି ନବବ୍ୟାକରଣାନି ଚ
ନିର୍ମଧ୍ୟଂ ଚତୁରୋ ବେଦାନ୍ ମୁନିନା ଭାରତ କୃତମ୍ ।।୫।।

"ମୁନିବର ବେଦବ୍ୟାସ ଅଠର ପୁରାଣ, ନଅ ବ୍ୟାକରଣ ଏବଂ ଚାରିବେଦ କୁ ମନ୍ଥନ କରି "ମହାଭାରତ" ରଚନା କରିଥିଲେ ।"

ଭାରତୋଦଧିନିର୍ମଥ୍ୟ ଗୀତାନିର୍ମଥି ତସ୍ୟ ଚ ।
ସାର ମୁଦ୍ଧୃତ୍ୟ କୃଷ୍ଣେନ ଅର୍ଜୁନସ୍ୟ ମୁଖେଧୃତମ୍ ।।୬।।

"ପୁଣି ମୁନି ବେଦବ୍ୟାସ ମହାଭାରତ ରୂପୀ ସମୁଦ୍ର କୁ ମନ୍ଥନ କରି (ଉପଯୁକ୍ତ ଗୀତା ସାର ରୂପରେ) ତା'ର ଅର୍ଥ ରୁ ସାର ବାହାରକରି ତାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମୁଖ ରେ ପକାଇଦେଲେ ।"

ମଳନିର୍ମୋଚନଂ ପୁଂସା ଗଙ୍ଗାସ୍ନାନଂ ଦିନେ ଦିନେ ।
ସାକୃତ୍ ଗୀତାମ୍ଭସି ସ୍ନାନଂ ସଂସାରମଳ ନାଶନମ୍ ।।୭।।

"ପ୍ରତିଦିନ ଗଙ୍ଗା ସ୍ନାନ କରିବା ଦ୍ୱାରା ମନୁଷ୍ୟ ର ମଇଳା ନଷ୍ଟ ହୋଇଥାଏ ପରନ୍ତୁ ଶ୍ରୀମଦ୍ ଭଗବଦ୍ ଗୀତା ରୂପିଣୀ ଗଙ୍ଗା ର ଜଳରେ ଏକବାର ସ୍ନାନ କରିବା ଦ୍ୱାରା ସଂପୂର୍ଣ୍ଣ ସଂସାରମଳ କୁ ନଷ୍ଟ କରି ଦେଇଥାଏ ।"

ଗୀତାନାମ ସହସ୍ରେଣ ସ୍ତବରାଜୋ ବିନିର୍ମିତଃ ।
ଯସ୍ୟ କୁକ୍ଷୌ ଚ ବର୍ତେତ ସୋପି ନାରାୟଣଃ ସ୍ମୃତଃ ।।୮।।

ISSN NO.
2582-208X

"ଗୀତା ର ନାମ ଦ୍ୱାରା ଯେଉଁ ସ୍ତବରାଜ ନିର୍ମିତ ହୋଇଛି, ତାହା ଯାହାର ହୃଦୟରେ ବର୍ତ୍ତମାନ ଅଛି ଅର୍ଥାତ୍ ଯିଏ ତାହାର ମନ ହିଁ ମନରେ ସ୍ମରଣ କରୁଥାଏ, ସେ ମଧ୍ୟ ସାକ୍ଷାତ୍ ଭଗବାନ ନାରାୟଣ ଙ୍କ ସ୍ୱରୂପ ବୋଲି କୁହାଯାଇଛି ।"

ସର୍ବବେଦମୟୀ ଗୀତା ସର୍ବଧର୍ମମୟୋ ମନୁଃ ।
ସର୍ବତୀର୍ଥମୟୀ ଗଙ୍ଗା ସର୍ବଦେବମୟୋ ହରିଃ।।୯।।

"ଶ୍ରୀମଦ୍ ଭଗବଦ୍ ଗୀତା ସର୍ବବେଦମୟୀ ଅଟେ, ମନୁସ୍ମୃତି ସର୍ବଧର୍ମମୟ ଅଟେ, ଗଙ୍ଗା ସର୍ବତୀର୍ଥମୟୀ ଅଟେ ତଥା ଭଗବାନ ବିଷ୍ଣୁ ସର୍ବଦେବମୟ ଅଟନ୍ତି।"

ପାଦସ୍ୟାପ୍ୟର୍ଧପାଦଂ ବା ଶ୍ଳୋକଂ ଶ୍ଳୋକାର୍ଧମେବ ବା ।
ନିତ୍ୟଂ ଧାରୟତେ ଅସ୍ତୁ ସ ମୋକ୍ଷମଧିଗଚ୍ଛତି ।।୧୦।।

"ଯିଏ ଭଗବଦ୍ ଗୀତା ର ପୁରା ଗୋଟିଏ ଶ୍ଳୋକ, ଅଧା ଶ୍ଳୋକ, ଏକ ଚରଣ ଅଥବା ଅଧା ଚରଣ ବି ପ୍ରତିଦିନ ନିଜ ଜୀବନ ରେ ପ୍ରତିଦିନ ଧାରଣ କରେ, ସେ ଅନ୍ତ ରେ ମୋକ୍ଷ ଲାଭ କରିବ ।

କୃଷ୍ଣ ବୃକ୍ଷସମୁଦ୍ଭୁତା ଗୀତାମୃତହରୀତକି ।
ମାନୁଷୈ କିଂ ନ ଖଦ୍ୟେତ କଲୌ ମଳବିରେଚନୀ ।।

"ମନୁଷ୍ୟ ଶ୍ରୀକୃଷ୍ଣ ରୂପୀ ବୃକ୍ଷ ଠାରୁ ପ୍ରକଟ ହୋଇଥିବା ଗୀତାରୂପୀ ହରୀତକି ର ଭକ୍ଷଣ କ'ଣ ପାଇଁ କରୁନାହିଁ? ଯାହା ସମସ୍ତ କଳିମଳ କୁ ଶରୀର ରୁ ବାହାର କରି ଦେଇ ପାରିବ।

ଗଙ୍ଗା ଗୀତା ତଥା ଭିକ୍ଷୁଃ କପିଳାସ୍ୱତ୍ଥସେବନମ୍ ।
ବାସରଂ ପଦ୍ମନାଭସ୍ୟ ପାବନଂ କିଂ କଲୌ ଯୁଗେ ।।୧୨।।

ISSN NO.
2582-208X

"କଳିଯୁଗ ରେ ଶ୍ରୀ ଗଙ୍ଗା, ଶ୍ରୀମଦ୍ ଭଗବଦ୍ ଗୀତା, ସଚ୍ଚା ସନ୍ୟାସୀ, କପିଳା ଗାଇ, ଅଶ୍ୱତ୍ଥ ବୃକ୍ଷ ର ସେବନ ଏବଂ ଭଗବାନ ଶ୍ରୀବିଷ୍ଣୁ ଙ୍କ (ଏକାଦଶୀ ଆଦି) ଏହା ଠାରୁ ବଡ଼ ପବିତ୍ର କରିବାବାଲା ଆଉ କେଉଁ ବସ୍ତୁ ଅଛି??

ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ
ଯାସା ପଦ୍ମନାଭସ୍ୟ ମୁଖପଦ୍ମାତ୍ ବିନିସୃତାଃ ।।୧୩।।

"ଅନ୍ୟ ଶାସ୍ତ୍ର ଗୁଡ଼ିକ ର ବିସ୍ତାର ରେ କି ପ୍ରୟୋଜନ?? କେବଳ ଶ୍ରୀମଦ୍ ଭଗବଦ୍ ଗୀତା ର ହିଁ ସମ୍ୟକ୍ ପ୍ରକାର ରେ ଗାନ, ପଠନ ଏବଂ ମନନ କରିବା ଉଚିତ୍ ଯାହା ସ୍ୱୟଂ ପଦ୍ମନାଭ ଭଗବାନ ଶ୍ରୀବିଷ୍ଣୁ ଙ୍କ ଶ୍ରୀମୁଖ କମଳ ରୁ ପ୍ରକଟ ହୋଇଛି ।"

ଆପଦଂ ନରକଂ ଘୋରଂ ଗୀତାଧ୍ୟାୟୀ ନପଶ୍ୟତି ।।

ଗୀତା ର ସ୍ୱାଧ୍ୟାୟ କରୁଥିବା ମନୁଷ୍ୟ କୁ ଆପତ୍ତି ଏବଂ ଘୋର ନରକ କୁ ଦେଖିବାକୁ ପଡ଼େ ନାହିଁ ।

ଇତି ଶ୍ରୀ ସ୍କନ୍ଦ ପୁରାଣେ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ ଶ୍ରୀଗୀତାସାରେ ଶ୍ରୀମଦ୍ ଭଗବଦ୍ ଗୀତା ମହାତ୍ମ୍ୟଂ ସଂପୂର୍ଣ୍ଣମ୍।।

ହରି ଓଁ ନମୋଃ ଭଗବତେ ବାସୁଦେବାୟ

ସଂଗ୍ରାହକ: ଡ. ଅର୍ଜୁନ ଚରଣ ବାରିକ୍
ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ସୁକୁଟି ଭାଉଜ ସିଏ



ଶିଶିର କୁମାର ପଣ୍ଡା

ପଡ଼ୋଶୀ ଭାଉଜ ଭାରି ରସବତୀ
କୁତୁକୁତୁ ତା'ର ହସ
କେଜାଣି କେମିତି ଅଜାଣତେ ସେଇ
ହସ କଲା ମତେ ବଶ ।
ଛୁଆପିଲା ଛାଡ଼ି ତାଆରି ପ୍ରେମରେ
ଯେବେଠୁ ଯାଇଛି ପଡ଼ି
ପ୍ରେମ ସିଲଟରେ ମଡ଼ାଉଛି ପାଠ
ଧରିକି ପୀରତି ଖଡ଼ି
କୋଟିଏ ଭିତରେ ଗୋଟିଏ ଦିଶଇ
ଯେବେ ସେତ ହସି ଦିଏ
ଆଉ କେହିନୁହଁ ମନେ ରଖ ବନ୍ଧୁ
ସୁକୁଟି ଭାଉଜ ସିଏ ।
ସନିଆଁ ଭାଇଟା କଣ୍ଟା ମୋ ହେଲାଣି
ପାଖକୁ ଛାଡୁନି ଆଉ
ଅଧା ବୟସରେ ମରୁ ବାଡ଼ିପଶା
କୁଆ ଖୁମ୍ପି ତାକୁ ଖାଉ ।
ପାଞ୍ଚଥର ମତେ ପିଟିଲାଣି ସିଏ
ହଳୁଆ ହାତରେ ଧରି
ତଥାପି ଆଜି ତା' ଘରେ ମୁଁ ପଶିବି
ରାତିରେ ସାହସ କରି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ବିଜୁ ବୋଲ ବାଲ୍

ଦୀନବନ୍ଧୁ ବେଜ

ମଫସଲ କହିଲେ କଥା ଟିକେ ଡେଢ଼ା, ଯେପରି ମୁଇଁ, କିସ ହେଲା, କଣଲ, ଖାଇଚି, ଜିମି, ତୁଇ... ବସିମି ପରି କଥା କଥାରେ ଶବ୍ଦଗୁଡାକ ଭକ ଭକ ବାହାରିପଡ଼େ। ପୋଷାକ ଲୁଙ୍ଗି, ଗାମୁଛା, ଧୋତି, ଶାଢ଼ି ପିନ୍ଧା ଲୋକ ଗୁଡ଼ା ସକାଳୁ ସଂଧ୍ୟା ଯାଏ ଘାସ କଟା, ତାସ ଖେଳ, ଛକ ମୁଣ୍ଡ, ପୋଖରୀ ତୁଠ, ବିଲବାଡିରେ ଏକଡ଼ ସେକଡ଼। ଖାଦ୍ୟ କଥା ବିଚାର କଲେ ଶୁଖୁଆ ପୋଡା, ଆଳୁ ସିଝା, ତେନ୍ତୁଳି, ଆମ୍ବୁଲ ସହ ପଖାଳ, ମୁଢ଼ି ଚୁଡ଼ାରେ ଦିନ ବିତେ । ପାଦରେ ଚପଲ ହଳେ ହେଲେ କେତେ ନ ହେଲେ କେତେ ।

ସେମିତି ଏକ ଗାଁରୁ ବିଜୁର ଆବିର୍ଭାବ, ଛୋଟ ବେଳୁ ନଇ ନାଳରୁ ମାଛ ଧରିବା, ପୋଖରୀରେ ପହଁରିବା, ଗଛ ଚଢିବା ତା'ର ସଉକ, ପାଠ କଥା କହିଲେ ସେ ଛୁ । କେଉଁଠି କିଆ ବୁଦା ତଳେ ଲୁଚି ଗଲାଣି ତ, ପୁଣି ଗଛ ଉପରେ ଚଢ଼ି ପତ୍ର ଭିତରେ ଛପି ବସିଲାଣି । ଖାଇବା ସମୟରେ ଘରେ ହାଜର । ସବୁ ବେଳେ ଘରେ ସାନ ମା'ଙ୍କ ଠାରୁ ଗାଳି ସଂଧ୍ୟାରେ ବାପାଙ୍କ ଠାରୁ ଅନେକ କଥା ଶୁଣେ, ବୋଉକୁ ଆଉ ପାରିକି ନିଷ୍ଠୁର ଭଗବାନ ଛଡ଼ାଇନେବା ଠାରୁ ଘରେ ପ୍ରାୟ କେହି ତାକୁ ଭଲ ଆଉ ପାଉ ନାହାଁନ୍ତି ... ପାଖାପାଖି ଦୁଇ ବର୍ଷ ହେବ। ବାପାଙ୍କ ଠାରୁ ଯେଉଁ ଆଦର ଆଶା ଟିକକ ସ୍ନେହ କାଙ୍ଗାଳ ବିଜୁକୁ ବାନ୍ଧି ରଖି ପାରିଥାନ୍ତା ତା ବି ସାତ ସପନ ହୋଇଗଲା ବୋଉ ଗଲା ଠାରୁ ।

ବିଜୁ ଘର ଛାଡ଼ିବା ନିଷ୍ପତ୍ତି ନେବା ପୂର୍ବରୁ ସୁଦୂର ରାଉରକେଲାରେ ଥିବା ତା ମାଉସୀ ତାଙ୍କୁ ନେଇଗଲା, ମାଉସୀଙ୍କ କର୍ମ ସ୍ଥାନ ସେଠାରେ, ନନଫରମାଲ ଶିକ୍ଷକ ସେ, ବିଜୁର ଏ ଅବସ୍ଥା ଜାଣି ସେ ତାକୁ ନେଇ ଆସିଲେ । କିନ୍ତୁ ଅଙ୍ଗ ପ୍ରତ୍ୟେଙ୍ଗ କଥା କହୁଥିଲା ବିଜୁର । ସେଠାରେ କାହାକୁ ମାର କାହାକୁ ଧର କାହାର ଜାମା ଚିରି ଦେ କାହାର ବହି ଚୋରି କର ଏପରି କାର୍ଯ୍ୟ ଦେଖି ମାଉସୀ ବି ଅସ୍ତବ୍ୟସ୍ତ ହୋଇ ପଡିଲେ ବିଜୁ ପାଇଁ ତଥାପି ମା' ଅଧା ମାଉସୀ ବାପା ଅଧା ପିଉସୀ ନ୍ୟାୟରେ କିଛି କହି ପାରୁ ନଥିଲେ କି ସହି ପାରୁ ନଥିଲେ ସେ ।

ISSN NO.
2582-208X

ବିଜୁ ଶାଠ ଓ ଖେଳ ରେ ୧ନଂ, ତାକୁ କେହି ହରାଇ ବାର ପିଲା ନ ଥିଲେ । ସାଙ୍ଗ ସାଥି ପିଲାଙ୍କ ସହ ଖଣ୍ଡେ ବାଡ଼ିରେ ବଲ ଗଡାଇ ଗଡ଼ାଇ ଗୋଲ କରିବା ବିଜୁର ବାଁ ହାତର ଖେଳ, ବିଜୁକୁ ବଳିବାର ପିଲା କେହି ନାହିଁ । ଗାଁ ଗାଁ ଭିତରେ ଯେଉଁ ହକି ଟୁର୍ଣ୍ଣାମେଣ୍ଟ ହୁଏ ବିଜୁକୁ ଆଗ ଡାକରା । ସେ ରହୁଥିବା ମହାବୀର ନଗରରେ ଏକ ହକି କ୍ଲବ ଅଛି । ଆଗଧାଡି ଖେଳାଳୀ ସାମସଙ୍ଗ କେରକେଟା ଓ ଥମସନ ଲାକ୍ରା ବିଜୁର ଖେଳ ଦେଖିଛନ୍ତି ସେମାନଙ୍କର ଏକା ଜିଦ୍ ବିଜୁକୁ ଆନ୍ତରାଜ୍ୟ ମ୍ୟାଚରେ ଖେଳା ଯାଉ । କୋଚ୍ ତା'ର ଖେଳ ବିଷୟରେ ଆଗରୁ ଶୁଣିଥିଲେ ସେ ମଧ୍ୟ ରାଜି ହୋଇ ଗଲେ । ସେତେବେଳେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପୁନରାଉଦ୍ଧାର ହୋଇ ନ ଥିଲା, ଖେଳ ସେଇଠି ହେବ । ଆଗରୁ ବିଜୁ ଜିଲ୍ଲାସ୍ତରୀୟ ପ୍ରାୟ ସବୁ ହକି ମ୍ୟାଚ୍ ଖେଳି ଦବଦବା ଦେଖାଇ ସାରିଥାଏ । ଏଣୁ ବିଜୁ କୁ କିଏ ବା ନ ଜାଣିଛି । ଏମାନେ ଖେଳ ପଡ଼ିଆ ପାଖରେ ପହଞ୍ଚି ସାରିଥାନ୍ତି, ଏମାନଙ୍କ ପାନ ଚୋବାଇବା ଅଭ୍ୟାସ ରହିଛି। ବିଜୁ ଆଉ ସାମସଙ୍ଗ ଦୁହେଁ ପଡ଼ିଆ ବାହାରେ ଥିବା ଏକ ପାନ ଦୋକାନକୁ ପାନ ଖାଇବାକୁ ଗଲେ ।

ଦୋକାନୀ କହିଲା ଆଜି କାହାର କାହାର ମ୍ୟାଚ୍ ଅଛି ।

ସାମସଙ୍ଗ କହିଲା ମହାବୀର କ୍ଲବ ଆଉ ରୋଇଙ୍ଗ ଲାୟନ।

ଦୋକାନୀ କହିଲା ଓ ଶଳା ମଲେ,

ବିଜୁ କହିଲା କିଏ ଭାଇନା ?

ସିଙ୍ଘ ଦଳିଆ ।

କାହିଁକି ?

ସେ ମହାବୀର କ୍ଲବରୁ ଯେଉଁ ବିଜୁ ବୋଲି ପିଲା ତାକୁ ହରାଇବା କାଠିକର ପାଠ ଏକା ଏକା ଶଳାଟା ଦଶ ଦଶ ଗୋଲ କରିଦେବ ।

ହଇ ହୋ ବାବୁ ଏତେ କଥା କିଆଁ ପଚାରୁଛ, କଥା ଛଳରେ ମୁଁ ଯେଉଁ ଗାଳି କରି ବିଜୁକୁ କହୁଛି ତାକୁ କହିବ ନାହିଁ ସେ ମୋତେ ଧୁଲେଇ କରିଦେବ ଯେ।

ବିଜୁ କହିଲା କାହାକୁ କହିବି ମୁଁ ପରା ସେଇ ବିଜୁ, ଭାଇ ... କହି ଚିହିଙ୍କି ଉଠିଥିଲେ ସେଦିନ ଦୋକାନୀ ଜଣଙ୍କ।

ISSN NO.
2582-208X

ମ୍ୟାଚ ଘମାଘୋଟ ... ପ୍ରଥମ ପାଳି ମହାବୀର କ୍ଲବ ସପକ୍ଷରେ ଏକା ଏକା ବିଜୁ କଲା ଚାରି ଗୋଲ ସାମସଙ୍ଗର ଏକ ଥମସନର ଏକ ମୋଟ ଛଅଗୋଲ ଦେଇଛି ମହାବୀର ଦଳ, ମଧ୍ୟାହ୍ନ ବିରତି ପରେ ପୁଣି ଚାଲିଲା ଘମାଘୋଟ ଲଢେଇ, ଜୋରଦାର ଟକର, ପୁଣି ସେଇ ସମାନ କଥା ଆହୁରି ଚାରିଟା ଗୋଲ, ବିଜୁର ଏକା ତିନିଟି ଗୋଲ । ରୋଇଙ୍ଗ ଲାୟନ କ୍ଲବ ବାଲା ଖାତା ଖୋଲି ପାରିଲେନି । ଘୋର ଅପମାନ, ସ୍କୋର ବୋର୍ଡ ଦେଖି ଛାତି ଫାଟି ଯାଉଥାଏ ସେମାନଙ୍କର । ଦର୍ଶକଙ୍କ ଚିତ୍କାର, କରତାଳି ଓ ଉପସ୍ଥାପକଙ୍କ ଉପସ୍ଥାପନାରେ ଖୁସି ହେଉଥାନ୍ତି ମହାବୀର କ୍ଲବ ସଦସ୍ୟ, ରୋଇଙ୍ଗ ଲାୟନ କ୍ଲବର ସଦସ୍ୟଙ୍କ ମୁହଁକୁ ଛେପ ପକାଇଲା ପରି ଲାଗୁଥାଏ । ଏକା ମୁହାଁ ହୋଇ ସେମାନେ ଫେରିଗଲେ ।

ଏମାନେ ବିଜେତା ଟ୍ରଫି, ଚେକ ଓ ମସ୍ତି ଭରା ସୁଖ ପ୍ରାପ୍ତ କରି ଗାଁ ଅଭିମୁଖେ ଫେରୁଥାନ୍ତି। ଲାୟନ୍ସ କ୍ଲବର ଗାଁ ଦେଇ ଅତିକ୍ରମ କରିବେ । ହଠାତ ଏ କଣ ଟେକା ପଥର ବୃଷ୍ଟି । ଆସରେ ଭଡୁଆ ଆସ, ଦେଖି ନେବୁ ତୁମ୍ଭଙ୍କୁ । ଶଳା ବେଷ୍ଟ ପ୍ଲେୟାର ଦେଖେଇ ହେଉଛ ।

ବିଜୁ ହାତ ସେତେବେଳକୁ ଖଜବଜ ହେଲାଣି, ଯେତେ ଅଟକାଇଲେ ବି ରହିଲା ନାହିଁ । ମାଡ଼ି ଚାଲିଲା, ମାଡ ଗୋଟିଏ ତଳେ ପଡିଲା ନାହିଁ, ହକି ଷ୍ଟିକ୍ ବୁଲୁଥାଏ ସାଇଁ ସାଇଁ କାହାର ନାକ, କାହାର ମୁଣ୍ଡ, କାହାର ପିଠି ସବୁ ଫାଟି ତାରା ତାରା, ଧାର ଧାର ହୋଇ ରକ୍ତ ବହି ଯାଉଥାଏ । ସବୁ ଲୁଚିଲେ, ପୋଲିସ ପର୍ଯ୍ୟନ୍ତ କଥା ଗଲା..ଦୁଇ ଗାଁର ଲୋକ ବସିଲେ ମିମାଂସା ପାଇଁ । ଥମସନର ବାପା ଜଣେ ମୁଖିଆ ଲୋକ, ସେ ନିବେଦନ କଲେ ଯାହା ହେଇ ଗଲା ହେଇ ଗଲା । ଛାଡ଼ ପିଲାମାନେ କଣ ଭୂଲ କରି ଦେଇଛନ୍ତି । ଡାକ୍ତର ଖର୍ଚ୍ଚ ଆମେ ବହନ କରୁଛୁ, ତୁମେ ମାନେ କ୍ଷାନ୍ତ ହୋଇ ଯାଅ । କାହିଁକି ଶୁଣିବେ ସେମାନେ । ଆମେ ଛାଡ଼ିବୁ ନାହିଁ, ଦେଖି ଦେବୁ, କଣ କରିବ ଆମର । ଏହି ପରି ବେକାର ଯୁକ୍ତିତର୍କ ଚଲେଇଲେ । ପୋଲିସ ବାଲା ବି କହିଲେ, ଖେଳି ନ ପାରିବ ବୋଲି କଣ ତମେମାନେ ମାରିବ, ଏହା କେଉଁ ସମ୍ବିଧାନରେ ଲେଖା ହୋଇଛି । ସେମାନଙ୍କର କିଛି ଭୂଲ ନାହିଁ । ବିଜୁ, ଥମସନ ଓ ସାମସଙ୍ଗ ସେମାନଙ୍କ ସାଙ୍ଗସାଥି ଧରି ଏକ ମୁହାଁ ହୋଇ ଘରକୁ ଫେରିଲେ । ଥମସନ ଖାଲି ରାଗରେ ଗରଗର ହେଉଥାଏ । ମୋ ବାପାଙ୍କ କଥା ରହିଲାନି ? ଆମେ ସେମାନଙ୍କୁ ଛାଡ଼ିବୁ ନାହିଁ । ବିଜୁ ଖାଲି ରକ୍ତ ଚାଉଳ ଚୋବାଉ ଥାଏ ।

ISSN NO.
2582-208X

ପରଦିନ ପ୍ରାତଃରୁ ବିଜୁ ଗାଁର ସମସ୍ତ ଯୁବକଙ୍କୁ ଡ଼ାକି ଏକଜୁଟ କଲା । ସମସ୍ତଙ୍କୁ ସମୂହ ସପଥ କରାଇଲା ଆମେ ଏହାର ଜବାବ ଦେବା ନାଁ ନାହିଁ । ସମସ୍ତେ ଏକ ସ୍ୱରରେ କହିଲେ ହଁ ହଁ ନିଶ୍ଚିତ ଆମେ ଜବାବ ଦେବୁ । ତାହେଲେ ତମେ ମାନେ ମୋତେ ପ୍ରତିଦିନ ସକାଳେ ଅଧଘଣ୍ଟାଏ ଦେବାକୁ ପଡିବ, ବେଶି ନୁହଁ ତିନି ମାସ ।

ସେହି ଦିନଠୁ ବିଜୁ ସମସ୍ତ ଯୁବକଙ୍କୁ ଶାରୀରିକ ଶିକ୍ଷା ଦେବାର ଲାଗି ପଡିଲା ବିଶେଷ ଭାବରେ ବାଡି ବୁଲା, କୁସ୍ତି ଯୁଦ୍ଧ ଓ ମାନସିକ ଦକ୍ଷତା, ପ୍ରତ୍ୟେକ ଦିନ ଚାଲିଲ । ତିନିମାସ ପୂର୍ବରୁ ସମସ୍ତ ଯୁବକ ଜଣେ ଜଣେ ଶ୍ରେଷ୍ଠ ବାଡି ଖେଳାଳି ଓ ମଲ୍ଲଯୋଦ୍ଧା ଭାବରେ ଉଭା ହେଲେ । ଠିକ ତିନି ମାସ ପୁରିଲା ଯେଉଁଦିନ ସେହି ଦିନ ସମସ୍ତେ ବାହାରି ପଡିଲେ ରୋଇଙ୍ଗ ଲାୟନ୍ସ ବିଜୟରେ । ତାହା ପରେ ଯାହା ହେଲା ନ କହିବା ଭଲ । ସେ ଗାଁ ନବେ ପ୍ରତିଶତ ଲୋକ ଡାକ୍ତରଖାନାରେ ପଡିଲେ । କାହାର ମୁଣ୍ଡ ଫାଟିଛି ତ କାହାର ନାକ, କାହାର ହାଡ଼ ଭାଙ୍ଗିଛି ତ କାହାର ଗୋଡ଼ ଏହିପରି ଅବସ୍ଥା । ଥାନାରେ କଥା ପଡିଲା, ସେମାନଙ୍କୁ ପଚରାଗଲା ତମକୁ କିଏ ମାରିଛି । ସେମାନ କହିଲେ ଆମେ ଜାଣିନୁ, ଖାଲି କଣ ଗୋଟାଏ ଆସୁଛି ଦୁମ ଦାମ କରି ମାରି ଦେଇ ଯାଉଛି ।

ବାଡ଼ି ବୁଲାର ଏମାନେ ବର୍ତ୍ତମାନ ବେଷ୍ଟ । ଡାକ୍ତର ଖାନା ବୁହା ହେଲେ । ଭଲ ହୋଇ ଆସିଲେ । ପୋଲିସ କହିଲା ମିଳିମିଶି ଚଳ । ଆମେ ତା' ବାଟ କରିବା, ଗାଁ ଗାଁ ଭିତରେ ସୌହାର୍ଦ୍ଦ୍ୟ ରହୁ ।

ସେଦିନ ବିଜୁ ର ମାଉସୀ, ଆଉ ଲୋଡ଼ା ପଡିଲେ ନାହିଁ, ଗାଁର ସବୁ ମା' ହେଲେ ବିଜୁର ମାଉସୀ, ଗାଁ ଲୋକ ତାକୁ ଗାଁ ପାଣ୍ଠିରୁ ଯାଗା ଖଣ୍ଡେ କିଣି ଘର କରେଇ ଦେଲେ, ବିଜୁର ବିବାହ ଗାଁର ଏକ ସୁନ୍ଦରୀ ଝିଅ ସହ କରାଇ ଦିଆଗଲା ।

ବିଜୁର ଏବେ ଗାଁ ରେ ବୋଲ ବାଲା ଚାଲିଛି । ବିଜୁ ହେଇଛି ଗାଁର ସମସ୍ତଙ୍କର ମଉଣମଣୀ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ମୁଁ ବି ଯୋଗ୍ୟ



ଦୁଷ୍ମନ୍ତ ବେହେରା

ଗରିବ ସ୍ୱପ୍ନ ଆଶାରେ ମରେ
ଜୀବନ ଭୋକ ଶୋଷରେ ଝରେ
ଏ ତ'ଅ ରଙ୍ଗିନ ଦୁନିଆ
ସ୍ୱପ୍ନ ଦେଖେଇ ଲୋଭରେ ମାରେ!!

ଝରେ ଲୁହ ଜୀବନ ଦୁଃଖ
ଭାଙ୍ଗିପଡି ନାହିଁ ମୁଁ
ମୋ ମନ ବଳ ଆଶା ଶୋଷ
ତଥାପି ମୁଁ ବି ଯୋଗ୍ୟ !!

ମଲାଟ ଲେଖା ଭାଗ୍ୟ ମୋର
ଦଦରା ଅକ୍ଷରେ ଚିରି ପୋଡେ
ବାସ୍ନା ଚିହ୍ନ ର ଛାଇ ଛବି
ମନ ସ୍ମୃତି ଲକ୍ଷ୍ୟ ସୁଖ ର ଘର !!

ହାରି ନାହିଁ ମୋ ଶରୀର
ଚାହିଁ ବସି ଅଛି ଭୋକ
ଲୁହ ଝରିବ ରହିବ ଲୁହର ଦାଗ
ହାରିବନି ମୋ ପଞ୍ଜରା ହାଡ !!

ଭାଗ୍ୟ ସାଥେ ସିନା କର୍ମ ମରେ
ମୋ ଦେହ ସାଥେ ଚର୍ମ ସୁଖେ
ଲକ୍ଷ୍ୟ କୁ ତଥାପି ଚାହିଁ ବସିଛି
ଲୁହ ଭରା ଫିକା ଶୀଉଳି ସୂତେ!!

ଶରୀର ମହକି ଉଠିବା ଆଗରୁ
ଆତ୍ମା ସଦୃଶ ମଳିନ ଚିହ୍ନ
ଧରା କୁ ଧରି ଶରୀର ମୋର
କହୁଥିବ ମୁଁ ବି ଯୋଗ୍ୟ କୁ ଯୋଗ୍ୟ !!

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଆଲେଖ-ଭ୍ରମ ଧାରଣା



ସତ୍ୟନାରାୟଣ ମିଶ୍ର

ସେଦିନ ମୂଳା ଅଷ୍ଟମୀ । ପଶ୍ଚିମ ଓଡିଶା ରେ ମା ମାନେ କରନ୍ତି ନିର୍ଜଳା ଉପବାସ । କାହିଁକି ନା ପୁଅ ଝିଅଙ୍କ ଶୁଭ ମନସି ସେମାନେ କରନ୍ତି ପୁଅ ଜୀଉନ୍ତିଆ ଓଷା । ଜଣେ ଆଗନ୍ତୁକ ଆସି ଦେଖିଲେ, ମା ମାନେ ରାତିରେ ଓଷା ସ୍ଥଳରେ ନାନା ବିଧିରେ ପୂଜା କରି ସାରି ଶେଷକୁ ଚାଉଳ ପକାନ୍ତି ଠାକୁର ଙ୍କ ଉପରେ । ଜଣ ଜଣ କରି ଅମୁକ ର ପୁଅ ଟିଏ ହଉ ବୋଲି ହୁଳହୁଳି ପକେଇ ଚାଉଳ ବନ୍ଦନ୍ତି, ହେଲେ କେହି ଜଣେ ବି କହୁ ନ ଥାନ୍ତି ଯେ ଅମୁକ ସମୁକ ଘରେ ଝିଅ ଟିଏ ହଉ । କି ବିଡମ୍ବନା ସତେ !!

ସମାଜରେ ଧନୀ ଗରିବ ଶିକ୍ଷିତ ଅଶିକ୍ଷିତ ସମସ୍ତେ ଚାହାଁନ୍ତି ପୁଅ । ଗୁଡି ଗମ୍ଭୀରା ଯାଇ ମାନସିକ ରଖନ୍ତି ପୁଅ ହେଲେ ଭୋଗ ବଢ଼େଇବେ ଛତ୍ର ଦେବେ, ପାଟ ଦେବେ ଘଣ୍ଟି ଘଣ୍ଟ ଅଳଙ୍କାର ଆଦି ଠାକୁର ଙ୍କୁ ଦେବେ। ହେଲେ, ଝିଅ ପାଇଁ ମାନସିକ ରଖିବା କାହିଁ ଜାଣିନି ଏପର୍ଯ୍ୟନ୍ତ । ଯଦିପୁଅ ଜନ୍ମ ନେଲା ତ ଘରେ କେତେ ଆନନ୍ଦ ଉତ୍ସବ, ମିଠା ପିଠାରେ ଭସେଇ ଦେବେ ଖୁସି ମନରେ । ଆଉ ଝିଅ ଟେ ହେଲା ତ ମନ ମାରି ଲୋକ ଦେଖାଣିଆ ଖୁସି । ଲାଗେ, ଯେମିତି ହିମାଳୟ ଆସି ମୁଣ୍ଡ ଉପରେ ଲଦି ହେଇଗଲା । କେତେ ଏମିତି ଲୋକ ଅଛନ୍ତି ସେମାନେ ତିନି ଝିଅ ହେଲା ପରେ ବି ପୁଅ ଟେ ପାଇଁ ବାଟ ଦେଖନ୍ତି। ସତେ ଯେମିତି ପୁଅ ଟେ ନହେଲେ ବେଦ ପୋଥି ଅସୁଦ୍ଧ ହେଇ ଯାଉଛି । ବଂଶ ପିତୃ ଲୋକ ଙ୍କୁ ମୁକ୍ତି ମିଳେନି । ଲୋକଙ୍କ ଏ ଭବନା ଝିଅ ଙ୍କୁ ହୀନ ଦେଖିବା ମୂଳ କାରଣ । କନ୍ୟା ଭ୍ରୁଣ ହତ୍ୟା ଗର୍ଭ ନଷ୍ଟ ଭଳି ଅମାନୁଷିକ କାର୍ଯ୍ୟ ବି କରିବାକୁ ପଛନ୍ତି ନାହିଁ କେତେକ । ମନ ର ଭ୍ରମ କୁ ଦୂର କରି ଥରେ ଭାବି ଦେଖିଲେ, ପୁଅ ଆଉ ଝିଅ କଣ ସମାନ ନୁହଁନ୍ତି ??

ISSN NO.
2582-208X

ଆଜି କାଲି ଝିଅ ମାନେ ପୁଅ ଙ୍କ ଠାରୁ କଉଁ କାମରେ କମ୍ ? ସେମାନେ ଜଳ ସ୍ଥଳ ଆକାଶ ସବୁ କ୍ଷେତ୍ରରେ ପୁଅ ଙ୍କ ଭଳି କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରୁଛନ୍ତି । ଡାକ୍ତର ଇଂଜନିର, ପୋଲିସ ସୈନ୍ୟ, ପାଇଲଟ୍, ଭଳି ଅନେକ ପଦ ପଦବୀ ରେ ଅବସ୍ଥପିତ ଏମାନେ । ଅନେକ ଦୁଃସାହସିକ କାମରେ ପୁଅଙ୍କ ଠାରୁ ବି ଆଗୁଆ ଏମାନେ । କଳା ସଙ୍ଗୀତ ନୃତ୍ୟ ଗୀତ ରେ ଦେଶ ପାଇଁ ସୁନାମ ଆଣିଛନ୍ତି ଅନେକ ମହିଳା । କ୍ରୀଡା କ୍ଷେତ୍ରରେ ବି କଣ କମ କି ? ଜନନୀ ଭଗିନୀ ଜା ୟା ଦୁହିତା ଚାରି ରୂପରେ ନାରୀ ।

ଯଦି ସଂସାରରେ କେବଳ ପୁଅ ସଂଖ୍ୟା ବଢିବ ଝିଅ ସଂଖ୍ୟା କମିବ ସୃଷ୍ଟି ର ନିୟମ ଭଙ୍ଗୁର ହେବା ସ୍ୱାଭାବିକ । କଥାରେ ଅଛି "ଯେତେ ଭାଇ ସେତେ ଘର, ଯେତେ କନିଆଁ କୁ ସେତେ ବର । କନିଆଁ ଯଦି ନାହିଁ ତ ବର ବର୍ବାଦ୍ ହେବା ନିଶ୍ଚିତ ।ଗୀତାରେ ଭଗବାନ କହିଛନ୍ତି "ବର୍ତ୍ତମାନ ଯଦି ସଂସାର ପୁରୁଷଶୂନ୍ୟ ହୁଏ ତେବେ ବି ସୃଷ୍ଟି ବଞ୍ଚିବ, କିନ୍ତୁ ନାରୀ ଶୂନ୍ୟ ସୃଷ୍ଟି ଅସମ୍ଭବ" । ତେବେ ସେସବୁ କଥା ଛାଡି ଏବେ ସମୟ ଆସିଛି ଦମ୍ପତିଙ୍କ ମାନସିକ ସ୍ତରରେ ପ୍ରସ୍ତୁତି । ପୁଅ ହଉ କି ଝିଅ ମାତ୍ର ଦୁଇ ରେ ସୀମିତ କରିବା । ଏମାନଙ୍କୁ ଉତ୍ତମ ଶିକ୍ଷା ଦୀକ୍ଷା ଦେଇ ଜଣେ ସୁ ନାଗରିକ ଭାବେ ଗଢିବା । ଅଯଥା ପୁଅ ପୁଅ ବୋଲି ଅପେକ୍ଷା କରି ମାନସିକ ଅବସ୍ଥା ଦୁର୍ବଳ କରିବା କାହିଁକି ? ଯିଏ ଯାହା କହୁ ଆମେ କହିବା ଏଇ ଝିଅ ହିଁ ଆମ ପୁଅ । ଇଏ ଆମର ସବୁକିଛି । ଆମ ଦୃଷ୍ଟିରେ ପୁଅ ଝିଅ ସମାନ୍ । କେବଳ ଲୋଡ଼ା ୟା ପ୍ରତି ଈଶ୍ୱର ଙ୍କ ଆଶୀର୍ବାଦ । ଚିର ସବୁଜ ନିରାମୟ ଜୀବନ ବଞ୍ଚନ୍ତୁ ଏମାନେ । ଏମାନେ ଆମ ପାଇଁ ହୀରା ମୋତି । ଆମ ଆଖିର ଜ୍ୟୋତି ॥ ବାସ୍ ।

ସିନ୍ଧେକେଲା ବଲାଙ୍ଗୀର/9583605915

ISSN NO.
2582-208X

# ନିର୍ବିକାର



ଶ୍ରୀ ଗୁପ୍ତେଶ୍ୱର ଗ୍ୱନ୍

କ୍ଳାନ୍ତ ପଥିକ ବାଟ ଚାଲୁ ଚାଲୁ
ହୋଇ ଯାଏ ଯେବେ ହାଲିଆ ।
ରାସ୍ତାକଡ଼େ ଥିବା ପାଦପ ଗୋଟିକ
କୁହଇ ପାଖକୁ ଚାଲିଆ ।।୧
ନିମିଷେ ଅଟକି ବସିଯା ଛାଇରେ
ଝାଳତକ ପୋଛି ହୋଇଯା ।
ଶୀତଳ ପବନ ବାଜିଲେ ଦେହରେ
ଲଭିବୁ ଶାନ୍ତି ତୁ ବୁଝିଯା।।୨
ଗଛମୂଳେ ମୋର ନେଲେ ତୁ ବିଶ୍ରାମ
ଅଙ୍ଗେ ତୋ' ଅସୀମ ଶକତି ।
ଭରି ଦେବି ମୁହିଁ ବିଶ୍ୱାସ କର
ମିଥ୍ୟା ନୁହଁଇ ମୋ' ଭାରତୀ ।।୩
ନବୀନ ଉତ୍ସାହ କ୍ଷଣକେ ଆସିବ
ଅପୂର୍ବ ସାହସ ବଳରେ ।
ଦ୍ୱିଗୁଣିତ ହେବ ପରାକ୍ରମ ତୋର
ପହଞ୍ଚିବୁ ଲକ୍ଷ୍ୟ ସ୍ଥଳରେ।।୪

ISSN NO.
2582-208X

ଧନୀ ବା ଗରିବ ରାଜା କି ଫକୀର
ନାହିଁ ଶତ୍ରୁ ମିତ୍ର ବିଚାର ।
ପାତର ଅନ୍ତର ନୀତି ର ଉର୍ଦ୍ଧ୍ୱରେ
ସଂପୂର୍ଣ୍ଣ ଭାବେ ନିର୍ବିକାର ।।୫
ସମାନ ଦୃଷ୍ଟିରେ ଦେଖେ ସମସ୍ତ ଙ୍କୁ
ତୋଷଇ ସବୁରି ଉଦର ।
ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷେ ଜାଣ
ସଭିଙ୍କୁ କରଇ ଆଦର ।।୬
ଦୟା କ୍ଷମା ଗୁଣ ଅଟଇ ଭୂଷଣ
ତା' ସମ ନୁହେଁ କେ ଉଦାର ।
ପଶୁ ପକ୍ଷୀ ନର ହେଉ  ବା ବାନର
ମିତ୍ର ପରି କରେ ବେଭାର ।।୭
ପର ଉପକାର ବ୍ରତ ଜୀବନର
ତଥାପି ତା' ପ୍ରତି ଅନ୍ୟାୟ ।
ତାକୁ  ହାଣି କାଟି ନିର୍ମୂଳ କରଇ
ଏ ମଣିଷ ବଡ଼ ନିର୍ଦ୍ଦୟ ।।୮

ଗ୍ରାମ/ପୋଷ୍ଟ-ସମାସିଂହା
ଜିଲ୍ଲା-ଝାରସୁଗୁଡା
ମୋ.୭୬୮୩୮୪୧୦୬୪

ISSN NO.
2582-208X



# ପ୍ରତିଭାଧାରୀ ପରେଶ



ମେନକା ସାହୁ

"ପୁଣ୍ୟ ଏହି ଢେଙ୍କାନାଳ
ପୁଣ୍ୟ ଏହି ଭୂମି
କବିତା ଗାଏ ଦିବସ ମିଶି
ସଭିଙ୍କୁ ଯାଏ ଚୁମି ।"

ପୁଣ୍ୟ ଏହି ଭୂମି ଢେଙ୍କାନଳାର ପ୍ରଥୀତଯଶା ସାହିତ୍ୟିକ କବି ଶିକ୍ଷାବିତ୍ କବିଭୂଷଣ ରାଜକଶୋର ପଟ୍ଟନାୟକଙ୍କ ତଥା ମାତା ରଙ୍ଗବତୀଙ୍କ ଔରସରୁ ଶିଳ୍ପୀ ପରେଶ ପଟ୍ଟନାୟକ ୧୦ ଏପ୍ରିଲ୍ ୧୯୫୪ ମସିହାରେ କନଷ୍ଠ ସନ୍ତାନ ଭାବରେ ଢେଙ୍କାନାଳଠାରେ ଜନ୍ମଗ୍ରହଣ କରିଥିଲେ । ଜଗତର ନାଥ ସ୍ୱୟଂ ଜଗନ୍ନାଥ, କରୁଣାମୟୀ ଜଗତ୍ ଜନନୀ ଶ୍ରୀମୟୀମାଙ୍କ କୃପାରୁ ତଥା ଗୁରୁ ପ୍ରତୀମ ନମସ୍ୟ ପିତାମାତାଙ୍କ ଆଶୀର୍ବାଦରୁ ଶିଳ୍ପୀ ପିଲାଟି ଦିନରୁ ଚନ୍ଦ୍ର ଅଙ୍କନ ପ୍ରତି ଯତ୍ନଶୀଳ ହେବା ଯୋଗୁ ଓଡ଼ିଶାର ଏକମାତ୍ର ସରକାରୀ ଚାରୁକଳା ମହାବିଦ୍ୟାଳୟରେ (ଖଲିକୋଟ) ପାଠ ପଢ଼ିଲେ ଏବଂ ସେ ନିଜେ ଅଧ୍ୟୟନ କରୁଥିବା ଶତାବ୍ଦୀ ଉଚ୍ଚ ବିଦ୍ୟାଳୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ତଥା ଡ୍ରଇଂ ଅଫିସର ଭାବରେ ନିଯୁକ୍ତ ପାଇବା କଥା ଆଶ୍ଚର୍ଯ୍ୟ ତଥା ଚକିତ ଲାଗେ । ଦିନେ ଯେଉଁ ଶିକ୍ଷକମାନଙ୍କ ଆଗରେ ଛିଡ଼ା ହେବାର ସାହସ ନଥିଲା ଆଜି ସେ ସେହି ବିଦ୍ୟାଳୟର କଳା ଶିକ୍ଷକ ଭାବରେ ତାଙ୍କ ପାଖରେ ବସିବାର ଗୌରବ ଅର୍ଜନ କରିଛନ୍ତି । ସେ ବିଦ୍ୟାଳୟର ସହକର୍ମୀମାନଙ୍କ ପାଖରେ ଚାକିରି କରିବା ତାଙ୍କର ପରମ ସୌଭାଗ୍ୟ ବୋଲି

ISSN NO.
2582-208X

ସେ ମନେ କରନ୍ତି । ଚିତ୍ର ଅଙ୍କନ ସହ ନାଟକ ଲେଖିବା, ଅଭିନୟ କରିବା, ସଂଗଠନ ଗଢ଼ିବା, ଗଳ୍ପ ଲେଖିବା ଏମିତି ଅନେକ କ୍ଷେତ୍ରରେ ଶିଳ୍ପୀଙ୍କର ସୁନାମ ରହିଛି । ଏସବୁ ବାଦ୍ ଜଣେ ଶିଳ୍ପୀ କଳାକାର ହୋଇ ମଧ୍ୟ ଏନ୍‌ସିସି ଅଫିସର ହୋଇ ହସ୍ତରେ ବନ୍ଧୁକ ଧାରଣ କରିବା ତାଙ୍କର ଅନ୍ୟ ଏକ ପ୍ରତିଭା । ଶହେ ନାଟକରେ ଅଭିନୟ କରିବା ସହ ନିଜସ୍ୱ ୨୦ଟି ନାଟକରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ତାଙ୍କର ପ୍ରଥମ କୃତି 'ନାଟକ ନାଟିକା' ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ଆଦୃତ ହୋଇ ରାଜା ରାମମୋହନ ରାୟ ପାଠାଗାର ପାଇଁ ସ୍ୱୀକୃତି ପାଇପାରିଛି । ତାଙ୍କ ରଚିତ ନାଟିକା 'ଭକ୍ତ ଦଶାନନ' ୧୯୯୬ ମସିହାରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେବା ସହିତ ଦୂରଦର୍ଶନରେ ମଧ୍ୟ ପସାରଣ ହୋଇଛି ଏବଂ ନାଟ୍ୟକାର ଭାବରେ ସ୍ୱତନ୍ତ୍ର ପ୍ରମାଣ ପତ୍ର ମଧ୍ୟ ଲାଭ କରିଛନ୍ତି । ତତ୍‌ସହିତ 'ସାଗର ସୂତା' ଏବଂ 'ସମ୍ବାରସୁର ବଧ' ଦୁଇ ଗୀତିନାଟ୍ୟ ମଧ୍ୟ ଦୂରଦର୍ଶନ ତଥା ସଂଗୀତ ନାଟକରେ ମଞ୍ଚସ୍ଥ ହୋଇଛି । ଶିଳ୍ପୀଙ୍କର 'ସିଂହ ଶଶକ' (ଗୀତିନାଟ୍ୟ) ଆକାଶବାଣୀ ଜୟପୁର ରେଡ଼ିଓ ଷ୍ଟେସନ ଓ 'ସୁନା କଳସୀ' ଆକାଶବାଣୀ କଟକରୁ ପ୍ରସାରିତ ହୋଇଛି । ନାଟକ 'ଅଦାଲତ' ପାଇଁ ସେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଯୋଜିତ ଭାବରେ ପୁରସ୍କୃତ ହୋଇଛି । ଅନ୍ୟାନ୍ୟ ନାଟକ ସହ ଗଳ୍ପ 'ମୁଁ ସତେ ମରିଯାନ୍ତି ହେଲେ' ପାଇଁ ସ୍ୱରସୁଧା ସାଉଣ୍ଡ ଷ୍ଟୁଡ଼ିଓ ଓ ଆଧୁନିକ ଛବି ରବୀନ୍ଦ୍ରନାଥ ଠାଗୋର ଠାକୁର ନେଭାଲ ବେଶ୍ କୋଚିନ୍ (କେରଳ)ଠାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି । ଏଥିସହ ଏକଦା ଶିଳ୍ପୀ ଆକାଶବାଣୀ କଟକରେ ହେଉଥିବା ନାଟକ ସପ୍ତାହ ମହୋତ୍ସବର ବିଗ୍ରରକ ଭାବରେ ଅଂଶଗ୍ରହଣ କରିବା ଆଉ ଏକ ସଫଳତାର ପାହାଚ କୁହାଯାଇପାରେ ।

ଶିଳ୍ପୀ ପଟ୍ଟନାୟକଙ୍କର ଏହି ପ୍ରତିଭା ସମୂହ ଯୋଗୁ ତାଙ୍କୁ ରାଜ୍ୟ ଏବଂ ରାଜ୍ୟର ବାହାରର ଅନେକ ସାରସ୍ୱତ ଅନୁଷ୍ଠାନ ସମ୍ମାନିତ କରିଛନ୍ତି । ଶିଳ୍ପୀକା, ବାଣିଶ୍ରୀ, ଚିରନ୍ତନୀ, ମନସ୍ୱିନୀ, ଗଞ୍ଜାମ କଳା ପରିଷଦ, ଶିଳ୍ପୀ ଅକ୍ଷୟ ଦାସ ସ୍ମୃତି ସମ୍ମାନ, ହରେକୃଷ୍ଣ ମହତାବ ସ୍ମୃତି ସମ୍ମାନ, ମଧୁସୂଦନ ସ୍ମୃତି ସମ୍ମାନ, ଲଳିତକଳା ମନ୍ଦିର କଳାକାର ସମ୍ମାନ, ତ୍ରିରଙ୍ଗା ସୁପ୍ରଭାତ, ବିନ୍ଦୁବଳୟ, ସୂର୍ଯ୍ୟଶିଖା, ଦେବଗଡ଼ ମହୋତ୍ସବ, ସୁଲେଖା ସାହିତ୍ୟ ସଂସଦ, ସତପତ୍ର, ଭୁବନଶ୍ରୀ, ବାଣୀକଳା ବିଦ୍ୟାଳୟ, ଦେବାଂଶୀ ଚିତ୍ରଶିଳ୍ପୀ ସମ୍ମାନ, ମୟୂର ସପ୍ତଶର୍ଯ୍ୟା ମହିମା ଚିତ୍ରଶିଳ୍ପୀ ସମ୍ମାନ, ଢେଙ୍କାନାଳ ମହୋତ୍ସବ ଅବସରରେ ମହିମା

ISSN NO.
2582-208X

ସାହିତ୍ୟ ସମ୍ମାନ ପରି ୬୦ରୁ ୭୦ ସମ୍ମାନରେ ସେ ସମ୍ମାନିତ ହୋଇସାରିଛନ୍ତି । ଚିତ୍ରକଳାରେ ଅଧିକ ଜ୍ଞାନ ହାସଲ କରିବା ଉଦ୍ଦେଶ୍ୟରେ ପୁନଃ ଗୁରୁକରି କରିବା ପରେ ମଧ୍ୟ ପ୍ରାଚୀନ କଳା କେନ୍ଦ୍ର ଚଣ୍ଡୀଗଡ଼ଠାରେ ପରୀକ୍ଷା ଦେଇ ସମ୍ମାନ ଓ ପ୍ରମାଣ ପତ୍ର ଲାଭ କରିଛନ୍ତି । ନାଟକ ଲେଖିବା ବ୍ୟତୀତ ଶିଳ୍ପୀ ସୃଷ୍ଟି କରିଛନ୍ତି କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ପରି ୧୭ ଖଣ୍ଡ ପୁସ୍ତକ । ଗଦ୍ୟ ସାହିତ୍ୟର ସମ୍ରାଟଙ୍କ ସମର କବି ବ୍ରଜନାଥ ବଡ଼ଜେନା ଯାହା ୨୦୧୫ ମସିହାରେ ଶିଶୁ ମହୋତ୍ସବ ଅବସରରେ ପ୍ରକାଶ ପାଇଛି । ଏହା ସହ ଅନେକ କୃତବିଦ୍ୟ ଲେଖକମାନଙ୍କର ପୁସ୍ତକକୁ ସଂପାଦନ କରିଛନ୍ତି ଯାହା ଭିତରେ ଏ ମାଟିର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ କବି ଶ୍ରୀବତ୍ସ ନାୟକଙ୍କର ଶ୍ରୀବତ୍ସ ସଞ୍ଚୟନ ଅନ୍ୟତମ । କଟକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସର ତଥା ଭୁବନେଶ୍ୱରର ମେୟର ଶ୍ରୀମତୀ ସୁଲୋଚନା ଦାସ ଓ ପୂର୍ବତନ ସଂସଦ ପ୍ରସନ୍ନ ପାଟଶାଣୀ ମହୋଦୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ 'ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି' ପୁସ୍ତକ ଉନ୍ମୋଚନ ହୋଇଛି ।

ସମସ୍ତଙ୍କଠାରୁ ଏକ ଭିନ୍ନ ବ୍ୟକ୍ତିତ୍ୱ ଭାବରେ ପ୍ରତିଭାଧାରୀ ପରେଶ ପଟ୍ଟନାୟକ ଦୀର୍ଘ ୩୫ ବର୍ଷଧରି ସହର ଏବଂ ସହର ବାହାରେ ବିଭିନ୍ନ ଅନୁଷ୍ଠାନମାନଙ୍କ ସହ ପ୍ରତ୍ୟକ୍ଷ ଭାବରେ ସଂପର୍କ ରଖିବା ସହିତ ବିଭିନ୍ନ ପତ୍ରପତ୍ରିକା ସହ ଯୋଡ଼ି ହେବା ନେଇ ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି । ଖାଲି ଏତିକି ନୁହେଁ ଭିନ୍ନଭିନ୍ନ ସମୟରେ ଓଡ଼ିଆ ସିରିଏଲ 'ମାଉସୀ', 'ସ୍ୱାଭିମାନ', 'ରାନୀ'ରେ ଅଭିନୟ କରିବା ସହ ଓଡ଼ିଆ ଚଳଚିତ୍ର 'ନାୟକର ନାମ ଦେବଦାସ', 'ଦେଲେ ଧରା କଥା ସରେ' ଧର୍ମ ଆଦିରେ ଅଭିନୟ କରିବା ଏବଂ କେତକ ଟେଲିଫିଲ୍ମରେ ଅଭିନୟ କରିବା ସହିତ ନିଜସ୍ୱ ଟେଲିଫିଲ୍ମ 'ଧୂଆଁ', 'ଚରିତ୍ର', 'ଅଦାଲତ'ରେ ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି । ଓଡ଼ିଶାର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା ସ୍କ୍ରିନ୍ ପ୍ଲେ ଲେଖକଙ୍କ ନିଜାମ୍‌ଙ୍କ ସହ ବସି ଅସଂପୂର୍ଣ୍ଣ ଓଡ଼ିଆ ଚଳଚିତ୍ର 'କାଳ ଭୈରବୀ'ର ସ୍କ୍ରିନ୍ ପ୍ଲେ କରିବାରେ ସେ ସହ-ଲେଖକ ଭାବରେ ସୁନାମ ଅର୍ଜନ କରିଛନ୍ତି । ଆଜି ମଧ୍ୟ ୬୯ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନିଜସ୍ୱ ନାଟକ 'ବାଘ'ରେ ବାଘ ଭୂମିକାରେ ଦୀର୍ଘ ୧୫ ମିନଟ୍ ଧରି ମଞ୍ଚରେ ନୃତ୍ୟ କରି ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଓ ଆଚମ୍ବିତ କଲା ପରି ଚରିତ୍ର ସେ । ପ୍ରକୃତରେ ଦେଖିବାକୁ ଗଲେ ଜଣେ ଆଦର୍ଶ ଶିକ୍ଷକ

ISSN NO.
2582-208X

ଓ ସୁସଂଗଠକ ଭାବରେ ସେ ବେଶ୍ ପରିଚିତ ଏବଂ ସମସ୍ତଙ୍କ ପାଖରେ ତଥା ଢେଙ୍କାନାଳ ସହରରେ ପରେଶ ସାର୍ ନାମରେ ଜଣାଶୁଣା ।

ତାଙ୍କର ଆଧୁନିକ ଚିତ୍ର 'ରବି ଠାକୁର' ଓ 'ଆକାଶର ବାଦଲକୁ ଗୁହିଁ ରହିଥିବା ଦୁର୍ଗା' ଛବି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହାଛଡ଼ା ଶିଳ୍ପୀ ପଟ୍ଟନାୟକଙ୍କ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଦୀକ୍ଷାରେ ଦିକ୍ଷୀତ ହୋଇଥିବାରୁ ଶ୍ରୀ ଅରବିନ୍ଦ ଜିଲ୍ଲା ପାଠଚକ୍ର ସୋସାଇଟିର ସଂପାଦକ ଭାବରେ ବିଭିନ୍ନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକୁ ଯାଇ ସାହିତ୍ୟ କଳା ସଂସ୍କୃତି, ବିଷୟରେ ଅବଗତ କରାଇବା କାର୍ଯ୍ୟ ଏବେ ମଧ୍ୟ ଜାରି ରଖିଛନ୍ତି । ପିଲାମାନଙ୍କ ଭିତରେ ଏସବୁର ଅଭିବୃଦ୍ଧି ଘଟାଇବା ହେଉଛି ଏହାର ମୂଳ ଲକ୍ଷ୍ୟ । ସ୍ଥାନୀୟ ଆଦର୍ଶଭିତ୍ତିକ ଶିକ୍ଷାନୁଷ୍ଠାନ, ଶ୍ରୀ ଗୁରୁକୁଳ ଅନୁଷ୍ଠାନଗୁଡ଼ିକରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ମାଧ୍ୟମରେ ପିଲାମାନଙ୍କୁ ଚିତ୍ରାଙ୍କନ ଶିକ୍ଷା ଦେବା, ସ୍ଥାନୀୟ ପିଲାମାନଙ୍କୁ ନେଇ ଶ୍ରୀ ଗୁରୁକୁଳ ବିଦ୍ୟାଳୟ ଅନୁଷ୍ଠାନରେ ଶିକ୍ଷାଦେବା ସହିତ ଗତ ୮ ବର୍ଷ ଧରି ଶ୍ରୀଗୁରୁକୁଳର ନିର୍ଦ୍ଦେଶକ ଶ୍ରୀମାନ୍ ଅଜିତ୍ କୁମାର ରଣାଙ୍କ ଉଦ୍ୟମରେ ତଥା ଶିଳ୍ପୀ ଶ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ 'ଢେଙ୍କାନାଳ ଶିଶୁ ମହୋତ୍ସବ' ପିଲାମାନଙ୍କ ମଧ୍ୟରେ ନାଟକ ଉତ୍ସବ ଖୁବ୍ ଆନନ୍ଦଦାୟକ ହୋଇପାରିଛି । ଏହା ଢେଙ୍କାନାଳରେ ପ୍ରଥମକରି ଶ୍ରୀଗୁରୁକୁଳର ଉଦ୍ୟମ । ପ୍ରତିଭାଧାରୀ ପରେଶ ପଟ୍ଟନାୟକ ଯୋଗ ଦେଉଥିବା ପ୍ରାୟ ଅନୁଷ୍ଠାନକୁ ନିଜର ଭାଇ, ଅପା, ଧର୍ମପତ୍ନୀ, ମାଉସୀଙ୍କୁ ସାଥିରେ ନେଇଯାଉଥିଲେ ଏଥିରୁ ତାଙ୍କର ପରିବାର ପ୍ରତି ଥିବା ସ୍ନେହ ଆଦର ଜଣାପଡ଼େ ।

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ – "“The more you some out and do good to others. The more our hearts w ill be purified, and God w ill be to them.”" ।

ପ୍ରତିଭାଧାରୀ ଶ୍ରୀ ପଟ୍ଟନାୟକ ସଦାସର୍ବଦା ନିଜକୁ ମହମବତୀ ପରି ଖୋଲି ଦେଇଛନ୍ତି । ଜଳିବାର ଆନନ୍ଦ ପାଇଛନ୍ତି । ସରିଯିବାରେ ଦୁଃଖ ନାହିଁ କି ଆଲୋକ ଦେବାରେ ଗର୍ବ ନାହିଁ। ସର୍ବଦା ହସ ହସ ମୁଖ, ଦୁଃଖ ନଥିବ ମନରେ, ସମସ୍ତଙ୍କୁ ଭଲ ପାଇବା ଯେପରି ତାଙ୍କର ପ୍ରଥମ ନିୟମ । ପ୍ରତ୍ୟେକ ସମୟରେ କଥା ପଡ଼ିଲା ମାତ୍ରକେ ତାଙ୍କର ପୂଜ୍ୟଗୁରୁ ପିତା କବିଭୂଷଣଙ୍କର ଉଦାହରଣ ଦେଇଥାନ୍ତି ଏବଂ ତାଙ୍କଠାରୁ ପ୍ରେରଣା ଲାଭ କରିଛନ୍ତି ବୋଲି କହନ୍ତି । Dear father, my heartful thanks for loving made a difference life to me.।

ISSN NO.
2582-208X

କବିଭୂଷଣଙ୍କର ଧ୍ୟାନ ଧାରଣ ସର୍ବଦା ମୁରଲୀଧର ନଟବରଲାଲ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା। ସେଥିପାଇଁ ସେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ଆଜୀବନ ପିଆଜ ରସୁଣ ତ୍ୟାଗ କରିଥିଲେ ଅର୍ଥାତ୍ ସାକାହାରୀ ଥିଲେ । ତାଙ୍କର ଉପଯୁକ୍ତ ଦାୟାଦ ଭାବରେ ଦୀର୍ଘ ୩୫ ବର୍ଷ ଧରି ସେ ଶିକ୍ଷକତାକୁ ଆପଣେଇ ନେଇ ସମସ୍ତଙ୍କର ପ୍ରିୟ ପରେଶ ସାର୍ ହୋଇପାରିଛନ୍ତି । ତାଙ୍କ ବିଷୟରେ ଲେଖିଲେ, ଅନେକ ହେବ । ନାଟକ କୁହନ୍ତୁ ଶିଳ୍ପୀ କୁହନ୍ତୁ ସେ ନିଶ୍ଚିତ ଭାବରେ ଆମମାନଙ୍କ ପାଇଁ ଏକ ମାଇଲ ଖୁଣ୍ଟ । ତାଙ୍କର ବଳିଷ୍ଠ ଇଚ୍ଛା ଯୋଗୁ ଢେଙ୍କାନାଳର ଏକ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ସଂସ୍ଥା ବଞ୍ଚିଛି ଓ ବଞ୍ଚିଥିବ ମଧ୍ୟ । କେବଳ ସେତିକି ନୁହେଁ ପିତାଙ୍କ ନାମରେ ଥିବା ସଂସ୍ଥା କବିଭୂଷଣ ସ୍ମୃତି ସଂସଦର ସଂପାଦକ ଭାବରେ ତା' ସହିତ ସଭ୍ୟ ଥିବା କିଛି ଅନୁଷ୍ଠାନକୁ ମଧ୍ୟ ବଞ୍ଚାଇ ରଖିବାର ପ୍ରୟାସ ଏ ପର୍ଯ୍ୟନ୍ତ ଜାରି ରଖିଛନ୍ତି । ସେ ସୁଦୂର ଆହ୍ଲାବାଦ, ଦିଲ୍ଲୀ, ବିହାର, ପାଟନା, ବାରିପଦା, ଭଦ୍ରକ, ବାଲେଶ୍ୱର, ସୁନାବେଢ଼ା, ରାଉରକେଲା ଓ ଭୁବନେଶ୍ୱର ଢେଙ୍କାନାଳ ପ୍ରଭୃତି ସ୍ଥାନରେ ନାଟକ ପରିବେଷଣ କରି ପ୍ରଶଂସା ଲାଭ ପାଇବା ସହ ନିଜ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ ଆଣିଛନ୍ତି । ଏଥିସହ ୧୯୮୧ ମସିହାରେ ସେଣ୍ଟର ଫର୍ କଲଚୁରାଲ ରିସୋର୍ସେସ୍, ନିଉଦିଲ୍ଲୀ ତରଫରୁ N.S.D. (ନେସନାଲ ସ୍କୁଲ ଅଫ୍ ଡ୍ରାମା) ଅନୁଷ୍ଠାନରେ ନାଟକରେ ଟ୍ରେନିଂ ନେଇଛନ୍ତି । ଏତେ ବଡ଼ ଜଣେ ବିରାଟ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଜି ମତେ ଦୁଇଧାଡ଼ି ଲେଖିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି ଏବଂ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି ।

ପ୍ରତିଭାଧାରୀ ଭାବରେ ତାଙ୍କର କେତେକ କୃତି :

ନାଟକ : 'ନାଟକ ନାଟିକା', 'ଗାଲୁଆ', 'ଦେବୀ କାତ୍ୟାୟିନୀ', 'ଆତ୍ମାହୂତୀ', 'ବାଘ', 'ଧୂଆଁ', 'ଅଦାଲତ'

ଗୀତିନାଟ୍ୟ : 'ସାଗର ସୁତ', 'ଭକ୍ତ ଦଶାନନ', 'ସମ୍ବାରସୁର ବଧ', 'ସିଂହ ଶଶାକ'

ଉପନ୍ୟାସ : 'ରଙ୍ଗବତୀ'

ପ୍ରବନ୍ଧ : 'ଅଭୁଲା ସ୍ମୃତି'

କବିତା ସଂକଳନ : 'ଲୁହିପିଙ୍କ ମଜା କବିତା', 'କବିତା-୨୦୦୦'

ISSN NO.
2582-208X

ଅନ୍ୟାନ୍ୟ ସାହିତ୍ୟକୃତି ମଧ୍ୟରେ ରହିଛି ସମରକବି ବ୍ରଜନାଥ ବଡ଼ଜେନା (ଆଲୋଚନା), କାଳଜୟୀ କବିଭୂଷଣ (ଆଲୋଚନା), ଜୀବନୀ ପ୍ରବାହ (ଜୀବନୀ), ଗୀତି ଗ୍ରାମାୟଣ (ଗୀତିକାବ୍ୟ) ଇତ୍ୟାଦି ।

ସଂପାଦକ : ନାଟ୍ୟ ଅନୁଷ୍ଠାନ ଶିଳ୍ପୀ – ଢେଙ୍କାନାଳ
କବିଭୂଷଣ ସ୍ମୃତି ସଂସଦ – ଢେଙ୍କାନାଳ
ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସୋସାଇଟି, ବାଳକୃଷ୍ଣ ସାହିତ୍ୟ ସଂସଦ – ଢେଙ୍କାନାଳ
ସଭ୍ୟ :ଓଡ଼ିଶା ଲଳିତ କଳା ଏକାଡ଼େମୀ – ଭୁବନେଶ୍ୱର
ଜିଲ୍ଲା ସଂସ୍କୃତି ପରିଷଦ ୧୯୯୯ରୁ ଆଜିଯାଏଁ – ଢେଙ୍କାନାଳ
ଲଳିତ କଳା – ଢେଙ୍କାନାଳ
ବିଭାବନା – ଢେଙ୍କାନାଳ
ଭାଗବତ ପରିଷଦ – ଢେଙ୍କାନାଳ
ଉପସଭାପତି : ମାଇକ୍ରୋମିଡ଼ିଆ
ସଭାପତି : ଶ୍ରୀ ଗୁରୁକୁଳ – ଢେଙ୍କାନାଳ
ପୂଜ୍ୟପୂଜା ପରିଷଦ – ଢେଙ୍କାନାଳ
ମୟୂର ନୃତ୍ୟ ଅନୁଷ୍ଠାନ – ଢେଙ୍କାନାଳ
Life time Achievement Award by Lord Organization – Mo Dhenkanal

ଗବେଷକ, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ISSN NO.
2582-208X

# ଇନଷ୍ଟାଗ୍ରାମ ରିଇଲ୍ସ



ବିକାଶ କୁମାର ହୋତା

ପାପା ଙ୍କ ପରୀ ଟା ରଖେଇ ଦେଉନ
ଆଇଫୋନ ଆଣ ବୋଲି
ବଡ଼ ୟୁଜର ସେ ହୋଇବ ବୋଲିକ
ରିଇଲ୍ସ କରୁଛି ଡ଼େଲି ।।(୧)
ପାଠରେ ଶାଠରେ ମନ ଙ୍କ ଲ୍ଗୁଛି
ଡ଼େଲି ତା ରିଇଲ୍ସ ନଶା
ଦିନ ରାତି ଖାଲି ସପନ ଦେଖୁଛି
କେବେ ପୂରିବ ତା ଆଶା ।।(୨)
ଫାଜିଲି ହେଉଛି ସାଙ୍ଗ ସାଥୀ ମେଳେ
କେଉଁଥିରେ ନାହିଁ ନଘା
ଗେହ୍ଲା ହୋଇ ଡିନ ପାଞ୍ଚିରୁ ଗଲ୍‌ଣି
ଛିଡ଼ି ଗଲ୍‌ଣି ତା ପଘା ।।(୩)
ମେକପ ନେଇକ ରିଇଲ୍ସ କରୁଛି
ଦେଉଛି କେତେ ପୋଓଜ
ପୋଅଷ୍ଟ କରିକ ଲ୍ଇକ ମାଗୁଛି
କରୁଛି ଖାଲି ମଉଜ ।।(୪)
ଯେତେ ବୁଝାଇଲେ ବୁଝେ ନାହିଁ ଜମା
କହେ ମୁଁ ପାପା ଙ୍କ ପରୀ
ମିଲିୟନ୍ସ ଲ୍ଇକ ହାତେଇ ନେବି
କଏ ହେବ ମୋର ସରି ।।(୫)

ISSN NO.
2582-208X

କହୁଛି ସଭିଙ୍କୁ ରିଇଲ୍ସ ପାଇଁକି
　　　　ମନ ମୋର ଆନାମନା
ଇନଷ୍ଟାଗ୍ରାମ ର ରିଇଲ୍ସ ଦୋଷ ଏ
　　　　ଝିଅଟେ ମୁଁ ଖାଣ୍ଟି ସୁନା ।।(୬)
ଧନ୍ୟ ଧନ୍ୟ ହାଏ ସେ ଇନଷ୍ଟାଗ୍ରାମ
　　　　କ ମାୟା ସିଏ ରଚୁଛି
ଛୋଟ ପିଲାଠାରୁ ବୁଢା ବୁଢ଼ୀ ଯାଏ
　　　　ସଭିଙ୍କୁ ବାୟା କରୁଛି ।।(୭)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର ଢେଙ୍କାନାଳ

ISSN NO.
2582-208X

# ପୃଥିବୀ ପାଇଁ ଏକ ସମାଧାନ, ଆଦିବାସୀ ଜୀବନ ଓ ଜୀବିକା



ଡୁଇଟ୍ ଡେଭିଡ ଫିଲିପ

ଆଶଙ୍କା, ବିଲୁପ୍ତି ମୁଖରେ ଅନେକ ଉଦ୍ଭିଦ, ଜନ୍ତୁ ପ୍ରଜାତି ଓ ଜନଜାତି ଓ ତାଙ୍କଠି ଲୁଚିରହିଛି ବିଜ୍ଞାନ ଓ କୌଶଳ ।

ପ୍ରାୟ ପଚାଶ ବର୍ଷ ପୂର୍ବେ, "ପଢ଼ି ଲେଖି ନଜାଣିବା ଚଳିବ ନାହିଁ", ଏହା ଥିଲା ଶିକ୍ଷିତଙ୍କ ଉପାଖ୍ୟାନ । "କମ୍ପୁଟର ଜ୍ଞାନ ଅତି ଆବଶ୍ୟକ", "ଏଟିଏମ୍ ଓ ମୋବାଇଲ ଚଲାଇ ନଜାଣିଲେ, ଜୀବନ ଜୀବିକା ଚଳିବ ନାହିଁ", ଏହି ଉପାଖ୍ୟାନ ବୟସ୍କ-ଉଚ୍ଚ ଶିକ୍ଷିତଙ୍କ ପାଇଁ ଗ୍ରହଣୀୟ ନୁହେଁ, କିନ୍ତୁ ସତ। ସହରୀ ଯୁବା ଯୁବତୀ କାହିଁକି, ଶିଶୁ ମାନଙ୍କରବି ଏହା ଏକ ଦୃଢ଼ ଉକ୍ତି, ସତ୍ୟତା ଓ ବିଶ୍ୱାସ।

ତେଣୁ ଅପାଠୁଆ, ପୁଣି ଗିରି କନ୍ଦରବାସୀ ହୋଇଥିଲେ ଆଜିର ବଜାର ଭିତ୍ତିକ ଅର୍ଥନୀତିରେ ସେମାନେ ହିନ, ପଛୁଆ, ଅନାର୍ଯ୍ୟ। ଆଜି ସେପ୍ରକର ଆଦିବାସୀ-ଜନଜାତିଙ୍କୁ ପ୍ରାୟ କିଏ ଉପେକ୍ଷା ନକରିଛି ଓ ହିନ ନଦେଖିଛି ଏପରି ନାହିଁ। କିନ୍ତୁ, ପୃଥିବୀର ତାପ ବୃଦ୍ଧି, ସମୁଦ୍ର ବିସ୍ତାର, ଭୂକମ୍ପ, ଅନ୍ତର୍ଦେଶୀୟ ଯୁଦ୍ଧ, ବିଲୁପ୍ତ ମୁଖରେ ପୃଥିବୀ, ସବୁ ହୃଦୟର ଆଶଙ୍କା।

ରାଜୁଡ଼ା ଯୁଗରେ ହେଉକି, ଔପନିବେଶିକ ଯୁଗରେ ହେଉ, ଅବା ସ୍ୱାଧୀନ ଭାରତରେବି ହେଉ, ପ୍ରଶାସକ କେବଳ ନୁହେଁ, ଅଣଆଦିବାସୀ, ଯୁଗେ ଯୁଗେ ନିଜକୁ ଉଚ୍ଚ ଭାବି ଆସିଛନ୍ତି।

ISSN NO.
2582-208X

ଅକ୍ଷରର ଉଦ୍ଭାବନ ପୂର୍ବରୁ ପୃଥିବୀରେ ସଭ୍ୟତା, ସଂସ୍କୃତି ଥିଲା ଏହା ସାଧାରଣରେ ବିଶ୍ୱାସ କରାଯାଉ ନାହିଁ। ଅକ୍ଷର ବିହିନଙ୍କ ମଧ୍ୟରେ ଯେ ବିଜ୍ଞାନ ଓ କୌଶଳ ଲୁଚି ରହିଛି କିଏ ବିଶ୍ବାସ କରୁ ନାହାନ୍ତି ମାନେ ହୁଏ।

ମଣିଷ ପ୍ରକୃତିକୁ ବ୍ୟବହାର ଓ ବସ କରି, ଜଙ୍ଗଲ ସଫା କରି, ମାଟି ଖୋଳି, ଜଳ ସ୍ରୋତକୁ କାଟି, ଜଳକୁ ସଞ୍ଚୟ କରି, ଚାଷ କରି, ଅନାଦି କାଳରୁ ଜୀବିକା ନିର୍ବାହ କରି ଆସୁଛି।

ଗୀତ, ସଙ୍ଗୀତ, ନାଚ, ବାଦ୍ୟ, ସ୍ୱର, ସୁର, ତାଳର ତନ୍ତ୍ର ଓ ଗଣିତ, ଅନାଦି କାଳରୁ, ଅକ୍ଷର ଉଦ୍ଭାବନ ପୂର୍ବରୁ, ମଣିଷ ସୃଷ୍ଟି କରିଛି ଓ ଉପଭୋଗ କରି ଆସିଛି। ଅନ୍ୟକୁ ମୋହିତ ଯୁଗେ ଯୁଗେ କରିଆସିଛି।

ପ୍ରକୃତିକୁ ବ୍ୟବହାର କରି, ଜଡ଼ିବୁଟି ଅର୍ଥାତ, ପ୍ରକୃତିର ଉଦ୍ଭିଦ, ତରୁ ଲତା, ଚେର ଓ କନ୍ଦା, ତେଲ ଓ ବକ୍ଳକୁ ଯୁଗେ ଯୁଗେ, ଅକ୍ଷର ଉଦ୍ଭାବନ ପୂର୍ବରୁ ନିଜ ପାଇଁ ଓ ଅନ୍ୟ ପାଇଁ ବ୍ୟବହାରକରି, ସମୟ ଲଙ୍ଘି ଲଙ୍ଘି ଆସିଛି।

କେଉଁ ଆବହ ମାନ କାଳରୁ, ମଞ୍ଜି, ମଧୁ, କ୍ଷୀର, ତେଲ, ଉଦ୍ଭିଦ ଓ ଯିବର ରସ ଓ କ୍ଷରକୁ ବ୍ୟବହାର କରି ଓ ବିଷକୁ ବାହାର କରି, ଔଷଧ ଓ ଖାଦ୍ୟ କରି, ପଞ୍ଚ ଭୂତକୁ ନେଇଁ, ପୃଥିବୀର ସପ୍ତ ମହାଦେଶରେ ମଣିଷ ବଞ୍ଚି ଆସିଛି ।

ଅକ୍ଷରର ଉଦ୍ଭାବନ ଆଗେ ନା ଗୁଣାତ୍ମକ ଜୀବିକା ଓ ଜୀବନ ଆଗେ, ତାହା ଇତିହାସର ମୃତ୍ତିକା ଯୁଗ, ପ୍ରସ୍ତର ଯୁଗ ଓ ଲୌହ ଯୁଗର ସଭ୍ୟତା ସ୍ପଷ୍ଟ କରି ଦେଇ ସାରିଛି। କିନ୍ତୁ, ଅକ୍ଷରର ଉଦଭାବନକୁ ସଭ୍ୟତା ସହିତ ସବୁବେଳେ ଯୋଡାଯାଇ ଗିରି କନ୍ଦରର ଅପଠୁଆଙ୍କୁ ଆଧୁନିକ ମଣିଷ ହିନ ଦେଖି ଆସୁଛି।

ମୃତ୍ତିକା ଯୁଗ ହେଉ କି, ପ୍ରସ୍ତର ଯୁଗ ହେଉ, କିମ୍ବା ଲୌହ ଯୁଗ ହେଉ, ସଭ୍ୟତା ଯାହାକୁ କହିବା, ତାହା ଆଜିର ନୁହେଁ ତାହା ଅତି ପୁରୁଣା। ଆଜିର ଆଦିବାସୀ, ଆମର ପୂର୍ବ ପୁରୁଷଙ୍କ ଏକପୁରୁଣା ସ୍ଥିତି କହିଲେ ଭୂଲ ହେବ ନାହିଁ।

ISSN NO.
2582-208X

ପ୍ରକୃତିକୁ ବ୍ୟବହାର ଓ ବସ କରି, ଜଙ୍ଗଲ ସଫା କରି, ମାଟି ଖୋଳି, ଜଳ ସ୍ରୋତକୁ କାଟି, ଜଳକୁ ସଞ୍ଚୟ କରି, ଚାଷ କରି, ଶିକାର କରି, ମାଛ ଧରି, ପଶୁ ପକ୍ଷୀ ପାଳନ କରି ବଞ୍ଚିବା ଏକ ପ୍ରମାଣ ସିଦ୍ଧ ବିଜ୍ଞାନ। ଗୀତ, ସଙ୍ଗୀତ, ନାଚ, ବାଦ୍ୟ, ସ୍ୱର, ତାଳ ର ତନ୍ତ୍ର ଓ ଗଣିତକୁ ବ୍ୟବହାର କରି ଜୀବନକୁ ସରସ ସୁନ୍ଦର କରିବା, ବିଜ୍ଞାନ।

ପ୍ରକୃତିକୁ ବ୍ୟବହାର କରି, ଜଡ଼ି ବୁଟି ଅର୍ଥାତ ପ୍ରକୃତିର, ଉଦ୍ଭିଦ, ତରୁ ଓ ଲତା, ଚେର ଓ କନ୍ଦା, ତେଲ ଓ ବକ୍କଲକୁ ବ୍ୟବହାର କରି ରୋଗୀକୁ ବଞ୍ଚାଇବା ଓ କ୍ଷଣିକ ଜୀବନକୁ ଦୀର୍ଘ ସ୍ଥାଇ କରି ବଞ୍ଚିବା, ବିଜ୍ଞାନ।

ବିଜ୍ଞାନରେ ଗଣନା, କଳନା, ଆକଳନ, ଚିନ୍ତା, ବିଚାର, ନିଷ୍ପତି ରହିଛି। ବିଜ୍ଞାନ ମଣିଷକୁ ବିଫଳ ଓ କ୍ଷତି ଗ୍ରସ୍ତ ହେବାଠୁ ରକ୍ଷା କରିଥାଏ। ଋତୁ, ମାସ, ବର୍ଷକୁ ଚିହ୍ନିବା ଓ ନିଜ ଜୀବନ ଜୀବିକାକୁ ଋତୁ, ମାସ, ବର୍ଷ ଅନୁସାରେ ପୂର୍ବରୁ ପ୍ରସ୍ତୁତ ହୋଇ ବଞ୍ଚିବା, ଉପଯୋଗ କରିବା ଅନୁଭୂତି ମୂଳକ ବିଜ୍ଞାନ।

ଆଜି ଆଦିବାସୀ ଗିରି କନ୍ଦର ବାସି, ପ୍ରକୃତିକୁ ଧରି ବଞ୍ଚୁଛି। ଜଗତ ପାଇଁ, ସଭ୍ୟତାର ମାପକାଠି ହେଉଛି ଅକ୍ଷର, କମ୍ପ୍ୟୁଟର ଓ ଯନ୍ତ୍ରପାତି ଏବଂ, ଅକ୍ଷର ଓ ବିଜ୍ଞାନ-ସଭ୍ୟତା, ତାହା ଏକ ବଦ୍ଧ ଧାରଣା। ଏହାକୁ ମନା ମଧ୍ୟ କରିହେବ ନାହିଁ। କିନ୍ତୁ, ପ୍ରେମ, ଆନନ୍ଦ, ଘନିଷ୍ଠତା, ବନ୍ଧନ, ଦଳ ବଦ୍ଧ ଜୀବନ, ପ୍ରାକୃତିକ ଉପାୟରେ ସମସ୍ୟାର ସମାଧାନ ଓ ଉପସମ କରିବା, ପୁଣି ଜୀବନ ଚକ୍ରରେ ଅର୍ଥାତ୍ ଜନ୍ମ, ବିବାହ ଓ ମୃତ୍ୟୁରେ, ମାଟି, ଉଦ୍ଭିଦ, ପ୍ରାଣୀ, ଗୀତ, ସଙ୍ଗୀତ, ତାଳ, ନାଚ, ବାଦ୍ୟ, ଘର ଓ ଚାଷର ମାପ, ଗଠନ ଓ ପ୍ରୟୋଗ, ସତ ପ୍ରତିଶତ ବିଜ୍ଞାନ ଛଡା କିଛି ନୁହେଁ।

ସାରା ବିଶ୍ୱରେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଆଦିବାସୀଙ୍କ ଉପରେ ଅନେକ ଗବେଷଣା କରି ଚାଲିଛନ୍ତି। ପ୍ରତ୍ୟେକ ଗବେଷଣା, ମାନବ ଜୀବନ ଓ ବିକାଶକୁ ଆହୁରି ବଳିଷ୍ଠ ଓ ସରଳ ଯଦିଓ କରୁଛି, ଆଦିବାସୀ ଓ ଜନ ଜାତିଙ୍କୁ ସେତିକି ବେଶି ହେୟ ଜ୍ଞାନ କରାଯାଉଛି।

ଗୀତ ସଙ୍ଗୀତ ଆଦିବାସୀଙ୍କ, ଝାଡ଼ଖଣ୍ଡରେ ହେଉ କି ଓଡ଼ିଶାରେ, ଭାରତ ହେଉ କି ଆଫ୍ରିକାରେ, ହଲିଉଡ୍ ରେ ହେଉକି ବଲିଉଡରେ, ଅତି ମଧୁର, ଯାହା ଅନ୍ୟ ଗୀତ

ISSN NO.
2582-208X

ସଙ୍ଗୀତରେ ପ୍ରାୟ ମିଳେ ନାହିଁ। ସଙ୍ଗୀତ ବିଜ୍ଞମାନେ କହି ଦିଅନ୍ତି, ମୂଳ ଲହର, ସ୍ୱର ଓ ତାଳ ଆଦିମ ବାସୀମାନଙ୍କର ନା ଆଧୁନିକ ବିଜ୍ଞାନ ଓ ଯନ୍ତ୍ରର।

ଔଷଧର ଏକ ବିଜ୍ଞାନ ଆୟୁର୍ବେଦ, ଏହି ବିଜ୍ଞାନ ପାଇଁ ଆଦିବାସୀ ଓ ଗିରିଜନଙ୍କ ପାଖରେ ଜଗତ ବାସି ଚିରଋଣୀ। ଚେରିମୂଳି, ବିଭିନ୍ନ ଗିରିଜନଙ୍କ ବିଭିନ୍ନ ପ୍ରକାର, କିନ୍ତୁ ଆଜି ଆୟୁର୍ବେଦ ବିଜ୍ଞାନ ଯେତିକି ଆଧୁନିକ ବିଜ୍ଞାନରୁ ଉପକୃତ ନୁହେଁ, ସେତିକି ପରମ୍ପରା ଓ ପ୍ରକୃତ ଦତ୍ତ ପଥିରୁ ଉପକୃତ ହୋଇ ଆସିଛି। ଆଦିବାସୀଙ୍କର ଆୟୁର୍ବେଦର ଉପାୟ ଅତିବ ପୁରୁଣା। ଏହି ଉପାୟ ପରମ୍ପାରିକ, ସହସ୍ର ବର୍ଷ ପୁରୁଣା।

ଆଦିବାସୀଙ୍କ କୃଷି, ପଶୁ ପାଳନ, ମତ୍ସ୍ୟ ଚାଷ, ବୀଜ ସଂରକ୍ଷଣ, ଗୃହ ତିଆରି ପ୍ରକୃତି ପାଇଁ ବିପଦ ସୃଷ୍ଟି କରୁ ନାହିଁ। ଘରର ମୂଳ ଦୁଆ ହେଉ କି ଛାତ, ଯିବ ଜଗତର ଚିକିତ୍ସା ପାଇଁ ହେଉକି ମଣିଷ କିମ୍ବା ପଶୁ ପାଇଁ ହେଉ ଉପଚାର, ମାଟି, ଜଳ ଓ ଜଙ୍ଗଲକୁ ଆଦିବାସୀ ବଣ ବାସୀ ପ୍ରକୃତିକୁ ଅପବ୍ୟବହାର କରୁ ନାହିଁ। ଆଦିବାସୀଙ୍କ ଜୀବିକାଶୈଳୀ ପ୍ରକୃତିକୁ କ୍ଷତି ଗ୍ରସ୍ତ କରୁନାହିଁ, ବରଞ୍ଚ ପ୍ରକୃତିର ସଂରକ୍ଷଣ କରୁଛି। ଆଧୁନିକ ବିଜ୍ଞାନକୁ ଧରି ବଞ୍ଚୁଥିବା ମଣିଷର ଉପାୟ ଗୁଡ଼ିକ, ପ୍ରକୃତି ଓ ମଣିଷର ଅନେକ କ୍ଷତି କରି ଦେଉଛି। ଏହି ଦଶନ୍ଧିରେ ବିକଶିତ ହୋଇଥିବା ଶିଳ୍ପ କେନ୍ଦ୍ର ଗୁଡିକ ଏସବୁର ଜ୍ୱଳନ୍ତ ଉଦାହରଣ ହୋଇ ଠିଆ ହୋଇଛି। ପୃଥିବୀର ବଢୁଥିବା ଉତ୍ତାପ ଏହାର ପ୍ରମାଣ। କଳାହାଣ୍ଡିର ରାଜା-ଲାଞ୍ଜୀଗଡ ଓ ଝାଡ଼ଖଣ୍ଡର ନୂଆମୁଣ୍ଡି, ଏହି ଦଶନ୍ଧିର ଶିଳ୍ପାୟନର ଜ୍ୱଳନ୍ତ ଉଦାହରଣ।

ତେବେ ଆଦିବାସୀ କଣ, ସଭ୍ୟତା ବିହୀନ, କୌଶଳ ବିହୀନ ଓ ବିଜ୍ଞାନ ବିହୀନ ? କେବେ ନୁହେଁ। ତେବେ, ଆଜିର ବିକାଶ-ବିଜ୍ଞାନର ଦୃଷ୍ଟି ଭଙ୍ଗୀ, ବସ୍ତୁବାଦ ଓ ଉପଭୋକ୍ତା ବା ଖାଉଟି ବାଦ ବିକାଶ-ବିଜ୍ଞାନ ହୋଇଛି। ଅବଶ୍ୟ ଏହା ବିଜ୍ଞାନର, ପ୍ରୟୋଗର ଭୁଲ କୁହା ଯିବ।

ଆଧୁନିକତା, ବିଜ୍ଞାନ, ବସ୍ତୁବାଦ ଓ ଉପଭୋକ୍ତା ବାଦ ବା ଖାଉଟି ବାଦ, ସବୁ ମିଶି ମଣିଷକୁ ଏତେ ଭାବବିହ୍ୱଳ କରିଦେଇଛିଯେ, ସେସବୁ ହାସଲ କରିବା ପାଇଁ ଗୃହ ଓ ଦେଶ ମାନଙ୍କର ଆୟ, କମ ପଡି ଯାଉଛି, ଆବଶ୍ୟକ ଗୁଡ଼ିକ ମେଣ୍ଟାଇ ହେଉ ନାହିଁ। ଏଣ୍ଡ୍ରଏଡ ଫୋନ, ଏହାର ଏକ ଉଦାହରଣ। ଆୟ ଓ ବିଜ୍ଞାନ ମଣିଷକୁ ଏତେ ଅନ୍ଧ କରି ସାରିଛି ଯେ ଆଜି ସରଳ, ଗିରିଜନ, ପଛୁଆ, ଜ୍ଞାନବିହୀନ, ବର୍ବର, ଦେଖା ଯାଉଛନ୍ତି।

ISSN NO.
2582-208X

ପତ୍ରରେ ଖିଆ, କାଠ ରନ୍ଧା, ହାଣ୍ଡି ବାସନ, ମାଟି ଘର, ପାହାଡ ଉପରେ ଚାଷ, ଜଡି ବୁଟିର ଚିକିତ୍ସା, ହାତ ତିଆରି ବାଦ୍ୟ ଯନ୍ତ୍ର, "ହିନ, ବର୍ବର ଓ ବିଜ୍ଞାନ ବିହୀନ" ଲାଗୁଛି, କିନ୍ତୁ ଗବେଷଣା ଗୁଡ଼ିକ ପ୍ରମାଣ କରୁଛି ଯେ, ତାହା ପ୍ରାକୃତିକ, ଚିରସ୍ଥାୟୀ, ହିତକର ଓ ହୃଦୟ ସ୍ପର୍ଶୀ। ଜ୍ଞାନ ଓ ବିଜ୍ଞାନର ମୂଳ।

ମନେହୁଏ, ଏହି ଦୁନିଆକୁ କିନ୍ତୁ ଫେରି ଯାଇ ହେବ ନାହିଁ। ପୃଥିବୀର ସବୁ ସମସ୍ୟା, ଅର୍ଥାତ୍ ଯାହା ଲୁହାର ବ୍ୟବହାର, ବିଶ୍ୱବିଦ୍ୟାଳୟର ଗବେଷଣା, ଜାତୀୟ ଓ ସର୍ବଦେଶୀୟ ସ୍ତରର ପଞ୍ଚାୟତ ଇତ୍ୟାଦି ସମାଧାନ ଓ ଉପାୟ ବାହାର କରି ପାରୁ ନାହିଁ, ତାହା ଆଦିବାସୀ ଜନଜାତିଙ୍କ ଜୀବନ ଓ ବିଜ୍ଞାନ, ବାସ୍ତବ ଓ ସ୍ଥାୟୀ ସମାଧାନର ଉପାୟ ଦେଇପାରିବ ପ୍ରମାଣ କରୁଛି।

ଆଜି ଜଳ, ଜଙ୍ଗଲ, ଜମିର ଅଭାବ ଓ ବଢୁଥିବା ପୃଥିବୀର ଉତ୍ତାପ, ଜାତୀୟ ଓ ସର୍ବଦେଶୀୟ ପଞ୍ଚାୟତର ପାଇଁ ଏକ ବଡ ମୁଣ୍ଡ ବ୍ୟଥା ଓ ଆଲୋଚ୍ୟ ବିଷୟ। ଏହା ଆଧୁନିକତା ଓ ବିଜ୍ଞାନର ଅପ ବ୍ୟବହାରର ପାଇଁ ଉପୁଜିଲା ସ୍ଥିତି। ଯଦି ମଣିଷ ନିଜର ଜୀବିକା ଓ ଜୀବନକୁ ଜନ ଜାତି ମାନଙ୍କ ପରି ସୀମିତ କରିବ, ତେବେ ସବୁ ପ୍ରକାର ଅଭାବର, ସମସ୍ୟା ଓ ଖାଉଟି ବାଦ ଯୋଗୁ ଉପୁଜୁଥିବା ଅଯୌତିକ ଉତ୍ପାଦନ ଓ ପ୍ରତିଯୋଗିତାର ସମସ୍ୟା, ତତକ୍ଷଣାତ୍ ହ୍ରାସ ପାଇଯିବ। ବିଶ୍ୱ ଶାନ୍ତି କାହିଁକି, ଘରେ ଘରେ ପ୍ରେମ ଓ ଶାନ୍ତି, ଆଦିବାସୀଙ୍କ ସମାଜ ଓ ଗୃହ ପରି ବୁଝାମଣାରେ ଶାନ୍ତ ହୋଇଯିବ। କିନ୍ତୁ ଅନୁଶୋଚନାର ବିଷୟ, ଆଧୁନିକତା ଓ ଆଧୁନିକ ବିଜ୍ଞାନ ଆଦିବାସୀ ଓ ଜନ ଜାତିର ଶାନ୍ତି ଓ ଆନନ୍ଦକୁ ନଷ୍ଟ କରି ଚାଲିଛି। ଦେଶ ଦେଶ ଭିତରେ ବ୍ୟୟ ବହୁଳ ଯୁଦ୍ଧର ରଣ ହୁଙ୍କାର, ଖାଉଟି ବାଦ ଓ ଆଧୁନିକ ବିଜ୍ଞାନର ପ୍ରତିଛବି ପ୍ରମାଣିତ ହୋଇଛି।

ମଣିଷ ଆଜି ବିକାଶର ନାଁରେ ଓ  ଜ୍ଞାନ ଓ ବିଜ୍ଞାନର ନାଁରେ ପୃଥିବୀକୁ ବିଲୁପ୍ତ ମୁହଁକୁ ନେଇ ଚାଲିଛି। ବିଲୁପ୍ତ ମୁଖରେ ଯଦି ଅନେକ ଉଦ୍ଭିଦ, ଜନ୍ତୁ ପ୍ରଜାତି ଓ ଜନଜାତି, ତାହାହେଲେ, ବିଲୁପ୍ତ ମୁଖରେ ଏହି ନିରୀହ  ଜନଜାତି ଗୁଡ଼ିକ ବି।

ଆଇନ ଜିବୀ ଓ ସମାଜ ସେବୀ
ଭବାନୀପାଟଣା, କଳାହାଣ୍ଡି

ISSN NO.
2582-208X

# କାଗଜ କଲମ

## କବିତା

ଶିବରାମ ସାହୁ

ତୁମେ ଭଲ କ ଜାଣିଛ
ତୁମ ବିନା ମୁଁ ଅଧୁରା
ତୁମର ସ୍ପର୍ଷ ମୋ ପାଇଁ
ତମାମ ଦିନର ଆଧାର
କୋଣ ଅନୁକୋଣରେ ତୁମ
ସାହାଯ୍ୟ ମୋତେ ଦରକାର
ପ୍ରତିଟି ସ୍ଥାନ ପ୍ରତିଟି କ୍ଷଣରେ
ମୁଁ ଆଜି ଏକା ହେଇଯାଇଛି
ତଥାପି ମୋ ପାଖରେ ତୁମେନାହଁ
କେମିତି ସାହାସ କରିବି କୁହ
ତୁମବିନା ମୁଁ ଗାର ଟାଣିବାକୁ
ସୃଷ୍ଟିର ପ୍ରାରମ୍ଭରୁ ହିଁ
ତୁମେ ମୋ ପାଇଁ ଆଉ
ମୁଁ ତୁମ ପାଇଁ ଗଢ଼ା ହେଇଛେ
ତେବେ ଆଜି କାହିଁକି ଏମିତି
ଅଭିମାନ ମୋରି ଉପରେ ?
କହିଲ ଦେଖି ମୋତେ ଏକାଆଜି
ଡେସ୍କ ଉପରେ ଫପଡା ଯାଇଛି
ଅଥଚ ମୋ ଆଗରେ ତୁମେ
ଫର୍ଦ ଫର୍ଦ ହୋଇ ଓଲଟି କାହିଁପାରୁନ

ISSN NO.
2582-208X

କାହା ଭରସାରେ ସାହସ କରିବି
ଆଉ କାହାରି ବୁକୁରେ ମୁଣ୍ଡ ନୁଆଇଁ
ସବୁତକ ମୋର ରଚନା ଲେଖିବି ?
ତୁମରି ନାଁର କଲମ ହୋଇ
ଆଜି ମୁଁ ଏକା ହୋଇ ଯାଇଛି
ହେଲେ କେମିତି ଗର୍ବ କରିବି ?
ତୁମେ ମୋର ସାଦା କାଗଜ
ଆଉ ମୁଁ ତୁମ ସାହି କଲମ ବୋଲି
କହିଥିଲି ନା ଦିନେ ମୁଁ ତୁମକୁ
ଦୁହେଁ ମିଶିଗଲ୍ ପରେ ଧରାରେ
ନବ ଇତିହାସ ସୃଷ୍ଟି କରିବା ଆଉ
ନବ ଅଭିନବେ ଏକ କବିତା ଲେଖିବା ।

ଶିବରାମ ସାହୁ, ଆର.କେ.କଲୋନୀ
ନବରଂଗପୁର-୯୯୩୭୬୫୩୩୬୧

ISSN NO.
2582-208X

# ରବିନାରାୟଣ ବ୍ରତ ଏବଂ ରବିନାରାୟଣ ଏକାଦଶୀ



ଅଳକା ବାରିକ୍

ସୂର୍ଯ୍ୟଦେବତାଙ୍କୁ କେନ୍ଦ୍ର କରି ଓଡ଼ିଶାରେ ଯେତେଗୋଟି ଓଷା ବ୍ରତ ପାଳନ କରାଯାଏ ସେଥିରୁ ରବିନାରାୟଣ ବ୍ରତ ଅନ୍ୟତମ । ରବିବାର ଦିନ ଏକାଦଶୀ ତିଥି ପଡ଼ିଲେ ତାହା ହୋଇଯାଏ ରବିନାରାୟଣ ଏକାଦଶୀ । ମାତ୍ର ବୈଶାଖ ଶୁକ୍ଳ ଏକାଦଶୀ ତିଥିରେ ରବିବାର ସଂଯୁକ୍ତ ହେଲେ ତାର ନାମ ବିରଞ୍ଚି ନାରାୟଣ ଏକାଦଶୀ ଏବଂ ପାଳନ କରାଯାଏ ବିରଞ୍ଚି ନାରାୟଣ ବ୍ରତ ।

ରବି ନାରାୟଣ ବ୍ରତ କଲେ ସମସ୍ତ ପ୍ରକାର ପାପରୁ ମୁକ୍ତି ମିଳେ ଏବଂ ସୌଭାଗ୍ୟ, ଧନସମ୍ପଦ ବୃଦ୍ଧି ହୁଏ। ନାରୀମାନେ ଆନ୍ତରିକତା ଓ ଶ୍ରଦ୍ଧାର ସହ ରବିନାରାୟଣ ବା ସୂର୍ଯ୍ୟଙ୍କୁ ପୂଜା କଲେ ବୈଧବ୍ୟ ଦୋଷରୁ ମଧ୍ୟ ରକ୍ଷା ମିଳେ ବୋଲି ବିଶ୍ୱାସ ରହିଛି। ବ୍ରତର ମାହାତ୍ମ୍ୟ ବିଷୟରେ ଉଲ୍ଲେଖ ଅଛି ରବି ନାରାୟଣ ବ୍ରତ କଥା ବହିରେ। ଏହି ବ୍ରତରେ ସୂର୍ଯ୍ୟ ନାରାୟଣଙ୍କୁ ପୂଜା କରି ଅମର ବର ପାଇଛି ଜଣେ କୁମ୍ଭାରୁଣୀ ଏବଂ ନିଜର ଶକ୍ତି ବଳରେ ସେ ସାଧବାଣୀ ଓ ତାଙ୍କ କନ୍ୟାଙ୍କୁ ଦୁର୍ଦ୍ଦଶାରୁ ରକ୍ଷା କରିଛି । ସାତ ପ୍ରକାର ଫୁଲ, ଫଳ, ସାତଖିଅ ସୂତା, ସାତଟି ଦୁବ, ବରକୋଳିପତ୍ର ଏବଂ ସାତଟି ଅକ୍ଷତକୁ ନେଇ ପୂଜା ହୁଏ। ପୂଜା ଶେଷରେ ବ୍ରତଧାରିଣୀ ନୈବେଦ୍ୟ ଭୋଗ ବ୍ୟତୀତ ଅନ୍ୟ କିଛି ଖାଇବେ ନାହିଁ। ପରଦିନ ସକାଳେ ସ୍ନାନପୂର୍ବକ ସୂର୍ଯ୍ୟ ଦେବତାଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରି ବ୍ରତ ଉଦ୍‌ଯାପନ କରାଯାଏ ।

ISSN NO.
2582-208X

ତ୍ରେତୟା ଯୁଗରେ ସୁବ୍ରତ ନାମରେ ଜଣେ ବ୍ରାହ୍ମଣ ଥିଲେ । ତାଙ୍କର ପତ୍ନୀଙ୍କ ନାମ ସୁତପୀ। ସେମାନେ ସମସ୍ତ ବ୍ରତ କରନ୍ତି । କିନ୍ତୁ ସୂର୍ଯ୍ୟଙ୍କର ବ୍ରତ କରନ୍ତିନାହିଁ । ଏକଦା ତାଙ୍କ ଉପରେ ସୂର୍ଯ୍ୟଙ୍କର କୋପଦୃଷ୍ଟି ପଡ଼ିଲା । ଫଳରେ ସୁବ୍ରତ ଦାରିଦ୍ର୍ୟ ଓ ଅପୁତ୍ରିକ ଅବସ୍ଥା ଭୋଗକଲେ । ଯେତେ ଉପାୟ କଲେ ମଧ୍ୟ ସେରେ ଧାନ ଓ ସେରେ ଚାଉଳରୁ ଅଧିକ ପାଆନ୍ତି ନାହିଁ । ବହୁ କାଷ୍ଠା ପୂଜା ପରେ ମଧ୍ୟ ପୁତ୍ର ନହୋଇ ଝିଅ ଦୁଇଟି ପାଇଲେ । ଚାରିପ୍ରାଣୀ ଚଳିବା କଷ୍ଟକର ହେଲା । ଏହିପରି ସେମାନେ ବଡ଼ କଷ୍ଟରେ ଦିନ କାଟୁଥିଲେ। ଦିନେ ସୁବ୍ରତଙ୍କ ଦୁଇଝିଅ ପରିବାରର ଦୁଃଖକଷ୍ଟ ସହିନପାରି ବୈଶାଖ ମାସରେ ଗୃହ ତ୍ୟାଗକରି ବଣକୁ ପଳାଇଗଲେ ।

ଯୋଗକୁ ସେଦିନ ଥିବା ରବିବାର ଶୁକ୍ଳପକ୍ଷ ଏକାଦଶୀ । ଦୁଇଭଉଣୀ କାନ୍ଦି କାନ୍ଦି ବଣରେ ବୁଲୁଥାଆନ୍ତି । ସେହି ବଣର ଏକସ୍ଥାନରେ ତୁଳସୀ, ଅଅଁଳା ବଣ ଥିଲା । ସେଠାରେ ସ୍ୱର୍ଗର ନାରୀମାନେ ତୋରଣ କରି ଚାନ୍ଦୁଆ ଟାଣି କଦଳୀ ଗଛ ପୋତି ଦୋଳରେ ସୂର୍ଯ୍ୟନାରାୟଣଙ୍କୁ ପୂଜା କରୁଥିଲେ । ସେମାନେ ବ୍ରାହ୍ମଣ କନ୍ୟା ଦୁହିଁଙ୍କର ରୋଦନ ଶୁଣିଲେ। ଦୁହିଁଙ୍କୁ ସେମାନେ ଓଷା ସ୍ଥାନଙ୍କୁ ନେଇଗଲେ । ଭୋଗ ଦେବାବେଳେ ସୂର୍ଯ୍ୟ ନାରାୟଣ ଉଭା ହୋଇ ବ୍ରାହ୍ମଣ କନ୍ୟା ଦ୍ୱୟଙ୍କୁ ସହାୟତା କରିବା ନିମନ୍ତେ ମନାକଲେ । ସ୍ୱର୍ଗର ନାରୀମାନେ ଦୁର୍ଦ୍ଦଶାଗ୍ରସ୍ତ କନ୍ୟା ଦୁହିଁଙ୍କ ପାଇଁ ବହୁ ସ୍ତୁତି କରି ସୂର୍ଯ୍ୟଙ୍କୁ ପ୍ରସନ୍ନ କଲେ । ଫଳରେ ସେ ସନ୍ତୁଷ୍ଟ ହେଲେ ଏବଂ କନ୍ୟା ଦୁହେଁ ରାଜପୁତ୍ର ଓ ମନ୍ତ୍ରୀପୁତ୍ରଙ୍କୁ ବିବାହ କରିବେ ବୋଲି ବର ପ୍ରଦାନ କଲେ । କନ୍ୟା ଦ୍ୱୟ ପରିବାରର ଦୁଃଖକଷ୍ଟ ଦୂର ହେବାର ଉପାୟ ପଚାରିବାରୁ ସୂର୍ଯ୍ୟଦେବତା କହିଲେ-ତୁମ୍ଭ ବାପାମାଆ ମୋର ବ୍ରତ ଓ ଉପବାସ କରୁନଥିବାରୁ ମୁଁ ତାଙ୍କୁ ଅଭିଶାପ ଦେଇଛି । ତୁମ୍ଭ ମାତା ଯଦି ରବିନାରାୟଣ ବ୍ରତ କରନ୍ତି, ତେବେ ପରିବାରର ମଙ୍ଗଳ ହେବ । ସେ ପୁତ୍ରବତୀ ହେବା ସହିତ ଦାରିଦ୍ର୍ୟ ଦୋଷ କଟିଯିବ ।

ଏହା କହି ସୂର୍ଯ୍ୟଦେବତା ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ସ୍ୱର୍ଗର ନାରୀମାନଙ୍କଠାରୁ ପ୍ରସାଦ ଖାଇ ଏବଂ ବ୍ରତ ବିଧି ଶୁଣି କନ୍ୟା ଦୁହେଁ ନିଜ ଘରକୁ ବାହୁଡ଼ିଲେ । ସୂର୍ଯ୍ୟଦେବତାଙ୍କ କୃପାରୁ ବାଟରେ ଏକ ରାଜ୍ୟର ରାଜପୁତ୍ର ଓ ମନ୍ତ୍ରୀପୁତ୍ରଙ୍କ ସହ ଦୁଇ କନ୍ୟାଙ୍କର ଭେଟହେଲା । ରାଜପୁତ୍ର ଓ ମନ୍ତ୍ରୀପୁତ୍ର ଦୁଇ କନ୍ୟାଙ୍କ ରୂପରେ ମୁଗ୍ଧ ହୋଇ

ISSN NO.
2582-208X

ବିବାହ କରିବାକୁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ବାପାମାଆଙ୍କ ଅନୁମତି ବିନା ଏହା ସମ୍ଭବ ନୁହେଁ ବୋଲି ଦୁହେଁ କହିବାକୁ ସୁବ୍ରତ ଓ ସୁତପୀଙ୍କ ନିକଟକୁ ଏହି ପ୍ରସ୍ତାବ ପଠାଗଲା । କନ୍ୟା ଦୁହେଁ ଘରେ ପହଞ୍ଚି ବନସ୍ତରେ ଘଟିଥିବା ସମସ୍ତ ଘଟଣା କହିଲେ । ଉଭୟ ପକ୍ଷର ମାତାପିତାଙ୍କ ଅନୁମତିକ୍ରମେ ସେମାନଙ୍କର ବିବାହ ହେଲା । ସୁତପୀ ସୂର୍ଯ୍ୟଙ୍କ ବ୍ରତ କରି ପୁତ୍ରଲାଭ କଲେ ଓ ପତି ପୁତ୍ରଙ୍କ ସହ ସୁଖରେ ରହିଲେ ।

ସଂଗ୍ରାହିକା-ଅଳକା ବାରିକ୍
ମହୁ, ଆଳି,
କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

### ପଞ୍ଚମ ଅଧ୍ୟାୟ

### ରାଗ-ବସନ୍ତ ବରାଡ଼ି

ଶ୍ୱେତ ସୁଶୀତଳ ସଲିଳ ଗରଭା ଜାହ୍ନବୀ ବହନ୍ତି ବେଗରେ
ଇହପର ଲୋକ ସନ୍ତାପ ହାରିଣୀ ବିଦିତ ଏ ସାରା ସଂସାରେ
କଲ୍ୟାଣୀ, ବୃଜିନ ଶୋକ ନିବାରିଣୀ
ପୁଣ୍ୟ ପ୍ରଦାୟିନୀ ପତିତପାବନୀ ହୈମବତୀ ରାଜନନ୍ଦିନୀ ।୧ ।

ହସ୍ତିନା ନଗରୀ ଜାହ୍ନବୀ ପୁଳିନେ ମୁନିଙ୍କ ଗହଣେ ରାଜନ
କୁସାସନେ ବସି ଶ୍ରବଣ କରନ୍ତି ଶ୍ରୀହରି ଅମୃତ ବଚନ
ବ୍ରହ୍ମଜ୍ଞ, ଆବୃତ୍ତି କରନ୍ତି ପୁରାଣ
ବିଲୋକିଲେ ପୂତ ଦୃଶ୍ୟ ହୃଦୟରୁ ପାତକ ହୁଅଇ ନାଶନ ।୨ ।

ତାରାଳି ମଣ୍ଡଳେ ଅମ୍ବରେ ଯେସନ ଝଟକଇ କାନ୍ତି ମୃଗାଙ୍କ
ଋଷିଙ୍କ ଗହଣେ ବ୍ୟାସଙ୍କ ତନୟ ତେସନ ବୈଦୁର୍ଯ୍ୟ ଝଲକ
ଶ୍ରୀଶୁକ, ସୁଧୀରେ ଲାଳିତ୍ୟେ ଭାଷନ୍ତି
ବିଷ୍ଣୁ ରସାମୃତ ସେବନେ ଭୂପତି କୃତକୃତ୍ୟ ଭାବ ମଣନ୍ତି ।୩ ।

ଇନ୍ଦ୍ରିୟ ଆସକ୍ତେ ଗୃହାଶ୍ରମେ ରହି ଆତ୍ମାର ହିତକୁ ବରଜି
ଅଜ୍ଞାନେ, ମରଣକୁ ଦିଏ ପାଶୋରି
ଆତ୍ମାର ଗତିକୁ ଜାଣି ନ ପାରଇ ମାୟା ସଂସାରକୁ ଆବୋରି ।୪ ।

ସର୍ବବ୍ୟାପ୍ତ ସୃଷ୍ଟି ଆଧାର ଶ୍ରୀହରି ପୂରିତ ଜୀବଙ୍କ କାୟାରେ
ଶ୍ରବଣ ଇନ୍ଦ୍ରିୟ ଉଲ୍ଲଇତ ହୁଏ ଶୁଣେ ହରିନାମ ମୁରାରେ

ISSN NO.
2582-208X

ହୃଦୟ, ସଦା ରତ ଥାଉ ଚିନ୍ତନେ
ଭବ ତରଙ୍ଗିଣୀ ଅନାୟାସେ ପାର ସ୍ୱ-ଧର୍ମ ନିଷ୍ଠାର ପାଳନେ ।୫ ।

କ୍ରମଶଃ....

-: ଟୀକା :-

ପୁଳିନେ – ନଦୀକୂଳ ପ୍ରାନ୍ତର
ତାରାଳି – ତାରକା ସମୂହ
କୁସାସନେ – କୁଶ ଆସନରେ
ଭୂପତି – ରଜା
କାୟା – ଦେହ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X



# ନିଆରା କୁନି ପ୍ରତିଭା"ଶ୍ରୁତି"



ରାମ ଚନ୍ଦ୍ର ପ୍ରଧାନ

ଝିଅଟିର ନାଁ ଶ୍ରୁତି ସ୍ୱାଇଁ । ବୟସ ମାତ୍ର 13 ବର୍ଷ । ସେ ବର୍ତ୍ତମାନ କଲେଜ ଛକ ସ୍ଥିତ ସରକାରୀ ଟେଙ୍କନାଲ୍ ହାଇସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ତାଙ୍କ ପିତାଙ୍କ ନାମ ଈଶ୍ୱର ସ୍ୱାଇଁ ଓ ମାତାଙ୍କ ନାମ ରମା ସ୍ୱାଇଁ । ପରିବାରର ଆର୍ଥିକ ଅବସ୍ଥା ସେତେ ଭଲ ନୁହେଁ । ବାପା ବିଦେଶରେ ଶ୍ରମିକ ଭାବେ ଖଟୁଥିବା ବେଳେ ମାଆ ଗାଁରେ ମୁଲପାତି କରି କଷ୍ଟେମଷ୍ଟେ ନିଜ ସଂସାର ଗାଡ଼ିକୁ ଚଳାଉଛନ୍ତି । "ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି" ଶ୍ରୁତିଙ୍କ ବହୁମୁଖୀ ପ୍ରତିଭା ବାରି ହୋଇପଡୁଥିଲା । ସେ ଟାଇଲ୍ ଶିଳ୍ପ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଅଙ୍କ ଦୌଡ଼, ସଂଗୀତ, ମ୍ୟୁଜିକାଲ୍ ଚେୟାର୍, ବକ୍ତୃତା ଓ ପ୍ରବନ୍ଧ ଲିଖନରେ ଅଂଶ ଗ୍ରହଣ କରି ସବୁଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଖାଲି ସେତିକି ନୁହେଁ କବାଡ଼ି ଓ ଖୋ ଖୋ ଖେଳରେ ବି ନିଜ ଜଲୱା ଦେଖାଇ ଥିଲେ । ହସ ହସ ମୁହଁ, ଥଣ୍ଡା ମିଜାଜ, ସାନ ଠାରୁ ବଡ଼ ମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା, ସମ୍ମାନ, ସ୍ନେହ ପାଇଁ ସେ ସଭିଙ୍କ ନିକଟରେ ବେଶ୍ ପରିଚିତ । ଏଇ ଉତ୍ତମ ସ୍ୱଭାବ ପାଇଁ ବିଦ୍ୟାଳୟରେ ବି ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀମାନେ ତାଙ୍କୁ ଖୁବ୍ ଭଲ ପାଆନ୍ତି । ବାପା, ମାଆ ଓ ଇନ୍ଦ୍ରଜିତ୍ ସାରଙ୍କୁ ସ୍ମୃତି ନିଜ ଆଦର୍ଶ ମାନନ୍ତି ଏବଂ ଭବିଷ୍ୟତରେ ଜଣେ କ୍ରୀଡା ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ।

ଶ୍ରୁତି ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ 15 ରୁ 17 ଡ଼ିସେମ୍ବର 2022 ମସିହାରେ ଟେଙ୍କନାଲ୍ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ବ୍ଲକ୍ ସ୍ତରୀୟ ଓ ଜୋନାଲ୍ ସ୍ତରୀୟ କବାଡ଼ି ଓ ଖୋ ଖୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆସ୍କାକୁ ବିଜୟୀ କରାଇ ଥିଲେ ।

ISSN NO.
2582-208X

ତାପରେ 7 ରୁ ଜାନୁଆରୀ 2023 ମସିହା ଛତ୍ରପୁର ଅନସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଆସ୍କା ଜୋନ୍ ପକ୍ଷରୁ ଖେଳ ଖୋ ଖୋ ରେ ନିଜ ଦଳକୁ ରନର୍ସ ଅପ୍ କରାଇ ଥିଲେ ଏବଂ କବାଡ଼ିରେ ଅତିରିକ୍ତ ଖେଳାଳୀ ଭାବେ ଦାୟିତ୍ୱ ନଭାଇ ଥିଲେ । ଏତିକରେ ତାଙ୍କ ପ୍ରତିଭାର ଲମ୍ବା ତାଲିକା ଶେଷ ହୋଇ ନ ଥିଲା । ସ୍ମୃତି ପୁଣି 2023 ମସିହା ଚଳତ ଅଗଷ୍ଟ ମାସ 4 ରୁ ୫ ତାରିଖରେ ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ଠାରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଜଣେ ଜୁଡୋ ଖେଳାଳୀ ଭାବେ ଆମ ରାଜ୍ୟ ତଥା ଅଂଚଳ ପାଇଁ ଗୌରବ ଆଣିଛନ୍ତି । ପ୍ରକାଶ ଥାଉ କି ସ୍ମୃତି ସେଠାରେ 14ବର୍ଷରୁ କମ୍ ଓ 45kg ରୁ କମ୍ ବର୍ଗରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏଇ ପରିପ୍ରେକ୍ଷୀରେ ସ୍ମୃତିଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରତାପ କୁମାର ମହାପାତ୍ର ମାନପତ୍ର ଓ ମେଡାଲ ଦେଇ ସଂମ୍ମାନିତ କରିଥିଲେ । ଏତଦ୍ ବ୍ୟତୀତ ଗଞ୍ଜାମ ଜିଲ୍ଲା ଜୁଡୋ ଆସୋସିଏସନର ସଭାପତି ଶ୍ରୀ ସତ୍ୟ ନାରାୟଣ ସ୍ୱାଇଁ ଏବଂ ସମ୍ପାଦକ ଶ୍ରୀ ରାଘବ ନାହାକ ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ । ଜୁଡୋର ଏହି ନଆରା ସଫଳତା ସ୍ମୃତିଙ୍କୁ ଢେର ସାରା ଆନନ୍ଦ ଦେବା ସହ ଆଖପାଖ ଅଂଚଳରେ ଜୁଡୋରାଣୀ ଭାବେ ପରିଚିତ କରାଇ ପାରିଛି । ତାଙ୍କ ସ୍ୱପ୍ନ ସେ ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ସହ କ୍ରୀଡା କ୍ଷେତ୍ରରେ ନାଁ କରିବୋ ନିଜ ନାମକୁ ସାର୍ଥକ କରିବା ସହ ବାପାମାଆଙ୍କ ନାମଙ୍କୁ ଉଜ୍ଜ୍ୱଳ କରିବି ବୋଲି କହନ୍ତି ସ୍ମୃତି। ବିଶ୍ୱପତି ଲୀଳାମୟ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଏଇ ନଆରା କୁନି ପ୍ରତିଭା ସ୍ମୃତିଙ୍କ ଭବିଷ୍ୟତ ଉଜ୍ଜ୍ୱଳରୁ ଆହୁରି ଉଜ୍ଜ୍ୱଳମୟ ହେଉ, ତାଙ୍କ ଚଲାପଥ କୁସୁମିତ ହେଉ ଏବଂ ତାଙ୍କ ସୁନେଲି ସ୍ୱପ୍ନକୁ ସେ ପରିବାରର ଅଭାବ ଅନାଟନ ଭିତରେ ପୂରା କରନ୍ତୁ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥର ନାମ ନନ୍ଦିଘୋଷ କାହିଁକି ?



ଅଭିମନ୍ୟୁ କାନୁନଗୋ

ନନ୍ଦି ଆଉ ଘୋଷ। ଏ ଦୁଇ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ନନ୍ଦିଘୋଷ। 'ନନ୍ଦି' ହେଉଛନ୍ତି ଭଗବାନ ଶିବଙ୍କ ବାହନ ଓ 'ଘୋଷ' ହେଉଛି ଗର୍ଜନ। ନନ୍ଦିଙ୍କ ଗର୍ଜନରୁ ରଥର ନାମ ହୋଇଛି 'ନନ୍ଦିଘୋଷ'। ତ୍ରେତୟା ଯୁଗର ଏକ କଥା ସହ ନନ୍ଦିଘୋଷ ଶବ୍ଦଟି ଜଡ଼ିତ। ରାବଣ ବିରୋଧରେ ଯୁଦ୍ଧ ଘୋଷଣା କରିବା ପରେ ଭଗବାନ ରାମଙ୍କ ସହ ଥିବା ବାନର ଓ ଭଲ୍ଲୁକମାନେ, ଯୁଦ୍ଧର ରଣନୀତି ପ୍ରସ୍ତୁତ କରୁଥାନ୍ତି। ଏହି ସମୟରେ ଇନ୍ଦ୍ର ଦେବତା ମଧ୍ୟ ଭଗବାନ ରାମଙ୍କୁ ସହାୟତା କରିବା ପାଇଁ ଚିନ୍ତା କରନ୍ତି। ପ୍ରଭୁ ରାମ ବନବାସୀ ହୋଇଥିବାରୁ, ତାଙ୍କ ପାଖରେ ରଥ ନ ଥାଏ। ଏଣୁ ରଥଟିଏ ପ୍ରଦାନ କରନ୍ତି ଦେବରାଜ ଇନ୍ଦ୍ର। ହେଲେ ରାବଣର ସୈନ୍ୟଙ୍କୁ ପରାସ୍ତ କରିବା ରାମଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ଏହି ସମୟରେ ବିଷ୍ଣୁରୂପୀ ଶ୍ରୀରାମଙ୍କୁ ସହାୟତା କରିବା ପାଇଁ ଭଗବାନ ଶିବ ନିଜ ବାହନ 'ନନ୍ଦି'ଙ୍କୁ ପ୍ରେରଣ କରନ୍ତି। ନନ୍ଦିଙ୍କୁ ଧାରଣ କରିବାର ଶକ୍ତି କାହାର ନ ଥିବାରୁ, ବିଷ୍ଣୁଙ୍କ ସୁଦର୍ଶନ ଚକ୍ରରେ ସ୍ଥାପିତ ହୁଅନ୍ତି ନନ୍ଦି। ଦୁଇ ମହାଶକ୍ତି ଏକାଠି ହୁଏ। ସୁଦର୍ଶନଙ୍କ ଘୂର୍ଣ୍ଣନ ବେଳେ ନନ୍ଦିଙ୍କ ଅବସ୍ଥାନ ଯୋଗୁଁ, ନନ୍ଦି ଭୀଷଣ ଗର୍ଜନ କରନ୍ତି। ସେହି ଗର୍ଜନ ଫଳରେ ରାବରଣ ଅର୍ଦ୍ଧାଧିକ ସୈନ୍ୟ ପ୍ରାଣ ହରାନ୍ତି ଓ ଶ୍ରୀରାମଙ୍କ ବିଜୟପଥ ସୁଗମ ହୁଏ। ଏଣୁ ଇନ୍ଦ୍ରଙ୍କ ପ୍ରଦତ୍ତ ଏହି ରଥର ନାମ ହୁଏ 'ନନ୍ଦିଘୋଷ'।

ପୁରୀରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ବିରାଜମାନ କରୁଥିବା ଏହି ରଥରେ ମହାପ୍ରଭୁଙ୍କ ବିଗ୍ରହ ସହ ତାଙ୍କ ପ୍ରମୁଖ ଚଳନ୍ତି ପ୍ରତିମା ମଦନମୋହନ ମଧ୍ୟ ଗୁଣ୍ଡିଚା ଯାତ୍ରା କରିଥାନ୍ତି।

ISSN NO.
2582-208X

ନନ୍ଦିଘୋଷ ରଥ
ଅନ୍ୟ ନାମ: ଗରୁଡ଼ ଧ୍ୱଜ /ଚକ୍ରଧ୍ୱଜ / କପିଧ୍ୱଜ
ରଥ ପ୍ରଦାନ କର୍ତ୍ତା : ଇନ୍ଦ୍ର
ରଥ ନିର୍ମାଣ: ବିଶ୍ୱକର୍ମା
ବ୍ୟବହୃତ କାଠ ସଂଖ୍ୟା : ୭୪୨-୮୩୧
ଉଚ୍ଚତା : ୪୪ଫୁଟ ୩ ଇଞ୍ଚ ( ୩୩ ହାତ ୫ ଆଙ୍ଗୁଳି )
ଚକ ସଂଖ୍ୟା : ୧୬ (ଷୋଡଶ ସିଦ୍ଧି ଅନୁପାତରେ )
ଚକ ଅର : ୧୬
ଚକ ବ୍ୟାସ : ୭ ଫୁଟ
ଆବରଣ : ପୀତ ଲୋହିତ
ଅଧୀଶ୍ୱର : ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ମଦନମୋହନ
ଭଦ୍ର ପୀଠ ର ଆକାର : ଅଷ୍ଟଦଳ ପଦ୍ମାକୃତି
ଆୟୁଧ : ଚକ୍ର ଓ ଶଙ୍ଖ
ସାରଥୀ : ଦାରୁକ
ରଥ ରକ୍ଷକ : ଗରୁଡ଼ ଓ ଇନ୍ଦ୍ର
ରଥ ଦେବତା : ନୃସିଂହ
ରଥ ଦେବୀ : ଯୋଗମାୟା
ରଥ ଶକ୍ତି : ବିମଳା ଓ ବିରଜା
ରଥ ଭୈରବ : ଏକପାଦ
ରଥ ଶିରରେ : କଲ୍ୟାଣ ସୁନ୍ଦର
ରଥ ପାଳକ : ଭୈରବ , ନୃସିଂହ, ଗରୁଡ଼, ବାସୁଦେବ
ରଥ ଯକ୍ଷ : ହର୍ଯ୍ୟାକ୍ଷ
ଦଉଡ଼ି ନାମ : ଶଙ୍ଖଚୁଡ଼
୪ ଅଶ୍ୱ : ଶଙ୍ଖ , ବଳାହକ , ଶ୍ୱେତ , ହରିଦ୍ୱାଶ
ଗନ୍ଧର୍ବ : ବୈଧୃତି
ନେତର ନାମ : ତ୍ରିଲୋକ୍ୟ ମୋହିନୀ

ISSN NO.
2582-208X

ଦ୍ୱାରପାଳ : ଜୟ ଓ ବିଜୟ
ରଥ ପ୍ରତିହାର : କୁମୁଦ ଓ କମୁଦାକ୍ଷ
ଋଷି ପଟାରେ ଋଷି : ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବିଶିଷ୍ଠ, ବିଶ୍ୱାମିତ୍ର ଓ ମାର୍କଣ୍ଡେୟ
ଦଧିନଉତି : ହିରଣ୍ୟ ଗର୍ଭ
ମୂର୍ଦ୍ଧାରେ : କେତୁ ଭଦ୍ରା
ଚର ଦେବତା : ବରାହ ଓ ନୃସିଂହ
ଚାରଣ : ନଳ ଓ କୁବେର
ଗର୍ଭଧୀଶ୍ୱର ଅଷ୍ଟ ଶକ୍ତି: ହିରଣ୍ୟ ଗର୍ଭା , ଉତ୍କର୍ଷଣୀ -କ୍ରିୟା, ଯୋଗ, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା
ଧ୍ୱଜାରେ ବିରାଜିତ ସଂକେତ: ହନୁମାନ
ରଥ ର ଶୂନ୍ୟ ଚକ୍ର ନାମ : ସୁଦର୍ଶନ
ଦଧିନଉତି ଉପ ରିସ୍ଥ କଳସତ୍ରୟ : ନଭ , ବ୍ୟୋମ ଓ ଅକାଶ
ରଥର କୁମ୍ଭ : ହିରଣ୍ମୟୀ, ସତ, ଶାନ୍ତି, ଦୟା, କ୍ଷମା
ରଥ ରତ୍ନ : ସ୍ଫଟିକ
ବ୍ରହ୍ମ ସଦନର ଉଭୟ ପାର୍ଶ୍ୱସ୍ଥ ଉପାସକ : ବ୍ରହ୍ମା ଓ ଇନ୍ଦ୍ର
ଓଲଟ ଶୁଆ : ଜୀବ ଓ ପରମ
ରଥ ପୀଠ : କନକ ମଞ୍ଜା
ପୀଠର କ୍ଷେତ୍ର ଫଳ : ୩୫ ବର୍ଗ ଫୁଟ
ଚନ୍ଦ୍ର ତାପ : କନକ ମୁଣ୍ଡାଇ
ରଥାଧିପ : ବୈନତେୟ
ରଥା ସୀନ ଅପସରା : ସମ୍ମୁଖ - ଉର୍ବଶୀ ଓ ଫୁଲ ମୋଚି
ପୃଷ୍ଠ ଭାଗ - କନକ ମଞ୍ଜରୀ ଓ କାମମଞ୍ଜରୀ
ବାମ ଭାଗ - ପ୍ରେମ ମଞ୍ଜରୀ ଓ ଚମ୍ପକ ମଞ୍ଜରୀ
ଦକ୍ଷିଣ ଭାଗ - ଅନଙ୍ଗ ମଞ୍ଜରୀ ଓ ଭ୍ରମର ମଞ୍ଜରୀ
ସମ୍ମୁଖ ଦ୍ୱାରର ଚିତ୍ର - କଳ୍ପ ବୃକ୍ଷର ଦୁଇଟି ପତ୍ର

ISSN NO.
2582-208X

ରଥ ପାର୍ଶ୍ୱ ଦେବତା - ହରିହର, ପଣ୍ଡୁ ନୃସିଂହ, ଗିରି ଗୋବର୍ଦ୍ଧନଧାରୀ, ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ପଞ୍ଚମୁଖି ହନୁମାନ, ରାବଣ ଛତ୍ରଭଙ୍ଗ, ମଧୁସୂଦନ, ରାମ ।

୧୬ ଚକର ନାମ - ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁସ୍ୱସ୍ତି, ଜାଗୃତି, ତୁରୀୟ, ଆମ, ଓ ନିର୍ବାଣ ।

ଶିଳ୍ପଶାସ୍ତ୍ର ଅନୁଯାୟୀ ଗଠିତ ଏହି ରଥ ଦର୍ଶନରେ ସାଜୁଯ୍ୟ ମୁକ୍ତି ମିଳିଥାଏ।

ସଂଗ୍ରାହକ: ଡକ୍ଟର ଅଭିମନ୍ୟୁ କାନୁନଗୋ
ପ୍ରସାର ଭାରତୀ, ପୁରୀ / ଦୂରଭାଷ ୮୮୯୫୪୫୦୧୧୬

ISSN NO.
2582-208X

# ଶ୍ରୀଧର ଦୀନ ବାନ୍ଧବ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଶ୍ରୀଧର ଦୀନ ବାନ୍ଧବ ମାଧବ ।
ମଧୁସୂଦନ ହେ କମଳା ଧବ ।
ତୀର୍ଥ ସକଳ ଯାର ପଦ ତଳ ।
ପ୍ରଣତ ଜନ ରଖଇ ଗୋପାଳ ।
ମିତ ଭଜ ରାମ ପୁରୁଷୋତ୍ତମ ।
ଲାଭ ଏକା ଭଜନେ ଘନଶ୍ୟାମ ।
ସେ କଳା କାଇଁଚ ମାଳି ଆ ସ୍ମର ।
ନାରାୟଣ ନାମ ଦୂରିତ ହର ।
ପତିତ ପାବନ ରଙ୍ଗା ଚରଣ ।
ତିନି ଗୁଣୁ ଅତୀତ ଶ୍ୟାମଘନ ।

ଗ୍ରାମ, ମହୁ, ପୋଷ୍ଟ ମହୁ ,ଥାନା-ଆଲ,
ଜିଲ୍ଲା,କେନ୍ଦ୍ରାପଡ଼ା ,ଓଡ଼ିଶା

ISSN NO.
2582-208X

# ଗଣେଶ ଦ୍ୱାଦଶନାମ ସ୍ତୋତ୍ରମ୍

ସୁହାସିନୀ ବାରିକ୍

ଶୁକ୍ଲାମ୍ବରଧରଂ ବିଷ୍ଣୁଂ ଶଶିବର୍ଣଂ ଚତୁର୍ଭୁଜମ୍। ପ୍ରସନ୍ନବଦନଂ ଧ୍ୟାୟେତ୍ସର୍ବବିଘ୍ନୋପଶାନ୍ତୟେଃ ॥ 1 ॥

ଅଭୀପ୍ସିତାର୍ଥ ସିଧ୍ୟର୍ଥଂ ପୂଜିତୋ ୟଃ ସୁରାସୁରୈଃ। ସର୍ବବିଘ୍ନହରସ୍ତସ୍ମୈ ଗଣାଧିପତୟେ ନମଃ ॥ 2 ॥

ଗଣାନାମଧିପଶ୍ଚଂଡୋ ଗଜବକ୍ତ୍ରସ୍ତ୍ରିଲୋଚନଃ। ପ୍ରସନ୍ନୋ ଭବ ମେ ନିତ୍ୟଂ ବରଦାତର୍ବିନାୟକ ॥ 3 ॥

ସୁମୁଖଶ୍ଚୈକଦଂତଶ୍ଚ କପିଲୋ ଗଜକର୍ଣକଃ। ଲଂବୋଦରଶ୍ଚ ବିକଟୋ ବିଘ୍ନନାଶୋ ବିନାୟକଃ ॥ 4 ॥

ଧୂମ୍ରକେତୁର୍ଗଣାଧ୍ୟକ୍ଷୋ ଫାଲଚଂଦ୍ରୋ ଗଜାନନଃ । ଦ୍ୱାଦଶୈତାନି ନାମାନି ଗଣେଶସ୍ୟ ତୁ ୟଃ ପଠେତ୍ ॥ 5 ॥

ବିଦ୍ୟାର୍ଥୀ ଲଭତେ ବିଦ୍ୟାଂ ଧନାର୍ଥୀ ବିପୁଲଂ ଧନମ୍। ଇଷ୍ଟକାମଂ ତୁ କାମାର୍ଥୀ ଧର୍ମାର୍ଥୀ ମୋକ୍ଷମକ୍ଷୟମ୍ ॥ 6 ॥

ବିଧ୍ୟାରଂଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା। ସଂଗ୍ରାମେ ସଂକଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ॥ 7 ॥

॥ ଇତି ମୁଦ୍ଗଲପୁରାଣୋକ୍ତଂ ଶ୍ରୀଗଣେଶଦ୍ୱାଦଶନାମସ୍ତୋତ୍ରଂ ସଂପୂର୍ଣମ୍ ॥

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଏକାଦଶୀ ବ୍ରତ



ଦେବଯାନୀ ବାରିକ୍

ହିନ୍ଦୁମାନଙ୍କର ଏକ ପବିତ୍ର ବ୍ରତ ଏକାଦଶୀ । ସାଧାରଣତଃ ବ୍ରାହ୍ମଣଘରର ବିଧବାମାନେ ଚବିଶ ଏକାଦଶୀ ପାଳିବା ବାଧ୍ୟତାମୂଳକ ଅଟେ । ତା'ଛଡ଼ା ସ୍ମାର୍ତ୍ତ ଓ ପରମାର୍ଥ ଧାର୍ମିକ ଆଚରଣରେ ସମଗ୍ର ଭାରତରେ ଏକାଦଶୀ ଏକ ପ୍ରମୁଖ ସାର୍ବଜନୀନ ବ୍ରତର ମାନ୍ୟତା ପାଇଛି । ଜୀବଦଶାରେ ଜ୍ଞାତସାରରେ ବା ଅଜାଣତରେ କରିଥିବା ପାପକୁ ନଷ୍ଟ କରି ପରଜନ୍ମ ପାଇଁ ପୁଣ୍ୟ ସଞ୍ଚୟ କରିବା ଆମ ଧାର୍ମିକ ପରମ୍ପରାର ମହାନ ଉଦ୍ଦେଶ୍ୟ - ଭାବିବା କଥା ଯେ କଣ ଏକାଦଶୀ କରି ପାପ ମୁକ୍ତିଲାଭ ହୋଇ ପାରିବ ? କଥାଚିତ୍ ନୁହେଁ। ଏଥିପାଇଁ ରହିଛି ନିତ୍ୟ ବ୍ରତ, ନୈମିତ୍ତିକ ବ୍ରତ ଓ କାମ୍ୟ ବ୍ରତ ଆଚରଣ ବ୍ୟବସ୍ଥା । ଶାସ୍ତ୍ରୀୟବିଚାରରେ ଚାନ୍ଦ୍ରାୟଣ ବ୍ରତକୁ ନୈମିତ୍ତିକ ବ୍ରତ କୁହାଯାଏ ଏବଂ ଏହାଦ୍ୱାରା ପୂର୍ବକୃତ ପାପ କ୍ଷୟ ହୁଏ । ଓଷାବ୍ରତ ପରି କାମ୍ୟ ବ୍ରତରେ ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହୁଏ । ମାତ୍ର ଏକାଦଶୀ ପରି ନିତ୍ୟ ବ୍ରତରେ ପୁଣ୍ୟ ସଞ୍ଚୟ ହୁଏ । କେତେଗୁଡିଏ ଏକାଦଶୀରେ ଏକଭୁକ୍ତ ବା ବେଳାଏ ଖାଇ ପାଳନ କରାଯାଏ ଅନ୍ୟ କେତେଗୁଡ଼ିକରେ ଅନ୍ନଜଳ ସମ୍ପୂର୍ଣ୍ଣ ତ୍ୟାଗକରାଯିବାର ବିଧି ରହିଛି । ଏକାଦଶୀ ଦିନ ଶରୀର ଓ ମନରେ ଶୁଦ୍ଧ ରହି କ୍ରୀଡ଼ା, ନିଦ୍ରା, ମଦ୍ୟପାନ, ପରନିନ୍ଦା, ଅସୂୟା, ଚୋରି, ହିଂସା, ରତି, କ୍ରୋଧ, ଅସତ୍ୟଭାଷଣ ପରି ଏଗାରଟିରୁ ବିରତ ରହିବା ଉଚିତ । ପୁତ୍ରବାନ ଗୃହସ୍ଥ କେବଳ ଶୁକ୍ଳ ଏକାଦଶୀ ଏବଂ ବାନପ୍ରସ୍ଥ ସନ୍ନ୍ୟାସୀ ଓ ବିଧବା ଉଭୟ ଏକାଦଶୀ କରିପାରିବେ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏକାଦଶୀ ପାଳନଦ୍ୱାରା ପେଟକୁ ବିଶ୍ରାମ ମିଳେ ଓ ପାକାଗ୍ନିକୁ ସକ୍ରିୟ କରାଏ । ଫଳରେ ଅଜୀର୍ଣ୍ଣ, ଉଦରଶୂଳ, ଅଗ୍ନିମାନ୍ଦ୍ୟ ଆଦି ରୋଗରୁ ରକ୍ଷା ମିଳେ।

ମହୁ, ଆଲି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସରଗୁଁ ବଳି ଶୋଭା

ଶିବ ପ୍ରସାଦ ଗୁନ୍ଦ

ବଜା ରେ ଭେରୀ ବଜା ରେ ତୁରୀ
ବଜା ରେ ଶଙ୍ଖ ବଜା ମହୁରୀ
ବଜା ରେ ଢୋଲ ବଜା
ମରତ ପରେ ଶରତ ଆଜି
ଆସିଛି ଧରି ପୂଜା ।
ନଈ, ଗାଡ଼ିଆ ବିଲ, ପଡିଆ
ଦିଶଇ ଆଜି କେତେ ବଢିଆ
ଶୁଖିଲା ବାଟ ଘାଟ
କ୍ଷେତ ଖମାର ହସୁଛି ଆଜି
ପିନ୍ଧି ସବୁଜ ପାଟ I
ଫୁଲ ରେ ଦୋଳି ଖେଳେ ଭଅଁର
କାଶତଣ୍ଡି ତ ବିଞ୍ଚେ ଚାମର
ଜହ୍ନ ଟି ରୂପା ଥାଳି
ବଉଦ ସାଥେ ମନ ହରଷେ
ଖେଳୁଛି ଲୁଚକାଳି I
ସବୁରି ଘରେ ଆନନ୍ଦ ଭରେ
ଆସିଛି ପୂଜା ବରଷେ ଥରେ
ଚାଲିଛି ମେଢ ସଜା

ISSN NO.
2582-208X

ଦୁଲୁକି ଯାଏ ସଭିଙ୍କ ଛାତି
ଶୁଣି ବିବିଧ ବାଜା ।
ଶକତି ମୟୀ ଦୁରୁଗା ମାଆ
ଧନୀ, ଗରିବ ସବୁରି ସାହା
ମେଢ଼ ରେ ହେବେ ଉଭା
ମରତ ପୁର ଦିଶିବ ସତେ
ସରଗୁଁ ବଳି ଶୋଭା ।

ପୁରୁଣିଆଁ, କେନ୍ଦୁଝର
ସଂପର୍କ _୯୪୩୮୧୬୦୫୪୫

ISSN NO.
2582-208X

# ସତ୍ୟ କାହାଣୀ



ଅଧ୍ୟାପକ ଅବିନାଶ ବାରିକ୍

ଖୁସି ମାଗିଲେ ମିଳେନାହିଁ, ସମୟ ଆସିଲେ ଖୁସି ଆପେ ଆପେ ତୁମ ପାଖକୁ ଆସିବ, କିନ୍ତୁ ଏ କଥା ମଣିଷ ବୁଝିକି ଅବୁଝା ହୁଏ, ମିଛ ମରୀଚିକା ପଛରେ ଧାଇଁ କଷ୍ଟକୁ ନିଜ ଆଡକୁ ଟାଣି ଆଣେ। ଜୀବନ ର ଅବାରିତ ସ୍ରୋତ ।

ସମୟ ଚାଲିଗଲା, କିନ୍ତୁ କେମିତି ଚାଲିଗଲା, ଜଣାପଡିଲା ନାହିଁ। ଜୀବନର ବ୍ୟସ୍ତତା ଭିତରେ, କେତେବେଳେ ଆମ ବୟସ ଚାଲିଗଲା.....ଜଣା ପଡିଲାନାହିଁ। କାନ୍ଧ ଉପରେ ଚଢୁଥିବା ଛୁଆ, କେତେବେଳେ କାନ୍ଧ ଉଚ୍ଚାର ହୋଇଗଲେ....ଜଣା ପଡିଲାନାହିଁ। ଭଡା ଘରରେ ଆରମ୍ଭ ହୋଇଥିବା ସମୟ, କେତେବେଳେ ନିଜ ଘର ପର୍ଯ୍ୟନ୍ତ ଆସିଗଲା.......ଜଣା ପଡିଲାନାହିଁ। ସାଇକେଲରେ ପେଡଲ ମାରିମାରି ଥକା ହେଉଥିବା ସମୟ, କେତେବେଳେ ଆମେ କାରରେ ବୁଲିବାକୁ ଲାଗିଲେ......ଜଣା ପଡିଲାନାହିଁ ।

କେତେବେଳେ ଆମେଥିଲେ ଆମ ବାପାମାଆଙ୍କ ଦାୟିତ୍ୱରେ, କେତେବେଳେ ଆମେ ଆମ ଛୁଆଙ୍କ ଦାୟିତ୍ୱରେ ବ୍ୟସ୍ତ ହୋଇଗଲେ.....ଜଣା ପଡିଲାନାହିଁ। ଗୋଟେ ସମୟଥିଲା ଯେତେବେଳେ ଆମେ ଦିନରେବି ଅଚିନ୍ତାରେ ଶୋଇପଡୁଥିଲେ, କେତେବେଳେ ରାତିର ନିଦ ଉଡିଗଲା......ଜଣା ପଡିଲାନାହିଁ। ବାରଦୁଆର ବୁଲୁଥିଲେ ଚାକିରିଟିଏ କରିବାପାଇଁ, କେତେବେଳେ ଚାକିରିରୁ ଅବସର ସମୟ ଆସିଗଲା...ଜଣା ପଡିଲାନାହିଁ। ଛୁଆଙ୍କ ପାଇଁ ପଇସା ବଞ୍ଚାଇବାରେ ଏତେ ବ୍ୟସ୍ତ ରହିଲେ ଆମେ, କେତେବେଳେ ଛୁଆ ଆମକୁ ଛାଡି ଦୂରକୁ ଚାଲିଗଲେ.....ଜଣା ପଡିଲାନାହିଁ।

ISSN NO.
2582-208X

ଭରପୁର ପରିବାରରେ ଛାତି ଫୁଲାଇକି ଚାଲୁଥିଲେ, ନିଜର ଭାଇଭଉଣୀଙ୍କ ଉପରେ ବହୁତ ଗର୍ବ କରୁଥିଲେ ଆମେ, କେତେବେଳେ ପରିବାର ଛାଡି ଚାଲିଗଲା......ଜଣା ପଡିଲାନାହିଁ ।

ଏବେ ଭାବୁଛନ୍ତି ଆମେ ଚାଲ କିଛି ନିଜପାଇଁ ବା ସମାଜପାଇଁ କରିବା, କିନ୍ତୁ ଆମ ଶରୀର ଆମ ସାଥି ଦେବା କେତେବେଳେ ବନ୍ଦ କରିଦେଲା.....ଜଣା ପଡିଲାନାହି । କଳିଯୁଗ ରେ ଏକ ଭଗବାନ କା ନାମ ନେଉ ନେଉ କେବେ ଆତ୍ମା ନିଜ ଘର ଶାନ୍ତି ଧାମ ଚାଲିଯିବ,ଜଣା ପଡ଼ିବ ନାହିଁ ।

ମହୁ,ଆଉଲ, ନମୌଜା,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ପ୍ରଥମ ପ୍ରେମ



ଦେବାର୍ଚ୍ଚନ ମେହେର

ପ୍ରଥମ ପ୍ରେମର ପହିଲି ଦେଖାକୁ
ଭୁଲି ମୁଁ ପାରୁନି,
ପ୍ରେମର ବର୍ଷାରେ ଭିଜିଥିବା ସେ ଦିନ
ଏ ଯାଏ ମୋ ମନରୁ ଲିଭିନି ।।

ପ୍ରଥମ ଦେଖାରେ ଲାଜେଇ ଯାଇ
ତୁମେ ମୁରୁକି ହସିଲ ଦେଖି,
ସକାଳ ସମୟର ଶୀତୁଆ ପବନ
ମୋ ଦେହରେ ଗଲା ଲାଖି ।।

ମିଠା ମିଠା ଏଇ
ପ୍ରେମର ମିଳନ,
ଭୁଲି ହୁଏ ନାହିଁ କେବେ
ଥିବା ଯାଏ ଜୀବନ ।।

ପ୍ରଥମ ଦେଖାରେ
ଦେଇଥିଲି ମନ,
ମୋ ଭଲ ପାଇବାକୁ ତୁମେ
ବୁଝି ପାରିଲନି ଧନ ।।

ISSN NO.
2582-208X

ହସି ହସି ମୁଁ ଜୀଇଁବାକୁ ଚାହେଁ
ତୁମ ପ୍ରେମର ପରଶରେ,
ହସି ହସି ମୁଁ ଜଳିବାକୁ ଚାହେଁ
ତୁମ ପ୍ରେମର କାମାଗ୍ନିରେ।।

ଟିକିଏ କଥାରେ ରାଗି ଯାଇ ତମେ
ମୋ ବିଶ୍ୱାସକୁ ଭାଙ୍ଗିଦେଲ,
ସବୁ ଜନମରେ ସାଥୀ ହେବି ବୋଲି
କଥା ମୋତେ ଦେଇଥିଲ।।

ତୁମ ସବୁ କଥା ମିଥ୍ୟା ଥିଲା ପ୍ରିୟତମା
ଏବେ ଏ କଥା ବୁଝି ପାରିଲି ମୁହିଁ,
ପ୍ରତି ମୁହୂର୍ତ୍ତରେ ମୋ ହୃଦୟ ବାଧୁଛି
ଆଉ ସହି ବାକୁ ମୋ ଧୋର୍ଯ୍ୟ ନାହିଁ।।

ତୁମ ମିଛ ପ୍ରେମ ପାଖେ
ବଳି ପଡ଼ିଗଲା ସରଳ ହୃଦୟ ମୋର,
କଥା ଦେଇ ତୁମେ କଥା ରଖି ପାରିଲନି ଧନ
ଆଜି କରିଦେଲ ମୋତେ ପର।।

ଏକା ଏକା ଥିଲି
ମୁଁ ଭଲରେ ଥିଲି,
ମୋ ହୃଦୟେ ଆସିବା ଦିନଠୁ
ତୁମକୁ ଝୁରି ଝୁରି ମଲି।।

ଆସ୍ତେ ଆସ୍ତେ ହେଲା
ପ୍ରେମ ଜ୍ୱର ମୋତେ,

ISSN NO.
2582-208X

ତୁମେ ମୋ ସପନ ରାଇଜେ
ହେବ ରାଣୀ ବୋଲି ଭାବିଥିଲି କେତେ ।।

ପଦ୍ମ ଯେପରି ଧୈର୍ଯ୍ୟ ସହିତ
ଅନେଇଥାଏ ସୂର୍ଯ୍ୟ କୁ,
ମୁଁ ସେହିପରି
ଅନେଇଥାଏ ତୁମକୁ ।।

ନାମ କୁ ମାତ୍ର ମୋତେ
ଭଲ ପାଏ ବୋଲି କୁହ,
କିନ୍ତୁ ଅନ୍ୟ ସାଙ୍ଗେ ଥିଲା
ତୁମ ପ୍ରେମ ପିରତି ର ମୋହ ।।

କଥା ଦେଇଥିଲ
ବାହା ହେବି ବୋଲି,
ହେଲେ ଏତେ ଶୀଘ୍ର
ଗଲ କି ଭୁଲି ।।

ମୁଁ ଗରିବ ବୋଲି
ଦେଇ ଦେଲ କି ଧୋକା,
ଚାକିରିଆ ପିଲା ଦେଖି
ହେଲ କି ଏକା ।।

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଭଗବତ ଗୀତାରେ ପାଞ୍ଚୋଟି ମୂଳତତ୍ତ୍ୱ



ମାଳତୀ ଦେବୀ

୧. ଇଶ୍ୱର,୨.ଜୀବ,୩.ପ୍ରକୃତି,୪.କର୍ମ, ୫. କାଳ

ମୂଳତତ୍ୱ(୧) ଇଶ୍ୱର :-

ସବୁକିଛିର ଉତ୍ସ ହେଉଛନ୍ତି କୃଷ୍ଣ। ତାଙ୍କ ଠାରୁ ହିଁ ସବୁକିଛି ଆସିଛି ଯେପରିକି ଜଡ ଜଗତ, ଚିନ୍ମୟ ଜଗତ, ସମସ୍ତ ଅବତାର...

ବ୍ରହ୍ମ ଜ୍ୟୋତି-ଭଗବାନଙ୍କ ଠାରୁ ନିର୍ଗତ ହେଉଥିବା ରଶ୍ମି ।

କୃଷ୍ଣ ହେଉଛନ୍ତି ଅସୋମର୍ଦ୍ଧ

ସମସ୍ତଙ୍କର ପରମ ମଙ୍ଗଳକାରୀ

ପରମ ନିୟନ୍ତ୍ରଣ କର୍ତ୍ତା

ପରମ ଆଶ୍ରୟ ଦାତା

ସର୍ବବ୍ୟାପକ

ସର୍ବଜ୍ଞ

ସର୍ବ କ୍ଷତ୍ରଜ୍ଞ

ସର୍ବ ଐଶର୍ଯ୍ୟ ସମ୍ପର୍ଣ୍ଣ

ପରମ ଉପଭୋଗ କର୍ତ୍ତା

ଆଦ୍ୟ ପୁରାଣ ପୁରୁଷ

ISSN NO.
2582-208X

ଅଭିଜ୍ଞ ସ୍ୱରାଟ
ଯୋଗେଶ୍ୱର

୨.ମୂଳ ତତ୍ୱ:(୨) ଜୀବ :-

ଜୀବ ହେଉଛି ଭଗବାନ ଅଂଶ ।ଜୀବ ହେଉଛି ସନାତନ । ଯାହା ରହିଥିଲା, ରହିଛି, ରହିବ ମଧ୍ୟ । ଗୁଣାତ୍ମକ ହିସାବରେ ଜୀବ ଭଗବାନଙ୍କ ସହ ସମାନ । କିନ୍ତୁ ଭୋଗ କରିବାର କାମନା ବା ଆଶା ହିଁ ଦୁଃଖର କାରଣ ଅଟେ । ଭଗବାନ ଉପଭୋଗ କରିବାର କ୍ଷମତା ରହିଛି । କିନ୍ତୁ ଜୀବ ନୁହଁ । ଯେଉଁ ଜୀବ ଭକ୍ତିଯୋଗ ସହକାରେ ଭଗବାନଙ୍କ ସେବାରତ ହୁଏ ସେ ମାୟା ରୁ ମୁକ୍ତ ହୁଏ ।ଯେଉଁ ଜୀବ ନିଜର ଇନ୍ଦ୍ରୀୟ ମାନଙ୍କ ସାହାର୍ଯ୍ୟରେ ନବଧା ଭକ୍ତି ଆଚରଣ କରେ ବା ସେବା କରେ  ସେ ମାୟା ସଂସାରରୁ ମୁକ୍ତ ହୁଏ ।ନବଧା ଭକ୍ତି: ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନମ, ବନ୍ଦନମ, ଦାସ୍ୟମ, ସଖ୍ୟମ, ଆତ୍ମନିବେଦନମ।

ମୂଳ ତତ୍ୱ(୩) କର୍ମ :-

ସକାମ କର୍ମ- ପୁଣ୍ୟ କର୍ମ(ଶାସ୍ତ୍ରୀୟ କର୍ମ)
ବିକର୍ମ କର୍ମ-ପାପ କର୍ମ(ଶାସ୍ତ୍ର ବିରୋଧ କର୍ମ)
ଅକର୍ମ-ଯଜ୍ଞାର୍ଥ କର୍ମ(କୃଷ୍ଣଚେତନାରେ କର୍ମ) (ଭଗବାନଙ୍କ ପ୍ରୀତାର୍ଥେ କାର୍ଯ୍ୟ କରିବା ବା ଭଗବାନ ବିଷ୍ଣୁ, କୃଷ୍ଣ, ଜଗନ୍ନାଥଙ୍କ ପାଇଁ କର୍ମ କରିବା)
ଅନ୍ୟ କର୍ମ କଲେ କର୍ମବନ୍ଧନରେ ପଡିବା।

ହରେ କୃଷ୍ଣ

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲେ୍‌କାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X



# ଦୁର୍ଘଟଣା



ଅଶୋକ କୁମାର ସେଠୀ

ଅନାୟାସେ ମନ ତଳ ମନକୁ ବୁଝି ପାରୁଥିବା ମନଟି ଆଜି କାହିଁ ଖୁବ ଆନମନା । କେଉଁ ଅଜଣା ସମ୍ମୋହନର ସ୍ୱର୍ଣ ଅଡୁଆ ସୂତାରେ ଛନ୍ଦିଦେଲା ପରି ଆଜି ସେ ଛନ୍ଦି ହୋଇ ଯାଉଛି ବେଳୁ ବେଳ . ..! ତା' ପରିଚୟ ଅନ୍ୟମାନଙ୍କ ମୁହଁରୁ ସହଜେ ବାରି ହୁଏ । ଅନ୍ୟାନ୍ୟ ବୃତ୍ତି ମଧ୍ୟରୁ ଏମିତି ଏକ ବୃତ୍ତିରେ ଉଦାର ବ୍ୟକ୍ତିତ୍ୱଟିଏ ନିହାତି ଲୋଡ଼ା ବୋଲି ଈଶ୍ୱର ବୋଧେ ନିବେଦିତାକୁ ପଠେଇଛନ୍ତି ଏଠିକୁ ।

ନିବେଦିତା ଏକାଧାରରେ ଜଣେ ମନସ୍ତତ୍ୱବିତ୍ତ ଓ ସୁସାହିତ୍ୟିକା । ନିଜର ମନସ୍ତତ୍ୱ ବୃତ୍ତିଠାରୁ ଜଣେ ସୁସାହିତ୍ୟିକା ହିସାବରେ ସେ ଖୁବ ପରିଚିତା । ସାହିତ୍ୟ ଦୁନିଆରେ ସେ ଜଣେ ସମ୍ମାନସ୍ୱଦ ବ୍ୟକ୍ତିତ୍ୱ । ତା' ସୃଜନ ସୃଷ୍ଟି ପାଇଁ ବିଭିନ୍ନ ସାହିତ୍ୟ ସଂଗଠନ ତରଫରୁ ପୁରସ୍କୃତ ଓ ସମ୍ମାନିତା । ସେ ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ଅନେକ ଗଳ୍ପବହି ମଧ୍ୟରୁ ଗୋଟିଏ ଗଳ୍ପ ବହି ସହ ସେ ଖୁବ ନିବିଡ । ନିର୍ଦ୍ଧିଷ୍ଟ ଗଳ୍ପଟିକୁ ସେ ବହୁବାର ପଢିବା ସତ୍ୱେ ଆଉ ଥରେ ନପଢି ସେ ମାୟାରୁ ସେ ନିବୃତ ହୋଇ ପାରୁନି । ସେ ଜଣେ ମନସ୍ତତ୍ୱବିତ ହୋଇ ଥିବାରୁ ପ୍ରତ୍ୟେକ ଲେଖାରେ ମଣିଷ ମନର ଗଭୀରତମ କଥାକୁ ସେ ଖୁବ ସାବଲୀଳ ଢଙ୍ଗରେ ବ୍ୟକ୍ତ କରିବାରେ ମାହିର । ମୁଖ୍ୟ କଥା ହେଲା ସେ ସବୁଦିନ କିଛି ନା କିଛି ମାନସିକ ରୋଗୀଙ୍କୁ ଭେଟେ । ସେଇ ମନେ ହିଁ ଏହି ସୃଜନର ଉତ୍ସ ବୋଲି ଅସ୍ୱୀକାର କରିହେବନି .. ଯଦିଓ ଜଣେ ଡାକ୍ତର ହିସାବରେ ତା'ର ସେଇଟା ପ୍ରଥିମିକ ଦାଇତ୍ୱ ...

ISSN NO.
2582-208X

ଆଜି ସେ ବୃଦ୍ଧପ୍ରାୟ ଜଣେ ମାନସିକ ରୋଗୀଟିକୁ ଭେଟିବା ପରେ । ନିଜ ମାନସିକ ସ୍ଥିତି ଅସ୍ଥିର ହେଲା ପରି ନିଜର ହୃଦବୋଧ ହୋଇଛି । ମୁହୂର୍ତ୍ତେ ସେ ଅନ୍ୟମନସ୍କ ହୋଇ, କଣ କେଜାଣି ମନେ ମନେ ଇତସ୍ତତଃ ଭାବେ ଖୋଜି ବୁଲୁଥାଏ । ବୋଧ ହୁଏ ଖୋଜି ନପାଇ ନିରାଶ ହୋଇଛି । ହଠାତ ହଜିଲା ଜିନଷ ପାଇଗଲା ପରି, ପୁରୁଣା ଓଡ଼ିଆ ଚଳଚିତ୍ର ମମତାର ସେ ପ୍ରସିଦ୍ଧ ଗୀତଟିକୁ ଦୋହରାଉଛି ମନେ ମନେ:

"ହେ ଫଗୁଣ କନ୍ଦାନାରେ...
ମୋ ଲୁହ ହେଲେ ନଦୀର ଧାର..."

ସୁର, ତାଳ,ଲୟକୁ, ଲୟ କରି ଗାଇବାକୁ ଚେଷ୍ଟା କରୁଛି ନିବେଦିତା ବାରମ୍ବାର । ଏ ଉତ୍ତର ବୟସରେ ସାଧ୍ୟାତୀତ ହେଲେ ସୁଦ୍ଧା ...! ଯେମିତି ହେଲେ ସଠିକ ସ୍ୱର ଧରି ଗାଇବାକୁ ପଡିବ ..। କିଛି ସ୍ମୃତି ବାଟ କାଟି ରୋମନ୍ଥନ ହେବାକୁ ଲାଗିଛି ; ପିଲା ଦିନର ଅଫେରା ମୁହୂର୍ତ୍ତକୁ ଫେରି ଆସିଛି ସେ ମୁହୂର୍ତ୍ତ ପାଇଁ । ସବୁ କଥା ତା' ଆଗେ ଗୋଟି ଗୋଟି ହୋଇ ଝଲସି ଉଠିଛି ।

ନିବେଦିତା ଏବର୍ଷ ହାଇସ୍କୁଲକୁ ପ୍ରବେଶକରିଛି ।ସେହି ସ୍କୁଲରେ ନିବେଦିତାର ବାପା ଇଂରାଜୀ ଶିକ୍ଷକ । ନିଜ ଗାଁଠାରୁ ସ୍କୁଲର ଦୂରତା ପାଞ୍ଚ କିଲୋମିଟରରୁ ସାମାନ୍ୟ କମ ହେବ । ଯଦିଓ ପ୍ରାୟ ପିଲା ଚାଲି ଚାଲି ସ୍କୁଲକୁ ଆସିଥାନ୍ତି । ନିବେଦିତା ତା' ବାପାଙ୍କ ସହ ସ୍କୁଟରରେ ଯାଏ । ନିବେଦିତାର ପାଠ ପଢ଼ାରେ ଯେମିତି ବିଚକ୍ଷଣ ଦଖଲ ଦେଖିବାକୁ ବି ସେମିତି ଅପରୂପ ସୌନ୍ଦର୍ଯ୍ୟ । ଭାରି ବୁଦ୍ଧିମତୀ ଓ ପରୋପକାରୀ । ସେ ସବୁ ବିଷୟ ଓ ପରିସ୍ଥିତିକୁ ଅତିସହଜରେ ଆୟତ୍ତ କରିନେଉଥାଏ । ସେଥିପାଇଁ ସେ ସ୍କୁଲରେ ସଭିଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ । ଏମିତି ଦିନକର କଥା , ସମସ୍ତଙ୍କୁ ଇଂରାଜୀ ପ୍ରଶ୍ନୋତର ଲେଖି ଆଣିବାକୁ କୁହାଯାଇଥାଏ । ପ୍ରଶାନ୍ତ କୌଣସି ପ୍ରଶ୍ନୋତର କରିନଥିବାରୁ ସାରଙ୍କ ଠାରୁ ବେତ ମାଡ଼ ପଡିଛି । ଆସନ୍ତା କ୍ଲାସକୁ ଯେମିତ ହେଲେ ପ୍ରଶ୍ନୋତର କରି ଆଣିବା ପାଇଁ ସାର ତାଗିଦ କରିଛନ୍ତି ।

ISSN NO.
2582-208X

ସ୍କୁଲ ଛୁଟି ବେଳକୁ ପଛରୁ କାହାର ଡାକ ଶୁଣି ପ୍ରଶାନ୍ତ ବୁଲି ଚାହିଁଲା ବେଳକୁ ନିବେଦିତା ତା ଇଂରାଜୀ ପ୍ରଶ୍ନୋତର ଖାତା ପ୍ରଶାନ୍ତ ହାତକୁ ବଢ଼େଇଦେଇ କହିଲା,"ସୋମବାରକୁ  ଯେମିତି ହେଲେ ଲେଖି ଆଣିବୁ" ନହେଲେ... ଦେଖିବୁ ..!!

ସତକୁ ସତ ସୁନା ପିଲା ପରି ପ୍ରଶାନ୍ତ ସବୁ ଉତ୍ତର ଲେଖି ଣିଥାଏ । ସାରଙ୍କ ମନରେ ଟିକେ କୌତୁହଳ ଉପୁଜିଛି ତା' ଖାତାକୁ ଟିକେ ଆଖି ବୁଲେଇ ଆଣିଲେ । ସାର, ପ୍ରଶାନ୍ତ ମୁହଁକୁ ଟିକେ ଚାହିଁଲେ, ତା' ପରେ ନିବେଦିତା ର ମୁହଁକୁ.. ସେତେବେଳକୁ ନିବେଦିତା ଗୋଟା ପଣ ଝାଳରେ ଗାଧେଇ ସାରିଲାଣି । ସାର ପ୍ରଶାନ୍ତକୁ କହିଲେ, ମନ ଦେଇ ପାଠ ପଢ଼ିବୁ,ଯା...!

ପ୍ରଶାନ୍ତର ପାଠ ପଢା ପ୍ରତି ତିଳେ ହେଁ  ଆଗ୍ରହ ନାହିଁ । ପାଠ ପଢାଠାରୁ ଗଛ ଚଢା, ନଈ ପହଁରା, ମାଛ ମାରିବା ଏ ସବୁରେ ଧୂରିଣ ।  ପ୍ରଶାନ୍ତ ଦେଖିବାକୁ ସାମାନ୍ୟ କୃଷ୍ଣ ବର୍ଣ୍ଣ । ଘୁଙ୍ଗୁର ଚୁଟିକୁ ସେମିତି ନୁଖୁରା ଛାଡି ଦେଇଥାଏ । ସବୁଦିନ ଖାଲି ପାଦରେ ୩ କିମି  ଚାଲି ଚାଲି  ସ୍କୁଲକୁ ଆସେ । କାନ୍ଧରେ ତେଲ ଚିକିଟା  ପଡ଼ିଯାଇଥିବା ସିମେଣ୍ଟ ବସ୍ତାର ବସ୍ତାନି । ବର କୋଳି, ଭଇଁଚ କୋଳି, ଗୁଆ କୋଳି ସବୁଦିନ  କିଛି ନା କିଛି ବସ୍ତାନିରେ  ପୂରେଇ ଥାଏ; ଆଣିଥାଏ  ନିବେଦିତା ପାଇଁ । କଣ୍ଟେଇକୋଳିକଣ୍ଟାର ରାଁଚୁଡ଼ା ଆଜିବି ଥିବ । ଏମିତି ବି  ଦିନେ ଦିନେ ନିବେଦିତା ସାଙ୍ଗ ମାନଙ୍କ ଈର୍ଷାର ସମ୍ମୁଖୀନ ହେବାକୁ ପଡେ ।

ଥରେ ନିବେଦିତାର ସାଙ୍ଗ ଜଣକ କହିଲା  ୧୦ ଟଙ୍କା ଦୋକାନରେ ଦେଲେ  ଦଶ କି ପନ୍ଦରଟା ଆମ୍ବ ମିଳିବ ।

"ହଁ, ହୁଏତ ଦଶ ଟଙ୍କା ରେ ୧୫ ଟି ଆମ୍ବ ତମେ ପାଇପାରିବ କିନ୍ତୁ ଦଶ ଥର ଚେଷ୍ଟାରେ ଗୋଟିଏ  ଆମ୍ବ ଖସେଇବାର  ସ୍ୱାଦ ତମେ ବା କାହୁଁ ବାରି ପାରିବ ..!! "

ବୁଝିବା ଲୋକ ଠିକ ବୁଝି ପାରିଥାଏ ନିବେଦିତାର ଉତ୍ତର ।

ଖେଳ ଛୁଟି ହେଲେ  ନିବେଦିତା ଯାହା ଆଣିଥାଏ ପ୍ରଶାନ୍ତକୁ ଦିଏ । କାରଣ ସେ ଏତେ ଦୂର ଘରକୁ ଯାଇପାରିବ ନାହିଁ କି ତାଙ୍କରବି ଏତେ ସ୍ୱଛଳ ନୁହଁ ସବୁଦିନ ପାଖ ଗୁଡିଆ ଦୋକାନ ରୁ କିଣି କିଛି ଖାଇ ପାରିବ ।

ISSN NO.
2582-208X

ନିବେଦିତାର ଧମକ ଚମକ ବଳରେ ପ୍ରଶାନ୍ତ ଅଷ୍ଟମ ଶ୍ରେଣୀ ଡେଇଁଗଲା । ବର୍ତ୍ତମାନ ନବମ ଶ୍ରେଣୀରେ । ଏମିତି ସେଦିନର ଘଟଣାଟି, ଆମ ସ୍କୁଲ ପଣ୍ଡିତ ସାର ଟିକେ ରସିକ ବୋଲି ଆମେ ସଭିଏଁ ଅଳ୍ପେ ବହୁତ ଶୁଣିଥାଉ । ସେଦିନ କ୍ଲାସରେ ପଣ୍ଡିତସାର ସମସ୍ତଙ୍କୁ ଶବ୍ଦରୂପ ଧାତୁରୂପ ପଚାରୁଥାନ୍ତି । ନିବେଦିତା କୁ "ଗୋ" ଶବ୍ଦରୂପ ଉଚ୍ଚାରଣ କରିବାକୁ କହିଲେ ।

ଡରରେ କି ସଠିକ ଭାବେ ଉଚ୍ଚାରଣ କରିପାରୁନଥିଲା କେଜାଣି, ନିବେଦିତା । ପଣ୍ଡିତ ସାର, ଇରେ ..! ଇରେ ..! ଏଇଟା ଆସୁନି କହି ଚତୁରତାର ସହିତ ନିବେଦିତାର ସମ୍ବେଦନଶୀଳ ଅଙ୍ଗରେ ସାରଙ୍କ ହାତ ସ୍ପର୍ଶ କରୁଥାଏ । ସାରଙ୍କର ଏ ଧୃଷ୍ଟତା ସବୁ ପିଲା ଠଉରାଇ ସାରି ଥାନ୍ତି ।

ଖେଳଛୁଟିରେ ପ୍ରଶାନ୍ତ ସୁବିଧା ଦେଖି ପଣ୍ଡିତ ସାରଙ୍କର ସାଇକେଲଟିକୁ ଠାବ କଲା । ସଭିଙ୍କ ଅଗୋଚରରେ ରାଉଣ୍ଡରରେ ପୁଟପାଟ କରି ଚକା ଦୁଇଟିକୁ ଫୁଟେଇ ଦେଇ ଚାଲି ଆସିଲା ପଣ୍ଡିତ ସାରଙ୍କୁ ସେଦିନ ଆଗ ଛକ ଯାଏଁ ଚାଲି ଚାଲି ଯିବାକୁ ପଡିଲା ।

ତା' ପରଦିନ ନିବେଦିତା, ପ୍ରଶାନ୍ତ କୁ ପଚାରିଲା," ତୁ କାହିଁକି ପଣ୍ଡିତ ସାରଙ୍କ ସାଇକେଲ ଲିକ କରିଥିଲୁ ..?"

ନାଁ, ମୁଁ କରିନି ତ... ! ପ୍ରଶାନ୍ତ ମୁହଁ ତଳକୁ କରି ଉତ୍ତର ଦେଲା ।

ମୋ' ମୁହଁକୁ ଚାହିଁ ଦେଖି କହିଲୁ ?

ହଁ, ମତେ ରାଗଲାଗିଲା ସେଥିପାଇଁ ଫୁଟେଇ ଦେଲି । ପୁଣି ମୁହଁ ତଳକୁ ପ୍ରଶାନ୍ତର ।

ତତେ କଣ ପାଇଁ ରାଗ ଲାଗିଲା ?

ମୁଁ ଜାଣିନି, କହି ମୁହଁ ବୁଲେଇ ଚାଲିଗଲା ।

ପଛପଟୁ ନିବେଦିତାର ମୁରୁକି ମୁରୁକି ହସ ପ୍ରଶାନ୍ତ ସ୍ପଷ୍ଟ ଶୁଣିପାରିଥାଏ ।

ସ୍କୁଲର ବାର୍ଷିକ ଉତ୍ସବ ଖୁବ ଧୁମ ଧାମରେ ପାଳନ ହେଉଥାଏ । ସେଦିନ ନିବେଦିତା ଗୋଟିଏ ଗୀତ ଗାଇଥିଲା ସେ ଗୀତ ଶୁଣି ସବୁ ଦର୍ଶକ ଅଭିଭୂତ !! ତା' ପରଠାରୁ ପ୍ରଶାନ୍ତ କେତେଥର ଅନୁରୋଧ କରିଛି ନିବେଦିତାକୁ ସେହି "ହେ ଫଗୁଣ କନ୍ଦାନା ରେ ..

ISSN NO.
2582-208X

ଗୀତଟିକୁ ଗାଇବାକୁ । ଏଣେ ମୁଣ୍ଡ ଉପରେ ଦଶମ ପରୀକ୍ଷା । ପ୍ରଶାନ୍ତ ପାଠପଢ଼ାରେ ମନ ଦେଉନଥିବାରୁ ନିବେଦିତା ପ୍ରଶାନ୍ତ ଉପରେ ଭାରି ବିରକ୍ତି ହେଉଥାଏ ।

ଦେଖେ..! ତୁ ପାଠ ନପଢିଲେ ନିଶ୍ଚିତ ଫେଲ ହବୁ ।

ପ୍ରଶାନ୍ତ ପାଖରେ ଫର୍ମ ଫିଲପ ପାଇଁ ବି ସେତିକି ଅର୍ଥ ନଥାଏ । ନିବେଦିତା ତା' ବାପାଙ୍କୁ କହି ତା ଫର୍ମ ଫିଲପ କରିଦେଲା ସତ କିନ୍ତୁ ଦଶମ ପରୀକ୍ଷା ଉତ୍ତୀର୍ଣ୍ଣ ହେବାରେ ବିଫଳ ହେଲା । ପ୍ରଶାନ୍ତ ମନରେ କିନ୍ତୁ ତିଳେ ମାତ୍ର ଦୁଃଖ ନଥାଏ ବରଂ ବହୁତ ଖୁସି ଜଣା ପଡୁଥିଲା, କାରଣ ନିବେଦିତା ଆମ ଜିଲ୍ଲାରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରୀ ।

ନିବେଦିତା କଲେଜକୁ ନିତିଦିନ ବସରେ ଯିବା ଆସିବା କରୁଥାଏ । ମୁଖ୍ୟ ସଡକଠାରୁ ତାଙ୍କ ଗାଁକୁ ଆଉ ଅଢେଇ କିମି ବାଟ ଚାଲିବାକୁପଡେ । ପ୍ରଶାନ୍ତ ଏବେ ଗୋଟେ ଗାଡ଼ିରେ ପ୍ରଥମେ ହେଲ୍ପର ଆଉ କିଛିଦିନ ପରେ ନୂଆ ନୂଆ ଡ୍ରାଇଭର ହୋଇଛି । ସେ ଗାଡ଼ିରେ ନିବେଦିତା ବି ଥରେ ଅଧେ ଆସିଛି । ପ୍ରଶାନ୍ତକୁ ଡ୍ରାଇଭରବାବୁ ବୋଲି ଡାକେ, ନିବେଦିତା । ଦିନକର ଘଟଣା ସେଦିନ ଦ୍ୱିପ୍ରହର ବେଳକୁ ନିବେଦିତା କଲେଜରୁ ଫେରୁଥାଏ । ଛକରୁ ଓହ୍ଲେଇ ଘରକୁ ଯିବା ବାଟରେ ଶୂନସାନ ଗହିର ବାଟ ଦେଇ ଯାଉଥାଏ । ପଛରୁ ରାଜଦୂତ ଗାଡି ଶବ୍ଦଶୁଣି ନିବେଦିତାର ଛନକା ପଶିଗଲା ।ମନୁଆ କେତେଥର ନିବେଦିତାର ପିଛା କରୁଥିବାର ଏବଂ ଅସ୍ୱାଭାବିକ ଇଙ୍ଗିତ କରୁଥିବାର ନିବେଦିତା ଦେଖିଛି । ଆଉ କିଛି ଭାବିବା ଆଗରୁ ମନୁଆ ଆଉ ତା' ସାଙ୍ଗ ଜବରଦସ୍ତ ଉଠେଇନେଇଗଲେ ଅଦୁରସ୍ଥ ଉଚା ହୁଡ଼ା ସେ ପାଖକୁ । ଏମିତି ଥରେ ନୁହେଁ ଦୁଇ ଚାରିଥର ଘଟିଲାଣି ତା'ସହ । ନିବେଦିତା ଏବେ ସବୁବେଳ ତ୍ରସ୍ତ ଓ ଡରି ଡରି କଲେଜ ଯାଏ,ଫେରିଲା ବେଳକୁ ତାର ଶଙ୍କା ଦୁଇଗୁଣା । ପ୍ରଶାନ୍ତ ଚଳାଉଥିବା ଗାଡିରେ ସେଦିନ ନିବେଦିତା କଲେଜରୁ ଫେରୁଥାଏ । ସେ ଗାଡ଼ିରେ ମନୁଆ ଓ ତା ସାଙ୍ଗ ପିଛା କରି ଛାଡ଼ିଥାନ୍ତି ସେ ବସରେ । ନିଜ ଗନ୍ତବ୍ୟ ସ୍ଥଳ ପହଂଚିବା ସତ୍ତ୍ୱେ ନିବେଦିତା ଗାଡ଼ିରୁ ଓହ୍ଲାଉନାହିଁ ଅନ୍ୟମନସ୍କ ହେତୁ ।

ତୁ ଓହ୍ଲେଇବୁନି କୁ..? ପ୍ରଶାନ୍ତ ପଚାରିଲା ନିବେଦିତାକୁ...!!ହଁ ..ହଁ..କହି ପ୍ରକୃସ୍ଥିତ ହୋଇଛି ନିବେଦିତା ..!

ISSN NO.
2582-208X

ପ୍ରଶାନ୍ତକୁ ଏ କଥା ଆଉ ଅଗୋଚର ରହିଲାନି । ନିବେଦିତା ସବୁକଥା ପ୍ରଶାନ୍ତକୁ ଖୋଲି କହିଛି । ନିବେଦିତା କେବେ କାନ୍ଦିବାର ସେ କେବେ ଦେଖିନଥିଲା ତା' ଆଖିର ଲୁହ ପ୍ରଶାନ୍ତ ମନରେ ଉଗ୍ର ଉଦ୍ଗିରଣ ସବୁ ଅସମ୍ଭାଳ ହୋଇ ବାହାରି ପଡ଼ିବାକୁ ଛାଟିପିଟି ହେଉଥାଏ ।

ଆମେ ଯେବେ ଚାହିଁବୁ ତୁ ଆସିବୁ ନଚେତ..ମନୁଆ ରୀତିମତ ବ୍ଲାକମେଲ କରିବା ଆରମ୍ଭ କରିଦେଇଥାଏ । ନିବେଦିତାକୁ କଲେଜ ଯିବା ଅସମ୍ଭବ ହୋଇ ପଡିଥାଏ ।

ପ୍ରଶାନ୍ତ ଗାଡି ଚଳାଉଥିଲାବେଳେ ପଛରୁ ଏକ ରାଜଦୂତ ଦ୍ରୁତଗତିରେ ତାକୁ ଅତିକ୍ରମ କରି ପଳେଇ ଯାଉଛି । ସ୍ୱତଃସ୍ଫୁତ ଭାବେ ପ୍ରଶାନ୍ତର ଗୋଡ ଜୋରରେ ଆକ୍ସିଲଟର ଉପରେ ମାଡି ହେଇ ଯାଉଛି ତା' ଆଖିକୁ ଆଉ ରାସ୍ତା ଦେଖା ଯାଉନି, ଦେଖା ଯାଉଛି ନିବେଦିତାର ଭୀତ ତ୍ରସ୍ତ ମୁହଁଟି ଆଖିରୁ ଲୁହ ଥପଥପ ହୋଇ ପଡୁଛି, ନିଛାଟିଆ ଶୂନସାନ ଗହିର, ମନୁଆର ପାଶବିକ ଅତ୍ୟାଚାର. ନିବେଦିତାର ମୁହଁ ଆଉ ମନୁଆର ମୁହଁ ଏ ଦୁଇଟି ମୁହଁ ବାରମ୍ବାର ଝଲସି ଯାଉଛି ତା' ଆଖି ଆଗରେ ..ଜୋର କରି କଷି ଦେଇଛି ଆକ୍ସିଲଟର, ଛିଟିକା ପଡ଼ିବାର ଶବ୍ଦ ତାକୁ ପ୍ରକୁସ୍ଥିତ କରିଛି ।

ବିତି ଯାଇଛି ଅନେକ ଦିନ ...

ନିବେଦିତା ବହୁତ ଖୋଜିଲା ପରେ ପ୍ରଶାନ୍ତର ସନ୍ଧାନ ପାଇଛି । ତୁ ଜାଣି ଶୁଣି ଏ ସବୁ କରିଛୁ ନା ..? ନିବେଦିତାର ବାଷ୍ପରୁଦ୍ଧ ସ୍ୱର ..

ନା, ଜାଣିଶୁଣି ନୁହେଁ ମୋ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ସେଥିପାଇଁ ଦୁର୍ଘଟଣାଟି ଘଟିଲା ।

ନିବେଦିତା ପ୍ରଶାନ୍ତର ହାତ ଆଣି ନିଜ ମୁଣ୍ଡ ଉପରେ ରଖିଦେଲା, ମତେ ତ ଥରଟେ ସତ କହ ...

ପ୍ରଶାନ୍ତର ଉତ୍ତର ତା କାନ୍ଦ କାନ୍ଦ ମୁହଁରୁ ଉତୁରି ଆସୁଥିଲା ଯେମିତ । ପ୍ରଶାନ୍ତ ଲୁହ ପୋଛି ପୋଛି ସେଠାରୁ ଚାଲି ଗଲା ।

ISSN NO.
2582-208X

ନିବେଦିତା ଉଚ୍ଚ ଶିକ୍ଷା ପାଇଁ ସେ ଓଡିଶା ବାହାରକୁ ଚାଲି ଆସିଛି । ପଛ କଥା ସବୁ ପଛରେ ରହିଯାଇଛି । କଳାପଟାରୁ ଲିଭା ହୋଇ ଯାଇଛି ପୁରୁଣା ପାଠ । ନୂଆ ପାଠରେ ଲେଖା ଏବେ ଖୁବ ଜୀବନ୍ତ, ସେ ଜଣେ ଲବ୍ଧ ପ୍ରତିଷ୍ଠିତ ମନସ୍ତତ୍ୱବିତ୍ତ ଓ ଜଣେ ସୁସାହିତ୍ୟିକା । ତାର କାଉଁରୀ ସ୍ପର୍ଶରେ ବହୁତ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି । ନିବେଦିତା ଏବେ ୫୦ ବର୍ଷ ବୟସରେ ବି ଚଳଚଞ୍ଚଳ ଓ ସକ୍ରିୟ ଉଭୟ ସାହିତ୍ୟ ଓ ଜୀବିକାରେ ।

ସ୍ଥିତ ପ୍ରଜ୍ଞା ସ୍ଥିର ଚିତ୍ତ ନିବେଦିତା ଆଜି କାହିଁ ନିଜେ ଭିତରେ ଉଠୁଥିବା ଉତ୍ଥାନ ପତନ କଳି ପାରୁନି ..! ଖୁବ ଅସ୍ଥିର ଭାବରେ ଏଣେତେଣେ ଧାଉଁଛି ତନୁ ମନ ଧରି ରଖିପାରୁନି । ଅହେତୁକ ଆବେଗରେ ସେ ଆଜି ଅସ୍ଥିର ସେ ବୃଦ୍ଧ ମାନସିକ ଲୋକଟିକୁ ଭେଟିବା ପରେ ପରେ । ମୁଣ୍ଡରେ ତାର ଗଭୀର ଆଘାତ ହୋଇଥିବାରୁ ସେ ମାନସିକ ଭାରସାମ୍ୟ ହରେଇ ବସିଛି । ତାର ସମ୍ପର୍କୀୟମାନଙ୍କର ସଠିକ କିଛି ଖବର ନାହିଁ ।ନିବେଦିତା ସେ ନିର୍ଦ୍ଦିଷ୍ଟ ବହିଟି ଉପରେ ବେଶୀ ବେଶୀ ମନ ନିବେଶ କରିଛି । ନିଜକୁ ଖୁବ ଦୋଷୀ ମନେକରିଛି । ନିର୍ଦ୍ଦିଷ୍ଟ ବହିଟି ପାଇଁ ପୁରସ୍କୃତ ହୋଇଥିଲେ ସୁଦ୍ଧା ସେ କିଛି ବିଷୟକୁ ଛାଡି ଚାଲି ଯାଇଛି । ଖୋଜି ବାକୁ ଚାହିଁଛି ପରବର୍ତ୍ତୀ ଘଟଣା । ଯାହା ପାଇଲା ସେ ଶୁଣି ହତବାକ ..!

ମନୁଆ ର ପରିବାର ଲୋକ ତା' ପରେ ପ୍ରଶାନ୍ତକୁ ପିଟି ପିଟି ଲହୁ ଲୁହାଣ କରିଦେଇଛନ୍ତି । ଲୁହା ରଡ଼ର ଶକ୍ତ ପ୍ରହରରେ ମୁଣ୍ଡରେ ତା ଗଭୀର କ୍ଷତ । ସେ ଗଭୀର ଆଘାତ ଯୋଗୁଁ ମାନସିକ ଭାରସାମ୍ୟ ହରାଇବସିଛି ।

ନିବେଦିତାର ସମସ୍ତ ପ୍ରଚେଷ୍ଟା ସତ୍ୱେ ତିଳେ ମାତ୍ର ପ୍ରଭାବ ପଡିପାରୁନି ସେ ବୃଦ୍ଧ ବ୍ୟକ୍ତିଠାରେ .ଧୀରେ ଧୀରେ ବୃଦ୍ଧ ଜଣକୁ ଏକାଳୟରେ ନିବେଦିତା ଆଡକୁ ଅନେଇ ରହିଛି । ନିବେଦିତା ଗାଉଥିବା ସେ ଗୀତକୁ ଯେମିତି କାନ ଡେରି ଶୁଣୁଛି ..

ନିବେଦିତା ନିରବ ଛିନ୍ନ ଭାବରେ ଗୀତଟିକୁ ଗାଇ ଚାଲୁଛି..

"ହେ ଫଗୁଣ କନ୍ଦାନା ରେ... ମୋ ଲୁହ ହେଲେ ନଦୀର ଧାର..."

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,
ରାଉରକେଲା

ISSN NO.
2582-208X

# ଭାଗବତ କଥା - ୩
## (ଧାରାବାହିକ)



ନରେନ୍ଦ୍ର ପ୍ରସାଦ ବେହେରା

## କପିଳ ମାତାଙ୍କୁ କପରି ସନ୍ତୁଷ୍ଟ କରିଥିଲେ

ସ୍ୱାୟମ୍ଭୂ ମନୁ ତାଙ୍କର କନ୍ୟା ଦେବହୂତିଙ୍କୁ କର୍ଦମ ମୁନିଙ୍କ ସଙ୍ଗେ ବିବାହ ଦେଇଥିଲେ । ଏମାନଙ୍କର ସନ୍ତାନ ଥିଲେ କପିଳ ମୁନି,ଯିଏ କି ସାଂଖ୍ୟଦର୍ଶନର ପ୍ରଥମ ପ୍ରଚାରକ ଥିଲେ । କପିଳ ମୁନିଙ୍କୁ ଭଗବାନ ବିଷ୍ଣୁଙ୍କର ଅନ୍ୟ ଏକ ଅବତାର ବୋଲି କୁହାଯାଏ । ପିତା କର୍ଦମ ତପସ୍ୟା ନିମନ୍ତେ ଯିବା ପୂର୍ବରୁ ପୁତ୍ର କପିଳକୁ ଡାକି ମାତାଙ୍କର ରକ୍ଷଣାବେକ୍ଷଣ ଭାର ତାଙ୍କ ଉପରେ ଅର୍ପଣ କରିଥିଲେ । କର୍ଦମ ମୁନି ତାଙ୍କ ପତ୍ନି ଦେବହୂତିଙ୍କୁ କହିଲେ ତୁମର ପୁତ୍ର ତୁମକୁ ଭଗବତ୍ ପ୍ରାପ୍ତିର ପଥ ଦେଖାଇଦେବ ଓ ତୁମ ମନର ସକଳ ସଂଶୟ ଦୂର କରିଦେବ ।

ଏହା କହି ମୁନି ତପସ୍ୟା ନିମନ୍ତେ ଚାଲିଗଲେ । ମାତା ଓ ପୁତ୍ର ଆଶ୍ରମରେ କାଳଯାପନ କଲେ । ମା ଦେବହୂତି ପୁତ୍ରଙ୍କୁ କହିଲେ ପୁତ୍ର ତୁମର ପିତା ତ ତପସ୍ୟା ନିମନ୍ତେ ଚାଲିଗଲେ। ବର୍ତ୍ତମାନ ମୋର କିପରି ଆତ୍ମଶୁଦ୍ଧି ହେବ ଓ ମୋହାନ୍ଧ ଦୂର ହେବ, ତାହା ତୁମେ ବୁଝାଇ ଦିଅ । ଏହାର ଉତ୍ତରରେ କପିଳ କହିଲେ, ମା, ମନୁଷ୍ୟର ଚିତ୍ତ ହିଁ ହେଉଛି ଆତ୍ମାର ବନ୍ଧନ ଓ ମୁକ୍ତିର କାରଣ । ପରମପୁରୁଷ ଭଗବାନଙ୍କ ଠାରେ ଚିତ୍ତ ଅର୍ପଣ କଲେ ମନୁଷ୍ୟ ମୁକ୍ତି ପ୍ରାପ୍ତ ହୁଏ । ଭଗବାନଙ୍କର ଲୀଳା ଅନୁଚିନ୍ତନର ନାମ ହେଉଛି ଭକ୍ତି । ଏହାର ବିପରୀତ ଆଚରଣ କଲେ ବନ୍ଧନରେ ପଡିବ ।

ISSN NO.
2582-208X

ଭକ୍ତି ଯୋଗର ବ୍ୟାଖ୍ୟା କରିବାକୁ ଯାଇ କପିଳଦେବ ମାତାଙ୍କୁ ସାଂଖ୍ୟଦର୍ଶନ ଓ ତତ୍ତ୍ୱଜ୍ଞାନ ଉପଦେଶ ଦେବାକୁ ମଧ୍ୟ ଆରମ୍ଭ କଲେ । ପ୍ରସଙ୍ଗକ୍ରମେ ସେ ମାତାଙ୍କୁ ପୁରୁଷ, ପ୍ରକୃତି ଏବଂ ଚତୁର୍ବିଂଶତି ତତ୍ତ୍ୱ କଥା ବୁଝାଇଲେ । ସେ କହିଲେ ଚତୁର୍ବିଂଶତି ତତ୍ତ୍ୱ ହେଉଛି- ପଞ୍ଚମହାଭୂତ-କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ ; ପଞ୍ଚତନ୍ମାତ୍ରା-ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ; ପଞ୍ଚଜ୍ଞାନେନ୍ଦ୍ରିୟ-ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍(ଚର୍ମ) ; ପଞ୍ଚ କର୍ମେନ୍ଦ୍ର - ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ ଏବଂ ଏହା ସଙ୍ଗେ ଯୋଗ ହେବ ମନ, ବୁଦ୍ଧି, ଅହଂକାର ଓ ଚିତ୍ତ । ସେ ମାତାଙ୍କୁ ଅଷ୍ଟାଙ୍ଗ ଯୋଗ ବିଷୟ ମଧ୍ୟ ବୁଝାଇ ଦେଲେ । ସେ କହିଲେ ଏହି ଆଠଟି ଯୋଗ ହେଲା-ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । ଏହି ଆଠଟି ସାଧନ ହେଉଛି ଅଷ୍ଟାଙ୍ଗ ଯୋଗ, ଯାହାକୁ ରାଜଯୋଗ ବୋଲି ମଧ୍ୟ କୁହଯାଏ । ସେ କହିଲେ, ଯେଉଁ ମନୁଷ୍ୟ ଧର୍ମବିବର୍ଜିତ କାର୍ଯ୍ୟ କରେ ତାର ନିଶ୍ଚିତ ରୂପେ ଅଧୋଗତି ହୁଏ । ଏବଂ ଯେଉଁମାନେ ସତ୍ କର୍ମ କରନ୍ତି, ସେମାନେ ଊର୍ଦ୍ଧ୍ୱଗତି ପ୍ରାପ୍ତ ହୁଅନ୍ତି । କପିଳ ନାନାଦି ତତ୍ତ୍ୱର ବ୍ୟାଖ୍ୟା କରି ମାତାଙ୍କୁ ସନ୍ତୁଷ୍ଟ କରିଥିଲେ । ମାତାଙ୍କୁ ଉପଦେଶ ଦେଇ କପିଳ ମୁନି ସାଂସାର ତ୍ୟାଗ ପୂର୍ବକ ସମୁଦ୍ରକୁ ଯାତ୍ରା କରିଥିଲେ ଏବଂ ଯୋଗ ସମାହିତ ହୋଇଥିଲେ । ସମୁଦ୍ର ତାଙ୍କୁ ତପସ୍ୟା ନିମନ୍ତେ ସ୍ଥାନ ଦାନ କରିଥିଲା । ସଂସାରର ମଙ୍ଗଳ କାମନା କରି ଏବେ ମଧ୍ୟ କପିଳ ମୁନି ସାଗର ସଙ୍ଗମରେ ବିରାଜମାନ କରିଛନ୍ତି ।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଡେଙ୍ଗୁ ଜ୍ୱର ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ଡେଙ୍ଗୁ ଜ୍ୱର ସାଧାରଣତଃ ଏଡିସ ମଶା କାମୁଡ଼ିବା ଦ୍ୱାରା ସବୁ ବର୍ଗର ସୁସ୍ଥବ୍ୟକ୍ତି ଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ I 1780 ମସିହା ରେ ମାଡ୍ରାସ ସହର(ଚେନ୍ନାଇ)ରେ ସର୍ବପ୍ରଥମେ ଚିହ୍ନଟ କରାଯାଇଥିଲା I ଡେଙ୍ଗୁ ଜ୍ୱର ଏପରି ଏକ ଜଟିଳ ରୋଗ ଯାହା ଠିକଣା ସମୟରେ ଉପଯୁକ୍ତ ଚିକିତ୍ସା କରାନଗେଲ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ରହିଥାଏ I ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା କରାଇ ଡେଙ୍ଗୁ ଜ୍ୱର ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ୱାରା ଉକ୍ତ ରୋଗରୁ ଉପଶମ ମିଳିଥାଏ I

ମାଇ "ଏଡିସ"ମଶା ହିଁ ଡେଙ୍ଗୁ ରୋଗର ବାହକ ଅଟେ I ଏଡିସ ମଶା ସାଧାରଣତଃ ଦିନବେଳା ଏବଂ ମନୁଷ୍ୟର ଆଣ୍ଠୁ ତଳକୁ ହିଁ କାମୁଡିଥାଏ I ଡେଙ୍ଗୁ ଜ୍ୱର ର ପ୍ରଭାବ ବର୍ଷା ଋତୁରେ ଅଧିକ ଅଟେ I ଏଡିସ ମଶା ମାଟି ସହ ସଂଲଗ୍ନ ହୋଇନଥିବା ଭଙ୍ଗା ମାଠିଆ, ରଖାଯାଇଥିବା ପୁରୁଣା ଟାଇର, ପଇଡ଼ ଖୋଳ, ପ୍ଲାଷ୍ଟିକ କପ, ଭଙ୍ଗା ରେଫ୍ରିଜେଟର, ଭଙ୍ଗା କୁଲର ଆଦି ବିଭିନ୍ନ ଅବ୍ୟବହୃତ ପାତ୍ର ରେ ସଂଚିତ ହୋଇ ରହିଥିବା ପାଣିରେ ଡେଙ୍ଗୁ ଜ୍ୱର ର ର ବାହକ ଏଡିସ ମଶା ବଂଶ ବିସ୍ତାର କରିଥାନ୍ତି I ତେଣୁ ନିଜର ବାସଗୃହ ଓ ପରିବେଶ କୁ ସଫା ରଖିବା ସହିତ ଉକ୍ତ ଅବ୍ୟବହୃତ ଜିନିଷ ଗୁଡିକରେ ଜଳ ସଞ୍ଚିତ କରିବାକୁ ଦୁରେଇ ରଖିବା ଉଚିତ I

ଜଣେ ସୁସ୍ଥ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଲେ ରୋଗୀ କୁ ଜ୍ୱର ହେବା ସହ ଶରୀରର ସମସ୍ତ ଖଞ୍ଜାରେ ପୀଡା (JOINT PAIN), ମାଂସପେଶୀ ଯନ୍ତ୍ରଣା, ମୁଣ୍ଡ ବ୍ୟଥା ସହ

ISSN NO.
2582-208X

ଶରୀରରେ ତାପମାତ୍ରା 104f ଯାଏ ବୃଦ୍ଧି ପାଇଥାଏ, ହୋଇଥାଏ । ସ୍ୱାସ୍ଥ୍ୟ କେନ୍ଦ୍ରେରେ ରୋଗୀର ରକ୍ତ ନମୁନା ପରୀକ୍ଷା କରିବା ପରେହିଁ "ଡେଙ୍ଗୁ" ଜ୍ୱର ହୋଇ ଥିବାର ଜଣା ପଡିଥାଏ, "ଏଡିସ" ମଶା କାମୁଡ଼ିବାର 4 ରୁ 10 ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ, ତେଣୁ ଲକ୍ଷଣ ପ୍ରକାଶ ପାଇବା ପରେ ପରେ ହିଁ ରକ୍ତ ନମୁନା ପରୀକ୍ଷା କରାଇ ଡାକ୍ତର ଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତାନୁସାରେ ପ୍ରତିବର୍ଷ ପ୍ରାୟ ପାଞ୍ଚ ଲକ୍ଷ  ବ୍ୟକ୍ତି "ଡେଙ୍ଗୁ" ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି ।

**"ଡେଙ୍ଗୁ" ପାଇଁ ଆୟୁବେଦ ଚିକିତ୍ସା:** - ଆମ ଭାରତୀୟ  ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ମତରେ ଡେଙ୍ଗୁ" ଜ୍ୱର ର ଉପଶମ ତଥା ପ୍ରତିରୋଧ ନିମନ୍ତେ କୃଷ୍ଣ ତୁଳସୀପତ୍ର, ଜଷ୍ଟିମଧୁ, କଞ୍ଚା ହଳଦୀ, ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ "ଡେଙ୍ଗୁ" ଜ୍ୱର ଆକ୍ରାନ୍ତ ହେବା ସମ୍ଭାବନା କମ ଥାଏ, ଏଥି ସହ ଡାଳିମ୍ବ, ପଇଡ଼ ପାଣି, କମଳା, ପଇସାଗ, "ମେଥି" ଆଦି କୁ ଖାଇବା ଉଚିତ, "ଡେଙ୍ଗୁ" ରେ ଆକ୍ରାନ୍ତ ବ୍ୟକ୍ତି ଆମିଷ, ଅଧିକ ମସଲା ଯୁକ୍ତ ଖାଦ୍ୟ, ତେଲଛଣା ଖାଦ୍ୟ ଠାରୁ ଦୁରେଇ ରହିବା ଉଚିତ, ଡେଙ୍ଗୁ ଜ୍ୱର ଏକ ଜଟିଳ ତଥା ମାରାତ୍ମକ ରୋଗ ହୋଇଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ।

ବର୍ଷା ଋତୁରେ "ଡେଙ୍ଗୁ ଜ୍ୱର" ଠାରୁ ନିଜେ ଦୁରେଇ ରହିବା ସହ ନିଜ ପରିବାର ଓ ସମାଜରେ ଉକ୍ତ ରୋଗ ଗୁଡିକ ଯେପରି ନବ୍ୟାପିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଅତି ଜରୁରୀ ଅଟେ ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର,
ମୋ -7894112487

ISSN NO.
2582-208X

# ସେଓ ଓ କମଳାରେ ଔଷଧୀୟ ଗୁଣ



ଅଭିମନ୍ୟୁ କାନୁନଗୋ

ଦିନକ ଭିତରେ ଗୋଟିଏ କମଳା ଖାଇବା ଦ୍ୱାରା ରକ୍ତ ପ୍ରବାହ ଠିକ୍ ଭାବରେ ପରିଚାଳିତ ହୋଇଥାଏ ବୋଲି ଜଣାପଡିଛି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣା ଯାଇଛି ଯେ, ପ୍ରତିଦିନ ସେଓ ଓ କମଳା ଖାଉଥିବା ଲୋକମାନଙ୍କୁ ଅନ୍ୟମାନଙ୍କ ତୁଳନାରେ କମ ରକ୍ତଚାପ ହୋଇଥାଏ । ହାଭାର୍ଡ ମେଡିକାଲ୍ ସ୍କୁଲର ଏକ ଗବେଷକ ଦଳ ସେଓ ଓ କମଳା ଏବଂ ପିଆଜରେ ରୁଟିନ୍ ନାମକ ଏକ ରାସାୟନିକ ଆବିଷ୍କାର କରିଛନ୍ତି ଯାହାକି ମନୁଷ୍ୟର ଶିରା ପ୍ରଶିରାରେ ରକ୍ତ ଜମା ହେବାକୁ ଦେଇନଥାଏ । ଗବେଷକ ମାନେ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ ଏହା ରସାୟନ ବ୍ଲାକ୍ ଟି ଓ ଗ୍ରୀନ୍ ଟି ରେ ମଧ୍ୟ ମିଳିଥାଏ । ଭବିଷ୍ୟତରେ ଏହାର ବ୍ୟବହାର କରାଯାଇ ହୃଦଘାତରୁ ସୁରକ୍ଷା ଦିଆଯାଇ ପାରିବ । ଗବେଷକ ମାନଙ୍କ ମତ୍ରେ ରୁଟିନ୍ ନାମକ ଏହି ରସାୟନିକ ଶରୀରରେ ରକ୍ତକୁ ଜମାଟ ବାନ୍ଧିବାରେ ସହାୟତା କରୁଥିବା ଏନଜାଇମ୍ ପରିମାଣକୁ ହ୍ରାସ କରିଥାଏ । ଏହି ଗବେଷଣା ପାଇଁ ୫୦୦ ଜଣ ବ୍ୟକ୍ତିଙ୍କୁ ବଛା ଯାଇଥିଲା ଓ ସେମାନଙ୍କ ମଧ୍ୟରେ ପରୀକ୍ଷା ପାଇଁ ବିଭିନ୍ନ ପ୍ରୟୋଗ କରାଯାଇଥିଲା ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି ।

ସଂଗ୍ରାହକ: ଡା. ଅଭିମନ୍ୟୁ କାନୁନଗୋ
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ପିପର ମଶରୁମ୍



ଜୟନ୍ତୀ ଦେବୀ

### ଆବଶ୍ୟକ ସାମଗ୍ରୀ:

ଧନିଆ ପତ୍ର ଦେଢ କପ୍, ବଡ ପିଆଜ - ଗୋଟିଏ
ମୁଠାଏ ରସୁଣ କଟା, ଅଲିଭ୍ ଅଏଲ୍ - ୨ ଚାମଚ
ପାଣି - ୩ କପ୍, ଉଷୁନା ଚାଉଳ -୧ ଛୋଟ କପ୍
ଛତୁ - ୨ କପ୍, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ
ଏବଂ ସ୍ୱାଦ ଅନୁସାରେ ଲୁଣ

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ପ୍ୟାନ୍ ରେ ତେଲ ନେଇ ଛତୁ ଭାଜନ୍ତୁ । ଭଲଭାବେ ଭାଜି ହୋଇଗଲେ ଏହାକୁ ଅନ୍ୟ ଏକ ପାତ୍ରରେ କାଢି ଦେବେ । ଏବେ ଅନ୍ୟ ଏକ ପ୍ୟାନ୍ ରେ ତେଲ ଦେଇ ଗରମ କରନ୍ତୁ ।ତେଲ ତାତିଗଲେ ସେଥିରେ କଟା ଧନିଆ ପତ୍ର, ପିଆଜ ଏବଂ ରସୁଣ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରିବେ । ଆଗରୁ ଭଜା ହୋଇଥିବା ଛତୁ ଏବଂ ଅବଶିଷ୍ଟ ସାମଗ୍ରୀ ସବୁ ମିଶାଇ ଦେବେ । ଚାଉଳ ସିଝିବା ପର୍ଯ୍ୟନ୍ତ ଏହାକୁ ଅଳ୍ପ ଆଞ୍ଚରେ ବସାନ୍ତୁ । ପାଖାପାଖି ୪୫ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ । ଏବେ ଆଞ୍ଚ ବନ୍ଦ କରିଦେଇ ଧନିଆ ପତ୍ର ପକାଇ ୧୦ ମିନିଟ୍ ଢାଙ୍କୁଣୀ ଘୋଡାଇ ରଖିବେ । ଏତିକିରେ ପ୍ରସ୍ତୁତ ହୋଇଗଲା ପିପର୍ ମଶରୁମ୍ । କ୍ୟାପସିକମ୍ ଅଳ୍ପ ଭାଜି ଏଥିରେ ଦେଇ ସଜାଇ ପାରିବେ । ଏବେ ଏହା ରୁଟି କିମ୍ବା ନାନ୍ ସହିତ ଗରମ ଗରମ ପରଷନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନୂଆଁଖାଇ ଜୁହାର



ଚତରଂଜନ ବେହେରା

ଅଇଲା ଦେଖ ଭୁଦ ମାସ
ଅଇଲା ନୂଆଁ ଖାଇ........
ନୂଆଁ ହେଇ ଜୀମା ଆମେ
ନୂଆଁ ଧାନର ଚୁରା କୁଣ୍ଡା ଖାଇ......

ଯିଏ ଯାହିଁ ଥିଲେ ଚାଲ ଭାଇ
ଗାଁ କେ ପଳେଇ ଜିମା......
ପରିବାର ଲୋକ ମାନକର ସଙ୍ଗେ
ମିଳିମିଶି ନୂଆଁ ଖାଇମା......

କୁରେହୀ ପତର ଖଲି ଦନା ଥି
ଚୁରା କୁଣ୍ଡା ଖିରି ପିଠା
ମିଶି କରି ଖାଇମା......
ନୂଆଁ ଡ୍ରେସ୍ ପିନ୍ଧି ଗାଁ ଖୁଲି ବୁଲି
ମୁଣ୍ଡିଆ ଯାଇ ମାର୍ ମା.......

ISSN NO.
2582-208X

ବେଲ୍ ବୁଡି ଗଲେ ଏକା ଜାଗାଥି
ମିଳିମିଶି ଠୁଲ୍ ହେମା.....
ମନ ଖୁସିରେ ଅଭିଏଁ ଆମେ
ରସରକେଲି ଡାଲଖାଇ ନାଚ୍ ମା.....

ଭାଇ ଚାରା ର ପରବ ଇଟା
ପୁରୁନା ରାଗ୍ ରୁସା ଭୁଲେଇ ଦେସି....
ଏ ପରମ ଆମକୁ ଇ ଦିନୁ
ଭାଇ ବନେଇ ଦେସୀ........

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# କାଉଡିଆ



ସନ୍ତୋଷ କୁମାର ବେହେରା

ଚାଲରେ ଯିବା ଚାଲ, ହାତେ ଧରିକି ପାନି ଢାଲ
ଚାଲରେ ଚାଲ, ବୁଲିଯିବା ଥରେ ହରିଶଙ୍କର
ପାପ ତାପ ସବୁ ହୋଇବା ଦୂର,
ପାନି ଢାଲି ଦେମା ଶିବଲିଙ୍ଗର,ଚଢାମା ଦୁଦୁରା ଫୁଲ,
ଚାଲରେ ଯିମା ଚାଲ,ହାତେ ଧରିକି ପାନି ଢାଲ (୧)
ଆରେ
କାନ୍ଧେ ଧରି ପାନି ଭାର ଯିବାରେ ହରିଶଙ୍କର
ଶିବ ଲିଂଗେ ପାନି ଧାର ଦେଲେ ପ୍ରଭୁ ଦେବେ ବର
ଯୁଡା ଶରାବନ ମାସ କାଉଡ଼ିଆ ଭାଇ ଆସ
ଭେଟିବା ଭୋଲା ମହେଶ ପୂର୍ଣ୍ଣ ହେବ ଅଭିଳାଷ
ଆରେ
ସେତ ଭୋଲା ମହେଶ୍ୱର ଭୂଜଙ୍ଗ ଗଲାର ହାର
ପିନାକ ତ୍ରିଶୂଳ କର ଦିଶନ୍ତି କେଡେ ସୁନ୍ଦର
ନଇ ପାନି ଖଳ ଖଳ, ଶିବ ମୁଣ୍ଡେ ପାନି ଢାଲ
ଭୋଲାନାଥ ହୋଇ ଭୋଳ କରିବେ ଆମ ମଙ୍ଗଳ
ଆରେ ଆଆ, କାଉଡ଼ିଆ ଭାଇ ଦଉଡି ଆ
କାଉଡ଼ିଆ ଭାର ନେଇକି ଆ, ଶିବ ନାମ ତୁଣ୍ଡେ ଗାଇକି ଆ

ISSN NO.
2582-208X

ଚଢ଼ାମା ଦୁଦୁରା ଫୁଲ,
ଚାଲରେ ଯିବା ଚାଲ,ହାତେ ଧରିକି ପାନି ଢାଲ (୨)
ଆରେ
ସର୍ବାଙ୍ଗେ ବିଭୂତି ହୋଇ ମଶାଣି ଭୁଇଁରେ ଶୋଇ
ଗଞ୍ଜାଇ ଖାଇ ରଞ୍ଜାଇ  ଭାବରେ ମଗନ ହୋଇ
ରହିଛନ୍ତି ଭୋଲାବାବା ତାଙ୍କୁ ଯାଇ ଗୁହାରିବା
ପାପ ସବୁ ଧୋଇ ଦେବା ଶିବ ନାମ ଜପୁଥିବା
ଆରେ
ଶିବ ମହା ମନ୍ତ୍ର ଜପ କଲେ ହେବ ପାପ କ୍ଷୟ
ସେତ ପ୍ରଭୁ ଇଚ୍ଛା ମୟ ତାଙ୍କ ଠାରେ କର ଲୟ
ନଈରେ ଖେଳୁଛି ମୀନ ଦେଖୁଛନ୍ତି ତ୍ରିଲୋଚନ
ନେବାରେ ତାଙ୍କ ଶରଣ ସିଏତ ମୁକ୍ତି କାରଣ
ଜପରେ ଜପ, ପଞ୍ଚାକ୍ଷର ମନ୍ତ୍ର ମନରେ ଜପ
ବୋଲ୍ ବମ୍ ବୋଲି ଡାକରେ ଡାକ,
ଆସିବେ ହରିବେ ଆମରି ଦୁଃଖ
ଚଢ଼ାମା ଦୁଦୁରା ଫୁଲ, ଚାଲରେ ଚାଲ ଯିବା ଚାଲ
ହାତେ, ଏ ହାତେ ଧରିକି ପାନି ଢାଲ, ଚାଲରେ ଯିବା ଚାଲ

କପସିଲ୍, ତୁଷୁର୍, ବଲାଙ୍ଗିର

ISSN NO.
2582-208X

# ସଁକଲା : 'କୋସଲି ଗିତ ଗଂଗା'ର ଗୁଟେ ଆଲୋଚନା



ବ୍ରଜମୋହନ ମେହେର

ଗୁଲାମୁଲା କୋସଲ ଇଲାକା (ପଶ୍ଚିମ ଓଡ଼ିଶା)ର ଭାଷା ସାହିତିଅ ସଁସ୍କୃତିର ଆଂଦୋଲନ ଯେନତା ସାରା ମୁଲୁକ୍‌ନେ ଗୁଟେ ଅଲଗା ପଏଚାନ୍ ସୃସ୍ଟି କରବା ବଲିକରି ଯେନ୍ ସପନାର ମୁଂଦଲ୍ କରିଥିଲେ କୋଶଲ ସାହିତ୍ୟରତ୍ନ ପଂଡିତ ପ୍ରୟାଗଦତ୍ତ ଜୋଷୀ; ହେ ସପନାକେ ସାକାର କରବାରକାଜେ ଆଗସାର ହେଇଥିବାର ଚେଲାମନକରନୁ କୋସାଲାଂଚଲର ଟିପି ଫାଲେ ନୁଆଁପଡ଼ାନୁ ଆମର ଭାଷା ସାହିତିଅର 'ଢୋଲ୍' ପିଟୁଥିବାର ସୁରଜିତ ସିଂହ ମହାରଥା ବଲି ଝନେ ମହାଶଏ ଲକର ନାଁ ଦଗ୍‌ଦଗା ହେଇ ଝକି ଉଠ୍‌ସି । ଏଭେ ତାହାଁକର କନ୍‌ହିଆଁ ବେଦମତୀ ସିଂହ ମହାରଥା ବି ଇ କୋସଲି ପରିଚଏର 'ବିଜୟା' ପତରିକାର ବିଜଏ-ଧଜା ଉଡ଼ାବାରଥି ଲାଗିଛନ ତାହାଁକର୍ ତୋକ୍‌ଚଘାଥି। ପଂଡିତ ଜୋଷୀ ଲକର ଭାସିର ଗବେଷଣା ବାବଦେ ଥିବାର ଲେଖାମନକେ ଅନୁବାଦ କରବାରଥି ହଉ, କି ନିଜେ ନିଜର ସାହିତିଅ ସିର୍‌ଜିନା କରବାରଥି ହଉ, ଏନତିକି ଉନଜା ଉନଜା କବି ଲେଖକମନେ ଲେଖବାର ଦିଗେ ମନକେ ବହଁଚେଇ ନେବାରଥି ହଉ, ନିଜର ଜୀବନର ବରତ ଭାବିଥିବାର ମାଟିର ମୁନୁସ୍ ହଉଛନ ସୁରଜିତ୍ ସିଂହ ମହାରଥା। ଭଗୀରଥ ହେଇକରି ଯେନତା ଆଝିର ବୁହେଇଦେଇଛନ 'କୋସଲି ଗିତ ଗଂଗା'କେ। ୮୩ ପୁସ୍‌ଟା ଭିତରେ ରହିଛେ ୪୫ଟା କବିତା ଭିନ୍ ଭିନ୍ ଢଂଗର ଆର ଭିନେ ଭିନେ ରଂଗର। ବହି ବାହାର କରିଛନ ଛତିଶଗଡ଼ ବିଲାସପୁରର ପ୍ରିନସେପ୍‌ସ୍ ପବ୍‌ଲିଶିଂ ୨୦୨୦ନେ।

ଇଥିର ଅଭିମତ ଲେଖିଛନ ନୁଆଁପଡ଼ାର ନେଶନାଲ କଲେଜର ଓଡ଼ିଆ ଅଧ୍ୟାପକ ଶିବପ୍ରସାଦ ଶା। କହୁଛନ :

ISSN NO.
2582-208X

"କୋସଲି ଗିତ ଗଂଗା ହଉଛେ କବି ସୁରଜିତ ସିଂହ ମହାରଥାକଁର ପହେଲା କବିତା ସଂକଲନ. ଆମର ମାଏଟ, ପାଏନ, ପବନ, ଜଂଗଲ, ଜାତ୍ରା ପରବ, ସପନର ସରଗ, ଭୋକର ଭୁଗୋଲ ସବୁ ଇ କବିତା ମାନକୁ ଠାନ ପାଇଛନ. 'ଝାଁପି ନିଅ ନିଜର ହକଁ' ନୁ ତାକଁର କବିତାର ଧରସା ମୁଲ ହେଇଛେ. କେତେବେଲେ ଜିବନର ହାର ଜିତ, ଚଘେନ ଉତରେନ ଭିତରେ ସରି ଜାଏସି ସମିଆ. ଅଂଧାରର ସମାନ ପନକେ ଭଲ ପଉ ଥିବାର କବି ଉକିଆର ଖୋଜନେ ଫେର ବାହାରି ପରୁଛନ. ସ୍ୱାର୍ଥ ସର୍ବସ୍ୱ ପୁରଥିନେ ଠିଆ ହେଇ କବି ଜିବନର ହିସାବ କିତାବ କରୁଛନ."

କବି ବି ତାହାଁକର କବିତା ବାବଦେ ବଲୁଛନ୍:

"ହେଂତା ଦେଖଲେ ତୋ ଇ କବିତା ଜାକ ଭିନେ ଭିନେ ସମିଆର ଲେଖା ହେଇଛେ ବଲି ତାର ଭାବ ଧାରା ଭି ଭିନ ଭିନ ହଉଛେ. ମାତର ସମିଆ ସଂଗେ ଖାପ ଖୁଏଇ କରି ଜେନ ସମିଆନେ ଇ ଗିତ ଜାକ ଲେଖା ହେଇ ହେଇ ଥିଲେ ଭି ତାର ପ୍ରାସଂଗିକତାର ଭିତରେ ଫରକ କିଛି ନାଇଁନା. ସେଟା ଲେଖା ହେଲା ବେଲେ ସମାଜକେ ଜେନ ବାର୍ତା ଦଉ ଥିଲା ଆଏଜ ଭି ସେ ବାର୍ତା ଏକା ଦଉଛେ."

ଇଟା ସତ ଯେ କବି ଆଧୁନିକ କବିତା ବଲି ବଲ୍‌ଲଟି ବୁଝି ନେଇଁହେବାର ବାରି ଭାବ୍- ଶବଦର ଜାଦୁଗରୀ ନେଇଁ ଜୁରି, ହେନତି ପୁରାନା ଅଲଂକାରର ମାୟାଜାଲକେ ନେଇଁ ଗୁଥି। ପାରେଶକତ୍ ସାଧା ସିଧା, ନିରାଡଂବର, ମୁରୁଖ୍ ନୁ ଉଁଚା ଉଁଚା ପାଠ ପଢ଼ିଥିବାର ଲୋକର- ସବକର ଲାଗି ଯେନତା ଅତି ସହଜନେ ବୁଝିହଉଥିବା, ହେତିର ଚେଷ୍ଟା କରିଛନ। ତାହାଁକର କବିତାକେ ଖାଲି କବି ମନକର ଲାଗି କି "ଯେହୁ ଜାଣେ ଅଲଂକାର ଲକ୍ଷଣ... ସେହି କରୁ ଏ ଛାଂଦ ବିବେଚନା" ଭଲିଆ ଭାବନା ନେଇଁ ରଖି , ସାଧାସିଧା ସରଲ ଭାସି ଲାଗି ପୁରାନ ପାଠ ଯେନତା ଗାଁ'ଗଏଁଲିର ସବକର ମନକେ ଛି'ପାରିଥିଲା, ହେ'ପରକାର ଦିଗକେ ଦେଖିକରି କୋସଲମାଟିର ଅସଲି ଗାଁ'ଗଏଁଲି ଛୁଆଠାନୁ ବୁଢ଼ାପତେ ସମଜିକରି ମାଟିର ଭାସି ସାହିତିଅର ଲାଗତି ଚେତି ପାରବେ, ହେ' ଦିଗକେ ଧିଆନ ଦେଇଛନ। ପହେଲା କବିତାନେ ଏକା ହେ' ଗୁନକେ ଦେଖିପାରମୁ :

"ସୁପର ଫାସ୍ଟ ଟ୍ରେନ ବାଗିର
ସମିଆ ଜାଉଛେ ଧାଇଁ,

ISSN NO.
2582-208X

ସଁସାର ଚଲାବାର ଭାରି କଠିନ
ବଢ଼ୁଛେ ମହଂଗାଇ .
ଜିବନର ସୁଖ  ଜିବନର ସାଂତି
କେଭେ ମିଲବାର ନାଇଁ,
ସଁସାର ଗାଡ଼ି ଜେତେ ଘିଚଲେ
ପଛେ ଜାଉଛେ ରହି.
× × × × ×
ଆସ ଆସ ଭାଇ ଏକ ହେମା
କେତେ କରବ କଂଦନା,
ନିଜର ବାଟ ନାଇଁ ବନାଲେ
କେହି ଭି ନାଇଁ କରନ ଘେନା.
ହିନ ହେବାର ଠାନୁ ବଡ଼ କଥା
ବଁଚି ଥଉଁ ଥଉଁ ମରନା,
ନିଜର ହଁକକେ ଝଁପି ନିଅ
ଏତକି ମୋର ବଂଦନା."

କବିତା ସବୁ ଜୀବନକେ ନେଇକରି। ଜିମନକେ ମୁଂଦ୍‌ଲେଇ କରି ତୋ ସାହିତିଅ। କବି ସମାଜର କଥା ଏକା କବିତାନେ କହେସି। କଥାକାର କଥାନି ଲେଖସି। ଆରୁ ଅନସଁକଲା ଗୀତ ତୋ ଅନରଗଲା ଖଲଖଲି ଯେଇକରି ଲମି ଯେଇଛେ ଲୋକମନକର ମୁହୁଁନ୍ ଅପରବଲ.... କାଲକାଲକେ ଲୋକଧାରାର ଉଜ୍ଜ୍ୱଲ କିରନ ହେଇକରି, ଇ ଜିମନକେ ନେଇକରି। ହେତିର ସୁତୁନ୍ ତୋ କବି ଗା'ନା' କରିଛନ ଜିମନର ସୁରେ। ନିଜର ହଁକ୍ ଲାଗତି କଥା ଫୁଟେଇଛନ। କେତେବେଲେ ହଜିଗଲା ସମିଆର ଥିତିକେ ଝୁରିହେଇଛନ ଆରୁ ତାକ୍‌ତିଆର ହେବାର ଲାଗି ତହଁକଉଛନ। କେତେବେଲେ 'କାହିଁଗଲା ପିଲାଦିନ' ବଲି ଭାଲି ହେଇଛନ । ସେ କୋସଲମାଟିର କୋସଲି _ଭେ'ଭୁଏନ୍‌ମନକେ ଭାସିର ଲାଗତି ଆଗସାର ହେବାକେ 'କୋସଲି ଏକା ସାହା' ବଲି ମତଉଛନ : 'ଜାଗ ଜାଗ ମୋର ବହେନ ଭାଇ', 'ଉଡ଼ାହା ଧରମର ଧଜା' ବଲିକରି। ମାଏଟ୍ 'ମାଁର ଡାଖ' ସୁନସନ କବି, କୁଂତଲା କୁମାରୀ ସାବତ କଁର "ତୋ ପୂର୍ବ ପୁରୁଷ ଜଏ କରିଥିଲେ.." ବାଗି ଇ ମାଁର ଡାକକେ

ISSN NO.
2582-208X

ପୁହୁଁଚାସନ କୋସଲିଏମନକର କାନ ତଲକେ "ତମର ପୁର୍ବ ପୁରସା ସତ୍ତ ଜଏ କରିକେଡ଼େ ଜସ କରିଥିଲା· ସେ ଜସକେ ପାସରି ଗଲ," ବଲି ସତେ _କେଁ କୋସଲ ଅଧିପତିମନକର ଉତକଲ ଅଧିକାର କରିଥିବାର କଥାକେ ଚେତେଇ ଦେସନ। 'ବନେ କରି ଟିକେ ଜାନ' ବଲସନ 'ବଲା ଜବରି ଝେଁପି ଆନ' ବଲବାର ମଂତର ଦେସନ। ଆଝିର ହେ ମାଏଟ୍ ମାଆଁ ଯେ ଗୁଲଗୁଲା ହେଇ କାଂଦୁଛେ, ହେ ଲୁହୁକେ ପୁଛି ଦେବାର ଲାଗି ସୁଇଲା ଚେତନାକେ ଜଗେଇ ଦେସନ। ଗାଏସନ : " ଜଏ ଜଏ କୋସଲ ମାତା"।

ମାନେ'ର ଜୀବନ ମାନବନୁ । ମାନବ ନେଇଁସେ, ମାନ୍‌ବ _ଏ। ହେତିର ଲାଗି ଚରିତ୍ର ବଡ଼। ନିଜର ଗୁନ ଚଲନ ସଫାସୁତର ରହେବାର ଅଛେ ଆଘେ। ତାରପଛେ ସମାଜକେ ସୁଧାରବ। ମହାତ୍ମା ଗାଂଧୀ ବି ଇ ଦିଗେ ପହେ ଧିଆନ ଦଉଥିଲେ। ନିଜେ ନେଇଁ ସୁଧରଲା ପତେ ସମାଜକେ ସୁଧରାବାର ନେଂଘା ନେଇଁ। ହେ କଥା କହୁଛନ କବି :

"ନିଜେ ଚୋର ଥାଇ ଚୋର ଚୋର ବଲି
ଜେତେ ରଡ଼ିକଲେ ଭାଇ,
କିଛି ଲାଭ ନାଇ ଜେଂତା କେ ସେଂତା
ଚୋର ମାନେ ଜିବେ ରହି।"
(ଉଡ଼ାହା ଧରମର ଧଜା)

ହେନତି, ଦେ' ଦେପତା ଠାନେ କୁକରା ଚେମରା, ଗରରା-ବୁକା କି ପୋଡ଼ ବଲି ଦେବାରଥି କିଛୁ ନେଇଁ, ନିଜର ପଶୁଚଲନ, ହିଁସ ଅହଁକାର, ସବୁକେ ବଲି ଦେବାରଥି ଏକା ଅସଲି ପୂଜାପାଠ କରା। ହେତିରଲାଗି କବି ଗାଂଧୀକଁର ଗୁନଗାନ କରସନ, 'ଅହିଂସା ପରମ ଧରମ' ନୀତିକେ ପରଘେଇ ନେଇସନ।

ମାଟିର ଭାଷା ସଂଗେ ମାଟିର ସଁସ୍କୃତି, ଜାତିର ଚାଲିଚଲନ। ଇଥିନେ ତୋ ଜାତିର ଅସଲ ପଏଗୁନ ବଗ୍‌ବଗା ହେଇ ଫୁଟିଯାଏସି କୁରେଫୁଲ ବାଗି। ଆରୁ ନୁଆଁଖାଇ, ପୁସ୍‌ପୁନି, ଚଏତ୍ରା ପରବ ସଂଗେ ସଂଗେ 'ପୁରାଉଆଁସ' କୋସଲି ଜାତିର ଅସଲି ତିହାର। ଗେଡ଼ିବୁଘା, ଗେଡ଼ି ଉହୁଲା ଆମର ବାପ ଦାଦି ଦିନର କେତେ ସୁଆଗର ଖେଲ, _ଏ'ଜ୍ ହଜିଯେଇଛେ ସତକଥା, ମାତର ସେ ପୁରା ଉଆଁସ୍ ନେ ପୁରାଉପାସ କରା ଖାଲି କେତେଖଁଡ଼ ଗାଁନେ ନାଁକେ ମାତର ରହିଥିଲେ ବି ଇ ଡୁକରିବୁଢ଼ିକେ ଯା'ରେ ଡୁକେର୍ ଯା,

ISSN NO.
2582-208X

ଲିଆ ଚନାଖେଇ ଯା' ରୁଗୀଯୁଗୀ ଧରିଯା ବଲି କୁକ୍ରା-ଡକାନୁ ଗାଁର ବଡ଼ଲୋକମନେ ଲିଆଚନା ଫିକିଫିକି ଡୁକେର ବୁଲାବାରଟା ଗାଁକେ ଗାଁ _ଏ'ଜ୍ପତେ ରହିଛେ, ଧାଗେ ସୁତାନେ ପରଂପରା ଅଲଜି କରି ରହେଲାବାରି। ହେ ତିହାରର ଚିତ୍ରକେ ଚିତ୍ରୁଛନ କବି ପୁରାଉଆଁସ କବିତାନେ:

"ଦଦା ମାନେ ସାଜ
ବୁଇଲ ଘୋଡ଼ା ହାତି
ବନିଜ କରି ଜିମା ଆସ
ଆମେ ସଭେ ମିସି.
ବଂଧାପନା କର
ମାଁ ଆସିର୍ବାଦ ଦେବେ.
ସଭେ ଇ ପରଂପରାକେ
ବଁଚେଇ ଥାହା ଭବେ."

ଜୀବନର ମହଂଗା ଭାବ ହଉଛେ ପେରେମ। ପେରେମ୍ ସୁଂଦର କରସି ସଁସାରକେ। ଫୁଲ ଫୁଟାସି, କହଡ଼ାସି, ମହକେଇ ନେସି। ତିରି-ପୁରୁଷ ଦୁଇ ହୁରୁଦକେ ଗୁଟେ କରିକରି ତୋ ଲମେଇ ନେସି ଜିମନ-ନଂଧିର-ପାଏନକେ। 'ଦିଗଂଗନା', 'ଅପରିଚିତା', 'କଁଟା ଆରୁ ଗୁଲାପ', 'ତମର ସୁରତା କରି', 'ରୁପ ରାଏଜର ରୁପସି ତମେ' -ଇ ସବୁ କବିତା ପେରେମର କଥା କହୁଛେ, କେତେବେଲେ ରସାଲିକେ ତୋ କେତେବେଲେ ନିଜର ଘରବାଲୀକେ ଆରୁ ତୋ କେତେବେଲେ ବନମାଲୀ(ଭଗବାନ)କେ ବାଗି ଲାଗୁଛେ। ପେରେମ ଯେ ଖାଲି ରସିଆ-ରସିଏନ କି _ମେ'ହେଜି-ମୁନୁସ ଭିତରେ ନେଇଁସେ; ମାଁ-ବୁଆର ପେରେମ କେତନିକେତେ ବଡ଼, ହେତିର ଉଦାହରନ ଇ ଜିବନକେ ଉନଜାସାରି ମୁଂଦଲାଲେ ବି କେହନିଠାନେ ନେଇଁପେଇପାରୁଁ। ହେ' କଥାକେ 'ଜିବନର ଅନୁଭବ'ନେ ଅନୁଭବ କରିପାରୁଛନ କବି, ମାଁ ର ମମତା, ବହେନର ସେନେହ, ବୁଆର ଆଦର, ବଂଧୁର ସରାଗକେ ଦେଖିକରି କୋଶଲ-କବି-କଂଜାର-ପୂଜ୍ୟ ଗଂଗାଧର ମେହେର ବାଗି ଦେଖିପାରୁଛନ, ଲେଖିପାରୁଛନ। ଜାନିପାରୁଛନ 'ପିତା ସରଗ ପିତା ଧରମ' ବଲିକରି ଆରୁ ' ସରବ ସହେନି ମାଁ' ବଲିକରି । 'ଜିବନର ଚାଲଲା ବାଟେ' କେତେଖାଲ କେତେ

ISSN NO.
2582-208X

ଢିପ, କେତେ ସୁଆଗ କେତେ ରିସ ସବୁକେ ସହିକରି ଆଗକେ ଯିବାର ଲାଗି ମନ କରୁଛନ 'ଜିବନର ଲଖ୍ୟ' ତକ୍ ପୁହୁଁଚବାକେ।

'ଆସ ଜୁଏ ଲିମ୍ହେଇ ଜିମା' ଗୁଟେ ସୁଂଦରା କବିତା । କବି ଦେଖୁଛନ ଦୁନିଆଁନେ ଜୁଏ ଲାଗୁଛେ ଡିଗଡିଗୁଛେ ଜୁଏ କୁସ୍‌ଟଁଚୁଡ଼ା ଗଛେନେ, ହିମାଲଏନେ, ହୁରୁଦ୍ ଭିତରେ, ନିଜ ନିଜର ଲାଗେଲେସର ଭିତରେ, ଘରବସିଆ ଭିତରେ। ହିଁସ୍, ରିସ୍, ଅହଁକାର, ମୁଁକାରପନ, ଧୋକା, ଠକାମୀ, ବିଶୁଆସଘାତକତା ସବୁ ହଉଛେ ଜୁଏ। ଆରୁ ଇ ଜୁଏକେ ନେଇଁ ଲାମହାଲେ ଶାଂତି ନେଇଁ। ମୁକେଶ ଖନ୍ନା କଁର ଶକ୍ତିମାନ ସିରିଏଲ୍ ନେ କିଲବିଶ୍ ପାପ ଫଏଲାଲା ଭଲିଆ, ଜୁଏ ଧରୁଛେ ଇ ଦୁନିଆଁନେ ପାପ-ଦୁର୍ନୀତିର। ଇଥିର ପରତିକାର ନିହାତି ଦରକାର।

"ଆସ ଜୁଏ ଲିମ୍‌ହେଇ ଜିମା,
ଜୁଏ ଧରିଛେ ସବୁଠାନେ,
× × × ×
ଚାଏର କୁତି ଖାଲି ଜୁଏର ତାଂଡବ
ଇ ଜୁଏ ସରବ ଗ୍ରାସି, ସରବ ବ୍ୟାପି.
ତଥାପି ଇତାକେ ଲିମ୍ହାବାକେ ହେବା.
ଆସ ବଂଧୁ!
ଆର ଡେରି ନାଇଁ କର.
× × × ×
ତାର ତପତ ନେ -
ତୁମ ପରିଛେ ଅଭିସାରିକା ଧାଂଗରି.
ଅଭିସାର ତାର ରହୁଛେ ଅଧୁରା.
ବୁଢ଼ା ବୁଢ଼ିର ଆସା ବାଡ଼ି
ଜଉଅଛେ ପୋଡ଼ି."

ISSN NO.
2582-208X

କେତେବେଲେ ପରକୃତିର କଥା କଥା ତୋ କେତେବେଲେ ଦୁନିଆଁର ହାଲଚାଲ , ସମାଜର ଲୁଟିଖିଆମନକେ ନିଂଦା ତୋ ଅସହାଏକେ ସାହାଁ ଯୁଗାବାର ପଦ, ଗରିବ ଦୁଖିକେ ସାହାଦା ହେବାର କଥା ଉପରେ ଧିଆନ ଦେଇଛନ କବି। ଲେସଡ଼ିଆ-ମନକେ କମ୍‌ହିଆ ବନବାକେ କରମର ଜଏଗାନ ଗାଇଛନ।'ନିସିଦ୍ଧ ନାୟିକା', 'ନିଶି ଗଂଧା' ଭଲିଆ କବିତା ଭିତରେ ଦେହେଜୀବୀମନକର ଅସଲଦୁଖକେ ଦେଖିକରି ସେମନକର ମହାନତା ଆରୁ ଭୁଗୀମୁନୁସର ବଡ଼ଲୁକୀ ଶୁଷନମୁଖୀ କାରବାରକେ ନିଂଦାକରିଛନ। ହେନତି ଜୀବନର କରମ, ଜୀବନର ଲକ୍ଷ୍ୟକେ ବୁଝିଛନ କବି । କବି ମାନେ ଜାତିର ବଂଦନା କରିଛନ । କବିର ଗୁନ ଗାଇଛନ। ହିଂଦୀ କବି ମାଖନ ଲାଲ କଁର 'ଫୁଲର ମନ'(ପୁଷ୍ପ କୀ ଅଭିଲାଷା) କବିତା ବାଗି 'ସଏଲତା ବାଗିର ଜଲୁଥିବି' ବଲି ଘୁନ୍‌ଘୁନାସନ।

କବି କଁର ପଦ୍ୟ ଛଂଦ ଆରୁ ଗଦ୍ୟ ଛଂଦର ଭେରା ମେସା ଇ କବିତା ସଁକଲା। ପଦ୍ୟ ଛଂଦର କବିତା ମନକର ଠାନୁ ଗଦ୍ୟ ଛଂଦର କବିତା ଆରୁ ତିଆର ହେଇପାରିଛେ। ମାତର ବନେ କେତେଟା କବିତାନେ  ସଁସ୍କୃତ ଶବଦ ବହଲ ବେଭାର କରାହେଇଛେ, ହେଟାକେ କବି ରଚେକର ନଜର ଦେଇକରି କୋସଲି ଶବଦ ଭିରେଇ ଥିଲେ ବନେହେଇଥିତା।। ପଦ୍ୟଛଂଦର କବିତା କେତେଠାନେ ଯତିପାତ ହଉ କି ଭାବ ଦୃଷ୍ଟିନୁ ଖଁଡ଼େ ରଚେ ଢିଲା ଢିଲା ଲାଗଲା ବେଲକେ, ଗଦ୍ୟଛଂଦର କବିତାମନେ ହେତିନୁ ଉବରି ଯେଇକରି  ଭାବକେ ବରକସ କରି ଫୁଟେଇ ପାରିଛେ।  ମୁନୁସ ଜୀବନର ଅସଲ ଗୀତ ଗାଇ ପାରିଛେ।

କୋସଲିବସା, ମାଲପର୍, ତୁକଲ୍
ଜି-ନୁଆଁପର୍, ପିନ୍-୭୬୬୧୦୭
ମୋ-୨୪୬୧୪୬୫୬୦୦
bmmeher.blogspot.com

ISSN NO.
2582-208X

# ମାନେର୍ ଧରମ୍



ମାନସ ରଞ୍ଜନ ସାହୁ

ଧରମର୍ ଫଲ୍ ତ ସୁଖ ପାପର୍ ଫଲ୍ ତ
ଦୁଃଖ୍ ବଲିକରି ଜାନ୍ ବୁ ।
ଯଦିସୁଖେ ଅଛୁ ବଏଲେ ତୁଇ
ଧରମ କରିଥିନି ଭାବ୍ ବୁ ।।

କରମ୍ କେତ ମୁଇଁ ଧରମ୍ ବଲି ଜାନ୍ ସିଁ
ଆର୍ କେନ୍ ନେ ଅଛେ କାଏଁଟା ।
ଦାୟୀତ୍ କେତ ପାଲନ୍ କରବାର୍ ଟା ତ ଧରମ୍
ବେଦେଅଛେ ପରମାନ୍ ଇଟା ।।

ଧରମ୍ ଧାରନ୍ ମୁନୁଷର୍ ମୂଲ୍ କରମ୍
କରିଥିଲେ ମୁକ୍ ତିଧାମ୍ ।
ଯମର୍ ଭୁବନ୍ କେ ନେଇ ଯାଏକେବେ
ଘୁଷିଥିଲେ ବରଃମ୍ ନାମ୍ ।।

ପାଏନର୍ ଧରମ୍ ତ ତଲ୍ କେ ଉହୁଲି ଜେଇସି
ଜୁଏର୍ ଧରମ୍ଉପର୍,
ଘୁଡ଼ାର୍ ଧାଏଁବାର୍ ଧରମ ସବକର୍ ଅଛେଧରମ୍ ।
ସତଗୁନ୍ କେ ଧରି ଚଲବାର୍ ଟାତ ମାନେର୍ ଧରମ୍ ।।

ଟିଟିଲାଗଡ ଜି ବଲାଙ୍ଗୀର
ମୋ 8456873053

ISSN NO.
2582-208X

# ବଦଳୁଛେ ଘଡେ କେ ଘଡେ



ଗଜାନନ ମିଶ୍ର

କୁମପଟିଆ ବାବାଜିର
ଆଖିର ଉଜାଲାଥି
ଦେଖ୍ ତ ଘାଏ ମୋର୍ ଭାଏ
ବଦଲୁଛେ କେନ୍ତା ଇ ପୁର୍ଥି।

ବଦଲିବାରଟାକେ ନେଇକରି
ନେଇଁ ନ କିଛୁ ହଁସବାର୍ତା
କି କାଁଦବାର୍ତା।
ଧୁଇଲ୍ ଚାଟି ଚାଟି
ଧପଡିଜିବାର ଅଛେ ଛୁମେକ୍ ବାଟ୍।

ଜାତେ ଜାତେ ସତ୍ ମିଛ୍
କେନ୍ଟା କାଣା ପରଖିବୁ କେନ୍ତା!
ନେଇଁ ନ କିଛୁ ହେନ୍ତା
ଆରୁ ଅଛେ ଜେନ୍ଟା ବଦଲୁଛେ
ସତ୍ ଝୁଟ୍ ନେଇଁ ନ ଫାଏଦା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ପସ୍ତେଇ ହେଲେ କାଏଁଟା ହେବା



ସୁନୀଲ କୁମାର ଅଗସ୍ତି

କାଁ ଯେ ମୁଁଇ ଅବଗି ମହରା ରସ୍ କେ
ଢୁକି ଦେଲିଁ ?
ଇହାଛିନ୍ ଇତାର୍ ନିଦାନ୍ କେ
ଖେଟମି ବଏଲେ ଡର୍ ଲାଗୁଛେ,
ମୁନୁଷ୍ ଭେଷର୍ ଭେଁଡିଆ ରାଖସ୍ ଯେତେ ତ'
ପହେଲା ମତେ ଗେରମେଟେଇ ଦେବେ ନ'
ତାର୍ ତାର୍ ଉପରେ 'ଗଣତନ୍ତ୍ର'ର୍ ଗୁନ୍
ଗାଇ ଗାଇ କରି,
ମୋର୍ କାଏଁ ଯାଉଥିଲା ଯେ
ନାଁଇଁ ନାଁଇଁ ସେ ସମିଆଁର୍ ଡାକରା
ପାଇକରି ସିନେ 'ମହିଷାସୁର' କେ
ପୁଜି ଦେଲିଁ, ହେଲେ
ଇହାଛିନ୍ ତ' ଘରେ ଘରେ
ଆର୍ କେତନି କେତେ ସେରପେଟିଲା
'ମହିଷାସୁର'ର୍ ଦାଦି ଯେତେ
ଚରି ବୁଲୁଛନ୍,ଇହାଛିନ୍ ପସ୍ତେଇ ହେଲ
ଆର୍ କାଏଁଟା ହେବା ?
ତମର୍ କପାଲ୍ ମୋର୍ ପୁତେ,,

ଟିଟିଲ୍‌ଗଡ଼, ବଲ୍‌ଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ସପେଟାର ବଡ଼ ଭାଇ



ଡ଼ଃ ରଞ୍ଜିତ କୁମାର ସାହୁ

"ତୁମେ ମୋତେ ସବୁବେଳେ ଏମିତି ସପେଟାର ବଡ ଭାଇ ବୋଲି କାହିଁକି ଚିଡ଼ାଉଛ ଅଜା? ସପେଟାର କଣ ବଡ ଭାଇ ଅଛି ନ ମୁଁ ରାମୁ ଭଳି ଗୋଲ ହେଇ ଯାଇଛି? ମୁଁ ଟିକିଏ ମୋଟା ହେଇଛି ସତ କିନ୍ତୁ ମୋ ଉଚ୍ଚତା କୁ ଠିକ ଅଛି," ବବଲୁ ପଚାରିଲା I

ବବଲୁର ଅଜା ସେମାନଙ୍କ ଘରକୁ କିଛି ଦିନ ପାଇଁ ବୁଲିବାକୁ ଆସିଥିଲେ I ଅଜା ଜଣେ ମେଳାପୀ ଲୋକ  ଏବଂ ବହୁତ ମଜା କରନ୍ତି I

"ମୁଁ କେମିତି  କହିବି? ମୁଁ କଣ ତୋ ଭଳି ଏତେ ପାଠ ପଢ଼ିଛି ନା  ତୋ ଭଳି ଏତେ ଦୁନିଆଁ  ଦେଖିଛି? ଗେଲରେ କହି ଦେଉଛି  ? ତୋର ସାନ ଭାଇ ତ ଦିନସାରା ଖାଲି ଫୋନ ଧରିକି ବସୁଛି, କୁଆଡେ ବାହାରକୁ ଯାଉନାହିଁ I ବସି ବସି ସପେଟା ଭଳି ଗୋଲ ହେଇଗଲାଣି I ଆମେ ପିଲା ଥିଲାବେଳେ ସଞ୍ଜ ନ ପାଇବା ଯାଏଁ ଗାଁଆ  ଦାଣ୍ଡରେ ହିଁ ସମୟ କଟୁଥିଲା I ଆଜି କାଲି ପିଲା ତ ଖାଲି ଶୌକରେ ଦାଣ୍ଡକୁ ବାହାରୁଛନ୍ତି ନ ହେଲେ ହୋଟେଲ କି ସିନେମା ଗଲେ ବାହାରୁଛନ୍ତି I ତୋର ଯଦି ଏତେ କୌତୁହଳ ହେଉଛି ଖୋଜିକି ଦେଖେ ସପେଟାର ବଡ଼ ଭାଇ ଅଛି ନ ନାହିଁ I  କିଏ ଜାଣେ ଏହି ପୃଥିବୀରେ କେଉଁ ଦେଶରେ ଯଦି ସପେଟା ଭଳି ଆଉ ସପେଟା ଠାରୁ ବଡ ଫଳଟିଏ  ଥିବ !" ଅଜା କହିଲେ  I

"ଠିକ ଅଛି ଯଦି ମୁଁ ଖୋଜିକି ପାଇଲି ତାହା ହେଲେ ତୁମେ ମୋ ସହ ସନ୍ଧ୍ୟାବେଳେ ଆଜି ସମୁଦ୍ର କୂଳକୁ ଯିବ I ତୁମର ବୁଲାବୁଲି ହେଇଯିବ ଆଉ ମୋର ଟିକିଏ ଦୌଡ଼ାଦୌଡ଼ି ମଧ୍ୟ। ସାଥିରେ ସପେଟାକୁ ବି ନେଇଯିବା I ତୁମେ ଆଉ ନ ଯିବା ଲାଗି ବାହାନା  କରିବନି I"

ISSN NO.
2582-208X

ଅଜା ହଁ କହିକି ମୁଣ୍ଡ ଟୁଙ୍ଗାରିଲେ ।

ବବଲୁ ତାହାର ଲ୍ୟାପଟପ ନେଇ ଚାଲିଗଲା ତାହାର ପଢା ରୁମକୁ ।

କିଛି ସମୟ ପରେ ବବଲୁ ଅଜାଙ୍କ ପାଖକୁ ଆସି କହିଲା, "ମିଳିଗଲା ସପେଟାର ବଡ ଭାଇ। "



ଅଜା ତାହା ଆଡକୁ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲେ ।

ବବଲୁ ତାଙ୍କୁ ନିଜ ଲ୍ୟାପଟପରେ ଥିବା ଗୋଟିଏ ଗଛର ଛବିକୁ ଦେଖେଇ କହିଲା, "ଏହି ଗଛଟିକୁ "ମାମେ" କିମ୍ବା "ମାମେ ସପେଟା" ମଧ୍ୟ କୁହନ୍ତି । ଏହି ଗଛର ଉତ୍ପତି ମେକ୍ସିକୋ ଏବଂ ମଧ୍ୟବର୍ତ୍ତୀ ଆମେରିକା ମହା ଦେଶରେ । ଏହା ଏକ ଚିରହରିତ ବୃକ୍ଷ ହୋଇଥିବାରୁ ଏଥିରେ ସବୁ ସମୟରେ ପତ୍ର ରହିଥାଏ । ଏହାର ପତ୍ର ଗୁଡ଼ିକ ଓଉ ଗଛର ପତ୍ର ଭଳି କିନ୍ତୁ ଟିକିଏ ଛୋଟ ଏବଂ ଡାଳର ଟିପରେ ହୋଇଥାଏ । ଏହାକୁ ପ୍ରାୟତଃ କଲମୀ କରି ରୋପଣ କରାଯାଏ ଯାହା ଦ୍ଵାରା ଫଳ ଶୀଘ୍ର ଆସେ । ଏହାର ଫଳ ଗୁଡିକ ଟିକେ ଅମୃତଭଣ୍ଡା ଆକାରର ଏବଂ ବହୁତ ପୃଷ୍ଟିକର । ଏଥିରେ ଲୌହ, ମାଙ୍ଗାନିଜ, ପୋଟାସିୟମ ବ୍ୟତୀତ ତମ୍ବା ମଧ୍ୟ ଥାଏ ଯାହା ଆମର ଶରୀର ଲାଗି ଆବଶ୍ୟକ । ଏଥିରେ ଭିଟାମିନ ସି, ବି, ଇ ବ୍ୟତୀତ ପ୍ରଚୁର ପରିମାଣରେ ତନ୍ତୁ, ପୃଷ୍ଟିସାର ଏବଂ ସ୍ନେହସାର ମଧ୍ୟ ଥାଏ । ବାହାରୁ

ISSN NO.
2582-208X

ଧୂସର ଦେଖା ଗଲେ ମଧ୍ୟ ପାଚିଲେ ଏହି ଫଳର ଭିତରଟି ନାରଙ୍ଗୀ କିମ୍ବା ନାଲି ହୋଇ ଯାଏ ଏବଂ ମାଂସାଳ ହୋଇଥାଏ । ଏହା ଚାରି ରୁ ଦଶ ଇଞ୍ଚ ଲମ୍ବ ହୋଇଥାଏ । ଏହାର ସେବନ ଯୋଗୁଁ ପାଚନ ଭଲ ହୁଏ ଏବଂ ଭିଟାମିନ ଇ ଥିବା ଯୋଗୁଁ ଚର୍ମ ସୁସ୍ଥ ରହିବାର ଅନୁମାନ କରାଯାଏ । ଏହାକୁ ପାଚିଲାରେ ଖାଇବା ସହ, ଏଥିରୁ ଆଇସକ୍ରିମ ଏବଂ ଫ୍ରୁଟ ବାର ମଧ୍ୟ ତିଆରି କରା ଯାଏ । କିଛି ଲୋକ ଏହାକୁ ଭାଜି ମଧ୍ୟ ଖାଆନ୍ତି । "



"ଏ ମଣିଷ କଣ ନ ଦେଖିଲା," ଅଜା କହିଲେ ।

"ତାହା ହେଲେ ଆଜି ସଞ୍ଜ ବେଳେ ସମୁଦ୍ର କୂଳକୁ ଯିବା ?" ବବଲୁ ପଚାରିଲା ।

"ହଉ ଯିବା ସମସ୍ତେ ବୁଲିବାକୁ । ତୋ ବାପା ଆଉ ମା ତାଙ୍କ କାମରୁ ଫେରୁ ଫେରୁ ରାତି ହେଇ ଯାଏ । ଯେତେ ଦିନ ଯାଏଁ ଅଛି ତୁମ ମାନଙ୍କୁ ବାହାରକୁ ବୁଲେଇ ନେଉଥିବି । ସପେଟାକୁ ମଧ୍ୟ ପ୍ରସ୍ତୁତ ହେବାକୁ କହିବୁ," ଅଜା କହିଲେ ଏବଂ ଖବର କାଗଜ୍ ପଢିବାକୁ ଲାଗିଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଆଦିତ୍ୟ ଏଲଓ୍ୱାନ



ଦୀନବନ୍ଧୁ ପୋଇ

ଇସ୍ରୋ ବୈଜ୍ଞାନିକ ଭାରି ସେ ସୁଦକ୍ଷ
ବିଜ୍ଞାନରେ ସିଏ ଆଗୁଆ
ଚନ୍ଦ୍ରଯାନ ପରେ ଆଦିତ୍ୟ ଏଲଓ୍ୱାନ
ନଭକୁ ଛାଡିଲେ ବଢ଼ିଆ ।
ଦିହଜାର ତେଇଶି ସେପ୍ଟେମ୍ବର ଦୁଇ
ହେଲା ଇତିହାସ ଏକଥା
ସତୀଶ ଧାଓ୍ୱନ ସ୍ପେସ କେନ୍ଦରରୁ
ଉତକ୍ଷେପଣ ହେଲା ବ୍ୟବସ୍ଥା ।
ପୃଥିବୀ କକ୍ଷରେ ବୁଲି ଏଗାରଦିନ
ପରେ ସୂର୍ଯ୍ୟଆଡ଼େ ଧାଇଁବ
ପନ୍ଦର ଲକ୍ଷ କି.ମି ଗତି କରି ସିଏ
ସନ ଆର୍ଥେ ଯାଇ ରହିବ ।
ଧାର୍ଯ୍ୟ ଲକ୍ଷସ୍ଥଳେ ପହଞ୍ଚିବ ବଳେ
ଇସ୍ରୋ ବୈଜ୍ଞାନିକ ନିଶ୍ଚିତ
ଭିନ୍ନଭିନ୍ନ ନାମେ ସାତୋଟି ଯନ୍ତ୍ରର
ତଥ୍ୟ ସଂଗ୍ରହରେ ଲାଗିବ ।
କେତେ ନୂଆ କଥା କରିବ ବ୍ୟବସ୍ଥା
ସୂରୁଯ ଯାନଟି ଆକାଶେ
ଓଜନ ସ୍ତରର ତଥ୍ୟ ପଠାଇବ
ଲାଗିବ ମୋ ଦେଶ ବିକାଶେ ।
ମୋଦେଶର ଇଶ ପ୍ରଭୁ ଜଗଦୀଶ
ଦିଅନ୍ତି ଅଜାଡି ଆଶିଷ
ଭାରତ ମାତାର ସଫଳତା ହାର
ଛୁଇଁବରେ ଦିନେ ଆକାଶ ।
ମୋ ଦେଶ ଜନତା ଶୁଣ ମୋ ବାରତା
ଗୁହାରୀ କରିବା ପ୍ରଭୁଙ୍କୁ
ଆୟୁବଳ ବୃଦ୍ଧି ହେଉ ସବୁ ବୃଦ୍ଧି
ଖୁସିରେ ରଖନ୍ତୁ ସଭିଙ୍କୁ ।

କରମୂଳ, ମହିମାଗାଦି, ଢେଙ୍କାନାଳ
ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଜଳ ହିଁ ଜୀବନ



ବିକାଶ କୁମାର ହୋତା

ଜଳ ବିନା ପ୍ରାଣ ବଞ୍ଚିପାରେ ନାହିଁ
ଜଳ ହୁଏ ଦରକାର
ଜଳର ମହତ୍ତ୍ୱ ବୁଝି ନ ପାରିଲେ
ପଡ଼ିଯିବ ହାହା କାର ।।(୧)d
ଜଳ ତିନିଭାଗ ସ୍ଥଳ ଏକ ଭାଗ
ଧରା ମଧ୍ୟେ ଭରପୁର
ତଥାପି ବି ହୁଏ ଜଳର ଅଭାବ
ଗ୍ରୀଷ୍ମେ ସର୍ବେ ଥର ହର ।।(୨)
ଅମୃତ ସମାନ ଅଟେ ପରା ଜଳ
ଜଳ ଅମୂଲ୍ୟ ରତନ
ଜଳ ବି ଆମର ଦରଦୀ ବନ୍ଧୁ ହେ
ସଦା କର ତା ଯତନ ।।(୩)
ଜଳର ବହୁଳେ ଜଳର ବିହୁନେ
ହୁଏ ପରା ସୃଷ୍ଟି ନାଶ
ଜଳର ସୁରକ୍ଷା ନ କରିଲେ ଭାଇ
ହେବ ଜୀବସତ୍ତା ଶେଷ ।।(୪)
ଟିକି ଜଳ ବିନ୍ଦୁ ମିଶି ହୁଏ ସିନ୍ଧୁ
ଜଳ କରେ ଉପକାର
ଜଳର ମହତ୍ତ୍ୱ ବୁଝିଯାଇ ସର୍ବେ
ଜଳ ସଂରକ୍ଷଣ କର ।।(୫)

ISSN NO.
2582-208X

ଜଳ ପାଇଁ ଯଦି ବନ ରକ୍ଷା ହେବ
ସମୟେ ବରଷା ହେବ
ଋତୁ ବ୍ୟତିକ୍ରମ ହେବ ନାହିଁ ଜମା
ନ ହେବ ଜଳ ଅଭାବ ।।(୬)
ସତୁରୀ ଭାଗର ଜଳ ଦ୍ୱାରା ପରା
ମାନବ ଶରୀର ଗଢ଼ା
ଖାଦ୍ୟ ସହ ପୁଣି ସମ ପରିମାଣେ
ଜଳର ହୁଅଇ ଲୋଡ଼ା ।।(୭)
ଜଳ କରିଥାଏ ପ୍ରକ୍ରିୟା ପୂରଣ
କରେ ପାଚନ ,ରେଚନ
ଜଳ ଯୋଗୁଁ ପୁଣି ଶରୀରରୁ ହୁଏ
ବର୍ଜ୍ୟବସ୍ତୁ ର କ୍ଷରଣ ।।(୮)
ବିଶ୍ୱ ତାପାୟନ କରେ ନିୟନ୍ତ୍ରଣ
ସଦା କରିଥାଏ ଜଳ
ଜଳର ସୁରକ୍ଷା କରି ନ ପାରିଲେ
ପାଇଯିବ ତା'ର ଫଳ ।।(୯)
ଲୋକ ଦେଖାଣିଆ ଶପଥ ହୁଅଇ
ରୋକିବାକୁ ଜଳ କ୍ଷୟ
ସ୍ୱାର୍ଥପର ହୋଇ ସ୍ୱାର୍ଥ ସବୁ ଭୁଲି
ଜଳକୁ ମଣନ୍ତି ହେୟ ।।(୧୦)
ଜଳ ହିଁ ଜୀବନ ଜଳ ବିନା ପ୍ରାଣ
ଦଣ୍ଡେ ନ ପାରଇ ଜୀଇଁ
ଜଳର ସୁରକ୍ଷା କଲେ ଜୀବ ରକ୍ଷା
ଏହି ମନ୍ତ୍ର ଘୋଷ ଭାଇ ।।(୧୧)

ଦକ୍ଷିଣକାଳୀ ରୋଡ଼, ବିଦ୍ୟାନଗର, ଢେଙ୍କାନାଳ
୮୭୫୮୨୯୨୦୫୧,୭୦୦୮୯୨୮୭୯୮

ISSN NO.
2582-208X

# ସଂଖ୍ୟା କ୍ରମରେ ଶିଖିବା



ଅମରନାଥ ବାରିକ

ଏକ- ରଖିବା ଦେଶର ଟେକ
ଏକରେ ଏକ ଏଗାର
ମହାନ ଗାଥା ଯାହାର
ଏକଦଶ ଏକ ଏଗାର
ତିନି ରଙ୍ଗ ତ୍ରିରଙ୍ଗାର ।

ଦୁଇ- ଆମର ସୈନିକ ଭାଇ
ଦୁଇ ଦୁଇ ମିଶି ଚାରି
ଅଛନ୍ତି ଦେଶକୁ ଘେରି
ଦୁଇଦଶ ଦୁଇ ବାଇଶି
ହେବାରେ ଆମେ ସାହସୀ ।

ତିନି- ତାଥିନି ତାଥିନି ତିନି
ତିନି ତିନି ମିଶି ଛଅ
ଯତନେ ବହି ନିଅ
ତିନିଦଶ ତିନି ତେତିଶ
ସକାଳୁ ଯୋଗରେ ବସ ।

ISSN NO.
2582-208X

ଚାରି- ହେବା ପରିଶ୍ରମୀ ଭାରି
ଚାରି ଚାରି ମିଶି ଆଠ
ବଉଳା ଗାଈର ଗୋଠ
ଚାରିଦଶ ଚାରି ଚୌରାଳିଶି
ନଖାଇବ କେବେ ଭୂମିରେ ବସି ।

ପାଞ୍ଚ - ନେବା ନାହିଁ କେବେ ଲାଞ୍ଚ
ପାଞ୍ଚ ପାଞ୍ଚ ମିଶି ଦଶ
ଗଣିତ ସୂତ୍ରକୁ ଘୋଷ
ପାଞ୍ଚଦଶ ପାଞ୍ଚ ପଞ୍ଚାବନ
ରଖିବା ପାଠରେ ମନ ଧ୍ୟାନ ।

ଛଅ- ଦରିଦ୍ରଙ୍କୁ ଦାନ ଦିଅ
ଛଅ ଛଅ ମିଶି ବାର
ଭଲ କାମ ନିଷ୍ଠେ କର
ଛଅଦଶ ଛଅ ଛଅଷଠି
ବଳ ହୁଏ ମିଶି ବିଡ଼ାଏ କାଠି ।

ସାତ- ମହାନ ଦେଶ ଭାରତ
ସାତସାତ ମିଶି ଚଉଦ
ଆକାଶେ ଭାସୁଛି ବଉଦ
ସାତଦଶ ସାତ ସତସ୍ତରୀ
ଖେଳିବା ଚକାଚକା ଭଉଁରୀ ।

ଆଠ- ସଅଳ ନିଦରୁ ଉଠ
ଆଠ ଆଠ ମିଶି ଷୋହଳ
ଆମ୍ବ ଗଛରେ ବାସେ ବଉଳ

ISSN NO.
2582-208X

ଆଠଦଶ ଆଠ ଆଠାଅଶି
ସନ୍ଧ୍ୟାରେ ପ୍ରାର୍ଥନା କର ବସି ।

ନଅ- ହାତରେ କଲମ ଧଅ
ନଅ ନଅ ମିଶି ଅଠର
ଆସବାବ ପତ୍ର କାଠର
ନଅଦଶ ନଅ ଅନେଶ୍ୱତ
ଅଭ୍ୟାସ କରି କହିବା ସତ ।

ଦଶ- ଆସନ ପାରି ବସ
ଦଶ ଦଶ ମିଶି କୋଡ଼ିଏ
ହାତ ଗୋଡ଼ ଆମ ଯୋଡିଏ
ଦଶ ଦଶ ସଂଖ୍ୟା ସମ୍ପୂର୍ଣ୍ଣ ଶହେ
ଗଂଗା ଯମୁନା ଯେ ଦେଶେ ବହେ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମୋ ମାମୁଁ ଘର



ହରେରାମ ପଣ୍ଡା

ମାମୁଁ ଘର କଥା ମନରେ ପଡ଼ିଲେ
କେମିତିକା ହୁଏ ମନଟା ମୋର,
ମିଳନ୍ତାକି ଛୁଟି ମାମା ସାଥେ ଯାଇଁ
ବୁଲି ମୁଁ ଆସନ୍ତି ମୋ ମାମୁଁ ଘର ।
କେତେ ଭଲ ଆମ ମାମୁଁ ମାଇଁ ଦୁହେଁ
ମନଛୁଆଁ ତାଙ୍କ ସ୍ନେହ ଆଦର,
କେଡେ ସୁଆଦିଆ ମାଇଁ ହାତରନ୍ଧା
କେବେ ବି ଭୁଲେନି ମନରୁ ମୋର ।
ଦେଖିଦେଲେ ଅଜା ଆଇଙ୍କ ମୁହଁକୁ
ଲାଗେ କୋଟିନିଧି ପାଇଲା ପରି,
ଚୁମା ପରେ ଚୁମା ଦେଇଚାଲେ ଆଇ
ଶରଧାରେ ମୋତେ କୋଳରେ ଧରି ।
ଅଜାଆଇଙ୍କର ପୁଅ ଝିଅ ତିନି
ଆମ୍ଭେ ଛଅଜଣ ନାତି ନାତୁଣୀ,
ସମସ୍ତେ ରାଗନ୍ତି ମୋତେ ଯେବେ ଆଇ
ଶରଧାରେ ଡାକେ 'ଗେଡିବାୟାଣୀ' ।
ବରଷକେ କେବେ ସ୍କୁଲ ଛୁଟି ହେଲେ
ମାମୁଁ ଘରେ ଭେଟ ହୁଏ ଆମର,

ISSN NO.
2582-208X

କେତେ ଖେଳକୁଦ କେତେ ରାଗରୁଷା
କି ଆନନ୍ଦ ଆଉ କି କୋଳାହଳ ।
ଅଜା ଓ ଆଈଙ୍କୁ ଡର ସହେନାହିଁ
ନାତିନାତୁଣୀଙ୍କ ଆନନ୍ଦ ପାଇଁ,
କେତେ କିସମର ଦରବ ଆଣିକି
ମନକୁ ଜାଣି ଥାଆନ୍ତି ଯୋଗାଇ ।
ମାଈଁଙ୍କ ରାନ୍ଧଣା କେଡେ ସୁଆଦିଆ
ଆଈ ଗଢିବସେ ମଣ୍ଡା ଏଣ୍ଡୁରି,
କେତେ କେତେ ଚିଜ ମାମୁଁ ଆଣିଥାନ୍ତି
କେମିତି ଭରିବେ ମନ ଆମରି ।
ମାମୁଁ ଘର ମଜା ସବୁଠୁଁ ନିଆରା
କେବେ ଭୁଲିହୁଏ ନାହିଁ ମନରୁ,
ଅଜା, ଆଈ, ମାମୁଁ, ମାଈଁଙ୍କ ସେନେହ
ଭାରି ମନେପଡେ ଥାଇ ଦୂରରୁ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ – ୯୪୩୮୦୭୫୧୯୫

ISSN NO.
2582-208X

# ଜନ୍ମଦିନ

ଶିବମ୍ ପଟ୍ଟନାୟକ

ଆଜି ଶୁଭମ୍ ର ଜନ୍ମଦିନ । କିନ୍ତୁ ଏ ବର୍ଷ କାହିଁ କେଜାଣି ତା ମନରେ ଜନ୍ମ ଦିନକୁ ନେଇ ଥିବା ଖୁସି ଆଉ ଉତ୍ସାହ ଆଉ ନାହିଁ । ତାକୁ ଗତ ବର୍ଷ ଗୁଡ଼ିକ ଭଳି ଚପଳତା ଆଉ ଅନୁଭବ ହେଉନି ଏ ବର୍ଷ ଆସିଥିବା ଜନ୍ମଦିନ ରେ ।

ପ୍ରତି ବର୍ଷ ତାର ଜନ୍ମଦିନ କୁ ପାଳନ କରାଯାଏ କୌଣସି ଏକ ବଡ଼ ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟ ରେ । ସାଙ୍ଗ ସାଥୀ, ବନ୍ଧୁ ବାନ୍ଧବ ମାନଙ୍କ ଗହଣରେ । ସମସ୍ତେ ଶୁଭମ୍ ପାଇଁ ନାନା ପ୍ରକାର ର ଉପହାର ଆଣନ୍ତି । କେକ୍ କଟାଯାଏ । ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ର ବ୍ୟବସ୍ଥା କରାଯାଏ ।

ଶୁଭମ୍ କୁ କିନ୍ତୁ ଭଲ ଲାଗେ ଗାଁ ରୁ ଜେଜେ, ଜେଜେ ମା ' ତା ପାଇଁ ଆଣିଥିବା ଛେନା ପୁର ଦିଆ ପିଠା, ଚକୁଳି, ଆରିସା ପିଠା, କାକରା ଛେନା ପୋଡ଼ ଆଉ ରସଗୋଲା । ଜେଜେ ମା ପ୍ରତି ବର୍ଷ ଭାରି ଶ୍ରଦ୍ଧାରେ ତିଆରି କରି ଆଣନ୍ତି । ଜେଜେ ପ୍ରତିବର୍ଷ ଶୁଭମ୍ ର ଜନ୍ମଦିନରେ ଗୋଟିଏ ଗଛ ଲଗାନ୍ତି । ଖରାଦିନ ଛୁଟି ରେ ଗାଁ କୁ ଯାଇଥିବା ବେଳେ ଶୁଭମ୍ ଦେଖିଥିଲା ଜେଜେ ତା ର ପ୍ରଥମ ଜନ୍ମଦିନ ରେ ଲଗାଇଥିବା ଆମ୍ବ ଗଛ ଟି ଏବେ ବେଶ୍ ବଡ଼ ହୋଇଗଲାଣି । ତାର ଆମ୍ବ ଭାରି ସୁଆଦିଆ ହୋଇଥିଲା। ଜନ୍ମଦିନ ରେ ସନ୍ଧ୍ୟା ରେ ଖାଇବା ପିଇବା ସାରି ଶୁଭମ୍ ଓ ତା ସାଙ୍ଗମାନେ ଆସି ବସନ୍ତି ଜେଜେ ଙ୍କ ପାଖରେ। କାହାଣୀ ଶୁଣିବା ପାଇଁ । ଭାରି ଆନନ୍ଦ ଉଲ୍ଲାସ ଭିତରେ କଟିଯାଏ ଦିନଟି ।

ଜେଜେ କେକ୍ ଖାଇବାକୁ ଆଉ କୋଲ୍ଡ ଡ୍ରୀଙ୍କସ୍ ପିଇବାକୁ ଜମା ଭଲ ପାଆନ୍ତି ନାହିଁ। କୁହନ୍ତି, ଇଂରେଜ ମାନଙ୍କୁ ଆମ ଭଳି ପିଠା କରି ଆସେନି । ସେଥିପାଇଁ ସେମାନେ ସବୁ ପର୍ବ ପର୍ବାଣୀ ରେ କେକ୍ ତିଆରି କରି ଖାଆନ୍ତି । କେକ୍ ମଇଦା ରେ ତିଆରି । ତା ଉପରେ ଲାଗୁଥିବା କ୍ରିମ ର କୋଟିଂ ଦେହ ପାଇଁ ଜମାରୁ ଭଲ ନୁହେଁ । ହାତରୁ ବି ସେଗୁଡା ସହଜରେ ଛାଡେ ନାହିଁ । ସେଥିପାଇଁ ସେ କେକ୍ କଟା ପର୍ବରୁ ଦୂରେଇ ରୁହନ୍ତି ।

ISSN NO.
2582-208X

ଜେଜେ କୁହନ୍ତି ଜନ୍ମ ଦିନ ରେ ଆମକୁ କିଛି ମହତ କାର୍ଯ୍ୟ କରିବା ଉଚିତ୍ । ଗଛ ଲଗାଇବା, ଠାକୁରଙ୍କ ପାଖରେ ଆମେ ସମସ୍ତଙ୍କ ମଙ୍ଗଳ କାମନା କରିବା ସହିତ ପଶୁପକ୍ଷୀ ମାନଙ୍କୁ ଖାଇବାକୁ ଦେବା ଉଚିତ୍ । ଜେଜେ କହନ୍ତି ପ୍ରତି ବର୍ଷ ଜନ୍ମଦିନ ରେ ଅମେ ଯଦି ଗୋଟିଏ ଗଛ ଲଗାଇବା ତେବେ ସେଇଟି ସବୁଦିନ ପାଇଁ ଆମର ସ୍ମୃତିକୁ ବହନ କରି ରଖିବ । ଗଛ ଅନେକ ପ୍ରକାରର ପକ୍ଷୀ ମାନଙ୍କ ଘର ସାଜିଥାଏ । ସେମାନଙ୍କୁ ଆଶ୍ରୟ ଦିଏ ।  ଗଛ ଥିଲେ ଗ୍ରୀଷ୍ମ ପ୍ରବାହ ରୁ ରକ୍ଷା ମିଳେ । ପ୍ରଚୁର ମାତ୍ରାରେ ଅମ୍ଳଜାନ ମିଳେ ।  ବାୟୁ ପ୍ରଦୂଷଣ ଦୂର ହୁଏ ବିଭିନ୍ନ ପ୍ରକାର ଗଛର ର ଅନେକ ପ୍ରକାରର ଔଷଧୀୟ ଗୁଣ ମଧ୍ୟ ଅଛି । ତା ଛଡା ଘରର ଆସବାପତ୍ର ତିଆରିରେ ବି ଗଛର କାଠ କାମ ରେ ଲାଗେ ।

ଏ ସବୁ କଥା ଆଜି ଶୁଭମ୍ ର ଭାରି ମନେ ପଡୁଚି । କାରଣ ସେ ଦେଖିଛି; ଏଇ ଚାରି ମାସ ତଳେ ତାଙ୍କ ଘର ସାମ୍ନାରେ ଥିବା ବଡ଼ ଆମ୍ବ ଗଛଟି କଲୋନୀ ର ରାସ୍ତା କୁ ଆହୁରି ପ୍ରଶସ୍ତ କରିବା ପାଇଁ କାଟି ଦିଆ ଯାଇଛି । ଲକଡାଉନ୍ ସମୟରେ ସେ ଗଛ ରେ ଘର ଚଟିଆ, ବଣି, ହଳଦୀ ବସନ୍ତ, କୋଇଲି ସବୁ ବସନ୍ତି । ସେମାନଙ୍କ ସ୍ୱର ଶୁଭମ୍ କୁ ଭାରି ଆନନ୍ଦ ଦିଏ । ହଠାତ୍ ମା' ଙ୍କ ପାଖକୁ ଯାଇ ସେ ଅଳି କରି କହିଲା, ମା' ମୋତେ ଜମା ଭଲ ଲାଗୁ ନାହିଁ । ଜେଜେ ଙ୍କ କଥା ଭାରି ମନେ ପଡୁଚି । ତମେ ଆଜି ଆଉ କିଛି କରନି । କାହାକୁ ଡାକିବା ଦରକାର୍ ନାହିଁ । ଚାଲ ଆମେ ଜେଜେ ଙ୍କ ପାଖକୁ ଯିବା । ଶେଷରେ ସେଇୟା କରାଗଲା ।

ଦି' ପହର ବେଳକୁ ସେମାନ ଯାଇ ଗାଁ ରେ ପହଞ୍ଚିଲେ । ସେଠି ଜେଜେ ସେମାନଙ୍କୁ ଦେଖି ଭାରି ଖୁସି ହେଲେ । ଶୁଭମ୍ ର ଜେଜେ ମା ତା ପାଇଁ ନାନା ରକମର ପିଠା ତିଆରି କଲେ । ସେସବୁକୁ ଖାଇ ଶୁଭମ୍ ଭାରି ଖୁସି ହେଲା । ଜେଜେଙ୍କ ସହ ମିଶି ବାଡି ରେ ଲିମ୍ବ ଗଛର ଚାରା ଲଗାଇଲା । ସନ୍ଧ୍ୟାରେ ସତ୍ୟନାରାୟଣ ପୂଜା ହେଲା । ଜେଜେ ଖୁସିରେ ଶୁଭମ୍ କୁ କୋଳକୁ ଆଉଜେଇ ନେଇ କହିଲେ, ନାତି ହେବ ତ ଏମିତି ।

ବିରିଡ଼ି, ଜଗତସିଂହପୁର
ଫୋନ୍-9078205777

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ –
## ସେପ୍ଟମ୍ବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ, ଗୋଲାପ ଫୁଲର ପ୍ରତିଛବି ନେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଆମ ଭାରତ ରଚିଥିବା ଇତିହାସ, ଚନ୍ଦ୍ରୟାନ- ୩ ର ପ୍ରଶଂସନୀୟ ସଫଳତାକୁ ଉଲ୍ଲେଖ କରିବା ସହିତ, ଭାରତବର୍ଷ ବିଜ୍ଞାନ କ୍ଷେତ୍ରରେ ଏହିପରି ଉନ୍ନତି ପଥରେ ଆଗେଇଯାଉ ବୋଲି କାମନା କରିଛନ୍ତି।

ଭିତର ପୃଷ୍ଠାରେ ଗଳ୍ପ, କବିତାର ଲମ୍ବା ତାଲିକା ସହ ରହିଛି "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ"।

ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ. ଅସୀମ, ଅରଣ୍ୟରେ ଏକ ଆଦିମ ମାନବ ଗଢିବାର ଇଚ୍ଛା ପ୍ରକାଶ କରିଛନ୍ତି। କିପରି ଏହାକୁ ସଠିକ୍ ଓ ସୁନ୍ଦର ଭାବେ ଗଢି ପାରିବେ, ସେଥିଲାଗି ବଣମଣିଷ ମାନଙ୍କ ସମ୍ବନ୍ଧରେ ବିଭିନ୍ନ ସୂତ୍ରରୁ ଜ୍ଞାନ ଆହରଣ କରି ଚାଲିଛନ୍ତି। ଗାଳ୍ପିକାଙ୍କର "ଶିଷ୍ଟାଚାର" ଲେଖାଟି ଖୁବ୍ ଯଥାର୍ଥ ଓ ଶିକ୍ଷଣୀୟ। "ଉଠ୍ ପୁଟୁର୍" ରେ ଶିଶୁ ସୁଲଭ ବାଚାଳତାକୁ ଛାଡି କୈଶୋରର ଗାମ୍ଭୀର୍ଯ୍ୟ ଓ

ISSN NO.
2582-208X

ଦାୟିତ୍ୱବୋଧକୁ ଆପଣେଇ ନେଇଚି ଅଭି, ଆଉ ଟାଟା ସହରକୁ ନବମଶ୍ରେଣୀ ଛାତ୍ରବୃତ୍ତି ପାଇଁ ଯାତ୍ରା କରୁଚି।

ବିଶିଷ୍ଟ ବ୍ୟକ୍ତି ଓ ସେମାନଙ୍କ କୃତି ଆଧାରିତ ଅନେକ ଗୁଡିଏ କାହାଣୀ ରହିଛି। ଯେପରିକି, "କନିଷ୍କ ଙ୍କ ପିପି: ଏକ ସ୍ମୃତିଲିପି", "ସଂକ୍ଷେପରେ ପଣ୍ଡିତ ଗୋଦାବରୀଶ", "କଥାକାର ହେଉଛନ୍ତି ବିପିନ ବିହାରୀ ମିଶ୍ର" ଏବଂ "ସ୍ୱାଧୀନତା ପରବର୍ତ୍ତୀ କାବ୍ୟିକ ଜିଜ୍ଞାସା ଓ କବି ସଚ୍ଚି ରାଉତରାୟ", "ବସ୍ତୁନିଷ୍ଠ ଉପନ୍ୟାସକାର ମୁନସି ପ୍ରେମଚାନ୍ଦ"।

ସ୍ୱାସ୍ଥ୍ୟ ଉପଯୋଗୀ "ସୁଷମ ଖାଦ୍ୟ ମାଣ୍ଡିଆ" ସହିତ ରହିଛି "ଲଳିତ ନିବନ୍ଧ- ବିଶ୍ୱାସରେ ବିଷ"।

ଦେବା ଦେବୀଙ୍କ ସମ୍ବନ୍ଧରେ ରହିଛି, "ଦ୍ୱାଦଶ ଜ୍ୟୋତି ଲିଙ୍ଗ", "ବୈକୁଣ୍ଠ ଧାମ", "ମହାପ୍ରସାଦର ମାହାତ୍ମ୍ୟ" "ରାମ ବନବାସ" ପାଇଁ ଦାୟୀ କିଏ, "ଶ୍ରୀମନ୍ଦିରରେ ଗୁରୁବାରରେ ଏକାନ୍ତ ନୀତି", "ସୀମ୍ୟନ୍ତକ ମଣି" ଓ "ଶିଶୁପାଳ" ସହିତ ରହିଛି ଧାରାବାହିକ "ଭାଗବତ କଥା- ୨"।ସୁନ୍ଦର ଆଲୋଚନାତ୍ମକ ବିଷୟବସ୍ତୁ- "ଜୀବନ ସନ୍ଧ୍ୟାର ଉପକୂଳେ ମଣିଷର ସ୍ଥିତି"।

କବିତାର ପ୍ରାରମ୍ଭରେ "ଶ୍ରାବଣର ଧାରା" - ଶିରାବଣ ଅଛି ହେଲେ ବଦଳି ଯାଇଛି ସବୁ କିଛି, "ଭୋଦୁଅ" ତ ଡାକୁଥିଲା ଧରାପରେ ଆସି, ବେଣୀ ଝାଡି କାଶତଣ୍ଡୀ ଦେଉଥାଇ ହସି। "ସମ୍ମୁଖ ଦର୍ପଣ ମୋର"- ଲୁଚାଇ ମୋ ଅସଲ ଚେହେରା, ରଙ୍ଗ ବୋଲି ସୁଗନ୍ଧ ଢାଳି କରଇ ଖାଲି ଯାହା ପ୍ରତାରଣା। "କୃଷ୍ଣଚୂଡା"ର ସେ ରଙ୍ଗ ମନୋହର, ବାସ ଟିକେ ନାହିଁ ବୋଲି ପାଏନି ସେ କାହାର ଆଦର। ନାଁ କୁ ଖାଲି "ସହୋଦର", ଏକଇ ଉଦରୁ ଜାତ ହେଲେ ମଧ୍ୟ ସଦାଚାର ନାହିଁ ଭାତୃତ୍ୱର।

"ନାରୀ ଏକ ଯୁଗାନ୍ତ ଆହ୍ୱାନ! "କନ୍ୟା ରତନ" ମୁଁ କରନାହିଁ ହତାଦର, କାଳେ କାଳେ "ମାଆ" ନାଆଁଟି ଅଟଇ ଶୁଦ୍ଧ ପବିତର।

"ମନ" ରୁ ସୃଷ୍ଟି ଏ ସାରା ଜଗତ, "ପ୍ରେମ ଦରବ"ଟେ ଏମିତିକା ବନ୍ଧୁ, ଦିଏ ଦୁଃଖ ପୁଣି ସୁଖ। "ଜୀବନ ଯମୁନା" ଧାର ନାହିଁ ତାର ଅବସର, ବୋହିଯାଏ ନିରନ୍ତର ଧୀର ପୁଣି କେବେ ସେ ପ୍ରଖର। "ଚିନ୍ତା" ଭରା ଏ ଦୁନିଆରେ, "ଆଶା ଭରଷାର ଜୀବନ",

ISSN NO.
2582-208X

"ଗୋଟିଏ ହୃଦୟ...କୋଟିଏ ଦହନ"। ପଥସମର ବାଟୋଇଟେ ମୁଇଁ, ତୁମ ଅପେକ୍ଷାରେ "ବାଟ"କୁ ଚାହିଁ, ହୃଦୟରେ ମୋର ଆସୁ ଯେତେ ଝଡ, "ନୀରବରେ ଯିବି ସହି"। "ଜୀବନର ପଥେ ପଥେ"- ସୁଖ ଶହେ ହେଲେ ଦୁଃଖ ହଜାରେ।

"ଲେଖୁଛି ଅଳପ ଭାବୁଛି ବେଶି", "କସ୍ତୁରୀ" ମୃଗ ତୁଲ୍ୟ ନିଜ ନାଭି କମଳକୁ ଭୁଲି ଅନନ୍ତ ବ୍ରହ୍ମାଣ୍ଡେ "ନିଜକୁ ଖୋଜୁଛି"। "ମଝିଆ" ଯେତେ ଭାଇ ଭଉଣୀ ନ ମଣ କେବେ ହୀନ, ମଝି ଶବ୍ଦଟି ନ୍ୟୁନ ନୁହଁଇ ସ୍ୱତନ୍ତ୍ର ତାର ସ୍ଥାନ।

ବାହାନଗାର ସେଇ "ଅନ୍ଧାର ରାତିର ଗର୍ଜନ"କୁ ଭୁଲିପାରିବେନି କେହି, "ମଣିପୁର ବର୍ବରତା"- ଦୁଃଶାସନ ମାନଙ୍କର ଚରମ ତାଣ୍ଡବରେ ଆଶ୍ଚର୍ଯ୍ୟ ଚକିତ ମହୀ।

"ଏ ମାଟିର ଗୀତ"- ସୁନାରଙ୍ଗୀ ତାର କ୍ଷେତ, ଜାଗରେ ଜାଗ "ଓଡିଆ ପୁଅ"। "ଗାରିମାମୟ ମୋ ଜନ୍ମଭୂମି", ହୁଅ ସଭିଏଁ "ପୁସ୍ତକ ପ୍ରେମୀ"। ବାଣୀକୁ ସଂଯତ କରିଥାଅ ବନ୍ଧୁ, "ଜିହ୍ୱା" ଭାରି ଅମାନିଆ, ସେଥିଲାଗି ପରା ବତିଶଟି ଦାନ୍ତ ଜଗୁଆଳି ପରି ଠିଆ। "ସରକାରୀ ଚାକିରି" କରିଛି ମୁଁ ଭାଇ ରହି ନାହିଁ କିନ୍ତୁ ସୁଖରେ, ଦରମା ଅଣ୍ଟେନି ମାସ ଶେଷ ଯାକେ, ପୁଣି ଚାଲେ ମୁଁ ବଡ ବାବୁଙ୍କ ଆଜ୍ଞାରେ। ଏମିତି ଏମିତି ରହିଛି ଅନେକ ଗୁଡିଏ ସୁନ୍ଦର କବିତା।

ଆମ ହାଣ୍ଡିଶାଳ ରେ ଏଥରକ ମୁଁ "ଚିତଉ ପିଠା" ବନେଇଛି। ଖାଇକି ସ୍ୱାଦିଷ୍ଟ ହେଇଛି କି ନାହିଁ କହିବେ। ଏଥି ସହିତ ହାଣ୍ଡିଶାଳ ରେ ରାଜୁତି କରୁଥିବା "ମସଲାର ରାଜା ଗୋଲମରିଚ" ଏବଂ "ମସଲାର ରାଣୀ ଗୁଜୁରାତି" ବିଷୟରେ ଆଲୋଚନା ଓ କାହାଣୀ। ସେମାନଙ୍କ କାହାଣୀ ଶୁଣୁ ଶୁଣୁ ଆପଣମାନେ ସମସ୍ତେ "ଚଟପଟା କର୍ନ ମସଲା" ରୁ ଟିକେ ଟିକେ ପାଟିରେ ପକଉଥିବେ।

ଶିଶୁବିଭାଗରେ ରହିଛି- "ପାଚିଲା ଛଛିନ୍ଦ୍ରାର କରାମତି" ଭଳି ଶିକ୍ଷଣୀୟ ବିଷୟବସ୍ତୁ ସହିତ, "ସ୍ୱଚ୍ଛତା", "ଜଳ ହିଁ ଜୀବନ", "ଭାରି ଭଲ ଲାଗେ ଆମରି ଜେଜ", ଭଳି ଅନେକ ସୁନ୍ଦର ଓ ମଜାଦାର୍ କବିତା। କୁନି "ଆଦବିକା" ସ୍ୱାଧୀନତା ଦିବସ ଅବସରରେ ଖୁବ୍ ସୁନ୍ଦର ତ୍ରୀରଙ୍ଗା ଉଡାଇ ଆଙ୍କି ଦେଇଛନ୍ତି ହମାରା ଦେଶ୍ କୁ, ରକେଟ୍ ଆଉ ଆମ ଜାତୀୟ ପକ୍ଷୀ ମୟୂର ସହିତ।

ISSN NO.
2582-208X

ଶେଷରେ ପର୍ବପର୍ବାଣୀ ତାଲିକାରେ ଏଇ ମାସରେ ରହିଛି ଅନେକ ପର୍ବ। ଖୁଦୁରୁକୁଣୀ ଓଷାଠୁ ଆରମ୍ଭ କରି, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ବିଶ୍ୱକର୍ମା ପୂଜା ପୁଣି ଗଜାନନ, ଗଣନାୟକ ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ। ଆସନ୍ତୁ ସମସ୍ତେ ମିଶି ସୁଖକର୍ତ୍ତା, ବିଘ୍ନହର୍ତ୍ତାଙ୍କ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୦/୨୦୨୩ | ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତି |
| ୦୬/୧୦/୨୦୨୩ | ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦେବ୍ୟୁତଥାପନ |
| ୧୩/୧୦/୨୦୨୩ | ଶିବ ଚତୁର୍ଦ୍ଦଶୀ |
| ୧୪/୧୦/୨୦୨୩ | ମହାଳୟା ଅମାବାସ୍ୟା |
| ୧୫/୧୦/୨୦୨୩ | ଶ୍ରୀ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭଃ ଏବଂ ବିରଜାଦେବୀଙ୍କ ରଥଯାତ୍ରା |
| ୧୮/୧୦/୨୦୨୩ | ତୁଳା(ଗର୍ଭଣ) ସଂକ୍ରାନ୍ତି |
| ୨୦/୧୦/୨୦୨୩ | ଶ୍ରୀ ଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜାରମ୍ଭ |
| ୨୧//୧୦/୨୦୨୩ | ପିଠେ ମହାଷ୍ଟମୀ, ଦୁର୍ଗାବ୍ରତ ଓ ମୃଣ୍ମୟଦେବୀଙ୍କ ସପ୍ତମୀ ପୂଜା |
| ୨୨/୧୦/୨୦୨୩ | ପୀଠେ ମହାନବମୀ ଓ ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା |
| ୨୩/୧୦/୨୦୨୩ | ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା ଓ ପୀଠେ ବିଶ୍ରାମ |
| ୨୪/୧୦/୨୦୨୩ | ବିଜୟା ଦଶମୀ ଓ ଦଶହରା |
| ୨୫/୧୦/୨୦୨୩ | ଭଷାଣୀ ଯାତ୍ରା, ପାପାଙ୍କୁଶା ଏକାଦଶୀ |
| ୨୬/୧୦/୨୦୨୩ | ଶରଣ ଶେଷ |
| ୨୭/୧୦/୨୦୨୩ | ଗ୍ୟାରୁଁ ସରିଫ୍ |
| ୨୮/୧୦/୨୦୨୩ | କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ର ପୂଜା |
| ୨୯/୧୦/୨୦୨୩ | କାର୍ତ୍ତିକ ବ୍ରତାରମ୍ଭଃ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ସେପ୍ଟେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଆସ କଏ ଖାଇବ ଗୋ...
ଆମ ରଜା ଘର ଥାଳ !!
ଗରମ ପୁରୀକୁ ଛଙ୍କା ଖେଚୁଡି
ବସା ଦହି ସାଙ୍ଗେ ମଲ୍ଲ ଇ ପନରି
ଛୋଲେ ସାଥେ ଖାଅ ଲେମ୍ବୁ କାକୁଡି
ମିଠା ହାଲୁଆକୁ ଶେଷେ ରଖିଦେଇ,
ସମ୍ବର ଡାଲିକୁ ଦିଅ ହାପୁଡି।

ଦେବଯାନୀ ସ୍ୱାଇଁ, ଗୋରେଗାଁଓ, ମୁମ୍ବାଇ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଗ୍ରହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଚର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**